ଜୁଲାଇ ୨୦୨୩



**ISSN NO – 2582-208X**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids: vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଆଜିକାଲି ଅନେକ ସହରରେ ଜଙ୍ଗଲ ଛାଡି ବନ୍ୟଜନ୍ତୁ ମାନେ ପ୍ରବେଶ କରିବାରେ ଲାଗିଛନ୍ତି । ସେମାନଙ୍କ ମଧ୍ୟରେ ହାତୀ ଆଉ ବାଘ ହେଉଛନ୍ତି ଅନ୍ୟତମ । ଏହାର କାରଣ ହେଉଛି ବନ୍ୟଜନ୍ତୁ ରହିବା ଜଙ୍ଗଲ ବହୁତ କମି ଆସିଲାଣି ଏବଂ ମନୁଷ୍ୟ ଜଙ୍ଗଲ କାଟିବାରେ ଲାଗିଛି । କେତେବେଳେ ରାସ୍ତା ବନାଇବା ନାମରେ ତ ଆଉ କେତେବେଳେ ରିସୋର୍ଟ ଏବଂ ଘର ବନାଇବା ନାଁ ରେ । ଏଇ କିଛି ଦିନ ତଳେ ମୁଁ ମୋର କିଛି ବନ୍ଧୁଙ୍କ ସହିତ ଜିମ୍ କରବଟ୍ ନେସନ୍ୟାଲ୍ ପାର୍କ ଯିବାର ସୁଯୋଗ ପାଇଥିଲି । ସେଠାରେ ଜିପ୍ ସଫାରି ସମୟରେ ଦେଖିବାକୁ ମିଳିଲା ଯେ ଜଙ୍ଗଲ ଭିତରେ ଅନେକ ପରିବାର ନିଜ ନିଜ ଗାଡି ନେଇ ବୁଲିବାରେ ଲାଗିଛନ୍ତି । ଜଙ୍ଗଲ ଭିତରେ ଥିବା ଛୋଟ ଛୋଟ ଗାଁ ଲୋକେ ମଧ୍ୟ ଅବାଧରେ ବୁଲିବାକୁ ଲାଗିଛନ୍ତି ଏଇ ଜଙ୍ଗଲ ଭିତରେ । ଯେତେବେଳେ ମନୁଷ୍ୟ ପଶୁପକ୍ଷୀଙ୍କ ପାଇଁ ସଂରକ୍ଷିତ ଥିବା ଜଙ୍ଗଲ ଭିତରେ ମଧ୍ୟ ସେମାନଙ୍କୁ ରହିବାକୁ ଦେଉନାହିଁ, ସେଥିରେ ବନ୍ୟଜନ୍ତୁ ଜଙ୍ଗଲ ଛାଡି ମନୁଷ୍ୟ ରହୁଥିବା ଯାଗାକୁ ଆସିବାକୁ ପଛଉନାହାନ୍ତି । ଜଙ୍ଗଲ କମିଯିବା ଫଳରେ ବନ୍ୟଜନ୍ତୁ ସେମାନଙ୍କର ଖାଦ୍ୟପଦାର୍ଥ ଏବଂ ପାଣି ଠିକ୍ ରେ ପାଇପାରୁନାହାନ୍ତି । ଫଳରେ ଅଭୟାରଣ୍ୟ

ISSN NO.
2582-208X

ପାଖରେ ଥିବା ଗାଁ ଗଣ୍ଡାରେ  ପ୍ରାୟ ପ୍ରତିଦିନ ବାଘ, ହାତୀ ପରି ଅନେକ ବନ୍ୟଜନ୍ତୁ ପ୍ରବେଶ କରୁଛନ୍ତି ।

ଆଜିକାଲି ଓଡିଶା ଏବଂ ପଶ୍ଚିମ ବଙ୍ଗରେ ଅନେକ ଯାଗାରେ ହାତୀ ଦଳ ପ୍ରବେଶ କରି ଅନେକ ଫସଲକୁ ବରବାଦ କରିଦେଉଛନ୍ତି । ଯେତେବେଳେ ସେମାନଙ୍କ ଘର ମନୁଷ୍ୟ ବରବାଦ କରିଦେଉଛି, ବନ୍ୟଜନ୍ତୁଙ୍କର ନିଜ ଜୀବନ ବଞ୍ଚାଇବା ପାଇଁ ଏବଂ ଖାଦ୍ୟ ଖାଇବା ପାଇଁ ଜଙ୍ଗଲ ବାହାରକୁ ଆସିବାକୁ ବାଧ୍ୟ ହେଉଛନ୍ତି । ଅନେକ ସ୍ଥାନରେ ବାଘ ମନୁଷ୍ୟକୁ ମାରିଦେଇ ଜଙ୍ଗଲ ଭିତରକୁ ନେଇଯାଉଥିବାର ଖବର ମଧ୍ୟ ମିଳୁଛି ।

ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କ ସଂରକ୍ଷଣ ପାଇଁ ଅନେକ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ତାହା ବର୍ତ୍ତମାନ ପାଇଁ ପର୍ଯ୍ୟାପ୍ତ ନୁହେଁ । ଜଙ୍ଗଲ ଏବଂ ବନ୍ୟଜନ୍ତୁ ମାନଙ୍କୁ ବଞ୍ଚାଇବା ପାଇଁ ଅନେକ ଦୃଢ ପଦକ୍ଷେପ ନିଆଯିବା ଦରକାର । ଜଙ୍ଗଲ ଏବଂ ଅଭୟାରଣ୍ୟ ସହିତ ତାହାର ବଫର୍ ଜୋନରେ ମଧ୍ୟ ମନୁଷ୍ୟର ପ୍ରବେଶ ବନ୍ଦ କରିବା ନିହାତି ଦରକାର । ତା ସହିତ ସରକାରୀ ସ୍ତରରେ ହେଉ ବା ବ୍ୟକ୍ତିଗତ ସ୍ତରରେ ହେଉ, ଗଛ କାଟିବା ସଂପୂର୍ଣ୍ଣ ବନ୍ଦ କରିବା ସହ ଏହାକୁ ଦଣ୍ଡନୀୟ କରିବା ଦରକାର । ଏହାସହିତ ସ୍କୁଲ ସ୍ତରରେ ପିଲାମାନଙ୍କୁ ଏହିପ୍ରତି ସଜାଗ କରିବା ପାଇଁ ଏହାକୁ ଏକ ଶିକ୍ଷାପଦ୍ଧତିର ଅଂଶ କରିବା ନିହାତି ଦରକାର ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ | ବଦ୍ରୀ ମହାନ୍ତ | ୧୨ |
| କେବେ ଯଦି | ଡଃ ମାଙ୍ଗଳିକା ମହାପାତ୍ର | ୨୧ |
| ତୁଚ୍ଛ ଏ ଜୀବନ | ଡ. ପ୍ରସନ୍ନ କୁମାର ବଳ | ୨୩ |
| ଗ୍ରୀଷ୍ମ | ଭାସ୍କର ଚନ୍ଦ୍ର ଖଣ୍ଡା | ୨୫ |
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୨୭ |
| ହେ ରାତ୍ରୀ ! | ଇଂ. ସୁଶାନ୍ତ କିଶୋର ବଳ | ୩୬ |
| ମୁଁ ତୁମକୁ ଭଲ ପାଏନା! | ପ୍ରଣତୀ ରଥ | ୪୦ |
| ସଂହତି | ଶଶଧର ମହାପାତ୍ର | ୪୨ |
| ପୁନଃଶ୍ଚ | ସସ୍ମିତା ନାୟକ | ୪୫ |
| ଶ୍ରୀପାଦେ କୋଟି ପ୍ରଣତି | ପ୍ରଭାତ ନଳିନୀ ସାହୁ | ୪୬ |
| ଓଡ଼ିଆ ଲୋକକଳା | ସୁଲୋଚନା ବେହେରା | ୪୮ |
| କର୍ଣ୍ଣ | ଭାରତୀ ମୁଦୁଲି | ୫୦ |
| ଭାଇର ଚନ୍ଦ୍ରପଟ | ଡକ୍ଟର ବିଜ୍ଞାନୀ ଦାସ | ୫୧ |
| ବେଳାଭୂମି ତୀର, ଢେଉ ସାଙ୍ଗେ ଖେଳ | ଆଶୁତୋଷ ମେହେର | ୬୧ |
| କାଳ ପରିଭାଷା | ରଘୁନାଥ ତ୍ରିପାଠୀ | ୬୨ |
| ବାଟୋଇ | ଶାନ୍ତିଲତା ମିଶ୍ର | ୬୪ |
| ଜୀବନ କେବେ କବିତା କେବେ ଗଳ୍ପ ପରି ଲାଗେ | ବିନୟ ମହାପାତ୍ର | ୬୮ |
| ପୁରୀ ରଥଯାତ୍ରାର ଇତିବୃତ୍ତି | ସଂଯୁକ୍ତା ସାହୁ | ୭୦ |
| ଜହର | ଛବି ରାଣୀ ପତି | ୭୨ |

ISSN NO.
2582-208X


| | | |
|---|---|---|
| ମାମା | ଅଳକା ମହାନ୍ତି | ୭୩ |
| ଶୂନ୍ୟତା ରେ ପୂର୍ଣ୍ଣତା | କୁଞ୍ଜବିହାରୀ ରାଉତ | ୭୭ |
| ସପନ ପଖଳା ଗାଁ | ସରୋଜଲକ୍ଷ୍ମୀ ମହାନ୍ତ | ୭୯ |
| ପରମବନ୍ଧୁ | ଜୟଶ୍ରୀ ପଟ୍ଟନାୟକ | ୮୧ |
| ଓଡ଼ିଆ ପ୍ରତିଗଳ୍ପର ଭିନ୍ନନାଦ : ତ୍ରିପାଠୀ ସଦାନନ୍ଦ | ପ୍ରତୀଚୀ ନନ୍ଦ | ୮୩ |
| ଶୁଣ ମୋ ବାଣୀ | ନରେନ୍ଦ୍ର ପ୍ରସାଦ ବେହେରା | ୯୦ |
| ଅତୀତ | ବର୍ଷାରାଣୀ ମହାମଲ୍ଲିକ | ୯୩ |
| ପ୍ରେମ ସମ୍ଭାବନାର ପଲ୍ଲୀ ଜୀବନ | ବିନୋଦିନୀ ଦାଶ | ୯୫ |
| ସମୟ | ସୁପ୍ତି କର | ୯୭ |
| ଅଲୋଡ଼ା ସ୍ୱପ୍ନ | ସସ୍ମିତା ପଣ୍ଡା | ୧୦୨ |
| ମହାର୍ଘ ମନସ୍ଥ | ସିମାଞ୍ଚଳ ରଣା | ୧୦୩ |
| ସହିଦ ଲକ୍ଷ୍ମଣ ନାୟକ | ଯଶୋବନ୍ତ ନାୟକ | ୧୦୫ |
| ରାମଚନ୍ଦ୍ର ବେହେରାଙ୍କ ଗଳ୍ପ: ଏକ ଅଧ୍ୟୟନ | ଡ. ହରିହର ପ୍ରଧାନ | ୧୦୭ |
| ବିକୃତି ମନର ପ୍ରକୃତି | ଜୟ କୁମାର ମିଶ୍ର | ୧୧୩ |
| ଜନ୍ମ-ମୃତ୍ୟୁ | କୀର୍ତ୍ତି ଦେବୀ | ୧୧୫ |
| ତୁମେ କାହିଁକି ଆସ ହେ ମୃତ୍ୟୁ | ବାସନ୍ତୀ ଲତା ଜେନା | ୧୧୭ |
| ବିଳମ୍ବ ବିଳାପ | ଡ. ଜ୍ଞାନେଶ୍ୱର ମିଶ୍ର | ୧୧୮ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୨୦ |
| ଜୟ  ଜଗଦୀଶ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ(ପୂଜା) | ୧୨୭ |
| ମାତୃଭୂମିର ଠିକଣା | ପ୍ରତିଭା ଦାସ | ୧୨୮ |
| ଛାଇ ସନ୍ଧାନରେ | ଅଳକା ରାୟ | ୧୨୯ |
| ରହିଗଲା କିଛି | ମନୋରମା ମହାନ୍ତ | ୧୩୧ |

ISSN NO.
2582-208X


| | | |
|---|---|---|
| ଗୁରୁଖୋଜା | ମଧୁମିତା ମିଶ୍ର | ୧୩୨ |
| ସଚ୍ଚିଦାନନ୍ଦ ସ୍ୱରୂପ | ଜୟନ୍ତୀ ଦେବୀ | ୧୩୮ |
| କେମିତି ଭୁଲିବି ତତେ | ଅଲେଖ ମେହେର | ୧୩୯ |
| ରଥଯାତ୍ରା | ବାଙ୍କାବିହାରୀ ମହାକୁର | ୧୪୧ |
| ନାଟକ-ଭଲ ମଣିଷ ଖୋଜିବା ଆସ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୪୨ |
| ଅଭୁଲା ଆଜି ବି ତୁମେ | ବ୍ରଜକିଶୋର ସ୍ୱାଇଁ | ୧୪୬ |
| ବରଜ ଧୂଳିଆ | ଅଳକା ବାରିକ୍ | ୧୪୮ |
| ଚକାଆଖି | ସତ୍ୟନାରାୟଣ ପ୍ରସାଦ ନାୟକ | ୧୪୯ |
| ମଧୁ ମାଳତୀ | ଡାଃ. ଅନିତା ପଣ୍ଡା | ୧୫୦ |
| ପାଶୋରା ପୀରତି | ମାନସ ରଞ୍ଜନ ନାୟକ | ୧୬୨ |
| ଜୀବନ | ଦିନେଶ ମେହେର | ୧୬୪ |
| କାହାକୁ ମାଗିବି | ଦିବାକର ନାୟକ | ୧୬୫ |
| ପୁଲକିତ ପୃଥ୍ୱୀ ଓ ବିହ୍ୱଳ ବସୁନ୍ଧରା - ଆଣ୍ଡାମାନ | ପ୍ରିୟବ୍ରତ ପାତ୍ର | ୧୬୬ |
| ଗୀତା ସାର | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୧୭୦ |
| ଚିଲିକା | ଶେଷଦେବ ପଣ୍ଡା | ୧୭୨ |
| ଛତା ଓ ଜୋତା | କାଳିପ୍ରସାଦ ମହାପାତ୍ର | ୧୭୪ |
| ପରିବେଶର ରକ୍ଷକ, ଭଙ୍ଗା କାଚ, ପ୍ଲାଷ୍ଟିକ୍ ଗୋଟାଳି | ହର ପ୍ରସାଦ ସୁଆର | ୧୭୫ |
| ସେହି ନାରୀ | ଜନ୍ମଜୟ ନାୟକ | ୧୮୦ |
| ମୁଁ ଜନତା କହୁଛି | ଚିତରଂଜନ ବେହେରା | ୧୮୨ |
| ଦେଖ ଦଗା ଦିଆକୁ | ତ୍ରିପତି ପ୍ରଧାନ | ୧୮୪ |
| ଆପୋଲୋ - ୧୧ ର ଚନ୍ଦ୍ର ପୃଷ୍ଠରେ ଅବତରଣ କଣ ନକଲି ଥିଲା ? | ଅସିତ ମହାନ୍ତ | ୧୮୫ |

ISSN NO.
2582-208X


| | | |
|---|---|---|
| ବିଚନ୍ଦ୍ର ଦୁନଆଁ | ଅକ୍ଷୟ ମହାନ୍ତ (ନିର୍ମାଲ୍ୟ) | ୧୯୦ |
| ତ୍ୟାଗର ପ୍ରତିମୂର୍ତ୍ତି ଜାନକୀ | ଅଲିଭ୍ ମେହେର | ୧୯୨ |
| ଘେନ ମୋ ଲକ୍ଷେ ସଲାମ | ନନ୍ଦିନୀ ରାଉତ | ୧୯୪ |
| ମାଛ ବେସର | ଅରୁଣ କୁମାର ମହାପାତ୍ର | ୧୯୫ |
| ଅସହାୟ | ଡଃ ପ୍ରିୟମ୍ବଦା ସାମଲ | ୧୯୮ |
| କୋଣାର୍କ | ପ୍ରଦୀପ୍ତ କୁମାର ମିଶ୍ର | ୧୯୯ |
| ପେନ୍ଥାଏ ସୋରିଷ ଫୁଲ | ଝରଣା ବାରିକ | ୨୦୧ |
| ସରିପାରୁନଥିବା ଗପ | କୁଞ୍ଜ ବିହାରୀ ସାହୁ | ୨୦୩ |
| ମନମତାଣିଆ ଗୀତ | ପ୍ରଶାନ୍ତ କୁମାର ଦାଶ | ୨୧୧ |
| ପ୍ରଭୁ ହେ ସବୁ ତୁମ୍ଭ ଲୀଳା | ଦୀନବନ୍ଧୁ ବେଜ | ୨୧୨ |
| ହେ ଦୁଃଖହାରୀ ମୋ ଦୁଃଖ ହରିବ କେବେ | ବିଜୟ କୁମାର ସାହୁ | ୨୧୩ |
| ଅଚହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୧୪ |
| ଜୀବନର ମୋହ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୨୧୮ |
| ହଜିଛି ମନେ | ପ୍ରଶାନ୍ତ କୁମାର ନାଥ | ୨୧୯ |
| ଜୀବନର କାନଭାସ୍ | ନିରୁପମା ପଟେଲ | ୨୨୦ |
| ଦେବସ୍ନାନ ପୂର୍ଣ୍ଣିମା | ଅଭିଳାଷ ବାରିକ୍ | ୨୨୨ |
| ତୁଳସୀ ରସିଆ ଜଗା କାଳିଆ | ସୁଶ୍ରୀ ଶୁଭସ୍ମିତା ମହାନ୍ତ | ୨୨୬ |
| ସ୍ୱାଧୀନ ଦେଶର କଥା | ଅମରନାଥ ବାରିକ | ୨୨୮ |
| ଭକ୍ତି ନିବେଦନ | ପ୍ରେମଲତା ହୋତା | ୨୩୦ |
| ସମ୍ପର୍କର ଶେଷକୃତ୍ୟ | ଦୀପାଳି ଦାସ | ୨୩୧ |
| ଭୂତ ସହ ତୁମ କେଉଁ ସମ୍ପର୍କ | ଅମୃତନାରାୟଣ ଶତପଥୀ | ୨୩୫ |
| ଶ୍ରୀକ୍ଷେତ୍ର ବିହାରୀ | ଦେବଯାନୀ ବାରିକ୍ | ୨୩୬ |
| ସପନ ରାଣୀ | ଟିକେଶ୍ୱର ସାହୁ | ୨୩୭ |

ISSN NO.
2582-208X


| | | |
|---|---|---|
| ନବ ମାନବବାଦର ରୂପକାର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପନ୍ୟାସ "ଶକୁନ୍ତଳା" - ଏକ ତାତ୍ତ୍ୱିକ ଅନୁଶୀଳନ | ଡ ମନୋଜ କୁମାର ମହାପାତ୍ର | ୨୩୮ |
| କଟକ | ନୀଳମଣି ଗୁନ୍ଦ | ୨୫୨ |
| ଯନ୍ତ୍ରଣା | ବୈଷ୍ଣବ ମେହେର | ୨୫୪ |
| ଶରଣାପନ୍ନ | ଶ୍ରୀକ୍ଷେତ୍ର ସୁନ୍ଦର | ୨୫୬ |
| ଚିତାଗ୍ନି | ଅମ୍ବିକା ସ୍ୱାଇଁ | ୨୫୭ |
| ପ୍ରୀତିର ଦୀପାଳି | ନିରଞ୍ଜନ ସାହୁ | ୨୬୨ |
| ସଙ୍କେତ | ଗଜାନନ ମିଶ୍ର | ୨୬୩ |
| ଶ୍ରଦ୍ଧା, ସ୍ନେହ, ମମତା ଓ ଧର୍ଯ୍ୟର କେନ୍ଦ୍ରବିନ୍ଦୁ- ଶ୍ରୀମତୀ ଦ୍ରୌପଦୀ ମୁର୍ମୁ | ଶୁଭଶ୍ରୀ ମହାପାତ୍ର | ୨୬୪ |
| ସିଏ ମା | ସ୍ମୃତି ରେଖା ନାୟକ | ୨୬୮ |
| ନାରୀର ଭୂମିକା | ଦେବାର୍ଚ୍ଚନ ମେହେର | ୨୭୦ |
| ସିଦ୍ଧାର୍ଥ ରୁ ବୁଦ୍ଧ | ପ୍ରଦୀପ କୁମାର ପଣ୍ଡା | ୨୭୨ |
| ଦୁଇପଦ କଥାର କବିତା | ଅପର୍ଣ୍ଣା ସେଠୀ | ୨୭୭ |
| ସକାଳ | ସୁହଂସ ଭୋଇ | ୨୭୯ |
| ଘର ଲେଉଟାଣୀ | ଅରୁଣ କୁମାର ତ୍ରିପାଠୀ | ୨୮୧ |
| ସାବଧାନ ଅଂଶୁଘାତକୁ | ବିକାଶ କୁମାର ହୋତା | ୨୮୬ |
| ଦୂରତା | ସିଦ୍ଧେଶ୍ୱର ତ୍ରିପାଠୀ | ୨୮୮ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୨୮୯ |
| ଅଛୁଆଁ ଝଡ | ଅଜିତ ପାଢି | ୨୯୩ |
| ଅନ୍ଧାର ଦୁନିଆ | ଦୁଷ୍ମନ୍ତ ବେହେରା | ୨୯୪ |

ISSN NO.
2582-208X


| | | |
|---|---|---|
| ତିନି କୋଣିଆ ଆମ୍ବଗଛ | ଅଶୋକ କୁମାର ସେଠୀ | ୨୯୬ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୩୦୦ |
| ତମେ ତ ବଦଳାଇ ଦେଲ ଠିକଣା | ବିଶ୍ୱନାଥ କର | ୩୦୧ |
| କମଳାକାନ୍ତ ଦାଶଙ୍କ ମନସ୍ତାତ୍ତ୍ୱିକ ଉପନ୍ୟାସ | ସତ୍ୟବ୍ରତ ଦାସ | ୩୦୩ |
| ଲାଜ | ଚିରନ୍ତନ ଦାଶ | ୩୦୮ |
| ପ୍ରତାରଣା | ଦେବାଶିଷ ଦାସ | ୩୧୦ |
| ପଙ୍ଖା | ଦୀନବନ୍ଧୁ ପୋଇ | ୩୧୨ |
| ଶ୍ରୀ ଅଲାରନାଥ ମହାପ୍ରଭୁ | ମାଳତୀ ଦେବୀ | ୩୧୪ |
| ଘୋଷ ଯାତ୍ରା | ମୋନାଲିସା ପଣ୍ଡା | ୩୧୯ |
| ଦୁର୍ଘଟଣା | ପ୍ରକାଶ ଚନ୍ଦ୍ର ପଣ୍ଡା | ୩୨୦ |
| ଆଖି ଥାଇ ମୋତେ ଅନ୍ଧ ସଜାଇଲୁ | ତାରାପ୍ରସାଦ ଜେନା | ୩୨୧ |
| ରକ୍ତକଇଁ | ହରିଶ୍ଚନ୍ଦ୍ର ବେହେରା | ୨୨୩ |
| ପଲ୍ଲୀର ପ୍ରତିଭା ଚିନ୍ନୁ | ରାମ ଚନ୍ଦ୍ର ପ୍ରଧାନ | ୩୨୫ |
| ଧରଣୀ ମା' | କଳ୍ପନା ମିଶ୍ର | ୩୨୮ |
| ଖାଲି ହାତ | କୀର୍ତ୍ତନ ସାହୁ | ୩୨୯ |
| ମନ ତୋହର ନିଜ ଗୁରୁ | ହେମନ୍ତ ଷଡଙ୍ଗୀ | ୩୩୦ |
| ଯୌନ ଚରିତାର୍ଥ | ଲକ୍ଷ୍ମଣ ଭୋଇ | ୩୩୧ |
| ମୃତ୍ୟୁ | ମନୋଜ୍ ବାଗ୍ | ୩୩୩ |
| ଅଦିନ ଝଡ଼ | ଶିବରାମ ଦଳେଇ | ୩୩୪ |
| ବାବୁପଣ ଯାଉ ଚୁଲୀକି | ଶିଶିର କୁମାର ପଣ୍ଡା | ୩୩୮ |
| ଅଲିଭା ସ୍ମୃତି | ଶୋଭଗିନ ବିଶି | ୩୩୯ |
| ଶ୍ରୀୟାବର | ସୁହାସିନୀ ବାରିକ୍ | ୩୪୧ |
| ବାହୁନି କାନ୍ଦୁଛି ବାହାନଗା | ଅନନ୍ତ କୁମାର | ୩୪୨ |

ISSN NO.
2582-208X


| | | |
|---|---|---|
| ଭକ୍ତି ର ଶକ୍ତି | ଅଧ୍ୟାପକ ଅବିନାଶ ବାରିକ୍ | ୩୪୪ |
| ଅକୁହା ମନର କଥା | ମୋନାଲିସା ପାଣିଗ୍ରାହୀ | ୩୪୫ |
| ଦୁଃସହ ଜୀବନ | ସାବିତ୍ରୀ କଣ୍ଡା | ୩୪୭ |
| ଆସନ୍ତୁ ଜାଣିବା | ନରେନ୍ଦ୍ର ପ୍ରସାଦ ବେହେରା | ୩୪୯ |
| ଏଇ ତ ସମ୍ପର୍କ | ପୂଜା ଷାଣ୍ଡେ | ୩୫୧ |
| ପ୍ରେମର ସହର ଆଉ ମରୁଭୂମି | ଶଶିକାନ୍ତ ମେହେର | ୩୫୨ |

## ସ୍ୱାସ୍ଥ୍ୟ ବିଭାଗ

| | | |
|---|---|---|
| ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଆୟୁର୍ବେଦ ଶାସ୍ତ୍ର | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୫୫ |

## ଆମ ହାଣ୍ଡିଶାଳ

| | | |
|---|---|---|
| ମଲାଇ ପନର୍ | ଜୟନ୍ତୀ ଦେବୀ | ୩୬୦ |
| ଚଣା ସୁନ୍ଦଲ | ଦେବଯାନୀ ବାରିକ୍ | ୩୬୧ |

## ଆଞ୍ଚଳିକ

| | | |
|---|---|---|
| କୋଶଳ-କବି-କଞ୍ଜାର ପୂଜ୍ୟ ଗଙ୍ଗାଧର | ବ୍ରଜମୋହନ ମେହେର | ୩୬୩ |
| ତେଲ୍ ଆର୍ ତାବଲି | ସୁନୀଲ କୁମାର ଅଗସ୍ତି | ୩୬୯ |
| କବି | ମାନସ ରଞ୍ଜନ ସାହୁ | ୩୭୧ |
| ସୋନ୍‌ପୁରିଆ କବିତା-୫ଠି | ଶୁଭେନ୍ଦୁ ମେହେର | ୩୭୨ |
| ରହିଗଲା ସମିଆଁ | ଡା. ସୁଧାଂଶୁ ଭୂଷଣ ମେହେର | ୩୭୬ |
| ତୋର ନୁ ଆମେ ବନେ | ସତ୍ୟନାରାୟଣ ମିଶ୍ର | ୩୭୮ |

ISSN NO.
2582-208X

# ଶିଶୁ ବିଭାଗ


| | | |
|---|---|---|
| ବୁଦା ବୁଦା ବୁଲି ତୋଳବା କୋଳ | ଡ଼ଃ ରଞ୍ଜିତ କୁମାର ସାହୁ | ୩୮୦ |
| ବର୍ଣ୍ଣବୋଧରେ ନୀତି ଶିକ୍ଷା | ଅମରନାଥ ବାରିକ | ୩୮୩ |
| ଆସିଲେ ରଜ | ଦୀନବନ୍ଧୁ ପୋଇ | ୩୮୬ |
| କିଛି କରିପାରିବି | ଡକ୍ଟର ଯୁଗଳ କିଶୋର ଷଡଙ୍ଗୀ | ୩୮୮ |
| ରାଣୀ ଓ ଅଭିଙ୍କ ରାଜାଜୀ ସଫାରି | ନୀଳମାଧବ ସାହୁ | ୩୮୯ |
| ପରଜାପତି ତରକା ଅତି | ବିକାଶ କୁମାର ହୋତା | ୩୯୨ |
| ଚନ୍ଦ | ଆଦବିକା ପଟ୍ଟନାୟକ | ୩୯୪ |
| ବିଶ୍ୱ କଲ୍ୟାଣରେ ବିଜ୍ଞାନ | ପ୍ରତୀକ୍ଷା ଶତପଥୀ | ୩୯୫ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୩୯୬ |
| ଜୁଲାଇ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୦୦ |
| ଚନ୍ଦ କଥା କହେ | ବେଦାନ୍ତୀ ପରିବାର | ୪୦୧ |


## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

ISSN NO.
2582-208X

# ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ



ବଦ୍ରୀ ମହାନ୍ତ

## (ଉତ୍ତର ଆଧୁନିକ କାଳରୁ ଅଦ୍ୟାବଧି)

ଓଡିଆ ଜନ ଜୀବନର ଆଧୁନିକ ଯାତ୍ରା ପଥରେ ମହାପ୍ରଭୁ ଶ୍ରଜଗନ୍ନାଥଙ୍କ ଉପସ୍ଥିତି ଏ ଜାତି ପାଇଁ ଏକ ବିସ୍ମୟ। ଆଧୁନିକ କବିଙ୍କ ସାରସ୍ୱତ ସାଧନା ସେଇ ଅଚିନ୍ତ୍ୟ ବ୍ରହ୍ମ ସ୍ୱରୂପ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକଙ୍କ ଠାରେ କେନ୍ଦ୍ରୀଭୂତ ହୋଇ ଆମ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ନିଜର ଅଖଣ୍ଡ ବିଶ୍ୱାସ ଓ ସମର୍ପଣ ଭବନାରେ ଓଡ଼ିଆ କବି ନିଜ ଲେଖନୀର ଜଗନ୍ନାଥ ଚେତନାକୁ ବର୍ଣ୍ଣ ବିଭାରେ ବିଭୂଷିତ କରିବାରେ ସମର୍ଥ ହୋଇ ପାରିଛି। ମହାପ୍ରଭୁଙ୍କ ଲୀଳାଭୂମି ନୀଳାଚଳ ଧାମ ଶ୍ରୀକ୍ଷେତ୍ରର ପ୍ରତିଟି ଧୂଳିକଣା ପବିତ୍ର। ସୁଯୋଗ ମିଳିଲେ ଏଠାରେ ବସବାସ କରି ଆନନ୍ଦ ଓ ଶନ୍ତିମୟ ଜୀବନ ଅତିବାହିତ କରିବାକୁ କହାର ବା ଇଛା ନଥାଏ ! ଶତାୟୁ ହେବାର ବାସନା ଓ ପ୍ରଭୁଙ୍କ ସନ୍ନିଦ୍ଧ୍ୟ ନିତି ପ୍ରତିଦିନ ପାଇବା ପାଇଁ କବି ଶରତ ପ୍ରଧାନ ଲେଖିଛନ୍ତି -

ବାପା ମୋର କହୁଥିଲେ
ଶ୍ରୀକ୍ଷେତ୍ରରେ ମିଳେ ଯଦି ବାସ
ମଣିଷ ବି ବଞ୍ଚିପାରେ
ବିଶା ଶହେ ବର୍ଷ।

ଜଟିଳ ଜୀବନ ଯାତ୍ରା, ଆଶଙ୍କା ବିଜଡ଼ିତ ଆସନ୍ତା କାଲି, ଦୂର୍ବୋଧ୍ୟ ସମ୍ପର୍କ ଏବଂ ନାନାଦି ସମସ୍ୟା ସହିତ ଆଜିର ମଣିଷ ଯଥାର୍ଥ ରାସ୍ତାର ସନ୍ଧାନ ପାଉନାହିଁ। ନିଜର ଦୈନ୍ୟତା ଅସହାୟ ଜୀବନରୁ ମୁକ୍ତି ପାଇବା ପାଇଁ ଲୋଡୁଛି ବିଭୁ କୃପା। କବି ପ୍ରସନ୍ନ ପାଟଶାଣୀଙ୍କ ଭାଷାରେ -'ଜଗନ୍ନାଥଙ୍କ ଆଖିରେ ଟୋପାଏ ଲୋତକ/ସେହିଠାରେ ପୋତି ହେଉ ତୋ ଲୁହ

ISSN NO.
2582-208X

ମୋ ଲୁହ । ଓ ଭଲ ପାଇବାର ଅନନ୍ତ ତିଳୋଦକ ।' ଶ୍ରୀ ଜଗନ୍ନାଥଙ୍କ ଦୁର୍ଲ୍ଲଭ ଦର୍ଶନ ଓ କୃପା ସହଜରେ ପ୍ରାପ୍ତ ହୋଇ ନ ଥାଏ । ତାଙ୍କର ବିନା ନିର୍ଦ୍ଦେଶରେ ପତ୍ରଟିଏ ସୁଦ୍ଧା ହଲେନାହିଁ । ଇଛାମୟ ପ୍ରଭୁଙ୍କର ଅଦୃଶ୍ୟ ଇଙ୍ଗିତ ଓ ଆଶୀର୍ବାଦ ନିମନ୍ତେ କାଳ କାଳ ଅପେକ୍ଷା କରିଥାଏ ଭକ୍ତଟିଏ । ଭକ୍ତ ଓ ଭଗବାନର ଏ ବନ୍ଧନ ତଥା ନିର୍ଦ୍ଦେଶକୁ ଲକ୍ଷ୍ୟ କରି କବି ନୃସିଂହ ତ୍ରିପାଠୀ ଲେଖିଛନ୍ତି-

ସିଏ ନ ଡାକିଲେ/ ଫିଟେ କି କରମ
ଯିବା ପାଇଁ ପୁରସ୍ତମ/ କରମ ଫିଟିଲେ ଜୁଟେ
ନିରୁତା ମନରେ ଭଲ ପାଇବା ବିଧାନ ।

ପ୍ରଭୁଙ୍କ ଭିତରେ ସେ ମହାପ୍ରଭୁ । ସାମନ୍ତ ମାନଙ୍କ ମଧ୍ୟରେ ବଡ଼ ସାମନ୍ତ, ମାଧୁର୍ଯ୍ୟ ମଧ୍ୟରେ ମଧୁରତମ, ଯଦୁନନ୍ଦନ ଜଗବନ୍ଧୁ, ବିଶ୍ୱ ବ୍ରହ୍ମାଣ୍ଡର ସୁନ୍ଦର ମାନଙ୍କ ମଧ୍ୟରେ ସୁନ୍ଦରତମ । ତାଙ୍କର ଅଲୌକିକ ଶୋଭା ବିଗଳିତ କରେ ଭକ୍ତର ପ୍ରାଣକୁ । ଅସହାୟର ଏକ ମାତ୍ର ଅବଲମ୍ବନ,ପ୍ରଭୁଙ୍କ ଆଶୀର୍ବାଦ ନିମନ୍ତେ ବ୍ୟାକୁଳ ହୋଇଉଠେ ଭକ୍ତର ହୃଦୟ । ଖୋଜିବୁଲେ ନିଜର ଆରାଧ୍ୟ ଦେବତାଙ୍କୁ ମନରେ, ପ୍ରାଣରେ, ହୃଦୟରେ ଓ ଶ୍ରୀକ୍ଷେତ୍ରର ଗଳିକନ୍ଦିରେ । ନିଜ ଅଭିମାନୀ ହୃଦୟକୁ ଖୋଲି ଦେବାକୁ ଯାଇ କବି ବିପିନ ନାୟକ ଲେଖିଛନ୍ତି-'ବନ୍ଦ କରନା,ଖୋଲ,ଶୀଘ୍ର ଖୋଲ/ଦେଖ କେମିତି ମୁଁ ହେଲିଣି ଅଥୟ/ହେଲିଣି ଉଚ୍ଚାଟ/ ତୁମେ ଯଦି ଡେରି କର, ଖୋଲିବାକୁ/କରୁଣାର କଠୋର କବାଟ/ମୁଁ ଚାଲିଲି, ସମୁଦ୍ର କି ସ୍ୱର୍ଗଦ୍ୱାର /ନର୍କ କି ନୋଳିଆ ବସ୍ତି କି/ ମୋର ଆଉ ଲୋଡାନାହିଁ/ଗହନ ଗହନ ମିଛ କଳ୍ପବଟ ।' ପ୍ରଗଳ୍ଭ କବି ଯେତେବେଳେ ମୁଗ୍ଧ ଚିତ୍ତରେ ଆପଣାର ଠାକୁରଙ୍କୁ ଦେଖେ, ନୈବେଦ୍ୟ ସହ କୃତଜ୍ଞ ହୋଇ ଉଠେ ମହାପ୍ରଭୁଙ୍କ ଅଯାଚିତ ଦାନରେ । ଭକ୍ତର ମନୋବାଞ୍ଛା ଜାଣି କାଳିଆ ସାଆନ୍ତ କେବଳ ପୂର୍ଣ୍ଣ କରିନ୍ତି ନାହିଁ ଅଭାବ ଅସୁବିଧା, ସୁଖ ଶାନ୍ତି ଓ ଆନନ୍ଦରେ ଚାରିପାଖ ହିଲ୍ଲୋଳିତ କରି ଦିଅନ୍ତି । ନିଜର ଅନ୍ତରର କଥା ପ୍ରକାଶ କରିବାକୁ ଯାଇ କବି ସୁରେନ୍ଦ୍ର ନାଥ ଶତପଥୀ ଲେଖିଛନ୍ତି-ହେ ପ୍ରଭୁ/ତୁମକୁ ମୁଁ ମାଗିଥିଲି/ଉଦାସିଆ ଅଶିଣର/ କାଶତଣ୍ଡୀ ଫୁଲରୁ/ଚେନାଏ ମାତ୍ର ହସ/ଖାଲି ଚେନାଏ ମାତ୍ର ହସ । ତୁମେ କିନ୍ତୁ ଆଣିଦେଲ/ ମୋହ ଲାଗି/ଶରତ ପୁନିଅର ଚାନ୍ଦିନୀ ଚହଟ;/ଏବଂ ସେହି ଜୁଆରରେ/ଶୁଭ୍ର ଚାମରର ସମ/ପୁଷ୍ପେ ଉଚ୍ଛକିତ କରି/ନଦୀ ପଠା ପାଟ;/ଭସାଇଲ ମୋତେ, /କରିଦେଲ ବିମୁଗ୍ଧ ପାଗଳ !'

ISSN NO.
2582-208X

ଜଗଦ୍ଦୀଶ୍ୱର ପୁରୁଷୋତ୍ତମଙ୍କ ଆବିର୍ଭାବ ଓ ଲୀଳାର ଅପୂର୍ବ ଗାଥା କାଳ କାଳ ବ୍ୟାପୀ ଜନ ମାନସକୁ ଅଭିମନ୍ତ୍ରୀତ କରି ରଖିଛି । ଧରିତ୍ରୀରେ ମାନବୀୟ ଲୀଳା ଓ ଘଟ ପରିବର୍ତ୍ତନ ସହିତ ଭାସମାନ ଦାରୁଦେବତାଙ୍କ ଆବିର୍ଭାବର ଅଲୌକିକ ବର୍ଣ୍ଣନା ଦେବାକୁ ଯାଇ କବି ହରିହର ମିଶ୍ର ଲେଖିଛନ୍ତି -

ଜଳୁଛି ବୃକ୍ଷ ପୁରୁଷ ଭାସୁଛି ଭାସୁଛି
କାନ୍ଦୁଛି କାନ୍ଦୁଛି ମୁଁ ହସୁଛି ହସୁଛି ।

ନିବେଦନ ଓ ଅଭିମାନ ଭକ୍ତ ଭଗବାନଙ୍କ ସଂପର୍କକୁ କରେ ନିବିଡ । ପ୍ରାଚୀନ କାଳରୁ କେତେ ସନ୍ଥ ମୁନି କବି ରାଜା ନିଜର ଭକ୍ତି ଅର୍ଘ୍ୟ ପ୍ରଦାନ କଲାବେଳେ ବିହ୍ୱଳିତ ହୋଇ ପଡିଛନ୍ତି ତାର ଇୟତ୍ତା ନାହିଁ । ସଞ୍ଚିତ ବେଦନା ବିଧୁର ପ୍ରାଣକୁ ଆପଣାର ଠାକୁର ନିକଟରେ ଖୋଲିଦେଇ ପରମ ଶାନ୍ତି ଲାଭ କରିଛନ୍ତି ଆତ୍ମତୃପ୍ତିରେ । ସେଇ ପରମ କରୁଣିକଙ୍କ ସମ୍ପର୍କରେ କବୟିତ୍ରୀ ବ୍ରହ୍ମୋତ୍ରୀ ମହାନ୍ତି ଲେଖିଛନ୍ତି-'ମଣିମାଙ୍କର ଆଲିଙ୍ଗନ ମଧ୍ୟରେ/ଅଭିମାନୀ ଭକ୍ତ ଫେରିଆସି/ରଥ ଆରୋହଣ କରିବା ମାତ୍ରେ/ରଥ ଗଡ଼ି ଚାଲିଲା/ଜଗନ୍ନାଥ ପାଦ ପାଖେ/ମୂର୍ଚ୍ଛିତ ହୋଇ ପଡ଼ି ରହିଛନ୍ତି ବଳରାମ ।' ଚକାଆଖିକୁ ମନ ପୂରେଇ ଦେଖିବାର ଲାଳସା ଓ ତାର ପାଦ ପଦ୍ମରେ ନିଜକୁ ସମର୍ପି ଦେବାର ଇଚ୍ଛା ପ୍ରତି ଓଡିଆ ଆଶା କରନ୍ତି । କୋଟି ନିଧି ପ୍ରାପ୍ତି ପରି ଅନୁଭବ ହୁଏ ମନରେ । ଖୋଜିବା ଓ ପାଇବାର ଛକରେ ଛିଡ଼ା ହୋଇ କବି ମନୋରମା ମହାପାତ୍ର ବିଶ୍ୱାଳ ଗାଇ ଉଠିଛନ୍ତି - ଆଜି ଏଇ ପୁରୀରେ/ତୋତେ ଖୋଜିବି କେଉଁଠି, କୋଇଲି ବୈକୁଣ୍ଠରେ ନା/ସମୁଦ୍ରର ଉତ୍ତାଳ ଶବ୍ଦରେ ।' ଚିର ରହସ୍ୟ ମୟ ବ୍ରହ୍ମାଣ୍ଡ ନାୟକଙ୍କ ଆବିର୍ଭାବ ଓ ମର୍ତ୍ତ୍ୟ ବୈକୁଣ୍ଠ ଶ୍ରୀକ୍ଷେତ୍ରରେ ତାଙ୍କର ମହନୀୟ ଲୀଳା କେବଳ ଆପହଞ୍ଚ ନୁହେଁ ଅସାଧ୍ୟ ମଧ୍ୟ । ଜୀବ ଓ ପରମର ସେତୁ, ଭାବ ଭାଷା ଏବଂ ଜୀବନର ଆଧାର ପ୍ରେମମୟ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ କବି ଗୁରୁ କଲ୍ୟାଣ ମହାପାତ୍ର ବର୍ଣ୍ଣନା କରିଛନ୍ତି -

ଜଗନ୍ନାଥଙ୍କ ଅର୍ଥ କ'ଣ ?
ମୁଁ ବାପୁଡ଼ା ସହଜରେ ବୁଝିପାରେ ନାହିଁ,
ଜାଣି ପାରିନାହିଁ - ଅଜିଯାକେ ।
ସେ ତ ମୋ' ପାଇଁ ଖାଲି ଭାବ

ISSN NO.
2582-208X

ଖାଲି ଭାବ ନୁହେଁ ଯେ ଭାଷା ବି
ତା' ବି ନୁହେଁ ଯେ ଉଭୟର
ସାର୍ଥକ ସମନ୍ୱୟ – ଅର୍ଥାତ୍ ସାହିତ୍ୟ ।

ଉତ୍ତର ଆଧୁନିକ ସମୟର ଓଡିଆ ସାହିତ୍ୟର ନାନାଦି ପରୀକ୍ଷା ନିରୀକ୍ଷା ଭିତରେ ଶ୍ରୀ ଜଗନ୍ନାଥ ଶ୍ରୀକ୍ଷେତ୍ର ମହୋଦଧି ଓଡିଆ ଜନଜୀବନକୁ କିପରି ପ୍ରଭାବିତ କରି ଦିବ୍ୟ ଚେତନାର ସ୍ଫୁରଣ ଘଟାଇଛି ତାହା ପ୍ରାୟ ପ୍ରତି କବିଙ୍କ ରଚନାରେ ପରିଦୃଷ୍ଟ ହୋଇଥାଏ । ଏମିତି କୌଣସି ଓଡିଆ ଲେଖକ ନାହାନ୍ତି ଯେ ନିଜ ସୃଜନ କର୍ମରେ ପତିତ ପାବନ ମହାବାହୁଙ୍କୁ ବର୍ଣ୍ଣନା କରି ନାହାନ୍ତି । ନୀଳ ଆକାଶ, ନୀଳ କନ୍ଦର ଓ ନୀଳ ସମୁଦ୍ର କୂଳରେ ପରମ କାରୁଣିକ ନୀଳାଦ୍ରିବିହାରୀ ସୃଷ୍ଟି ସ୍ଥିତି ଓ ଲୟର ପ୍ରତୀକ । ରୀତିନୀତି ପର୍ବ ପର୍ବାଣୀ ବେଶ ଯାନିଯାତ୍ରାର ବିବିଧ ଚିତ୍ର ସହ ଓଡ଼ିଶାର ସାଂସ୍କୃତିକ ବୈଭବ ସ୍ଥାନ ପାଇଛି ସେମାନଙ୍କ ରଚନା ମାନଙ୍କରେ । ବିଶେଷତଃ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସଂକ୍ରାନ୍ତରେ ବହୁ କାବ୍ୟ କବିତା ରଚିତ ହୋଇଥିବାର ଦେଖିବକୁ ମିଳେ । କବି ଶରତ ଚନ୍ଦ୍ର ପ୍ରଧାନଙ୍କ ଭାଷାରେ– 'ଛତିଶା ନିଯୋଗ ଭୋଗ/ଷାଠିଏ ପଉଟି/ଖାଇ ଖାଇ/କେତେ କାଳ/ ମାରିବୁ ହାକୁଟି/ଆସ ଏବେ ରଥାରୁଢ଼/ହୁଅ ଭଗବାନ/ନିର୍ବିକାର ଦେଖିନିଅ/ସୃଷ୍ଟି ତୋର କେଡ଼େ ହୀନିମାନ' । 'କିଛି ମାଗୁନାହିଁ' କବିତାରେ କବି ଯଦୁନାଥ ଦାସ ମହାପାତ୍ରଙ୍କ ବର୍ଣ୍ଣନା–'ଆଜି ତୁମ ରଥ ଯାତ/ଅସଂଖ୍ୟ ମଣିଷ ମେଳା/କାହା ଦୁଃଖ ହରିବ କିପରି/ଏ ସାରା ସଂସାର ଲୋକେ/ଦୁଃଖର ନିଆଁରେ ହାୟ/ଅହରହ ଯାଉଛନ୍ତି ଜଳି ।' ଗୁଣ୍ଡିଚା ଯାତ୍ରାର ବିସ୍ମୃତି ଉଲ୍ଲେଖ କରିବାକୁ ଯାଇ କବି ରକ୍ଷକ ନାୟକ 'ରଥ ରହସ୍ୟ' କବିତାରେ ଲେଖିଛନ୍ତି –

ରଥଯାତ୍ରା କେଉଁଠୁ ଆରଂଭ ହୁଏ
କୋଉ ପର୍ଯ୍ୟନ୍ତ, ରଥ ପଥ ନକ୍ସା
ସବୁ ରହସ୍ୟାବୃତ୍ତ,କେହି କେହି କୁହନ୍ତି
ସମୟର ସୃଷ୍ଟି ପୂର୍ବରୁ ଶେଷ ପର ଯାଏଁ
କିନ୍ତୁ ରେଡ଼ିଓ କହୁଛି
ସିଂହଦ୍ୱାରରୁ ଗୁଣ୍ଡିଚାଘର ପର୍ଯ୍ୟନ୍ତ ।

ISSN NO.
2582-208X

ଓଡ଼ିଶାର ପ୍ରାଣ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ପ୍ରାଚୀନ କାଳରୁ ଅଦ୍ୟାବଧି ରଚିତ ହୋଇଥିବା କାଳଜୟୀ କାବ୍ୟକବିତା ଓଡିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ ସୁଦ୍ଧା ଓଡ଼ିଆ ଗଳ୍ପ ଉପନ୍ୟାସ ନାଟକ ଓ ଶିଶୁ ଉପଯୋଗୀ ରଚନାର ଭୂମିକା ମଧ୍ୟ କମ ନୁହେଁ । ଶହ ଶହ ବର୍ଷ ଧରି ପ୍ରଚଳିତ କାହାଣୀ କିମ୍ବଦନ୍ତୀକୁ ରୂପ ଦେବା ବିଂଶ ଶତାବ୍ଦୀର ମଧ୍ୟ ଭାଗରୁ ଆରମ୍ଭ ହୋଇ ପ୍ରତି ଓଡ଼ିଆଙ୍କୁ ନିଜର ଆରାଧ୍ୟ ଦେବତାଙ୍କର ନିକଟତର କରାଇ ପାରିଛି । ପତ୍ର ପତ୍ରିକା ମାନଙ୍କରେ ପ୍ରଥମେ ଆତ୍ମପ୍ରକାଶ କରିଥିବା, ଶ୍ରୀ ଜଗନ୍ନାଥଙ୍କୁ ଉପଜୀବ୍ୟ କରି ରଚିତ ଗଳ୍ପ ସମୂହକୁ ପୁସ୍ତକ ଆକାରରେ ପ୍ରକାଶ କରିବା ଆରମ୍ଭ କରିଥଲେ ଗାଳ୍ପିକ ଗବେଷକ ଗଣେଶ ପ୍ରସାଦ ପରିଡା । ତାଙ୍କ ଦ୍ୱାରା ରଚିତ ବହୁଚର୍ଚ୍ଚିତ ଓ ପାଠକୀୟ ଆଦୃତି ପାଇଥିବା ପୁସ୍ତକ ମଧ୍ୟରେ ରହିଛି ଯୁଗେ ଯୁଗେ ଜଗନ୍ନାଥ,ମହାପ୍ରଭୁ ଜଗନ୍ନାଥ,ମହାବାହୁ ଜଗନ୍ନାଥ,ଜଗାବଳିଆ,ଜଗନ୍ନାଥ ସ୍ୱାମୀ, ଜଗନ୍ନାଥଙ୍କ ଦେଶରେ, ବଳିଆର ଭୁଜ,ଲୀଳାମୟ ଜଗନ୍ନାଥ, ଶରଣ ରକ୍ଷଣ ମହାବାହୁ ଇତ୍ୟାଦି । ମହାପ୍ରଭୁଙ୍କ ଅଲୌକିକ ଲୀଳା ସହିତ ଭକ୍ତଙ୍କ ଦିବ୍ୟ ଅନୁଭୂତି ହୋଇଛି ଗଳ୍ପର  କଥାବସ୍ତୁ । ପୁରାଣ ଇତିହାସ କିମ୍ବଦନ୍ତୀ ଓ ଅନୁଭୂତିର ଭୂମି ଉପରେ ଓଡିଆ ଗଦ୍ୟ ସାହିତ୍ୟର ଏ ଆତ୍ମପ୍ରକାଶ ଆମ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛି ।

ଓଡିଆ କଥା ସାହିତ୍ୟର ସ୍ୱର୍ଦ୍ଧିତ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି ଇତିହାସର ଜୀର୍ଣ୍ଣ କଙ୍କାଳ ଉପରେ କାଳଜୟୀ ଗଳ୍ପ ଓ ଉପନ୍ୟାସ ରଚନା କରିବା ସହିତ ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ର କରି ଲେଖିଥିବା ତିନୋଟି ଉପନ୍ୟାସ 'ନୀଳଶୈଳ','ନିଳାଦ୍ରୀ ବିଜୟ' ଓ 'କୃଷ୍ଣା ବେଣୀରେ ସନ୍ଧ୍ୟା' ଆମ ସାହିତ୍ୟର ଅମୂଲ୍ୟ ସମ୍ପଦ । ଏ ପୁସ୍ତକର ଲୋକପ୍ରିୟତା ବହୁ ଓଡିଆ ଔପନ୍ୟାସିକଙ୍କୁ ପ୍ରଲୁବ୍ଧ କରିଛି ଜଗନ୍ନାଥ ସମ୍ବଳିତ ଉପନ୍ୟାସ ଓ ଗଳ୍ପ ରଚନା କରିବାକୁ । ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତଙ୍କର ଭକ୍ତିଭାବ, ସମର୍ପଣ ଓ ଦିବ୍ୟ ଅନୁଭୂତି ସମ୍ବଳିତ ଦାଢ୍ୟତା ଭକ୍ତି ଗ୍ରନ୍ଥରୁ ଗାଳ୍ପିକ ବ୍ରଜ କିଶୋର ସାହୁ ପ୍ରକାଶ କରିଛନ୍ତି 'ଭକ୍ତ ଓ ଜଗନ୍ନାଥ','ଭକ୍ତପ୍ରିୟ ଜଗନ୍ନାଥ' ଓ ଭକ୍ତବତ୍ସଳ ଜଗନ୍ନାଥ' ଇତ୍ୟାଦି ଚରିଖଣ୍ଡ ପୁସ୍ତକ । ଦେବଦାସୀଙ୍କ ଠାରୁ ମାଣିକ ଗଉଡୁଣୀ, ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କଠାରୁ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ଓ ନାନାଦି ଅଲୌକିକ ଘଟଣାକୁ ଉପଜୀବ୍ୟ କରି ଗାଳ୍ପିକ ଭାଗୀରଥି ନେପାକ ରଚନା କରିଥିଲେ 'ଶ୍ରୀ ଜଗନ୍ନାଥଙ୍କ କାହାଣୀ ଓ କିମ୍ବଦନ୍ତୀ' । ନବକଳେବର, ରଥଯାତ୍ରା, ବଡ଼ଦେଉଳ,ବାବନା ଭୁତ,ମାହାରୀ ସେବା ସହିତ ଶ୍ରୀକ୍ଷେତ୍ରର ଜୀବନଶୈଳୀ ଓ  ପରିବେଶକୁ ନେଇ ରଚିତ ଗାଳ୍ପିକ ବିଜୟ ପ୍ରାସାଦ ମହାପାତ୍ରଙ୍କ ଗଳ୍ପ ସଂକଳନ 'ପୁରୀର ଗଳ୍ପ' ପ୍ରଚୁର ପାଠକୀୟ

ISSN NO.
2582-208X

ଶ୍ରଦ୍ଧା ଲାଭ କରିଥିଲା । ରବୀନ୍ଦ୍ର ନାରାୟଣ ମିଶ୍ରଙ୍କ କଥାନୁଭୂତିରେ ଶ୍ରୀଜଗନ୍ନାଥ, କଥାରେ କଥାରେ ଶ୍ରୀଜଗନ୍ନାଥ, କଥା ଅମୃତରେ ଶ୍ରୀଜଗନ୍ନାଥ, ପରମାନନ୍ଦ ଅଧିକାରୀଙ୍କ 'ଆମ ଜଗନ୍ନାଥ ଆମ ଭକ୍ତ',ପ୍ରମୋଦ କୁମାର ମହାପାତ୍ରଙ୍କ 'ଜୀବନ୍ତ ଜଗନ୍ନାଥ' ପୁସ୍ତକରେ ଭକ୍ତ ବତ୍ସଳ ପ୍ରଭୁଙ୍କ ମହନୀୟତା କରୁଣା ଓ ଅନୁଭୂତିର ବିସ୍ତୃତ ଚିତ୍ର ପ୍ରକାଶ ପାଇଛି ।

ଅଲୌକିକତା ଓ ରୋମାଞ୍ଚକର ସତ୍ୟକୁ ମୂଲ୍ୟାୟନ କରି ରହସ୍ୟ ଉଦଘାଟନ କେବଳ ଲେଖକଟିଏ କରିପାରେ । ନିଜର ସୂକ୍ଷ୍ମତମ ଅନୁଭବକୁ ଗଳ୍ପରେ ଚିତ୍ରିତ କଲାବେଳେ ଦିବ୍ୟତା ଭିତରେ ନିମଜ୍ଜିତ ହୋଇଯାଏ । ଗାଳ୍ପିକ ପ୍ରମୋଦ କୁମାର ମହାପାତ୍ରଙ୍କ 'ଜୀବନ୍ତ ଜଗନ୍ନାଥ' ସତ୍ୟ ଘଟଣା ଉପରେ ଆଧାରିତ ସଂକଳନ ଟି ପାଠକଙ୍କ ଦୃଷ୍ଟି ଆକର୍ଷଣ କରେ । ଜଗନ୍ନାଥ ସଂସ୍କୃତିର ଗବେଷକ ବକ୍ତା ପ୍ରାବନ୍ଧିକ ହରିହର ବାହିନୀପତିଙ୍କ 'ଅଭିଜ୍ଞତାରେ ଜଗନ୍ନାଥ', ଜୟନ୍ତ ନାରାୟଣ ପଣ୍ଡାଙ୍କ 'ମୋ ଅନୁଭୂତିରେ ଶ୍ରୀ ଜଗନ୍ନାଥ', 'ଦିବ୍ୟ ଅନୁଭୂତି' ଓ 'ମୋ କାଗଜ ରଥ', ରଘୁନାଥ ମହାପାତ୍ରଙ୍କ 'ଭକ୍ତିଭାବନାରେ ଶ୍ରୀ ଜଗନ୍ନାଥ' ଓ 'ଲୀଳାମୟ ଶ୍ରୀଜଗନ୍ନାଥ' ଗଳ୍ପ ସଙ୍କଳନ ଆଦି ଓଡିଆ କଥା ସାହିତ୍ୟର ଅମୂଲ୍ୟ ପୁଞ୍ଜି । ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଭଞ୍ଜ ସାହିତ୍ୟର ପ୍ରଖର ପ୍ରବକ୍ତା ଡାକ୍ତର କବି ପ୍ରସାଦ ମିଶ୍ରଙ୍କ ଲିଖିତ 'ବାଇଶି ପାହାଚ' ଭାବ ବିଶ୍ୱାସ ଆତ୍ମୀୟତା ଓ ଅନୁଭବ ଦ୍ୱାରା ଆଚ୍ଛନ୍ନ ଥିବାରୁ ଲୋକପ୍ରିୟତାର ଶୀର୍ଷ ସ୍ପର୍ଶ କରି ପାରିଥିଲା । ଶ୍ରୀଜଗନ୍ନାଥ ଚେତନାର ପ୍ରଚାର ଓ ପ୍ରସାର ସହିତ ପୁରୀକୁ ଆସିଥିବା ସାଧୁ ସନ୍ଥ ଏବଂ ମହାପୁରୁଷଙ୍କ ଅଲୌକିକ ବୃତ୍ତାନ୍ତ ବର୍ଣ୍ଣନାରେ ଗାଳ୍ପିକ ପୀତବାସ ରାଉତରାୟ ରଚନା କରିଛନ୍ତି 'ଅନୁଭବରେ ଶ୍ରୀଜଗନ୍ନାଥ, ଅନ୍ତରଙ୍ଗ ଶ୍ରୀଜଗନ୍ନାଥ, ଅନନ୍ୟ ଶ୍ରୀଜଗନ୍ନାଥ, ଅମୃତମୟ ଶ୍ରୀଜଗନ୍ନାଥ, କଥା ଓ କାହାଣୀରେ ଶ୍ରୀଜଗନ୍ନାଥ, ଗଳ୍ପ ଗମ୍ଭୀରାରେ ଶ୍ରୀଜଗନ୍ନାଥ, ଅବର୍ଣ୍ଣନୀୟ ଶ୍ରୀଜଗନ୍ନାଥ, ଅତୁଳନୀୟ ଶ୍ରୀଜଗନ୍ନାଥ, ଶ୍ରୀଜଗନ୍ନାଥ କଥାବିଚିତ୍ରା ଇତ୍ୟାଦି ଗଳ୍ପ ପୁସ୍ତକ । ଭଞ୍ଜ ସାହିତ୍ୟର ଅନନ୍ୟ ପ୍ରବକ୍ତା ଭାଷ୍ୟକାର ଡ ରଜତ କୁମାର କରଙ୍କ 'ଅନନ୍ୟ ଜଗନ୍ନାଥ ଅନୁଭୂତିରେ', ଡ ବାସୁଦେବ ସାହୁଙ୍କ 'ଭାବକୁ ନିକଟ ଅଭାବେ ଅଭେଟ' ଓ 'ଭକତ ଭାବରେ ବନ୍ଧା', ମନୋରମା ଦେବୀଙ୍କ 'ମୋ ଭାବନାରେ ଶ୍ରୀଜଗନ୍ନାଥ' ପ୍ରମୁଖ ଗ୍ରନ୍ଥ ଗୁଡ଼ିକରେ ଭକ୍ତ ଜୀବନର ସଙ୍କଟ ସଂଘାତ ମଧ୍ୟରେ ମହାପ୍ରଭୁ କିପରି ସହାୟକ ହୋଇଛନ୍ତି ତାର ନିଛକ ଚିତ୍ର ପ୍ରଦର୍ଶିତ ହୋଇଛି । ସଂପ୍ରତି କଥା ସାହିତ୍ୟ ପାଠକ ହୃଦୟ ସହିତ ସହଜରେ ସଂଯୋଗ କରି ପାରୁଥିବାରୁ ଓଡିଆ ଲେଖକ ମାନେ ବହୁ ରସ ରହସ୍ୟ

ISSN NO.
2582-208X

ଅଲୌକିକତା ଇତିହାସ ପୁରାଣ କିମ୍ବଦନ୍ତୀ ଓ ଅନୁଭୂତିକୁ ନେଇ ଓଡିଆ ଗଳ୍ପ ସାହିତ୍ୟକୁ ସମୃଦ୍ଧ କରି ପାରିଛନ୍ତି ।

ଗଳ୍ପ ଉପନ୍ୟାସ ପରି ଶ୍ରୀଜଗନ୍ନାଥ, ଶ୍ରୀକ୍ଷେତ୍ର, ଗଜପତି ମହାରାଜା, ମନ୍ଦିରର ଉତଥାନ ପତନ, ଭକ୍ତଙ୍କ ଅନୁଭବ ଓ ଅଲୌକକତାର ପୃଷ୍ଠଭୂମିରେ ଅସଂଖ୍ୟ ନାଟକ ଗୀତିନାଟ୍ୟ ଓଡ଼ିଶାର ପୁରପଲ୍ଲୀ ଠାରୁ ସହରାଞ୍ଚଳରେ ଅଭିନୀତ ହୋଇ ଜନତାଙ୍କ ମନୋରଞ୍ଜନ କରିବା ସହିତ ଭକ୍ତି ଭାବନାରେ ବାନ୍ଧିବାରେ ସହାୟକ ହୋଇଛି । କାଞ୍ଚି ଅଭିଯାନ, ଦେଉଳ ତୋଳା, ଲକ୍ଷ୍ମୀ ପୁରାଣ, ଦାଢ୍ୟତା ଭକ୍ତିର କଥାବସ୍ତୁ, କଳାପାହାଡ଼ର ଆକ୍ରମଣ, ପୁରୀ ଗଜପତି ମହାରାଜା ଓ ଶ୍ରୀଜଗନ୍ନାଥ, ଭକ୍ତ ସାଲବେଗ, ବନ୍ଧୁ ମହାନ୍ତି, ଦାଶିଆ ବାଉରି, ଶ୍ରୀଚୈତନ୍ୟ ପ୍ରମୁଖ ଅଗଣିତ ଭକ୍ତଙ୍କ ଅଲୌକିକ ଘଟଣାବଳୀ ଆଧାରିତ ଅସୁମାରୀ ନାଟକ ମଧ୍ୟରୁ ଗୋଟିଏ ଗୋଟିଏ ଶହ ଶହ ରଜନୀ ମଞ୍ଚସ୍ଥ ହେବା ଓଡିଆ ସାହିତ୍ୟ ପାଇଁ କମ୍ ଗୌରବର କଥା ନୁହେଁ ।

ଶିଶୁ ଉପଯୋଗୀ ପୁସ୍ତକ ଓ ପତ୍ର ପତ୍ରିକା ମାନଙ୍କରେ ଶ୍ରୀଜଗନ୍ନାଥ ପୁରୀ ଦେଉଳ ସହିତ ସମ୍ପୃକ୍ତ କାହାଣୀ ଅତ୍ୟନ୍ତ ସାବଲୀଳ ଓ ବୋଧଗମ୍ୟ ଶବ୍ଦରେ ପ୍ରକାଶିତ ହୋଇ ଶିଶୁଙ୍କ ମନୋରଞ୍ଜନ କରିବା ସହିତ ଏ ଜାତିର ମହାନ୍ ସଂସ୍କୃତି ଓଡ଼ିଆ ଶିଶୁଙ୍କ ନିକଟତର ହୋଇ ପାରିଛି । ଅମୃତମୟ ସଂସାର ଅମୃତ ଅନୁଭବ ଏବଂ ସୃଷ୍ଟିକର୍ତ୍ତାଙ୍କ ମହିମାରେ ରାମକୃଷ୍ଣ ନନ୍ଦଙ୍କ ଲେଖନୀ ମୁଖରିତ ହୋଇଥିଲା ବେଳେ ତ୍ୟାଗ ଓ ସମର୍ପଣ ଭାବ ପ୍ରକାଶ କରିବାକୁ ଯାଇ 'ନାଁ'ଟି ମୋର ତୂଳା' କବିତାରେ ମଞ୍ଜୁ ଦାସ ଲେଖିଛନ୍ତି-

କାଳିଆ ପାଖେ ମୁହିଁ
'ସଳିତା' ଟିଏ ହୋଇ ଜଳିବି
ଜୀବନ ମୋର ଧନ୍ୟ କରିବି
ଶବ୍ଦର ଚକାଡୋଳା
ନାଆଁ ଟି ମୋର ତୂଳା ।

କଥା ଛଳରେ କିମ୍ବଦନ୍ତୀ ଇତିହାସ ଓ ପୁରାଣ ମାନଙ୍କରୁ ଶିଶୁ ଉପଯୋଗୀ ଅନେକ ଗଳ୍ପ ଓ କବିତା ପୁସ୍ତକ ରଚିତ ହେବା ସହିତ ସଂସାର, ଶିଶୁଲେଖା, ଜହ୍ନମାମୁଁ, ମୀନାବଜାର, ମନପବନ, ଫୁଲଝରି, ଶାମୁକା, ନନ୍ଦନକାନନ, ଶିଶୁ କଳିକା, ଉତ୍କଳ ପ୍ରସଙ୍ଗ, ଶିଶୁ

ISSN NO.
2582-208X

ପ୍ରତିଭା, କୁନିକଥା, ଉତ୍କଳିକା ପ୍ରମୁଖ ପତ୍ରିକାମାନଙ୍କରେ ଶ୍ରୀ ଜଗନ୍ନାଥ ସମ୍ବଳିତ ଲେଖା ପ୍ରକାଶିତ ହୋଇ ଶିଶୁ ମନରେ ଦିବ୍ୟ ଭାବନାର ସଂଚାର କରି ପାରିଛି । ବୀରେନ୍ଦ୍ର ମହାନ୍ତି 'ଆଜି ପରା ରଥ ଯାତରା' କବିତାରେ ଭାବ ବ୍ୟକ୍ତ କରିଛନ୍ତି –

ତିନି ରଥେ ଠାକୁର ବିଜେରେ
ଯିବାକୁ ଗୁଣ୍ଡିଚା ବାଡ଼ିକି
ଲକ୍ଷ ଲକ୍ଷ ଭକ୍ତ ଭୁଲି ଜାତିଭେଦ
ରଥେ ନେବେ ଭିଡ଼ି ଭିଡ଼ିକି ।

ଏହା ବ୍ୟତୀତ ଦୈନିକ ସମ୍ବାଦପତ୍ରର କ୍ରୋଡପତ୍ର ଶିଶୁ ସ୍ତମ୍ଭରେ ଗଳ୍ପ କବିତା ପ୍ରକାଶିତ ହେବା ଦ୍ୱାରା ସମୃଦ୍ଧ ହେଇଛି ଆମ ସାହିତ୍ୟ । ଓଡିଶା ସାହିତ୍ୟ ଏକାଡେମୀ ମୁଖପତ୍ର 'କୋଣାର୍କ' ଏକାଧିକ ସ୍ୱତନ୍ତ୍ର ସଂଖ୍ୟାରେ ଶ୍ରୀଜଗନ୍ନାଥ,ଜଗନ୍ନାଥ ଚେତନା ଏବଂ ସାଂସ୍କୃତିକ ବୈଭବ ସ୍ଥାନ ପାଇଛି । ଓଡିଶା ସରକାର ପ୍ରତିବର୍ଷ ରଥଯାତ୍ରା ଅବକାଶରେ ଶ୍ରୀଜଗନ୍ନାଥ ଶ୍ରୀ ମନ୍ଦିର ଓ ଶ୍ରୀକ୍ଷେତ୍ର ସମ୍ବଳିତ ଲେଖା ଉତ୍କଳ ପ୍ରସଂଗ, ଶ୍ରୀମନ୍ଦିର ଏବଂ ଓଡିଶା ରିଭ୍ୟୁ ପତ୍ରିକା ରେ ବହୁ ଅନାଲୋଚିତ ପ୍ରସଙ୍ଗ ପାଠକଙ୍କ ସାମ୍ନାରେ ରଖନ୍ତି । ମାଦଳାପାଞ୍ଜି, ଦ୍ୱାଦଶ ପୁରାଣ ଓ ମଧ୍ୟଯୁଗର ଅନେକ ସଂସ୍କୃତ ପୁସ୍ତକ ମାନଙ୍କରୁ ସଂଗୃହୀତ କଥାବସ୍ତୁକୁ ଆଧାର କରି ରଚିତ ହୋଇଛି ଅସୁମାରୀ ଓଡ଼ିଆ ପ୍ରବନ୍ଧ ଓ ପ୍ରକାଶିତ ହୋଇଛି ଅନେକ ସ୍ୱତନ୍ତ୍ର ସଂସ୍କରଣ । ସଦାଶିବ ରଥଶର୍ମା, ସତ୍ୟନାରାୟଣ ରାଜଗୁରୁ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ,ସୁରେନ୍ଦ୍ର ମହାନ୍ତି, ଅଚ୍ୟୁତାନନ୍ଦ କର, ଗୌରିକୁମାର ବ୍ରହ୍ମା, ରାଜକିଶୋର ରାୟ, ଚନ୍ଦ୍ରଶେଖର ରଥ, ବାବା ଚୈତନ୍ୟ ଚରଣ ଦାସ, ରଜତ କୁମାର କର, ହୃଦାନନ୍ଦ ରାୟ, ବେଣୀ ମାଧବ ପାଢ଼ୀ, ଦୋଳଗୋବିନ୍ଦ ଶାସ୍ତ୍ରୀ, ଗଣେଶ ପ୍ରସାଦ ପରିଜା, ହରିହର କାନୁନଗୋ, ଇଂ ପ୍ରିୟବ୍ରତ ଦାସ, ଇଂ ରଘୁନାଥ ମହାପାତ୍ର, ହରିହର ବାହିନୀପତି, ସୋମନାଥ ଖୁଣ୍ଟିଆ, ଭାସ୍କର ମିଶ୍ର, ଶତ୍ରୁଘ୍ନ ନାଥ, ଜଗନ୍ନାଥ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ଦାସ, ମହାପାତ୍ର ନୀଳମଣି ସାହୁ, ଶରତ ଚନ୍ଦ୍ର ମହାପାତ୍ର, ଅସିତ୍ ମହାନ୍ତି ପ୍ରମୁଖଙ୍କ ଗବେଷଣାତ୍ମକ ପ୍ରବନ୍ଧ ଓ ଆଲୋଚନା ଶ୍ରୀଜଗନ୍ନାଥ ଚେତନାର ବହୁବିଧ ଦିଗ ଲୋକ ଲୋଚନକୁ ଆଣି ପାରିଛି ।

ଓଡ଼ିଶାର ଲୋକ ଚରିତ୍ର, ଜୀବନ ଶୈଳୀ, ଆସ୍ଥା, ବିଶ୍ୱାସ, ପରମ୍ପରା, ସଂସ୍କୃତି, ଆଧ୍ୟାତ୍ମିକ ଭାବଧାରା ସବୁକିଛି ସମାହିତ ହୋଇଛି ବ୍ରହ୍ମାଣ୍ଡ ନାୟକ ଶ୍ରୀଜଗନ୍ନାଥଙ୍କୁ ଆଧାର

ISSN NO.
2582-208X

କରି ରଚିତ ହୋଇଥିବା ସାହିତ୍ୟରେ । ପ୍ରାଚୀନ କାଳରୁ ଅଦ୍ୟାବଧି ରଚିତ କାବ୍ୟ କବିତା ଗଳ୍ପ ଉପନ୍ୟାସ ନାଟକ ପ୍ରବନ୍ଧ ମାନଙ୍କରେ ଚିତ୍ରିତ ହୋଇଛି ଏ ଜାତିର ଚିର ନମସ୍ୟ ପ୍ରାଣର ସ୍ପନ୍ଦନ ପ୍ରଶ୍ୱାସର ବାୟୁ ନିଳାଚଳ ନାଥ ଜଗନ୍ନାଥ । ସେ ଜାତିର ପଥପ୍ରଦର୍ଶକ ଓଡ଼ିଆ ସାହିତ୍ୟର ଆତ୍ମା । ତାଙ୍କୁ ବାଦ ଦେଇ ଏ ଜାତିର ସୃଷ୍ଟି ସ୍ଥିତି ଓ ସ୍ଥାପନା କଳ୍ପନା କରାଯାଇ ନ ପାରେ । ଓଡ଼ିଆ ସାହିତ୍ୟର ସଂକଳ୍ପ ଶାସ୍ତ୍ରୀୟତା ଲୋକପ୍ରିୟତା ଓ ବିଶ୍ୱବ୍ୟାପୀ ହେବାର ସ୍ୱପ୍ନ ଆଜି ସାକାର ହୋଇଛି ତାଙ୍କରି କରୁଣା ଆଶୀର୍ବାଦ ଓ ସର୍ବ ଗ୍ରହଣୀୟତା ଯୋଗୁଁ ।

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# କେବେ ଯଦି



ଡଃ ମାଙ୍ଗଳିକା ମହାପାତ୍ର

ଦେଖ...
ସମ୍ପର୍କ ଟା ମୋର ନା ଆମର...
ବୋଲି ଭାବିବାକୁ ଭଲ ଲାଗେ...
ଭଲପାଇବାଟା ମୋର ନା ତୁମର...
ବୋଲି ଭାବିବାକୁ ଭଲ ଲାଗେ...

ଅନ୍ତର ଦେଇ ଭଲପାଇବାକୁ...
ଭାରି ଭଲ ଲାଗେ ତୁମକୁ...
କେବେ ଯଦି ମୁଁ ରୁଷିଯାଏ..
ଆସିଯାଅ ଯେ ମନେଇବାକୁ...

କେବେ ଯଦି ହଜିଯାଏ ..
ଲାଗିଯାଅ ମତେ ଖୋଜିବାକୁ...
କେବେ ଯଦି ଦୂରେଇ ଯାଏ..
ରାଗିକରି ଆଣ ମତେ ପାଖକୁ...

କେବେ ଯଦି ଅଭିମାନ କରେ...
ନିଜର ବୋଲି କହି ଡାକ ପ୍ରିୟାକୁ...
କେବେ ଯଦି ଆଖିରୁ ଲୁହ ଝରେ..
ଦୁଇ ହାତରେ ତୋଳିନିଅ ସେ ଲୁହକୁ...

ISSN NO.
2582-208X

କେବେ ଯଦି ରାଗିକରି କଥା ନ ହୁଏ...
ଚେଷ୍ଟାକର ମୁହଁରେ ହସ ଫୁଟେଇବାକୁ...
କେବେ ଯଦି ତୁମ ପାଇଁ ପୂଜା କରେ...
ପାଖେ ପାଖେ ରହି ଦେଖ ମୋ ମୁହଁକୁ...

କେମିତି ରହିବ ତ କୁହ ଗୋ ମୋ ବିନା...
ଯଦି କେବେ ଛାଡ଼ି ଚାଲିଯାଏ ମୁଁ ତୁମକୁ...!!!

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ତୁଚ୍ଛ ଏ ଜୀବନ



ଡ. ପ୍ରସନ୍ନ କୁମାର ବଳ

ତୁଚ୍ଛ ଏ ଜୀବନ, ନ କରି ପାରିଲେ ମା, ବାପା ସେବା,
ତୁଚ୍ଛ ଏ ଜୀବନ, ନ କରି ପାରିଲେ ସମାଜର ସେବା ।୧।
ତୁଚ୍ଛ ଏ ଜୀବନ, ନ ବୁଝି ପାରିଲେ ପିତୃ ମାତୃ ମନ,
ତୁଚ୍ଛ ଏ ଜୀବନ, ଯାର ଲକ୍ଷ୍ୟ ମାତ୍ର ସେମାନଙ୍କ ଧନ ।୨।
ତୁଚ୍ଛ ଏ ଜୀବନ, ନ ଜାଣି ପାରିଲେ ସମୟର ଖେଳ,
ତୁଚ୍ଛ ଏ ଜୀବନ, ନ ମାପି ପାରିଲେ ସମୟର ବଳ ।୩।
ତୁଚ୍ଛ ଏ ଜୀବନ, ନ ଚିହ୍ନି ପାରିଲେ ସ୍ତ୍ରୀ ଟିର ମନ,
ତୁଚ୍ଛ ଏ ଜୀବନ, ପୂରଣ ନକଲେ ନିଜର ସପନ ।୪।
ତୁଚ୍ଛ ଏ ଜୀବନ, ନ ନେଇ ପାରିଲେ ପିଲାଙ୍କର ଯତ୍ନ,
ତୁଚ୍ଛ ଏ ଜୀବନ, ନଦେଇ ପାରିଲେ ସୁସଂସ୍କାର ମନ୍ତ୍ର ।୫।
ତୁଚ୍ଛ ଏ ଜୀବନ, ନ ଦେଇ ପାରିଲେ ଭାଇର ସେ ସ୍ନେହ,
ତୁଚ୍ଛ ଏ ଜୀବନ, ନ ନେଇ ପାରିଲେ ପରିବାର ଯତ୍ନ ।୬।
ତୁଚ୍ଛ ଏ ଜୀବନ, ନ ନେଇ ପାରିଲେ ଚାପ କର୍ମ ସ୍ଥଳେ,
ତୁଚ୍ଛ ଏ ଜୀବନ, ନ ଦେଇ ପ୍ରିଲେ ଫଳ କର୍ମ ସ୍ଥଳେ ।୭।
ତୁଚ୍ଛ ଏ ଜୀବନ, ନ ଦେଇ ପରିଲେ ପଡୋଶିଙ୍କୁ ସାହା,
ତୁଚ୍ଛ ଏ ଜୀବନ, ନ ଦେଇ ପାରିଲେ ଦୁଃଖେ ତାଙ୍କୁ ରାହା ।୮।
ତୁଚ୍ଛ ଏ ଜୀବନ, ନ ବୁଝି ପାରିଲେ ଗରିବର ଦୁଃଖ
ତୁଚ୍ଛ ଏ ଜୀବନ, ଯିଏ ଦେଖେ ସଦା ନିଜର ହିଁ ସୁଖ ।୯।

ISSN NO.
2582-208X

ତୁଚ୍ଛ ଏ ଜୀବନ, ନ ଥାଏ ଯାହାର ପଶୁ ପକ୍ଷୀ ସ୍ନେହ,
ତୁଚ୍ଛ ଏ ଜୀବନ, ଯିଏ ବୁଝେ ଖାଲି ସାଂସାରିକ ମୋହ ।୧୦।
ତୁଚ୍ଛ ଏ ଜୀବନ, ଯିଏ ନ ବୁଝଇ ତ୍ୟାଗର ମହିମା,
ତୁଚ୍ଛ ଏ ଜୀବନ, ଯିଏ ଗାଉଥାଏ ନିଜର ଗାରିମା ।୧୧।
ତୁଚ୍ଛ ଏ ଜୀବନ, ଯିଏ ଭାବୁଥାଏ ସେହି ହିଁ ତ ଜ୍ଞାନୀ,
ତୁଚ୍ଛ ଏ ଜୀବନ, ଯାହାର ପାଖରେ ଭରପୁର ଗ୍ଲାନି ।୧୨।
ତୁଚ୍ଛ ଏ ଜୀବନ, ସେହି ମଣିଷର ଥାଏ ଯାର ଗର୍ବ,
ତୁଚ୍ଛ ଏ ଜୀବନ, ମଣିଷ ଯାହାର ଗର୍ବ ହୁଏ ଖର୍ବ ।୧୩।
ତୁଚ୍ଛ ଏ ଜୀବନ, ଯିଏ ଘୂରିବୁଲେ ସ୍ୱପ୍ନର ରାଇଜେ,
ତୁଚ୍ଛ ଏ ଜୀବନ, ଯିଏ ଦେଖୁଥାଏ ଦିବା ସ୍ୱପ୍ନ ପ୍ରାୟ ।୧୪।
ତୁଚ୍ଛ ଏ ଜୀବନ, ସେହି ମଣିଷର ଯେ ବଞ୍ଚେ ନିଜର ଲାଗି,
ତୁଚ୍ଛ ଏ ଜୀବନ, ସେହି ମଣିଷର ଯେ ବଞ୍ଚେ ସମାଜେ ଧିକ୍କାର ସହି ।୧୫।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ଗ୍ରୀଷ୍ମ



ଭାସ୍କର ଚନ୍ଦ୍ର ଖଣ୍ଡା

ସୂର୍ଯ୍ୟ ଦେବଙ୍କର ତୀକ୍ଷ୍ଣ ଚାହାଣି
ଯାଏ ଛାଇ ଯେତେବେଳେ ଧରାପୃଷ୍ଠରେ
ଅନୁଭୂତିର ପରଦା ଫାଙ୍କ ଦେଇ
ସତେ ଅବା ପୁଞ୍ଜିଭୂତ ବେଦନା ସମୂହ ହୁଏ ନିର୍ଗତ
ଅନ୍ତର୍ନିହିତ ହୃଦୟର ଆଗ୍ନେୟଗିରିରୁ
ଅସହ୍ୟ ଯନ୍ତ୍ରଣା ସମ ହୁଏ ପ୍ରତୀତ
ଭାରି କଷ୍ଟଦାୟକ
ସହିବ କିପରି ବା ସିଏ ? ।୧।

ଗଛ ଲତା ପଶୁପକ୍ଷୀ କୀଟ ପତଙ୍ଗ
କିଏ ଯାଆନ୍ତି ଝାଉଁଳି ତ
ଖୋଜେ କିଏ ପାଣି
ମଧ୍ୟାହ୍ନରେ ରାସ୍ତା ଘାଟ ସବୁ
କରନ୍ତି ଅବଲମ୍ବନ ନୀରବତାକୁ
କାଁଭାଁ ପଥିକ ଚକ୍ଷୁରେ
ନୃତ୍ୟାଙ୍ଗନା ସାଜି ମରୀଚିକା
ରହୁଥାଏ କେତେବେଳେ ଅଦୃଶ୍ୟ ପଟ୍ଟରେ
ସ୍ୱପ୍ନଲଭ୍ୟ ପ୍ରିୟ ପ୍ରତିମା ସଦୃଶ ।୨।

ISSN NO.
2582-208X

ମାତୃହରା ନିଷ୍କପଟ ସନ୍ତାନର ଯତ୍ନ
କାହିଁକିବା କରିବ ସ୍ୱାର୍ଥ ତ୍ୟାଗ
ଦିତୀୟ ଜନନୀ (ସାବତ ମା) ତା'ର
ପଛଘୁଞ୍ଚା ଦେବବା କାହିଁକି
ଦେବାକୁ ସବୁ ଯନ୍ତ୍ରଣା ।୩।

ଅସହ୍ୟ ଜୀବନର ଛାନ୍ଦ ତାଳେ
ଇଛା ନାହିଁ ସହିବାକୁ ଆଉ
ସାବତ ମାଆ'ର ଯନ୍ତ୍ରଣା
ଜାଣିଛି ମଣିଷ
ସହିଥାଏ ଦୁଃଖ ଯନ୍ତ୍ରଣା ଯିଏ
ବଡ ହୁଏ ଜୀବନରେ ସିଏ
ଦୁଃଖ ପରେ ଆସିଥାଏ ସୁଖ ।୪।

ହୋଇ ବାଷ୍ପିଭୂତ ବେଦନା ସବୁ
ନିର୍ଗତ ହେବାପରି ଲୋତକର ଧାର
ଦୁଇ ନୟନ କୋଣରୁ
ଦେଇଥାଏ ଯେମିତି ଅନେକ ସାନ୍ତ୍ୱନା
ହେ ଗ୍ରୀଷ୍ମ !
ତୁମ ତୀକ୍ଷ୍ଣ ଦୃଷ୍ଟିରେ ବାଷ୍ପିଭୂତ ଜଳରାଶି
ସେମିତି ବରଷିବ ଦିନେ
କରିବାକୁ ଲାଘବ ଧରାପୃଷ୍ଠର ଅସହ୍ୟ ଯନ୍ତ୍ରଣା
କ୍ଷଣିକ ସୁଖ ଲାଳସାରେ ପାରୁନାହିଁ ବୁଝି
ତୁମର ସେଇ ମହତ ଉଦ୍ଦେଶ୍ୟକୁ
ସହିଯିବି ତୁମ ପ୍ରଦତ୍ତ ସବୁ ଦୁଃଖ ଯନ୍ତ୍ରଣା ।୫।

ଫ୍ଲାଟ୍ ନଂ ବି ୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁର୍, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୧୩-ଦୃଢମନା ଗବେଷିକା

ଶର୍ବରୀ କଥା ଯେତେବେଳେ ପୃଥବୀ ସିଂହ ଅସୀମଙ୍କୁ ଆସି କହିଲେ, ଅସୀମଙ୍କୁ ଟିକିଏ ଆଶ୍ଚର୍ଯ୍ୟ ଲାଗିଲା । ଏକ ଅତି ଉଚ୍ଚଶିକ୍ଷିତା ତରୁଣୀର ବିସ୍ମୟକର ଅନୁରୋଧ ଥିଲା । ମେନଲାଣ୍ଡ ଭାରତର ମଧ୍ୟ ପ୍ରଦେଶର ସାଗର ବିଶ୍ୱବିଦ୍ୟାଳୟରୁ ଏମ.ଏ. କରିଛି । ଗୋଲ୍ଡ ମେଡାଲିଷ୍ଟ ।

"ଝିଅ ଶୋମ୍ପେନମାନଙ୍କ ସହ ରହିବାକୁ ଚାହୁଁଛି ।"- ସିଂ ବାବୁ କହିଲେ । ସେ ଭାରତୀୟ ନେଭିରୁ ସେଲର ହିସାବରେ ରିଟାୟାର କରିଛନ୍ତି । ୨୭ କିମି. ଅଞ୍ଚଳରେ ଆର୍ମି ସେଟଲର ଭାବରେ ରହୁଛନ୍ତି । ଘରେ ପରିବାର ବୋଲି ସ୍ତ୍ରୀ ଆଉ ଦୁଇ ଝିଅ । ବଡ ଝିଅ ଶର୍ବରୀ, ସାନଝିଅ କଲେଜ ଯିବ । ଶର୍ବରୀ ପଢା ଶେଷକରି ଏବେ ଘରେ ଅଛି ।

"ଆପଣ କ'ଣ କହୁଛନ୍ତି!"- ଅସୀମ ପଚାରିଲେ । ଶିକ୍ଷିତା ଝିଅମାନେ ଗୋଡରେ କାଦୁଅ ଲାଗିବାକୁ ଦେଉନାହାନ୍ତି । ମୁହଁରେ ସନସ୍କ୍ରିନ ନଲାଗାଇଲେ ଖରାକୁ ନଯାଇ ମଧ୍ୟ ଦେହ ଶିଝିଗଲା ଭଳି ମନେ କରୁଛନ୍ତି । ମୋଟା ୟୁ ଭି ପ୍ରୋଟେକସନ ବାଲା କଳା ଚଷମା ଲଗାଇ ମଧ୍ୟ ଆଖିକୁ ବହୁତ ଆଲୁଅ ଆସୁଛି ବୋଲି କହୁଛନ୍ତି ଆଉ ବିଦ୍ୟୁତ ଆଲୋକକୁ ପ୍ରକୃତିର ପ୍ରକୃତ ଆଲୋକ ବୋଲି ଭାବୁଛନ୍ତି । ଏଠି ଯେ ବିଷୁବ ମଣ୍ଡଳୀୟ ଜଙ୍ଗଲ । ମଶା, ମାଛି, ପୋକ ଯୋକ କ'ଣ କେତେ ଥିବେ । ସେ ଭିତରେ କେହି ରହିବା ଆଶ୍ଚର୍ଯ୍ୟର କଥା । ଝାଳରେ ଜଣେ ଖରାରେ ନବାହାରି ବି ଗାଧୋଇ ପଡିବ । ବେତ କଣ୍ଟାରେ ଦେହ

ISSN NO.
2582-208X

ଚିରିହୋଇଯିବ । ତେଣୁ ଗ୍ରେଟ ନିକୋବର ଦ୍ୱୀପରେ ରହି ଆଉ କିଛି ଭାବିବା କିଛି ସହଜ କଥା ନୁହେଁ । ତା' ଭିତରେ ଏକ ଗୋଲ୍ଡ ମେଡାଲିଷ୍ଟ ତରୁଣୀ ଜଙ୍ଗଲକୁ ଯାଇ ରହିବାକୁ ଚାହୁଁଛି । ଅସୀମ ମନେମନେ ଦୀର୍ଘଶ୍ୱାସ ନେଲେ ।

"ଆପଣ ଯଦି ଗଲାଥିଆ ନଦୀରେ ବୋଟରେ ଉପରକୁ ଯିବେ, ତେବେ ଦୟାକରି ଆମକୁ ନେଇଯାଆନ୍ତୁ ।"- ସିଂ ବାବୁ କହିଲେ । ତା'ପରେ ତାଙ୍କ ଘର କଥା କହିଲେ । ୪୧ କିମି କ୍ୟାମ୍ପ ତାଙ୍କ ଘରୁ ମାତ୍ର ୧୦-୧୨ କ.ମି ଦୂର । ତାଙ୍କ ଘରହୋଇ ଏମାନେ ୪୧ କିମି କ୍ୟାମ୍ପ ଯିବେ । ସେଇଠୁ ଗଲାଥିଆ ନଦୀରେ ଉପରକୁ ବୋଟରେ ଯାଇହେବ । ତେଣୁ ଶର୍ବରୀଙ୍କୁ ନେବା ପାଇଁ କିଛି ଅସୁବିଧା ହେବନାହିଁ ।

"ନିଶ୍ଚିତ ଭାବେ ନେଇଯିବୁ ।"- ଅସୀମଙ୍କ ଉତ୍ତର ସହ ତାଙ୍କ ଆଖି ଉଜ୍ଜ୍ୱଳ ହୋଇଉଠିଲା। ଏହି ଦୂର ଦ୍ୱୀପରେ ରହି ମଧ୍ୟ ବାପା, ଝିଅ ପାଇଁ ଯେତେ ସମ୍ଭବ ହୋଇପାରେ ସେତେ କରିବାକୁ ଚେଷ୍ଟା କରୁଛନ୍ତି । ତା'ପରେ ଏମିତି କିଛି ଦିନ ବିତିଗଲା ।

"ଶର୍ବରୀ ଆଉ ତାଁର ବାପା ଦେଖା କରିବାକୁ ଆସିଛନ୍ତି ।"- ସୁନ୍ଦରମ ଆଉ ଦିନେ ଧିରେ କହିଲା । ଅସୀମଙ୍କର ଶର୍ବରୀଙ୍କ କଥା ମନେ ପଡିଗଲା ।

ସୁନ୍ଦରମର କଳା ସାଧାରଣ ଚେହେରା ସବୁବେଳେ ଝଲସୁଥାଏ । ଦେହରେ କଡା ଇସ୍ତ୍ରୀ କରାଯାଇଥିବା ପୋଷାକ ଥାଏ । ଶର୍ବରୀ କଥା କହିଲାବେଳେ ସୁନ୍ଦରମର ଚେହେରା ବେଶି ଝଲସିଲା ନାହିଁ । ସୁନ୍ଦରମ ଯୁବକ ନୁହେଁ, ତେଣୁ ସୁନ୍ଦରମ ପରି ବୟସ୍କ ବ୍ୟକ୍ତି ପାଇଁ ଶର୍ବରୀ ମଧ୍ୟ ଅନ୍ୟ କେଉଁ ସାଧାରଣ ଆଗନ୍ତୁକ । ଅନେକ ଲୋକ ଦେଖା କରିବାକୁ ଆସୁଛନ୍ତି । ସେମିତି ଶର୍ବରୀ ଆସିଛି । ଅସୀମଙ୍କ ମୁହଁ କିନ୍ତୁ ଝଲସି ଉଠିଲା । ତାଙ୍କୁ ଲାଗିଲା ସେ ଏକ ଚଉଡା, ଦୃଢମନା ଆଉ ବଳିଷ୍ଠ ଝିଅକୁ ଭେଟିବେ । ଦେହର ଗଠଣ ପୁଅ ଭଳି ହୋଇଥିବ ଆଉ ଆଖି ଚମକୁ ଥିବ । କାନ୍ଧ ପଛରେ ବ୍ୟାକପ୍ୟାକ ଥିବ । ଆଉ ସେ ଫିଲଡକୁ ଯିବ ପାଇଁ ପ୍ରସ୍ତୁତ ହୋଇ ଆସିଥିବ ।

କିନ୍ତୁ ଭିତରକୁ ଏକ ସୁନ୍ଦରୀ ତଥା ନମ୍ର ତରୁଣୀ ଏବଂ ସିଂ ବାବୁ ଆସିଲେ । ସାଧାରଣ ଗଠଣ ଶର୍ବରୀଙ୍କର । ସାଧାରଣ ଉଚ୍ଚତା । କୁହାଯାଇପାରେ ସାମାନ୍ୟ ପତଳୀ ଝିଅ । ସେ

ISSN NO.
2582-208X

ମୋଟେ ପୁଅ ଭଳି ଦେଖାଯାଉନଥିଲେ କି ପୁଅ ଭଳି କପଡା ପିନ୍ଧି ନଥିଲେ । ଏତିକି ଯେ ତାଙ୍କୁ ଦେଖିଲେ ଲାଗିବ ଯେ ମନ ଭିତରେ ଦୃଢ ନିଷ୍ଠା ଅଛି ।

"ତୁମେ ଶୋମ୍ପେନମାନଙ୍କ ସହ ରହିବ ?"- ଅସୀମଙ୍କର ବିସ୍ମୟ ପ୍ରଶ୍ନ ଆକାରରେ ପ୍ରକାଶ ହେଉଥିଲା । ଘର ଭିତରେ ହାଲୁକା ଆଲୁଅ ଥିଲା । କ୍ୟାମ୍ପବେଲ ବେର ଜଙ୍ଗଲ ବୋଧହୁଏ ଘର ଭଳି ସାମାନ୍ୟ ଆଲୋକିତ ହୋଇଥିବ ନହେଲେକି ଏକ ସାଧାରଣ ତରୁଣୀ ଏ ଜଙ୍ଗଲ ଭିତରେ ଶୋମ୍ପେନମାନଙ୍କ ସହ ରହିବା ଭାବିପାରନ୍ତାନି ।

ତରୁଣୀଟି ମୁଣ୍ଡ ହଲାଇଲେ । ଦେଖିଲେ ଲାଗୁଥିଲା ତାଙ୍କୁ ଅତି ବେଶିରେ ବାଇଶି ବା ତେଇଶି ବର୍ଷ ବୟସ ହୋଇଥିବ । ଏ ବୟସରେ ବାପ ମା' ଛାଡି, ସୁନ୍ଦର ଖୋଲା ଅଭିଜାତ ଦୁନିଆ ଛାଡି, କେଉଁ ବନ୍ଧୁକୁ ନଖୋଜି, ଜଙ୍ଗଲରେ ଜୀବନ କଟାଇବା କେମିତି ଅଲଗା ଲାଗୁଥିଲା । ଏ ବୟସରେ ତରୁଣୀ ତ ନିଜର ବୟଫ୍ରେଣ୍ଡ ସହ ସମୁଦ୍ରକୂଳରେ ବୁଲିବାକୁ ବେଶି ପସନ୍ଦ କରିବ । ଆଗକୁ ଜୀବନ ସାଥି ନଖୋଜି ଜଙ୍ଗଲକୁ ଜୀବନକୁ ସାଥି କରିବା କିଛି ଆଶ୍ଚର୍ଯ୍ୟ ଥିଲା ।

"ମଧ୍ୟ ପ୍ରଦେଶର ସାଗର ବିଶ୍ୱବିଦ୍ୟାଳୟରେ ପଢିଲାବେଳଠୁ ମୋର ଆଦିମ ଜନଜାତି ଉପରେ ବହୁତ କୌତୁହଳ ଥିଲା । ସେମାନଙ୍କ ଜୀବନ ଶୈଳୀ ଜାଣିବା ଆକର୍ଷଣ ଥିଲା । ଆଉ ଏଇଠି ଶୋମ୍ପେନ ଅଛନ୍ତି । ଏହାଠାରୁ ଅଧିକ ସୁଯୋଗ କେଉଁଠୁ ମିଳିବ ।"- ଶର୍ବରୀ ସହଜରେ କହିଲେ । ଶର୍ବରୀଙ୍କ ଉପରେ ଝରକା ଦେଇ ସ୍ୱଚ୍ଛ ଆଲୋକ ପଡିଥିଲା । ଅସୀମ ଭାବନ୍ତି ଖୋଲା ଝରକା ଦେଇ ଆସୁଥିବା ଥୋକେ ଆଲୋକରେ ଚେଆରରେ ବସିଥିବା ଲୋକର ମୁହଁ ଉଜ୍ଜ୍ୱଳ ହୋଇଯାଏ ।

"କଲେଜରେ ପଢିବା ବେଳଠୁ ତୁମେ ଶୋମ୍ପେନମାନଙ୍କ ବିଷୟରେ ଭାବୁଛ ? ବଡ ଆଶ୍ଚର୍ଯ୍ୟର କଥା । - ଅସୀମ କହିଲେ । ତାଙ୍କର ଦୃଷ୍ଟି ଆନତ ଥିଲା ।

"ସେମାନେ ଯେ ଘୋର ଜଙ୍ଗଲରେ ରହୁଛନ୍ତି । ତୁମ ଘରଠାରୁ ଜଙ୍ଗଲର ଜୀବନ କେତେ ଅଲଗା । ସେଠାରେ କିଛି ମିଳିବନି ।"- ଅସୀମ ପୁଣି କହିଲେ । ତରୁଣୀଟିର କଥା ତାଙ୍କୁ ପ୍ରଭାବିତ କରିଥିଲା ତ ନିଶ୍ଚୟ । କିନ୍ତୁ ତାଙ୍କ ମନ ଭିତରେ ସଂଶୟ ଭରି ରହିଥିଲା ।

ISSN NO.
2582-208X

ଜଙ୍ଗଲ, ତା' ପୁଣି କ୍ୟାମ୍ପବେଲ ବେର ଅଭେଦ୍ୟ ବିଷୁବ ମଣ୍ଡଳୀୟ ଅରଣ୍ୟ । ଏ ପର୍ଯ୍ୟନ୍ତ ସେମାନେ ସଂମ୍ପୂର୍ଣ ଜଙ୍ଗଲ ବୁଲିପାରିନାହାନ୍ତି । କେତେଜଣ ସତରେ ବୁଲିଛନ୍ତି କେଜାଣି ?

"କ୍ୟାମ୍ପବେଲ ବେ, ଆଉ ତା' ପୁଣି ୨୭ କିମିରେ ରହି କଠିନ ଜୀବନ ସହ ଝିଅ ଅଭ୍ୟସ୍ତ ହୋଇଯାଇଛି । ତା'କୁ ସେମିତି ଅସୁବିଧା ହେବନାହିଁ ।"- ସିଂ ବାବୁ କହିଲେ । ଶର୍ବରୀ ବାପାଙ୍କ ସାହାର୍ଯ୍ୟ ପାଇଁ ମନେମନେ ତାଙ୍କୁ ଧନ୍ୟବାଦ ଦେଉଥିଲେ । ଏତେ ଦୂରରେ ରହି, ବାପା ସବୁ ସୁଖସୁବିଧା ତ୍ୟାଗ କରି ତା'କୁ ଯେତେଦୂର ସମ୍ଭବ ଶିକ୍ଷିତା କରିଛନ୍ତି । ବାପା ବହୁ ତ୍ୟାଗ କରିଛନ୍ତି ।

"ଏକ ଆଦିମ ଜନଜାତିର ଲୋକେ କେମିତି ଏ ଘୋର ବର୍ଷାବନରେ ରହୁଛନ୍ତି, କେମିତି ସେମାନେ ରୋଗ ବୈରାଗର ପ୍ରତିକାର କରୁଛନ୍ତି, ଏମିତି କଥା ଜାଣିବାକୁ ମୋର ବହୁତ ଇଚ୍ଛା ।"- ଶର୍ବରୀ କହିଲେ ।

"ତୁମର ପଢାର ବିଷୟବସ୍ତୁ ?"

"ଟ୍ରାଇବାଲ ୱେଲଫେଆର ।"- ସେ କହିଲେ ।

ଆନ୍ଥ୍ରୋପୋଲୋଜି ଆଉ ଟ୍ରାଇବାଲ ୱେଲଫେଆର ଭଳି ବିଷୟ ଜଣକୁ ପୁରାତନ ଦୁନିଆକୁ ନେଇଯାଏ । ଆବିଷ୍କାରକର ଦୁନିଆ । ନିଜ ହିସାବରେ ବିତି ଯାଇଥିବା ଦୁନିଆକୁ ଆଉ ଥରେ ଖୋଜିନେଇ ଅନ୍ୟ ଆଗରେ ଉପସ୍ଥାପିତ କର । କିନ୍ତୁ ଏକ ସୁନ୍ଦରୀ ତରୁଣୀ ପାଖରେ ଏମିତିଆ ଅଦ୍ଭୁତ ଇଚ୍ଛା ଅସୀମଙ୍କୁ ଅଭିଭୂତ କରିଦେଇଥିଲା । ଯଦିଓ ତାଙ୍କର ବୁଲିବାରେ ବହୁ ଇଚ୍ଛା ତଥାପି ଚାକିରୀରେ ଆସିବାପରେ ମଧ୍ୟ ଏମିତି ଇଚ୍ଛା ରଖିପାରି ନାହାନ୍ତି । ଠିକ ଅଛି, ଅତି ଆଦିମ ଅଧିବାସୀଙ୍କ ଅଞ୍ଚଳକୁ ଦିନେ ଦୁଇଦିନ ଧରି ବୁଲିଆସିବା । କିନ୍ତୁ ସେମାନଙ୍କ ସହ କ୍ରମାଗତ ଭାବେ ରହିବା ଆଉ ସେମାନଙ୍କର ଅଧ୍ୟୟନ କରିବା ଅସୀମଙ୍କ ପକ୍ଷେ ବୋଧେ ସେହି ସମୟରେ ଅସମ୍ଭବ ଥିଲା ।

"ଜଙ୍ଗଲରେ ତୁମେ କେଉଁଠି ରହିବ ?"

ଶର୍ବରୀ ହସିଲେ । ଏକ ପରାଜୟର ହସ, ପଳାୟନ କରୁଥିବା ମଣିଷର ହସ ମୋଟେ ନଥିଲା । ଏକ ତରୁଣୀର ହସରେ ଦୁନିଆ ନୂଆ ଦେଖାଯାଏ । ନୂଆ ଜୀବନ ଖୋଜିବାର ହସ । ତାଙ୍କ ମସୃଣ ମୁହଁ ଉଜ୍ଜ୍ୱଳ ଥିଲା ।

ISSN NO.
2582-208X

"ଜଙ୍ଗଲରେ । ସେମାନଙ୍କ ଗାଁରେ ।"

ଅସୀମଙ୍କ ମୁଣ୍ଡଟା ହଠାତ୍ ଗୋଳମାଳ ହୋଇଗଲା । ସେମାନେ କେଉଁଠି ଚାଳିଆ କରି କାଠ ବା ବାଉଁଶ ଚଟାଣ ଉପରେ ରହୁଛନ୍ତି । କି ଗାଁ ? ସେଇଠି ହେଇ ହେଇ ଦୁଇ ତିନୋଟି ଘର ଥିବ ଆଉ ପାଞ୍ଚ ଦଶୋଟି ମଣିଷ ଥିବେ । ଗାଁକୁ ଯିବାକୁ ରାସ୍ତା ନଥିବ । ନିତ୍ୟକର୍ମ ଜଣେ କେମିତି କରିବ ? ଟଏଲେଟଟିଏ ମଧ୍ୟ ନଥିବ । ଆଉ ସେଇଠି ଶର୍ବରୀ ରହିବାକୁ ଚାହୁଁଛନ୍ତି ! ତାଙ୍କୁ ପ୍ରଶଂସା କରିବାକୁ ଅସୀମଙ୍କ ଇଚ୍ଛା ହେଉଥିଲା । କିଛି ମଣିଷ ଜୀବନକୁ ଭିନ୍ନ ଭାବରେ ଦେଖନ୍ତି । ସେଇଥି ପାଇଁ ଅନ୍ୟ ଅନ୍ୟ ମଣିଷର ସଭ୍ୟତା ଆବିଷ୍କୃତ ହୋଇପାରିଛି । ବହୁତ କିଛି ତଥ୍ୟ ଆଧୁନିକ ମଣିଷ ପାଖକୁ ଆସିପାରିଛି ।

"ଏକ ଆବିଷ୍କାରକର ଜୀବନୀ ଆପଣ କହିପାରନ୍ତି ।"- ଶର୍ବରୀ କହିଲେ । ତାଙ୍କ ମୁହଁରେ ହସ ଫୁଟି ଉଠିଥିଲା । ପାଖରେ ତାଙ୍କ ବାପା ମୁହଁରେ ହସ ଫୁଟାଇଥିଲେ । ସେ କିନ୍ତୁ କିଛି କହୁନଥିଲେ ।

"ଏକ ମହିଳା ଆବିଷ୍କାରକର ଲକ୍ଷ୍ୟ । ଆବିଷ୍କାରକ ତ ମୋ ହିସାବରେ ଏପର୍ଯ୍ୟନ୍ତ କେବଳ ପୁରୁଷ ଥିଲେ ।"- ଅସୀମ କହିଲେ ।

"ମହିଳାମାନେ ମଧ୍ୟ ଆବିଷ୍କାର କରିବେ । ଦୁନିଆକୁ କିଛି ଭିନ୍ନ ଭାବରେ ଦେଖିବେ । ବୋଧହୁଏ ସେଇଟା ବହୁତ ଦରକାର ।"- ସେ କହିଲେ । ଅସୀମ ତାଙ୍କୁ ପ୍ରଶଂସକର ଦୃଷ୍ଟିରେ ଅନାଇଥିଲେ ।

"ଆପଣ ଦେଖୁନାହାନ୍ତି, ଏକ ଗାଁକୁ ମହିଳାମାନେ ପୁରୁଷମାନଙ୍କ ଠାରୁ ଅଲଗା ଭାବରେ ଦେଖନ୍ତି । ମହିଳାମାନଙ୍କ କାମ କରିବାର ଶୈଳୀ ପୁରୁଷମାନଙ୍କ ଠାରୁ ଅଲଗା । ସେମାନେ ସଂସାରକୁ ସଂପୂର୍ଣ ଅଲଗା ଭାବରେ ଚଳାଉଛନ୍ତି । ଏକ ସମାଜ ପାଇଁ ଉଭୟ ପୁରୁଷ ଆଉ ମହିଳା ଆବଶ୍ୟକ । ତେଣୁ ଶୋମ୍ପେନ ହଟ୍ ମୋତେ ଅଲଗା ଦେଖାଯିବ ।"- ଶର୍ବରୀ ନିଜ ଉପରେ ଅମାପ ବିଶ୍ବାସର ସହ କଥା କହୁଥିଲେ ।

"ତା ଠିକ ଯେ ।"- ଅସୀମ କହିଲେ । କିନ୍ତୁ ତାଙ୍କ ଭିତରେ ସାମାନ୍ୟ ସଂଶୟ ଥିଲା । ପୁରୁଷ ପ୍ରାଧାନ୍ୟ ଦେଉଥିବା ସମାଜ ଏପର୍ଯ୍ୟନ୍ତ ମହିଳାଙ୍କୁ ସଂମ୍ପୂର୍ଣ ସମାସ୍କନ୍ଧ ଭାବିନି ।

ISSN NO.
2582-208X

ଏକ ମହିଳା ଅବଶ୍ୟ ଦୁନିଆକୁ କିଛି ଅଂଶରେ ମହିଳା ହିସାବରେ ଦେଖିବ । ଗାଁରେ ମହିଳାମାନଙ୍କ ବୁଲାଚଲା ଆଉ ପୁରୁଷମାନଙ୍କ ବୁଲାଚଲା ସ୍ଥାନ ଅଲଗା । ମହିଳାମାନେ ପାଣି ଆଉ ବିଲକୁ ଏକାଠି ଯାଆନ୍ତି । ସେମାନଙ୍କ ଯିବା ଆସିବାରେ ଏତେ ପରିବର୍ତ୍ତନ ହୁଏନି । କିନ୍ତୁ ପୁରୁଷମାନେ ଏଣେତେଣେ ବୁଲିଥାନ୍ତି । ଘରର କାମକାର୍ଯ୍ୟ ମହିଳାମାନେ କରିଥାନ୍ତି । କିନ୍ତୁ ସେଇଟା କ'ଣ ଶୋମ୍ପେନମାନଙ୍କ କ୍ଷେତ୍ରରେ ସମାନ ନା ଅଲଗା? କେଜାଣି? ଏ ସବୁ ଜଣେ ମହିଳା ହିସାବରେ ଶର୍ବରୀଙ୍କୁ ହୁଏତ ଖୋଜିନେବା କଷ୍ଟ ହେବନାହିଁ । ଶୋମ୍ପେନ ସ୍ତ୍ରୀଲୋକମାନେ ଶର୍ବରୀଙ୍କ ସହ ବେଶି ସହଜ ଭାବରେ କଥାବାର୍ତ୍ତା ହେବେ ।

"ମୁଁ ସବୁ କଷ୍ଟ ପାଇଁ ପ୍ରସ୍ତୁତ ଅଛି ।"- ସେ କହିଲେ ।

"ଖାଇବା, ପିଇବା, ରହିବା, ଜାଗା ଖୋଜିବା ସବୁକିଛି ଅସୁବିଧା । ବର୍ଷା ଜଙ୍ଗଲରେ ବାଟ ଖୋଜି ଯିବା କିଛି ସହଜ ନୁହେଁ । ସେସବୁ ସତ୍ତ୍ୱେ ତୁମେ ଶୋମ୍ପେନ ଉପରେ ରିସର୍ଚ୍ଚ କରିବାକୁ ଚାହୁଁଛ?"- ଅସୀମଙ୍କ ମୁଣ୍ଡରେ ତଥାପି ଅନେକ ପ୍ରଶ୍ନବାଚୀ ଥିଲା । ଶର୍ବରୀଙ୍କ କଥାରେ ଦୃଢତା ଯଦିଓ ଥିଲା, ଅସୀମଙ୍କ ମନରେ କିଛି କମ୍ପନ ଥିଲା ତା' ସାଙ୍ଗେସାଙ୍ଗେ ଅସୀମ ତା' ମନର ଦୃଢତା ଜାଣିବାକୁ ଚାହୁଁଥିଲେ ।

"ମୁଁ ଆଗରୁ ଅନେକବାର ଜଙ୍ଗଲରେ ଏକାକୀ ରହିଛି । ମଧ୍ୟପ୍ରଦେଶରେ ଆମେ ଅନେକ ଟ୍ରାଇବାଲ ଟୁର କରିଛୁ ।"-ସେ ମୁଣ୍ଡ ହଲାଇଲେ ଆଉ କହିଲେ ।

ଷ୍ଟୁଡେଣ୍ଟ ହିସାବରେ ଜଣେ ଜଙ୍ଗଲ ଗଲେ ବିଶ୍ୱବିଦ୍ୟାଳୟ ସବୁ କ୍ଷେତ୍ରରେ ସାହାର୍ଯ୍ୟ କରେ । କିନ୍ତୁ ଏଠି ଘୋର ବର୍ଷାବନ ଭିତରେ ଶର୍ବରୀ ଏକାକୀ ସବୁକିଛି କରିବେ । ସେଇଟା କେତେ ସମ୍ଭବ?

"ଯାହାକୁହ ତୁମର ସାହାସ ଅଛି ।"- ଅସୀମ ଶେଷରେ କହିଲେ ।

"ସେ ଛୋଟବେଳୁ ସାହାସୀ । ପାଖ ପାହାଡକୁ ଏକା ଚଢିଯାଏ । ସମୁଦ୍ରକୂଳରେ ଏକୁଟିଆ ବୁଲେ । - ତାଙ୍କ ବାପା କହିଲେ ।

ISSN NO.
2582-208X

ଅସୀମ ଶର୍ବରୀଙ୍କୁ ଅନାଇଲେ । ତରୁଣୀର ମୁହଁରେ ସାମାନ୍ୟ ଦାଗ ନାହିଁ । ଏକଦମ ମସୃଣ ମୁହଁ, ତରୁଣ ଜୀବନରେ ଅଭିଜ୍ଞତାରେ ରେଖା ତାଙ୍କ କପାଳ ଉପରେ ପଡିନି । କିନ୍ତୁ ତାଙ୍କ ସାହାସ ଦେଖି ଅସୀମଙ୍କୁ ଖୁସି ଲାଗୁଥିଲା । ତଥାପି ତାଙ୍କ ମନରେ ପ୍ରଶ୍ନ ରହୁଥିଲା । ମଧ୍ୟପ୍ରଦେଶର ଟ୍ରାଇବାଲ ଆଉ ଏଠାର ଟ୍ରାଇବାଲ ଭିନ୍ନ । ଏମାନେ ଏଯାଏ ବହୁ ଲୋକ ସଂସ୍ପର୍ଶରେ ଆସିନାହାନ୍ତି । ମଧ୍ୟପ୍ରଦେଶରେ ଯାତାୟତରେ ଏତେ ଅସୁବିଧା ନାହିଁ । କିନ୍ତୁ ଏଠି ପାଦେପାଦେ ଅସୁବିଧା, ସବୁ ପ୍ରକାରର ବିପଦ ।

ଅସୀମ ଶର୍ବରୀଙ୍କୁ ଆଉ ପ୍ରଶ୍ନ କରିନାହାନ୍ତି । ତରୁଣୀଟି ନିଜ ବିବେକ ଆଉ ନିଷ୍ପତ୍ତି ହିସାବରେ ନିଜ କର୍ମ ପଥରେ ଆଗାଉ । ଶର୍ବରୀ ଅସୀମଙ୍କ ଦଳ ସହ ଶୋମ୍ପେନ ଦେଖିବାକୁ ଅନେକବାର ଯାଇଛନ୍ତି । ନିଜ ହିସାବରେ ସେମାନଙ୍କ ଜୀବନ ଶୈଳୀ ଇତ୍ୟାଦି ଉପରେ ଅନେକ ତଥ୍ୟ ସଂଗ୍ରହ କରିଛନ୍ତି । ସେ ଶୋମ୍ପେନ ହଟରେ ଏକୁଟିଆ ଜୀବନ କାଟିନ୍ତଛି । ସେଇଠି କାଉ କୋଇଲିର ରାବ ନାହିଁ । ଏକୁଟିଆ, ଏକଦମ ଏକୁଟିଆ ଜୀବନ କାଟିନ୍ତଛି । ଦୂରରୁ ଅସୀମ ତାଙ୍କୁ ବହୁ ପ୍ରଶଂସା କରିଛନ୍ତି ।

ଦିନେ ଅସୀମଙ୍କୁ ଅନ୍ୟ ଉପକୂଳ ଯିବାର ଥିଲା ଆଉ ଶର୍ବରୀ ସେମାନଙ୍କ ସହ ଯାଇଥିଲେ। ଯାତ୍ରାରେ ଗଛମାନ ଲମ୍ବା ହୋଇଗଲା, ପାହାଡମାନ ଛୋଟ ହୋଇଗଲା ଆଉ କଳା ରାସ୍ତା ସରିଆସିଲା । ଏମିତି ଏକ ଜାଗାରେ ଅସୀମ କେବଳ ଗଛ, ପତ୍ର ଆଉ କିଛିଟା ଆକାଶ ଦେଖୁଥିଲେ । ପବନ ଗଛ ପତ୍ର ଦେଇ ବୋହିଆସୁଥିବାରୁ ନିଃଶ୍ୱାସ ନେବାକୁ କଷ୍ଟ ହେଉନଥିଲା କିନ୍ତୁ ଦେହରୁ ବିଷୁବମଣ୍ଡଳୀୟ ବାତାବରଣ ହେତୁ ଗମଗମ ଝାଳ ବାହାରୁଥିଲା । ଅସୀମ ଦୁଇଟା ବଡ ଗଛର ମୋଟ ଗଣ୍ଡିଦେଇ ଜଙ୍ଗଲକୁ ଅନାଇଲେ । ଏତେ ଗଛ, ତା'ପରେ ଲଟା ସବୁ ମାଡିଯାଇଛି । ଏଠି ବେତସବୁ କ'ଣ ପାଇଁ ବଡ ଗଛକୁ ଚଢିଯାଆନ୍ତି କେଜାଣି ? ଲହଲହକା, ଆଉ ଟାଣ । ବୋଧହୁଏ ସେଇଥି ପାଇଁ ସବୁ ଜନଜାତି ବେତକୁ ନିଜକାମରେ ଲଗାନ୍ତି । ଟିକିଏ ଦୂରରୁ ଜଙ୍ଗଲର ସବୁଜିମା ନେସି ହେଲାପରି ଲାଗୁଛି, ବେଶି ରଙ୍ଗ ହୋଇଗଲେ ବୋଧେ ଦୂରରୁ ଗୋଟିଏ ରଙ୍ଗକୁ ଠିକ ଚିହ୍ନି ହୁଏନା । ଅସୀମ ଶର୍ବରୀଙ୍କୁ ଅନାଇଲେ ।

ଶର୍ବରୀ ସେତେବେଳକୁ ଏକ ଗୁଆ ବସ୍ତା ଉପରେ ବସିଥିଲେ । ଏମିତି ବି ଫିଲ୍ମଷ୍ଟାରଙ୍କ ଭଳି ଷ୍ଟାଇଲିଶ ଆଉ ସୁନ୍ଦରୀ ନହେଲେ ବି ବେଶ ସୁନ୍ଦରୀ ଝିଅଟିଏ ଶର୍ବରୀ। ଗୋରୀ ଝିଅଟିର

ISSN NO.
2582-208X

ମୁଣ୍ଡରେ ପୁଅଙ୍କ ଭଳି ଛୋଟ ଛୋଟ ବାଳ, କିନ୍ତୁ ବେଶ ଗୋଛାଏ ବାଳ ଥିଲା । ଦେହରେ ଏକ ନୀଳ ରଙ୍ଗର ଟି ଶାର୍ଟ ଆଉ ଗୋଡରେ ଏକ ଲମ୍ବା ପ୍ୟାଣ୍ଟ । ଏକ ସ୍ମାର୍ଟ ଗବେଷିକା ଭଳି ଲମ୍ବା ହ୍ୟାଟ ବା କଳା ଚଷମା, ହାତରେ ବାଇନୋକୁଲାର ଆଦି କେତେ ଯନ୍ତ୍ରପାତି, ସେମିତି କିଛି ଶର୍ବରୀଙ୍କ ପାଖରେ ନଥିଲା । ଗୋଡରେ ଏକ ସାଧାରଣ ଚପଲ ଥିଲା । ଅସୀମଙ୍କ ମନରେ ଗବେଷିକାମାନଙ୍କ ଉପରେ ଏମିତି କିଛି ଧାରଣା ଥିଲା । ସେମାନେ ନିଜର ବିଶ୍ୱବିଦ୍ୟାଳୟର ଚାକଚକ୍ୟକୁ ଫିଲଡକୁ ନେଇଆସନ୍ତି, ଆଉ ତରୁଣୀ ହୋଇଥିବାରୁ ନିଜକୁ ବେଶି ଆଡଭେଞ୍ଚରିଅସ ଦେଖାଇବା ପାଇଁ କେତେ ଯେ ନୂଆ ନୂଆ ପୋଷାକମାନ ନିଜେ ଉଦ୍ଭାବନ କରିଥାନ୍ତି ତା'ର ଠିକଣା ନଥାଏ । କିନ୍ତୁ ଶର୍ବରୀଙ୍କ ପାଖରେ ସେମିତି କିଛି ରୂପ ଭେକ ନଥିଲା । ଏକ ସାଧାରଣ ତରୁଣୀ, ଆଉ ସେ ଜଙ୍ଗଲୀ ଶୋମ୍ପେନମାନଙ୍କ ପାଖରେ ବସିଯାଇଛନ୍ତି ।

ଶର୍ବରୀଙ୍କ ଆଖି ପାଖରେ ଏକ ଶୋମ୍ପେନ ଉପରେ କେନ୍ଦ୍ରିତ ଥିଲା । ଶୋମ୍ପେନ ଲୋକଟିର ହାତରେ ଏକ ଲମ୍ବା ବାଡି, ଅଣ୍ଟାରେ କିଛି କପଡା ଆଉ ଦେହ ଖାଲି ଥିଲା । ନିକୋବର ଦ୍ୱୀପପୁଞ୍ଜର ମଙ୍ଗୋଲଏଡ ଟ୍ରାଇବାଲ ଗ୍ରୁପ ହେତୁ ମୁଣ୍ଡରେ ସିଧା ଲମ୍ବା ବାଳ, କିନ୍ତୁ କାନ୍ଧ ଉପରକୁ ସାଇଜ କରି କଟାଯାଇଛି । ତା' ଦେହରେ ମାଂସପେଶୀ ସାମାନ୍ୟ ଫୁଟିଉଠୁଛି । ଏଇଟା ଜଙ୍ଗଲରେ ଶିକାର ପଛରେ ଦୌଡି ଆଉ ପାହାଡ ଚଢିଚଢି ହୋଇଥିବ । ଶର୍ବରୀଙ୍କ ମୁହଁରେ ସାମାନ୍ୟ ହସ ଭରିଥିଲା ଆଉ କଥା ନରମ ମଧୁର ଥିଲା । ସେ ଶୋମ୍ପେନ ଲୋକଟିକୁ ଅତି ସହଜ ଭାବରେ ବୁଝାଇବାକୁ ଚେଷ୍ଟା କରୁଥିଲେ । ଖଣ୍ଟି ହିନ୍ଦୀ ଥିଲା କଥାବାର୍ତ୍ତାର ମାଧ୍ୟମ । ବୋଧେ ଶର୍ବରୀ ଲୋକମାନଙ୍କୁ ଆଗରୁ ଜାଣିଥିବେ କିମ୍ବା ସେମାନଙ୍କ ଅଂଚଳ ବିଷୟରେ କିଛି ଜ୍ଞାନ ଥିବ । ତାଙ୍କର ଆଗରୁ କହିବା ହିସାବରେ ଏପଟେ ତିନିଟା ଶୋମ୍ପେନ ହଟ୍ ଥିଲା । ଶୋମ୍ପେନମାନେ କିଛି ଗୁଆ ଏକ ବସ୍ତାରେ ବୋହିକରି ଆଣିଥିଲେ । ସେଇଟା ନିକୋବରୀଙ୍କ ସହ ବଦଳାଇ କିଛି ଅଲଗା ଘରକରଣା ଜିନିଷ ନେବେ ।

"ଶୁଖା ନେଇକରି ଆସିବ ?"

ସେ ଶୋମ୍ପେନଟା କ'ଣ ବୁଝିଲା କେଜାଣି ? ତା' ମୁହଁ ଟିକିଏ ବିଚିକିଟିଆ ହୋଇଗଲା ଆଉ ସେ ଶର୍ବରୀଙ୍କ ଗୋଡରୁ ଚପଲ ଛଡାଉଥିଲା । ଅସୀମ କ'ଣ କରିବେ ବୁଝିପାରିଲେ ନାହିଁ।

ISSN NO.
2582-208X

ଶର୍ବରୀ ସାମାନ୍ୟ ଯନ୍ତ୍ରଣାରେ ଓଃ, ଓଃ କରିଉଠିଲେ । ଏବେ ତାଙ୍କର ଡାହାଣ ଗୋଡର ଚପଲ ଶୋମ୍ପେନ ଲୋକଟିର ହାତରେ ଥିଲା ଆଉ ତଳେ ଶୁଖିଲା ପତ୍ରସବୁ ବିଞ୍ଛିହୋଇ ପଡିଥିଲା । ଏମିତି ଛଡାଛଡି ଦେଖି ତାଙ୍କ ପଛରେ ଥିବା ଶୋମ୍ପେନ ଟିକେ ହସୁଥିଲା । ତା' ଦାନ୍ତସବୁ କଳା ପଡିଯାଇଥିଲା । ଏମିତି କଳା ଦାନ୍ତ, କଳା ଜିଭ ଥିବା ଲୋକ ପାଟି ଖୋଲିଲେ ମୁହଁଟା ସାପ ପାଟି ପରି ଲାଗନ୍ତା । ଅସୀମ ଭାବିଲେ ଏ କି ଘଟଣା ? ଏତେ ଲୋକଙ୍କ ଆଗରେ ଶୋମ୍ପେନ ଏକ ମହିଳାଙ୍କ ସହ ଏମିତି କି ବ୍ୟବହାର କରୁଛି ? ଚପଲ ଛଡାଇ ନେଇଥିବା ଲୋକଟା ଚପଲକୁ ହାତରେ ନେଇ ଭଲଭାବେ ଅନାଇଲା । ତା'ପରେ ତଳେ ପକାଇ ନିଜ ଗୋଡ ଭିତରେ ପୁରାଇଲା । ନିଜ ଗୋଡରେ ଏହା ଫିଟ ହେଉଛି କି ନାହିଁ ଦେଖିଲା । ଶର୍ବରୀ ଏମାଇ, ଏମାଇ ବୋଲି କିଛି କହୁଥାନ୍ତି । ଏଇ ଶବ୍ଦର ଅର୍ଥ କ'ଣ ଅସୀମ ବୁଝିପାରିଲେ ନାହିଁ । କିନ୍ତୁ ତାଙ୍କୁ ଏତିକି ଶୁଣାଗଲା ।

ତାପରେ ଶର୍ବରୀ ନିଜ ଗୋଡକୁ ଦେଖାଇଲେ । ତାଙ୍କ ଗୋଡରେ ବୋଧେ ସାମାନ୍ୟ ଖଣ୍ଡିଆ ଥିଲା । ସେ ଶୋମ୍ପେନ ଭାଷାରେ କ'ଣ କହୁଥିଲେ । ସେଥିରେ ଶେଷରେ 'ଦିଦି' ଶବ୍ଦ ଥିଲା । ସେଇଟା ଅସୀମ ବୁଝିପାରିଲେ । 'ଦିଦି' ଅର୍ଥ ବଡ ଭଉଣୀ । ବଡ ଭଉଣୀର କିଛି ଅସୁବିଧା ହେଉଛି । ଶୋମ୍ପେନଟା ଦିଦିଙ୍କର ଗୋଡକୁ ଅନାଇଲା । ଶର୍ବରୀଙ୍କର ସୁଗଠିତ ଗୋରା ଗୋଡ ପାଦ ବଳାଗଣ୍ଠି ଯାଏ ଦେଖାଯାଉଥିଲା । ସେ ଶୋମ୍ପେନକୁ ନରମ ଭାବରେ, ଏକଦମ ନରାଗି କିଛି ବୁଝାଇବାକୁ ଚେଷ୍ଟା କରୁଥିଲେ ଆଉ ଲୋକଟି ତଳେ ବସି ତାଙ୍କ କଥା ବୁଝିବାକୁ ଚେଷ୍ଟା କରୁଥିଲା । ସେ ଶୋମ୍ପେନକୁ 'ଦବାଇ' 'ଦବାଇ' କହୁଥିଲେ । ଅସୀମ ସେମାନଙ୍କ କଥା ପ୍ରାୟ କିଛି ବୁଝୁନଥିଲେ । କିନ୍ତୁ ମଝିରେ ମଝୀରେ କିଛି ହିନ୍ଦି ଶବ୍ଦ ବୁଝିପାରୁଥିଲେ । ଶର୍ବରୀ ସେମିତି ବୁଝାଇ, ହାତରେ କିଛି ଭଙ୍ଗୀ କରି କିଛି 'ଲମ୍ବା', 'ଲମ୍ବା' ଶବ୍ଦ କହୁଥିଲେ । ଆର ଶୋମ୍ପେନଜଣଙ୍କ ଶର୍ବରୀଙ୍କ ପାଖରେ ଗୁଆବସ୍ଥା ଉପରେ ଶର୍ବରୀଙ୍କ ଦେହକୁ ଲାଗିକରି ବସିଲା । ସେ ଏମାନଙ୍କ କଥାରେ ଧ୍ୟାନ ଦେଉନଥିଲା ଭଳି ଲାଗୁଥିଲା । କିନ୍ତୁ ତଳେ ବସିଥିବା ଶୋମ୍ପେନ କ'ଣ ପାଇଁ ଅବୁଝା ହେଉଥିଲା କେଜାଣି ? ତା'ପରେ ଶର୍ବରୀ ଦୁଇ ପାପୁଲି ଦେଖାଇ ଦଶ ସଂଖ୍ୟା କହୁଥିଲା ଭଳି ଲାଗିଲା ।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ହେ ରାତ୍ରୀ !



ଇଂ. ସୁଶାନ୍ତ କିଶୋର ବଳ

*ଦିବସର ଘନ ବ୍ୟସ୍ତତା ଭିତରେ*
*ଆମେ ଯେବେ ହୋଇଯାଉ ରୁଂଧି.*
*ସମସ୍ୟାର କଠୋର ବେଡି ଭିତରେ*
*ଆମେ ହୋଇ ଯାଇଥାଉ ଛଂଦି .*
*ରକ୍ତ ଆମର ଧମନୀ ଭିତରେ*
*ତୀବ୍ର ବେଗରେ କରୁଥାଏ ଗତି .*
*ହୃଦୟର ଶବ୍ଦ ବେଗେ ଶୁଭାଯାଉଥାଏ*
*ଥକ୍କାଳିଆ ଲାଗେ 'ଭାରୀ' ମନ .*
*ମାଂସପେଶୀଗୁଡା ଉତକ୍ଷିପ୍ତ ଥାନ୍ତି*
*ଦରକାର ଥାଏ କାର୍ଯବହୁଳତାରୁ*
*ଟିକିଏ ଜରୁରି ଆରାମ, ବିରାମ .*
*ସୂର୍ଯ୍ୟ ନଇଂଗଲେ ଦିଗବଳୟ ତଳେ*
*ଆସେ ଝାପସା ଅସ୍ୱଷ୍ଟ ଗୋଧୂଳିବେଳା*
*ଖେତ, ଖଲିୟାନରେ ଆକଂଠ ଭୁକ୍ଷି *
*ଗୃହେ ବାହୁଡନ୍ତି ଗୋଗଷ୍ଠ ଗୋଧନ*
*ଜନେ ଫେରୁଥାନ୍ତି ନିଜ କାମସାରି*
*ସଂଜବତୀ କରେ ତାଂକ ଅଭିନଂଦନ.*
*ଛାଏ ଅଂଧକାର ଧରିତ୍ରୀ ଛାତିରେ*

ISSN NO.
2582-208X

*ବହୁଥାଏ ମଂଦମଂଦ ସମୀରଣ .*
*ଦିବସଯାକର ଧାରା ବିବରଣୀ*
*ଘଟଣା, ଦୂର୍ଘଟଣା, ଖଟାମିଠା କଥା*
*ବିଶଦେ ବଖାଣୁଥାନ୍ତି ଗୃହସ୍ୱାମୀ .*
*ଠିଆହୋଇ ପାଶେ ମନଧ୍ୟାନ*
*ଦେଇ ଶୁଣୁଥାନ୍ତି ଗୃହଲକ୍ଷ୍ମୀ .*
*ଝିଡିକି ବାହାରେ ଛାଇ ରହିଥାଏ*
*ନୀରବେ,ଶାନ୍ତେ ଘନକୃଷ୍ଣକାୟ ତିମିର .*
*ଧରିତ୍ରୀ ଶାନ୍ତ ଲତାପତ୍ର ଶାନ୍ତ*
*ଅଂଧକାର କରେ ଅଖଣ୍ଡେ ରାଜତ୍ୱ.*
*ସୁଂଦର ସପନେ ହଜିଯାଇଥାନ୍ତି*
*ପୂରା ଧରିତ୍ରୀର ସାରା ମନୁଷ୍ୟ .*
*ଜଂକି ମାରୁଥାଏ ଗଗନେ ଚଂଦ୍ର*
*ଢାଳିଦେଇଥାଏ ଅକୁଂଠେ ଜୋଛନା.*
*ଏଇ ଜୋଛନାକୁ ଦେଖି କବି, ଭାବୁକ*
*ରଚିଥାନ୍ତି ତାଂକ ମନର ଆବେଗ*
*ଚଂଦ୍ର ଚକୋରୀର କାହାଣି ଲେଖି*
*ପ୍ରେମର କରନ୍ତି ରଂଗ ବର୍ଣନା .*
*ପ୍ରେମତ ଅଟଇ ଉତ୍କୃଷ୍ଟ ସମ୍ଭାର*
*ପ୍ରେମ ବିହୀନେ ଜୀବନ ନୀରର୍ଥକ .*
*ପ୍ରେମ ରଚିଥାଏ ଜୀବନର ସଂଗୀତ*
*ଜୀବନକୁ କରେ ରୁଚିର, ମନୋଗ୍ୟ .*
*ମନୁଷ୍ୟ ଚରିତ୍ର ବଦଳିଯାଇଥାଏ*
*ଅନୁକମ୍ପା,କରୁଣା, ନମ୍ରତା ପରିବେଷ୍ଟିତେ*
*ମନୁଷ୍ୟ ହୁଅଇ ସୁଭଦ୍ର, ସୁଂଦର .*
*ଦୂରିଯାଇଥାଏ କଟୁତା, ତିକ୍ତତା*
*ମନେ ପ୍ରବାହିତ ହୁଏ ପ୍ରେମଶୀଳତା.*

ISSN NO.
2582-208X

*ପ୍ରେମ ଅଟେଏକ ଅନନ୍ୟ ସୌଂଦର୍ଯ୍ୟ*
*ଅଛି ତାର ନିଜସ୍ୱ ଭାଷା,ପରିଭାଷା*
*ଗରିବ, ଧନୀକ ଗ୍ୟାନୀ ନୀରଖ୍ୟର*
*ସଭିଏଂ ବୁଝନ୍ତି ଅନାୟାସେ ସେ ଭାଷା .*
*ବିନା ବ୍ୟାକରଣ, ବିନା ଗଣିତେ*
*ବିନା ହଳନ୍ତ, ବିସର୍ଗ,ସଂଧିବିଚ୍ଛେଦେ*
*ବିନା ପୂର୍ଣଚ୍ଛେଦ ବିନା ଚଂଦ୍ରବିଂଦୁ,*
*ବିନା ଗ୍ୟାନ, ବିଗ୍ୟାନର ଗୁଢତତ୍ୱ .*
*ଫିରଭି ସେ ଭାଷା ଏତେ ସଶକ୍ତ*
*ଏତେ ଅପରିସୀମ ଏତେ ଅମୋଘ.*
*ଦୁଇ ତଟିନୀର ମିଳନେ ଯେପରି*
*ପ୍ଳାବିତ ହୁଏ, ଜଳାର୍ଣବ ହୁଏ*
*ପୁରା ଆସପାଶ ଖଣ୍ଡ, ଭୂଖଣ୍ଡ .*
*ଠିକ ଅନୁରୂପେ ଦୁଇଆତ୍ମାର ମିଳନେ*
*ହୁଲୁସ୍ଥୁଲ ହୁଏ ଧରିତ୍ରୀ, ଆକାଶ .*
*ଜାତି, ଧର୍ମ, ବର୍ଣ, ଯୋଗ୍ୟତା, ଐଶର୍ଯ୍ୟ*
*ଫିକାପଡିଯାଇ ଥାଏ କେଉଂ ଦୂରକୋଣେ.*
*ରାତ୍ରୀ ନେଇଥାଏ ସେହି ରାଇଜକୁ*
*ଯେଉଂଠାରେ ଖାଲି ପ୍ରେମହି ପ୍ରେମ .*
*ପ୍ରେମୀ, ପ୍ରେମୀକ ଯୁଗଳ ବିଚରିଥାନ୍ତି*
*ମନ ହରଷେ ହୃଦ ସରସେ*
*ଠିକ ଯେପରି ପୁଷ୍କରଣୀ ବଖ୍ୟେ*
*କାକଳୀଦେଇ ତରୁଥାନ୍ତି ହଂସହଂସିନୀ.*
*ହେରାତ୍ରୀ ତୁମକୁ ସୃଷ୍ଟିକରିଛନ୍ତି ଇଶ୍ୱର !*
*ଏହି ମହନୀୟ ଉଦେଶ୍ୟେ ବିଶେଷେ .*
*ନଥାଉ ପଛେକେ ପ୍ରଖର ଜଳନ୍ମୟ ରଶ୍ମୀ*
*ଶାନ୍ତ, ସ୍ନିଗ୍ଧ ତମ ଅପଘନ !*

ISSN NO.
2582-208X

*ଆକର୍ଷଣେ ଭରା ମୁହୂର୍ତ୍ତ ତମର,*
*ନୀରବେ ତୁମର କାର୍ଯ୍ୟକୌଶଳ .*
*ତମେ ଶାନ୍ତ ତମେ ଅଲୌକିକ*
*ତମେ ଐଶ୍ବରିକ ତମେ ଅନୁପମ*
*ଅଂଧକାର ହି ତବ ଅମୋଘ ଆୟୁଧ .*
*ସେଇହି ତମର ପରମ ଶକତି.*
*ସେହିହିଁ ତମର ଉର୍ଦ୍ଧ୍ୱଶୀଳତା .*
*ସେହି ରଶ୍ମୀରେ ଥାଏ ମାନବିକତା .*
*ସେଇ ଅଂଧକାରେହିଁ ହୁଏ ଦୁଇ*
*ଆତ୍ମାର ମିଳନ ଯାହା ଦିବସେ*
*ନହୁଏ ସମ୍ଭବ, ନାଁ ଥାଏ ସମୟ .*

*ହେ ରାତ୍ରୀ ତମେ ନିତ୍ୟ ଆସନା ଏଠି !*
*କରିବୁ ତୁମକୁ ଅବିର ଚଂଦନେ*
*ପୁଷ୍ପମାଲ୍ୟେ ସାଦର ଅଭିନଂଦନ !*

କଟକ

ISSN NO.
2582-208X

# ମୁଁ ତୁମକୁ ଭଲ ପାଏନା!



ପ୍ରଣତୀ ରଥ

ମୁଁ,
ମୁଁ ତୁମକୁ ଭଲ ପାଏନା!
ସେଥି ପାଇଁ ତ ସବୁବେଳେ
ତୁମ କଥା ମନେ ପଡେ
ହଜିଯାଇଥିବା ଦିନ ଗୁଡିକ
ସ୍ମୃତି ପଟଳରେ ଝଲ ଝଲ ହୋଇ
ଝଲସି ଉଠୁଥାଏ ।

ଡାଇରୀ ଖୋଲୁ ଖୋଲୁ
କବିତାର ପ୍ରତିଟି ଧାଡିରେ
ତୁମ ଚରିତ୍ରକୁ
ଯେଭଳି ଭାବରେ ଆଙ୍କି ନେଇଥିଲି
ଆଜିବି ସେଇ ଚରିତ୍ର ଜୀବନ୍ତ ହୋଇ
ସାମ୍ନାରେ ଛିଡା ହୋଇଯାଏ ।

ମୁଁ ତୁମକୁ ଭଲ ପାଏନା
ସେଥିପାଇଁ ତ
ମନରେ କହ ଉଠୁଥିଲେ ବି
ଆଖିରେ ଲୁହ ଆସିବାକୁ ଦିଏନା,
ଆଖିରେ ଆଖିଏ ସ୍ୱପ୍ନ ନେଇ
ଦିନ, ରାତି, ଛଡେଇ ନେଇଥିବା ସମୟ
ଅସମ୍ଭବକୁ ସମ୍ଭବ କରିବାକୁ ଚାହେଁ ।

ମୁଁ ତୁମକୁ ଭଲ ପାଏନା
ସେଥିପାଇଁ ତ
ଆଇନା ସାମ୍ନାରେ ଛିଡା ହେଉ ହେଉ
ନିଜ ଛବି ବଦଳରେ
ତୁମ ଛବି ଦେଖେ,
ଆଳତୀ ସମୟରେ
ହାତ ଯୋଡି ତୁମ ପାଇଁ ମଙ୍ଗଳ ମନାସି
ଥାଏ ।

ସୁନ୍ ସାନ୍ ରାସ୍ତାରେ
ଏକା ଏକା ପାଗଳି ପରି ବୁଲେ
ଆଲୁଅକୁ ଦୂର କରି
ଅନ୍ଧାରକୁ ଆପଣେଇ ନିଏ ।

ISSN NO.
2582-208X

ମୁଁ ତୁମକୁ ଭଲ ପାଏନା
ସେଥିପାଇଁ ତ
ଏଇ ଗଲା ରାତିର କଥା
ଘରକାନ୍ଥ ସାଥିରେ ଖୁବ୍ ଆଳାପ କରିଛି,

ଆକାଶକୁ ଅନେଇ
ଜହ୍ନକୁ ଅନେକ ଥର
ପଚାରି ବୁଝିଛି
ସବୁ ଠିକ୍ ତ?

ଏଇ ସବୁ ଭିତରେ ବି
ମୁଁ ତୁମକୁ ଭଲପାଏନା
ଏଇ ଶବ୍ଦଟି ମନକୁ ଖୁବ୍ ଆଶ୍ୱସ୍ତି ଦିଏ,

ତୁମେ ବୁଝିସାରିଛ
ମୁଁ ନିଜକୁ ସଦାବେଳେ କହେସିନା
ହେଲେ,
ଆଜିବି ଏଇ ଶବ୍ଦଟିକୁ ଗ୍ରହଣ କରିପାରେନା
ମୁଁ ତୁମକୁ ଭଲ ପାଏନା!
ମୁଁ ତୁମକୁ ଭଲ ପାଏନା !

ରାଉରକେଲା, ସୁନ୍ଦରଗଡ

ISSN NO.
2582-208X

# ସଂହତି



ଶଶଧର ମହାପାତ୍ର

ମୋ' ଜୀବନରେ ଘଟିଥିବା ଏ' ଏକ ବିରାଟ ଘଟଣା । ଅଙ୍ଗେ ନିଭେଇଥିବା ଏକ ଘଟଣା । କହିବାକୁ ଟିକିଏ ଲାଜ ଲାଗୁଛି । କିନ୍ତୁ, ମୋ' ମତରେ ସମସ୍ତଙ୍କପାଇଁ ଏ' ଏକ ଶିକ୍ଷଣୀୟ ବିଷୟ ବସ୍ତୁ । ତେବେ ଆସନ୍ତୁ, ଶୁଣିବେ ମୋ' କଥା ।

ବନ୍ଧୁଗଣ ! ମୋ' ଜୀବନରେ ମୁଁ ଅନେକ ଥର ମୃତ୍ୟୁ ସହ ସାମନା ସାମନି ହେଇଛି । ମୃତ୍ୟୁକୁ ଖୁବ୍ ପାଖରେ ଦେଖିଛି, କିନ୍ତୁ, ହାତଛଡା ହେଇଛି, ତାକୁ ଠକି ଦେଇ ଆସିଛି । ସେଥିପାଇଁ ମୁଁ ଭଗବାନଙ୍କ ନିକଟରେ ଋଣୀ । ମୋତେ ଲାଗେ ଏତେ ଶୀଘ୍ର, ମୋ'ର ସେ' କଞ୍ଚା ବୟସରେ ବୋଧହୁଏ ଭଗବାନ ଉପରକୁ ନେବାପାଇଁ ଚାହିଁ ନଥିଲେ । ଜମଦଣ୍ଡ ଭୋଗିବାକୁ କିଛି ସମୟ ବାକି ଥିଲା । ସ୍ୱୟଂ ଜମରାଜ ଆସିଥିଲେ, ଦେଖିଥିଲେ, ନିରାଶ ହେଇ ଫେରିଯାଇଥିଲେ । ସେଥିପାଇଁ ତାଙ୍କ ନିକଟରେ ମୁଁ ମଧ୍ୟ ଋଣୀ । ତାଙ୍କୁ ଏ' ଅଧମର କୋଟି କୋଟି ପ୍ରଣାମ ।

୧୯୭୬ ମସିହା । ମୁଁ ସେତେବେଳେ ବାଣୀବିହାରରେ "ପଦାର୍ଥ ବିଜ୍ଞାନ' ଡିପାର୍ଟମେଣ୍ଟରେ ଏମ୍.ଏସ୍.ସି. ଶେଷ ବର୍ଷର ଛାତ୍ର । ବାଣୀବିହାରରେ ଦ୍ୱିତୀୟ ଛାତ୍ରାବାସରେ ରହୁଥାଏ । ହଷ୍ଟେଲ ପିକ୍‌ନିକ୍ ରେ ଭଟାରିକା ଯାଇଥାଉ । ଦୁଇଟି ବସ୍ ରେ ହଷ୍ଟେଲର ସମସ୍ତ ଛାତ୍ର ଯାଇଥିଲୁ । ଆମ ହଷ୍ଟେଲରେ ଅଧିକାଂଶ ପିଲା ଜଗତସିଂହପୁର, ପୁରୀ ଓ ଯାଜପୁର ଅଞ୍ଚଳରୁ ଥିଲେ । ବସ୍‌ଯାଇ ଭଟାରିକାରେ ପହଞ୍ଚିଲା । ପାଖରେ ବିସ୍ତୃତ ମହାନଦୀ । ନଈ କୂଳରେ ମା' ଭଟାରିକା ଠାକୁରାଣୀଙ୍କର ଗୋଟିଏ ଛୋଟିଆ ମନ୍ଦିର । ସୁନ୍ଦର ପରିବେଶ ।

ISSN NO.
2582-208X

ଆମେ ସମସ୍ତେ ନଈରେ ପହଁରିବାକୁ ଚାଲିଲୁ । ବାଜି ପଡିଲା ଯେ ଯେଉଁ ଅଞ୍ଚଳର ପିଲା ବେଶି ବାଟ ପହଁରି ଯିବ ସିଏ ଜିତିବ । ଜଗତସିଂହପୁର ସାଙ୍ଗମାନେ ବେଶିବାଟ ନଯାଇ କୂଳ ପାଖରେ ପହଁରୁଥାନ୍ତି । ପୁରୀ ସାଙ୍ଗମାନେ ଆଉ ଟିକିଏ ଦୂରକୁ ଯାଇଥାନ୍ତି କାରଣ ପୁରୀ ସମୁଦ୍ରରେ ସେମାନଙ୍କର ପହଁରିବାର ଅଭ୍ୟାସ ଥିଲା । ମୁଁ, ମୋ'ର କ୍ଲାସ୍‌ମେଟ୍ "ମୋହନ ଦାଶ" ଓ ଆମର ଜଣେ ସାଙ୍ଗ "ଗୀତାପତି ମହାନ୍ତି" ଯିଏକି ଷ୍ଟାଟିଷ୍ଟିକ୍ସରେ ପିଜି କରୁଥିଲେ, ଆମେ ତିନି ଯାଜପୁର ବନ୍ଧୁ ନିଜ ବାହାଦୂରୀ ଦେଖେଇବାପାଇଁ ପହଁରି ପହଁରି ବହୁତ ବାଟ ଚାଲିଗଲୁ । ବାହାଦୁରୀ ଦେଖେଇ ଚାଲିଗଲୁ ସିନା କିନ୍ତୁ ଫେରିବାକୁ ଯେ ପଡିବ ଓ ଫେରିଲାବେଳକୁ ବେଶୀ ହାଲିଆ ହେଇଯାଇଥିବୁ ସେ' କଥା ଭୁଲିଯାଇଥିଲୁ । ବାସ୍ତବରେ ଗୋଡ, ହାତ ସେତେବେଳକୁ ଭାରି ହାଲିଆ ହେଲାଣି । ଯେଉଁମାନେ ଗଛ ଚଢେଇ ଦେଇଥିଲେ ସେମାନେ ଥିଲେ ବହୁତ ଦୂରରେ । ପାଟି କଲେବି କୂଳକୁ ଶୁଭିବନି । ମୁଁ ଭାବିଲି ବଞ୍ଚିବାର ଆଉ ରାହା ନାହିଁ । ତିନି ଜଣ ବନ୍ଧୁଙ୍କର ସେହି ଏକା ଅବସ୍ଥା ।ପାଣି ପିଇଗଲେ ଅବସ୍ଥା ଖରାପ ହେବ, ମରିବା ସୁନିଶ୍ଚିତ । ସବୁବେଳେ ହାତ ଗୋଡ ଛାଟି ଭାସିବା ଦରକାର । କିନ୍ତୁ, ଦେହରେ ସେତେବେଳକୁ ଆଉ ଶକ୍ତି ନଥିଲା । ଶେଷରେ ଗୋଟିଏ ବୁଦ୍ଧିପାଞ୍ଚି ଡକା ଡକି ହୋଇ ମୋହନ, ଗୀତାପତି ଓ ମୁଁ ତିନି ସାଙ୍ଗ ଏକାଠି ହେଲୁ। ସିଦ୍ଧାନ୍ତ କଲୁ ଯେ ଦୁଇଜଣ ପହଁରିବେ ଓ ଅନ୍ୟଜଣକୁ ଟାଣିବେ । ସେଇଆ କଲୁ । ଏମିତି ଅଦଳ ବଦଳ କରି କୂଳରେ ପହଞ୍ଚିଲା ବେଳକୁ ଅନେକ ସମୟ ହେଇଯାଇଥାଏ । ସେତେବେଳକୁ କୂଳରେ କେହି ନଥାନ୍ତି । ସେମାନେ ଭାବୁଥିଲେ ଯେ ଆମେ ଖୁସିରେ ବୋଧହୁଏ ପହଁରୁଛୁ । ଆମ ଯେ ମୃତ୍ୟୁ ସହିତ ସଂଗ୍ରାମ କରୁଥିଲୁ ସେ' କଥା ସେତେବେଳେ ସେମାନେ ଜାଣି ନଥିଲେ । କୂଳରେ ପହଞ୍ଚିଲାବେଳକୁ ଜୀବନ ପ୍ରାୟ ନଥିଲା, ଏକରକମର ଦରମଲା ହେଇଯାଇଥାଉ । ଭାଗ୍ୟ ଆମର ଭଲ ଯେ ଆମେ ସେଦିନ ବଞ୍ଚିଗଲୁ ।

ଆମେ ଯଦି ଡକା ଡକି ନହୋଇ, ଏକାଠି ନହୋଇ ଏ' ପଦକ୍ଷେପ ନନେଇଥାନ୍ତୁ ତେବେ ତିନିଜଣ ବାଣୀବିହାର ଛାତ୍ରଙ୍କର ସଲୀଳ ସମାଧି ସେ'ଦିନ ନିଶ୍ଚୟ ହେଇଥାନ୍ତା, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଆମରି ଭାଗ୍ୟରେ ବଞ୍ଚିବାକୁ ଥିଲା । ବୋଧହୁଏ ସେଥିପାଇଁ ଭଗବାନ ସେ' ବୁଦ୍ଧି ଆମକୁ ଦେଲେ । ମୋ'ର ମନେ ଅଛି ମା' ଭଟ୍ଟାରିକା ଠାକୁରାଣୀଙ୍କୁ

ISSN NO.
2582-208X

ମୁଣ୍ଡିଆଟିଏ ମାରି ପାଣିକୁ ଡେଇଁଥିଲି ସେଦିନ । ତାଙ୍କରି କରୁଣାବଳରେ ନିଶ୍ଚୟ ବଞ୍ଚିଗଲି ସେ'ଦିନ । ସେ' ମା"ଟିକୁ କୋଟିକୋଟି ପ୍ରଣାମ ।

ତା'ର ଦି' ଦିନ ପରେ ଖବରକାଗଜରେ ବାହାରିଥିଲା ଯେ ଭଟ୍ଟାରିକାରେ ପିକ୍‌ନିକ୍ ରେ ଯାଇ ପହଁରୁଥିଲା ବେଳେ ଦୁଇଜଣ ଇଞ୍ଜିନିୟରିଂ କଲେଜ ଛାତ୍ର ପାଣିରେ ବୁଡି ମରିଗଲେ । ସେମାନଙ୍କର ମୃତ ଦେହ କିଛି ଦୂରରେ ମହାନଦୀ କୂଳରେ ପାଣିରେ ଭାସୁଥିଲା । ସେ' ଖବର ପଢି ସେ'ଦିନ ଦେହଟା ଶିତେଇ ଆସିଥିଲା । ସେମାନଙ୍କ କଥା ଶୁଣି ଦୁଃଖ ଲାଗିଥିଲା । ଏହା ଭିତରେ ଚାଳିଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଗଲାଣି । ସେ'କଥା ଏବେ ମନେ ପଡିଲେ ସାଙ୍ଗ ଦି'ଜଣଙ୍କୁ ଧନ୍ୟବାଦ ଦେବା ସହ ଭଗବାନଙ୍କ ପ୍ରତି ମୁଣ୍ଡ ନଇଁଯାଏ । ଏବେ ପାଣି ଭିତରକୁ ଗଲେ ବହୁତ ଭାବି ଚିନ୍ତି, ବୁଦ୍ଧି ଅକଲ ଖଟେଇ ଯାଉଛି ।

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ପୁନଃଶ୍ଚ



ସସ୍ମିତା ନାୟକ

ପୁନଃଶ୍ଚ ସାଉଁଟି ପାଏନି
ଶ୍ବାସ ଛାଡିଥିବା ବିଶ୍ବାସ ।।
ପୁନଃଶ୍ଚ ଟେକି ହୁଏ ନାହିଁ କପାଳ
ପଲକ ରେ ନାହିଁ ଚମକ ।।
ସ୍ପନ୍ଦନ କବାଟ ଠକ ଠକ ବାଜେ
ଗମ୍ଭୀରରୁ ବାସେ ପାପ ମହକ ।।
ଅପ୍ରାପ୍ୟ ଶୈଶବ ମନେ ଅଭିଳାଷ
ଅଭିଶାପ କୁଆଁରୀ ବୟସ ବାସ ।।
ଦାନବ ମାନବ କୀଟ ପଶୁ ପ୍ରାଣେ
ଉତ୍କଣ୍ଠା ନାମକ ସେ ବାୟୁ ।।
ନାରୀ ପିଣ୍ଡ ପ୍ରାଣେ କଳଙ୍କ କଷଣ
ପୁରୁଷ ପିଣ୍ଡରେ ନାହିଁ କି ସ୍ନାୟୁ ।।।

କାକଟପୁର, ନଇଁଗୁଆଁ, ପୁରୀ

ISSN NO.
2582-208X

# ଶ୍ରୀପାଦେ କୋଟି ପ୍ରଣତି



ପ୍ରଭାତ ନଳିନୀ ସାହୁ

ନରେନ୍ଦ୍ରରେ ଚାପ ଖେଳିଲ ସାଆନ୍ତେ
ସ୍ନାନ କଲ ମଣ୍ଡପରେ,
କର୍ପୂର,ଚନ୍ଦନ ସୁବାସିତ ଜଳେ
ଭାଇ ଭଗିନୀ ସାଥିରେ ।
ଏବେ ଜ୍ୱର କୋପେ ଶ୍ରୀଅଙ୍ଗ କମ୍ପୁଛି
ରହିଲ ଅନବସରେ,
ଫୁଲୁରି ତେଲରେ ଦଇତାପତିଙ୍କ
ସେବା ଚାଲିବ ଗୁପ୍ତରେ ।
ପଣ୍ଡା ପଢ଼ିଆରୀ ବୋଲକୁ ନମାନି
ଜ୍ୱରରେ କମ୍ପୁଛ ଆଜି,
ଫଳମୂଳ ଛେନା ପଣାରେ ରହୁଛ
ତୁଣ୍ଡକୁ ରୁଚୁନି କିଛି ।
କିଆଁ ମନମାନି କରୁଛ ସାଆନ୍ତେ
ମାନୁନ କାହାରି କଥା,
ଅମାନିଆ ହେଇ କି ଲାଭ ପାଉଛ
(ଏବେ ) ଶ୍ରୀଅଙ୍ଗେ ପାଉଛ ବ୍ୟଥା ।
ଦଶ ମୂଳ ଓଷ ମୋଦକ ତିଆରି
କରିଦେବେ ରାଜବୈଦ୍ୟ,
ଦଇତାଙ୍କ କଥା ମାନି ଭୁଞ୍ଜିବ ହେ


ISSN NO.
2582-208X

ଛାଡିବ ଜ୍ୱର ପ୍ରକୋପ,
ଭକ୍ତ ବିନା ରହି ଅଣସର ଗୃହେ
ଦୁଃଖ ହେଉଛି କି ମନେ,
ପନ୍ଦର ଦିନରେ ସୁସ୍ଥ ହୋଇ ପୁଣି
ଆସିବ ନବଯୌବନେ ।
ଭକତ ମେଳରେ କୋଳାକୋଳି ହେବ
ଆସୁଅଛି ଘୋଷଯାତ,
ସଅଳ ସଅଳ ସୁସ୍ଥ ହୋଇଯାଅ
ହେ ପ୍ରଭୁ ଜଗତନାଥ ।
ମାନବୀୟ ଲୀଳା କରୁଛ ସାଆନ୍ତେ
ଏଇ ମର୍ତ୍ତ୍ୟ ବୈକୁଣ୍ଠରେ,
ବ୍ରହ୍ମା,ଶିବ ବୁଝିନାହାଁନ୍ତି ଯାହାକୁ
କି ବୁଝିବୁ ଛାର ନରେ?
ଧନ୍ୟ ମହାପ୍ରଭୁ ଧନ୍ୟ ତୁମ ଲୀଳା
ରଚୁଥାଅ ଧାମେ ନିତି,
ଶ୍ରୀଛନ୍ଦା ପୟରେ ବାନ୍ଧିଦିଅ ମୋତେ
ବାଢୁଛି କୋଟି ପ୍ରଣତି ।

ରାଉରକେଲା

ISSN NO.
2582-208X

# ଓଡ଼ିଆ ଲୋକକଳା



ସୁଲୋଚନା ବେହେରା

ଆହା କାହିଁ ଗଲା ସେହି ଦିନ ଭଲା
କ୍ଲାନ୍ତ ପ୍ରାଣ ହୁଏ ଶାନ୍ତ,
ପାଲା ଦାସକାଠି ଘୋଡ଼ା ନାଚ ଧୁଡକି
ସମୟ ଚକ୍ରରେ ଲୁପ୍ତ।(୧)

ହାସ୍ୟ ରସାତ୍ମକ ତଥ୍ୟ ପୌରାଣିକ
କେତେ ଯେ ଜଣା ଅଜଣା,
ସମାଜର ହିତ ପାଇଁ ସେ ଉଦ୍ଧିଷ୍ଟ
ଜାଗ୍ରତ କରେ ଚେତନା।(୨)

ଶୀତୁଆ ରାତିରେ ବସି ପିଣ୍ଡାପରେ
ଆନନ୍ଦେ ମଗନ ଶ୍ରୋତା,
ନାଟ୍ୟ ଗୀତିନାଟ୍ୟ ପୁରାଣ ସମାଜ
ଐତିହ୍ୟ ବିଷୟ ଗାଥା।(୩)

ମନ ନିଏ କିଣି ପେଟେଣ୍ଟ ମେଡିସିନି
ଡାକ ମୁନିସ୍ ରେବତୀ,
ନା ନା ଉତ୍ସବରେ ଯାନିଯାତ୍ରା ସୁରେ
ନାଚଗୀତ ରଙ୍ଗବତୀ।(୪)

ISSN NO.
2582-208X

ମୁଣ୍ଡପୋତା କେଳା ବାଂଶରାଣୀ ଖେଳ
କେତେ ଢଙ୍ଗେ ଯାଦୁକର,
କଳାର କୌଶଳେ ଉଦରକୁ ଭରେ
ଜୀବନ ଜୀବିକା ତା'ର।(୫)

କଣ୍ଢେଇ ନାଚରେ ଦାଣ୍ଡ ଯେ ଗହଳ
ଗ୍ରାମ ମେଳଣ ରେ ଭିଡ,
ବଗୁଲା ବଗୁଲୀ ରାଜା ରାଣୀ ଯୋଡ଼ି
ଷଣ୍ଢ ଲଢାଲଢି ତୋଡ।(୬)

ନାଗା ନାଚ ଖଣ୍ଡା ବୁଲା ଫରି ଖେଳ
ଛୋଟ ବଡ଼ ଘୋଡା ନାଚ,
ଘଣ୍ଟ ଘଣ୍ଟୁଆଙ୍କ ମନୋରମ ନୃତ୍ୟ
ପଛେ ପଛେ ଗୋପିନାଥ।(୭)

ମନମୁଗ୍ଧକର ଆମ ଲୋକକଳା
ମଣ୍ଡପେ ସଜ୍ଜା ତୋରଣ,
ବିଶ୍ୱକର୍ମା ଦୂର୍ଗା ଲକ୍ଷ୍ମୀ ସରସ୍ୱତୀ
ଗଣେଶ ଚତୁର୍ଥୀ ମାନ।(୮)

ଓଡ଼ିଶା ଉତ୍କୃଷ୍ଟ କଳା ପୁର୍ଣ୍ଣ ରାଜ୍ୟ
ଏହି କେତେ କାରୁକାର୍ଯ୍ୟ,
ସର୍ବେ ସିଦ୍ଧହସ୍ତ ଗୌରବ ମଣ୍ଡିତ
ମାନ୍ୟତା ମିଳେ ନିଧାର୍ଯ୍ୟ।(୯)

ବଇଁଚୁଆ, ଖୋର୍ଦ୍ଧା

ISSN NO.
2582-208X


# କର୍ଣ୍ଣ



ଭାରତୀ ମୁଦୁଲି

ଧର୍ମ ଦେବତା ନାମେ ପରିଚିତ ଅଂଶୁମାନ
ଚମକେ ଧରା ତୀକ୍ଷଣ ରଶ୍ମିରେ ଯା'ର
ତାଙ୍କରି ବରଦାନେ ଆବିର୍ଭାବ ଅଙ୍ଗରାଜ
ତପସ୍ୟାର ଫଳ କୁନ୍ତୀଙ୍କ କୁମାରୀ ଅବସ୍ଥାର ।

ମହାଭାରତର ଶ୍ରେଷ୍ଠ ଯୋଦ୍ଧା ଭାବେ ଗଣା କର୍ଣ୍ଣ
ମହାଦାନୀ ବୋଲି ସେ ଜାଣେ ସାରା ସଂସାର
ବାଲ୍ୟକାଳେ ବୋଲନ୍ତି ବସୁଷେଣ ଓ ରାଧେୟ
ବାହୁବଳ ଓ ସୁନ୍ଦରତା ତାଙ୍କର କେଡେ ମନୋହର ।

ଦିବ୍ୟ କବଚ ଓ କୁଣ୍ଡଳ ଥିଲା ଆଶୀର୍ବାଦ
ମୃତ୍ୟୁ ତାଙ୍କୁ ସ୍ପର୍ଶ କରିବା ଥିଲା କଠିନତର
ପଞ୍ଚୁ ପାଣ୍ଡବଙ୍କର ଜ୍ୟେଷ୍ଠ ଭ୍ରାତା ସେ
କିନ୍ତୁ ବନ୍ଧୁ ଥିଲେ ମହାମାନୀ ଦୁର୍ଯୋଧନଙ୍କର ।

କର୍ଣ୍ଣବଧ ଦିନ ଜାଣିଲେ ନିଜ ମାତାଙ୍କ ପରିଚୟ
ପରିଚୟ ଦେଇନଥିଲେ କେବେ କୁନ୍ତୀ ନିଜର
ଦୁଃଖେ ଭାଙ୍ଗି ପଡିଲେ ଅନୁଜଗଣ ରଣଭୂମୀରେ
ଏକ ବିଚ୍ଛେଦ କାହାଣୀ ଏ ମହାଭାରତ ଯୁଦ୍ଧର ।

ଗବେଷିକା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X


# ଭାଇର ଚନ୍ଦ୍ରପଟ



ଡକ୍ଟର ବିଜ୍ଞାନୀ ଦାସ

ରତିକାନ୍ତ ହସିବ କି କାନ୍ଦିବ କିଛି ବୁଝିପାରିଲାନି । ଏମିତିରେ ତ ତାର କାନ୍ଦିବା ଉଚିତ; କାରଣ ତାର ବଡ ଭାଇ ସୁକାନ୍ତଙ୍କର ଦେହାନ୍ତ ହୋଇଗଲା । ହେଲେ ସେ ଭାଇଙ୍କର ଦେହାନ୍ତ ଏପରି ଭାବେ ହେଲା ଯେ, ସେ କଥା ନିଜ ଘରେ ଜଣେଇବା ପାଇଁ ମଧ୍ୟ ତାକୁ ଖରାପ ଲାଗିଲା । ନନ୍ଦା କଣ ଭାବିବେ ? ତାର ଯେଉଁ ପିଲା ଦୁଇଟି ହାଇସ୍କୁଲରେ ପଢୁଛନ୍ତି, ସେମାନେ କଣ ଏସବୁ ଜାଣିବା ଉଚିତ ? ସେମାନେ କଣ ଜାଣିବା ଉଚିତ ଯେ, ସେମାନଙ୍କର ବଡବାପା ଏମିତି ସବୁ ଅସାମାଜିକ, ଚୋରାଧନ୍ଦା କରୁଥିବା ଏକ ସଂସ୍ଥା ସହିତ ସଂପୃକ୍ତ ଥିଲେ ?

ଭଲ ହୋଇଛି ଯେ ବାପା, ବୋଉ ଏସବୁ ଦେଖିବାକୁ ଜୀବନ ଧରି ରହିନାହାନ୍ତି । ନହେଲେ ଦୁଃଖରେ, ଲଜ୍ଜାରେ, ଅପମାନରେ ସେମାନେ ମଥା ଉଠେଇ ଚାଲିପାରିନଥାନ୍ତେ । ହେଲେ ଭାଇ ଏମିତି ଏକ ସଂସ୍ଥା ସହିତ କାହିଁକି ସଂପୃକ୍ତ ଥିଲେ ? ସିଏ କଣ ସଂସ୍ଥାର ଏ ଦିଗ ବିଷୟରେ କିଛି ଜାଣିନଥିଲେ ? କି ଜାଣିଶୁଣି ନୀରବ ରହିଥିଲେ ? ତାଙ୍କର କଣ ଅଭାବ ଥିଲା ? ରତିକାନ୍ତ ଏ ବିଷୟରେ ଆଗରୁ କେମିତି କିଛି ଆଭାସ ପାଇନଥିଲା ?

ଏକଥା ଖୁଡୀ ଫୋନ୍ କରି ଜଣେଇଥିଲେ । କହିଲେ, "ଭଲ ଯେ ଆମେ ଓଡିଶାରେ ନାହୁଁ । ନହେଲେ ଗାଁରେ କି କଟକ ଘରେ ଥିଲେ ଏବେ ସମସ୍ତଙ୍କ ଛି, ଛାକର ଶୁଣୁଥାନ୍ତୁ । ସୁକାନ୍ତ ଏମିତି କାହିଁକି କଲେ ? ଏତେ ପାଠ ପଢି, ଏତେ ଭଲ ଚାକିରି ଛାଡି ସନ୍ୟାସ ଧର୍ମ

ISSN NO.
2582-208X

ନେଲ। ସମସ୍ତେ ଆମେ ସହି ରହିଥିଲୁ । ପୁଣି ତାଙ୍କ ଭିତରୁ ଜଣେ ସନ୍ୟାସିନୀଙ୍କୁ ବିବାହ କଲ । କଣ ନା, ଏଇଟା ସାତ୍ତ୍ୱିକ, ଧର୍ମ ବିବାହ । ଏଥିରେ କାମନା, ବାସନା ନାହିଁ । ସେସବୁ ଠିକ୍ ଥିଲା । ହେଲେ ଏବେ ଏ କିଳଙ୍କାରୀ । ଭଲ, ତମେ ଆମେରିକାରେ ଅଛ । ଏସବୁଠାରୁ ଦୂରରେ ।'

ରତିକାନ୍ତ କଣ ଆଉ କହିବ ? ଭଲ ହୋଇଛି, ସିଏ ନନ୍ଦାଙ୍କୁ କିଛି ଜଣେଇନାହିଁ । ରତିକାନ୍ତ କିନ୍ତୁ ଜାଣିଛି, ନନ୍ଦା ଏସବୁ ଖୁବ୍‌ଶୀଘ୍ର ଜାଣିଯିବେ । ଆଜିକାଲି ଯେମିତି ଭାବେ ଇଣ୍ଟରନେଟରେ, ଫେସ୍‌ବୁକ୍ ମାଧ୍ୟମରେ ଓ ୟୁ-ଟିଉବ୍ ର ଭିଡିଓ ମାଧ୍ୟମରେ ଖବର ସବୁ ପ୍ରସାରିତ ହେଉଛି, ସେଇଥିରୁ ନନ୍ଦା ତ ନିଶ୍ଚେ ଖବର ପାଇଯିବେ । ଏକଥା ସତ ଯେ, ନନ୍ଦା ଅନ୍ୟ ଦେଶରେ ବଢ଼ିଛନ୍ତି ଓ ଓଡିଶାର କି ଭାରତର ଟିକିନିଖି ଖବର ଉପରେ ତାଙ୍କର ଧ୍ୟାନ ନଥାଏ । ସିଏ ତାଙ୍କ କାମ, ପିଲାଛୁଆ, ସଂସାରରେ ବ୍ୟସ୍ତ । ରତିକାନ୍ତର ବଡ ଭାଇ ସନ୍ୟାସୀ ହୋଇଯାଇଛନ୍ତି ବୋଲି ସିଏ ଶୁଣିଥିଲେ । କିନ୍ତୁ ଏପର୍ଯ୍ୟନ୍ତ ତାଙ୍କୁ ଭେଟିନାହାନ୍ତି । ଯାହାବି ଭେଟିଥାନ୍ତେ, ସେମାନଙ୍କର ଭାରତ ଯିବା ସମୟ ସହିତ ଭାଇଙ୍କ ସଂସ୍ଥାର କାର୍ଯ୍ୟକ୍ରମର ସମୟ ସମାନ୍ତରାଳ ଭାବେ ଚାଲୁଥିଲା । ଏହାପରେ କରୋନାରେ ତ ତିନିବର୍ଷ ବିତିଗଲା । ସେ ସମୟ ଭିତରେ ସେମାନେ ଆଉ ଭାରତ ଯାଇନାହାନ୍ତି । ସୁକାନ୍ତ ଭାଇଙ୍କର କିଛି ସାଙ୍ଗସାଥୀ ଏବେ ଆମେରିକାରେ ରହନ୍ତି । ସେମାନେ ମଝିରେ ମଝିରେ ଜଣେଇଥିଲେ ଯେ ସୁକାନ୍ତ ଭାଇ କୁଆଡେ ପ୍ରବଚନ ଦେବାପାଇଁ ଆମେରିକା ଆସିବାର ଯୋଜନା କରୁଛନ୍ତି ଓ ସେଥିପାଇଁ ସେମାନଙ୍କୁ ଯୋଗାଯୋଗ କରିଛନ୍ତି । ହୁଏତ ରତିକାନ୍ତ ତାଙ୍କୁ ସବୁବେଳେ ବିରୋଧ କରେ ବୋଲି ସିଏ ରତିକାନ୍ତକୁ ସାହସ କରି ଏ ବିଷୟରେ କହିନାହାନ୍ତି । ଏବେ ଭାଇଙ୍କର ସେ ସାଙ୍ଗମାନେ ମଧ୍ୟ ଖବର ପାଇଯିବେଣି ତାଙ୍କ ଦେହାନ୍ତ ବିଷୟରେ । କଣ କରିବା ଉଚିତ୍, କଣ ନ କରିବା, ଏ ବିଷୟରେ ଚିନ୍ତା କରି ମୁଣ୍ଡ ବିନ୍ଧିଲାଣି ।

ଖବର ଥିଲା ଏମିତି । ଉତ୍ତରପ୍ରଦେଶର ଲକ୍ଷ୍ନୌ ସହରର କେଉଁ ଏକ ଆଶ୍ରମରେ ଚଢାଉ କରାଗଲା । ସେତିକି ବେଳେ ଭାଇ ଉତ୍ତରପ୍ରଦେଶ ଯାଇଥିଲେ ପ୍ରବଚନ ଦେବାପାଇଁ । ତାଙ୍କ ସହିତ ଆଉ କିଛି ସନ୍ୟାସୀ ଓ ସନ୍ୟାସିନୀ ମଧ୍ୟ ଥିଲେ। ସେ ଆଶ୍ରମକୁ ସେ ସଂସ୍ଥାର ମୁଖ୍ୟ ଆନନ୍ଦ ମହାରାଜ ମଧ୍ୟ ଆସିଥାନ୍ତି । ମୁଖ୍ୟଙ୍କ ନାମରେ କିଏ ଜଣେ

ISSN NO.
2582-208X

ଆରୋପ ଆଣି ପୋଲିସ୍‌କୁ ଜଣାଇଥିଲା ଓ ପୋଲିସ୍ ସେ ଆଶ୍ରମକୁ ଚଢାଉ କରିଥିଲା । ଆଶ୍ରମରୁ ଅନେକ କିଛି ମାଦକ ଦ୍ରବ୍ୟ, ଗଞ୍ଜେଇ ଓ ବିଦେଶୀ ଡ୍ରଗ୍ସ୍ ମିଳିଲା । ସଂସ୍ଥାର ମୁଖ୍ୟ ଆନନ୍ଦ ମହାରାଜଙ୍କୁ ଆରେଷ୍ଟ କରିବାକୁ ଅର୍ଡର ଆସିଲା । କିନ୍ତୁ ଆଶ୍ରମର ପରିଚାଳକ, ସେ ଗଞ୍ଜେଇ, ଡ୍ରଗ୍ସ୍ ଇତ୍ୟାଦିକୁ ଜାଳିଦେବା ପାଇଁ ଯୋଜନା କରି ସେଥିରେ ନିଆଁ ଲଗେଇ ଦେଇଥିଲେ । ସେ ନିଆଁ ଅଣାୟତ ହୋଇ ବ୍ୟାପିଗଲା । ସୁଡଙ୍ଗ ଦେଇ ଆଶ୍ରମ ମୁଖ୍ୟ ଓ ଅନ୍ୟ ସନ୍ୟାସୀ, ସନ୍ୟାସିନୀ ମାନେ ବାହାରୁ ଥିବା ସମୟରେ ନିଆଁରେ ପୋଡି ହୋଇ କିଛି ଲୋକ ମରିଗଲେ । ସେମାନଙ୍କ ଭିତରେ ଭାଇ ଥିଲେ ।

ହୁଏତ ଘଟଣାଟା ଏତିକି । ହେଲେ ଅନ୍ୟ କେତେକ ବିରୋଧୀ ସଂସ୍ଥାର ବ୍ୟକ୍ତିମାନେ ଏଇ ଆଳରେ ଭାଇଙ୍କ ସଂସ୍ଥାର ଯେତେ ଅବିଗୁଣ ଗାଇବାରେ ଲାଗିଲେ । ସେମାନେ ବିଦେଶୀ ସଂସ୍ଥାରୁ ଅର୍ଥ ଆଣନ୍ତି । ବିଦେଶରୁ ଆସୁଥିବା ସେମାନଙ୍କ ପୃଷ୍ଠପୋଷକ ମାନଙ୍କୁ ନିଶା ଓ ନାରୀ ଯୋଗାନ୍ତି । ଯେତେ ରକମର ଅପକର୍ମ କରି ଅର୍ଥ ରୋଜଗାର କରନ୍ତି । ନହେଲେ ସନ୍ୟାସୀ ହୋଇ ଏତେ ଏତେ ସଂପତ୍ତିର ମାଲିକ କେମିତି ହୋଇଛନ୍ତି ?

ଏସବୁ ଯାହା ହେଲା, ସେଥିରେ ଅତିରଞ୍ଜିତ ହୋଇ ବି କିଛି କଥା ମିଶିଗଲା । ସେସବୁ ତ ଯାହା ହେଲା ହେଲା ସଂସ୍ଥାକୁ ନେଇ, ହେଲେ ଭାଇଙ୍କ ନାମରେ ଯାହା ସବୁ ମିଛ କଥା ଜୋଡି ଦିଆଗଲା, ସେସବୁକୁ ଶୁଣି ରତିକାନ୍ତର ଛାତି ବିଦାରିତ ହେଉଥିଲା, ହୃଦୟ କ୍ରୋଧ ଜର୍ଜରିତ ହେଉଥିଲା ।

ଆଜି ଭଳି ଏକ ସୁନ୍ଦର ଦିନରେ ଏମିତି ସବୁ ଘଟିବାର ଥିଲା । ୨୦୨୩ ମସିହାର, ମେ ମାସ ୫ ତାରିଖ, ଶୁକ୍ରବାରର ଏକ ସୁନ୍ଦର ଅପରାହ୍ନ । ପାଗ ବି ଭଲ ଥାଏ । ଆକାଶ ନିର୍ମଳ ।ରନ୍ୟ ଦିନ ହୋଇଥିଲେ, ଆଜି ଶୀଘ୍ର କାମ ସାରି ରତିକାନ୍ତ ଅଫିସ୍‌ରୁ ଫେରିଥାନ୍ତା। ହେଲେ ସେଦିନ କାମ ସରିବା ପରେ ରତିକାନ୍ତ ନନ୍ଦାଙ୍କୁ ଫୋନ୍ କରି କହିଲା, "ଆଜି ମୁଁ ଟିକେ ଡେରିରେ ଫେରିବି । ତମେ ସମସ୍ତେ ଡିନର୍ ସାରିଦେଇଥିବ । ମୁଁ ଏଠି କିଛି ମଗେଇ ଖାଇନେବି ।'

ISSN NO.
2582-208X

ନନ୍ଦା ଆଶ୍ଚର୍ଯ୍ୟ ହେଲେନି । ରତିକାନ୍ତ ବେଳେବେଳେ କାମ ସାରିବାକୁ ଡେରି ପର୍ଯ୍ୟନ୍ତ ରହିଯାଏ । ତେଣୁ ସିଏ ପିଲାମାନଙ୍କ ସହିତ ଡିନର୍ ସାରିଦେଲେ । ରତିକାନ୍ତ ପାଇଁ ବି ଖାଇବା ଘୋଡେଇ ରଖି ଅନ୍ୟ ସବୁ ଫ୍ରିଜ୍ ଭିତରେ ସାଇତି ରଖିଲେ ।

ରତିକାନ୍ତର କାମରେ ମନ ଲାଗିଲାନି । ଭାଇଙ୍କ କଥା ମନେପଡିଲା । କେତେ ସୁନ୍ଦର ଥିଲା ସେ ପିଲାଦିନ । ଭାଇ ତା' ପାଇଁ ଆଦର୍ଶ ଥିଲେ । କେଉଁ ଧାତୁରେ ତାଙ୍କ ମୁଣ୍ଡ ଗଢା ହୋଇଥିଲା କେଜାଣି ସବୁ କାମରେ ଧୁରନ୍ଧର । ଖାଲି ପାଠରେ ନୁହେଁ, ଖେଳକୁଦ, ସଂଗୀତ, ବକ୍ତୃତା, ସବୁଥରେ ତୀକ୍ଷ୍ଣ । ଗାଁ ମନ୍ଦିରରେ କୀର୍ତ୍ତନରେ ଭାଗ ନେଉନେଉ ସିଏ ଯେମିତି ଭାବେ ମୃଦଙ୍ଗ ଓ ହାରମୋନିୟମ୍ ବଜେଇବା ଶିଖିଗଲେ, ଓ ତାପରେ ତାଙ୍କୁ ସବୁ କୀର୍ତ୍ତନ ଓ ଭଜନ ସମାରୋହରେ ଡକରା ପଡିଲା, ସେଇଟା ବଡ ଆଶ୍ଚର୍ଯ୍ୟର କଥା । ହେଲେ ସପ୍ତମ ପରେ ସିଏ କଟକ ଗଲେ ପଢିବାକୁ । ବୃତ୍ତି ପାଉଥିଲେ । ସେତେବେଳକୁ ଦାଦା କଟକରେ ଚାକିରି କରୁଥିଲେ ଓ ଖୁଡୀ ବି ସେଠି ରହୁଥିଲେ ।

ଭାଇଙ୍କୁ ଉଦାହରଣ ଭାବେ ରଖି ରତିକାନ୍ତର ପାଠପଢା ଓ ସଂଗୀତ ଦିଗରେ ଆଗ୍ରହ ଆସିଥିଲା । ସମସ୍ତେ ତାକୁ ସ୍କୁଲ୍ ରେ ସୁକାନ୍ତର ଭାଇ ଭାବେ ଚିହ୍ନୁଥିଲେ ଓ ସମ୍ମାନ ଦେଉଥିଲେ । ସିଏ ବି ନିଜକୁ ସେ ସମ୍ମାନର ଅଧିକାରୀ ଭାବେ ଯୋଗ୍ୟତା ହାସଲ କରିବା ଚେଷ୍ଟାରେ ଥିଲା । ଭାଇ କଟକରୁ ଗାଁକୁ ଆସିବାବେଳେ ରତିକାନ୍ତ ପାଇଁ କେତେ ସବୁ ଶିକ୍ଷଣୀୟ ପୁସ୍ତକ ଆଣୁଥିଲେ । ରତିକାନ୍ତକୁ ସିଏ ଅନେକ ସ୍ନେହ ଦେଉଥିଲେ । କହୁଥିଲେ, "ମନ ଦେଇ ପଢ । ତୁ ବି ବୃତ୍ତି ପାଇବୁ ଓ ମୋ ଭଳି କଟକରେ ରହି ପଢିବୁ ।'

ଭାଇଙ୍କର ଉତ୍ସାହ ପାଇ ରତିକାନ୍ତ ମଧ୍ୟ ସେମିତି ମେଧାବୀ ହେଲା । ମେଧା ବୃତ୍ତି ପାଇ କଟକରେ ପଢିଲା । ଭାଇ ରେଭେନ୍ସା କଲେଜରୁ ପ୍ରଥମ ଶ୍ରେଣୀରେ ଆଇ.ଏସ୍.ସି., ବି.ଏସ୍.ସି. ପାସ୍ କରି ଦିଲ୍ଲୀ ଗଲେ ମାଷ୍ଟରସ୍ କରିବା ପାଇଁ । ତାପରେ ଭାରତ ସରକାରଙ୍କର ଏକ ଗବେଷଣା କେନ୍ଦ୍ରରେ ତାଙ୍କୁ ଚାକିରି ମିଳିଗଲା । ତାଙ୍କୁ ଚାକିରି ମିଳିଗଲା ପରେ ରତିକାନ୍ତର ସମସ୍ତ ପଢା ଖର୍ଚ୍ଚ ସିଏ ବହନ କରିବା ଦାୟିତ୍ୱ ନେଲେ । ରତିକାନ୍ତ ବାଙ୍ଗାଲୋରରେ ଇଞ୍ଜିନିୟରିଙ୍ଗ୍ ପଢିଲା । ତାପରେ ମାଷ୍ଟର୍ସ୍ କରିବା ପାଇଁ ଆମେରିକା ଆସିଲା । ସେତେବେଳେ ମଧ୍ୟ ତାର ପଢାଖର୍ଚ୍ଚର ସମସ୍ତ ଦାୟିତ୍ୱ ଭାଇ ବହନ

ISSN NO.
2582-208X



କରୁଥିଲେ । କହୁଥିଲେ, "ରତିଟା ଆମର ବଡ ବ୍ରିଲିଆଣ୍ଟ୍ ପିଲା । ମୁଁ ଚାହେଁ, ମୋ ଭାଇ ଯେତେ ପଢୁଚି, ପଢୁ । ଗୋଟିଏ ବଡ ବୈଜ୍ଞାନିକ ହୋଇ ବାହାରୁ । କିଏ ଜାଣେ, ଆମ ରତି ଦିନେ ନୋବେଲ୍ ପ୍ରାଇଜ୍ ପାଇବନି ବୋଲି ।'

ରତିକାନ୍ତର ଯେତେ ଉତ୍ସାହ, ପ୍ରେରଣା ସବୁ ସେଇ ଭାଇ । ହେଲେ ହଠାତ୍ ଗୋଟିଏ ଅଲଗା ଖବର ଆସିଲା । ବାପା ଥରେ ଫୋନ୍ କରି ଜଣେଇଲେ, "ସୁକାନ୍ତର ଗୋଟିଏ କିଛି ହେଇଚି । ତା' ପାଇଁ ଯେତେ ବାହାଘର ପ୍ରସ୍ତାବ ଆସୁଛି, ସବୁ ମନା କରିଦେଉଛି । ଆମେ ବି ତାକୁ ପଚାରିଲୁ - ଯଦି ତୁ କାହାକୁ ଠିକ୍ କରିଛୁ ବାହା ହେବାକୁ ତ ଆମର କିଛି ଆପତ୍ତି ନାହିଁ । ହେଲେ ସେଥିରେ ବି ସିଏ ରାଜି ନୁହଁ ।'

ରତିକାନ୍ତ ବୁଝେଇଲା, "ଭାଇ ହୁଏତ କିଛିଦିନ ସ୍ୱାଧୀନ ଭାବେ ରହିବାକୁ ଇଚ୍ଛା କରୁଛନ୍ତି । ସିଏ କିଛଦିନ ସ୍ୱାଧୀନ ଭାବେ ରୁହନ୍ତୁ । ମଉଜ, ମଜ୍‌ଲିସ୍ କରନ୍ତୁ । ତାପରେ ସିଏ ରାଜିହେବେନି ?'

ବାପା କିନ୍ତୁ ଚିନ୍ତିତ ଥିଲେ । କହିଲେ, "ତୋ ଦାଦାର ଜଣେ ବନ୍ଧୁ ଦିଲ୍ଲୀରେ ରୁହନ୍ତି । ସିଏ କହୁଥିଲେ, ସୁକାନ୍ତ କୁଆଡେ ସେଠି ଗୋଟିଏ ଆଶ୍ରମକୁ ସବୁବେଳେ ଯିବାଆସିବା କରୁଛି । ଗେରୁଆ ପୋଷାକ ପିନ୍ଧୁଛି । ମାଳା ଜପ କରୁଛି ।'

"ଭାଇ, ପୁଣି ମାଳା ଜପ କରୁଛନ୍ତି ? ତମେ ବାପା ଏମିତି ଉଡା ଖବରରେ ବିଶ୍ୱାସ କାହିଁକି କରୁଛ ? ମୁଁ ତାଙ୍କୁ ଥରେ ଡାକିବି । ତାଙ୍କ ସହିତ କଥା ହେଲେ ଜଣାପଡିବ ।'

ରତିକାନ୍ତ ଯେତେ ଫୋନ୍ ଲଗେଇଲେ ବି ଭାଇ ଜମା ଧରୁନଥିଲେ । ସିଏ ଏକଥା ବାପାଙ୍କୁ ଜଣେଇବ କି ନାହିଁ କିଛି ବୁଝିପାରିଲା ନାହିଁ । ଦାଦାଙ୍କୁ ଫୋନ୍ କଲା । "ଦାଦା, ଭାଇଙ୍କ ସହିତ ଆପଣ କଥା ହୋଇଥିଲେ କି ? ମୁଁ ଯେତେ ଫୋନ୍ ଲଗାଉଛି, ଲାଗୁନି ।'

ISSN NO.
2582-208X

ଦାଦା କହିଲେ, "ସିଏ ଏବେ ନୈନିତାଲ୍ ଯାଇଛି, ତା' ବସାରେ ନାହିଁ । ତାପରେ ନୈନିତାଲ୍ ପାହାଡିଆ ଜାଗା, ସେଠାରୁ ଫୋନ୍ କରିବା ସୁବିଧା ହେଉନଥିବ ବୋଧହୁଏ; ନହେଲେ ତତେ ତ ଜଣେଇଥାଆନ୍ତା ।'

ଦାଦାଙ୍କ କଥାରୁ ସିଏ ଆଶ୍ୱସ୍ତ ହେଲା । ଦାଦା ବାପାଙ୍କୁ ବି ସେକଥା ଜଣେଇଦେଇଥିଲେ ।

କିନ୍ତୁ ସେଇଟା ଥିଲା ଭାଇଙ୍କର ପ୍ରଥମ ସତ୍‌ସଙ୍ଗ ଯାତ୍ରା । ଏସବୁ ପରେ ଜଣାପଡିଥିଲା । ସେଇ ଯାତ୍ରାରେ ତାଙ୍କ ଜୀବନ ବଦଳିଗଲା । ସେଠି ଜଣେ ସାଧ୍ୱୀଙ୍କ ସହିତ ତାଙ୍କର ବନ୍ଧୁତା ହୋଇଗଲା । ଏମିତି ବନ୍ଧୁତା ହେଉହେଉ, ସେ ସାଧ୍ୱୀଙ୍କ ସହିତ ପ୍ରେମ ହେଲା ଓ ବିବାହ ହୋଇଗଲା । ସେ ସଂସ୍ଥାର ନିୟମରେ ବିବାହ କେବଳ ଏକ ସଂପର୍କର ନାମ ଦେବାକୁ, କିନ୍ତୁ ପ୍ରକୃତରେ ତଥାକଥିତ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ରହୁଥିବା ଦୈହିକ ସଂପର୍କ ସେମାନଙ୍କ ମଧ୍ୟରେ ରହିବ ନାହିଁ । ସେ ସାଧ୍ୱୀ ଥିଲେ ନୈନିତାଲ ସତ୍‌ସଙ୍ଗର ପ୍ରଯୋଜିକା। ସୁକାନ୍ତ ଭାଇ ତାଙ୍କୁ କୁଆଡେ ଅନେକ ରକମର ପ୍ରଶ୍ନ ପଚାରି ଉତ୍ତର ଚାହିଁଥିଲେ । ଭାଇ ତ ସହଜେ ଜଣେ ଉଚ୍ଚକୋଟିର ବୈଜ୍ଞାନିକ ଥିଲେ । ତାପରେ ଜିଜ୍ଞାସୁ ମଧ୍ୟ । ଆଧ୍ୟାତ୍ମିକ ଦିଗକୁ ନେଇ ଯେଉଁ ସବୁ ପ୍ରଶ୍ନ ତାଙ୍କ ମନରେ ଥିଲା, ସିଏ କିଛି ନ ଭାବି, ଚିନ୍ତା ନକରି ଅନାବିଳ ଚିତ୍ତରେ ସେସବୁ ପ୍ରଶ୍ନ ପଚାରି ପକାଉଥିଲେ । କିଛି ପ୍ରଶ୍ନର ଉତ୍ତର ସେ ସାଧ୍ୱୀଙ୍କ ପାଖରେ ନଥିଲା । ସିଏ ସେ ବିଷୟରେ ଅନୁଧ୍ୟାନ କରିବାକୁ କିଛି ସମୟ ନେଉଥିଲେ ଓ ପରେ ସେ ପ୍ରଶ୍ନର ଉତ୍ତର ଦେଉଥିଲେ । ଏହି ଭଳି ଜଣେ ବିଦୁଷୀ ନାରୀଙ୍କ ସୁନ୍ଦରତା, ପ୍ରବଚନ ଶୈଳୀ ଓ ଜ୍ଞାନ ଆହରଣ ଓ ପ୍ରଚାରର ଶୈଳୀରେ ସୁକାନ୍ତ ବିମୋହିତ ହୋଇଥିଲେ । ସେଇଭଳି ସୁକାନ୍ତଙ୍କର ଭାବନା, ଚିନ୍ତା କରିବାର ଶକ୍ତି ଓ ପ୍ରଶ୍ନ ପଚାରିବାର ଶୈଳୀରେ ମୁଗ୍‌ଧ ହୋଇଥିଲେ ସେ ସାଧ୍ୱୀ । ନୈନିତାଲ୍‌ରୁ ବାହାରି ଭାରତର ବିଭିନ୍ନ ରାଜ୍ୟମାନଙ୍କରେ ନିଜର ଧର୍ମ ପ୍ରଚାର ଓ ଆଶ୍ରମ ପ୍ରତିଷ୍ଠାର ଦାୟିତ୍ୱ ତାଙ୍କୁ ଅର୍ପଣ କରିଥିଲେ ତାଙ୍କର ଗୁରୁ ମହାରାଜ । ହେଲେ ଜଣେ ସୁନ୍ଦରୀ ଯୁବତୀଙ୍କ ସୁରକ୍ଷା ଚିନ୍ତା ବି ଭାବିବାର ବିଷୟ । କାରଣ ଆମେମାନେ ଈଶ୍ୱରଙ୍କ ଉପରେ ଯେତେ ବିଶ୍ୱାସ କଲେ ମଧ୍ୟ, କିଛି ଚିର ସତ୍ୟକୁ ତ ଗ୍ରହଣ କରିବାକୁ ପଡିବ । ହୁଏତ ସତ୍ୟଯୁଗରେ ସୀତା ନିଜ ସତୀପଣର ମର୍ଯ୍ୟାଦା ରଖିବା ପାଇଁ ଅଗ୍ନିରେ ଝାସ ଦେଇ ଜୀବନ୍ତ ରହିଲେ । କିନ୍ତୁ ଏ ଯୁଗରେ କୌଣସି ସତୀ ନାରୀ ସେମିତି ଦୁଃସାହସ କରିବନି । ସିଏ ଯେତେ ସତୀ, ସାଧ୍ୱୀ

ISSN NO.
2582-208X

ହୋଇଥାଉ ନା କାହିଁକି, ନିଆଁରେ ପଶିଲେ ଯେ ପୋଡି ହୋଇ ମରିବ, ସେ କଥା ସତ୍ୟ । ସେମିତି ବସୁଦେବ ନିଜ ନବଜାତ ପୁତ୍ରକୁ ଧରି ଉଛୁଳା ଯମୁନା ନଈ ଭିତରେ ପଶିବାଟା ଏ ଯୁଗରେ ଗ୍ରହଣୀୟ ହେବନାହିଁ । ଉଛୁଳା ନଈରେ ପଶିଲେ ଯେ ଜଣେ ଭାସିଯିବ, ଜଳ ଭଉଁରୀ ଭିତରେ ରୁନ୍ଧି ହୋଇ ମରିଯିବ, ସେକଥା ଚିରସତ୍ୟ ।

ସେଇଭଳି ଏକ ସତ୍ୟ ଥିଲା । ସେ ସାଧ୍ୱୀ ଆଧ୍ୟାତ୍ମିକ ଦିଗରେ ନିଜକୁ ପ୍ରତିଷ୍ଠା କରେଇବାର ଲକ୍ଷ୍ୟ ରଖିଥିଲେ । କିନ୍ତୁ ସେଥିରେ ପ୍ରତିବନ୍ଧକ ଥିଲା ନିଜର ଅପରୂପ ସୌନ୍ଦର୍ଯ୍ୟ । ସେ ସୌନ୍ଦର୍ଯ୍ୟକୁ କେହି ବି ବିକୃତ ମସ୍ତିଷ୍କ ମଣିଷ କ୍ଷଣକରେ କଳଙ୍କରେ ପରିଣତ କରିଦେବ । ସେ ସୌନ୍ଦର୍ଯ୍ୟକୁ ସୁରକ୍ଷା ଦରକାର ଥିଲା । ସୁକାନ୍ତ ଭାଇଙ୍କ ଠାରେ ସେ ସାଧ୍ୱୀ ସେଇ ସୁରକ୍ଷା କବଚ ଦେଖିଲେ । ସେମିତି ଏକ ସୁଯୋଗ ଆସିଲା ।

ସେ ସାଧ୍ୱୀଙ୍କର ନାମ ରଖା ଯାଇଥିଲା ରାଧାଦେବୀ । ତାଙ୍କର ପ୍ରକୃତ ନାମ ଶ୍ୱେତା ରାୟ, ମୂଳ ବଙ୍ଗାଳୀ ପରିବାରର, ବମ୍ବେରେ ଜନ୍ମ ଓ ସମସ୍ତ ଶିକ୍ଷା ବମ୍ବେରେ । ଆଧ୍ୟାତ୍ମିକତା ଖୋଜିଖୋଜି କିଛିଦିନ ସିଏ ଇସ୍କନ୍ ମନ୍ଦିର ଯିବାଆସିବା କରୁଥିଲେ । ତାପରେ ତାଙ୍କୁ ସଦାନନ୍ଦ ସଂସ୍ଥାର ଏକ ପ୍ରବଚନ ଶୁଣିବାର ସୁଯୋଗ ମିଳିଥିଲା । ସେଇଥିରେ ସିଏ ଏତେ ମୋହିତ ହୋଇଗଲେ ଯେ, ଘର ଛାଡି ସେ ସଂସ୍ଥାରେ ଯୋଗ ଦେଇଥିଲେ । ସହରର ଜୀବନ ତାଙ୍କୁ ବିରକ୍ତ କରୁଥିଲା । ସେଥିପାଇଁ ସେ ନୈନିତାଲ୍ ରେରହିବା ପସନ୍ଦ କଲେ । ତାଙ୍କର ଶିକ୍ଷା, ଦୀକ୍ଷା, ଶୁଦ୍ଧ ହିନ୍ଦୀ, ପଞ୍ଜାବୀ, ମରାଠୀ ଓ ବଙ୍ଗଳା ଭାଷାରେ ଦକ୍ଷତା ଦେଖି ସଦାନନ୍ଦ ସଂସ୍ଥାର ସଂସ୍ଥାପକ ଆନନ୍ଦ ପ୍ରଭୁ ତାଙ୍କୁ ସଂସ୍ଥାର ଅନେକ କାର୍ଯ୍ୟଭାର ଦେଇଥିଲେ। ସେଇଥିରୁ ଗୋଟିଏ ଦାୟିତ୍ୱ ଥିଲା ପ୍ରତିବର୍ଷ ମାର୍ଚ୍ଚ ମାସରେ ନୈନିତାଲ୍ ରେ ସତ୍‌ସଙ୍ଗ । ୨୦୦୫ରୁ ନୈନିତାଲ୍ ରେ ସତ୍‌ସଙ୍ଗ ଶିବିର ସହିତ କିଛି ମେଳା ମହୋତ୍ସବ ମଧ୍ୟ ଚାଲିଲା । ସେ ମହୋତ୍ସବର ଦାୟିତ୍ୱ ଦିଆଗଲା ସୁକାନ୍ତ ଭାଇଙ୍କୁ । ରାଧା ଦେବୀଙ୍କୁ ସୁକାନ୍ତ ଭାଇଙ୍କ ସହିତ ଘଣ୍ଟାଘଣ୍ଟା ଧରି ଏକାନ୍ତରେ କାମ କରିବାକୁ ସୁଯୋଗ ମିଳିଲା । କାମ ସରିବା ପରେ ପ୍ରତି ରାତ୍ରରେ ସମସ୍ତେ ପ୍ରାର୍ଥନା ଗାଇ ଶୋଇବାକୁ ଯାଆନ୍ତି । ଦିନେ ପ୍ରାର୍ଥନା ସଭା ସରିବା ପରେ ପ୍ରାୟ ସମସ୍ତ ଭକ୍ତ ଚାଲିଯାଇଥିଲେ । ବସି ରହିଥିଲେ ସୁକାନ୍ତ । ତାଙ୍କର ଜିଜ୍ଞାସୁ ମନ ପ୍ରଶ୍ନ କଲା, "ଦେବୀ, ଏହା ପରେ ଆପଣଙ୍କ ଲକ୍ଷ୍ୟ କଣ ? ଆପଣ

ISSN NO.
2582-208X

ସାଧ୍ଵୀ ଭାବେ କଣ ଅର୍ଜନ କରିବା ଚାହାନ୍ତି ? କାହିଁକି ଏତେ ଉଚ୍ଚଶିକ୍ଷିତ ହୋଇ ଆପଣ ଏ ଦିଗରେ ଉତ୍ସାହିତ ହେଲେ ?'

ସହାସ୍ୟ ବଦନରେ ରାଧାଦେବୀ ଉତ୍ତର ଦେଲେ, "ତୁମ ସମସ୍ତ ପ୍ରଶ୍ନର ଉତ୍ତର ତ ମୁଁ ଦେବି। ତେବେ ତମର ପ୍ରଥମ ପ୍ରଶ୍ନର ଉତ୍ତରରେ ତମଠାରୁ ମୁଁ କିଛି ସାହାଯ୍ୟ ଚାହୁଁଛି । ତମକୁ ଯେଉଁ ଆଦେଶ ଦେବି, ପାଳନ କରିବ ?'

"ନିଶ୍ଚୟ ଦେବୀ । ଆପଣ ମୋର ଗୁରୁ । ମୁଁ ଆପଣଙ୍କର ଶିଷ୍ୟ । କୁହନ୍ତୁ, ମୋ ପାଇଁ କି ଆଦେଶ ?'

ସୁକାନ୍ତ ଭାଇଙ୍କର ଏମିତି ପ୍ରଶ୍ନରେ ରାଧାଦେବୀ ଆଦେଶ ଦେଇଥିଲେ, "ତୁମେ ମୋତେ ବିବାହ କର । ଆସନ୍ତା କାଲି ଆମର ଆରାଧ୍ୟ ଦେବତା ରାଧାକୃଷ୍ଣଙ୍କ ମନ୍ଦିରରେ ଆମେ ବିବାହ କରିବା । ତାପରେ ମୁଁ ତୁମର ସବୁ ପ୍ରଶ୍ନର ଉତ୍ତର ଦେବି ।'

କିଛି ଆଗପଛ ନ ବିଚାରି ସୁକାନ୍ତ ଭାଇ ହଁ କହିଦେଲେ । ସେଇଠି ତାଙ୍କର ବିବାହ ସରିଗଲା ।

ସେତେବେଳକୁ ସୁକାନ୍ତ ଭାଇଙ୍କର ଘର ପ୍ରତି କିଛିଟା ଆକର୍ଷଣ ଥିଲା । ଗୋଟିଏ ଚାପରେ ଆସି ବାହା ତ ହୋଇଗଲେ । କିନ୍ତୁ ବାପା, ବୋଉଙ୍କୁ ତ ଜଣେଇବାକୁ ପଡିବ । ବାପା, ବୋଉ ଏ କଥା ଯେତେବେଳେ ଶୁଣିଲେ, ସେତେବେଳେ ବେହୋସ୍ ହୋଇଗଲେ । ଭାଗ୍ୟକୁ ସେ ସମୟରେ ଦାଦା, ଖୁଡୀ ଗାଁରେ ଥିଲେ । ସେମାନେ ତାଙ୍କୁ ସମ୍ଭାଳି ଗାଡିରେ କଟକ ନେଇଆସିଲେ ଓ ଡାକ୍ତରଙ୍କୁ ଦେଖାଇଲେ ।

ବାପା, ବୋଉଙ୍କ ଖବର ପାଇ ସୁକାନ୍ତ ଭାଇ ମଧ୍ୟ କଟକ ଆସିଥିଲେ ଓ ସମସ୍ତଙ୍କୁ ଅନେକ ବୁଝାସୁଝା କରେଇଥିଲେ । "ଦେଖନ୍ତୁ, ମତେ ବୁଝିବାକୁ ଚେଷ୍ଟାକରନ୍ତୁ । ମୋର ଇଚ୍ଛା, ଆଶା ଅନ୍ୟ ପ୍ରକାରର । ମୁଁ ଆଧ୍ୟାତ୍ମିକ ଜ୍ଞାନ ଅର୍ଜନ କରିବାକୁ ଚାହେଁ । ସେଥିପାଇଁ ମୋର ସମସ୍ତଙ୍କ ସାହାଯ୍ୟ ଦରକାର । ଆପଣମାନଙ୍କର ମଧ୍ୟ ସାହାଯ୍ୟ ଦରକାର । ଓଡିଶାରେ

ISSN NO.
2582-208X

ସଦାନନ୍ଦ ସଂସ୍ଥା ଏକ ଆଶ୍ରମ ସ୍ଥାପନ କରିବା ପ୍ରଚେଷ୍ଟାରେ ଅଛନ୍ତି । ସେଥିପାଇଁ, ଦେବୀଜୀଙ୍କୁ ନେଇ ଆପଣମାନଙ୍କୁ ମୁଁ ସାହାଯ୍ୟ ମାଗିବାକୁ ଆସିବି ।'

ଦେଇ ଯେଉଁ ଧକ୍କା ବାପା, ବୋଉ ପାଇଲେ, ସେଥିରେ ସେମାନଙ୍କର ମନୋବଳ ଭାଙ୍ଗି ଯାଇଥିଲା । ଏହାର କିଛିଦିନ ପରେ ସୁକାନ୍ତ ଭାଇ ନିଜ ଚାକିରି ଛାଡିଦେଲେ ଓ ସଂସ୍ଥାରେ ସ୍ଥାୟୀ ଭାବେ ସାମିଲ୍ ହେଲେ । ବୋଉ ଥରେ ଅନ୍ୟମନସ୍କ ହୋଇ ରାସ୍ତାରେ ଚାଲୁଚାଲୁ ଗାଡି ଧକ୍କାରେ ପ୍ରାଣ ହରେଇଲା । ବୋଉ ପ୍ରାଣ ହରେଇବା ପରେ ବାପା ଆହୁରି ମ୍ରିୟମାଣ ହୋଇପଡିଲେ । ବୋଉ ଯିବାର ପ୍ରାୟ ବର୍ଷକ ପରେ ବାପା ମଧ୍ୟ ପ୍ରାଣତ୍ୟାଗ କଲେ । ରତିକାନ୍ତ ବାପା, ମା ଛେଉଣ୍ଡ ହୋଇଗଲା । ଖୁଡୀଙ୍କ ଠାରୁ ସମସ୍ତ ଘଟଣା ଜଣାପଡିଲା । ସେତେବେଳକୁ ଭିସା ଅସୁବିଧା ପାଇଁ ରତିକାନ୍ତ ଭାରତ ଯାଇପାରିନଥିଲା । ତେବେ ବାପାଙ୍କର ପ୍ରଥମ ବର୍ଷ ଶ୍ରାଦ୍ଧକୁ ସିଏ ଯାଇଥିଲା । ସୁକାନ୍ତ ଭାଇ କିନ୍ତୁ ଆସିନଥିଲେ । ସନ୍ୟାସୀଙ୍କର ଘର, ଦ୍ୱାର ଓ ସଂପର୍କ କଣ ?

ରତିକାନ୍ତ ଏ ସନ୍ୟାସୀ ମାନଙ୍କର ଜୀବନର ଲକ୍ଷ୍ୟ ସଂପର୍କରେ କିଛି ବୁଝେନି । ହେଲେ ସିଏ ସୁକାନ୍ତ ଭାଇର ସଂସ୍ଥାକୁ ମନେମନେ ଅଭିଶାପ ଦିଏ । ଯେଉଁ ସଂସ୍ଥା ତା' ଭାଇକୁ ଛଡେଇନେଲା, ଯେଉଁ ସଂସ୍ଥା ତାର ପିତାମାତାଙ୍କର ମୃତ୍ୟୁର କାରଣ, ସେ ସଂସ୍ଥାର ନାମ ମଧ୍ୟ ଶୁଣିବାକୁ ଚାହେଁନି ରତିକାନ୍ତ ।

ରତିକାନ୍ତ ଶୁଣିଥିଲା, ଏବେ ସେ ସଂସ୍ଥାର ତିନି, ଚାରିଟି ଆଶ୍ରମ ଓଡିଶାରେ ପ୍ରତିଷ୍ଠା ହେଲାଣି । ଏବେ ସୁକାନ୍ତ ଭାଇ ସେ ସଂସ୍ଥାର ଜଣେ ମୁଖ୍ୟ ସାଧକ । ତାଙ୍କର ଧର୍ମପତ୍ନୀ ରାଧାଦେବୀ ମଧ୍ୟ ସେ ସଂସ୍ଥାର ଜଣେ ମୁଖ୍ୟ ସାଧ୍ୱୀ । ଆଶ୍ରମ ପରିଚାଳନା କମିଟିରେ ଉଭୟ ବରିଷ୍ଠ ସଭ୍ୟ ।

ରତିକାନ୍ତ ସୁକାନ୍ତ ଭାଇଙ୍କ ବିଷୟରେ ଅନେକ କଥା, ତାଙ୍କ ସାଧକ ଜୀବନର ଗୌରବ ଗାଥା, ଭାଇଙ୍କର ଅନ୍ୟ ସାଙ୍ଗମାନଙ୍କ ଠାରୁ ଶୁଣେ । ହେଲେ ନିଜେ କେବେ ସିଏ ତାଙ୍କୁ କ୍ଷମା କରିନି । ରତିକାନ୍ତ ଡେରିରେ ବାହାହେଲା । ତା' ବାହାଘର ଏଇ ଆମେରିକା ଦେଶରେ ଗୋଟିଏ ହିନ୍ଦୁ ମନ୍ଦିରରେ ହୋଇଥିଲା । ବାହାଘର ବେଳକୁ ଦାଦା, ଖୁଡୀଙ୍କର

ISSN NO.
2582-208X

ଭିସା କରାଇ ସେମାନଙ୍କୁ ଆଣିଥିଲା । ଏବେ ଏବେ ନିଜ ସ୍ତ୍ରୀ, ପିଲାଙ୍କୁ ଛାଡି ରତିକାନ୍ତର ପରିବାର କହିଲେ, ତା' ଦାଦା, ଖୁଡୀ ଓ ସେମାନଙ୍କର ଗୋଟିଏ ଝିଅ ଆଳି ଅପାକୁ ହିଁ ବୁଝାଏ ।

ଆଉ ଏ ସୁକାନ୍ତ ଭାଇ ? ବେଳେବେଳେ ସିଏ ମନେ ପଡନ୍ତି । ତାଙ୍କର ସେ ଛାତ୍ରବେଳର ବୁଦ୍ଧିବନ୍ତ ଚେହେରା, କଲେଜରେ ପଢୁଥିବା ସମୟର ସେ ଆତ୍ମବିଶ୍ୱାସ ଭାବର ଛବି ଯେତେବେଳେ ହୃଦୟପଟରେ ଭାସିଆସେ, ସେତେବେଳେ ରତିକାନ୍ତ ଆତ୍ମହରା ହୋଇଯାଏ । ଇଚ୍ଛା କରେ, ସୁକାନ୍ତ ଭାଇ ସେ ସଦାନନ୍ଦ ସଂସ୍ଥା ଛାଡିଦେଇ ପୁଣି ନିଜପରି ହୋଇଯାଆନ୍ତେ କି ?

ହେଲେ ଆଜି ଅନୁଭବ ହେଲା, ସେ ସ୍ୱପ୍ନ ଆଉ କେବେ ପୂରଣ ହେବନି । ସୁକାନ୍ତ ଭାଇ ଯେଉଁ ଦେଶକୁ ଯାଇଛନ୍ତି, ସେଠାରୁ କେହି ପ୍ରତ୍ୟାବର୍ତ୍ତନ କରନ୍ତିନି ।

ତା' ହୃଦୟରେ ଥିବା ଭାଇର ଚିତ୍ରପଟରେ କିଏ ଯେମିତି କାଳି ବୋତଲଟା ଢାଳିଦେଲା ?

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ଜୁଲାଇ-୨୦୨୩
www.vedantimagazine.com
ISSN NO. 2582-208X

# ବେଳାଭୂମି ତୀର, ଢେଉ ସାଙ୍ଗେ ଖେଳ



ଆଶୁତୋଷ ମେହେର

ବେଳାଭୂମି ତୀରେ ଢେଉ ମାଳମାଳ
ମନେ ପଡେ ସାଥୀ ଖେଳ,
ଭିଜୁଥିଲା ସେଠି ଦୁଇ ତନୁ ମନ
ମିଠା ଅମାନିଆଁ ବେଳ......।।୦।।

ଆଗପଛ ହୋଇ ଆଙ୍କୁ ଥିଲା ଦୁହେଁ
ପାଦ ଚିହ୍ନ ବାଲି ଶେଯେ,
ଅମାନିଆଁ ଢେଉ ପୋଛି ନେଉଥିଲା
ସ୍ମୃତି ଭରା ମନ ଖୋଜେ,
ଖୋଜିବାରେ ସତେ ମିଠା ପଣ ଭରା
ଥାଏ ଯଦି ତାଳମେଳ.......।।୧।।

ଅବୁଝା ସାଗର ବାଇ ସବୁ ଦିନେ
ଚୁମୁଥାଏ ବେଳାଭୂମି,
କଜଳ ଭରା ସେ ତୁମ ଆଖି ପରି
ପ୍ରିତୀ ଭାବ ଭବେ ନମି,
ପ୍ରେମ ଯୁଗେ ଯୁଗେ ବିରହେ ସୁନ୍ଦର
ସାତ ସୁର ପାଞ୍ଚ ତାଳ......।।୨।।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪/ଦୂରଭାଷ 9437085396

ISSN NO.
2582-208X

# କାଳ ପରିଭାଷା



ରଘୁନାଥ ତ୍ରିପାଠୀ

ସମୟ ଚକର ଗତି ଅଚଞ୍ଚଳ
ଯେବେ କେହି କରିଥିବ ଅପେକ୍ଷା
ତା ଗତିର ବେଗ ହୋଇଥାଏ ଶୂନ୍ୟ
ପ୍ରିୟା ପାଇଁ କରିଥିଲେ ପ୍ରତୀକ୍ଷା ॥
ସେ ପୁଣି ଦଉଡ଼େ ଅତି ଦ୍ରୁତ ବେଗେ
କାର୍ଯ୍ୟ ପାଇଁ ହୋଇଲେ ବିଳମ୍ବିତ
ଅତି କ୍ଷିପ୍ର ହୁଏ ସମୟର ଗତି
ନିଜ ଲକ୍ଷ୍ୟ ଦୂରେ ଥିଲେ ସତତ ॥
କାଳର ଗତିଟି ହୁଅଇ କରାଳ
ଶୋକ ସାଗରରେ ଥିଲେ ବେଷ୍ଟିତ
ସମୟ ଲାଗଇ ଅତି ଭୟଙ୍କର
ହୋଇଥାଅ ଯେବେ ବିଷର୍ଣ୍ଣ ଚିତ୍ତ ॥
ଆନନ୍ଦଦାୟକ କ୍ଷଣରେ ନିଜର
ହୋଇଯାଇଥାଏ ଅତି ସଂକ୍ଷିପ୍ତ
କ୍ଷୁଦ୍ର ହୋଇଥାଏ କାଳ କଳେବର
ଆସିଥିଲେ ଆମ ଖୁସି ମୁହୂର୍ତ୍ତ ॥

ISSN NO.
2582-208X

ସୀମାହୀନ ଭାବେ ହୁଏ ପରିବ୍ୟାପ୍ତ
ଯେବେ ଭରିଥାଏ ମନେ ବେଦନା
ଅସୀମ ଅନନ୍ତ ଲାଗଇ ସମୟ
ଦେହ ମନେ ଥିଲେ ଶୋକ ଯାତନା। ॥
ଆମରି ଅଦୃଷ୍ଟ ନ ଥିଲେ ସଳଖ
କାଳର ଗତିଟି ଲାଗଇ ବଙ୍କା
ଭିନ୍ନ ପରିସ୍ଥିତି ଦେଇ ପରିଚୟ
ସମୟ ଭରଇ ମନରେ ଶଙ୍କା ॥
ଅତି ବିସ୍ତାରିତ ହୁଏ ତାର ପଥ
ଯେବେ ଭରିଥାଏ ଚିନ୍ତା ବିରକ୍ତି
ସୁଦୂର ପ୍ରସାରୀ ଦୀର୍ଘ ହୋଇଥାଏ
ଦେହ ମନଟାକୁ ଘାରିଲେ କ୍ଲାନ୍ତି ॥
କାଳ ପରିଭାଷା ହୁଏ ନିରୂପିତ
ଆମରି ଆବେଗ ଓ ଅନୁଭବେ
ସମୟର ସଂଜ୍ଞା ନୁହେଁ ସ୍ଥିରୀକୃତ
କେବଳ ଘଣ୍ଟାର କଣ୍ଟା ପ୍ରଭାବେ ॥

ବାଲିସାହି, ମଧୁପାଟଣା,
କଟକ8763343263

ISSN NO.
2582-208X


# ବାଟୋଇ



ଶାନ୍ତିଲତା ମିଶ୍ର

ଅନ୍ୟମନସ୍କ ଭାବେ ଚାଲୁ ଚାଲୁ "ପ୍ରଭାକର ବାବୁ' ଅନେକ ବାଟ ଚାଲି ଆସିଲେଣି । କେତେବେଳେ ଯେ ସେ ସହରର ପକ୍କା ରାସ୍ତା ଛାଡି ସହର ତଳି ବସ୍ତିର କଚ୍ଚା ରାସ୍ତାରେ ପାଦ ଦେଇଛନ୍ତି ତାଙ୍କର ମନେ ନାହିଁ । ସେ ତ ଆତ୍ମହତ୍ୟା କରିବାକୁ ଭାବି ଘର ଛାଡି ଆଜି ଆସିଥିଲେ । କିନ୍ତୁ ବାହାରର ହାଲକା ହାଲକା ଏ ଥଣ୍ଡା ପବନ, ଝଙ୍କାଳିଆ ଗଛ ମାନଙ୍କର ଛାଇ, ପକ୍ଷୀ ମାନଙ୍କର କଳରବ, ସବୁରେ ଏକ ଅନୁପମ ଆକର୍ଷଣ ଅଛି । ଯାହାକି ତାଙ୍କ ମନକୁ ଟାଣି ଧରି ପାରିଛି । ଏ ସଂସାରରୁ ଏପରି ଭାବେ ଖସି ଚାଲି ଯିବାକୁ ଇଚ୍ଛା ହେଉ ନାହିଁ । ଆତ୍ମହତ୍ୟାର ଚିନ୍ତାଧାରା ମନ ଭିତରୁ କେବେ ଠାରୁ ଉଭେଇ ଗଲାଣି ।

ବିଶେଷତଃ ଏ ବାଟରେ ଯାଉଥିବା ଲୋକ ମାନଙ୍କ -"ବାବୁ ନମସ୍କାର' କହି ପ୍ରଶାନ୍ତ ମୁଖ ମଣ୍ଡଳରେ ଟିକିଏ ହସ ଖେଳେଇ ଦେଇ ଚାଲି ଯାଉଥିବା ଲୋକ ମାନଙ୍କୁ ଦେଖି ମନରେ ଅନେକ ଭାବାନ୍ତର ତାଙ୍କର । ମୁଣ୍ଡର ମୁଠେଇ ବଜାରକୁ କି ହାଟକୁ ବିକ୍ରି କରିବାକୁ ନେଇ ଯାଉଥିବା ପରିବା, ମାଛ, ଶାଗ ସ୍ତ୍ରୀ ଲୋକ ମାନଙ୍କ ନିଜ ନିଜ ଭିତରେ ଥଟ୍ଟା ପରିହାସ କଥୋପକଥନ ଖିଲ ଖିଲ ହସ ତାଙ୍କୁ ମୁଗ୍ଧ କରି ଦଉଛି । ଲାଗୁଛି ଯେପରି ଏମାନଙ୍କ ଜୀବନରେ କିଛି ଦୁଃଖ ନାହିଁ । ସଂସାରର ସବୁ ଯାକ ଦୁଃଖ ଯେପରି ତାଙ୍କରି ନିଜ ପାଖରେ ।

ରିଟାୟାର୍ଡ କରି ଘରେ ବସିଲା ପରଠୁ ତାଙ୍କୁ ଘରର ସବୁ ଲୋକଙ୍କ ଉପରେ ସନ୍ଦେହ ହେଉଛି । ସତେକି ଦୁଇ ପୁଅ ସଂପତ୍ତି ପାଇଁ କଳିକଯ୍ୟା କେଉଁ ମୁହୂର୍ତ୍ତରେ ଆରମ୍ଭ

ISSN NO.
2582-208X

କରିଦେବେ । ସ୍ତ୍ରୀଙ୍କ ମୃତ୍ୟୁ ପରେ ଦୁଇ ବୋହୁ ଘର ବିଭାଜନ ପାଇଁ ତତ୍ପର ଥିଲା ପରି ଲାଗୁଛି । ପରିବାରର ସମସ୍ତ ସଦସ୍ୟ ତାଙ୍କୁ ବୋଝ ବୋଲି ଭାବୁଛନ୍ତି । ଏପରି ଅଯଥା ଚିନ୍ତାଧାରା ମନ ଭିତରେ ଏପରି ବସା କରିଗଲେଣି, ସେଥିରୁ ମୁକ୍ତି ପାଇବା ଅସମ୍ଭବ ଲାଗିଲାଣି । ସେଥିପାଇଁ ତାଙ୍କର କୋଉଥିରେ ଆଜି କାଲି ମନ ଲାଗୁନି । ବଞ୍ଚିବାର ମୋହ କମି କମି ଯାଉଛି । ସଂସାର ମୂଲ୍ୟହୀନ, ତୁଛ ଲାଗୁଛି ।

ତେଣୁ ଆଜି ଘର ଛାଡି ଚାଲି ଆସିଚନ୍ତି । ଆଉ ଫେରିବେନି ବୋଲି ଶପଥ କରି । ସେଇ ଅତି ଜଣାଶୁଣା ପୁରୁଣା ମନ୍ଦିର ପାଖରେ ଥିବା ବଉଳ ଗଛ ବେଢାରେ ବସିଗଲେ । ଯେତେବେଳେ ଜୀବନରେ କେବେ କେବେ ଝଡ ଆସି ବ୍ୟତିବ୍ୟସ୍ତ କରେ ସେ ଏଇଠିକି ଚାଲି ଆସନ୍ତି । କଣ କରିବେ ମୁଣ୍ଡର କିଛି ନପସିଲେ ବି ଏଠିକା ହାଓ୍ୱା ବହୁତ ଭଲ ଲାଗୁଛି । ଯିବା ଆସିବା ଲୋକଙ୍କୁ ଦେଖି ମନ ଟା ଭଲ ଲାଗୁଛି । ଏ ସଂସାରରେ କଣ ସବୁ ଲୋକ ଖୁସି ! ସମସ୍ତଙ୍କୁ ନିଜ ଇଛା ଅନୁସାରେ ବଞ୍ଚିବାକୁ କଣ ଅନୁମତି ମିଳିଛି ! ତଥାପି ଲୋକ ମାନେ ବଞ୍ଚି ଚାଲିଛନ୍ତି ତ ବିନା ପ୍ରତିବାଦରେ ।

ହଠାତ "ବାବୁ' ଡାକରେ ଉପରକୁ ମୁହଁ ଉଠେଇ ଚାହିଁଲେ । ସାମନାରେ ଲୋକଟିଏ ଠିଆ ହୋଇ ତାଙ୍କୁ ନମସ୍କାରର ମୁଦ୍ରା ସହିତ ଚାହିଁ ରହିଛି । -"ଆପଣଙ୍କୁ କେତେ ଖୋଜିଲିଣି ! ନା ଆପଣଙ୍କ ନାମ ଜଣା ଥିଲା ନା ଠିକଣା ।' କିଏସେ ଏଇ ଲୋକ କେବେ ଦେଖିଥିଲା ପରି ମନେ ପଡୁନି । ପ୍ରଥମେ ଦୋ ଦୋ ଚିହ୍ନା ହୋଇ ପରେ ଅନୁମାନ କରି ଚିହ୍ନି ପାରିଲେ ।

ବର୍ଷକ ତଳେ ଥରେ ଏଇ ଜାଗାକୁ ସ୍ତ୍ରୀଙ୍କ ସହିତ ମନ୍ଦିରକୁ ଠାକୁର ଦର୍ଶନ ନିମନ୍ତେ ଆସିଥିଲେ । ମନ୍ଦିର ବାହାରେ ଏକ ବ୍ୟକ୍ତି ବଡ ବିନୀତ ଭାବରେ ଟଙ୍କା କିଛି ଉଧାର ମାଗୁଥିଲେ ସମସ୍ତଙ୍କୁ । ତାଙ୍କ ପୁଅ ପାଇଁ ଇଞ୍ଜେକସନ୍ କିଣିବା ପାଇଁ । ଟଙ୍କା ଉଧାର ମାଗୁ ଥିଲେ ଭିକ୍ଷା ନୁହେଁ । ସେ ଏଇ ପାଖରେ ରୁହନ୍ତି । ତାର ଏପରି କାକୁତି ମିନତି ଦେଖି ପ୍ରଭାକର ବାବୁଙ୍କର ଦୟା ହେଲା । ସେ କିଛି ଟଙ୍କା ଦେଇଥିଲେ ସେଦିନ ।

ISSN NO.
2582-208X

କାରଣ ଭାବୁଥିଲେ ସେ ଯଦି କାହାକୁ ସାହାଯ୍ୟ କରିଦେବେ ହୁଏତ ଭଗବାନ ତାଙ୍କୁ ସାହାଯ୍ୟ କରି ପାରନ୍ତି । ସିଏ ବି ସାହାଯ୍ୟ ଭିକ୍ଷାର୍ଥୀ ଥିଲେ ସେଦିନ ଭଗବାନଙ୍କ ପାଖରେ। ଅସୁସ୍ଥ ସ୍ତ୍ରୀଙ୍କୁ ଡାକ୍ତର ଛଅ ମାସ ସମୟ ବଞ୍ଚି ପାରିବେ ବୋଲି କହିଛନ୍ତି । ଆଉ କିଛି ବର୍ଷ ବଢେଇଦେବା ପାଇଁ ତାଙ୍କ ଆୟୁଷକୁ ଅନୁରୋଧ କରିବାକୁ ଆଜି ଆସିଛନ୍ତି । ଯଦିଓ ସେ ଭଲ ଭାବେ ଜାଣିଛନ୍ତି ଯାହା ଥରେ ଲେଖା ହୋଇ ଯାଇଛି ଏ ଜୀବନ ପୁସ୍ତକରେ ତାହା ଅପରିବର୍ତ୍ତନୀୟ । ଲୋକଟି ତାଙ୍କ ପାଦ ଛୁଇଁ ଧନ୍ୟବାଦ ଦେଇ ଟଙ୍କା ଫେରାଇଦେବ ବୋଲି କହି ଚାଲିଗଲା ସେଦିନ । ଏତେ ତର ତରରେ ଥିଲା ଯେ ନାମ ଠିକଣା ପଚାରିବାକୁ ଭୁଲି ଯାଇଥିଲା ।

ତାପରେ ପ୍ରଭାକର ବାବୁ ଏ କଥାକୁ ଭୁଲି ଯାଇଥିଲେ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଖରାପ ଯୋଗୁ ସେ ଏତେ ବ୍ୟସ୍ତ ଥିଲେ ଯେ ଏ କଥା ମୁଠରୁ କୁଆଡେ ଚାଲି ଯାଇଥିଲା । ଆଜି ଲୋକ ଟି ନେଇଥିବା ଟଙ୍କା ଫେରାଇ ଏକ ଶାନ୍ତିର ନିଶ୍ୱାସ ମାରୁଥିଲା ବେଳେ ପ୍ରଭାକର ବାବୁ ତାକୁ ଆଶ୍ଚର୍ଯ୍ୟର୍ରେ ଚାହିଁ ରହିଥିଲେ । କାରଣ ପ୍ରଭାକର ବାବୁ ଟଙ୍କା ଦେଇଥିବା କଥା ସଂପୂର୍ଣ୍ଣ ଭୁଲି ଯାଇଥିଲେ । ଅନ୍ୟ କେହି ହୋଇଥିଲେ ଟଙ୍କା କେବେ ବି ଫେରେଇ ନଥାନ୍ତା । କାରଣ ଟଙ୍କା ଦେଲା ବେଳେ ପ୍ରଭାକର ବାବୁ ତାଙ୍କ ନିଜ ନାମ ବା ଠିକଣା କିଛି ବି ଲୋକଟିକୁ ଦେଇ ନଥିଲେ ।

ତେଣୁ ପ୍ରଥମେ ଟଙ୍କା ନବାକୁ ପ୍ରଭାକର ବାବୁ ଇଛା କଲେ ନାହିଁ । କାରଣ ସେଦିନ ସେ ଦାନ କରିବା ଉଦେଶ୍ୟରେ ଦେଇଥିଲେ ଉଧାର ଭାବି ନୁହେଁ । କିନ୍ତୁ ଲୋକଟିର କଥା ଶୁଣି ସେ ହତବାକ୍ ହୋଇ ଯାଇଥିଲେ । ନାଇଁ ବାବୁ ଯଦି କାହାର ଋଣ ନେଇ ଏ ସଂସାରରୁ ଯିବ ପୁଣି ଥରେ ଫେରି ଆସିକି ତାକୁ ଶୁଝିବାକୁ ପଡିବ । ପ୍ରଥମତ ଧରିତ୍ରୀ ମାତାର ଆମ ଉପରେ ବିରାଟ ଋଣ ଅଛି । ଆଉ ତ ଆଉ ଛାଡ ତା ଜଳ ବାୟୁ ବିନା ଆମେ କ୍ଷଣେ ବି ବଞ୍ଚି ପାରିବାନି । ପ୍ରତ୍ୟେକ ଦିନ ତା ଠୁ ଋଣ ନେଇ ଆମେ ବଞ୍ଚୁଛେ । ସେସବୁ ଶୁଝିବାକୁ ହେଲେ ତା ଲୋକ ତା ସଂସାରକୁ କିଛି ତ ସାହାଯ୍ୟ କରିବାକୁ ପଡିବ । ତା ଉପରେ ଆହୁରି ଲୋକ ମାନଙ୍କ ଋଣ ନେଇ ନଶୁଝିଲେ...ନାଇଁ ବାବୁ ଆପଣ ଗ୍ରହଣ କରି ମତେ ଏ ଋଣରୁ ମୁକ୍ତ କରନ୍ତୁ ।

ISSN NO.
2582-208X

ହଠାତ୍ ପ୍ରଭାକର ବାବୁ ନିଦରୁ ଉଠିଲା ପରି ଆଶ୍ଚର୍ଯ୍ୟରେ ଲୋକଟିର ମୁହଁକୁ ଚାହିଁ ରହିଲେ। ଏ ମୁର୍ଖ ନୁହେଁ ମହା ପଣ୍ଡିତ । ଏବେ ଭାବୁଛନ୍ତି କମି ତାଙ୍କ ନିଜ ଭିତରେ ବାହାରେ କୋଉଠି ନାହିଁ । ନିଜ ମନକୁ ପରିବର୍ତ୍ତନ କରିବା ଦରକାର । ନିଜକୁ କିଛି ପ୍ରୟୋଜନୀୟ କାମରେ ନିଯୁକ୍ତି କରିବା ଦରକାର । ସମାଜର କିଛି ଉପକାର କରିବା ଦରକାର । ତାଙ୍କ ଉପରେ ବି ଧରିତ୍ରୀ ମା ର ଅନେକ ଋଣ ହୋଇଗଲାଣି । ଏତେ ବର୍ଷ ହେଲା ସେ ତାର ପାଣି ପବନ, ଫଳ ଖାଦ୍ୟ ସବୁ ଉପଭୋଗ କରିଆସିଛନ୍ତି । ଶୁଝିବାର କୌଣସି ଚିନ୍ତା ନକରି ।


ଲୋକଟି କିଛି କାକୁଡି, ଭେଠି, ଜହ୍ନି ବିକିବାକୁ ନଉଥିଲା । ତା ଡାଲାରୁ ସେ ଗୋଟିଏ ଗୋଟିଏ ପରିବା ଉଠେଇ ଟଙ୍କା ସବୁ ତାକୁ ଫେରେଇ ଦେଲେ । ଲୋକ ଟି ଆଶ୍ଚର୍ଯ୍ୟ ହେଲା ସତ ଆଉ କିଛି କାକୁଡି ତାଙ୍କୁ ଦେଲା । ପ୍ରଭାକର ବାବୁ ଏହି ଗୁରୁଙ୍କ ଠାରୁ ଋଣ ଶୁଝିବା ଆରମ୍ଭ କରିବେ ।

ସେଦିନ ସେ ଘରକୁ ଫେରିଥିଲେ ସତ କିନ୍ତୁ ନୂଆ ରୂପରେ ନୂଆ ଚିନ୍ତାଧାରା ନେଇ । ସାଙ୍ଗ ଗୁରୁଚରଣର ଗୋଟେ ଅନୁଷ୍ଠାନ ଥିଲା ଯୋଉଠିକି ସେ କିଛି ସାଙ୍ଗ ମାନଙ୍କ ସହାୟତାରେ ପରିଚାଳନା କରୁଥିଲା । ବହୁତ ଅସହାୟ ଲୋକଙ୍କୁ ସାହାଯ୍ୟ କରି । ପ୍ରଭାକର ବାବୁଙ୍କୁ ବି ଅନେକ ଥର ଡାକିଛି ସେମାନଙ୍କ ସହିତ ମିଶି କିଛି ଉପଯୋଗି କାମ କରିବାକୁ । ସେ ତବେଳେ ସେ ତା କଥାରେ ଏତେ ଗୁରୁତ୍ୱ ଦେଇ ନଥିଲେ । ଆଜି ସେ ସିଧା ତା ପାଖକୁ ଚାଲି ଯାଇଥିଲେ । ମଣିଷ ଜନ୍ମ ଅମୂଲ୍ୟ, ତାକୁ ଏପରି ଭାବରେ ନଷ୍ଟ କରିବାକୁ ଦିଆ ଯାଇ ପାରେନା ।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ଜୀବନ କେବେ କବିତା କେବେ ଗଳ୍ପ ପରି ଲାଗେ



ବିନୟ ମହାପାତ୍ର

ଜୀବନ କେବେ କବିତା,
ଆଉ କେବେ,
ରୋମାଞ୍ଚକ ଗପ ପରି ଲାଗେ,
କେବେ ମିଠା ମିଠା ସୁରେ ଭରା ପଦ
କେବେ ଛନ୍ଦେ ବନ୍ଧା ସୁଲଳିତ ଜତିପାତ,
ସେଥି ପାଇଁ ଜୀବନ ସାଥିରେ
କେବେ ପ୍ରେମ ହୋଇ ଯାଏ ।
କେବେ ଲାଗେ ଜୀବନଟା
କଳ କଳ ଝରଣାର ଜଳ ପରି
ଅଙ୍କା ବଙ୍କା ପାଦ ଥାପି ବୋହି ଯାଏ,
ସତେ ଅବା ମଦାଳସୀ
ଲାଜୁକୀ ନାୟିକାଟିଏ,
ଗୁଣୁ ଗୁଣୁ କୋକିଳ କଣ୍ଠରେ
ପ୍ରଣୟର ଗୀତ ଗାଇ ଯାଏ ।
କେବେ ବୀଣାର ଝଙ୍କାରେ
କେବେ ପାଉଁଜୀର ରୁଣୁ ଝୁଣୁ ସୁରେ
କେବେ ସଂଗୀତର ମଧୁର ତାନରେ
ଏ ଜୀବନ ଧୀରେ ଧୀରେ ବୋହି ଯାଏ ।

ISSN NO.
2582-208X

କେବେ ଜୀବନଟା ରହସ୍ୟଭରା
ରୋମାଞ୍ଚକ ଗଳ୍ପଟିଏ,
ଆରମ୍ଭ ତ ଜଣା ପଡି ଯାଏ,
କାହାଣୀର ଅନ୍ତ
ସଂଶୟର ମାୟାଜାଲେ ଘୁରି ବୁଲୁ ଥାଏ,
କେବେ ପରିସ୍ଥିତି ସାଥେ,
ସମୟ ବଦଳି ଯାଏ ।
କେତେ ଚରିତ୍ର,
କେତେ ପାତ୍ର ଗହଳରେ
ନିଜେ ନିଜକୁ ଖୋଜୁ ଖୋଜୁ
କେବେ ଅନ୍ଧାର ଢାଙ୍କି ଆସେ,
କେବେ ମିଳନ, କେବେ ବିରହ
କେବେ ପାଇବା, କେବେ ହରାଇବା
ବେଦନାର ଅନୁଭବ ଦେଇ ଯାଏ ।

ଜୀବନରେ କେତେ ଯେ ସଙ୍ଘର୍ଷ
ଦି'ଘଡି ବଞ୍ଚିବା ପାଇଁ,
ଲହୁ ଲୁହାଣ ମଣିଷ ଜୀବନ
ଲଢେ କେତେ ଯେ ଲଢେଇ,
ଖଳ ନାୟକର କେତେ
କୁଟିଳ ଚକ୍ରବ୍ୟୂହ ଭେଦି,
କେବେ ଯୁଦ୍ଧ ଜିତି ଯାଏ,
କେବେ ସପ୍ତ ମହାରଥୀ ମେଳେ
ଅସହାୟ ଅଭିମନ୍ୟୁ
ଏକୁଟିଆ ବଳି ପଡିଯାଏ ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ପୁରୀ ରଥଯାତ୍ରାର ଇତିବୃତ୍ତି



ସଂଯୁକ୍ତା ସାହୁ

କିମ୍ବଦନ୍ତୀ କହେ ଏହା ଗଙ୍ଗବଂଶ ସମୟର
ଆଉ ଜଗନ୍ନାଥଙ୍କ ପୂଜା ଅତି ପ୍ରାଚୀନ
୧୧୧୯ ଶକାବ୍ଦ ବା ୧୧୯୭ ଖ୍ରୀଷ୍ଟାବ୍ଦ ରେ
ଜଗନ୍ନାଥ ମନ୍ଦିର ହୋଇଥିଲା ନିର୍ମାଣ ।
ଆମ ଓଡ଼ିଶାର ଜଗନ୍ନାଥ ସଂସ୍କୃତି ଅଟଇ
ପ୍ରଭୁ ଉପାସ୍ୟ ଦେବତା ବିଭିନ୍ନ ସମ୍ପ୍ରଦାୟର
କେତେବେଳେ ବୁଦ୍ଧ, କେତେବେଳେ ଜୈନ
ପୁଣି ଶାକ୍ତ, ଶୈବ, ବୈଷ୍ଣବ, ଗାଣପତ୍ୟର ।
ସବୁ ଧର୍ମର ସମନ୍ୱୟ ପ୍ରଭୁ ଜଗତର ନାଥ
ପୁରୁଷୋତ୍ତମ ଧାମରେ ବିରାଜମାନ
ଏହି ଧାମରେ ଅଭ୍ୟୁଦୟ ଜଗନ୍ନାଥ, ବଳଭଦ୍ର
ସୁଭଦ୍ରା, ସୁଦର୍ଶନ ଓ ସପ୍ତଧାବିଗ୍ରହମାନ ।
ରଥଯାତ୍ରା କେବେ ପ୍ରଚଳିତ ହୋଇଥିଲା
ତାହା ନିର୍ଣ୍ଣୟରେ ଅଛି ମତ ବିଭିନ୍ନ ବିଭିନ୍ନ
ପ୍ରଭୁ ଜଗନ୍ନାଥ, ଭାଇ ବଳଭଦ୍ର, ଭଉଣୀ
ସୁଭଦ୍ରା ଆଉ ଆୟୁଧ ଯେ ସୁଦର୍ଶନ ।
ବୈଦିକ ଗ୍ରନ୍ଥ ଜଗନ୍ନାଥ ତତ୍ୱରେ ବିଦିତ
ପୁରୀରେ ନଅ ଦିନ ରଥଯାତ୍ରା ପାଳନ୍ତି

ISSN NO.
2582-208X

ତିନିରଥରେ ବସି ଚତୁର୍ଦ୍ଧାମୂର୍ତ୍ତି ମହବେଦୀକୁ
ଜନ୍ମସ୍ଥାନ ବା ଯଜ୍ଞମଣ୍ଡପକୁ ଯାଆନ୍ତି ।
ସ୍ନେହ ପ୍ରେମ, ମୈତ୍ରୀ ଓ ଭାତୃଭାବର ପ୍ରତୀକ
ଚାରିବର୍ଣ୍ଣ, ଚାରିବେଦ, ଚାରି ଇନ୍ଦ୍ରିୟର
କ୍ଷର ଠାରୁ ମହାନ, ଅକ୍ଷରଠାରୁ ଶ୍ରେଷ୍ଠ
ଷୋଳକଳାରେ ପରିପୂର୍ଣ୍ଣ ସେ ଠାକୁର ।
ରହସ୍ୟମୟ ଏ ଚତୁର୍ଦ୍ଧାମୂର୍ତ୍ତି ଯାହାଙ୍କୁ
ଜାଣିବା ନୁହେଁ ଯେ ଏତେ ସମ୍ଭବ
ଦାରୁବ୍ରହ୍ମ ରୂପେ ସମନ୍ୱୟର ଦେବତା
ନାହିଁ ତାଙ୍କ ନିକଟରେ ଭେଦଭାବ ।
ତେଣୁ କୁହାଯାଏ :-
ସର୍ବମ ରହସ୍ୟ ପୁରୁଷୋତ୍ତମସ୍ୟ ଦେବଃ
ନ ଜାନନ୍ତି କୁତଃ ମନୁଷ୍ୟ ।
ସେ ଜାତିଭେଦ ଠାରୁ ଉର୍ଦ୍ଧରେ, ପ୍ରଭୁ
ନିର୍ଗୁଣ, ସେ ନିର୍ବିକାର ମାଲିକ ବିଶ୍ୱର
ତା ଭିତରେ ଶ୍ରେଷ୍ଠ ଯୋଗୀ, ଭୋଗୀ,
ଶ୍ରଦ୍ଧାର ବାଲି ମୁକ୍ତିର ମାର୍ଗ ସ୍ୱର୍ଗଦ୍ୱାର ।
ଶ୍ରୀଜଗନ୍ନାଥଙ୍କର ରୂପଚିନ୍ତନ ଓ ରଥଯାତ୍ରା
ଉତ୍ସବର ଏକ ବିଶ୍ୱ ଆଧ୍ୟାତ୍ମିକ ଚେତନା
ପୁରୁଷୋତ୍ତମ ଏକମାତ୍ର ଦାରୁବିଗ୍ରହୀରୂପୀ
ପରଂବ୍ରହ୍ମ ଦାର୍ଶନିକ ବିଗ୍ରହର କଳ୍ପନା ।

ଗ୍ରା/ହାମା, ଜଗତସିଂହପୁର

ISSN NO.
2582-208X

# ଜହର



ଛବି ରାଣୀ ପତି

କିଛି ବିଷ ଜ୍ୱାଳା  ଜୀବନରେ ଭରେ
ଆକ୍ରୋଶ , ହିଂସା ଓ ଈର୍ଷା
ଅମ୍ଳଜାନ ଯେତେ ନେଲେବି ନିଃଶ୍ୱାସେ
ଲିଭେନି ଜହର ଦଶା  ।।

ମନଖୋଲି ପଦେ କଥାବି ହୋଇଲେ
ଉଦ୍ଗାରେ ଭିତର ବିଷ
ଜାଳି ପୋଡ଼ିଦିଏ ମନଦଶା ମାନ
ବୁଡାଏ ସବୁରି ହୋସ  ।।

ବିଶ୍ୱସ୍ତର ଛଳେ ପଛରୁ ଥାପୁଡି
ପିଠିକୁ ମାରେସେ  ଛୁରା
ବୃଥା ପ୍ରଶଂସାରେ ପୋତିଦେଉ ଥାଏ
ଧରାଇ ନିନ୍ଦା ପସରା ।।

କପଟୀ ଜହର ପ୍ରେମଫାସେ ବାନ୍ଧି
କରାଏ ଜୀବନ ନଷ୍ଟ
କଳ, ବଳ ଆଉ କୌଶଳ ଲଗାଇ
କରିଦିଏ ମତିଭ୍ରଷ୍ଟ ।।

ମଧଶାସନ, ବିରିଡ଼ି
ଜଗତସିଂହପୁର /ଫୋନ -୯୩୩୭୯୬୦୦୬୦

ISSN NO.
2582-208X

# ମାମା



ଅଳକା ମହାନ୍ତି

କଲ୍ୟାଣୀ ଙ୍କ ମନ ଲାଗୁନି କୋଉଠି। ଯେତେ ବୁଝାଇଲେ ବି ଅବୁଝା ମନ ସୁଦୂର ଅଷ୍ଟ୍ରେଲିଆ ରେ ଥିବା ଏକମାତ୍ର କନ୍ୟା ସନ୍ତାନ  ପାଖକୁ ତାଙ୍କ ମନ ଚାଲିଯାଉଛି। ଯନ୍ତ୍ର ଚାଳିତ ପରି ନିଜର ଦୈନନ୍ଦିନ କାର୍ଯ୍ୟ ସମ୍ପନ୍ନ କରୁଥିବା ସତ୍ତ୍ୱେ ସେ ଥରେ ଦୁଇଥର ଭିଡିଓ କଲ୍ ରେ ନିଜ ଅନ୍ତସତ୍ୱା ଝିଅ କୁ ନ ଦେଖିଲେ ପାଣି ପିଇ ପାରୁ ନଥାନ୍ତି।  ନିଜ ଜୀବନକୁ କିପରି ଅସୁରକ୍ଷିତ ଅବସ୍ଥାରେ ଅତିବାହିତ କରି ତାର ଲାଳନ ପାଳନ କରିଛନ୍ତି ସେ କଥା କେବଳ ଈଶ୍ୱର ଙ୍କୁ ଜଣା। ମନେ ପଡେ ସେ ତାଙ୍କର ପ୍ରଥମ ଦିନର କାହାଣୀ, ସ୍ୱାମୀ ହସ୍ପିଟାଲ୍ ରୁ ରିପୋର୍ଟ ଆଣି କାହିଲେ "ପଜିଟିଭ"। ସେ ନିଜେ ବି ଲାଜ ରେ କହି ପାରିଲେନି, "କଲ୍ୟାଣୀ ତୁମେ ମା ହେବାକୁ ଯାଉଅଛ"। ହେଲେ ତାଙ୍କ ମନ ବହୁତ ଖୁସି ଥିଲା। କହିଲେ ମୋର ଗୋଟିଏ ସନ୍ତାନ  ଦରକାର, ସେ  ବି ଝିଅ "।

କିନ୍ତୁ ଦୁଇ ଜଣ ଭିତରୁ କେହି ଜାଣି ନଥିଲେ କିପରି ସେ ସମୟ କୁ ସୁଚାରୁ ରୁପେ ଅତିବାହିତ କରି ସନ୍ତାନ ଜନ୍ମ କୁ ସାର୍ଥକ କରିବେ। କେହି ଗୁରୁଜନ ନଥିଲେ ଉପଦେଶ ବା ଯତ୍ନ କରିବାକୁ। ନା କିଛି ଟିଭି, ସୋସିଆଲ ମିଡିଆ, ଫୋନ୍, ଗୁଗୁଲ ଥିଲା ଅତ୍ୟାଶ୍ୟକୀୟ ଜ୍ଞାନ ଆହରଣ ପାଇଁ। କିଛି ଅନ୍ଧ ବିଶ୍ୱାସର ଶିକାର ହୋଇ ଅବା କିଛି ନିଜ ଇଚ୍ଛା ର ବଶବର୍ତ୍ତି ହୋଇ କିପରି ସନ୍ତାନକୁ ଜନ୍ମ ଦେଲେ, ଲାଳପାଳନ କଲେ ସେମାନେ ହିଁ ଜାଣନ୍ତି। ଚାଇଲ୍ଡ ସାଇକୋଲୋଜି ଜାଣିବାର ବି ଏତେ ସେମାନେ ଜାଣି ନଥିଲେ।

ISSN NO.
2582-208X

ସେ ଯାହା ହେଉ, ଈଶ୍ୱର ଙ୍କ ଅପାର କୃପାରୁ  ସେଦିନ ଏକ ସୁନ୍ଦର ଅପରାହ୍ନ ରେ ଏକ ନବ କଳିକା କୁ ଜନ୍ମ ଦେଇ କଲ୍ୟାଣୀ ଆଉ ଶିବଦତ୍ତ ଏକ ନୂଆ ଜନ୍ମ ରେ ପଦାର୍ପଣ କଲେ, ଯାହାକୁ କହନ୍ତି "ପିତା ମାତା"। ସେଦିନ ଠାରୁ କଳିକା ସହିତ ଦୁଇ ପିତା ମାତା ଙ୍କ ର ବି ଜନ୍ମଦିନ ପାଳିତ ହୋଇ ଆସୁଛି। କଲ୍ୟାଣୀ ଈଶ୍ୱରଙ୍କୁ ଧନ୍ୟବାଦ ଦେବା ସହିତ ନିଜ ସ୍ୱାମୀ ଆଉ ଝିଅ କଳିକା ଙ୍କୁ ବି ଅଶେଷ ଧନ୍ୟବାଦ ଦିଅନ୍ତି, କାରଣ ତାଙ୍କୁ ମା  ପରି ବିଶେଷ ଆସନ ରେ ଅଳଙ୍କୃତ କରିବାରେ ଏ ତିନି ଜଣଙ୍କର ଅବଦାନ ଅଛି ବୋଲି। ନିଜକୁ ସର୍ବଦା ଭାଗ୍ୟବତୀ ମଣନ୍ତି ସେ। ଅନ୍ତତ କଳିକା ଆସି ତାଙ୍କୁ ମାତୃତ୍ୱ ପ୍ରଦାନ କଲା ବୋଲି । କହନ୍ତି "ତୁ ମୋ  ଗର୍ଭ କୁ ଚୟନ କରି ମୋତେ ଧନ୍ୟ କରିଛୁ କଳିକା। ଆଜି ମୁଁ ସମ୍ପୂର୍ଣ୍ଣ ।"

ବଡ଼ ହୋଇ ନବ କଳିକା ତାର ସୁବାସ ରେ ଚଉଦିଗ ଚହଟାଇ ଦେଲା। ଉଚ୍ଚଶିକ୍ଷିତ ହେବା ପରେ ନିଜେ ତାର ଜୀବନ ସାଥି  ଟିଏ ବାଛି ନେଇ ଆଜି ସୁଦୂର ଅଷ୍ଟ୍ରେଲିଆ ରେ ଜୀବନ ଯାପନ କରୁଛନ୍ତି। ଦୁହେଁ ରୋଜଗାରକ୍ଷମ। ଦୁହେଁ  ଉଚ୍ଚ ଶିକ୍ଷିତ ହେବା ସହିତ ଈଶ୍ୱରୀୟ କାର୍ଯ୍ୟ ରେ ନିଯୋଜିତ। ସମ୍ପୂର୍ଣ୍ଣ ସମର୍ପିତ ।

ଅଷ୍ଟ୍ରେଲିଆ ର ସମୟ ଆମ ଠାରୁ ଆଗୁଆ। କଲ୍ୟାଣୀ ସକାଳ ହେବାକୁ ଅପେକ୍ଷା କରିବା ଆଗରୁ କଳିକା Facebook  ରେ ପୋଷ୍ଟ କରିଛି ବିଶ୍ୱ ମାତୃ ଦିବସ ଉପଲକ୍ଷେ ଏକ ଚିଠି ତାଙ୍କ ଉଦ୍ଦେଶ୍ୟ ରେ। ହେଲେ କଲ୍ୟାଣୀ କାହିଁକି ଜାଣିବେ !!

ସକାଳୁ ଚିରାଚରିତ ଢଙ୍ଗ ରେ ଭିଡ଼ିଓ କଲ୍ କୁ ଅପେକ୍ଷା କରି ବସିଛନ୍ତି। ଶିବଦତ୍ତ କହିଲେ, ହାଇହୋ, କଣ ?? ମାଆ ଝିଅ ଙ୍କ ପର୍ବ ସରିଲା ନା ନାହିଁ??? କଣ ଆଜି ମାତୃ ଦିବସରେ ମୋ ପରି ଦୁସ୍ତ ପିତୃଦେବ ଙ୍କୁ କିଛି ମିଳିବ କି ନାହିଁ??

-- ଆରେ, ପିଲାଟା କାହିଁକି ଫୋନ୍ କଲାନି। ଅଧଘଣ୍ଟେ ଡେରି ହୋଇ ଗଲାଣି। ସେ ତ ଆମର ୬ ଟା ବାଜୁ ବାଜୁ ଫୋନ୍ କରେ। ଆଜି ତ ନିଶ୍ଚୟ କରିବା କଥା। ପ୍ରେଗ୍ନେଣ୍ଟ ଅଛି । ମୋର ମନ ଲାଗୁନି ଜମା। ଏ ସମୟ ରେ ତ ଯାଇ ବି ହେବନି। କଣ କରିବି।

ISSN NO.
2582-208X

-- ଶିବଦତ୍ତ ଙ୍କୁ ବି ଟିକେ ଅଡୁଆ ଲାଗିଲା, ସେ କହିଲେ ତୁମେ ଚା କର ମୁଁ ଦେଖୁଛି । ହଠାତ୍ ଫେସ ବୁକ୍ ଖୋଲି ଦେଲେ । ଦେଖିଲେ, କେବେ ଝିଅ ଏତେ ଫେସବୁକ୍ କରେନି। ଆଜି ଗୋଟେ ମେସଜ୍ ଦେଇଛି । ମା କୁ ବି ଓ  ସମାଜ ର ସବୁ ମା ଙ୍କୁ ବି। ସାଥିରେ ଦେଇଛି କଲ୍ୟାଣୀ ଙ୍କ ହାତ ଲେଖା ଚିଠି ର ଫଟୋ। ସେ ପଢୁଥିଲେ,

ମାମା,

ତୁମେ ସବୁବେଳେ ନିଜକୁ ଏତେ ଅକ୍ଷମ, ଅଧମ, ମୂର୍ଖ ଆଉ ଅଶିକ୍ଷିତ ଭାବୁଥିଲ। ମୋ ବାହାଘର ବେଳେ ଗୋଟେ ଚିଠି ମୋ ହାତରେ ଦେଇ ଦେଇଥିଲ ଆଉ କହିଥିଲ, "କଣ୍ଢେଇ ମୋର। ତୋ ସହିତ ଖେଳିବାର ଦିନ ଆମର ସରିଗଲା। ଝିଅ ମାନେ ପରା ଦେବୀ। ସେ ମଙ୍ଗଳମୟୀ। ତାଙ୍କୁ ଆମେ କୌଣସି ବି ରୂପରେ ଦେଖି ପାରୁ। ଏନ୍ତୁଡ଼ି ଶାଳେ, ସେ ଦେବକୀ, ବାତ୍ସଲ୍ୟ ମମତା ଭରା ଯଶୋଦା ଆଉ କୌଶଲ୍ୟା, ଜ୍ଞାନ ଅନ୍ଧକାର ରେ ସେ ବାଗ୍ଦେବୀ ସରସ୍ୱତୀ, ବିପଦେ ଦୂର୍ଗା, ସମ୍ପଦେ ଲକ୍ଷ୍ମୀ, ବ୍ୟଞ୍ଜନେ ଅନ୍ନପୂର୍ଣ୍ଣା, ସହନଶୀଳତା ରେ ପୃଥ୍ୱୀ, ବିଶ୍ରାମ ରେ ନିଦ୍ରା ଦେବୀ। ଦେବୀ ଙ୍କୁ କଣ ମୁଁ ଏକା ନିଜସ୍ୱ କରି ରଖି ପାରିବି। ସେ ହିତାକଂକ୍ଷୀ । ହିତ ର ପ୍ରତୀକ। ତୋ କର୍ମ ପଥରେ ଆଗେଇ ଗଲା ବେଳେ ଗଙ୍ଗା ର ପ୍ଲାବନ ଧାରା ପରି ଦୁଇ ପାର୍ଶ୍ୱରେ ଥିବା ସମସ୍ତ ଜୀବ ର କଲ୍ୟାଣ କରୁଥିବୁ। କେବେ ଈଶ୍ୱର ଙ୍କ ହାତ ଛାଡ଼ିବୁନି। ତୁ ହେଉଛୁ ତୋର ପରିବାର ର ଶକ୍ତ ସ୍ତମ୍ଭ। ସମସ୍ତ ଜୀବ କୁ କାୟ, ମନ, ବାକ୍ୟ ରେ ଦାନ ଦେବା କୁ ଭୁଲିବୁନି। ତୋର ଜ୍ଞାନ, ଗାରିମା ଆଉ ସଂସ୍କାର ତୋର ଆଗ ପିଢ଼ି କୁ ଏକ ନିମ୍ନ ଗାମୀ ସ୍ରୋତ ପରି ଯିବ। ସେଥିପ୍ରତି ସର୍ବଦା ଧ୍ୟାନ ଦେବୁ। ମୁଁ ଗୋଟେ ଭଲ ମା କି ନା ଜାଣି ପାରିଲିନି। କିନ୍ତୁ ତୁ ତୋର ଆଗ ପିଢ଼ି କୁ ଯଦି ପବିତ୍ର ସ୍ନେହ ପ୍ରେମ ରେ ବଢାଇ କୁଢ଼ାଇ ଦେଶ ଦୁନିଆଁ ରେ ସମାଜ ପରିବର୍ତ୍ତନ ରେ ସାମିଲ କରି ପାରିବୁ, ଜାଣିବି ମୋର ମାତୃତ୍ୱ ର ପରିପୂର୍ଣତା ହେବ।"

ମାମା, ଆଜି ମୁଁ ବି ମା ହେବାକୁ ଯାଉଛି। ଏଇଠି ଆମେ ଦୁଇ ଜଣ ପ୍ରେଗନେଣ୍ଟ ବୋଲି ଡକ୍ଟର କହିଲେ। counselling  ବେଳେ କହିଲେ ତୁମ ଦୁଇ ଜଣଙ୍କର ଜିମେଦାରି। ମାମା ତୁମେ ମୋ ଗୁରୁ ଆଉ ଦିଗ୍ଦର୍ଶକ ।  ଯେ ଡକ୍ଟର ମାନେ medical tips ସହିତ ତୁମ ପରି ଅନେକ କଥା କହିଛନ୍ତି କିପରି ଆମେ ଦୁହେଁ ମିଶି କି ପିଲା କୁ ମଣିଷ କରିବୁ। ସେଠାରେ ସିନା କେବଳ ସ୍ତ୍ରୀ ଟା pregnant  ବୋଲି କୁହନ୍ତି । ଏଇଠି ସେ ସବୁ ନାହିଁ ମାମା। ଦୁଇଜଣ

ISSN NO.
2582-208X

ଆମେ ଆମ ବେବି ସହିତ ଗର୍ଭ ରୁ କଥା ହେଉଛୁ। ସବୁ ସେ ଶୁଣିଛି। ସେ ତା ଆଇ ର ଦେଖାଇ ଥିବା ରାସ୍ତା ରେ ନିଶ୍ଚୟ ଯିବ।

ତୁମେ କଣ କୋଉ ଡକ୍ଟର ଠାରୁ କମ୍ କି ମାମା !! ??"

ଶିବଦତ୍ତ ବାବୁ ଆଖିରୁ ଲୁହ କୁ ଲୁଚାଇ କହିଲେ, "ତୁମ ଝିଅ ତୁମକୁ କେତେ ସୁନ୍ଦର ଉପହାର ଦେଇଛି ଦେଖ ଫେସବୁକ୍ ରେ। ଝିଅ ଯଦି ମା ଠାରୁ ଶିଖି ତାର ଗର୍ଭ ରୁ ତ ପିଲା କୁ ସଂସ୍କାର ଦେଇ ଚାଲିବ, ତେବେ ସେ ଉତ୍ସ ରୁ କେବେ ପ୍ରଦୂଷିତ ନଦୀ ପ୍ରବାହିତ ହେବ ନାହିଁ। ସେ ମଙ୍ଗଳମୟୀ ନଦୀ ର ଧାରା ଟିଏ ହୋଇ ପବିତ୍ର ପ୍ରେମରେ ପ୍ଲାବିତ କରୁଥିବ ଦେଶ ଆଉ ଦୁନିଆଁ କୁ।

କଲ୍ୟାଣୀ ଅତ୍ମ ବିଭୋର ହୋଇ ବାରମ୍ବାର ଫେସବୁକ୍ ର ପୋଷ୍ଟ କୁ ଦେଖୁଥାନ୍ତି।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# ଶୂନ୍ୟତା ରେ ପୂର୍ଣ୍ଣତା



କୁଞ୍ଜବିହାରୀ ରାଉତ

ଶ୍ମଶାନ,
ଜାଣିଛକ ବଂଧୁ ଏହି ମୂଲ୍ୟବାନ ସ୍ଥାନ ସଂପର୍କରେ
ଅନେକ ଦୁର୍ମୂଲ୍ୟ ଭାବନା ସବୁ କବର ନେଇଛି
ଏହି ଶ୍ମଶାନ ରେ,
ଦୁର୍ମୂଲ୍ୟ ଭାବନାକୁ ଉଦଯିବିତ କରିଥିବା
ଅଂସଖ୍ୟ ଲୋକେ ଏବେ ସ୍ମୃତିର ଅତଳ ଗହ୍ୱରେ
ଲୁଚଗଲେଣି, ଲୁଚଗଲାଣି ଅସଂଖ୍ୟ ଭାବନା
ଯାହା ସମାଧିସ୍ଥ ହୋଇଛି  ସବୁ ଶ୍ମଶାନରେ....
ହେ ବଂଧୁ!
ତୁମ ପାଖରେ ଥିବା ଭଲ ଚନ୍ତା ଚେତନାକୁ
ବିସ୍ତାରି ଦିଅ
ଭାବନାକୁ ବାସ୍ତବ ରୂପ ଦିଅ
ଜ୍ଞାନକୁ ବିତରଣ କର
ଲକ୍ଷ୍ୟ କୁ ହାସଲ କରିନଅ
ମଣିଷକୁ ଭଲପାଅ,
ନଜ ଭାବନାରେ ଭାଗିଦାର କର
ରଖନ ନଜ ଭିତରେ କଛି,
ବାଣ୍ଟିଦିଅ
ଦେଖିବ ତୁମେ ଅବସୋସ ଶୂନ୍ୟହୋଇ

ISSN NO.
2582-208X

ମୃତ୍ୟୁ ବରଣ କରିବ
ଶୂନ୍ୟତାରେ ତୁମେ ପୂର୍ଣ୍ଣତା ଲାଭ କରିବ.....
ମାନବୀୟ ମୂଲ୍ୟବୋଧ, ମଣିଷପଣିଆ, ନୀତିନୈତିକତା
ବାଣ୍ଟିଦିଅ ସାରା ସଂସାରରେ
ଧନୀ ହେବା ଅପରାଧ ନୁହେଁ
କିନ୍ତୁ ଅର୍ଥକୁ ନେଇ ଧନୀ ହେବା ନିର୍ବୋଧତା
ଜୀବନର ଶେଷ ଲକ୍ଷ୍ୟ
ସୁଖ, ଶାନ୍ତି, ସନ୍ତୋଷ
ଯାହା ବିକ୍ରି ହୁଏନାହିଁ
କି କିଣି ହୁଏ ନାହିଁ
ତେବେ କିମ୍ପା ଏତେଚିନ୍ତା
ଖୋଲ ହୃଦୟରେ ଦୁନିଆରୁ ଗ୍ଲାନିଗଲେବି
ପାଇବ ଶୂନ୍ୟତାରେ ପୂର୍ଣ୍ଣତା....

ପ୍ଲଟ ନଂ: ୧୪୮/୫, ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# ସପନ ପଖଳା ଗାଁ



ସରୋଜଲକ୍ଷ୍ମୀ ମହାନ୍ତ

ଯା'ରେ ବଉଦ ସପନ ଦୋଳରେ
ପାହାଡ  ସେପାରି ଗାଁ
ଯେଉଁଠି ମୁଁ ଦିନେ ଲେଖିଆସିଥିଲି
ତା ଧୂଳରେ ମୋ ନାଁ
ଦାଣ୍ଡ  ଚଉତରା ପଛକୁ ଲାଗିଛି
ଝରା ସେଫାଳର ଗଛ
ବଉ ସମାଧିରେ ଝରିପଡୁଥାଏ
ଛୁଟାଇ ତାହାର ବାସ
ଉଚ୍ଚପିଣ୍ଡା ଲାଗି ଜାଉଁଳ କବାଟ
କି ସୁନ୍ଦର  କୃତିକମ
ସେଇଠି ବସି ମୋ ବାପା ଗୃହିଁଥାନ୍ତ
ଫେରିବା ବାଟକୁ ଆମ
କାହ୍ନୁ ସାଗ୍ ତାର ଝାପସା ଦିଶୁଥିବ
ଛକ ଶୂନ  ଖେଳଦାଗ
ବଡ ଆମ୍ବଗଛ ନୁଆଁଣିଆ ଡାଳେ
ଦିଶୁଥିବ ଦୋଳ ଦାଗ
ରୋଷଘରେ ତାର ଭରି ବାସୁଥିବ
ବଉର ଶାଗ ଖରଡା
ଆମ୍ବନସି ଭଙ୍ଗା ପଖାଳ କଂସାରେ
ବାସୁଥିବ ବଡିଚୁରା

ISSN NO.
2582-208X

ନଡିଆ ବାହୁଙ୍ଗା ତଳେ ଝୁଲୁଥିବ
ବାଇଆ  ଚଢେଇ ବସା
କରମଙ୍ଗା ଡାଳେ କଚରି ମିଚରି
ଶୁଆ ସାରି ଆଡରଷା
ଭଉଜ ବଡମା କକା ଦାଦା ଖୁଡି
ସବୁ କେତେ ଆପଣାର
ଆନ୍ତରିକତାର  ମିଠା ପରଶରେ
ନବିଡ ସମ୍ପର୍କ  ଡୋର
ଶୈଶବ କୈଶୋର ସାଇତି ଆସିଛି
ସେଘରର ସିନ୍ଦୁକରେ
ଲୁହ ମୋର ସେଠି ଅଜାଡି ଦେବୁରେ
ଉଛୁଳା ବରଷା ଧାରେ
ସଙ୍ଗାତ  ବଉଳ ନାହାନ୍ତୁ ରେ ଆଉ
ଅଛି ସେ ପୋଖରୀ ତୁଠ
ଯେଉଁଠାରେ ବସି ଜେଜେମା ସାଥେ
ଗାଉଥିଲୁ ରଜ ଗୀତ
ଛୁଇଁ ଆସିବୁ ସେ ପବିତ୍ର  ମାଟିକୁ
ପଗ୍ଭରିବୁ କୁଶଳତା
କଏଜାଣେ ପୁଣି କେଉଁ ଜନମରେ
ତା କୋଳରେ ଦେବ ଯାଗା ।

ନନ୍ଦନବିହାର, ଭୁବନେଶ୍ୱର

ISSN NO.
2582-208X

# ପରମବନ୍ଧୁ



ଜୟଶ୍ରୀ ପଟ୍ଟନାୟକ

ପରମବନ୍ଧୁ ସେ ମାନବର ଅଟେ ତାକୁ ଭଲ ପାଅ ଥରେ
ସିଏ ଅଛି ବୋଲି ପକ୍ଷୀ ଗାଏ ଗୀତ ଡାଳେ ବସି ପ୍ରଭାତରେ
ସିନ୍ଦୁରିତ ସୂର୍ଯ୍ୟ ଯେବେ ପୂରୁବରେ ଉଏଁ ପାହାନ୍ତି ପ୍ରହରେ
ସୁନାର କିରଣେ ଝଲସି ଉଠଇ ପାଦପ ଯେ ବିଜନରେ ।
ପତ୍ର ସମ୍ଭାରରେ କରଇ ତିଆରି ଅମ୍ଳଜାନ ପ୍ରାଣଦାନ
ଅଙ୍ଗାରକାମ୍ଳ ଶୋଷି ନେଇଯାଇ ଦିଅଇ ତ ସିଏ ଜୀବନ
ଜନମଦାତ୍ରୀ ଅଟଇ ପ୍ରକୃତି ହସ ତାର ପୁଷ୍ପ ବିତାନ
ବୃକ୍ଷରୋପଣ ଓ କରି ସଂରକ୍ଷଣ ବଢାଇବା ତାର ମାନ ।

ପାହାଡ଼ କୋଳରୁ ବହି କେତେ ଝର ପୁଣ୍ୟ ତୀର୍ଥ ନଦୀ ହୁଏ
ପତ୍ରର ଶଯ୍ୟା ମାଟିରେ ମିଶିଲେ ଗଛକୁ ଖାଦ୍ୟ ତ ଦିଏ
ଜଳର ଉତ୍ସ ଅଟେ ବୃକ୍ଷଲତା ନ ଥିଲେ ମରୁର ଭୂଇଁ
ବୃକ୍ଷ ଶୋଷିନିଏ ଆର୍ଦ୍ର ଜଳକଣା ଚେରର ଜାଲ ବିଛାଇ ।
ଆବଶ୍ୟକତା ମେଣ୍ଟାଇ ନିଜର ବାଷ୍ପ ଆକାରେ ପତ୍ରରେ
ଛାଡ଼ନ୍ତି ବୋଲି ଜଳକଣା ସବୁ ରୂପାନ୍ତର ମେଘଖଣ୍ଡରେ

ବରଷା ହେଲେ ନଦୀ ପୂର୍ଣ୍ଣଗର୍ଭା ଶସ୍ୟ କ୍ଷେତଟି ଶ୍ୟାମଳ
ବୃକ୍ଷ ବିନା କୁହ କାହିଁ ଜଳ ସ୍ଥିତି, ମିଳେନାହିଁ ଥଳକୂଳ ।

ISSN NO.
2582-208X

ସେ ବାଣ୍ଟିଦିଏ ପତ୍ର ପୁଷ୍ପ ଫଳ ସୁଶୀତଳ ତରୁ ଛାୟା
ଆହୁରି ଅନେକ ଦ୍ରବ୍ୟ ଜଗତକୁ ନ ରଖି ମନରେ ମାୟା
ବନ ପଦା କରି ସ୍ୱାର୍ଥପର ହୋଇ ଗଢୁ ପଲ୍ଲୀ ଓ ସହର
ପ୍ରକୃତି ନଥିଲେ କେମିତି ହୋଇବ ବିକାଶ ସଭ୍ୟତାର ।
ତା ଭଲ ପାଇବା ବ୍ୟଥିତ ପ୍ରାଣରେ ଭରିଦିଏ ଉନ୍ମାଦନା
ତା ସହ ବନ୍ଧୁତା ଦୁଃଖ ଦିଏନାହିଁ ତୋଳେ ଜୀବନ ମୂର୍ଚ୍ଛନା
ବନ୍ଧୁ ଭାବ ରଖି ବଢାଇଛି ହାତ ତା ସାଥେ କର ବନ୍ଧୁତା
ଦୁଃଖ ଦିଏନାହିଁ ସମ୍ପର୍କରେ ଦିଏ ସ୍ନେହ ପ୍ରୀତି ଓ ମମତା ।

ଗଙ୍ଗନଗର ଛକ
ଆକ୍ସିସ ଏଟିଏମ ପାଖ
ଭୁବନେଶ୍ୱର 7
7978110474

ISSN NO.
2582-208X



# ଓଡ଼ିଆ ପ୍ରତିଗଳ୍ପର ଭିନ୍ନନାଦ : ତ୍ରିପାଠୀ ସଦାନନ୍ଦ



ପ୍ରତୀଚୀ ନନ୍ଦ

(୧)

ବିଂଶ ଶତାବ୍ଦୀର ଶେଷ ଦଶକରୁ ଏଯାବତ ଅବିରତ କଲମ ଚାଳନା କରିଆସୁଥିବା କଥା ସାହିତ୍ୟର ପ୍ରଖର ସ୍ରୋତ ହେଉଛନ୍ତି ସଦାନନ୍ଦ ତ୍ରିପାଠୀ । ତାଙ୍କ ଲିଖନ ଏବଂ ଭାବ ପରିପ୍ରକାଶର ଶୈଳୀ ହିଁ ସାହିତ୍ୟର ଗହଳି ଭିତରେ ତାଙ୍କୁ ସ୍ୱତନ୍ତ୍ର ବିବେଚିତ କରାଇଦିଏ । ତଥାକଥିତ ଲିଖନ ଭଙ୍ଗୀର ପରିଧିକୁ ଅତିକ୍ରମ କରିବାର ସାହସରେ ସେ 'ପ୍ରତିଗଳ୍ପ' ପରି ଏକ ନୂତନ ସ୍ୱାଦର ପରୀକ୍ଷା କରିଥିଲେ । ଏହି ପରୀକ୍ଷା ହିଁ ତାଙ୍କୁ ସୃଜନରେ ସଫଳତା ଏବଂ ପରିଚିତି ଆଣି ଦେଇଛି । ସେ ଅଟକି ଯାଇ ନାହାନ୍ତି କେଉଁ ପ୍ରତିକୂଳତାରେ । ଅବିରତ ସୃଜନ ପ୍ରକ୍ରିୟାରୁ ତାଙ୍କଠାରୁ ଜନ୍ମ ନେଇଛି ଅନେକ ଗଳ୍ପ ସଂକଳନ । ସେଗୁଡ଼ିକ ହେଉଛି – 'ଅନ୍ୟଜଣେ ସଦାନନ୍ଦ ତ୍ରିପାଠୀଙ୍କ ମୃତ୍ୟୁପରେ (୧୯୯୨), 'ରଙ୍ଗନାଥ ଘଡ଼େଇ' (୧.୧.୨୦୧୯), 'ଯେଝା ବାଟରେ ଯିଏ, 'ନିଜ ନିଜ ନିୟମ' (୨୫.୧୨.୧୯୯୬), 'ସବୁକିଛି ପୂର୍ବ ନିର୍ଦ୍ଧାରିତ', 'ସତୀ' (୧.୧.୨୦୧୮), 'ଅର୍ଦ୍ଧାଙ୍ଗିନୀ', 'ପ୍ରେମଶୀଳାର ମୀନ ରାଶି', 'କବିର ସମୟ', 'ନାଚାର ଷୋଡଶୀ', 'ଅନ୍ଧାରରେ ଦିନେ', 'ସେଇ ବାହାନା', 'ଝଡ଼ିପୋକର ପର', 'ଏମ.ଅଲ୍ଲୀ ଓ ଅନ୍ୟ ଯେତେ ଯିଏ (୦୧.୦୪.୨୦୧୮), 'ଅପ୍ରିୟ ମଣିଷ ଓ ଅନ୍ୟାନ୍ୟ ଚରିତ୍ର', 'କଥା ଶୁଭେ ଲଥା ଲୁଚିଯାଏ' (୦୧.୦୪.୨୦୨୨) ଆଦି ତାଙ୍କ ଶାଣିତ କରକଲମର ନିଦର୍ଶନ । ଆଖ ପାଖ ପରିବେଶରେ ଘଟୁଥିବା ଘଟଣାକୁ ସୂକ୍ଷ୍ମ ଦୃଷ୍ଟି କୋଣରୁ ବିଚାର କରି ଅଭିବ୍ୟକ୍ତିର ଅଭିନବ ତଥା ପ୍ରତୀକାତ୍ମକ ଶୈଳୀରେ ଏପରି ଏକ ବିନ୍ଦୁକୁ ଆବିଷ୍କାର କରିବା ଯାହା ପାଠକକୁ ନିଜ ଭିତରେ ସମ୍ମୁଖୀକୃତ କରାଏ ।

ISSN NO.
2582-208X

କୌଣସି ସମସ୍ୟାର ଚିତ୍ର ଉତ୍ତୋଳନ କରିବା କିମ୍ବା କାହାଣୀ ସରିଲା ଭିତରେ ନିର୍ଦ୍ଦିଷ୍ଟ ସମାଧାନଟେ ବାଢ଼ିଦେବା ଗାଳ୍ପିକଙ୍କର ଉଦ୍ଦେଶ୍ୟ ନୁହେଁ । ସେ କେବଳ ପରିସ୍ଥିତିର ଚିତ୍ରପଟକୁ ସ୍ୟାହିରେ ରଙ୍ଗାଇଛନ୍ତି । ଯାହା ପାଠକକୁ ଚିନ୍ତା କିରବାକୁ ବାଧ୍ୟ କରାଏ । ଭାବାବେଗର ଚୌହଦୀ ଭିତରେ ପାଠକ କାହାଣୀର ମୁଖ୍ୟ ଚରିତ୍ର ମଧ୍ୟରେ ନିଜର ପ୍ରତିରୂପକୁ ଅନୁମାନ କରେ । କାହାଣୀର ଚରିତ୍ରମାନେ କେବେ କହନ୍ତିନି ନିଜର ବ୍ୟକ୍ତିଗତ କଥା । କାହାଣୀରେ ବର୍ଣ୍ଣିତ ଘଟଣା କ୍ରମ କେବଳ ବ୍ୟକ୍ତିଗତ ବା ସର୍ବସାଧାଣର ନୁହେଁ । ଏହା କେବଳ ଅନୁଭବୀଙ୍କ ପାଇଁ, ଭୁକ୍ତଭୋଗୀଙ୍କ ଉଦ୍ଦେଶ୍ୟରେ ଲିଖିତ ।

ପ୍ରତିଭାଦୀପ୍ତ ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କର ଜନ୍ମହୁଏ ୧୯୫୬ ମସିହା ନଭେମ୍ବର ୨୬ ତାରିଖରେ । ଗଞ୍ଜାମ ଜିଲ୍ଲାର ଶେରଗଡ଼ ନିକଟବର୍ତ୍ତୀ କୃପାସିନ୍ଧୁପୁର ଗ୍ରାମରେ । ୧୯୮୦ ମସିହା ବେଳକୁ ଜଣେ ଗାଳ୍ପିକଙ୍କର ଉତ୍‌ଥାନ ହୁଏ । ଯିଏ ଗଳ୍ପ ରଚନା କ୍ଷେତ୍ରରେ ‘ପ୍ରତିଗଳ୍ପ’ ପରି ଏକ ରଚନା ଶୈଳୀକୁ ଅଜାଣତରେ ଆତ୍ମସ୍ଥ କରିସାରିଥାନ୍ତି । ତାଙ୍କର ଏହି ନୂତନ ତଥା ଭିନ୍ନ ଏବଂ ପ୍ରତୀକାତ୍ମକ ଗଳ୍ପ ଲିଖନ କୌଶଳ ପାଇଁ ସେ ଅନେକ ପୁରସ୍କାର ଏବଂ ସମ୍ମାନରେ ସମ୍ମାନୀତ ହୋଇଛନ୍ତି । ‘ସତୀ’ ଗଳ୍ପଗ୍ରନ୍ଥ ପାଇଁ ୨୦୦୩ ମସିହାରେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପୁରସ୍କାର, ୨୦୦୭ ମସିହାରେ ସୁବ୍ରତ ସ୍ମାରକୀ ସମ୍ମାନ, ୨୦୧୬ ମସିହାରେ ଜଗଦୀଶ କଥା ସମ୍ମାନ, ଡ. ଶ୍ୟାମସୁନ୍ଦର ମହାପାତ୍ରଙ୍କ ସ୍ମୃତିରେ ‘ଫକୀରମୋହନ ଗଳ୍ପ ସମ୍ମାନ’ ୨୦୨୨ ମସିହାରେ ଫକୀରମୋହନ ସାହିତ୍ୟ ପରିଷଦରୁ ଗ୍ରହଣ କରିଛନ୍ତି ।

(୨)

ଠିକ୍ ଗଳ୍ପବୋଲି କହି ନହେଉଥିଲେ ମଧ୍ୟ ପ୍ରତିଗଳ୍ପ ଓଡ଼ିଆ ଗଳ୍ପ ସାହିତ୍ୟର ଗୋଟିଏ ଭିନ୍ନ ସ୍ୱାଦର ଅଙ୍ଗ । ତେବେ ଗଳ୍ପ ଭିତରୁ ପ୍ରତିଗଳ୍ପ ବାଛିହୋଇ ପଡ଼େ କେତେକ ବିଶେଷ କ୍ଷେତ୍ରରେ । ଗଳ୍ପର ଉପାଦାନ ପରି ପ୍ରତିଗଳ୍ପରେ ଉପାଦାନମାନ ସକ୍ରିୟ ରହୁଥିଲେ ହେଁ, ଏହା ଗଳ୍ପର ସମସ୍ତ ଗୁଣଧର୍ମକୁ ବହନ କରିପାରୁ ନଥିବାରୁ, ତାହା ଗଳ୍ପଠାରୁ ଭିନ୍ନ । ଗଳ୍ପର ଗୋଟିଏ ବହୁ ପ୍ରଚାରିତ ସଂଜ୍ଞା ରହିଛି – ‘A chain of events that begins at one place and ends at another (Randall Jarrell)’ ଅର୍ଥାତ୍– କେତେକ ଶୃଙ୍ଖଳାବଦ୍ଧ ଘଟଣାର

ISSN NO.
2582-208X

କ୍ରମାନ୍ୱୟତା ହେଉଛି ଗଳ୍ପ । ଯାହା ଗୋଟିଏ ସ୍ଥାନରୁ ଆରମ୍ଭ ହୋଇଛି ଅନ୍ୟ ଗୋଟିଏ ବିନ୍ଦୁରେ ସମାପ୍ତି ଲଭିଥାଏ । ମାତ୍ର ପ୍ରତିଗଳ୍ପ ଏହା ସ୍ୱୀକାର କରେନାହିଁ । ପ୍ରତିଗଳ୍ପର ପ୍ରବାହର କ୍ରମ ପ୍ରାରମ୍ଭ-ପ୍ରବାହ-ଶୀର୍ଷ,-ଗ୍ରନ୍ଥୀମୋଚନ-ଉପସଂହାର କ୍ରମରେ ନହୋଇ ଏହାର ଆରମ୍ଭ-ଶେଷ-କ୍ଲାଇମକ୍ସ ଗୋଟିଏ ବିନ୍ଦୁରେ ହିଁ ସନ୍ନିବେଶିତ ହୋଇଥାଏ । 'ପ୍ରତିଗଳ୍ପ' ଧାରାରେ ଗଳ୍ପ ରଚନା ଓଡ଼ିଆ ସାହିତ୍ୟରେ ପ୍ରଥମେ ସତ୍ୟ ମିଶ୍ର ଆରମ୍ଭ କରିଥିଲେ । ତାଙ୍କର 'ବହୁବଚନ' ନାମକ ଗଳ୍ପ ସଂକଳନରେ ତିନୋଟି ପ୍ରତିଗଳ୍ପ ସ୍ଥାନିତ ହୋଇଛି । ସେଗୁଡ଼ିକ ହେଲା – 'ସେମାନେ', 'ଶବ୍ଦର ଶବ୍ଦ' ଏବଂ 'ଆଗନ୍ତୁକ' । ଏହି ଗଳ୍ପ ସଂକଳନଟି ପ୍ରକାଶ ପାଏ ୧୯୭୩ ମସିହାରେ । ଏହାପରେ ସେ ଦୀର୍ଘ ବର୍ଷ ଧରି କଲମ ଚାଳନା କରିନାହାନ୍ତି । ତେଣୁ ପରବର୍ତ୍ତୀ ସମୟରେ ପ୍ରତିଗଳ୍ପ ଲିଖନର ଧାରାକୁ ବଳବତ୍ତର କରିଛନ୍ତି ଗାଳ୍ପିକ ସଦାନନ୍ଦ ତ୍ରିପାଠୀ । ବିଭିନ୍ନ ପତ୍ରପତ୍ରିକାରେ ପ୍ରାୟ ୪୦ ରୁ ଅଧିକ ପ୍ରତିଗଳ୍ପ ପ୍ରକାଶ ପାଇସାରିବା ପରେ ୧୯୯୨ ମସିହାରେ ପ୍ରକାଶ ପାଇଥିଲା ତାଙ୍କର ପ୍ରଥମ ପୁସ୍ତକ 'ଅନ୍ୟ ଜଣେ ସଦାନନ୍ଦ ତ୍ରିପାଠୀଙ୍କ ମୃତ୍ୟୁପରେ' । ସେଥିରେ ରହିଛି ମୋଟ ୨୧ଟି ପ୍ରତିଗଳ୍ପ । 'ପ୍ରତିଗଳ୍ପ'ର ବିକାଶଧାରା ସମ୍ପର୍କରେ ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ତାଙ୍କ ପ୍ରଥମ ପୁସ୍ତକର ତୃତୀୟ ସଂସ୍କରଣ ଅବସରରେ 'ମୁଖବନ୍ଧ'ରେ କହିଛନ୍ତି –'୧୯୮୪ ବା ୮୫ରେ ଅନ୍ୟ ଏକ ଲାଇବ୍ରେରୀରୁ ଆଣି ପୁଣିଥରେ 'ବହୁବଚନ' ପଢ଼ିବାପରେ ଜାଣିଲି 'ପ୍ରତିଗଳ୍ପ'କୁ ପ୍ରଥମେ ଭେଟିଥିଲି ସେଥିରେ ଓ ତାହା ମୋର ଅବଚେତନରେ ରହିଯାଇଥିଲା । ଆହୁରି ମଧ୍ୟ ଅନକେ ବହି ପଢ଼ି ଜାଣି ସାରିଥିଲି ଯେ, ଅନ୍ୟ ଲେଖକମାନେ ବି ଏପରି ଗଳ୍ପ ପୂର୍ବରୁ ଲେଖିଛନ୍ତି, ଯଦି ବା ପ୍ରତିଗଳ୍ପ ବୋଲି ନାଁ ଦେଇ ନାହାନ୍ତି । ସେମାନଙ୍କ ମଧ୍ୟରୁ ଉଲ୍ଲେଖ ଯୋଗ୍ୟ ଜେ.ପି. ଡନ୍‌ଲେଭି, ଫ୍ରାଂଜ କାଫ୍‌କା ଏବଂ ଓଡ଼ିଶାର ପ୍ରଫୁଲ୍ଲ କୁମାର ତ୍ରିପାଠୀ । ସେ କିନ୍ତୁ ସେପରି ଗଳ୍ପକୁ 'ପ୍ରବାହ ଗଳ୍ପ' ନାଁ ଦେଇଥିଲେ । ସତ୍ୟ ମିଶ୍ରଙ୍କ ସହ କଥାହେବା ପରେ ସେ କହିଲେ – 'ବୋଧହୁଏ ହରପ୍ରସାଦ ଦାସ ମଧ୍ୟ କିଛି ପ୍ରବାହ ଗଳ୍ପ ଲେଖିଛନ୍ତି ଅତୀତରେ ।'

(ତ୍ରିପାଠୀ ସଦାନନ୍ଦ – ଅନ୍ୟ ଜଣେ ସଦାନନ୍ଦ ତ୍ରିପାଠୀଙ୍କ ମୃତ୍ୟୁପରେ –ରାଉରକେଲା- ଶ୍ରେଷ୍ଠଗଳ୍ପ ପ୍ରକାଶନୀ-୧୯୯୨-ତୃତୀୟ ସଂସ୍କରଣ-ମୁଖବନ୍ଧ)

(୩)

ISSN NO.
2582-208X

ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ଗଳ୍ପ ସଂକଳନ "ଅନ୍ୟ ଜଣେ ସଦାନନ୍ଦ ତ୍ରିପାଠୀଙ୍କ ମୃତ୍ୟୁ ପରେ" ପୁସ୍ତକରେ ସ୍ଥାନିତ ୨୧ଟି ପ୍ରତିଗଳ୍ପର କାହାଣୀ ଖୁବ୍ ନିଆରା । ଯେଉଁ ପରିସ୍ଥିତିରେ କାହାଣୀ ଆରମ୍ଭ ହୁଏ ସେହି ପରିସ୍ଥିତିରେ ମଧ୍ୟ କାହାଣୀର ସମାପ୍ତି ଘଟେ । ପାଠକକୁ କେବଳ ତୀବ୍ର ଅନୁଭୂତି ବାଣ୍ଟି ଦେଇଯାଏ । କ୍ଲାଇମାକ୍ସରୁ ହିଁ ଆରମ୍ଭ ହୁଏ କଥା । ବହିଚାଲେ କ୍ରମଶଃ ନିମ୍ନ ଆଡକୁ । ସତେ ଯେମିତି କାହାଣୀ ଆଢୁଆଳରେ ସମୟ, ପରିସ୍ଥିତି ଓ ଅବସ୍ଥାକୁ ଚିତ୍ରିତ କରିବା ପାଇଁ ଗାଳ୍ପିକ ରଚନା କରିଥିବା କଥାବାଲାରେ ପାଠକ ନିଜକୁ ଅନୁଭବ କରେ । ପଢ଼ିବା ସରିବା ବେଳକୁ ପାଠକ ନିଜେ ଜଣେ ଚରିତ୍ର ପାଲଟି ଯାଇଥାଏ । ହୃଦୟରେ ଥାଏ କେବଳ ଅନୁଭବର ଛୁଇଁଲା ଛୁଇଁଆ ଆର୍ଦ୍ରତା । ବାସ୍ତବରେ ଗୋଟିଏ ଗୋଟିଏ ଛବି ପ୍ରତିଗଳ୍ପକୁ ପ୍ରୀତିବନ୍ତ କରେ । 'ତିନୋଟି ପାହାଚ' ପ୍ରତିଗଳ୍ପରେ ପରସ୍ପରକୁ ନିବିଡ଼ ପ୍ରେମ କରୁଥିବା ସୋମୁ ଓ ସ୍ମୃତି ଭାବରେ ପ୍ରବହମାନତାରେ ଭେଟିଛନ୍ତି ଗୋଟିଏ ଘାଟଣିକ ସନ୍ଧିକ୍ଷଣ । ପାଦ ଖସାଇବାର ଅଭିପ୍ରାୟରେ ସେମାନେ ଖସି ଯାଇଛନ୍ତି ସ୍ତର ପରେ ସ୍ତର । ପ୍ରେମକୁ ସ୍ୱର୍ଗୀୟ ମନେକରି ନିଜକୁ ଈଶ୍ୱର ଈଶ୍ୱରୀ ପ୍ରତୀୟମାନ କରୁଥିବା ଯୁଗଳ କିଛିକ୍ଷଣରେ ଅତିକ୍ରମ କରିଛନ୍ତି ନର୍କ ପର୍ଯ୍ୟନ୍ତ ଯାତ୍ରାପଥ । ପାଲଟି ଯାଇଛନ୍ତି ଦୈତ୍ୟକନ୍ୟା ଓ ଅସୁର । ସ୍ଥିତି ସୁଲଭ ମାନସିକ ଉଦ୍‌ବେଳନରେ ଘାଣ୍ଟି ହେଉଥିବା ଚରିତ୍ର ପାଠକକୁ ମଧ୍ୟ ଭିଡ଼ି ନେଇଥାଏ ତା ଭିତରକୁ । ତାହା ହିଁ ତ ପ୍ରତିଗଳ୍ପର ସ୍ୱାତନ୍ତ୍ର୍ୟ । ଗୋଟିଏ ବ୍ୟାଧିର ପୃଷ୍ଠଭୂମି ଗଳ୍ପରେ ଅଳ୍ପ ବୟସରୁ ପ୍ରିୟଜନଙ୍କୁ ହରାଇ ନିଃସଙ୍ଗ ଭୋଗୁଥିବା ଗୋଟିଏ ମାନସିକ ରୋଗୀର ମନଦଶା ବର୍ଣ୍ଣିତ । ଗଳ୍ପ ମଧ୍ୟରେ ଇଙ୍ଗିତ କରି ଗାଳ୍ପିକ କହନ୍ତି - 'ରୋଗୀ ନିଜେ ନ ଚାହିଁଲେ ତା'ର ଆରୋଗ୍ୟ ପାଇଁ ଅନ୍ୟ ଅବ୍ୟର୍ଥ ଔଷଧ କିଛି ନାହିଁ । ନିଃସଙ୍ଗତା ଏକ ବିଳାସ । ଏକ ବ୍ୟାଧି । (ତ୍ରିପାଠୀ ସଦାନନ୍ଦ-ଅନ୍ୟଜଣେ ସଦାନନ୍ଦ ତ୍ରିପାଠୀଙ୍କ ମୃତ୍ୟୁପରେ - ରାଉରକେଲା- ଶ୍ରେଷ୍ଠଗଳ୍ପ ପ୍ରକାଶନୀ-୧୯୯୨ ଦ୍ୱସଂ.ପୃ-୨୪) 'ଆଶ୍ରୟ', 'ନିଜସହ ଭେଟ'ରେ ମଧ୍ୟ ନିଃସଙ୍ଗ ଜୀବନର ଚିତ୍ର ପ୍ରତୀକିତ । 'ସର୍ପାନୁରାଗ'ରେ କିଶୋର ମନୋସ୍ତତ୍ୱ, 'ଶିଳାଦିତ୍ୟର ପୃଥିବୀ', 'ନିଜ ଦ୍ୱୀପରେ ନିଜେ', 'ଶିଳାଦିତ୍ୟର ବର୍ତ୍ତମାନ' ଆଦିରେ 'ବେକାରୀ' ଓ ନିଃସ୍ୱ ଜୀବନର ଚିତ୍ର ଥିବା ବେଳେ 'ବାପା ବଦଳ', 'ଏକାକୀ ନଇଟିଏ', 'କ୍ରୋଡଦୃଶ୍ୟର ଚରିତ୍ର', 'ସମ୍ମାନକୁ ଜଗି ବସିଥିବା ଲୋକ' ଆଦି ପ୍ରତିଗଳ୍ପରେ

ISSN NO.
2582-208X

ଜୀବନ ସଂଘର୍ଷର ଦୃଶ୍ୟ ବର୍ଣ୍ଣିତ । ସେହିପରି ମାନ ଅପାର ସ୍ୱପ୍ନ ବୃତ୍ତାନ୍ତ'ରେ ଜୀବନ ପ୍ରତି ବୀତସ୍ପୃହତା ଦେଖାଇ ଦିଆଯାଇଥିବା ବେଳେ 'ସାପ ଖେଳ ଦେଖୁଥିବା କିଶୋରୀ'ରେ ଯୌନାଚରଣର କଥା କୁହାଯାଇଛି । ଯାହାକୁ ପ୍ରତିବାଦ କରିପାରିନି ପ୍ରତିମା । ସେହିପରି ଜୟନ୍ତମାନଙ୍କ ଭବିଷ୍ୟତରେ ସତ୍ୟପାଇଁ ଲଢୁଥିବା ଯୁବ ରାଜନେତାଙ୍କ ସ୍ଥିତିର ବାସ୍ତବତା ଗୁମ୍ଫିତ ।

କାହାଣୀର କାୟା ଖୁବ୍ ଦୀର୍ଘ ନୁହେଁ । ନିର୍ଦ୍ଦିଷ୍ଟ ଅନୁଭୂତି ଘଟଣା, ଅବସ୍ଥା ଆଦିକୁ କେନ୍ଦ୍ରକରି ଗତି କରୁଥିବାରୁ କେବଳ ଗୋଟିଏ ମୁହୂର୍ତ୍ତବି କାହାଣୀର କଳେବର ମଣ୍ଡନ କରିପାରେ । ଅବରୋହ ଗତିରେ ପାଠକ ନିଜକୁ ବିବଦମାନ ସ୍ଥିତିରେ ପାଏ ପରିଣତିରେ । ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ଏପରି ସ୍ଥିତିଗୁଡ଼ିକୁ ଚୟନ କରି ପ୍ରତିଗଳ୍ପର ରୂପ ଦେଇଛନ୍ତି ଯାହା ପାଠକକୁ ଅନେକ ସମୟ ପର୍ଯ୍ୟନ୍ତ ଭାବିତ କରାଏ । ବାସ୍ତବତା ନିଛକ ସ୍ପର୍ଶ ହେତୁ ବାନ୍ଧିରଖିବା ସହିତ ପ୍ରଭାବିତ କରିବା ସ୍ୱାଭାବିକ ବ୍ୟାପାର । ତେବେ ଲେଖକଙ୍କ କଥନଶୈଳୀ ସାମାନ୍ୟ କଥାକୁ ମଧ୍ୟ ରୁଚିପୂର୍ଣ୍ଣ ଏବଂ ପ୍ରସଙ୍ଗରେ ପରିଣତ କରିବାର ନଜିର ହୁଏ ।

(୪)

ପରୀକ୍ଷା ନିରୀକ୍ଷାରୁ ହିଁ ପ୍ରତିଗଳ୍ପର ଜନ୍ମ । ତେଣୁ ସଦାନନ୍ଦ ତ୍ରିପାଠୀଙ୍କ ପ୍ରତିଗଳ୍ପରେ ପରୀକ୍ଷା ନିରୀକ୍ଷାର ପଦାଙ୍କ ରହିଛି । ଯାହା ତାଙ୍କୁ ସ୍ୱତନ୍ତ୍ର ପରିଚୟର ଅଧିକାରୀ କରାଇବାରେ ସଫଳ ହୋଇଛି । ତାଙ୍କର ପ୍ରତିଟି କାହାଣୀରେ ଘଟଣାରେ କ୍ରମିକତା, ସ୍ଥାନ, କାଳ, ପାତ୍ର, ସ୍ଥିତିର କ୍ରମାନ୍ୱୟତା କ୍ଷୁର୍ଣ୍ଣ ହୋଇଛି । ପ୍ରତିଗଳ୍ପରେ ଗଳ୍ପ ଲିଖନ ଶୈଳୀକୁ ବିରୋଧ କରାଯାଇଥିବାରୁ ଗୋଟିଏ ବିନ୍ଦୁକୁ ଯେକୌଣସି ଭିନ୍ନ ବିନ୍ଦୁକୁ ଯାଇ ପୁନଃଷ୍ଚ ଉକ୍ତ ବିନ୍ଦୁକୁ ଫେରି ଆସିବା ସହଜ ହୋଇଥାଏ । ମଝିରେ ମଝିରେ କାହାଣୀର ଖିଅ ଯୋଖି ସୂତ୍ରରକ୍ଷା କଲେ ପାଠକଙ୍କୁ କାହାଣୀ ବୁଝିବାରେ ଅସୁବିଧା ହୁଏ ନାହିଁ । ଏହା ହିଁ ପ୍ରତିଗଳ୍ପର ଶୈଳୀ । ଯେପରି ଗୋଟିଏ ବ୍ୟାଧିର ପୃଷ୍ଠଭୂମି ପ୍ରତିଗଳ୍ପରେ ସୋମୁ ଓ ଡାକ୍ତରଙ୍କ କଥୋପକଥନକୁ ଆରମ୍ଭ ହୁଏ କାହାଣୀ ସାମାନ୍ୟ ଅତୀତକୁ ଯାଇ ଗାଳ୍ପିକ କହନ୍ତି 'ଡାକ୍ତରଙ୍କୁ ସୋମୁ ଯାହା କହିଥିଲା, ସେ କଥା । ସେଠାରୁ ପୁଣି ଚାଲି ଯାଆନ୍ତି

ISSN NO.
2582-208X

ସୋମୁର ଅବଚେତନକୁ, ମନସ୍ତତ୍ୱକୁ । ତାପରେ କହନ୍ତି - 'ଡାକ୍ତରଙ୍କୁ ସୋମୁ ଯାହା କହିଲା ନାହିଁ । ପୁଣି ଫେରି ଯାଆନ୍ତି ଅତୀତକୁ । ସୋମୁ ଅତୀତରେ ତାର ପ୍ରେମିକା ସ୍ମୃତିକୁ ଯାହା ଅକୁହା ଥିଲା । ସେସବୁକୁ ପାଠକ ପାଖରେ ଖୋଲି ଦିଅନ୍ତି - 'ସ୍ମୃତିକୁ ସୋମୁ ଯାହା କହିପାରି ନଥିଲା' ପ୍ରସଙ୍ଗରେ । ପୁଣି ଫେରି ଆସନ୍ତି ବର୍ତ୍ତମାନକୁ, ପାଠକ ପ୍ରତି୍କିୟାକୁ ସାମାନ୍ୟ କରିବା ପାଇଁ କହନ୍ତି - 'ଡାକ୍ତର କହିଲେ; କହିଥିଲେ'ର କଥା । ସେହିପରି 'ଜୟନ୍ତମାନଙ୍କ ଭବିଷ୍ୟତ' ପ୍ରତିଗଳ୍ପରେ ପ୍ରଥମେ କାହାଣୀ ଆରମ୍ଭ ହୁଏ ଏକ ପୃଷ୍ଠଭୂମିରୁ 'ପୃଷ୍ଠଭୂମି : ଯାହା ଉଲ୍ଲେଖ ଯୋଗ୍ୟ ନଥିଲା" । ସେଥିରେ ଜୟନ୍ତର ସ୍କୁଲ କଲେଜ ଜୀବନ, ଶିକ୍ଷାଗତ ଯୋଗ୍ୟତା ଏବଂ ରାଜନୀତି ପ୍ରତି ରୁଚିର କଥା ରହିଛି । ଏହାପରେ ଆସେ, ସାରକଥା । ଯେଉଁଥିରେ ସାହିତ୍ୟ ପ୍ରତି ଥିବା ଦୁର୍ବଳତା ଓ କବିତା ଲେଖିବାର ନିଶା କଥା ବର୍ଣ୍ଣିତ । ଏହାପରେ ପାଠକଙ୍କୁ ଭେଟନ୍ତି 'ଜୟନ୍ତର ସ୍ୱୀକାରୋକ୍ତି' । ଯେଉଁଥିରେ ଜୟନ୍ତ ସ୍ୱୀକାର କରେ - 'ରାଜନୀତିର ପରିସର ଗୋଟେ ସାପ ସଲବଲ କୂପ । ମୁଁ କେବଳ ଡ଼େଇଁ ପାରୁଥିବା ବେଙ୍ଗଟିଏ ମାତ୍ର । ମୋର ଶକ୍ତି ଓ ସାମର୍ଥ୍ୟ ସୀମାବଦ୍ଧ । 'ତ୍ରିପାଠୀ ସଦାନନ୍ଦ-ଅନ୍ୟଜଣେ ସଦାନନ୍ଦ ତ୍ରିପାଠୀଙ୍କ ମୃତ୍ୟୁପରେ ରାଉରକେଲା-ଶ୍ରେଷ୍ଠଗଳ୍ପ ପ୍ରକାଶନୀ-୧୯୯୨-ତୃତୀୟ ସଂସ୍କରଣ-ପୃ- ୧୪୭) ।

ପୁଣି ଆସେ 'ଶେଷକଥା : ଯାହା ହୁଏତ ଗୁରୁତ୍ୱହୀନ" । ମାତ୍ର ସମସ୍ତ ଗୁରୁତ୍ୱପୂର୍ଣ୍ଣ କଥା ଗାଳ୍ପିକ ଏହି ପ୍ରସଙ୍ଗରେ ହିଁ କହିଦେଇଛନ୍ତି । କେମିତି ଧିକ୍କାର ସହିବାକୁ ପଡ଼େ ସତ୍ୟପାଇଁ ଲଢ଼ିଲେ । କବିତାଟେ ଲେଖିଲେ, ତାହାର ବାସ୍ତବାୟନ ହେଉଛି ଶେଷକଥା । ଶତ ଧିକ୍କାର, ଲାଞ୍ଛନା ସହିବାପରେ ଜୟନ୍ତର ପ୍ରତିକ୍ରିୟା ବା ପ୍ରତିଉତ୍ତରକୁ ବେଶ୍ ଦ୍ୱିଅର୍ଥବୋଧ ଭଙ୍ଗୀରେ କୁହାଇ ଦେଇଛନ୍ତି ଗାଳ୍ପିକ । - 'ଆପଣ ହେଲେ 'ହାତରେ ଗଞ୍ଜେଇ ଦଳିବା ଭଙ୍ଗୀ କରି' ଦଳିତ, (ଚିଲମ ଟାଣିବା ଭଙ୍ଗୀ ଦେଖାଇ) ଶୋଷିତ ତଥା । ଭାଙ୍ଗ ବାଟିବା ଭଙ୍ଗିରେ) ପେଷିତମାନଙ୍କର ପ୍ରତିନିଧି । ଜୀବନକାଳ ସରିବା ବେଳକୁ ଥରେ ବିଧାୟକ ରୂପେ ନିର୍ବାଚିତ ହୋଇ ପାରିଥିବାରୁ ରୁଖା ଉପରକୁ ଚଢ଼ି ଯାଇଥିବା ପିମ୍ପୁଡ଼ି ପରି ମୋହ୍ୟମାନ ଲାଗୁଥାଇପାରେ ଆପଣଙ୍କୁ । (ତ୍ରିପାଠୀ ସଦାନନ୍ଦ ଅନ୍ୟ ଜଣେ ସଦାନନ୍ଦ ତ୍ରିପୀଠୀର ମୃତ୍ୟୁପରେ - ରାଉରକେଲା - ଶ୍ରେଷ୍ଠଗଳ୍ପ ପ୍ରକାନୀ - ତୃ. ସଂ - ପୃ-୧୫୦) । ଏହା ଏକ ଚିତ୍ରକଳ୍ପ ତିଆରି କରେ ପାଠକ ଆଖିରେ । ଜଳଜଳ ଦେଖିପାରେ ମାନସ ଆଖିରେ ଜୟନ୍ତ କେମିତି ଭଙ୍ଗୀରେ ଉତ୍ତର ଦେଇଥିବା ମାର୍କଣ୍ଡ ମୁରାରିକୁ । ଗାଳ୍ପିକଙ୍କ

ISSN NO.
2582-208X

ଏକାଧିକ ପ୍ରତିଗଳ୍ପରେ ପ୍ରାୟତଃ ସମାନ ଚରିତ୍ର ଆସିଥାନ୍ତି । କେବଳ ବଦଳି ଯାଇଥାଏ ସେମାନଙ୍କ ବକ୍ତବ୍ୟ । 'ତିନୋଟି ପାହାଚ' 'ଗୋଟିଏ ବ୍ୟାଧିର ପୃଷ୍ଠଭୂମି', 'ଆଶ୍ରୟ ଗଳ୍ପରେ ସୋମୁ ଓ ସ୍ମୃତି ଚରିତ୍ର ଅପରିବର୍ତ୍ତିତ ରହିଥିବା ବେଳେ 'ଶିଳାଦିତ୍ୟର ପୃଥିବୀ' ନିଜ ଦ୍ୱୀପରେ ନିଜେ', 'ଶିଳାଦିତ୍ୟର ବର୍ତ୍ତମାନ' ପ୍ରତିଗଳ୍ପରେ ଚରିତ୍ରମାନେ ଅପରିବର୍ତ୍ତନୀୟ ରହି ଗୋଟିଏ ଗଳ୍ପରୁ ଅନ୍ୟ ଗଳ୍ପକୁ ନିର୍ବାଧରେ ଆତଯାତ ହେଉଥାନ୍ତି । ଏଗୁଡ଼ିକ କ୍ରମାନ୍ୱୟରେ ଧାରାବାହିକର ଭ୍ରମ ସୃଷ୍ଟି କରନ୍ତି । ଆଲୋଚ୍ୟ ସଂକଳନର ସୂଚୀପତ୍ରରେ ସ୍ଥାନିତ ହୋଇଛି ୨୨ଟି ପ୍ରତିଗଳ୍ପ । ସେଥିରୁ ୨୧ ଗୋଟି ପାଠକ ପଢ଼ିବାକୁ ପାଆନ୍ତି । ୨୨ ସଂଖ୍ୟକ ପ୍ରତିଗଳ୍ପର ନାମ ହେଉଛି ଅନ୍ୟଜଣେ ସଦାନନ୍ଦ ତ୍ରିପାଠୀଙ୍କ ମୃତ୍ୟୁ ପରେ । ଯେଉଁଥିରେ ଲେଖକ ମାତ୍ର ଗୋଟିଏ ଧାଡ଼ିର ସୂଚନା ଦେଇଛନ୍ତି – "....ଆଉ କ'ଣ ଅଛି ?" ଏହା ଏକ ଚମତ୍କାର ପ୍ରତୀକ । ବାସ୍ତବିକ ଜୀବନ ଥିବା ପର୍ଯ୍ୟନ୍ତ ଅନେକ କିଛି ଭୁଲ । ଠିକ୍ କରିବାର, ଚିନ୍ତନର ସୁଯୋଗ ରହିଛି । ମାତ୍ର ମୃତ୍ୟୁ ଉତ୍ତାରେ ଜୀବନକୁ ଦେଖିଛି କିଏ । ସେଇଠି ହିଁ ସବୁ ଶେଷ । ଉକ୍ତ ନାମକରଣକୁ ନେଇ ଗାଳ୍ପିକ କହନ୍ତି – ୧୯୭୨ ମସିହାରେ ପଢୁଥିବା ସମୟରେ, ତାଙ୍କର ଜଣେ ବନ୍ଧୁ ଗୁଜବ ଉଡ଼େଇଥିଲେ ଯେ, ସଦାନନ୍ଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ବୋଲି । ସେହିକଥାକୁ ମନେ ରଖି, ସେ ନିଜର ପ୍ରଥମ ସଂକଳନର ନାମ ରଖିଥିଲେ: 'ଅନ୍ୟଜଣେ ସଦାନନ୍ଦ ତ୍ରିପାଠୀଙ୍କ ମୃତ୍ୟୁପରେ" ।

ଓଡ଼ିଆ ଭାଷା, ସାହିତ୍ୟ ବିଭାଗ,
ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ
ଶାନ୍ତିନିକେତନ, ପଶ୍ଚିମ ବଙ୍ଗ – ୭୩୧୨୩୫

ISSN NO.
2582-208X

# ଶୁଣ ମୋ ବାଣୀ



ନରେନ୍ଦ୍ର ପ୍ରସାଦ ବେହେରା

ପହାଡ ମୂଳରେ ଘରକରିଥିଲେ
ନଥାଏ ଚିନ୍ତା ମନରେ
କେତେ ଗଛଲତା ଫଳପୁଷ୍ପ ବାସ୍ନା
ବାଜଇ ନିତି ଦେହରେ ।୧।

ଘର ନିର୍ମାଣରେ ଚିନ୍ତା ଦୂର ହୁଏ
ସହଜେ ମିଳେ ପଥର
ରୋଷେଇ କାର୍ଯ୍ୟରେ ବ୍ୟବହୃତ ପାଇଁ
ମିଳଇ କାଠ ପତର ।୨।

ତଥାପି ବୁଝୁନି ଏ ମୂଢ ମଣିଷ
ପାହାଡ କରୁଛି ଫାଙ୍କା
ଦିନରାତି ଖାଲି କରୁଛି ବ୍ଲାଷ୍ଟିଙ୍ଗ୍
ସରକାର ଗଣେ ଟଙ୍କା ।୩।

ISSN NO.
2582-208X

କେତେକଷ୍ଟ ପୁଣି ସହୁଛି ପାହାଡ
କହୁନି ପଦିଏ କଥା
ଶୁଣିଲେ କାନରେ ତା ଦୁଃଖ କାହାଣୀ
ଘରୁଯିବ ଆଜି ମଥା ।୪।

ଶାରିଶୁଆ ଆଜି କହେ ନାହିଁ କିଛି
ନିରବରେ ସହିଯାଏ
ନିଜ ସ୍ୱାର୍ଥ ପାଇଁ କେତେଜଣ ମିଶି
ଦୈନିକ ଖୋଳି ପକାଏ ।୫।

ଜୀବନ୍ତ ହେଉକି ମୃତ ଗଛଲତା
ହାଣିବା ପଛାଏ ନାହିଁ
ଶୋଭାରାଶି ତାର ହେଉଛି ବିକୃତ
ତଥାପି ରହିଛି ଚାହିଁ ।୬।

ପାହାଡ ସୁରକ୍ଷା ନାରା ଦେଉଛନ୍ତି
କାଗଜ କଲମେ ଭାଇ
ମିଛ ପ୍ରହସନ ଚାଲିଛି ଶାସନେ
କାହାକୁ କହିବ ଯାଇ ।୭।

ଦୂର ପରବତ ଦିଶଇ ସୁନ୍ଦର
ପାଖକୁ ସୁନ୍ଦର କଇଁ
ଏ ମର୍ତ୍ତ୍ୟ ମଣ୍ଡଳେ ସହ୍ୟକାରୀ ବ୍ୟକ୍ତି
ପାହାଡ ପରିକେ ନାହିଁ ।୮।

ISSN NO.
2582-208X

ସୌନ୍ଦର୍ଯ୍ୟ ତ ଆଜି ହଜିହଜି ଯାଏ
ଶାରିଶୁଆ ପାହାଡର
ଜାଗିଉଠ ତୁମେ ନହୋଇ କାତର
ଜବାବ ଦିଅ ଏଥର ।୯।

ସମୁଦ୍ରର ଜଳ ମୋଦେହେ ଲାଗିବ
ସୃଷ୍ଟି ହେବ ଟଳମଳ
ଅଥଳ ଜଳରେ ବୁଡାଇ ମାରିବ
ରଖିବିନି ଥଳକୂଳ ।୧୦।

ବୀର ଦର୍ପେ ଥରେ ଉଭାହୋଇ କୁହ
ମୋନାମ ପାହାଡ ରାଣୀ
ସହି ପାରୁନାହିଁ କଷଣ ତୁମର
କହୁଛି ଶୁଣ ମୋ ବାଣୀ ।୧୧।

ଦେଉଛି ବାରତା ହୋଇବ ଜାଗ୍ରତ
କରିବ ନାହିଁ ପ୍ରହାର
କହିଦେଲି କଥା ମନେରଖି ଥିବ
ପାହାଡ ରାଣୀ ତୁମର ।।୧୨।।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ଅତୀତ



ବର୍ଷାରାଣୀ ମହାମଲ୍ଲିକ

ଇଚ୍ଛା ହୁଏନି ଫେରିଯିବାକୁ ?
ଏ ଜୀବନ ବାଟ ରେ ଦି ଚାରିପାଦ ପଛକୁ
ଅବତୀର୍ଣ୍ଣ ପୃଷ୍ଠା ରୁ କିଛି ପଢିସାରିଥିବା ପୃଷ୍ଠା କୁ ?
ପୁଣି ଥରେ ଲେଉଟାଇ ପଢ଼ିବାକୁ
ମନ ଖୋଜେ ନି ବିଗତ ଘଟଣା କୁ
ଆଉ ଥରେ ଦୋହରାଇ ଦେବାକୁ ?
ହେଲେ ଅତୀତ କଣ ଫେରେ
କାହାର ଅନୁରୋଧ ରକ୍ଷା କରିବାକୁ ?
ଅତୀତ ଚିରସ୍ରୋତା ତଟିନୀ ପରି ଭାରି ମିଠା
ଅତୀତ କେତେବେଳେ ମରୁଭୂମି ର କଣ୍ଟା
ତଥାପି ସେ ହେଉ ଅବା କଣ୍ଟା କି ମିଠା
ସେଥିରେ ପୁଣି ବିଭୋର ହେବା କୁ ମନ ଖୋଜେ ରାସ୍ତା
ଅତୀତ ରଙ୍ଗିନ ଇନ୍ଦ୍ରଧନୁ ର କଳନା
ତ କେତେବେଳେ ରଙ୍ଗହୀନ ବୃଥା କଳ୍ପନା
ସେ ଯାହା ବି ହେଉ ମନ ଖୋଜେ କିନ୍ତୁ ପୁରୁଣା ଅତୀତ

ISSN NO.
2582-208X

କିନ୍ତୁ ଆଉ ସେ ଧରାଦିଏନା ବିଲକୁଲ୍ ବି
ଶତଚେଷ୍ଟା ସତ୍ତ୍ୱେ ହେଉ ବିଫଳ
ଅତୀତ ସବୁବେଳେ ସୁନ୍ଦର, ସବୁଜ, ନୂତନ
ସେ କେବେ ପୁରୁଣା ହୋଇ ନ ପାରେ
ଯଦିଓ ଅତୀତ ଆଗରେ ପୁରୁଣା ସବ୍ଦ ଟା ଆପଣାଛାଏଁ ଲାଗିଯାଏ
ଆମ ମନରେ କିନ୍ତୁ ସେ ଚିର ସବୁଜ
ଥରେ ସ୍ମରଣ କରିଦେଲେ ହେଲା.....
ଏ ବର୍ତ୍ତମାନ ବି ଦିନେ ଅତୀତ ହେବ
ହେଲେ ଏବେ ତ ଏ ବର୍ତ୍ତମାନ ଭଲ ଲାଗୁନି ଜମା
ହେଲେ ହଁ କାଲି କିନ୍ତୁ ଭାରି ମନେ ପଡ଼ିବ।

ବରଗଡ଼
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

ISSN NO.
2582-208X

# ପ୍ରେମ ସଦ୍ଭାବନାର ପଲ୍ଲୀ ଜୀବନ



ବିନୋଦିନୀ ଦାଶ

ଅତି ମନୋରମ ପଲ୍ଲୀ ଜୀବନ
ପ୍ରେମ ସଦ୍ଭାବନା ପରସ୍ପରଠି
ଭାଇଚାରା ବୁଣି ନିତି ଦିଏ ଆଣି
ହସଖୁସି ସୁଖ ଶାନ୍ତିକୁ ଭେଟି ।

ଭାବର ଆଦାନପ୍ରଦାନେ ଜୀବନ
ପ୍ରତି ମୁହୂର୍ତ୍ତରେ ଉଠଇ ହସି
ପଲ୍ଲୀ ପରିବେଶେ ଆମୋଦପ୍ରମୋଦ
ଆହା ! କି ସନ୍ତୋଷ ପାରଇ ଲେସି !

ଶିଶୁର ଜନମ ସୂତିକା ଗୃହଠୁ
ପରବପର୍ବାଣି ବିବାହ ବ୍ରତ
ପାଳନ୍ତି ସଭିଏଁ ଅତି ସରାଗରେ
ସ୍ନେହ ଶରଧାରେ ଯା' ମହକିତ ।

ସାମାଜିକ ରୀତିନୀତି ଚଳଣିରେ
ସକଳ ଭିତରେ ପ୍ରତିବଦ୍ଧତା
ଏକତ୍ୱ ଦୁନ୍ଦୁଭି ବାଜି ପ୍ରତି ପ୍ରାଣେ
ଗଢ଼ି ପାରିଥାଏ ଶୁଦ୍ଧଚେତା ।

ରାତି ପାହିଗଲେ ମୁହଁ ଚାହାଁଚାହିଁ
ଶୟନ ଶେଯକୁ ଯିବା ପର୍ଯ୍ୟନ୍ତ
ନିସଙ୍ଗତାପଣ କରିଥାଏ ଦୂର
ପଲ୍ଲୀ ଜୀବନ ଉଡ଼ାଇ ନେତ ।

ମୃତାହ ବ୍ୟକ୍ତିର ଦଶାହ ପାଳନ
ଭାଇ କୁଟୁମ୍ବାଦି ବନ୍ଧୁ ସହିତ
ମିଳନ ଉତ୍ସବେ ଶୋକ ପରିହାର
ନାନାଦି କାର୍ଯ୍ୟରେ ରହିଣ ବ୍ୟସ୍ତ ।

ISSN NO.
2582-208X

ନୂଆ ବୋହୂଟିର ହାତ ରାନ୍ଧଣାକୁ
ଅନାଇଁ ଥାଆନ୍ତି ପାଖ ପଡୋଶୀ
ଭାବ ଦିଆନିଆ ଆବୋରି ଥାଏଟି
ସକଳ ହୃଦୟ ସଦା ଆଶ୍ବାସି ।

ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ
ପ୍ରୀତି ମମତାର ଲହରୀ ଖେଳି
ଭରଇ ହରଷ ପ୍ରତି ଜୀବନରେ
ଅପୂର୍ବ ପୁଲକେ ହୁଏ ପଖାଳି ।

ଯିଏ ଯେଉଁଠାରେ ରହିଲେ ବାସରେ
ଗାଁ ମାଟି ଛାଡ଼ି ଦେଇ କି ଦିନେ
ମନ ତଳେ ସଦା ଉଙ୍କି ମାରୁଥାଏ
ପଲ୍ଲୀ ଜୀବନ ପ୍ରତିଟି କ୍ଷଣେ ।

ସହରରେ କାହୁଁ ମିଳିବ ସେ ସୁଖ
ସର୍ବେ ପରା ସେଠି ଉଠା ଗଣ୍ଠିଆ
ଗାଁ ପରି କେ କି ଭାବରସ ମାଖି
କରି ପାରଇ କାହାକୁ କିମିଆ ?

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ସମୟ



ସୁପ୍ତି କର

ପଢୁ ପଢୁ ଢୁଳେଇ ପଡ଼ିଥିଲି ମୁଁ। ହଠାତ୍ କାହାର ଖସ ଖସ ପଦଧ୍ୱନି ରେ ମୁଦିହୋଇ ଆସୁଥିବା ଆଖିପତା ଝପ୍ କରି ଖୋଲିଗଲା।ଦଲକାଏ ପବନ ଝରକା ଦେଇ ବହିଗଲା ମୋ ଶରୀର ଉପରେ।

ଖୁଁ ଖୁଁ କାଶ, ପାଣି ପିଇବାର ଶବ୍ଦ ହେଲା --ଢକ୍ ଢକ୍ । ବଙ୍କୁଲି ବାଡ଼ି ର ଠକ୍ ଠକ୍ ଶବ୍ଦ। ଠିକ୍, ଇଏତ ଜେଜେମା। ପ୍ରତିଦିନ ରାତିରେ ରୀତିମତ ଏମିତି ଘଟଣା ଟା ମୋର ଦେହସୁହା ହୋଇଗଲାଣି। ମୋ ରୁମ ଆଉ ତା ରୁମ ଲାଗିଲାଗି। ତେଣୁ ତାର ଏଇ ରାତ୍ରୀ ଚାରଣ ଟା ମୋତେ ବେଶୀ ସହିବାକୁ ପଡ଼େ। ଏହାଭିତରେ କିନ୍ତୁ ଗୋଟେ ଭଲକଥା ଏଇଆ ଯେ ତାର ଏଇ ରାତିବିକାଳି ବିଚିତ୍ର ଶବ୍ଦ ସବୁରେ ମୋର ନିଦ ଭାଙ୍ଗିଯାଏ, ସତେ ଯେମିତି ସେ ଚେତେଇ ଦିଏ, ଉଠ କେତେ ଶୋଇବୁ, ଦେଖ ସମୟ ହାତରୁ ଖସିପଳାଉଛି। ମୁଁ ଉଠି ପଡ଼ି ମୋର ଚାରିପଟେ ଖେଳେଇ ହୋଇପଡ଼ିଥିବା ବହି ସବୁକୁ ଏକାଠି କରି ପୁଣି ବସିପଡ଼େ ପଢ଼ିବା ପାଇଁ। କିନ୍ତୁ ବେଳେ ବେଳେ ବିରକ୍ତ ବି ଲାଗେ। ମୁଁ ଚିଡ଼ ଚିଡ଼ ହୋଇ କୁହେ ----ଜେଜେମା! ତୋତେ ନିଦ ଆସୁନି କି? ତୁ ଶୋଇବୁନି ବୋଲି ଆଉ କେହି ଶୋଇବେନି। ସେ ଆହୁରି ମୁହଁ ନେଫେଡ଼ାଇ କୁହେ----ହଁ ନିଆଁ ନିଦ ଟା ବି ମୋତେ ବଇରି ମଣୁଛି। ଯମ ବି ଏପଟ ରାସ୍ତା ଟା ଭୁଲି ଯାଇଛି। ପୋଡ଼ା ଜୀବନ ଟା କେଭେ ଯିବ କେଜାଣି? ଡାକ୍ତର କହୁଥିଲେ ବୟସ ର ପ୍ରଭାବ ଏମିତି ହେବ। ତାକୁ ନିଦ ଆସେନି, ରାତିରେ ସେ ଏମିତି ଘୁରି ବୁଲୁଥାଏ ତାର ରୁମରୁ ବାହାରି। ପିଉସୀ ନାନୀର ଫୋନ ଆସିଲେ ପାକୁଆ

ISSN NO.
2582-208X

ପାଟିକୁ ପାକୁଳେଇ ଦଉଡ଼ି ଆସେ ମୋ ଟେବୁଲ ପାଖକୁ । କହିପକାଏ-----କିଏ ଗେଲ କିଲୋ? ଫୁନ କରିଛି ?

ହଁ କହି ଧରାଇଦେଲେ, ସେପଟର କଥା କିଛି ଶୁଣିପାରେ ଆଉ କିଛି ଅଶୁଣା ରହିଯାଏ । ସେ କିନ୍ତୁ ଫୋନ ଟିକୁ କାନପାଖେ ଦେଇ ଗପିଚାଲିଥାଏ ଅନର୍ଗଳ, ସେଇ ପ୍ରତିଦିନ ର ଏକାକଥା କୁ----

ଆଣ୍ଠୁ ଟା ଧରିଛି, ମୁଣ୍ଡ ଟା ଧକ୍ ଧକ୍ କରୁଛି, ତେଲ ନଗେଇଲେ ବି ନିଆଁ ଧକଧକି ଟା ଟିକେବି ଶାନ୍ତ ହେଉନି। ପେଟ ଟା ଜଳି ମରୁଛି। ପାଇଖାନା ହେଉନି। ପେଟତଳି ଟା ପଥର ଭଳି ନାଗୁଛି । ତାପରେ ଆରମ୍ଭ କରିଦିଏ-----ତୋର ବାପା ଥିନେ ବେଳେ କି ସୁନ୍ଦର ପରିବା ଆଣୁଥିଲେ। ଏ ତୋର ଭାଇ ଆଣୁଛି ଯେ ଟିକେ ବି ସୁଆଦ ନାହିଁ। ଆଲୋ ଯୁ ଆମ୍ବ ଗଛଟା ନଗେଇଥିଲି ତୋର ବାହାବେଳେ କେଡ଼େବଡ଼ ହେଲାଣି, ହେଲେ ପତ୍ରକାଇଁ ସବୁ ଝରିଯାଉଛି, ବଉଳ ଟିକେ ବି ଧରୁନି ।

କି କରିବୁ---ତୋର ବାପା, ଯତନ କରିବା ଲୋକ, ସେ ତ ଗଲେ ସେପାରିକୁ। ମୋର ଆଉ ବୟସ ଆସୁଛି। ଆଲୋ ତୋର ସଙ୍ଗାତ ବା ନଦୀ ସେପାରିରେ ବାହା ହୋଇଥିଲା, ଭଲ ଅଛିନା? ତୋ ଭାଇ କହୁଥିଲା ତାର ମା ଟା ଗଲାଭାରି। ମୋତେ ହିଁ ଯମ ନଉନି ଯାହା। ତୋର ବାପା କାଲି ସପନରେ ଆସିଥିନେ, ଗୁହାରୀ କଲି ନେଇଯାଅ, କିଆଁ ଶୁଣିବେ ମୋକଥା। ଖାଲି ଦହଗଞ୍ଜ ହେଉଛି ଯାହା।

ଏତିକି କହି କାନ୍ଦିବାକୁ ଆରମ୍ଭ କରିଦିଏ ସକେଇ ସକେଇ। ମୁଁ ତା ହାତରୁ ଫୋନ ଟି ଟାଣିନେଇ ଦେଖେ, ଫୋନ କଟିଯାଇଛି, ମନଭିତରୁ ଆହାଟେ ବାହାରିଆସେ। ପୁଣି ପରମୁହୂର୍ତ୍ତରେ ଏକ ସନ୍ତୁଷ୍ଟି ଆସେ ଯେ ,ଯାହାହେଉ ତା ମନକଥା ତ ଖୋଲି କହିଦେଲା। କିଛି ସମୟ ପାଇଁ ଫେରିଗଲା ତାର ସୁନ୍ଦର ଅତୀତକୁ, ବାହୁନି ଦେଲା ତାରରୋଗ ବ୍ୟାଧି, ଶରୀରର ଯେତେ ବ୍ୟଥାକୁ ।

ISSN NO.
2582-208X

ରାତିହେଲେ ପିଉସୀ ଟିକେ ଫୁରୁସତ ପାଇ କଥାହେବା ଲାଗି ଫୋନ କରନ୍ତି। କିନ୍ତୁ ତାରି କଥାରେ ହିଁ ସେଇ ସମୟ ଟିକ ଚାଲିଯାଏ ।

xxxxxxxxxxxxxxxxxxxxxxxxxxxxxxxxxxxxxx

ଆଜି ସକାଳୁ ହଠାତ୍ ମାଙ୍କର ଏକ ହୃଦୟ ଥରା ଚିତ୍କାର ରେ ମୋର ନିଦ ଭାଙ୍ଗିଗଲା। ଜେଜେମା ର ଅଚେତ ଦେହ ଟା ଖଟ ଉପରେ ଶୋଇରହିଛି। ମୋତେ ମନେହେଲା ଯେମିତି ସେ ଚିଡ଼େଇ କହୁଛି----ମୁଁ ଶୁଏନି ବୋଲି ବିରକ୍ତ ହେଉଥିଲୁ ନା। ଦେଖ ମୁଁ ଏବେ ଶାନ୍ତି ରେ ଶୋଇଛି ।

ଡାକ୍ତର ଆସିଲେ, ଡାକ୍ତରଖାନା ନେଇ ଜୀବନ ବଞ୍ଚାଇବାର ଶେଷ ଚେଷ୍ଟା କରିବାପାଇଁ କହିଗଲେ । ଦୁଇଦିନ ହେଲାଣି ସ୍ୱାସ୍ଥ୍ୟ ରେ କିଛି ଉନ୍ନତି ନାହିଁ। ଆଜି ଦିନସାରା ଡାକ୍ତରଖାନାରେ ମୁଁ ଓ ମା ଥିଲୁ। ରାତି ହେବାରୁ ବାପା ଗଲେ। ମୁଁ ଟିକେ ଫ୍ରେଶ ହୋଇ ଖଟକୁ ଗଲି ।

ରାତି ଆଉଟିକେ ଗଭୀର ହୋଇଆସୁଥିଲା। ଜେଜେମା କୁ ଡାକ୍ତରଖାନାରେ ଏମିତି ଚୁପଚାପ ଶୋଇଥିବାର ଦେଖିଆସି ମନଟା ଭାରି ଲାଗୁଥିଲା । ଚାଦର ଟାକୁ ଦେହଉପରେ ଜଡ଼େଇ ଦେଉ ଦେଉ ମୋ ମନ ଟା ଜଡ଼େଇ ହୋଇଯାଉଥିଲା, ଏକ ଅବଶୋଷର ଚାଦର ଭିତରେ---ମା ଓ ବାପା ଘର ଏବଂଅଫିସ ନେଇ, ମୁଁ ପଢ଼ାରେ ବ୍ୟସ୍ତ ରହିଯାଉ। କୁଣିଆ ମଇତ୍ର କେଭେଁ କାଳେ ନାକୁ ବରାବର । ଜେଜେମା କଥାଶୁଣିବାକୁ କାହାପାଖେ ସମୟ ନଥିଲା। ନା ଏଥର ଭଲ ହୋଇ ଆସିଲେ ମୁଁ ସମୟ କାଢ଼ିବି ଆଉ ମୋବାଇଲ ଇତ୍ୟାଦି ରେ ବୃଥା କାଟୁଥିବା ସମୟ ଟିକ ଜେଜେମା କୁ ଦେବି। ଶୁଣିବି ତାଠାରୁ ତା ସମୟର କଥା। ଏମିତି ଭାବୁ ଭାବୁ ଆଖିପତା ନିଦରେ ବୁଜି ହୋଇ ଆସୁଥିଲା ।

ଶୋଇ ପଡ଼ୁପଡ଼ୁ ଝପ କରି ଆଖିପତା ଖୋଲିଗଲା ବଙ୍କୁଲି ବାଡ଼ିର ଠକ୍ ଠକ୍ ଶବ୍ଦ ରେ। ଉଠି ବସିଲି ମୁଁ। ଠକ୍ ଠକ୍ ଶବ୍ଦ ଟା ଧୀରେ ଧୀରେ ଜେଜେମା ର ଶୟନ କକ୍ଷ ଆଡ଼କୁ ଯାଉଥିଲା। ଆଖିମଳି ଭାବିଲି -------- ଆରେ ଜେଜେମା ତ ଡାକ୍ତରଖାନାରେ ।

ISSN NO.
2582-208X

ତଥାପି ମୁଁ ସାହାସ ବାନ୍ଧି ଖଟ ତଳକୁ ଓହ୍ଲାଇ ପଡ଼ିଲି। ଯାଇଁ ଦେଖିଲି ଜେଜେମା ର ଖଟ ଶୂନ୍ୟଥିଲା। ମୁଁ ଭାବିଲି ବୋଧହୁଏ ମୋ ମନର ଭ୍ରମ। ଏତିକିବେଳେ ମା ର ଫୋନ ରେ କଲ ଆସିଲା। ମା ର ମୁହଁ ର ଭଙ୍ଗୀ ଦେଖି ମୋତେ ଲାଗିଲା କିଛି ଦୁଃଖ ଖବର ଆସିଛି। ମା କହିଲେ ------ ସୁବୁ ରେ ତୋ ଜେଜେ ମା ଚାଲିଗଲେ। ଆମ ଆଖି ଲୁହରେ ଭିଜୁଥିଲା। ଲାଗୁଥିଲା ସତେ ଯେମିତି ସେ ଆସିଥିଲା ଏଇ କିଛି ସମୟ ଆଗରୁ।

ବନ୍ଧୁ କୋଳାହଳ ଶ୍ରାଦ୍ଧ କର୍ମ ଇତ୍ୟାଦି ଭିତରେ କେଇଟା ଦିନ ବିତିଗଲା। ଆଜି ଘର ଖାଲି। ମୁଁ ମୋର ଥକି ଯାଇଥିବା ଶରୀର କୁ ଲେଉଟାଇ ଦେଲି ଖଟ ଉପରେ।ପୁଣି ହଠାତ୍ ଝପ କରି ଆଖି ଖୋଲିଗଲା ।ସେଇ ଚିରାଚରିତ ଠକ୍ ଠକ୍ ଶବ୍ଦ । ଦୌଡ଼ି ଗଲି ଜେଜେମା ରୁମ କୁ। କାନ୍ଥ ରେ ଏକ ନିର୍ଜୀବ ଫଟୋ ଭିତରେ ସେ ହସୁଥିଲା। ରୁମ କୁ ଫେରିଲି ଏକ ଭାରାକ୍ରାନ୍ତ ମନ ନେଇ । ହଠାତ୍ ମୋ ଛାତି ଭିତରେ ଏକ ତଡିତ୍ ଖେଳିଗଲା। ଜେଜେମା ପାଇଁ ଭାବିଥିବା କଥା ଟି ରଖିପାରିଲି ନାହିଁ। ମୋର ସମୟରୁ କିଛି ଦେବାପାଇଁ ବିଳମ୍ବିତ ଇଚ୍ଛା ଟିକ ହୃଦୟ ରେ ହିଁ ରହିଗଲା ଆଉ ଜେଜେମା ଏକାଥରେ ଠକିଦେଇ ଚାଲିଗଲା। କିନ୍ତୁ ଏମିତି ଲାଗୁଥିଲା କେହି ଜଣେ ଠକ୍ ଠକ୍ କରି ପ୍ରହାର କରିଚାଲିଛି ମୋ ଭିତରେ। ସମଗ୍ର ଚେତନା କେନ୍ଦ୍ରୀଭୂତ ହେଉଛି ଗୋଟିଏ ବାକ୍ୟ ଉପରେ-----ସମୟ ଟିକେ ଦେବି, ଶୁଣିବି ତାର କଥା।

କିନ୍ତୁ ସିଏ ଯେ ଆଜି ଅପହଞ୍ଚ ଦୂରତ୍ୱରେ। ଅସ୍ଥିର ଲାଗୁଥିଲା। ଭାବିଲି ଟିକେ ଅନ୍ତରଙ୍ଗ ବନ୍ଧୁ ଶୀବୁ କୁ ଫୋନ କରିବି। ରାତି ବିକାଳି ଯେତେବେଳେ କଲ କଲେ ବି ସେ ଉଠାଏ। ସେପଟୁ ଶୀବୁ ମୋ କଥା ଶୁଣି କହିଲା ----ସାଙ୍ଗ! ତୋତେ କାଲି ନେଇଯିବି ଗୋଟେ ଜାଗାକୁ ଦେଖିବୁ ତୋର ଅବଶୋଷ ସବୁ ଦୂର ହୋଇଯିବ। ସତକୁ ସତ କଲେଜ ପରେ ସେ ମୋତେ ସ୍କୁଟିରେ ବସାଇ ନେଇଗଲା। ପ୍ରାୟ ଏକ କିଲୋମିଟର ଯିବା ପରେ ଏକ ବଡ଼ ଦ୍ୱିତଳ ପ୍ରାସାଦ ପାଖରେ ପହଞ୍ଚି ଓହ୍ଲାଇବାକୁ କହିଲା। ସାମ୍ନାରେ ଏକ ମସ୍ତବଡ଼ ଲୁହାରଗେଟ ଟିଏ। ସାଇନବୋର୍ଡ଼ ଟିଏ ଉପରେ ଲାଗିଛି-----'ଶ୍ରୀ ସାଇ ବୃଦ୍ଧାଶ୍ରମ'।

ISSN NO.
2582-208X

ଗେଟ ଖୋଲି ଶୀବୁ ସହିତ ଭିତରକୁ ପାଦ ବଢ଼ାଇଲି। ଅଚାନକ୍ ବଙ୍କୁଲୀ ବାଡ଼ିର ଠକ୍ ଠକ୍ ଶବ୍ଦ ମୋର ଦୃଷ୍ଟି ଆକର୍ଷଣ କଲା। ଏକ ଶିହରଣ ଖେଳିଗଲା ମନରେ, ମୁହଁ ରୁ ବାହାରିଆସିଲା--- ଜେଜେମା!

ହଁ, ପୁରା ଜେଜେମା ଭଳି ଦିଶୁଥିବା ଜଣେ ବୃଦ୍ଧା ଧୀରେ ଧୀରେ ସାମ୍ନା ସିମେଣ୍ଟ ଅଗଣାରେ ଚାଲୁଥିଲେ। ଧାଇଁ ଗଲି ତାଙ୍କ ପାଖକୁ। ପ୍ରଣାମ କରୁକରୁ ସେ ଟିକେ ଆଶ୍ଚର୍ଯ୍ୟ ହେଲେ ସତ କିନ୍ତୁ ପରମୁହୂର୍ତ୍ତରେ ସେ ମୋତେ କୁଣ୍ଢାଇ ଧରି ଆଶୀର୍ବାଦ କରୁଥିଲେ। ମୋ ଆଖି ବାଟ ଦେଇ ମନଭିତର ର ସବୁ ଅବଶୋଷ ଲୁହ ହେଇ ବହିଯାଉଥିଲା। ଏହିପରି ବହୁ ବୃଦ୍ଧା, ବୃଦ୍ଧ ଙ୍କ ସହ ଶୀବୁ ମୋର ପରିଚୟ କରାଇଦେଇଥିଲା। ଯେଉଁମାନେ ସମୟ ଚକ୍ର ରେ ଆଜି ଅବହେଳିତ, ତାଙ୍କ ପାଇଁ ତାଙ୍କର ଜନ୍ମିତ ସନ୍ତାନ ଙ୍କ ପାଖରେ ଆଜି ସମୟ ନାହିଁ। ଏକଦା ସେମାନଙ୍କ କୋଳ ମଣ୍ଡନ କରିଥିବା ସନ୍ତାନ ମାନେ ଆଜି ତାଙ୍କର କେବଳ କୋଳ ଶୂନ୍ୟ କରି ଚାଲିଯାଇନାହାନ୍ତି ବରଞ୍ଚ ହୃଦୟ ମଧ୍ୟ ଶୂନ୍ୟ କରିଦେଇଛନ୍ତି। ସ୍ନେହ, ଶ୍ରଦ୍ଧା, ବାତ୍ସଲ୍ୟ ର ଝରଝର ନିର୍ଝର ଟି ଆଜି ସେମାନଙ୍କ କୋଟରଗତ ଚକ୍ଷୁ ଦେଇ ବହି ଯାଉଛି।

ଏବେ ମୁଁ ସ୍ଥିର କରୁଥିଲି----- ଶୁଣିବି, କିଛି ସମୟ ପାଇଁ ହେଉପଛେ, ଏଇ ଜେଜେମା, ଜେଜେ ବାପା, ଅଜା, ଆଇ ମାନଙ୍କ କଥାକୁ,ତାଙ୍କର ବ୍ୟଥାକୁ, ଯେଉଁ ମାନଙ୍କ ଭିତରେ ଗୁଞ୍ଜରିତ ହେଉଛି ସମୟର ପଦଧ୍ୱନି। କୁହୁଳୁଛି ବିଗତ ସ୍ମୃତି ସବୁ। ସମୟ ର ଧାରାରେ ବହି ଯାଉ ଯାଉ ତାର ନିଷ୍ଠୁର ପ୍ରସ୍ତର ଭଳି ଘଟଣା କ୍ରମରେ କ୍ଷତାକ୍ତ ହୋଇଥିବା ତାଙ୍କ ମନକୁ ସାଉଁଳି ଦେବି ମୋର ସେବା ଓ ପ୍ରେମ ର ସ୍ପର୍ଶ ରେ। ସମୟ ବୁକୁରେ ଧୀରେ ଧୀରେ ନିଶ୍ଚିହ୍ନ ହେଉଥିବା ସେଇ ଚରିତ୍ର ମାନଙ୍କୁ କିଛି ସମୟ ଦେଇ ମୁଁ ମୋର ସମୟର ସଦୁପଯୋଗ କରିବି।

ଜେ. ଏନ.ଲେନ, ରାଉରକେଲା--1
ମୋ---9438393838

ISSN NO.
2582-208X

# ଅଲୋଡା ସ୍ୱପ୍ନ

ସସ୍ମିତା ପଣ୍ଡା

ଏତେ ସ୍ୱପ୍ନକୁ ନେଇ
କଣ ବାଟଚାଲି ହୁଏ
ବେଳେବେଳେ ସ୍ୱପ୍ନ ମାନେ
ଖୁବ୍ ଭାରିପଣ ଅଜାଡି ଦିଅନ୍ତି
ତୁମେ କୁହତ....
ଏ ଛୋଟିଆ ଆଖି ହଳକ
କେମିତି ଦେଖି ପାରିବ
ଏତେ ବଡ଼ ବଡ଼ ସ୍ୱପ୍ନ ସବୁ ।।

ମୋ ନିଦକୁ ରାଣ ଦେଲି
ଆଖିକୁ ତାଗିଦ୍ କଲି
ଛାତିରେ ପଥର ଲଦି
ସହିଗଲି ସବୁକିଛି
ହେଲେ ନିସ୍ତାର କାହିଁ ଯେ
ସେ ମିଠା ଜ୍ୱଳନରୁ....
ମନ ସହ ବୁଝାମଣାର
ଚୁକ୍ତି ସ୍ୱାକ୍ଷର ପରେ ବି.............

ସବୁ ବାଟ ସେମାନଙ୍କୁ ଜଣା
ଅକ୍ଲେଶରେ ଡେଇଁ ପାରନ୍ତି
ମେଘନାଦ ପାଚେରୀ
ବାନ୍ଧିପାରନ୍ତି ସ୍ୱର୍ଗକୁ ନିଶୁଣି....
ରାତି ସହ ସାଲିସ୍ କରି
କେତେବେଳେ
ବର୍ଷାରେ ଭିଜିଭିଜି ତ
ଆଉ କେବେ....
ବସନ୍ତର ଚୋରା ଚଇତାଳିରେ ।

ବାରମ୍ବାର କହିବା ପରେ ବି
ବୁଝନ୍ତିନି ସେମାନେ....
ଏଠି ସ୍ୱପ୍ନ ଦେଖିବା ମନା ।।

କଟିକଟା, କଟକ
9438856784

ISSN NO.
2582-208X

# ମହାର୍ଘ ମନସ୍ଥ



ସିମାଞ୍ଚଳ ରଣା

ମୋ ଦୁଃଖ ତ ତମେ
ନହଲେ କେବେଠୁ ମୁଁ ପ୍ରାପ୍ତିର,
ପୁଣ୍ୟଶ୍ଲୋକରେ
ଉଚ୍ଚାରି ନିଅନ୍ତିଣି ବାକ୍ୟ;
ଅହଂକୃତ ଇପ୍ସିତ ଇଚ୍ଛାର ଆକର୍ଷଣରେ,
ମୋ ଆଧିପତ୍ୟ ଅପରାହ୍ନର ଶେଷ ପାଦଚିହ୍ନର ।

ନୀରବତା ଛୁଇଁବା ପରେ ପରେ
ପଣତ ଏକ ବିଧବା ସନ୍ଧ୍ୟା ନଚେତ ମୃତ୍ୟୁପତ୍ର,
ତୁମ ଫେରିବାର ଅଘୋରୀ-ରାତିର ଅରଣ୍ୟ ବର୍ଷାରେ;
ଚିରି ଯାଉଥିବା ଛାତି ଆଉ ଚିହିଁକି ଉଠୁଥିବା ତାତିରୁ/
ନିଷ୍କର୍ଷ ହୁଏତ ଅଦ୍ୟପି ଅସ୍ନାତ ଏ ଏକାନ୍ତରେ ।

ମାୟା ତୁମ ଛାତି
ସୁଢୋଳ ବକ୍ଷୋଜରେ ଅସ୍ତ ଜହ୍ନ
ଅବା ବନସ୍ତର ଆବଦ୍ଧ କଳା ଛାଇ,
ମୁଁ ମାନ୍ତ୍ରିକ ହେଲେ ମୃତ୍ୟୁ ସୁନିଶ୍ଚିତ;
ତାନ୍ତ୍ରିକ ହେଲେ ତୁମେ ମାଗିବ ମୁନ୍ଦେ ଭାଗ୍ୟ ।

ISSN NO.
2582-208X

ତଥାପି ଫୁର୍ତ୍ତିର ଆକାଶ
ଏଇ ନିଅ ଦେଉଛି ଆପତ୍ତିରେ ମୋ ସ୍ୱେଦ,
ବିପତ୍ତିରେ ଏକାକିତ୍ୱ ଅନ୍ତରଙ୍ଗ ଅବା କାମସୂତ୍ର,
ତୁମେ ଖୋଲିବସ ତୁମ ଉନ୍ମୁକ୍ତ ନୀରବତା;
ସର୍ପିଳ ନିଶ୍ୱାସର ଉତ୍ସୁକ ମଧୁବେଳା,
ତୁମେ ସତ୍ୟ ଅସତ୍ୟର ଏଇ ଏକ/
ନିର୍ମମ ହତ୍ୟାଭିମୁଖୀ ମାତଙ୍ଗୀ ନିଷ୍ଠିତ ।

ତୁମ ନାଭିରେ
ନଖଗାରରେ ଟଣା ହେଉ ପ୍ରୀତିକୋଠି
ଚୁମ୍ବନରେ ନୈବେଦ୍ୟର ଲାଳସା ଭୋଗ,
ଜାନୁଜଙ୍ଘରେ ନଷ୍ଟ ମନ୍ତ୍ରର ଉପଚାର;
ତୁମେ ଏବେ ଦେବୀ ପୁଣି ମୋ ମହାର୍ଘ ମନସ୍ଥର ।

ଏ ଗହନ ଅନ୍ଧାର
ମୁଁ କାହିଁ ସ୍ୱପ୍ନିଳ ସନ୍ତକରେ ନିଷ୍ଠିତ,
ତୁମେ ଫେରି ଯାଇଥିବା ଅମାବାସ୍ୟାର ଦିନାଙ୍କ;
ମୋ ଆୟବ୍ୟୟ ମୁହୂର୍ତ୍ତର ଆକାଶ,
ମୁଁ ତାଟକା ଟୁଙ୍ଗିର ସେଇ ବୃଥା ଭାଗବତ/
ନିଷ୍ଠିତ ଅନ୍ଧାର ଅଥଚ ଅଦ୍ୟାବଧି ମୁଖସ୍ଥ ।

ବାଲିଗୁଡ଼ା, କନ୍ଧମାଳ
ଫୋନ:୮୨୮୦୯୧୩୯୬୬

ISSN NO.
2582-208X

# ସହିଦ ଲକ୍ଷ୍ମଣ ନାୟକ



ଯଶୋବନ୍ତ ନାୟକ

ଶୁଣ ମୋ ଭାଇ ଭଉଣୀ
ଲକ୍ଷ୍ମଣ ନାୟକ ଙ୍କ କଥା,
ବୀର ମାଟିର ସେହି ଯେ
ସୁଯୋଗ୍ୟ ସନ୍ତାନଙ୍କ ଗାଥା !!

କୋରାପୁଟ ର ଟେନ୍ତୁଳୀଗୁମ୍ମା
ତାଙ୍କରି ଜନମ ସ୍ଥାନ,
ଦେଶ ପାଇଁ ଲଢ଼ିଥିଲେ
ରଖିଗଲେ ତାର ମାନ !!

ଭୀରୁ ଶହେ ଥର ମରେ
ଦେଶପ୍ରେମୀ ଥରେ ମରେ,
ଅବିଭକ୍ତ କୋରାପୁଟ ମାଟି
ତାଙ୍କ ପାଇଁ ଆଜି ଗର୍ବ କରେ !!

ଗୋରା ଶାସନ ଅସହ୍ୟ କରି
ସତ୍ୟ ପଥେ ହେଲେ ଅଗ୍ରସର,
ଧନ୍ୟ ସେହି ବୀର ପୁରୁଷ
ଆଜି ଆମପାଇଁ ସେ ଅମର !!

ISSN NO.
2582-208X

ଘଞ୍ଚ ଜଙ୍ଗଲ ରେ ବୁଲି
ଗାଁ ଗାଁ ମେଲି କରିଥିଲେ,
ଭାଲୁ ଡ଼ମ୍ବ ସାଙ୍ଗେ ମିଶି
କେତେ କ୍ଲେଶ ଭୋଗିଥିଲେ !!

ଲକ୍ଷ୍ମଣ ନାୟକ ସହିନପାରିଲେ
କାହାରି ଚୁଗୁଲୀ ଗୋଲାମୀ,
ଅନ୍ୟାୟ ବିରୁଦ୍ଧେ ଲଢେଇ କରି
ସାଜି ଥିଲେ ଦେଶ ସଂଗ୍ରାମୀ !!

ମାଥିଲି ଥାନା ଘେରାଉ କଲେ
ମାଟି ପାଇଁ ଲଢେଇ କଲେ
ଦେଶ ସଂଗ୍ରାମୀ ସାଜି
କେତେ ବୀର ସହିଦ ହେଲେ

ବ୍ରହ୍ମପୁର ଜେଲ ନେଇତାଙ୍କୁ
କଏଦୀ ସଜେଇ ଦେଲେ,
କାରାଗାରେ ଫାଶୀଦଣ୍ଡ ପାଇ
ସବୁଦିନ ପାଇଁ ଚାଲି ଗଲେ !!

ଦେଶ ପାଇଁ ଜୀବନ ଦେଲ
ରଖିଗଲ କେତେ ଯଶ,
ସେହି ବୀର ପୁରୁଷ ଚରଣେ
ଆମେ ଆଜି କୋଟି ଦଣ୍ଡବତ !!

ମୋତିଗାଁ, ଚନ୍ଦାହାଣ୍ଡି, ନବରଙ୍ଗପୁର
ଯୋଗାଯୋଗ :- 7735423033

ISSN NO.
2582-208X

# ରାମଚନ୍ଦ୍ର ବେହେରାଙ୍କ ଗଳ୍ପ: ଏକ ଅଧ୍ୟୟନ



ଡ. ହରିହର ପ୍ରଧାନ

ଆଧୁନିକ ଓଡ଼ିଆ କଥା ସାହିତ୍ୟରେ ଗାଳ୍ପିକ ରାମଚନ୍ଦ୍ର ବେହେରା ବେଶ ଜଣାଶୁଣା । ଜୀବନର ନିଃସଙ୍ଗତା ମଧ୍ୟରେ ସ୍ଥିତିଶୀଳତା, ନାସ୍ତି ମଧ୍ୟରେ ଗଭୀର ଆସ୍ତିସୂଚକ ଭାବର ଉଦ୍‌ଘାଟକ ଭାବେ ଓଡ଼ିଆ ଗଳ୍ପ ସାହିତ୍ୟରେ ସେ ବେଶ ଜଣାଶୁଣା । ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ଗଳ୍ପ ରାଜ୍ୟରେ ଯେଉଁ ପରିବର୍ତ୍ତନ ସଂଗଠିତ ହୋଇଛି ତା'ର ଦୃଢ଼ ସମର୍ଥକ ଓ ସହଯୋଗୀ ଭାବେ ସମକାଳୀନ ଗଳ୍ପ ସ୍ରଷ୍ଟା ସର୍ବଶ୍ରୀ ମନୋଜ ଦାସ, ସଚ୍ଚିରାଉତରାୟ, ଚନ୍ଦ୍ର ଶେଖର ନନ୍ଦ, ମହାପାତ୍ର ନୀଳମଣି ସାହୁ, ଶାନ୍ତନୁ ଆଚାର୍ଯ୍ୟ, କିଶୋରୀ ଚରଣ ଦାସ ଆଦିଙ୍କ ସହିତ ସମତାଳରେ ସକ୍ରିୟ ଭୂମିକା ନିର୍ବାହ କରିଛନ୍ତି । ଆମ ପରମ୍ପରା, ସଂସ୍କୃତି ଓ ସମାଜ ପ୍ରତି ସଶ୍ରଦ୍ଧ ଦୃଷ୍ଟିକୋଣ ତାଙ୍କ ଲେଖନୀର ମୂଳ ବୈଶିଷ୍ଟ୍ୟ । ମୁଖ୍ୟତଃ ମଣିଷର ଜୀବନର ନିଚସଙ୍ଗତାର ସଫଳ ରୂପକାର ଭାବେ ତାଙ୍କ ଲେଖନୀ ଅମୃତସ୍ରାବୀ ହୋଇଥିବା ବେଳେ ଜୀବନର ରୂଢ଼ ବାସ୍ତବତା, ପ୍ରେମ, ବୈରାଗ୍ୟ ଜ୍ୱାଳା ଓ ଯନ୍ତ୍ରଣା ମଧ୍ୟରେ ଜୀବନ ପ୍ରତି ସ୍ୱତନ୍ତ୍ର ଆସ୍ଥାଶୀଳ ଭାବ ତାଙ୍କ ଗଳ୍ପର ଭାବ ସ୍ପନ୍ଦନକୁ ଉତୋଳିତ କରିଛି ।

ଗାଳ୍ପିକ ରାମଚନ୍ଦ୍ର ବେହେରା ବିଂଶ ଶତାବ୍ଦୀର ଉତରାର୍ଦ୍ଧରେ ଓଡ଼ିଆ ଗଳ୍ପ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ନେଇଛନ୍ତି ପ୍ରମୁଖ ଭୂମିକା । ଭାବ ପ୍ରକାଶରେ ସୂକ୍ଷ୍ମ ମନନଶୀଳତା, ଜୀବନ ବୋଧର ଚମତ୍କାର ପରିସ୍ଫୁଟନ, ସମାଜ ପ୍ରତି ଗଭୀର ଅଙ୍ଗୀକାର ବୋଧ, ଜୀବନ ପ୍ରତି ସ୍ୱତନ୍ତ୍ର ଅସ୍ତିତ୍ୱବାଦୀ ମାନସିକତା ପୋଷଣ ତାଙ୍କ ଗଳ୍ପ ରଚନାର ମୁଖ୍ୟସ୍ୱର । ଯେକୌଣସି ପରିସ୍ଥିତିରେ ମଣିଷର ଜୀବନ ବଂଚିବା ପ୍ରତି ଅଧିକ ଅନୁରକ୍ତ ଓ ସଶ୍ରଦ୍ଧ

ISSN NO.
2582-208X

ହୋଇଥବା କାରଣରୁ ସେ ମଣିଷ ଓ ତା'ର ଚତୁଃପାଶ୍ୱର୍କୁ ଅତି ନିବିଡ଼ଭାବେ ଦୂରରୁ ଓ ନିକଟରୁ ଲକ୍ଷ୍ୟ କରିଛନ୍ତି । ଜୀବନର ଗଭୀର ପ୍ରାଣ ପିପାସା ହିଁ ଜୀବନକୁ ସ୍ପନ୍ଦିତ କରେ, ସଂଚାଳିତ କରେ । ନିଃସର୍ତ ଜୀବନ ଭୋଗ ହିଁ ଆତ୍ମାର ମୁକ୍ତି । ତେଣୁ ମଣିଷର ଅନୁପମ ଜୀବନ ବଂଚିବା ସମ୍ପର୍କରେ ଅତି ଭସ୍ତୁକ ଶିଳ୍ପୀ ଗାଳ୍ପିକ ଶ୍ରୀବେହେରା ଗଭୀର ନିଃସଙ୍ଗତା ମଧ୍ୟରେ ଜୀବନକୁ ନିବିଡ଼ ଭାବେ ପାଇବାର ସ୍ୱତନ୍ତ୍ର କଳା ତାଙ୍କ ଗଳ୍ପ ଗୁଡ଼ିକରେ ଦେଖିବାକୁ ମିଳେ ।

ଗାଳ୍ପିକ ରାମଚନ୍ଦ୍ର ବେହେରା ଜଣେ ସମାଜ ସଚେତନ ଶିଳ୍ପୀ, ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବିବର୍ତିତ ସମୟ ଓ ସମାଜକୁ ଅତି ସୂକ୍ଷ୍ମ ଭାବରେ ତାଙ୍କ ସୃଷ୍ଟି ସମ୍ଭାରରେ ଧାରଣ କରିବାକୁ ପ୍ରୟାସ କରିଛନ୍ତି । ସ୍ୱାଧିନତା ପରବର୍ତୀ ଆଧୁନିକ ମଣିଷର ପରମ୍ପରା ଓ ବିଶ୍ୱାସ, ଅସହାୟତା, ଦୋଷ ଦୁର୍ବଳତା, ସଫଳତା, ବିଫଳତା, ନିରାଶା ଭିତରେ ବଳିଷ୍ଠ ଆଶାବାଦର ଚିତ୍ର ତାଙ୍କ ଗଳ୍ପରେ ପ୍ରଦତ । ଜୀବନର ବାସ୍ତବ ସତ୍ୟକୁ ତାଙ୍କ ଗଳ୍ପରେ ରୂପାୟନ କରିଛନ୍ତି । କଥା ଶିଳ୍ପୀ ରାମଚନ୍ଦ୍ର ବେହେରା ଦୀନ ହୀନ, ଶୋଷିତ, ମୂଲିଆ, ଛାତ୍ର, ଶିକ୍ଷକ, ଶିଳ୍ପପତି, ଜନତା, ମା, ଭଉଣୀ, ସ୍ତ୍ରୀ, ସାଧାରଣ ଜନତା, ଭଣ୍ଡ, ପିଶାଚ, ଡ଼କାୟତ, ସାଧୁ, ସନ୍ୟାସୀ, ରୁଗ୍ଣ, ଅସହାୟ, ଧନୀକ, କ୍ଷମତାଶାଳୀ, ଚାକିରିଆ, ଅଧ୍ୟାପକ, ଡ଼ାକ୍ତର- ସମାଜର ପ୍ରତ୍ୟେକ ବର୍ଗର ମଣିଷମାନଙ୍କୁ ନିଜ ରଚନାରେ ସ୍ଥାନିତ କରିଛନ୍ତି । ମଣିଷର ଅନ୍ଧାରୀ ମନର ଗୁହା ଭିତରେ ପ୍ରବେଶ କରି ତାର ଅବଚେତନ ସ୍ତରକୁ ପାଠକ ନିକଟରେ ତୋଳି ଧରିବାର ଅନ୍ତରଙ୍ଗ ପ୍ରୟାସ ତାଙ୍କ ଗଳ୍ପର ଅନ୍ତଃସ୍ୱର । ତାଙ୍କର ଗଳ୍ପଗୁଡ଼ିକ ମନନଧର୍ମୀ, ସାଙ୍କେତିକ, ପ୍ରତୀକାତ୍ମକ, କାହାଣୀର ଅନ୍ତରାଳରେ ଥିବା ମଣିଷର ସୂକ୍ଷ୍ମ ଜୀବନଟି ପ୍ରତୀକିତ ପ୍ରତିଟି ଶୈଳୀରେ । ଏହା ତାଙ୍କର ଜୀବନବାଦୀ ଶିଳ୍ପୀର ପରିଚୟ ପ୍ରଦାନ କରେ ।

ବ୍ୟକ୍ତି , ବିଶ୍ୱ ଓ ବର୍ହିବିଶ୍ୱର ମନୋଜ୍ଞ ସମନ୍ୱୟ କ୍ଷୁଦ୍ର ଗଳ୍ପରେ ଆତ୍ମିକ ବିଭବ । ଜର୍ମାନ୍ ବିପ୍ଳବ, ଫରାସୀ ବିପ୍ଳବ, ଶିଳ୍ପ ବିପ୍ଳବ, କାର୍ଲମାର୍କସଙ୍କର ଆବିର୍ଭାବ । ମାର୍କିସିଜ୍ମ୍ର ପ୍ରଚାର ଓ ପ୍ରସାର, ରୁଷ ବିପ୍ଳବ, ଦୁଇଟି ବିଶ୍ୱଯୁଦ୍ଧ ପ୍ରଭୃତି ବହୁ ଘଟଣା ଊନ୍ନବିଂଶ ଶତାବ୍ଦୀର ମଣିଷ ଜୀବନକୁ କରିଛି ବିପର୍ଯ୍ୟସ୍ତ । ଏହିଭଳି ଏକ ହତାଶା ଓ ନୈରାଶ୍ୟ ବୋଧରୁ ମଣିଷ ନିଜର ସ୍ଥିତି ପାଇଁ ଅନବରତ ସନ୍ଦିହାନ । ଶିଳ୍ପ ବିପ୍ଳବ ପରେ

ISSN NO.
2582-208X

ଛାପାଖାନାର ଆବିଷ୍କାର । ସମ୍ବାଦପତ୍ରର ପ୍ରସାର ଓ ଜୀବନ ଧର୍ମୀ ସତ୍ୟନିଷ୍ଠ ସମ୍ବାଦ ପରିବେଷଣ ହେତୁ ସାହିତ୍ୟିକଙ୍କୁ ଗଳ୍ପ ଉପନ୍ୟାସ ସୃଷ୍ଟି ପାଇଁ ଖୋରାକ ଯୋଗାଇଥିଲା । ବିଂଶ ଶତାବ୍ଦୀର ଗଳ୍ପ ରଚନାର ପୃଷ୍ଠଭୂମିରେ ରହିଛି ବାସ୍ତବବାଦ, ଅଭିବ୍ୟକ୍ତି ବାଦ, ସ୍ଥିତିବାଦୀ ଦର୍ଶନ, ଅତିବାସ୍ତବବାଦ ସାମ୍ୟବାଦୀ ଚେତନା ଆଦି । ବହୁ ଗବେଷକ ଏ ଦିଗରେ ଗବେଷଣା କରିଛନ୍ତି । ଫ୍ରୟେଡ୍ ଭିକ୍ଟର ହ୍ୟୁଗୋ, ମୋପାଁସା, ଲିଓଟଲଷ୍ଟୟ, ଜାଁ ପଲ ସାର୍ତେ, କାମ୍ୟୁ, କାଫ୍‌କା, ଏମିଲି ଜୋଲା, ବଦ୍‌ଲେୟାର ପ୍ରମୁଖ ବିଶ୍ୱ ବିଖ୍ୟାତ ପାଶ୍ଚାତ୍ୟ ଦାର୍ଶନିକ । ସାହିତ୍ୟିକ ଗାଳ୍ପିକ ରାମଚନ୍ଦ୍ର ବେହେରା ତାଙ୍କ ଗଳ୍ପ ଗୁଡ଼ିକରେ ନାନା ପରୀକ୍ଷା ନିରୀକ୍ଷା କରିଛନ୍ତି । ସାଂପ୍ରତିକ କଥା ସାହତ୍ୟର ଶିଳ୍ପୀ ରାମଚନ୍ଦ୍ର ବେହେରା ସର୍ବ ପ୍ରଥମେ ବର୍ତମାନର ସମସ୍ୟା କେବଳ ଭାତ ବା ରୁଟି ଭିତରେ ସୀମାନବଦ୍ଧ ହୋଇନାହିଁ । ବରଂ ମଣିଷର ମାନସିକତା ଆଡ଼କୁ ସଂପ୍ରସାରିତ ହୋଇଯାଇଛି । ଏହି ଦିଗପ୍ରତି ଦୃଷ୍ଟିପାତ କରିଛନ୍ତି । ଏ ଦିଗରୁ ତାଙ୍କ ଗଳ୍ପସମୂହ ସଂପର୍କରେ ଏକ ଗଭୀର ଅର୍ନ୍ତଦୃଷ୍ଟି ମୂଳକ ଆଲୋଚନାର ଆବଶ୍ୟକତା ରହିଛି ।

ସାଂପ୍ରତିକ ଓଡ଼ିଆ କଥା ସାହିତ୍ୟର ଜଣେ ପଥିକୃତ ସ୍ରଷ୍ଟା ଭାବରେ ଗାଳ୍ପିକ ରାମଚନ୍ଦ୍ର ବେହେରା ୧୯୭୦ ମସିହାରୁ ଓଡ଼ିଆ ସାହିତ୍ୟକୁ ଭାସ୍ୱରିତ କରିଛନ୍ତି । ତାଙ୍କର ଗଳ୍ପ ଗୁଡ଼ିକରେ ସମାଜ ତାତ୍ୱିକ ଦୃଷ୍ଟି ଭଙ୍ଗୀକୁ ପାଠକ ସହିତ ପରିଚିତ କରାଇବା ଏହି ଗବେଷଣାର ମୁଖ୍ୟ ଉଦ୍ଦେଶ୍ୟ । ଗଭୀର ଆବେଗ ଧର୍ମିତା ଓ ଦାର୍ଶନିକତାର ସମ୍ମିଶ୍ରଣରେ ବ୍ୟକ୍ତିର ସ୍ଥିତି ଓ ସମ୍ଭାବନା, ସ୍ଥିତିବାଦୀ ଚେତନାର ନୈରାଶ୍ୟ ମୟତା ମଧ୍ୟରେ ସଂଗ୍ରାମର ଆଲୋକିତ ଦିଗ ହିଁ ଗାଳ୍ପିକଙ୍କର ରଚନାର ଅନନ୍ୟ ଦୃଷ୍ଟିଭଙ୍ଗୀ । ଜୀବନର ଉପଲବ୍ଧି ହିଁ ସୃଷ୍ଟିର ମୂଳ ଭାବଭୂମି । ଗାଳ୍ପିକ ରାମଚନ୍ଦ୍ର ବେହେରା ଜଣେ ଅନ୍ତର୍ମୁଖୀ ବ୍ୟକ୍ତିସତ୍ତା । ଯେଉଁ କାହାଣୀ ବା ଚରିତ୍ର ବା ଘଟଣାର ବିଦ୍ୟୁତ ଝଲକ ପରି ସ୍ରଷ୍ଟା ମାନସରେ ଚମକ ସୃଷ୍ଟି ବା ଗଭୀର ଭାବରେ ସନ୍ତୁଳିତ କରନ୍ତି ତାହାହିଁ ତାଙ୍କ ଲେଖନୀର ଉପାଦାନ । ମଣିଷର ଚେତନାକୁ ସ୍ପନ୍ଦିତ କରିଥିବା ଘଟଣା, ଆଦର୍ଶ, ଅଭିରୁଚି, ମନସ୍ତତ୍ୱ ଓ ଦର୍ଶନକୁ ସମ୍ବଳ କରି ଆଙ୍ଗିକ ଓ ଆତ୍ମିକରେ ଜୀମନ ଓ ଜଗତପ୍ରତି ଗଭୀର ଆଶା ପୋଷଣ କରିଛନ୍ତି । ଇଂରାଜୀ ସାହିତ୍ୟର ଗଭୀରଜ୍ଞାନ ଓ ଅଧ୍ୟୟନ ଯୋଗୁଁ ତାଙ୍କର ଦୃଷ୍ଟିର ଦିଗ୍‌ବଳୟ ଥିଲା ସଂପ୍ରସାରିତ । ଜଣେ ନିଷ୍ଠାପର, ଦାର୍ଶନିକ, ସମାଜବାଦୀ, ମନସ୍ତାତ୍ୱିକ ଗାଳ୍ପିକ ଭାବରେ ସ୍ୱତନ୍ତ୍ର ପରିଚୟର ଅଧିକାରୀ ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କ ଗଳ୍ପର

ISSN NO.
2582-208X

ଅନ୍ତଦୃଷ୍ଟିକୁ ପାଠକ ନିକଟରେ ଚିହ୍ନଟ କରାଇଦେବା ଅନ୍ୟତମ ଉଦ୍ଦେଶ୍ୟ । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟରେ ଜଣେ ପ୍ରଥିତଯଶା ସ୍ରଷ୍ଟା ହେଉଛନ୍ତି ଗାଳ୍ପିକ ରାମଚନ୍ଦ୍ର ବେହେରା । ସେ ମୁଖ୍ୟତଃ ନିଃସଙ୍ଗତାର ସ୍ଥପତି । ଜଣେ ମଣିଷ, ଜୀବନ ଆରମ୍ଭରୁ ମୃତ୍ୟୁ ପର୍ଯ୍ୟନ୍ତ ଯେ ଏତେ ମାତ୍ରାରେ ନିଃସଙ୍ଗତାର ବିବିଧ ଚିତ୍ର ତାଙ୍କ ଗଳ୍ପ ମାନଙ୍କରେ ଅଙ୍କିତ । ତାଙ୍କ ଗଳ୍ପର ପ୍ରତିଟି ପ୍ରସ୍ଥ ମାନବ କୈନ୍ଦ୍ରିକ । ବହୁ ଗଳ୍ପ ଓ ଉପନ୍ୟାସର ସ୍ରଷ୍ଟା ଭାବେ ତାଙ୍କ ସାହିତ୍ୟ ଦିଗ୍ ବଳୟ ପର୍ଯ୍ୟନ୍ତ ବ୍ୟାପ୍ତ ଓ ଉଦ୍‌ଭାସିତ ।

ତାଙ୍କ "ଗୋପପୁର" ଗଳ୍ପରେ ସ୍ଥିତିବାଦୀ ଦର୍ଶନର ମାର୍ମିକ ଅଭିବ୍ୟକ୍ତି ଅତି ସୁନ୍ଦର ଭାବରେ ଚିତ୍ରିତ । ନାନା ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମଣିଷ ଏକ ସୁନ୍ଦର ଜୀବନ ଜିଇଁବା ପାଇଁ ସ୍ୱପ୍ନ ଦେଖେ ଏବଂ ତାର ସଂକଳ୍ପ କରେ । ଗଳ୍ପ ହେଉଛି ମାନବ ସମାଜର ବିଭିନ୍ନ ଘଟଣାବଳୀର ବୈଚିତ୍ର୍ୟମୟ ରସସିକ୍ତ ରୂପାୟନ । ଅତ୍ୟାଧୁନିକ ଜୀବନ ଶୈଳୀ ଓ ସାମାଜିକ ପୃଷ୍ଠଭୂମିରେ ଆତଯାତ ମଣିଷ ମାନଙ୍କର କଥାକୁ ଗଳ୍ପ ମାନଙ୍କରେ ସୁନ୍ଦର ଓ କଳାତ୍ମକ ଅଭିବ୍ୟକ୍ତି ମାଧ୍ୟମରେ ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କ ଗଳ୍ପଗୁଡ଼ିକୁ ଗଭୀର ଅନ୍ତଦୃଷ୍ଟି ଦେଇ ଅନୁଧ୍ୟାନ କଲାବେଳେ ନିଶ୍ଚିତ ଭାବରେ ଗବେଷଣାଟି ପ୍ରଚଳିତ ତଥାକଥିତ ପରମ୍ପରାଭିତିକ ଗବେଷଣାଠାରୁ ଏହି ଗବେଷଣାଟି ଭିନ୍ନ ତୁଳନାତ୍ମକ ହେବ । ଗଭୀର ଆବେଗ ଧର୍ମିତା ଓ ଦାର୍ଶନିକତାର ସମ୍ମିଶ୍ରଣରେ ତାଙ୍କ ଗଳ୍ପ ସକଳ ବ୍ୟକ୍ତିର ସ୍ଥିତି ଓ ସମ୍ଭାବନା, ତା' ଭିତରେ କମନୀୟତା ଓ କରୁଣା ସ୍ୱରୂପକୁ ଉନ୍ମୋଚନ କରେ ଏହି ସମ୍ପର୍କରେ ବିଶ୍ଳେଷଣ ରହିଛି । ବିନ୍ଦୁରୁ ସିନ୍ଧୁକୁ ଭୂମିରୁ ଭୂମାକୁ, ସୀମିତରୁ ଅସୀମକୁ ଅନୁସନ୍ଧାନ କଲାପରି ଜଣେ ସ୍ରଷ୍ଟାଙ୍କର ସର୍ଜନାର ମହନୀୟତାକୁ ସନ୍ଧାନ କରିବା ଯେକୌଣସି ସମାଲୋଚକଙ୍କ ପାଇଁ ଏକ ବଡ଼ ଆହ୍ୱାନ । ଏଥିପାଇଁ ଗଭୀର ଅନ୍ତଦୃଷ୍ଟି ଓ ଜୀବନାନୁଭୂତିର ଆବଶ୍ୟକତା ରହିଛି । ଏହି ନିବନ୍ଧଟି ଏହି ଦିଗରେ ଏକ କଳାତ୍ମକ ବିଶ୍ଳେଷଣାତ୍ମକ ହେବା ବାଂଛନୀୟ । ପରବର୍ତ୍ତୀ ସମୟରେ ଏହି ନିବନ୍ଧଟି ଏକ ପରୀକ୍ଷାଧର୍ମୀ ଆଲୋଚନା ଭାବରେ ପାଠକମାନଙ୍କ ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିବ । ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ସମଗ୍ରକୁ ସମୀକ୍ଷା କରିବାକୁ ଗଲାବେଳେ ସ୍ୱାଧୀନତା ପୂର୍ବବର୍ତ୍ତୀ ସମସ୍ତ ସମାଲୋଚକମାନଙ୍କ ସହିତ ପରବର୍ତ୍ତୀ ବା ସମକାଳୀନ ସମାଲୋଚକମାନଙ୍କ ଦୃଷ୍ଟିକୋଣକୁ ସୂକ୍ଷ୍ମଭାବରେ ଅନୁଧ୍ୟାନ କରାଯିବ । ଗାଳ୍ପିକଙ୍କ ଜୀବନ ଦୃଷ୍ଟି ବେଶ ପ୍ରସାରିତ। ତାଙ୍କ ଗଳ୍ପରେ ଜୀବନବାଦୀ, ସମାଜବାଦୀ, ସ୍ଥିତିବାଦୀ, ଚେତନା, ଜୀବନ

ISSN NO.
2582-208X

ପ୍ରତି ସ୍ୱତନ୍ତ୍ର ଶ୍ରଦ୍ଧାଶୀଳଭାବ, ସାମାଜିକ ଅଙ୍ଗୀକାର ବୋଧ ମାଧ୍ୟମରେ ଗାଳ୍ପିକ ଯେଉଁ ନୂତନ ଭାବରାଜିକୁ ତୋଳି ଧରିଛନ୍ତି ତା'ର ପୂର୍ନ ମୂଲ୍ୟାୟନ ମାଧ୍ୟମରେ ସାଧାରଣ ପାଠକର ବୌଦ୍ଧିକ ଭାବକୁ ବିକଶିତ କରିବାରେ ଯଥେଷ୍ଟ ସହାୟକ ହେବ ବୋଲି ଆଶା, ଗାଳ୍ପିକ ରାମଚନ୍ଦ୍ର ବେହେରା ଜୀବନ ବିଷୟରେ ବଡ଼ ଆଶା ଓ ଆନନ୍ଦବାଦୀ । ଏହି ବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପରେ ସାମ୍ୟବାଦୀ ଚେତନା, ଶ୍ରେଣୀ ସଂଘର୍ଷରଚିତ୍ର, ସମାଜବାଦ ଓ ସ୍ୱାଧୀନତା ଆନ୍ଦୋଳନ, ମନସ୍ତତ୍ୱର ବିଶ୍ଳେଷଣ, ଜୀବନଧର୍ମୀ ମାନବ ବାଦର ପ୍ରତିଷ୍ଠା ପ୍ରଭୃତି ଚିନ୍ତା ଓ ଚେତନା ଗାଳ୍ପିକଙ୍କ ସୃଜନ ମନୀଷାକୁ ଆଚ୍ଛନ୍ନ କରି ରଖିଥିଲା । ଗାଳ୍ପିକଙ୍କ ଗଳ୍ପ ଜୀବନର ବାସ୍ତବ ସ୍ଥିତିକୁ ପରିପ୍ରକାଶ କରିବାରେ ଯଥେଷ୍ଟ ଭୂମିକା ନିର୍ବାହ କରେ । ତାଙ୍କ ଗଳ୍ପରେ ଜୀବନ ଅନ୍ୱେଷାର ସ୍ୱର ବର୍ଣ୍ଣାଢ଼୍ୟ ରୂପରେ ଆତ୍ମପ୍ରକାଶ କରିଛି । ଅତି ଘନିଷ୍ଠତାର ସହିତ ତାଙ୍କ ଗଳ୍ପଗୁଡ଼ିକ ପାଠ କଲାପରେ ଅନେକ ଅନାଲୋଚିତ ଦିଗପ୍ରତି ମୋର ସ୍ୱତଃ ଦୃଷ୍ଟି ଆକର୍ଷିତ ହେଲା । ବିଶେଷ କରି ଜୀବନ ବଂଚିବାରେ ବାସ୍ତବତା, ମାନବ ସମ୍ପର୍କରେ ଗୌରବୋଜ୍ଜ୍ୱଳ ବ୍ୟାଖ୍ୟା ମଣିଷର ଅସହାୟତା ଏବଂ ତା'ର ସଂଘର୍ଷମୟ ଜୀବନବ ସେ ଯେଉଁ ସାମାଜିକ ପରିସ୍ଥିତିରେ ବର୍ଣ୍ଣନା କରିଛନ୍ତି ତାହାର ଅନୁଶୀଳନାତ୍ମକ ବିଶ୍ଳେଷଣର ଆବଶ୍ୟକତା ରହିଛି ।

ସାଧାରଣ ଜୀବନର ଅସାଧାରଣ କଥାକାର ଗାଳ୍ପିକ ରାମଚନ୍ଦ୍ର ବେହେରା ଓଡ଼ିଆ କଥା ସାହିତ୍ୟର ଜଣେ ସୃଜନୀ ପ୍ରତିଭା । ଓଡ଼ିଆ ସାହିତ୍ୟରେ ଭିନ୍ନ ସ୍ୱାଦର ସାହିତ୍ୟ ସର୍ଜନା କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସେ ନିଜ ସର୍ଜନା ଜଗତର ନିମଗ୍ନ ସନ୍ନ୍ୟାସୀ, ମଣିଷ ହେଉ କି ପଶୁ, ପ୍ରତିଟି ଜୀବନ ଭିତରେ ରହିଥିବା ତା'ର ସକଳ ପ୍ରତ୍ୟୟ ଧାରଣା, ମୂଲ୍ୟବୋଧ, ଧର୍ମାଚାର, ସୌନ୍ଦର୍ଯ୍ୟାନୁଭୂତି, ବଂଚି ରହିବାର ଶାଶ୍ୱତ ସଂଘର୍ଷ ଆଦିର ମୂଳ ଓ ମୌଳିକ ଉତ୍ସ ତଥା ଏ ଦିଗରେ ଗାଳ୍ପିକଙ୍କର ରହିଥିବା ସମାଜତାତ୍ତ୍ୱିକ ଦୃଷ୍ଟି ଭଙ୍ଗୀ ନିମିତ ନିଶ୍ଚିତ ଭାବରେ ପାଠକ ସମାଜକୁ ଏକ ସାର୍ଥକ ଦୃଷ୍ଟିକୋଣ ଉନ୍ମୋଚନ କରିବାରେ ସାହାଯ୍ୟ କରିବ । ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ସୃଷ୍ଟିର ବିବିଧତା ଓ ବ୍ୟାପକତା ଭବିଷ୍ୟତ ଗବେଷଣା ପାଇଁ ସହାୟକ ହୋଇପାରେ । ଏକ ତୁଳନାତ୍ମକ ଅଧ୍ୟୟନରେ ରାମଚନ୍ଦ୍ର ବେହେରାଙ୍କ ଗଳ୍ପରେ ସମାଜ ତାତ୍ତ୍ୱିକ ବିଶ୍ଳେଷର ସହ ପରବର୍ତୀ ଗାଳ୍ପିକଙ୍କ ଗଳ୍ପକୁ ବିଚାର ପରବର୍ତୀ ଗବେଷଣା ପାଇଁ ଏକ ନୂତନ ଦିଗ୍‌ଦର୍ଶନ ଆଣିଦେବ ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ:

୧. କର ବାଉରୀ ବନ୍ଧୁ- (କ) ନାନା ଆଲୋଚନା, ଗଦ୍ୟ ପ୍ରକାଶନୀ, ଭୁବନେଶ୍ୱର-୧୯୯୪ (ଖ) ସାରସ୍ୱତ ପରିକ୍ରମା ଓଡ଼ିଆ ବିଭାଗ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର-୧୯୯୩

୨. ଗାହାଣ କପିଳେଶ୍ୱର- ସୀମାବଦ୍ଧତା ଓ ମୁକ୍ତିର ସ୍ୱପ୍ନ, (ଓଡ଼ିଆ କ୍ଷୁଦ୍ରଗଳ୍ପ) ୧୯୨୧-୧୯୭୦, ଅଗ୍ରଦୂତ କଟକ ୧୯୯୪

୩. ଦାମ ସୁବୋଧ- (ସଂପାଦନା) ଗଳ୍ପ କୋଣାର୍କ (ଦ୍ୱିତୀୟ ପାହାଚ) ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୮୨.

୪. ଦାସ, କିଶୋରୀ ଚରଣ- କଥା ସାହିତ୍ୟରେ କଳା ଓ କାରିଗରୀ, ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡ୍, ନୂଆପଲ୍ଲୀ, ଭୁବନେଶ୍ୱର, ୧୯୮୦.

ବିଭାଗୀୟ ମୁଖ୍ୟ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ
କୋହ୍ଲଣ ବିଶ୍ୱ ବିଦ୍ୟାଳୟ,ଚାଇଁବସା, ଝାଡଖଣ୍ଡ
ମୋ-୮୦୯୨୧୮୪୭୯୫

ISSN NO.
2582-208X

# ବିକୃତି ମନର ପ୍ରକୃତି



ଜୟ କୁମାର ମିଶ୍ର

ଘୁଷୁରୀ ଗଙ୍ଗାରେ, ସ୍ନାନ ଶୌଚ କରେ
ପ୍ରକୃତି ବଦଳେ ନାହିଁ,
ନବ ରସ ପାକ, ତାର ସ୍ୱାଦ ସୁଖ
ଅରୁଚି ଲାଗଇ ଯହିଁ ॥
ହେଉ ସେ ଶିକ୍ଷିତ, ଆଧୁନିକ ମିତ
ହେଉ ଧନୀମାନୀ ଯାହା,
ଜନମ ପ୍ରକୃତି, ଛାଡେ ନାହିଁ ମତି
ନୀଚ ବେଭାରର ରାହା ॥
ହୋଇ ଅହଂକାରୀ, ମାରେ ବାହାଦୁରି
କହି ବାହାସ୍ଫଟ କଥା,
ଜାଣି ଜାଣି କେହି, କଥା କହୁଥାଇ
କାଢୁଥାଏ ମୁଣ୍ଡ ବ୍ୟଥା ॥
ଭଲ ଗୁଣ ଛାଡ଼ି, ମନ୍ଦ କଥା ପେଡ଼ି
ବାର ବାର କରି ଖୋଲା
ସବୁ ଜାଣି ଜାଣି, ଖୋଲିବେ କାହାଣୀ
କଟା ଘା'ରେ ଚୂନ ବୋଳା ॥

ବିବେକୀ, କେ ଭାବି, କହେ କଥା ଛବି
ଭୁଲି ସ୍ଥାନ, ପାତ୍ର, କାଳ,
ମନରେ ଆନନ୍ଦ, କପଟର ଛନ୍ଦ
ବୃଥା ସରାଗର ତାଳ ॥
ମୁଖେ ସ୍ମିତହାସ, ଚକ୍ଷୁ କହେ ଭାଷ
ମଣିଷପଣିଆ ଭୁଲେ,
ଗରବ, ଗାରିମା, ଉଲଂଘନ ସୀମା
ଦୁଃଖୀକୁ ଦୁଃଖରେ ଠେଲେ ॥
ଦୁଃଖ ପରାବାର, ସମସ୍ୟାଟି ଘୋର
ଅକୁହା ବେଦନା କାଳେ,
କିଛି ମୂଢ଼ ମତି, ନବୁଝି ତା ସ୍ଥିତି
ଜାଣି ଜାଣି ସାଥେ ଖେଳେ ॥
ଦୁଃଖୀ ସିନା ଜାଣେ, ଦୁଃଖର ବେଦନା
ଅନ୍ତର ଜ୍ୱଳନ ଗତି,
ଅନୁଭବୀ ବିନା, ଜାଣିବି ହୁଏନା
କ୍ଷତ ଗଭୀରତା ସ୍ଥିତି ॥

ISSN NO.
2582-208X

କିଛି ମତି ଗତି, ଖିଆଲିଆ ପ୍ରୀତି
ସବୁ ସହି, ଟେକପଣ,
ଘରେ କାନ୍ଦୁଥିବେ, ଦାଣ୍ଡରେ ହସିବେ
ଆଳାପରେ ବଡ଼ପଣ ॥
କରନାରୀ ପରି, କୋରି ଖାଉଥିବ
ଘର, ପରିବାର କଥା,
ନିଜ ଘର ଦ୍ୱାର, କୁଟୁମ୍ବ ସଂସାର
ଅବାଟ ବାଟର ପନ୍ଥା ॥
ନିଜ ପିଠି ପରା, ନିଜକୁ ଦିଶେନି
ପରପିଠି ଝଡା ଫୁଙ୍କା,
ଘର ଜଳିଯାଉ, ଯାହା ତାହା ହେଉ
ପର ଛିଦ୍ର ଆଖି ଦେଖା ॥
ଶୁକର ଜାତିର, ବୁଦ୍ଧି ଅନୁର୍ବର
ହେଉ ଯେତେ ମୋଟାରୋଟା,
ଉଚ୍ଛିଷ୍ଟ ଭକ୍ଷଣେ, ବୁଲେ ଏଣେତେଣେ
ମଣି ନବରସ ପିଠା ॥

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ଜନ୍ମ-ମୃତ୍ୟୁ



କୀର୍ତ୍ତି ଦେବୀ

ମିଛ ମାୟା ସଂସାରରେ ନିରାଟ ସତ୍ୟ ଜନ୍ମ-ମୃତ୍ୟୁ । ଜନ୍ମ ହୋଇଛି ତ ମୃତ୍ୟୁ ସୁନିଶ୍ଚିତ । ଜନ୍ମ ସେଇଠି ହୁଏ ମହାନ ଯେଉଁଠି ସନ୍ତାନ ଦିଏ ପିତା-ମାତାଙ୍କୁ ନୂଆ ପରିଚୟ ଓ ସଂସାର ପରିପୂର୍ଣ୍ଣ ହେବାର ସୌଭାଗ୍ୟ । ନିଜ -ନିଜର କର୍ମ ଘେନି ଜନ୍ମ ନିଅନ୍ତି ସାରା ବିଶ୍ୱର ମାନବ ଓ ଜୀବଜଗତ । ଈଶ୍ୱରଙ୍କ ଆଶିଷରେ କେତେକ ମାନବଙ୍କର ଜନ୍ମ ସାର୍ଥକ ହୋଇଯାଏ ଜନ୍ମ ଜନ୍ମାନ୍ତର ପାଇଁ । ସମାଜର ଶିଶୁଟି ମାଟି ପିଣ୍ଡୁଳା ପରି ଆସିଥାଏ । ତାକୁ ଆମେ ଯେପରି ଗଢ଼ିବା ସେ ସେପରି ହୋଇବ । ପ୍ରକୃତ ପକ୍ଷେ କହିବାକୁ ଗଲେ ଖୁବ୍ କମ ଲୋକ ମାଟି ପିଣ୍ଡୁଳାକୁ ସଠିକ୍ ମୂର୍ତ୍ତିର ରୂପ ଦେଇପାରନ୍ତି । କାରଣ ସେମାନେ ନିଜେ ଠିକ୍ ଶିକ୍ଷା ଗ୍ରହଣ କରିପାରିଛନ୍ତି ।

ଛୋଟ ବୀଜରୁ ଜନ୍ମ ନିଏ ମହାଦ୍ରୁମ । ଏହି ମହାଦ୍ରୁମ ତଳେ ଅନେକ ଆଶ୍ରୟ ନିଅନ୍ତି । ସେହିପରି ଆଜିର ଶିଶୁ କାଲି ଭଲ ମଣିଷ ହୋଇ ତା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ । ସାହସ, କ୍ଷମା, ଦୟା, ଉପଦେଶ, ଆଦେଶ, ଭଲପାଇବା, ନମ୍ରତା, ଶିଷ୍ଟାଚାର ଆଦି ଗୁଣରେ ସେହି ମଣିଶ ସମସ୍ତଙ୍କର୍ ପ୍ରିୟ ହୋଇପାରେ । ସଂସାର ଭିତରେ ଘର କରିଥିଲେ "ପଥର ପଡିଲେ ସହି" ଏହି ଉକ୍ତିକୁ ଆଧାର କରି ମଣିଷ ଜନ୍ମ ପାଇଁ ମଣିଷମାନଙ୍କର ସେବାରେ ନିଜକୁ ନିୟୋଜିତ କରିବା ଉଚିତ ।

ISSN NO.
2582-208X

"ମୃତ୍ୟୁ" ଏପରି ଏକ ଶବ୍ଦ ଯାହାକୁ ଶୁଣିଲେ ପ୍ରତ୍ୟେକ ଜୀବନଧାରୀ ଭୟଭୀତ ହୋଇଯାଆନ୍ତି । ଏହି ଶବ୍ଦ ଯୁଗେ ଯୁଗେ ସ୍ୱୟଂ ପ୍ରତିଷ୍ଠିତ । ଏହାକୁ କେହି ସମାଲୋଚନା, ଆକ୍ଷେପ ବା ବିଦ୍ରୁପ କରିପାରନ୍ତି ନାହିଁ କିମ୍ବା କଲେ ତାର କୌଣସି ପ୍ରତିକ୍ରିୟା ପ୍ରକାଶ ପାଏ ନାହିଁ । ସେ କାହାକୁ ଅବମାନନା କରେନାହିଁ । ପିଲା-ବୁଢା, ଧନୀ-ଗରୀବ, ଉଚ୍ଚ-ନୀଚ, ଜାତି-ଅଜାତି, ଦୁଃଖୀ-ସୁଖୀ ତଥା ବ୍ୟକ୍ତିଗତ, ଗୋଷ୍ଠିଗତ, ସେ କାହାକୁ ଅସମ୍ମାନ କରେନାହିଁ । ଯାହାର ସମୟ ଆସିବ ତାକୁ ମୃତ୍ୟୁକୁ ଆଲିଙ୍ଗନ କରିବାକୁ ପଡିବ} ଏଥିରେ ସାଂସାରିକ ମୋହମାୟା, ଭାଇବନ୍ଧୁ, ସ୍ୱଜନ-ପରଆପଣାର ଜ୍ଞାନ୍ତି-କୁଟୁମ୍ବ ସମସ୍ତଙ୍କୁ ଛାଡି ଯିବାକୁ ପଡିବ । ଏହାହିଁ ଧ୍ରୁବ ସତ୍ୟ ।

ସିଭିଲ୍ ଟାଉନ୍ ସିପ୍, ରାଉରକେଲା
ମୋ: ୯୫୮୩୮୩୩୮୨୭

ISSN NO.
2582-208X

# ତୁମେ କାହିଁକି ଆସ ହେ ମୃତ୍ୟୁ



ବାସନ୍ତୀ ଲତା ଜେନା

ଆନନ୍ଦ ଖୁସିର ପରିବାର ମଧ୍ୟେ
ମୃତ୍ୟୁ କାହିଁକି ହେ ଆସ
ସ୍ନେହ ଶରଧାର ବନ୍ଧନ ତୁଟାଇ
ଭରି ଦିଅ ଅବଶୋଷ ।୧।

ଅବାଂଛିତ ତୁମେ ସଭିଙ୍କର ପାଇଁ
ଅଲୋଡ଼ା ଅଖୋଜା ଜାଣ
ସାନ ବଡ଼ କିଛି ମାନ ନାହିଁ ତୁମେ
ମୃତ୍ୟୁର ଦିଅ ଆହ୍ୱାନ ।୨।

ପିତା ମାତା କୋଳୁ ସନ୍ତାନକୁ ନେଇ
ଅଟହାସ୍ୟ ହସୁ ଥାଅ
ପତ୍ନୀର କପାଳୁ ସିନ୍ଦୂର ଛଡାଇ
କି ସୁଖ ଯେ ତୁମେ ପାଅ ।୩।

ବୃଦ୍ଧ ବୃଦ୍ଧା ମାନେ ଯନ୍ତ୍ରଣା ଭୋଗନ୍ତି
ତାଙ୍କୁ ମୁକ୍ତି ଦେଇ ଦିଅ
ପାଚିଲାକୁ ଛାଡି କଞ୍ଚା ନେଇ ଯାଅ
ଅଶ୍ରୁରେ ଭସାଇ ସୁଅ ।୪।

ମୃତ୍ୟୁ ତୁମେ ସତ୍ୟ ଚିର ସନାତନ
ଆମ ପାଇଁ କାଳ ହୁଅ
ସୁଖି ପରିବାରେ ଦୁଃଖ ଭରି ଦେଇ
କି ସୁଖ ବା ଅବା ପାଅ ।୫।

ତୁମ ପାଇଁ ସ୍ୱପ୍ନ ରହି ଯାଏ ଅଧା
ଭାଙ୍ଗି ଯାଇ ଥାଏ ଘର
ଦୁଃଖର ସୁଅରେ ବୁଡୁବୁଡୁ ହୋଇ
ଥଳ ପାଏ ନାହିଁ କାର ।୬।

ଅସମୟେ ମୃତ୍ୟୁ ଆସ କାହିଁ ପାଇଁ
ତୁମର ସ୍ୱାଗତ ନାହିଁ
ଦୁଃଖ ଚିନ୍ତା ଘାରେ ପ୍ରାଣ ଥରି ଉଠେ
ତୁମରି ନିର୍ଦ୍ଦୟ ପାଇଁ ।୭।

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ବିଳମ୍ବ ବିଳାପ



ଡ. ଜ୍ଞାନେଶ୍ୱର ମିଶ୍ର

ଯାତ୍ରୀମାନେ ଧ୍ୟାନ ଦିଅନ୍ତୁ
ଗାଡି ନମ୍ବର ଦୁଇ ଶୂନ ଦୁଇ ତିନି
ଯାହା ନଅଟାରେ ଆସିବାର ଥିଲା
ଚାରିଘଣ୍ଟା ବିଳମ୍ବରେ ଚାଲୁଅଛି ।
ସେହି ଗାଡିରେ ଯିବା ପୁରୁଷ, ମହିଳା, ଶିଶୁ
ଏ ଘୋଷଣା ଶୁଣି ହନ୍ତସନ୍ତ
ପ୍ଲାଟଫର୍ମରେ ବସିବା ଛଡା
ଉପାୟ ନାହିଁ ଅନ୍ୟ କିଛି ॥
ସୀମାନ୍ତ ଘାଟୀରେ ଚାକିରୀ ଗୋଟିଏ ପୁଅର
ଛ ମାସ ହେଲାଣି ନାହିଁ ଖୋଜ କି ଖବର,
ଗାଁରେ ବୁଢାବୁଢୀ ବାପମା ଙ୍କର ମୋବାଇଲ୍ ଭରସା
ଅନାଇ ବସିଛନ୍ତି ଦିନ ବା ରାତିରେ
ଥାଉ ବା ନଥାଉ ଟାୱାର ॥
ବାପାଙ୍କର ହାର୍ଟ ଅପରେସନ
ତିନିଘଣ୍ଟା ହେଲାଣି, ଭିତରକୁ ଯାଇଛନ୍ତି
ନର୍ସ ଓ ଡାକ୍ତର
ବୋଉ, ମୁଁ ମୋ ସ୍ତ୍ରୀ, ଭୟ ଆଶଙ୍କାରେ
ବସିଛୁ ଅନାଇ, ଡାକ୍ତର କି ନର୍ସ ବାହାରିଲେ

ISSN NO.
2582-208X

ପଚାରି ବୁଝିବୁ ଖବର ॥
ଓ.ଏ.ଏସ୍. ଦେଇଛି ପୁଅ
ପାସ୍ କି ଫେଲ ମିଳୁନି ଖବର,
ଦିନ ପରେ ଦିନ ବିତିଯାଏ
ବାପାଙ୍କର ପରିବା ବିକ୍ରୀ ଟଙ୍କା ଧରି
ସପ୍ତାହରେ ଥରେ ଯାଉଛି ଭୁବନେଶ୍ୱର ॥
ଯେତେ କଲ୍ କଲେ ବି ରିଂ ହେଉନି
ରିଂ ହେଲେ ବି ଉତ୍ତର ଆସୁନି
ପ୍ରାୟ ଦୁଇଘଣ୍ଟା ବିତିଲାଣି ପାର୍କରେ
ଆସୁନି ପ୍ରେମିକା
ମନରେ ସନ୍ଦେହ ମିଳିପାରେ ଧୋକା ॥
ତଥାପି ଜୀବନଟା ବିତିଯାଏ
ସମୟ ପିଠିରେ,
ଅପେକ୍ଷା ଚାରିଆଡେ ଡେଣା ମେଲିଅଛି
ମଣିଷ ହୃଦୟ ମନରେ ॥

୪୯/୫/ଏଚ-୫୫, କର୍ଲ ମାର୍କ୍ସ ସରଣୀ
କୋଲକାତା ୭୦୦୦୨୩

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୨୩ )

ଡଙ୍ଗାରେ ବସୁ ବସୁ ଡଙ୍ଗାଧର କାକା କୁହନ୍ତି, - ଏରେ, ଏଟା ଅଭି କିରେ ? ଆଇଲୁ ବାପା। ଯା ଯା, ତୋର୍ ବାପା ତିନ୍ ଥର୍ ପଚାରି କିରି ଗଲାନି । ଆଉ ଏଇ ଚଇନୁ, ତୁଇ ଭି ତେବେ ପାଠୁଆ ହେବୁ, ନାଇଁ । ଭଲ୍ ଭଲ୍ । ତୁମର୍ ମାନେ ପାଠ୍ ପଢ଼ଲେ ଆଉ ଦୁଇ ଚାରଟା ଭି ପଢ଼ିଯିବେ ତୁମର୍ ମାନକର୍ ଦେଖାଦେଖି ।

ଡଙ୍ଗାଧର କାକା, ଡଙ୍ଗାଧର ନାମ ତାଙ୍କୁ କିଏ ଦେଇଥିଲା ଜଣା ନାହିଁ । ତାଙ୍କର ବାପାର ଦିଆ ନାମ କିନ୍ତୁ ଗଙ୍ଗାଧର । ବିବେକା ମାଷ୍ଟର୍ କହୁଥିଲେ ତାଙ୍କର ଦୁଃଖ କାହାଣୀ ।

ଏଇ ନଈ କୂଳରେ ସେ ରହୁଥିଲେ ବାପମାଆ ଆଉ ଭାଇ ଭଉଣୀ ସହିତ । ଜାତିରେ କେଉଟ । ଡଙ୍ଗା ବାହିବା ଆଉ ମାଛ ଧରିବା ତାଙ୍କର କୌଳିକ ପେଶା । ତାଙ୍କ ବାପା ଚକ୍ରଧର ବଡ଼ ଈଶ୍ୱର ବିଶ୍ୱାସୀ ମଣିଷ ଥିଲେ । ଅତ୍ୟନ୍ତ ସହୃଦୟ । ସବୁ ଠିକ୍ ଠାକ୍ ଚାଲିଥିଲା, ହଠାତ୍ କେମିତି କେଜାଣି ତାଙ୍କ ମୁଣ୍ଡରେ ଭ୍ରମ ଢୁକିଲା ଯେ ତ୍ରେତୟା ଯୁଗରେ ସେ ଦାଶରଥୀ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କୁ ଗଙ୍ଗାପାରି କରେଇଥିବା ଧୀବର ଗୁହ ଥିଲେ । ଆଉ ଏହି ଯୁଗରେ ମଧ୍ୟ ପ୍ରଭୁ ଆସିବେ ଆମର ଏହି ନଈ ପାରି ହେବାକୁ । ସବୁବେଳେ ସେହି କଥାକୁ ଗୁଣି ଗୁଣି ତାଙ୍କର ମସ୍ତିଷ୍କ ବିକୃତି ଘଟିଲା । ଦିନକୁ ଦିନ ତାଙ୍କର ଉନ୍ମାଦ ବୃଦ୍ଧି ହେଲା ସିନା, ଯେତେ ଗୁଣୀ ଗାରଡ଼ି କଲେ ମଧ୍ୟ କମିଲା ନାହିଁ । ବିବେକା ମାଷ୍ଟରଙ୍କ

ISSN NO.
2582-208X

ବାପା ତାଙ୍କର ଖୁବ୍ ଚିକିତ୍ସା କରାଇଥିଲେ । କିନ୍ତୁ ନା, ପ୍ରଭୁ ପ୍ରେମରେ ସେ ପାଗଳ ହେଇ ସାରିଥିଲେ । କାଳେ କେଉଁ ମୁହୂର୍ତ୍ତରେ ପ୍ରଭୁ ଆସିଯିବେ ସେଥିପାଇଁ ସେ ଆଉ କାହାକୁ ଡଙ୍ଗାରେ ପାରି କରେଇଲେ ନାହିଁ । ତାଙ୍କୁ ନେଇ ଅନେକ ଗୁଜବ ଶୁଣା ଯାଉଥିଲା, ସାମାନ୍ୟତଃ ଯେପରି ଗାଁ ମାନଙ୍କରେ ହୋଇଥାଏ । କିଏ କହିଲା ଗତ ରାତିରେ ଚକ୍ରଧର ପାଖରେ ପ୍ରଭୁ ଶ୍ରୀରାମ ବସିଥିଲେ । ତ କିଏ କହିଲା ରାମଚନ୍ଦ୍ର ତା ଡଙ୍ଗାରେ ପାରି ହେବାର ନିଜ ଆଖିରେ ଦେଖିଛି । ଏମିତି ନାନା କଥା ।

ପେଶା ବନ୍ଦ ହେବାରୁ କୁଟୁମ୍ବ ଭୋକ ଉପାସରେ ଆଉଟି ପାଉଟି ହେଲା । ଶେଷକୁ ବାଳକ ଗଙ୍ଗାଧରଙ୍କୁ ଡଙ୍ଗାର ମଙ୍ଗ ସହିତ କୁଟୁମ୍ବର ମଙ୍ଗ ଧରିବାକୁ ପଡ଼ିଲା । ପିଲାବେଳେ ଥତଡ଼ା (ଖନା) ଥିବାରୁ ସେ ନିଜ ନାମ "ଡଣ୍ଡାଧର" କହୁଥିଲେ । କ୍ରମେ ତାହା "ଡଙ୍ଗାଧର" ହେଇଗଲା ।

ବଡ଼ଗାଁକୁ ଯିବା ଆସିବା ଲୋକେ ଯେତେବେଳେ ଦେଖିବେ ବାପ ପୁଅ ଦୁହେଁ ଯାକ ଡଙ୍ଗା ଧରି ବସିଛନ୍ତି । ଜଣେ ପରମ ପଥିକ ଶ୍ରୀ ରାମଚନ୍ଦ୍ରଙ୍କ ଅପେକ୍ଷାରେ ତ ଜଣେ ପେଟ ପାଟଣା ପାଇଁ ସାଧାରଣ ପଥିକ ମାନଙ୍କର ଅପେକ୍ଷାରେ । ଜଣେ ଆଖିବୁଜି ତଲ୍ଲୀନ ହୋଇ ଅହରହ ଗାଉଥିଲା,

""ବୃତ୍ତି ଏ ମୋ ପୋଷେ କୁଟୁମ୍ବ
ବସାଇ ନ ଦେବି ପାଦ ନ ଧୋଇ ନାବ ।""

ଅନ୍ୟ ଜଣକ ସଜାଗ ରହି ନିଜର ବୃତ୍ତି ପାଳି କୁଟୁମ୍ବ ପୋଷୁଥିଲା ବାଳୁତ କାଳରୁ ।

ବୁଢ଼ା ଚକ୍ରଧର ଏମିତି ଏକ ଦଶହରା ଦିନରେ ରାତିରେ ବି ଘରକୁ ନଯାଇ ବସି ରହିଲା, ଯେ ଆଜି ନିଶ୍ଚିତ ଆସିବେ ପ୍ରଭୁ ଶ୍ରୀ ରାମଚନ୍ଦ୍ର । ଆଜି ତାର ଆଶା ପୂରଣ ହେବ । କିନ୍ତୁ ହାୟ !!

ଦଇବ ଦୁର୍ଯୋଗରୁ ଆସିଲା ପ୍ରବଳ ହାବା ଧୁନ୍ଦି, ପ୍ରଳୟଙ୍କରୀ ବର୍ଷା ତୋଫାନ ଆଉ ଏଡ଼େଟା ମାନ ହୁଳ (କୁଆ ପଥର) ମାଡ଼ରେ ଘାଇଲା ହେଇ ସକାଳୁ ପଡ଼ି ରହିଥିଲା ଧୀବର

ISSN NO.
2582-208X

ଚକ୍ରଧରଙ୍କ ମୃତ ଦେହ । ଗାଁ ସାରା ଲୋକେ ହାୟ ହାୟ କଲେ । ସମସ୍ତେ ମିଳିମିଶି ତାଙ୍କର କ୍ରିୟାକର୍ମ କଲେ । ସମାଧୀଟିଏ ଏବେ ବି ଅଛି ଉପର ମୁଣ୍ଡରେ । ଭକ୍ତ ଚକ୍ରଧର ଲେଖା ହେଇଛି । ଗଙ୍ଗାଧର ସେବେଠୁ ଡଙ୍ଗାଧର ହେଇ ଲୋକଙ୍କୁ କୂଳରେ ଛାଡୁଛି ଆଉ ନିଜ କୁଟୁମ୍ବ ଡଙ୍ଗାରେ କାତ ପେଲୁଛି ପାରୁ ପର୍ଯ୍ୟନ୍ତ ।

ଡଙ୍ଗାଧର କାକାଙ୍କ ଡଙ୍ଗାରେ ବସି ମୋର ଇଚ୍ଛା ହେଉଥାଏ ସାଙ୍ଗେ ସାଙ୍ଗେ କୂଳରେ ଲାଗି ଯାଆନ୍ତା କି ଡଙ୍ଗାଟା । ଶରତ ଋତୁର କାଚକେନ୍ଦୁ  ପରି ହେମାଳିଆ ପାଣିରେ ହାତ ମାରି ଦେଉଥାଏ ଟିକେ । ସଫା ପାଣିରେ ତଳଟା ସ୍ୱଷ୍ଟ ଦେଖା ଯାଉଥାଏ । ପିଓ୍ୱାଳି ମାଛ ସବୁ ଖେଳି ବୁଲୁଥାନ୍ତି । ବାରମ୍ବାର କୂଳକୁ ଦେଖୁଥାଏ । ହଠାତ୍ ଦିଶିଯାଏ ବାପାଙ୍କ ମୁହଁ । ସାଥିରେ ବିବେକା ମାଷ୍ଟର୍, ମଇନୁ, ବାଙ୍କ, ଚିଉ ଓ ଆହୁରି ଅନେକ । ମୋର ଖୁସିର ସୀମା ରହେ ନାହିଁ ।

ରହ ରହ କହୁଥାନ୍ତି ଗଣିଆ ଭାଇ ଓ ଡଙ୍ଗାଧର କାକା, କିନ୍ତୁ ମୁଁ ଓ ଚଇନୁ ଅଧୈର୍ଯ୍ୟ ହୋଇ ଡେଇଁ ପଡୁ ଡଙ୍ଗା କୂଳରେ ଲାଗିବା ପୂର୍ବରୁ ।

ଜ୍ଞାନ ହେଲା ଦିନଠାରୁ ଆଜି ପ୍ରଥମଥର ପାଇଁ ବାପା ମୋତେ ନିଜର ବାହୁ ପ୍ରସାରି କୋଳେଇ ନିଅନ୍ତି । କେବେ ଦୁଧଖିଆ ଛୁଆ ଥିବାବେଳେ ହୁଏତ କୋଳରେ ଧରିଥିବେ ସେଟା  ମୋର ଫମରେ ନାହିଁ । ମୁହଁ ଗୁଞ୍ଜି  ମୁଁ ଏତେ ଦିନର ସଞ୍ଚିତ ଲୁହକୁ ଢାଳିଦିଏ ତାଙ୍କର ହାଡ଼ମାଳିଆ ଛାତିରେ । ଭାବୁଥାଏ, ଏମିତି ଅନନ୍ତ କାଳ ଯାଏ ମୁଁ ତାଙ୍କର ଉଷୁମ ବାହୁ ବନ୍ଧନୀର ନିର୍ଭୟ ଆଶ୍ରୟରେ ରହି ପାରନ୍ତି କି  ?

ବାପାଙ୍କର ଦି ଟୋପା ଲୁହ ମୁଁ ମୋର ବେକ ଉପରେ ଅନୁଭବ କରେ । ବାପା ଧୀରେ ଧୀରେ ମୋତେ କୋହଳ କରନ୍ତି । ମୁଁ ପାଦଛୁଏଁ ବିବେକା ମାଷ୍ଟର୍ ଓ ଆସିଥିବା ଅନ୍ୟାନ୍ୟ ଗୁରୁଜନ ମାନଙ୍କର । ଚଇନୁ ମଧ୍ୟ ସମସ୍ତଙ୍କୁ ପ୍ରଣାମ କରେ । ସମସ୍ତେ ଗାଁ ଅଭିମୁଖେ ଚାଲୁ । ବାପା ତ ନୀରବ ଥାଆନ୍ତି କିନ୍ତୁ ବିବେକା ମାଷ୍ଟର କେତେ ପ୍ରଶ୍ନ କରି ଯାଆନ୍ତି ।

ISSN NO.
2582-208X

ଘରେ ପହଞ୍ଚି ଧଡ଼ା ପାଖରେ ମାଆକୁ ପାଇ ମୁଁ ସବୁକିଛି ଭୁଲିଯାଏ । ମାଆ ମୋତେ କୁଣ୍ଢାଇ ଧରି କଇଁ କଇଁ କାନ୍ଦି ପକାଏ । ସାରା ଦେହରେ ହାତ ବୁଲାଇ ଆଣେ । କାହିଁ କୋଉ ଯୁଗରୁ ଯେମିତି ମୁଁ ବିଚ୍ଛିନ୍ନ ହୋଇ ଯାଇଥିଲି ତା ଠାରୁ ।

ଅଗଣାରେ ମାଆ କୁକୁଡ଼ା ଠିକ୍ ମୋ ମା ପରି କୁକୁଡ଼ା ଚିଆଁ ମାନଙ୍କୁ ଡେଣା ତଳେ ଲୁଚେଇ ରଖିଥାଏ । ପୁଷି ବିଲେଇଟା ତା ଛୁଆକୁ ଚାଟୁଥାଏ । ଢେଙ୍କିଶାଳ ଚାଳ ଉପରେ ମା ମାଙ୍କଡ଼ଟିଏ ତାର ଛୁଆକୁ ଛାତିରେ ଚେପଟେଇ ଧରି ଉକୁଣୀ ବାଛୁଥାଏ । ଭାଲୁ କୁକୁର ଆସି ମୋ ଗୋଡ଼ରେ ଘସି ନେସି ହେଉଥାଏ କାଉଁ କାଉଁ କରି ।

ମୁଁ ଘରର ପ୍ରତ୍ୟେକ କାନ୍ଥକୁ ସ୍ପର୍ଶ କରୁଥାଏ । ମାଆ ଦଶହରା ଉପଲକ୍ଷେ ନିପା ପୁଛା କରିଥାଏ କାନ୍ଥ ଓ ଭୁଇଁକୁ । ନାକରେ ରଚିବସି ଯାଇଥିବା ସେହି ପୁରୁଣା ମାଟି ଗୋବର ବାସ୍ନା ମୋତେ ବିଭୋର କରୁଥାଏ । ମୋର ବହିଥାକ, ମୋର ଢୁଣ୍ଡି, ମୋର ସଇତମା ଗଛ କରୋଡ଼ ସବୁ ଯାଇ ଦେଖି ପରଖି ପକାଉଥାଏ ।

- ଆରେ ? ଖୋଲ ଭିତରେ ବାଟି ଆଉ ନାଠିମ କଁଠୁ ଆସଲା ଗୋ ମାଆ ? ମୁଇଁ ତ ଫିଙ୍ଗଡ଼ି ଦେଇଥିଲି ।

ମାଆ ବାପାଙ୍କୁ ଅନେଇ ମୁରୁକି ହସିଲା । ବହୁତ କମ୍ ହସୁଥିବା ବାପାଙ୍କର ବେତା ପରି ମୁହଁରେ ଛୋଟ ହସଟିଏ ଉକୁଟି ଲିଭିଗଲା । ଏତେ ସୂକ୍ଷ୍ମ ଓ କ୍ଷଣସ୍ଥାୟୀ ହସ ଯେ ଆଖିର ପଲକ ପଡ଼ି ଯାଇଥିଲେ ଦେଖିବା ସ୍ୱପ୍ନ ହେଇଯାନ୍ତା ।

କିନ୍ତୁ ସେହି ସୂକ୍ଷ୍ମ ହସଟିରେ ଲୁଚି ରହିଥିଲା ସୂକ୍ଷ୍ମତର ବିରହ ଭାବନା ଟିଏ ମୋ ଉଦ୍ଦେଶ୍ୟରେ । ମୁଁ ବୁଝିଲି, ମାଆ ତ ବାପାଙ୍କର ସବୁ ଠାରୁ ବୁଝିଯାଏ ସବୁଦିନେ । ବାପା କୋଉଆଡେ ଚାହିଁଦେଲେ ବି ବୁଝି ଯାଏ ବାପା କଣ କହିବାକୁ ଚାହୁଁଛନ୍ତି । ଆଉ ମୁଁ ତାଙ୍କୁ ବୁଝିବା ସେଇ ଦିନଠାରୁ ଆରମ୍ଭ କଲି ଯେଉଁଦିନ ସିଟକା ଧରିଥିଲେ ସେ, କିନ୍ତୁ ଚଲେଇ ପାରି ନଥିଲେ ମୋ ପିଠିରେ । ନିଜେ ନିଜେ ଆହତ ମନ ନେଇ ଗଡ଼ି ପଡ଼ିଥିଲେ ସେହି

ISSN NO.
2582-208X

ସଇତମା ମୂଳରେ ଆଉ ମୁଁ ସବୁ ବୁଝିଯାଇ ଫିଙ୍ଗି ଦେଇଥିଲି ସବୁ କଣ୍ଡିଲ୍, ସବୁ ବାଟି, ସବୁ ନାଠିମ ସହିତ କିଛି ଆସକ୍ତି ।

କିନ୍ତୁ ସେଇ ବାଟି, ନାଠିମ ଆଜି ପୁଣି ସେଇ ଗଛ କରୋଡ଼ ଭିତରେ ? ମୋର ଆସକ୍ତି କିନ୍ତୁ ଅପହଞ୍ଚ ଗଛ କରୋଡ଼ରେ ରଖି ସାରିଥିଲି ମୁଁ ବାପାଙ୍କ ଆସକ୍ତିକୁ ବୁଝି । ବାପାଙ୍କ ଆସକ୍ତି ଥିଲି ମୁଁ, ଥିଲା ମୋର ଭବିଷ୍ୟତ । ବାପାଙ୍କ ଆସକ୍ତି ସମ୍ମୁଖରେ ମୋ ଆସକ୍ତି ଖୁବ୍ ତୁଚ୍ଛ । ତାଙ୍କ ଆସକ୍ତିକୁ ସରସ ସୁନ୍ଦର କରିବା ପାଇଁ ମୁଁ ସବୁ ଆସକ୍ତିକୁ ଛିଃ କରିବାକୁ ଏକ ରକମ ପ୍ରତିଜ୍ଞା କରି ପକେଇଥିଲି ।

ଦୂର୍ଗାମେଳା ପଡ଼ିଆ ଆମର ଘର ପାଲଟି ଯାଉଥିଲା ମହାଳୟା ପରଠାରୁ, ଫି ବର୍ଷ । ଦୂର୍ଗା ମେଲାରେ ମେଢ଼ ତିଆରି ହେଉଥିଲା । କାହ୍ନାୟ କାକା, ପାଣୁ କାକା, ପ୍ରସନ୍ନ ମହାପାତ୍ର ଜେଠା ସମସ୍ତେ ମଜ୍ଜି ଯାଇ ଗଢୁଥିଲେ ମାଆଙ୍କର ମୃଣ୍ମୟ ମୂର୍ତ୍ତି । ରାତି ରାତି କାମ ହେଉଥିଲା ।

ଆମେ ପିଲାମାନେ ତନ୍ମୟ ହେଇ ଦେଖୁଥିଲୁ ତାଙ୍କ ହାତର ଅପୂର୍ବ କାରିଗରୀ । ଟିକେ ଟିକେ ମାଟି ମାଗିଆଣି ପରଖୁଥିଲୁ ନିଜ ନିଜର ଭାସ୍କର୍ଯ୍ୟ । ଆଗକୁ ଆମ ଭିତରୁ ତ ପୁଣି କିଏ ଏହି ଗୁରୁ ଦାୟିତ୍ୱ ବହନ କରିବ । କେବେ କେବେ ଆମେ ରଙ୍ଗ କରିବାରେ ସାହାଯ୍ୟ କରୁଥିଲୁ । ସେମିତି ଶିଖୁ ଶିଖୁ ଆଜି ନୀଳ ଓ ପ୍ରଦୀପ ଶୀଳ୍ପି ଓ ମୂର୍ତ୍ତି କାରିଗରୀରେ ଖୁବ୍ ନାଁ କଲେଣି ।

ଏଥର ତ ମହାଳୟା କେବେଠାରୁ ଗଲାଣି, ଦୁଇଦିନ ପରେ ବେଲବରଣ । ମେଳା ପାଇଁ କାଠ ବାଉଁଶ ପୋତା ସରିଲାଣି । ତେଣୁ ଏଥର ମୋର ସାଙ୍ଗ ମାନଙ୍କ ସହିତ ହାଡୁ ଗଡୁ ଗୁଡୁ, ବୋହୂଚୋରି, ଲଙ୍ଗଡ଼ି ଟାଙ୍ଗ ଖେଳି ହେଲା ନାହିଁ ସେହି ପଡ଼ିଆରେ।

କିନ୍ତୁ ଆମେ ନଇରେ ଧୁମ୍ ପହଁରିଲୁ । ପୋଖରୀରେ ସମସ୍ତେ ମିଶି ଖୁବ୍ ମାଛ ଧରିଲୁ । ବନ୍ଧ ଆଡ଼ିର ବରଗଛ ଓ ଅଶ୍ୱତ୍ଥ ଗଛରେ ଖୁବ୍ ଚଢ଼ାଚଢ଼ି କଲୁ । ଡାଳ ମାକୁଡ଼ି ଖେଳିଲୁ ।

ISSN NO.
2582-208X

ମାଆ ତ ଚାହୁଁଥାଏ ଦଶ ଦିନରେ ତା ପୁଅର ଓଜନ ଦଶକିଲୋ ବଢେଇ ଦେବ । ମୋର ପସନ୍ଦର ସବୁ ଚିଜ ତିଆରି କରୁଥାଏ । ବିରି ପୋଡ଼ପିଠା, କୋଳଥ କଡ଼କଡ଼ିଆ, ମୁଗୁଡ଼ି ରୁଞ୍ଜା, ଗହମ ଖିରୀ, କାଞ୍ଜି ତୋରାଣି, ଚୁନା ମାଛ ପତ୍ରପୋଡ଼ା, ଆଳୁ ପୋସ୍ତ ଏମିତି କେତେକଣ ।

ଗାଁର ଖୁଡ଼ୀ, ଦେଠେଇ ମାନେ ମଧ୍ୟ ଆରିସା, କାକରା, ମୁଆଁ ପିଠା କରି ମୋ ପାଇଁ ପଠାଉଥାନ୍ତି । ମୁଁ ଓ ଚଇନୁ ଭଲ ଜୋଇଁପୁଅ ପରି ଖାଲି ଦିନରାତି ଭାଲ୍ ମାଲ୍ ଖାଉଥାଉ।

ଯେତେ ଯାହା ହେଲେ ବି ଦିନରେ ଯେମିତି ହେଲେ ସମୟ ବାହାର କରି ମୁଁ ଘଣ୍ଟାଏ ବସୁଥିଲି ବିବେକା ମାଷ୍ଟର୍ ଘରେ । ତାଙ୍କ ପଢା କୋଠରୀରେ । ବର୍ତ୍ତମାନ ସାର୍ ମୋତେ ବଡ଼ ପରି ବ୍ୟବହାର କରୁଥାନ୍ତି । ସାହିତ୍ୟ ଚର୍ଚ୍ଚା, ଅନ୍ୟାନ୍ୟ ପାଠ ଚର୍ଚ୍ଚା କରନ୍ତି । ସୌମ୍ୟ ଭାଇଙ୍କ ଠାରୁ ମାଗି ମୁଁ ତାଙ୍କ ପାଇଁ ଇଂରାଜୀ ବହିଟିଏ ଉପହାର ଦେଇଥିଲି । ଡୋମିନିକ୍ ଲେପିୟର୍ ଓ ଲାରି କୋଲିନ୍ସ ଙ୍କ "ଫ୍ରିଡମ୍ ଏଟ୍ ମିଡନାଇଟ୍ ।" ଶେଷ ଭାଇସରାୟ ଲର୍ଡ ମାଉଣ୍ଟ ବେଟେନ୍ ଆସିଲା ପରେ ଭାରତର ତତ୍କାଳୀନ ଅବସ୍ଥା, ବିଭାଜନର ରୂପରେଖ ଓ ଗଳିତ ମର୍ମଭେଦି ଚିତ୍ର ଓ ପରିଣାମ ସବୁକୁ ନେଇ ବହିଟି ରଚିତ। ଖୁବ୍ ନିରପେକ୍ଷ ଶୈଳୀରେ ଲେଖା ।

ସାର୍ ଇଂରାଜୀ ବହୁତ ଭଲ ଜାଣିଥିଲେ ବି ତାଙ୍କ ପାଖରେ ଭଲ ଇଂରାଜୀ ଗ୍ରନ୍ଥାବଳୀର ଘୋର୍ ଅଭାବ ଥିଲା । ମିଳନ୍ତା କେଉଁଠୁ, ନା ମଗେଇବାକୁ ଏତେ ପଇସା ଆସନ୍ତା କୋଉଠୁ ?

ସାର୍ ବହୁତ ଖୁସି ହେଇଥିଲେ । ମୋତେ ଓ ଅନୁପସ୍ଥିତ ସୌମ୍ୟ ଭାଇଙ୍କୁ ଆଶୀର୍ବାଦରେ ପୋତି ପକାଇଥିଲେ । ପରବର୍ତ୍ତୀ ସମୟରେ କିନ୍ତୁ ଅନିନାନୀ ଓ ତାଙ୍କର ବିଦ୍ୱାନ୍ ସ୍ୱାମୀ ଇଂରାଜୀ ପୁସ୍ତକାବଳୀରେ ସାରଙ୍କର ଆଉ ଗୋଟିଏ କୋଠରୀ ପୂର୍ଣ୍ଣ କରି ଦେଇଥିଲେ ।

ଆଜି ସାର୍ ନାହାନ୍ତି, କିନ୍ତୁ ତାଙ୍କର ବାସସ୍ଥଳୀ ପାଲଟିଛିଛି ଏକ ପୁସ୍ତକାଳୟ ତାଙ୍କରି ସ୍ମୃତିରେ । "ବିବେକାନନ୍ଦ ପୁସ୍ତକାଳୟ" ।

ISSN NO.
2582-208X

ଏଥିର ସର୍ବାଧିକ ଶ୍ରେୟ ଗଣିଆ ଭାଇ ଓ ଚଇନୁର ଥିଲା । ଅନିନାନୀ, ମୁଁ ଓ ସୌମ୍ୟକାନ୍ତ ଭାଇ ମଧ୍ୟ ସହଯୋଗ କରିଥିଲୁ । ବହିଟି ବହୁତ ସମୟ ପର୍ଯ୍ୟନ୍ତ ହାତରେ ଧରି ରଖିଥିଲେ ସାର୍ । ତାଙ୍କଠାରୁ ଜାଣିଲି ଯେ ଅନିନାନୀ ଆସିବେ ଦଶହରା ଦିନ ଓ ସବୁଠାରୁ ବେଶି ଖୁସିର ଖବର ଯେ ଅନିନାନୀ ଘରୋଇ ଭାବରେ ମେଟ୍ରିକ ପରୀକ୍ଷା ଦେବେ ଚଳିତ ଶିକ୍ଷାବର୍ଷରେ ।।

ମୁଁ ବହୁତ ଖୁସି ହେଇଥିଲି । ମନର ଗୋଟିଏ କୋଣରେ ଉକୁଟି ଉଠିଥିଲା ନୀରୁ ନୁଆବୋହୁଙ୍କ କମନୀୟ ମୂଖଟି । ଯାଇଥିଲି ତାଙ୍କ ଘରକୁ । ସେ ଅନ୍ତସତ୍ତ୍ୱା ଥିଲେ । ଖୁବ୍ ଖୁସି ଥିଲେ । ମୋତେ ଦେଖୁ ଦେଖୁ ଗଦାଏ କାଗଜ ଆଣି ଥୋଇଦେଲେ ଆଗରେ । କବିତା ଓ ଗପର ସମ୍ଭାର । ଘରକାମ କରି ମଧ୍ୟ ସମୟ ବାହାର କରି ଲେଖୁଥିଲେ ସେପର୍ଯ୍ୟନ୍ତ ।

ତାପରେ କଣ ହେଲା କେଜାଣି ସବୁ ଛାଡ଼ି ଦେଇଥିଲେ ସେ । ସଂସାର ସହିତ ସମନ୍ୱୟତା ରଖି ପାରି ନଥିଲେ ହୁଏତ । ଆଉ ତାଙ୍କୁ ସମୁଚିତ ପ୍ରୋତ୍ସାହନ ମଧ୍ୟ ମିଳିଲା ନାହିଁ ।

ମୁଁ ମଧ୍ୟ ଖାଲି ପଢ଼ି ଦେଇ ପ୍ରଶଂସା ସିନା କରି ଦେଉଥିଲି । ତାଙ୍କ ଭିତରର କବିଟାକୁ ଜୀବନ ଦେବା ବିଷୟରେ ଭାବି ନଥିଲି କେବେ, କି ତାଙ୍କର ଏହି ଲୁକ୍କାୟିତ ପ୍ରଜ୍ଞା ବିଷୟରେ କାହା ସହିତ ଚର୍ଚ୍ଚା ମଧ୍ୟ କରି ନଥିଲି । ଯେତେବେଳେ କଲି ଆଉ କିଛି ନଥିଲା। ସବୁ କାଠଚୁଲୀରୁ ଉଠୁଥିବା ଧୂମ କୁଣ୍ଡଳୀ ସହିତ ଉଡ଼ି ଯାଇଥିଲା ।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଜୟ ଜଗଦୀଶ



ଲକ୍ଷ୍ମୀପ୍ରିୟା ବିଶ୍ୱାଳ(ପୂଜା)

ଜୟ ଜଗଦୀଶ ପରମ ପୁରୁଷ
ଶ୍ରୀହରି ଶ୍ୟାମ ସୁନ୍ଦର ।
ଯତନ କରିଣ ତା ନାମ ରତନ
ନରେ କର ହୃଦ ହାର ।
ଜୟ ଜଗବନ୍ଧୁ ଦେବ କୃପାସିନ୍ଧୁ
ଦୀନ ବାନ୍ଧବ ଶ୍ରୀଧର ।
ଜୟ ବୈକୁଣ୍ଠ ବିହାରୀ ଦାନବାରି
କେଶବ ରଙ୍ଗା ପୟର ।
ଜୟ ନାରାୟଣ ପତିତ ତାରନ
ହରି ଭବ ଭୟ ହର ।
ଜୟ ରାମ ହରି ଗୋଲୋକ ବିହାରୀ
କମ୍ବୁ କଟକ ଠାକୁର ।
ଜୟ ଜାନକୀ ଜୀବନ ରଘୁରାଣ
କୋଦଣ୍ଡ ମାର୍ଗଣ ଧର ।

ଜୟ ପତିତ ପାବନ ଜନାର୍ଦ୍ଦନ
ମଧୁହାରି ଦାମୋଦର ।
ଜୟ ଭକତ ବାନ୍ଧବ ବାସୁଦେବ
ମାଧବ କରୁଣାକର ।
ଜୟ ରମା କାନ୍ତ ପ୍ରଭୁ ଜଗନ୍ନାଥ
ନୀଳ କନ୍ଦର ସୁନ୍ଦର ।

ଗ୍ରାମ ମହୁ, ପୋଷ୍ଟ ମହୁ,
କେନ୍ଦ୍ରାପଡ଼ା,ଓଡ଼ିଶା

ISSN NO.
2582-208X

# ମାତୃଭୂମିର ଠିକଣା



ପ୍ରତିଭା ଦାସ

ପଚାରିଲି ତାଙ୍କୁ
ମୋ ମାତୃଭୂମିର ଠିକଣା କେଉଁଠି ?

ସେ ହସିକରି କହିଲେ,
ତୁମେ ଯେଉଁଠି ଠିଆ ହୋଇଛ
ସେଇଠି ଅଛି ତୁମ ଠିକଣା
ସେଇଠି ଅଛି ତୁମର ଛୁଆ ବେଳର
ଧୂଳି ବାଲିଘର ଅଗଣା
ଶିଶୁ ସମୟର ଦୋଳି ଖେଳର ଝୁଲଣା
ସାଙ୍ଗ ସାଥୀଙ୍କ ଭଲ ପାଇବା
ଆଉ ରାଗ ରୋଷଣା
ଖେଳ ଖେଳରେ ପାଠ ଭୁଲି ଯିବାରେ
ବାହାନା ।

ମା'ର ସ୍ନେହ ଆଉ ରାଗ ଅଭିମାନ
ବାପାଙ୍କ ଆଦର ଆଉ ଗଞ୍ଜଣା
ଛୁଆ ବେଳର ବାହାନା
ତାରୁଣ୍ୟ ଜୀବନର ରଙ୍ଗ ତାମସା
ଭଲପାଇବାର ଠିକଣା...

ଆଉ କେଉଁଠି ଖୋଜୁଛ ତୁମେ
ତୁମର ଠିକଣା ?

ମୁଁ ନୀରବରେ ତାଙ୍କର ମୁହଁକୁ
ଚାହିଁ ହସିଲି
ଆଉ ଗୁଣୁଗୁଣୁ କରି ଗୀତଟିଏ ଗାଇଲି
ମା ତ ମା, ତାର କେତେ ନା....

ବିଶ୍ୱନାଥ ଗୁରିଆଲି
ଆସାମ

ISSN NO.
2582-208X

# ଛାଇ ସନ୍ଧାନରେ.......



ଅଳକା ରାୟ

ପ୍ରବଳ ଗରମ ଓ ଗୁଳୁଗୁଳି ରେ ସମସ୍ତେ ଅସ୍ତବ୍ୟସ୍ତ। ଘରୁ ବାହାରିବା ବେଳକୁ ମୁଣ୍ଡ ଉପରେ ଟାଇଁ ଟାଇଁ ଖରା। ଲୋକେ ପାଣି ପରି ଛାଇ ପାଇଁ ତହଳ ବିକଳ ହେଉଛନ୍ତି। ଯେଉଁଠି ଛାଇ ଟିକକ ପାଉଛନ୍ତି, ଲୋକେ ଦିର୍ଘ ନିଶ୍ୱାସ ପକାଇ ଅଟକି ଯାଉଛନ୍ତି। ପ୍ରଶସ୍ତି କରଣ ଓ ନବୀକରଣ ଆଳର ବଳିପଡୁଛି ମହାଦ୍ରୁମ ମାନ। ବର୍ତ୍ତମାନ ଅଟୋଷ୍ଟାଣ୍ଡ କିମ୍ବା ବସ୍ ଷ୍ଟପେଜ ରେ ଗଛ ଟିଏ ନାହିଁ। ଲୋକେ ଗାଡ଼ି ରୁ ବାହାରି ଛାଇ ଟିକେ ଖୋଜିଲା ବେଳକୁ ଦୂର ଦୂର ପର୍ଯ୍ୟନ୍ତ ଗଛ ର ନାମୋ ନିଶାନ ନାହିଁ। ବର୍ତ୍ତମାନ ବାଇକ ଚାଳକ ଟ୍ରାଫିକ ପୋଷ୍ଟ ରେ ଅଟକୁ ନାହାନ୍ତି। ପାଖରେ ଥିବା ଗଛ ଛାଇ କୁ ଦେଖି ଜେବ୍ରା କ୍ରସିଙ୍ଗ ଠାରୁ ୧୦୦ ମିଟର ଦୂରରେ ଅଟକୁଛନ୍ତି। କିଛି କାମରେ ଘରୁ ବାହାରିବା ବେଳକୁ ଉପରୁ ନିଆଁ ବର୍ଷୁଛି ତ ତଳୁ ତତଲା ବାଆ।। ଟିକେ ଛାଇ ପାଇଁ ଗଛ ଟିଏ ଖୋଜି ଖୋଜି ନୟାନ୍ତ ହେବାକୁ ପଡୁଛି। ଏବେ ଛାଇ ର ଠିକଣା ପାଲଟିଛି ଓଭରବ୍ରିଜ ତଳ ଓ କିଛି ଅଣ୍ଡରପାସ।

ସ୍ମାର୍ଟ ସିଟି ପାଇଁ ରାସ୍ତା ସମ୍ପ୍ରସାରଣ ଓ ସୌନ୍ଦର୍ଯ୍ୟ କରଣ ଯୋଗୁଁ ସହ ସହ ଗଛ ବଳିପଡୁଛି। ଯାତାୟତ ର ସୁବିଧା ପାଇଁ ରାସ୍ତା ସମ୍ପ୍ରସାରଣ ନିଶ୍ଚିତ ଭାବରେ ଆବଶ୍ୟକ ହୋଇଥିଲେ ମଧ୍ୟ ସବୁଜିମାର ସୁରକ୍ଷା ପାଇଁ ଏହାର ବିକଳ୍ପ ବ୍ୟବସ୍ଥା ମଧ୍ୟ ଜରୁରୀ। ପୁରୁଣା ବର, ଓଶ୍ୱଥ, ମହୁଲ, ଚାକୁଣ୍ଡା, କୃଷ୍ଣଚୂଡ଼ା ଆଦି ବୃକ୍ଷ ଗୁଡ଼ିକ ସର୍ବଦା ପଥଚାରୀ

ISSN NO.
2582-208X

ଙ୍କୁ ଛାଇ ପ୍ରଦାନ କରିଥାନ୍ତି ତଥା ଋତୁ ଅନୁଯାୟୀ ଫୁଲ ଫଳ ର ସୁଗନ୍ଧରେ ଶୋଭା ବର୍ଦ୍ଧନ ମଧ୍ୟ କରିଥାନ୍ତି। ବୃକ୍ଷ ର କୌଣସି ବିକଳ୍ପ ନାହିଁ। ମାନବ ସମାଜ ପାଇଁ ଅମ୍ଳଜାନ ଯେ କେତେ ଆବଶ୍ୟକ ତାହା ସମସ୍ତଙ୍କୁ ଜଣା। ଜୀବନ ଜଗତ ପାଇଁ ଅନୁକୂଳ ପରିବେଶ ଟିଏ ଅତି ଆବଶ୍ୟକ। ମହାବାତ୍ୟା ରେ ବରତ୍ତୀ ଯାଇଥିବା ବର, ଅଶ୍ୱଥ ଓ ଆମ୍ବ ଭଳି ଗଛ ନିଜର ସ୍ଥିତି କୁ ଜାହିର କରୁଥିବାବେଳେ ରାସ୍ତା ପ୍ରଶସ୍ତିକରଣ ଆଳରେ ସେଗୁଡିକୁ କାଟିବା ପରିବେଶ ପ୍ରତି ବିପଦ କୁ ଡାକି ଆଣିବା ସାର ସଦୃଶ। ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଆମକୁ ରାସ୍ତା ଆହୁରି ଚଉଡା ଦରକାର ପଡିବ। ତେଣୁ କଟାଯାଉଥିବା ଗଛ ର ୧୦ ଗୁଣ ନୂଆ ଗଛ ରୋପଣ ଓ ତାର ରକ୍ଷଣାବେକ୍ଷଣ ଓ ଜନସଚେତନତା ସୃଷ୍ଟି କରିବା ଦରକାର ।

ନୟାପଲ୍ଲୀ ଭୁବନେଶ୍ୱର
୭୯୭୮୩୩୨୦୬୧

ISSN NO.
2582-208X

# ରହିଗଲା କିଛି



ମନୋରମା ମହାନ୍ତ

ସବୁକିଛି କହିବା ପରେ ବି
ରହିଗଲା ଆଉକିଛି
ଅକୁହା ବେଦନା
ଯାହା କହି ପାରୁନାହିଁ
ଯନ୍ତ୍ରଣା ରେ ଅସ୍ଥିର ହେଉଛି.....!

ଅନେକ ଦେଖିବା ପରେ ବି
ମନ ମୋର ବୁଝିଲାନି
ଅଦେଖା ବି ରହିଗଲା କିଛି
ସବୁ କିଛି ଜାଣିବା ପରେ ବି
ମୁଁ ଭାବୁଛି ମୋର କିଛି
ଅଜଣା ରହିଲା.....!

ଐଶ୍ୱର୍ଯ୍ୟ ରେ ଉବୁଟୁବୁ ହୋଇ
ମନ ମୋ କହୁଛି
ରହିଲାଣି ଅଧିକାଂଶ ବାକି .....!

ପ୍ରଣୟର ଶେଷ ଅଙ୍କ ପରେ
ତୁମ ପାଇଁ ରହିଗଲା କିଛି..... !!

କୂଳସାହି,
ଜଗତସିଂହପୁର

ISSN NO.
2582-208X

# ଗୁରୁଖୋଜା



ମଧୁମିତା ମିଶ୍ର

ବୀରଭାଇ ଯାହା ବୁଝିଥିବେ ସେଇୟା। ଯେତେବେଳେ ଯାହା ଚାହିଁବେ...ସେଇଟା ନିଶ୍ଚୟ କରିବେ।ଏ ଇ ଯେମିତି ...ଏଥର ତାଙ୍କ ମୁଣ୍ଡକୁ ଆଇଡ଼ିଆ ଆସିଛି ଯେ ସେ ଆସନ୍ତା ଗୁରୁଦିବସ ଦିନ ଗୁରୁପୂଜା କରିବେ। ହେଲେ ତାଙ୍କର କେଉଁ ଗୁରୁ ଏହି ଭବ୍ୟ ସମ୍ବର୍ଦ୍ଧନା ପାଇଁ ଯୋଗ୍ୟ ହେବେ ସେକଥାକୁ ଭାବି ଭାବି ତାଙ୍କ ମୁଣ୍ଡଟା ପୁରା ଗରମ ହୋଇଯାଉଥିଲା। ଅତଏବ ସେ ଏଇକଥା ନିଜ ପି.ଏ ରାଓବାବୁଙ୍କ ସହିତ ଆଲୋଚନା କରିବାକୁ ନିଷ୍ପତ୍ତି ନେଲେ। ଏକଥା କହିବା ବାହୁଲ୍ୟ ଯେ ରାଓବାବୁ ବୀରଭାଇଙ୍କର ପ୍ରଧାନ ପରାମର୍ଶଦାତା ତଥା ଶୁଭ ଚିନ୍ତକ ଥିଲେ ଆଉ ତାଙ୍କ ପାଖରେ ବୀରଭାଇଙ୍କ ସବୁ ସମସ୍ୟାର ସମାଧାନ ମଧ୍ୟ ମିଳି ଯାଉଥିଲା।

"ବୁଝିଲ ରାଓ...' ପି.ଏ. ରାଓ ବାବୁଙ୍କ ଉଦ୍ଦେଶ୍ୟରେ କହିଲେ ବୀରଭାଇ..."ଏଇ କଥାଟା ଏଥର ତମର ଦାୟିତ୍ୱ। ମୋର ଜଣେ ଭଲ ଯୋଗ୍ୟ ଗୁରୁଙ୍କୁ ସାଙ୍ଗରେ ଆଣି ଆସିବ ଆଉ ମୁଁ ତାଙ୍କର ପୂଜା କରିବି ଗୁରୁଦିବସରେ। ବୁଝିଲ...??"

"ସାର୍ ଆପଣ ଖାଲି କହିଦେଲେ ମୁଁ ପରା ଜୀବନ ଦେଇଦେବି। ଆଉ ଏଇଟା କି ବଡ କଥା ଯେ?" ନିଜ ପାନଖିଆ ଦାନ୍ତକୁ ଦେଖେଇ କହିଲେ ରାଓବାବୁ।

ISSN NO.
2582-208X

ଆଉ ବୀରଭାଇଙ୍କର ଅଖଣ୍ଡ ବିଶ୍ୱାସକୁ ବଜାୟ ରଖିବା ପାଇଁ ରାଓବାବୁ ତିଳେମାତ୍ର ବିଳମ୍ବ ନକରି ତୁରନ୍ତ ନିଜର ନୋଟପ୍ୟାଡ ବାହାର କରି କହିଲେ... "ସାର୍...ଆପଣ ଯେଉଁ ସ୍କୁଲ, କଲେଜ ସବୁରେ ପଢ଼ିଛନ୍ତି ତା ନାଁ କୁହନ୍ତୁ ମୁଁ ସେ ସବୁ ଭିତରୁ ଆପଣଙ୍କ ଯୋଗ୍ୟ ଗୁରୁଙ୍କୁ ବାଛି ସାଙ୍ଗରେ ନେଇ ଆସିବି..."

ମୁଣ୍ଡ ହଲେଇ ବୀରଭାଇ କହିଲେ... "ଠିକ୍ ଠିକ୍...ଆପଣ ସବୁ ସ୍କୁଲ କଲେଜକୁ ଯାଆନ୍ତୁ ଆଉ ବାଛି ବାଛି ମୋର ବେଷ୍ଟ ଗୁରୁଙ୍କୁ ଆଣନ୍ତୁ।"

ତା' ପରେ ସେ ଯେଉଁ ଯେଉଁ ସ୍କୁଲ ଆଉ କଲେଜ ସବୁରେ ପଢ଼ିଥିଲେ ସେସବୁର ଲିଷ୍ଟ ମୁହେଁ ମୁହେଁ ଡାକି ଦେଲେ । ରାଓବାବୁ ଲିଷ୍ଟ ଦେଖି ପୁରା ଆଁ କରି ଠିଆ ହୋଇଥିଲେ। ସାର୍ ସତରେ ଭାରି ଟ୍ୟାଲେଣ୍ଟେଡ। ନହେଲେ ଜଣେ ଛାତ୍ର ପନ୍ଦରଟି ସ୍କୁଲରେ ପଢ଼ିବା ଭାରି କଷ୍ଟକର କାମ। ଆହୁରି ଗୋଟିଏ କଲେଜର ନାମ ବି ଅଛି। ଭାରି ମଜାଦାର କାମ ମିଳିଗଲା ବୋଲି ଭାବିଲେ ରାଓବାବୁ ।

ବୀରଭାଇ ତାଙ୍କୁ ଦି' ମାସ ଆଗରୁ କାମଟା କରିବାକୁ ଦେଇଛନ୍ତି। ମନେ ମନେ ଯୋଜନାଟିଏ କରି ପକେଇଲେ ରାଓବାବୁ। ଏତେଦିନ ସମୟ ଅଛି। ସିଏ ଦି ତିନିଦିନ ଭିତରେ କାମଟା ସାରିଦେଇ ସପତ୍ନୀକ ଗୋଟେ ଲମ୍ବା ଛୁଟି କାଟି ଦେବେ ଏଥର। ନହେଲେ କାମ ଚାପରେ କୁଆଡେ ବୁଲେଇ ନେଉ ନାହାନ୍ତି ବୋଲି ଦିନରାତି ଅଭିଯୋଗ ଶୁଣି ଶୁଣି ତାଙ୍କ କାନ ତାବଡା ପଡି ଗଲାଣି। ଏଥର ସୁଯୋଗ ମିଳିଛି। ସଦୁପଯୋଗ କରାଯାଉ ତେବେ...!! ଘରକୁ ଯାଇ ନିଜର ଛୋଟିଆ ବ୍ୟାଗଟିଏ ଧରି ବାହାରୁ ବାହାରୁ ପତ୍ନୀଙ୍କୁ ସୁଚେଇଦେଲେ ଯେ ସେ ଫେରି ଆସିବା ସଙ୍ଗେ ସଙ୍ଗେ ସେମାନେ କୌଣସି ହିଲଷ୍ଟେସନ ଆଡେ ବୁଲିଯିବେ। ହେଲେ ଏଇକଥା ଯେମିତି କାନକୁ ଦିକାନ ନହୁଏ। ନହେଲେ ଆଉ ଛୁଟି ମିଳିବନି। ମିସେସ ରାଓ ମଧ୍ୟ ନିଜ ଲକ୍ଷେ ଟଙ୍କାର ହସ ସହ ସ୍ୱୀକୃତି ଦେଇଦେଲେ।

ରାଓ ବାବୁ ବାହାରିଗଲେ ମିଶନ ଗୁରୁଖୋଜାରେ...!! ପ୍ରଥମ ସ୍କୁଲଟିରେ ବୀରଭାଇ ଆମ୍ବଗଛକୁ ଟେକା ମାରିବା ବେଳେ ହେଡମାଷ୍ଟରଙ୍କ ମୁଣ୍ଡରେ ବାଜି ତାଙ୍କ ମୁଣ୍ଡ ଫାଟି

ISSN NO.
2582-208X

ଯିବାରୁ ସେହି ସ୍କୁଲରୁ ସେ ତଡା ଖାଇଥିଲେ। ତା' ପର ସ୍କୁଲରେ କୁଆଡେ ଗଣିତ ଶିକ୍ଷକଙ୍କ ବସିବା ଚୌକିରେ ବିଛୁଆତି ଗୁଣ୍ଡ ପକେଇ ସେଇଠୁ ବିଦା ହେଲେ। ତା' ପର ସ୍କୁଲର ପିଇବା ପାଣି ହାଣ୍ଡିରେ ବାଲି ମିଶେଇ ତ ତା' ପର ସ୍କୁଲ ବସ୍ତାନୀରେ ଅସରପା ଆଣି ସାଙ୍ଗମାନଙ୍କୁ ଡରେଇ ବୀରଭାଇ ଆଉ ଗୋଟିଏ ସ୍କୁଲ ବଦଳେଇବାକୁ ବାଧ୍ୟ ହୋଇଥିଲେ। ତାଙ୍କ ବାପା ସେ ସମୟର ଜମିଦାରୀ ସମ୍ଭାଳୁଥିବାରୁ ତାଙ୍କୁ ବିଭିନ୍ନ ସ୍କୁଲରେ ସହଜରେ ଭର୍ତ୍ତି କରାଯାଇ ପାରିଥିଲା। ଏ ତ ଗଲା ବୀରଭାଇଙ୍କ ପ୍ରାଇମେରୀ ସ୍କୁଲ ପାଠପଢା କଥା। ତା' ପରେ ବୀରଭାଇଙ୍କ ହାଇସ୍କୁଲ ଗୁଡ଼ିକୁ ଯାଇ ରାଓ ବାବୁ ମୁଣ୍ଡରେ ହାତ ଦେଇ ବସିଗଲେ ।

ସେଇଠିକାର କଥା ତହୁଁ ବଳକା। କେଉଁଦିନ କେଉଁ ଶିକ୍ଷକଙ୍କ ଚେୟାରର ଗୋଡ଼କଟା ହୋଇଯାଇଥାଏ ତ କେଉଁ ଝିଅର ଚୁଟିରେ ଚୁଇଂଗମ୍ ଲଗେଇ ଦିଆ ହେଇଥାଏ। ଆଉ ଟିକେ ବଡ ହେବା ପରେ କେମେଷ୍ଟ୍ରୀ ଲାବ ଭିତରେ କେମିକାଲ ଶିଶି ବଦଳେଇ ବ୍ଲାଷ୍ଟ୍ କରିବା ଘଟଣା ମଧ୍ୟ ସାମ୍ନାକୁ ଆସୁଥାଏ। ହାଇସ୍କୁଲ ଗୋଟିଏ ପରେ ଗୋଟିଏ ବଦଳେଇଦେବା ଏତେ ସହଜ କଥା ନଥିଲା। ବୀରଭାଇଙ୍କ ବାପା ପ୍ରଥମେ ନିଜ ଜଣାଶୁଣା ସବୁ ଚ୍ୟାନେଲ ଧରି ହାରିଯିବା ପରେ ଶେଷରେ ନିଜର ଭାଇ, ଶ୍ୟାଳକ ଆଉ ଅନ୍ୟବନ୍ଧୁମାନଙ୍କ ଘରେ ପୁଅକୁ ରଖି ସେଠିକାର ସ୍କୁଲରେ ପଢ଼େଇବାକୁ ଚେଷ୍ଟା କଲେ। ହେଲେ ସେଇଠି ମଧ୍ୟ ତଦୃପ ଘଟଣାସମ ଘଟିବାରୁ ବୀରଭାଇଙ୍କୁ ଘରେ ବସି ଡମି ସ୍କୁଲରେ ପଢ଼ି ଦଶମ ଘାଟିଟା ପାର କରିବାକୁ ହେଇଥିଲା।

ହେଲେ ଯେଉଁ ଶିକ୍ଷକ ବିଚରାମାନେ ତାଙ୍କ ଘରକୁ ଆସି ପଢ଼ାଉଥିଲେ ସେମାନଙ୍କ ଅବସ୍ଥା କଥା ଶୁଣି ରାଓବାବୁ କାନ୍ଦୁଣୁ ମାନ୍ଦୁଣୁ ହୋଇ ଫେରି ଆସିଲେ। କେଉଁ ଟ୍ୟୁସନ୍ ମାଷ୍ଟରଙ୍କ ସାଇକଲ ରୋଜ ପଙ୍କ୍ଚର ହୁଏ ତ କାହା ପକେଟ ଭିତରୁ ଅସରପା, ବିଛା ବାହାରେ। ଏସବୁ କେମିତି ଏତେ ଧୂର୍ତ୍ତ ଭାବରେ ବୀରଭାଇ କରି ପକାଉଥିଲେ ସେକଥା କେବଳ ଈଶ୍ୱର ହିଁ ଜାଣନ୍ତି। ଶେଷରେ ଥର୍ଡ ଡିଭିଜନରେ ମାଟ୍ରିକ ପାସ କରିବା ପରେ ଦିନେ ଅଚାନକ ସେହି ଅଞ୍ଚଳର ଟାଣୁଆ ନେତାଙ୍କ ଆଖି ପଡ଼ିଲା ବୀରଭାଇଙ୍କ ଉପରେ ।

ପିଲାଟି ପାଖରେ ବହୁତ୍ ଉପାୟ ଅଛି ଯାହା ତାଙ୍କ କାମରେ ଲାଗିବ ବୋଲି ଭାବିଲେ କି କଣ କେଜାଣି ...!!?? ନେତା ଭେଙ୍କେୟା ରେଡ୍ଡୀ ବୀରଭାଇଙ୍କୁ ନିଜ ସହିତ ଆଣି ପାର୍ଟି

ISSN NO.
2582-208X

ପଲିଟିକ୍ସରେ ଲଗେଇଲେ। ଆଉ ତା' ପରେ ବୀରଭାଇ ଧିରେ ଧିରେ ଉପରକୁ ଉଠି ଚାଲିଲେ। ବାପା ମା ଠାରୁ ଦୂରରେ ରହି ନିଜ ଗୋଡ଼ରେ ଠିଆ ହେଲେ। ଏତେ ଗୁରୁଙ୍କ ଭିତରୁ କେବଳ ଭେଙ୍କେୟା ରେଡ୍ଡୀ ସାର୍ ବୀରଭାଇଙ୍କ ପ୍ରକୃତ ଗୁରୁ ହୋଇ ପାରିବେ ବୋଲି ରାଓ ବାବୁ ମନେ ମନେ ଖୁସି ହେଲେ। କିନ୍ତୁ....

ତାଙ୍କର ତ ଗତ ପାଞ୍ଚବର୍ଷ ହେଲା ଦେହାନ୍ତ ହୋଇ ଯାଇଛି...!!??

ମିଶନ ଗୁରୁଖୋଜା ପାଇଁ ରାଓବାବୁ ମାସେ ହେବ ଦିନରାତି ଅକ୍ଲାନ୍ତ ପରିଶ୍ରମ କଲେ ମଧ୍ୟ ସଫଳତା ଏବେ ବି ବହୁତ୍ ଦୂରରେ ଥିଲା। ଥଳକୂଳ କିଛି ସେ ପାଉ ନଥିଲେ। ଏପଟେ ପତ୍ନୀଙ୍କୁ ସେ କହିଥିଲେ ଦୁଇ ଚାରିଦିନ ପରେ ଆସି ତାଙ୍କୁ ସାଙ୍ଗରେ ବୁଲେଇ ନେବେ...!!?? ହେଲେ ଏବେ ତାଙ୍କୁ କେମିତି ଜଣେଇବେ ନିଜ ଅବସ୍ଥା... ସେଇକଥା ଭାବି ଭାବି ସେ ଆହୁରି ବିଚଳିତ ହୋଇ ପଡୁଥିଲେ। ଶେଷରେ ହିମ୍ମତ ଯୁଟେଇ ପତ୍ନୀକୁ ଫୋନ୍ କରି ବୋହେ ଗାଳି ଖାଇଲେ ରାଓବାବୁ। କିନ୍ତୁ ପରେ ପତ୍ନୀ ହିଁ ତାଙ୍କୁ ଏ ସମସ୍ୟାର ସମାଧାନ ପାଇଁ ଏକ ମାର୍ଗ ବତେଇ ଦେଲେ।

ଉପାୟଟା ଶୁଣି ରାଓବାବୁଙ୍କର ଇଛା ହେଲା ସେଇ ମୁହୂର୍ତ୍ତରେ ସେ ଯାଇ ପତ୍ନୀଙ୍କ ପାଦତଳେ ଲୋଟି ଯାଆନ୍ତେ କି...!!?? ହେଲେ ସେମିତି ସମ୍ଭବ ନଥିଲା। ସେ ଘରକୁ ଫେରିଲେ ସିନା ଏଇ ମହାନ୍ କାମଟା କରିବେ...!!?? ନିଜକୁ ସଞ୍ଜମ କରି ରାତି ପାହିବା ଆଗରୁ ବୀରଭାଇଙ୍କୁ ଦେଖା କରିବାକୁ ଦୌଡ଼ିଲେ ରାଓବାବୁ।

"ସାର୍...ଆପଣ ଖାଲି କହିଦେଲେ ମୁଁ ଜୀବନଟା ଦେଇଦେବି। ହେଲେ ଏ ଗୁରୁ ଖୋଜାଟା..."ଛେପ ଢ଼ୋକି କହିଲେ ରାଓବାବୁ।

"ମାନେ...? ଆପଣ ମୋର ଯୋଗ୍ୟ ଗୁରୁଙ୍କୁ ପାଇଲେନି?" ଚମକି ପଡ଼ିଲା ପରି ବୀରଭାଇ ପଚାରିଲେ। ବଡ ଗୋଟିଏ ଅପରାଧ କରିଦେଇ କାଠଗଡାରେ ଜଜ୍ ସାହେବଙ୍କ ଠିଆ ହୋଇଥିବା ଆସାମୀ ପରି ରାଓବାବୁ ଦୁଇ ହାତଯୋଡ଼ି ଛଳଛଳ ଆଖିରେ ସବୁ କଥା ଗୋଟି ଗୋଟି କରି ଗୋଟିଏ ନିଃଶ୍ୱାସରେ କହି ପକେଇଲେ। ତା' ସହିତ ସେହି ସମାଧାନ

ISSN NO.
2582-208X

କଥାଟାକୁ ବି କହିଲେ ଯାହା ତାଙ୍କ ପତ୍ନୀ ଗତରାତି ତାଙ୍କୁ ବତେଇ ଦେଇଥିଲେ। ହେଲେ ଏଇ ପନ୍ଥାଟିକୁ ସେ ନିଜେ ଆବିଷ୍କାର କରିଛନ୍ତି ବୋଲି କହିଲେ। ଭଲ ହେଉ କି ଖରାପ...ପତ୍ନୀଙ୍କ ନାମ ତ ନେଇ ହେବନି ନା...??

ବୀରଭାଇ ତାଙ୍କ କଥା ଶୁଣି ଟିକେ ଚୁପ୍ ହୋଇ ଗମ୍ଭୀର ଭାବେ ବସିଲେ ଆଉ ହଠାତ୍ ଅଟ୍ଟହାସ୍ୟ କରି ବସିବା ଜାଗାରୁ ଉଠିପଡ଼ି ଆସି ରାଓବାବୁଙ୍କ ପିଠି ଥାପୁଡ଼େଇ ସାବାସି ଦେବା ସହିତ କାମରେ ଆଗେଇ ଯିବାକୁ କହିଲେ।

ବାସ...ତା' ପରେ ଆରମ୍ଭ ହେଲା ଗୁରୁଖୋଜା। ପ୍ରକୃତରେ ରାଓ ବାବୁଙ୍କ ପତ୍ନୀ ତାଙ୍କୁ ଶିଖେଇ ଦେଇଥିଲେ ଯେ ଯଦି ଅସଲ ଯୋଗ୍ୟ ଗୁରୁ ମିଳୁ ନାହାନ୍ତି ତେବେ ଏକ ଇଣ୍ଟରଭିଉ କରି ଏକ ଯୋଗ୍ୟ ଗୁରୁଙ୍କୁ ଖୋଜି ଦିଆଯାଉ। ଆଉ ଏହି କଥାକୁ ହିଁ ବୀରଭାଇ ସ୍ୱୀକୃତି ଦେଇଥିଲେ।

ଜଣ ଜଣ କରି ଗୁରୁମାନେ ନିଜ ନିଜ ପ୍ରୋଫାଇଲ୍ ଧରି ଆସି ଇଣ୍ଟରଭିଉ ଦେଉଥାନ୍ତି। ମନୋନୀତ ହେଲେ ଯାଇ କେହି ଜଣେ ବୀରଭାଇଙ୍କ ଗୁରୁ ପଦୋବାଚ୍ୟ ହେବେ। ପାଖାପାଖି ଦୁଇଦିନ ଅନେକ ଗୁରୁଙ୍କୁ ତନଖି ପରଖିବା ପରେ ମଧ୍ୟ ବୀରଭାଇ କାହାରିକୁ ନିଜ ଯୋଗ୍ୟ ଗୁରୁ ହିସାବରେ ବାଛି ପାରିଲେନି। ରାଓବାବୁ ମଧ୍ୟ ହାରି ଗଲା ପରି ଦୁର୍ବଳ ହେଇ ପଡୁଥାନ୍ତି। କ'ଣ କରିବେ ସେ ଏବେ? ସାର୍ କହିଲେ ସେ ନିଜ ଜୀବନ ସିନା ଦେଇଦେବେ ହେଲେ ଏଇ ସାମାନ୍ୟ ଗୁରୁ ଖୋଜି ଆଣି ପାରିଲେନି ବୋଲି ଭାବି ଭାବି ନିଜ ଭିତରେ ନିଜେ ତରଳି ଯାଉଥିବା ବେଳେ ହଠାତ୍ ଏକ ଖୟାଲରେ ଦୁଃଖୀ ମନରେ କହି ପକେଇଲେ...

"ସାର୍...ଆପଣଙ୍କ ପାଇଁ ଯୋଗ୍ୟ ଗୁରୁ ପାଇବା ସତରେ ଭାରି ମୁସ୍କିଲ। ଆପଣ ନିଜେ ଏତେ ସ୍ୱୟଂସମ୍ପୂର୍ଣ୍ଣ ଯେ କଣ କହିବି...?? ଆପଣଙ୍କ ଗୁରୁ ଆସନରେ ଭଲା କିଏ ବସି ପାରିବ...!!??"

ISSN NO.
2582-208X

"କଣ କହିଲ ରାଓ?? " ବୀରଭାଇ ପଚାରିବାରୁ ରାଓବାବୁ ମନେ ମାନେ ପ୍ରମାଦ ଗଣିଲେ। ତାଙ୍କ ପାଟି ଖନି ମାରିଗଲା ଆଉ ସେ..."ମାନେ...ସାର୍...ମୁଁ..." ୟା ଆଗକୁ ଆଉ କିଛି କହି ପାରିଲେନି। ହେଲେ ବୀରଭାଇ ଖୁସିରେ ତାଙ୍କୁ ଆଲିଙ୍ଗନ କରି ପକେଇଲେ ଆଉ କହିଲେ..."ସାବାସ ରାଓ...ତମ ପରି ପି.ଏ ଥିଲେ ମୋର କେଉଁ କଥାରେ ବ୍ୟସ୍ତ ହେବାର ନାହିଁ...। ଯାଅ...ତୟାରୀ କର। କାଲି ସକାଳୁ ମୁଁ ନିଜକୁ ନିଜେ ପୂଜା କରିବି। କାରଣ ତମେ ପୁରା ଠିକ୍ କହିଛ। ମୁଁ ସ୍ୱୟଂସଂପୂର୍ଣ୍ଣ। ମୋ ଗୁରୁ ମୁଁ ନିଜେ...ହା ହା ହା..." । ତାଙ୍କ ହସ ଦେଖି ରାଓବାବୁ ମଧ୍ୟ ହସି ପକେଇଲେ।

ତା' ପରଦିନ ସକାଳୁ ବୀରଭାଇଙ୍କ ଘର ଅଗଣାରେ ବଡ କ୍ୟାଟରିଂର ବ୍ୟବସ୍ଥା ସହିତ ଅତିଥିମାନଙ୍କ ଗହଳଚହଳ ଦେଖା ଯାଇଥିଲା। ଏକ ସୁଦୃଶ୍ୟ ମଞ୍ଚ ଉପରେ ନିଜର ବଡ ଫୋଟଟିଏ ରଖି ସ୍ୱୟଂ ବୀରଭାଇ ପୂଜା ଆରମ୍ଭ କରି ଦେଇଥିଲେ। ବ୍ରାହ୍ମଣ ମନ୍ତ୍ର ପଢ଼ି ହୋମ କୁଣ୍ଡରେ ଆହୁତି ଦେଉଥିଲେ। ରାଓବାବୁ ନିଜେ ସବୁ ବ୍ୟବସ୍ଥା ବୁଝାବୁଝି କରୁଥିଲେ। ପତ୍ରକାର ମାନେ ଏ ପ୍ରକାର ଏକ ଅଦ୍ୱିତୀୟ ଗୁରୁ ପୂଜନମ ହୋତ୍ସବରେ ନିଜକୁ ସାମିଲ କରି ଧନ୍ୟ ମନେ କରୁଥିଲେ...!!

ରାଓବାବୁଙ୍କ ଅବଦାନ ନିମନ୍ତେ ଖୁସି ହୋଇ ତାଙ୍କୁ ସପତ୍ନିକ ବିଦେଶ ଭ୍ରମଣ କରି ଆସିବା ପାଇଁ ଅଗ୍ରୀମ ଟିକଟ ଉପହାର ଦେଇ ଛୁଟି ଦେଇଥିବାରୁ ରାଓବାବୁଙ୍କ ଧର୍ମପତ୍ନୀ ମଧ୍ୟ ବହୁତ୍ ଖୁସି ଥିଲେ। ସବୁକିଛି ବହୁତ୍ ବଢ଼ିଆ ଚାଲିଥିଲା। ତା' ପରଦିନ ଏକ ଖବରକାଗଜରେ ଜଣେ ଯୁବ ପତ୍ରକାର ଛାପି ଦେଇଥିଲେ..."ବୀରଭାଇଙ୍କ ସ୍ୱଶ୍ରାଦ୍ଧ ତଥା ସ୍ୱଛବି ଉପରେ ଭକ୍ତିପୂତ ମାଲ୍ୟାର୍ପଣ... ଦିବଂଗତ ଆତ୍ମାର ଭବିଷ୍ୟ ସଦଗତି ନିମନ୍ତେ ସମୂହ ପ୍ରାର୍ଥନା ଓ ଭୂରି ଭୋଜନର ସୁବ୍ୟବସ୍ଥା ସୁଚାରୁରୂପେ ଅନୁଷ୍ଠିତ...!!"

ଖବରଟା ପଢ଼ି ବୀରଭାଇ ଚିତ୍କାର କଲେ..."ରାଓ...." ହେଲେ ରାଓବାବୁ ସେତେବେଳକୁ ଦେଶ ଛାଡ଼ି ସାରିଥିଲେ...!!

ଭୁବନେଶ୍ୱର

ISSN NO.
2582-208X

# ସଚ୍ଚିଦାନନ୍ଦ ସ୍ୱରୂପ



ଜୟନ୍ତୀ ଦେବୀ

ସଚ୍ଚିଦାନନ୍ଦ ସ୍ୱରୂପ ବିଶ୍ୱ ବାପ ହରି ଭବ ଭୟ ହାରୀ ।
ସତ ଚିତ ଆନନ୍ଦରେ ସୁଗଠିତ ଅଟଇ ତନୁ ଯାହାରୀ ।
ନିତ୍ୟାନନ୍ଦ ମୟ ଦେବକୀ ତନୟ ନାହିଁ ଯାର ଆଦି ଅନ୍ତ ।
ରୂପ ସେ ଅରୂପ ବିଷ୍ଣୁ ବିଶ୍ୱ ବାପ ପାପହାହାରି ରମାକାନ୍ତ ।
ରାଧାକାନ୍ତ ନୀଳ ମାଧବ ଅଚ୍ୟୁତ ରୂପ ଗୁଣ ଯା ଅନନ୍ତ ।
ବିଶ୍ୱ ଚିନ୍ତାମଣି ଚିନ୍ତ ହେ ବିଦୂଷ ହରିବ ସର୍ବ ଦୁରୀତ ।
ବିଶ୍ୱାସେ ମିଳନ୍ତି ଦେବ ନରହରି ତରକକୁ ସଦା ଦୂର ।
ରବି ସୁତ ଦର୍ପ ଦଳନ ନିମନ୍ତେ ବିଜୟ ନୀଳକନ୍ଦର ।
ଚତୁର୍ଭୁଜ ଦେବାଧିରାଜ ଙ୍କୁ ଭଜ ଆନ ସକଳ ଅଳିକ ।
କଳି କଳୁଷ ନାସନ ନନ୍ଦ ନାନ କଳାକର କଳା ମୁଖ ।
ଭବ ଦୁଃଖ ହାରୀ ହରି ଦନୁଜାରି ପୂତନାରୀ ପଙ୍କଜାକ୍ଷ ।
ଭକ୍ତ ସୁଖ ହରି ମୁକୁନ୍ଦ ମୁରାରୀ ଶ୍ରୀଧର ପୁଣ୍ଡରୀକାକ୍ଷ ।
ଭାବ ବିନୋଦିଆ ସେ ଜଗାକାଳିଆ ଭାବକୁ ସଦା ନିକଟ ।
ଅଭାବକୁ ଦୂର ମୁରଲୀ ଅଧର ନୀଳମଣି ନନ୍ଦ ଚାଟ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# କେମିତି ଭୁଲିବି ତତେ



ଅଲେଖ ମେହେର

ମୋ'ଠାରୁ ଭରଷା   ଉଠିଲା ଯେମିତି
    ବାଷ୍ପୀଭୂତ ହୁଏ  ପୟ,
ପଦ ତଳେ ଥୋଇ    ସକଳ ପଦାର୍ଥ
    ମନ କଲୁ ବିଷମୟ ।
ଭଲ ପାଇବାର    ଥିଲେ ଦାନାଟିଏ
    ବୁଝିହୁଏ ମୌନ ଭାଷା,
ବିକଚ ବିକାର   ନିଜ କରେ ପର
    ତଡିତ ଭାଙ୍ଗଇ ଆଶା।
ମଧୁର ବଚନ    ଲାଗେ ହଳାହଳ
    ହେଉ ପଛେ  କୁହୁସୁର,
ପର ପ୍ରରୋଚନା ଯେତେବେଳେ ଲାଗେ
    ସୁମିଷ୍ଟ  ପିଠାର ପୂର ।
ବାୟସର ରାବ କାକପୁଷ୍ଟ ସାଜେ
    ଗ୍ରୀଷମେ ବହେ ମଳୟ,
କୁସୁମାକରରେ    ବହେ ବଇଶାଖି
    ଦେଖି ଲାଗେ ପ୍ରାଣେ ଭୟ ।
ନୀଶି ଅନ୍ତେ ଉଷା    ଆସିବ ସହସା
    ଢାଳିବେ ଜ୍ୟୋତି ମିହିର,

ISSN NO.
2582-208X

ନିରବେ ବିଲୋକି ବିହାୟସେ ଆଜି
ଅକ୍ଷି ଝରାଉଛି ନୀର ।
ପୁରୁଣା ସ୍ମୃତିର ସୁନାଝରା ଫର୍ଦ୍ଦ
ଲେଉଟାଇ ହେଲି ମୂକ,
କାଲିଯାଏ ଯିଏ ଥିଲା ପଥ ଦ୍ରଷ୍ଟା
ଆଜି ହେଲା ଅଲାଯୁକ ।
ଗନ୍ଧବତୀ ସାଜେ ଅମାବାସ୍ୟା ନୀଶି
କରିଦେଲୁ ଯେବେ ପର,
ଭୁଲିବି କେମିତି ଧମନୀରେ ଲହୁ
ହୋଇ ବହୁ ନିରନ୍ତର ।

ସୋହେଲ୍, ବରଗଡ
ମୋ-୭୩୭୦୨୨୦୫୫୯

ISSN NO.
2582-208X



# ରଥଯାତ୍ରା



ବାଙ୍କାବିହାରୀ ମହାକୁର

ଆଷାଢ ଶୁକଳ ଦ୍ୱିତୀୟା ଲଗନ
ରଥଯାତ୍ରା ନାମେ ଖ୍ୟାତ
ବିଶ୍ୱବ୍ରହ୍ମାଣ୍ଡର କୋଣ ଅଣକୋଣୁ
ରୁଣ୍ଡ ହୁଅନ୍ତି ଭକତ ।

ପବିତ୍ର ଶ୍ରୀକ୍ଷେତ୍ର ପୁରୀ ବଡ ଦାଣ୍ଡେ
ଭକତ ଗହଳି ଲାଗେ
ସ୍ୱନେତ୍ରେ ଥରଟେ ଦରଶନ ପାଇଁ
ମନେ ଭକ୍ତି ଭାବ ଜାଗେ ।

ଜଗତର ନାଥ କାଳିଆ ସାଆନ୍ତ
ଭାଇ ଭଉଣୀଙ୍କୁ ଧରି
ଶ୍ରୀମନ୍ଦିର ଛାଡି ମାଉସୀ ଘରକୁ
ଯାନ୍ତି ରଥାରୂଢ ହୋଇ ।

ଆଠ ଦିନ ଲାଗି ଯାଆନ୍ତି କୁନିଆଁ
ରତ୍ନ ସିଂହାସନ ଛାଡି
ବାଟ ଚାହିଁ ଚାହିଁ ରାଗ ରୁଷା କରି
ଭାରିଜା ଛାଡନ୍ତି ରଡି ।

ରଥ ଡାକୁଥାଏ ପଥ ଡାକୁଥାଏ
ଭକତଙ୍କୁ ହାତଠାରି
ଆନନ୍ଦେ ବିଭୋର ହୋଇଣ ଭକତ
ନାଚନ୍ତି ନାମ ସୁମରି ।

ରଥ ଯାତରାରେ କାଳିଆ ସାଆନ୍ତ
ଭାଇଭଉଣୀ ପ୍ରିତି ଦେଖି
ସଂପର୍କର ଡୋର ଶିଖନ୍ତି ଭକତେ
ଜୀବନେ ହୁଅନ୍ତି ସୁଖି ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ନାଟକ

# ।। ଭଲ ମଣିଷ ଖୋଜିବା ଆସ ।।



ସୁଧାଂଶୁ ଶେଖର ଦ୍ୱିବେଦୀ

## ।। ୪ ଦୃଶ୍ୟ ।।

(ମନ୍ତ୍ରୀ ନିର୍ମଳ ଭାବମୂର୍ତ୍ତିର ଗୁପ୍ତ ଡେନ। ଇନ୍ସପେକ୍ଟର ଅଖିଳ ପଣ୍ଡାର ଦୁଇ ହାତକୁ ବାନ୍ଧି ଯୋଗା ଓ ଗୋଗା ଚାବୁକରେ ନିର୍ଘାତ ପିଟୁ ଥାନ୍ତି। ଅଖିଳ ଯନ୍ତ୍ରଣାରେ ଚିତ୍କାର କରୁଥାଏ। )

ଅଖିଳ- ଆଃ-ଆଃ- ମୋତେ ଆଉ ମାରନା। ପ୍ଲିଜ ମୋତେ ଛାଡିଦିଅ ।

ଯୋଗା- (ଚାବୁକରେ ପାହାର ମାରି)ସାରଙ୍କ କଥା ମାନି ଯଦି ଆମ ସାଙ୍ଗରେ ମିଶି ହେଲ୍ପ କରିବୁ ତାହେଲେ ଆମେ ଦୁହେଁ ତୋତେ ଛାଡ଼ିଦେବାନି ବେ ଗଳାରେ ଫୁଲମାଳ ଗଳେଇ ବନ୍ଦାପନା କରିବା ।

ଗୋଗା- ତାହା ନହେଲେ ଏମିତି ଦିନ ରାତି ଭୋକ ଉପାସରେ ମାଡ଼ ଖାଇ ଖାଇ ମରିଯିବୁ ।

ଅଖିଳ- ହଁ ମରିଯିବି ପଛେ ହେଲେ ତୁମ ଭଳି ସୈତାନମାନଙ୍କର ଦେଶଦ୍ରୋହ କାର୍ଯ୍ୟରେ ସାହାଯ୍ୟ କରିବା ତ ଦୂରର କଥା  ଜୋତାରେ ପିଟି ପିଟି ମୁହଁ ବଙ୍କା କରିବି ।

ଯୋଗା- ଧନମଣି ଆଉ ତୋ ହାତ ଖୋଲିବ ଯେ ତୁ ଆମକୁ ଜୋତା ଦେଖାଇବୁ, ଜୋତା। ବେହିୟା! ହାତ ବନ୍ଧା ହୋଇ ମାଡ଼ ଖାଉଛି ଆହୁରି ଶଳା ସ୍ୱପ୍ନ ଦେଖୁଛି ।

ISSN NO.
2582-208X



ଗୋଗା- ଆଉ ଦିଇ ଚାରି ପାହାର ଲଦିଦେଲେ ତା' ସ୍ୱପ୍ନ ଚଟକ ଛଡିଯିବାରେ ଯୋଗା (ଗୋଗା ଚାବୁକ ମାରେ )

ଅଖିଳ- ଓଃ କଣାପାଇଁ ତୁମେ ଦୁହେଁ ଏଭଳି ନୃଶଂସ ହୋଇପଡୁଛ ? ମୋତେ ଯେତେ ମାରିଲେ ବି ମୁଁ ମୋ ଦେଶ ସହିତ , ମୋ ଦାୟିତ୍ୱରେ ବେଇମାନ କରି ପାରିବିନି ।

ଯୋଗା- ତାହେଲେ ମର (ଚାବୁକରେ ନିର୍ଘାତ ବାଡାଏ )

ଅଖିଳ- ଆଃ - ଆଃ- ମୋତେ ଟୋପେ ପାଣି ଦିଅ । ମୋ ତଣ୍ଟି ଶୁଖି ଯାଉଛି- ଆଃ ମୋତେ ଟୋପେ ପାଣି ଦିଅ ।

ଗୋଗା- ଥାଉରେ ଯୋଗା ତାକୁ ଆଉ ବାଡାନା। ବିଚରା ମାଡ଼ ଖାଇ ଖାଇ ବେହାଲ ହେଇଗଲାଣି । ତାକୁ ମୁନ୍ଦେ ପାଣି ଦେ- ।

ଅଖିଳ- ହଁ ହଁ ମୋତେ ଟୋପେ ପାଣି ଦିଅ । ଆଃ—

ଯୋଗା- ଏଇ ନେରେ ଇନ୍ସପେକ୍ଟର ପାଣି ପିଇ (ଅଖିଳ ଆଁ କରେ ଯୋଗା ପାଣି ଢାଳୁଥାଏ କିନ୍ତୁ ତା' ପାଟିରେ ପାଣି ନ ପଡି ତଳେ ପଡୁଥାଏ ।) (ହସ) ପିଇଲୁ ? ଚାହୁଁ ଚାହୁଁ ନୋଟେ ପାଣି ପିଇଗଲୁ ।

ଅଖିଳ- ଆରେ ତୁମେ ମୋ ସହିତ ଏମିତି ଛଳନା କରୁଛ କାହିଁକି ? ମୋତେ ପାଣି ପିଇବାକୁ ଦିଅ ,ମୋ ତଣ୍ଟି ଶୁଖିଯାଉଛି ।

ଗୋଗା- ତୁ ପରା ମରିବୁ କହୁଛୁ! ଏମିତି ପାଣି ପିଇବାକୁ ଡହଳ ବିକଳ ହେଉଛୁ କାହିଁକି ? ଭୋକ ଶୋଷରେ ମଲେ ସିନା ଆମ ରାସ୍ତାରୁ ଗୋଟେ କଣ୍ଟା ଦୂରେଇଯିବ ।

ଅଖିଳ- ତୁମେ ଦୁହେଁ ଯେମିତି ମୋତେ କଲବଲ କରିଛ ମୁଁ ତମ କାହାରିକୁ ଛାଡ଼ିବି ନାହିଁ। ଗୋଟି ଗୋଟି କରି ଜେଲରେ ପୂରେଇବି ।

(ନିର୍ମଳ ଭାବମୂର୍ତ୍ତି ଓ ରାଧାକାନ୍ତ ପ୍ରବେଶ କରନ୍ତି)

ISSN NO.
2582-208X

ନିର୍ମଳ- ସତ କହିବାକୁ କିଆଁ ଡରିବି ସତ କହି ପଛେ ମଲେ ମରିବି । କେତେ ଆଉ ସତ ପଥରେ ଚାଲିବୁରେ ଇନ୍ସପେକ୍ଟର। ସତ ପଥରେ ଚାଲି ଚାଲି ଆସି ମୋ ଡେନ ଭିତରେ ପଶିଯାଇଛୁ। ହେଲେ ମୁଁ ତୋତେ ଜମା ଛାଡିବିନି । ଛାଡିଲେ ସିନା ତୁ ଆମକୁ ଗୋଟି ଗୋଟି କରି ଜେଲରେ ପୂରେଇବୁ ।

ଅଖିଳ- ନିର୍ମଳ ଭାବମୂର୍ତ୍ତି ଦାସ! ତୁ ଭାବନା ଯେ ଏ ଦୁନିଆ ତୋ ପାଖରୁ ଆରମ୍ଭ ହୋଇଛି। ତୁ ଯାହା ଚାହିଁବୁ କରିବୁ। ମୋତେ ଆଜି ତୋ ଡେନ ଭିତରେ ବାନ୍ଧି ରଖିଛୁ ସତ, ତୁ ବି ଦିନେ ମୋହରି ହାତରେ ବନ୍ଧାହୋଇ ଜେଲର ଡେନ ଭିତରେ ରହିବୁ ।

ନିର୍ମଳ- ଆଉ ମୋତେ ମାଳିକା ବାଣୀ ଶୁଣାନାରେ ଇନ୍ସପେକ୍ଟର। ମୋ କଥା ମାନି ମୋର କାମ କର ଦେଖିବୁ ତୁ ବି ଖୁସିରେ ରହିବୁ ମୁଁ ବି ଖୁସିରେ ରହିବି ।

ଅଖିଳ- ତୁ ଯାହା କହୁଛୁ ତାହା ହୁଏତ ମୁଁ ଆସନ୍ତା ଜନ୍ମରେ କରି ପାରେ କିନ୍ତୁ ଏ ଜନ୍ମରେ ନୁହେଁ। ତୁ କଣ ଭାବିଛୁ ମୋତେ ତୋ ଡେନ ଭିତରେ ବାନ୍ଧି ରଖିଦେଲେ ବଞ୍ଚିଯିବୁ। କେବେ ନୁହେଁ! ଦିନେ ମୁଁ ତୋ ଡେନରୁ ବାହାରିବି ଆଉ ସେଦିନ ତୋ ଭଳି ନୀଳବର୍ଣ୍ଣ ଶୃଗାଳକୁ ବିଚ ବଜାରରେ ବାଡେଇ ବାଡେଇ ଥାନା ହାଜତକୁ ନେବି ।

ନିର୍ମଳ- ହଁ ମୁଁ ମାନୁଛି, ତୁ ମୋ ଡେନରୁ ଖଲାସ ହେଲେ ମୋତେ ବିଚ ବଜାରରେ ବାଡେଇ ବାଡେଇ ଥାନା ହାଜତକୁ ନେବୁ, ହେଲେ ତା ପୂର୍ବରୁ ମୁଁ ଯଦି ତୋତେ ଜୀବନରୁ ମାରିଦିଏ ।

ଅଖିଳ- ରଖେ ହରି ମାରେ କିଏ? ଆଜି ଅଛି କାଲି ନଥିବି ସେପାଇଁ ମୋର ଚିନ୍ତା ନାହିଁ ହେଲେ ତୋତେ ଚେତାବନୀ ଦେଉଛି ବେଆଇନ କାମ କରି ଏ ଦୁନିଆରେ କେହି ତିଷ୍ଠି ନାହାନ୍ତି । ଯେଉଁ ମାନେ ଆଇନ ସହିତ ଖେଳ ଖେଳିଛନ୍ତି ସେମାନେ ସାରାଜୀବନ ଜେଲ ଭିତରେ ଶଢ଼ିଛନ୍ତି ।

ନିର୍ମଳ-ଆଇନ!(ହସ) ଏ ସହରର ସବୁ ଆଇନ ନିର୍ମଳ ଭାବମୂର୍ତ୍ତି ଦାସ ହାତ ମୁଠାରେ ବନ୍ଦୀ। କେବଳ ତୁ ମୋ ସହରକୁ ଆସି ରାଜା ହରିଶ୍ଚନ୍ଦ୍ରଙ୍କ ଦ୍ୱିତୀୟ ଅବତାର ବୋଲି ଭାବିନେଇଛୁ। କିନ୍ତୁ ମୁଁ ତୋତେ ସେ ସୁଯୋଗ ଦେବିନାହିଁ। ତା ପୂର୍ବରୁ ମୁଁ ତୋତେ ଜୀବନରୁ ମାରିଦେବି। ଆରେ ଗୋଗା, ଯୋଗା!

ISSN NO.
2582-208X

ଗୋଗା-ଆଜ୍ଞା ସାର !

ଯୋଗା-ଆଜ୍ଞା ସାର !

ନିର୍ମଳ- ଏଇଟାର ଏକ୍ସପାଏରି ଡେଟ ହେଇଗଲାଣି ବେ ତା କାମ ବଢ଼େଇବାକୁ ହେବ। ଗୋଟେ ଛୁରୀ ମୋ ହାତରେ ଧରେଇ ଦିଅବେ ମୁଁ ଏଇଟାର କଳିଜା କାଟି ଖଣ୍ଡ ଖଣ୍ଡ କରିଦିଏ। (ଗୋଗା ଗୋଟେ ଛୁରୀ ନିର୍ମଳ ହାତରେ ଦିଏ)

ରାଧା- ସାର! ଆପଣ ଶେଷରେ ମର୍ଡର କରିବେ ?

ନିର୍ମଳ- ନିର୍ମଳ ଭାବମୂର୍ତ୍ତି ଦାସ ସବୁଦିନ ପାଇଁ ନିର୍ମଳ ରହିବାକୁ ଚାହେଁ ରାଧାକାନ୍ତ! ହେଲେ ମୋ ଘରକୁ ଗୋଟେ ଗୋଖର ପଶି ଆସିଛି ତାକୁ ଶେଷ କରିବାକୁ ହେବ। ତାକୁ ଶେଷ ନ କଲେଅଟେ ଛୋଟ ମାରିବ। (ଗୋଗା ଓ ଯୋଗା ଆଖିଳକୁ ଦୁଇ ପଟରୁ ଧରି ରଖନ୍ତି, ନିର୍ମଳ ଛୁରୀରେ ଆଖିଳର ପେଟରେ ଭୂଷି ଚାଲିଥାଏ) (ଅଖିଳ ଯନ୍ତ୍ରଣାରେ ଚିତ୍କାର କରୁଥାଏ)

ରାଧା- ସାର! ସାର! ଏଥର ଥାଉ ସେ ମରିଗଲାଣି।

ନିର୍ମଳ- (ଛୁରୀ ଫିଙ୍ଗି) ଯାଃ-ଗୋଟେ ଦକ ଗଲା। କୃଷ୍ଣ ରହିଲେ ସିନା ବଇଁଶୀ ବଜେଇବ। ମୂଳୁ ମାଇଲେ ଯିବ ସରି।(ଫ୍ରିଜ)

(ଗୋଗା ଓ ଯୋଗା ମଧ୍ୟ ଅଖିଳର ଡେଡ଼ ବଡ଼ି ଧରି ଫ୍ରିଜ ଅବସ୍ଥା ରେ ଥାଆନ୍ତି)

ରାଧା-(ଜୋନ ଲାଇଟରେ)ତାଜା ଖବର ପଢ଼ିଛନ୍ତି ? ଚବିଶ ଘଣ୍ଟା ମଧ୍ୟରେ ଏକ ପଚଣ୍ଡ ଆଣବିକ ବିସ୍ଫୋରଣରେ ପୃଥିବୀ ଧ୍ୱଂସ ହୋଇଯିବ। ଭାରତର ଦୁଇ କୋଟି ଲୋକ ଏଚ ଆଇ ପଜିଟିଭ। କରୋନା ଭାଇରସରେ କୋଟି କୋଟି ଭାରତବାସୀଙ୍କର ଜୀବନ ସଙ୍କଟାପନ୍ନ। ଦ୍ରୁତଗାମୀ କରମଣ୍ଡଳ ଏକ୍ସପ୍ରେସ ଇକ୍ସିଡେଣ୍ଟରେ ହଜାର ହଜାର ଲୋକ କ୍ଷତ ବିକ୍ଷତ। କୁଢ଼ କୁଢ଼ ଶବର ସମଷ୍ଟି ଭିତରେ ପରିଚୟ ହରା ମଣିଷ ହନ୍ତସନ୍ତ। ଇନ୍ସପେକ୍ଟର ଅଖିଳ ପଣ୍ଡାର ଡେଡ଼ ବଡ଼ି ଟାଉନ ଥାନା ଗେଟରେ ଝୁଲୁଛି।

ISSN NO.
2582-208X

ସତ କଥା ଆଜ୍ଞା! ଏମିତି ଆହୁରି କେତେ କେତେ ନିଉଜକୁ ନେଇ ଆମ ଭାରତବର୍ଷ ଶଗଡ଼ ଗୁଳା ପରି ଗଡିଚାଲିଛି । ଏଠି ଭଲ ମଣିଷ କାହାନ୍ତି ? କାହାକୁ କହିବି ଭଲ ମଣିଷ ? ବଡ଼ ବିଷମ ସମସ୍ୟାରେ ମୁଁ ଆଜି ନା ମନ୍ତ୍ରୀର ହୋଇପାରୁଛି ନା ଭଲ ମଣିଷଟିଏ ଖୋଜି ପାଇବାରେ ସଫଳ ହୋଇପାରିଛି! ଏଠି ଭାବ କାହିଁ ନା ଭାବର ଆଦାନ ପ୍ରଦାନ କାହିଁ? ବଞ୍ଚି ରହିବାଟା ଯାହା କେବଳ ଏକ ବିରାଟ ହିସାବ ଖାତା। ସେ ପୁଣି ପ୍ଲସ ମାଇନସ ଭାଗଶେଷ ଜିରୋ ।

[ମଞ୍ଚ ଅନ୍ଧାର]

ବାକି ଆର ଥରକୁ........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ଅଭୁଲା ଆଜି ବି ତୁମେ



ରାଜକିଶୋର ସ୍ୱାଇଁ

ଆହେ ବିଜୁବାବୁ ଘେନ ଆମ ପ୍ରଣତି
ଅମ୍ଳାନ ଅକ୍ଷୟ ତୁମ ଯଶ କୀରତି ।୦।
ଦ୍ୱିତୀୟ ଖାରବେଳ ହେ କଳିଙ୍ଗ ବୀର
ନିଜକୁ ଏ ଜାତି ପାଇଁ ସମର୍ପିଥିଲ ।
ଓଡିଶା ଓଡିଆଙ୍କର ବିକାଶ ପାଇଁ
ଅଗ୍ରଣୀ ଭୂମିକା ତୁମେ ଥିଲ ନିଭାଇ ।
ଭାବୁଥିଲ ରାଜ୍ୟ କଥା ଦିନ ଓ ରାତି ।୧।
ଅସମ୍ଭବ ଲାଉଥିଲା ଆନକୁ ଯାହା
ଅକ୍ଳେଶରେ କରୁଥିଲ ସମ୍ଭବ ତାହା।
ଯାହା କେହି କେବେ ଆଗୁ ନଥିଲେ କରି
କରି ଦେଖାଇଲ କରାମତି ତୁମରି ।
ଇତିହାସ ଗାଏ ତୁମ ବିଜୟ ଗୀତି ।୨।
ଗଢିଥିଲ ପାରାଦ୍ୱୀପ ଠାରେ ବନ୍ଦର
ଚଣ୍ଡିଖୋଲ ରାଜପଥ କୀର୍ତ୍ତି ତୁମର
କଲ କାରଖାନା ତୁମେ ମିଇଗ ବିମାନ
ଯୁଗାନ୍ତକାରୀ ଥିଲାଟି ଏ ତିନି କାମ
ଅକିତ କଲା ସଭିଙ୍କୁ ତୁମ ଏ କୃତି ।୩।

ସୁଶାସନ ଦେବା ଥିଲା ତୁମରି ନୀତି
ରାଜନେତା ଭାବେ ଥିଲା ତୁମ ସୁଖ୍ୟାତି
ଗାଆଁକୁ କାମ ମାଆକୁ ଦେଇ ସମ୍ମାନ
ଜିଣିଲ ତୁମେ ଓଡିଶାବାସୀଙ୍କ ମନ ।
ସୁଖେ ଦୁଃଖେ ଓଡିଆଙ୍କ ଥିଲଟି ସାଥୀ ।୪।
ତୁମ ପରାକ୍ରମ ଆଉ ବୀରତ୍ୱ ଗାଥା
ଶୁଣି ଆପେ ନତ ହୁଏ ଚରଣେ ମଥା।
ତୁମ ଦୁଃସାହସ ପାଇଁ ଇଣ୍ଡୋନେସିଆ
ଆଖ୍ୟା ଦେଲା ଭୂମିପୁତ୍ର ବୀର ଓଡିଆ
ଅଭୁଲା ଆଜି ବି ତୁମ ମାଟି ମା ପ୍ରୀତି ।୫।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ବରଜ ଧୂଳିଆ




ଅଳକା ବାରିକ୍

ବରଜ ଧୂଳିଆ ମୟୂର ଚୁଳିଆ ହରି ।
ବ୍ରଜ ବାଳ ମେଳେ ତହିଁ ରଖିଲ ବାଛୁରୀ ।
ବିତରି ବାତ୍ସଲ୍ୟ ସ୍ନେହ ନନ୍ଦ ଯଶୋଦାଙ୍କୁ ।
ବିହରିଲ ଗୋପପୁର ଚିରି ବକାବୁକୁ
ବଧ କଲ ପୂତାନାକୁ କ୍ଷୀର ପିଉ ପିଉ
ବଂଶିବଟେ ବିଯେକଲ ବଂଶୀ ବାଉବାଉ ।
ବିଶ୍ୱରୂପ ଦେଖାଇଲ ମାଟି ଖାଉଖାଉ
ବନ୍ଧିଲା ଯଶୋଦା ଜାମଲାର୍ଯ୍ୟୁନରେ ତହୁଁ ।
ବଧିଲ କଂସକୁ ମଞ୍ଚା ପରେ ଚାହୁଁ ଚାହୁଁ ।
ବସି କାଳୀ ଶିରେ ନୃତ୍ୟ କଲ ମହାବାହୁ ।
ବିନଶିଲ ଚାନୂରକୁ ମଲ୍ଲ ଯୁଦ୍ଧ କରି ।
ବେଶକାରି ନାଶ କଲ ଚାପୁଡେ ଶ୍ରୀ ହରି ।
ବିହି ଦର୍ପକୁ ଦଳିଲ ବତ୍ସା ଜାତ କରି
ବନ୍ଧନ କଲ ରୁକ୍ମଣ ରଥରେ ତୁମ୍ଭରି
ବଜାଇ ବେଣୁ ମୋହିଲ ଗୋପର ରମଣୀ ।
ବନ୍ଧିଲ ପ୍ରେମ ପାଶରେ ସଭିଙ୍କୁ ଯେ ପୁଣି ।
ବହିଲ ଗୋବର୍ଦ୍ଧନ କୁ ବାମ କର ଟେକି ।
ବାଳ ଗୋପାଳ ପୁଅଙ୍କ ସଙ୍ଗେ କଲୁ କେଳୀ ।
ବାଦ କଲ ଇନ୍ଦ୍ର ତୁଲେ ନନ୍ଦରକହ୍ନାଇ ।
ବିଶେଷ ଗୋବିନ୍ଦ ନାମ ଗଲା ସେହି ଦେଇ ।

ମହୁ, ଆଉଳ,
କେନ୍ଦ୍ରାପଡ଼ା,ଓଡ଼ିଶା

ISSN NO.
2582-208X

# ଚକାଆଖି



ସତ୍ୟନାରାୟଣ ପ୍ରସାଦ ନାୟକ

ଚକା ଚକା ଆଖି  କିଏସେ ଗଢ଼ିଛି
କହିବକି ଚକା ଆଖି,
ସେଇ ଚକାଆଖି ଟିକିଏ ଦେଖିଲେ
ରହିଯାଏ ମନ ଲାଖି ।

ସୁନା ଚାନ୍ଦ ପରି  ଦିଶଇ ଉଜ୍ଜଳ
ଧନ୍ୟ ସେହି କାରିଗର,
ସବୁ ସୁଷମାର  ଭଣ୍ଡାର ସତେକି
ଏକାଠି ହୋଇଛି ଠୁଳ ।

ମନ ସରସୀରେ ଫୁଟିବକି କଇଁ
ତାହା ମୋତେ ଜଣା ନାହିଁ,
ଭାବ ବନ୍ଧନରେ ବାନ୍ଧି ରଖିଅଛି
କରୁଣା ଲଭିବା ପାଇଁ ।

ତୁମ କରୁଣାର  ନାହିଁ ପଟାନ୍ତର
କରୁଣା ସାଗର ହରି,
କାହାକୁ କେମିତି ଦେଉଛ ବିତରି
ପୂଣ୍ୟ ବଳେ ମିଳି ଥାଇ ।

ତୁମେ ଚକାଆଖି କିପରି ଦେଖୁଛ
ଘଟେ କେତେ ଅଘଟଣ,
ଦେଖି ଦେଖି ତାହା କିପରି ସହୁଛ
କୁହ ଆହେ ନରାୟଣ ।

ତୁମ ଦୟା ହେଲେ ସୁନାର ସଂସାର
ନିମିଷେ ହେବ ତିଆର,
ତୁମେ ନ ଚାହିଁଲେ  ଗଛରୁ ପତର
ଉଡ଼ିବନି ଫର ଫର ।

ବାତ୍ୟା ମହାବାତ୍ୟା ତାଣ୍ଡବ ରଚଇ
ପ୍ରକୃତି କରିଲେ କୋପ,
ତୁମ ସଂସାରକୁ ତୁମେ ରକ୍ଷା କର
ଘୁଞ୍ଚି ଯାଉ ସବୁ ଦୁଃଖ ।

ରଥ ରୋଡ, ଭୁବନେଶ୍ୱର -2
Mob -9437764014

ISSN NO.
2582-208X



# ମଧୁ ମାଳତୀ



ଡାଃ. ଅନିତା ପଣ୍ଡା

## କୈଶୋର ଉମଙ୍ଗ

(୪)

ନୂଆବୋହୂକୁ ବନ୍ଦାପନା କରି ଶାଶୁ ମାଳତୀକୁ ଘର ଭିତରକୁ ନେଲେ । ନଣନ୍ଦମାନଙ୍କ ଗୋଡ଼ ତଳେ ଲାଗୁ ନ ଥାଏ । ଶଶୁର କହିଲେ, "ମୋ ଘରକୁ ଲକ୍ଷ୍ମୀ ଆସିଗଲା ।" ସଞ୍ଜ ବେଳକୁ ଘରେ ଗୋଟେ ବଡ଼ ଭୋଜିର ଆୟୋଜନ । ଛୋଟ ଛୋଟ ଝିଅମାନେ କେତେ ରଙ୍ଗ ବେରଙ୍ଗ ବେଶପଟା ହୋଇ ଏଠୁ ସେଠୁ ହେଉଥିଲେ । ସାନ ନଣନ୍ଦ ଦିଟା ପରୀ ଭଳି ସଜେଇ ହେଇଥିଲେ । କହିବାକୁ ଗଲେ ସାନ ନଣନ୍ଦ । ମାତ୍ର ଜଣେ ମାଳତୀ ଠାରୁ ଚାରି ବର୍ଷ, ଅନ୍ୟ ଜଣକ ପାଞ୍ଚ ବର୍ଷ ବଡ଼ । ଦିହେଁ ତା ଦି ବାହୁକୁ ଧରି ପ୍ରଜାପତି ଭଳି ପର ହଲୋଉଥିଲେ । ଚୁପ୍ ଚୁପ୍ କରି କହିଲା ମାଳତୀ, "ଦେଖିଲ ନାନୀ, ସମସ୍ତେ କେଡ଼େ ମଜା କରୁଛନ୍ତି । ଚାଲୁନ ଆମେ ବି ତାଙ୍କ ସଙ୍ଗେ ନାଚିବା ।"

"ଆଲୋ, ଏଠି ତୋ'ର ନାନୀ କେଇ ନାହାନ୍ତି ଲୋ, ତୁ ପରା ଘରର ବଡ଼ ବୋହୂ ।" କେହି ଜଣେ ଆଇ ବଅସର ବୁଢ଼ୀ ତାଙ୍କ ପାକୁଆ ପାଟିରୁ ପାନ ଛେପ ଗୁଡ଼ା ପିଙ୍କ ଭଳି ଛାଟି ଦେଉ ଦେଉ ମାଳତୀ ଉଦ୍ଦେଶ୍ୟରେ କହିଲେ । ଭୋଜିଭାତ ଧୂମଧାମରେ ଶେଷ ହେଲା । ନଣନ୍ଦ ଦି'ଟା ତାକୁ ଜଗି ବସିଥାନ୍ତି । ତାକୁ ହାଇ ଉପରେ ହାଇ । ଏ ଦି ଜଣ ଉଠି ଯାନ୍ତେ ଯଦି ସେଇଠି ସେ ଟିକିଏ ଢୁଳେଇ ପଡ଼ନ୍ତା । ତା' ଅସ୍ତବ୍ୟସ୍ତତା ଦେଖି ବଡ଼ୁଟା କହିଲା,

ISSN NO.
2582-208X

“ଆଜି ପରା ଦିନରେ କ'ଣ କାହାକୁ ନିଦ ଆସେ ! ଆଜି ଖାଲି ମଜା ଆଉ ମଜା । ରହିଯା ଆଉ ଟିକିଏ” ।

ଆଉ ଜଣକ କହିଲା, “କାଲି ସକାଳେ ଆମେ ତୁମକୁ ପଚାରିବୁ, କେତେ ମଜା କଲ, କିଛି ନୁଚେଇବନି ।'

ମଜା ... ମାଳତୀର ମୁଣ୍ଡ ବୁଲେଇ ଦେଲା । ସେଇମିତି ପାପୀ ସହ କରିବା ମଜା । ପୁଣି କାହା ସହ ? ସିଏ ବି କ'ଣ ପାପୀ ଭଳି ଜୀବନ ହାରିଦେବ !!' ଡରି ଡରି ଦୁହିଙ୍କୁ କହିଲା, "କାହା ସହ ମଜା ?'

ଖୁବ୍ ଜୋର୍‌ରେ ହସି ହସି ଦୁହେଁ କହିଲେ, "ଆମ ଭାଇନା ସଂଗେ, ଆଉ କାହା ସଂଗେ । ସତରେ ନୂଆବୋଉ ତୁମେ ଏ ବିଷୟରେ କିଛି ଜାଣିନ ! ତୁମ ଭଉଣୀ ଭାଉଜମାନେ କିଛି କହି ନାହାନ୍ତି !'

କୋଉ କଥା ନାନୀ ?

ଏଇ ବାସର ରାତି କଥା, ଆଉ କୋଉ କଥା । ନବ ବଧୂ, ନବ ଯୁବକର ପ୍ରଥମ ମିଳନର ରାତି । ଏଇ ରାତିଟା ପରା ଜଣେ ନାରୀ ଓ ପୁରୁଷ ପାଇଁ ଖୁବ୍ ମହତ୍ୱପୂର୍ଣ୍ଣ । ଏଇଠୁ ହିଁ ଆରମ୍ଭ ହୁଏ ଆଗକୁ ଲମ୍ବି ଯାଇଥିବା ସଂପର୍କର ଗଢ଼ଣ ।

ବୁଝିଗଲି, ତୁମ ଭାଇନା ଆଜି ମୋ ସଂଗେ ମଜା କରିବେ । ହେଲେ ମତେ ଭାରି ଡର ଲାଗୁଛି ନାନୀ । କିଛି ଅଘଟଣ ହେଇ ଯିବନି ତ ।

ଆଗ ତୁମେ ଆମକୁ ନାନୀ ଡାକିବା ଛାଡ଼ । ମୋ ନାଁ ଖୁବୀ, ତା ନାଁ ସୁବୀ । ହଁ, ଆଜି ରାତି ପାଇଁ ସବୁ ଝିଅମାନଙ୍କୁ ଡର ଲାଗିଥାଏ । ଇଏ କିଛି ନୂଆ ନୁହେଁ । କାଲିଠୁ ସବୁ ଠିକ୍ ହେଇଯିବ । ଆମକୁ ବି ସେଇମିତି ଲାଗିଥିଲା ।

ISSN NO.
2582-208X

ମାଳତୀର ନିଦ ଯିମିତି କୁଆଡ଼େ ଉଡ଼ିଗଲା । ଖୁବୀର ଇଙ୍ଗିତରେ ସୁବୀ ଗୋଟିଏ ଘିଅ ଦୀପ ନେଇ ମାଳତୀ ପାଇଁ ସଜା ହୋଇଥିବା କୋଠରିରେ ରଖି ଆସିଲା । କିଛି ଗୋଟେ ମିଳିଗଲା ଭଳି ମାଳତୀ କହିଲା, "ହଁ ବୋଉ କଇଥେଲା ତୋ ଶୋଇବା ଘର ଦୀପଟା ଉପରେ ନିଘା ରଖିଥିବୁ । ଯେମିତି ନିଭି ନ ଯାଏ । ତୋ ଶୋଇବା ଘରୁକୁ ଆଜି ସାକ୍ଷାତରେ ଠାକୁର ଆସିବେ । ମନକଥା ସବୁ ଖୋଲି କହିଦବୁ । ତୁମେ ବି ଜାଣିଛ ଆଜି ଶୋଇବା ଘରୁକୁ ଠାକୁର ଆସିବେ ବୋଲି ।" ହସି ହସି ବେଦମ ହୋଇ ଖୁବୀ କହିଲା, "ସତ କଥା ନୂଆ ଉ ହେଲେ ମାନିଲେ ଠାକୁର, ନ ମାନିଲେ କୁକୁର ।"

ଖୁବୀ ମୁହଁରେ ହାତ ଦେଇ ମାଳତୀ କହିଲା, ଛିଃ, ନାନୀ, ଠାକୁରୁଙ୍କୁ କ'ଣ ଏମିତି ଅବମାନନା କରାଯାଏ । ବାପା କୁଅନ୍ତି, ସେଇ ଠାକୁରେ ପରା ଆମୁକୁ ଜୀବନ ସାରା ରକ୍ଷା କରନ୍ତି ।

ହେଲା ହେଲା ନୂଆ'ଉ, ତୁମ ଠାକୁର ତୁମୁକୁ ରକ୍ଷା କରିବେ । ଏବେ ମୁଁ ଯାଏ ମୋ ଠାକୁର ମତେ କାଇଁକି ଡାକୁଚନ୍ତି । ହୋଉଲୋ ସୁବୀ, ତୁ ନୂଆ'ଉ ପାଖରେ ବଇଥା ।

ସୁବୀ ନାନୀ, ମୋ ରାଣ ଖାଉଚି, ବାପା କୁଅନ୍ତି ଈଶ୍ୱର, ମାନେ ଠାକୁର ଗୋଟିଏ । ତେବେ ଖୁବୀନାନୀଙ୍କ ଠାକୁର କ'ଣ ଅଲଗା ।

ତୁମେ ବହୁତ "ଭୋଲୀ' ନୂଆ'ଉ । ତୁମୁକୁ ଭାଇନା ସବୁ କଥା ବୁଝେଇ ଦବ ।

"ଭୋଲୀ' ଶବ୍ଦଟା ଶୁଣି ଟିକିଏ ଚିହିଙ୍କି ଗଲା ମାଳତୀ । ସେ ଦିନ ସଞ୍ଜରେ ପାପୀ ବି ତାକୁ "ଭୋଲୀ' ବୋଲି କଇଥେଲା । ହେଲେ ଏ ଭୋଲୀର ଅର୍ଥ କ'ଣ ହେଇପାରେ । ମୁହଁ ଟାଣ କରି କହିଲା, ମୁଁ ଜମା ପାଠ ପଢ଼ିନି ସୁବୀ ନାନୀ । ଭୋଲୀ ମାନେ କ'ଣ ମତେ ଟିକିଏ ବୁଝେଇ ଦବ !

କହିଲି ପରା ଭାଇନା ସବୁ ବୁଝେଇ ଦବ । ହେଲେ ମନେ ରଖିଥା, ଭାଇନା ଯାହା କଇବ, ଆଖି ବନ୍ଦ କରି ସବୁ ମାନିଯିବ ।

ISSN NO.
2582-208X

ଠାକୁର ରାଣ, ତୁମୁକୁ କଥା ଦୋଉଚି ସୁବୀନାନୀ, ତମ ଭାଇନା ଛୁରୀ ଭୂସିଦେଲେ ବି ସଇଯିବି ।
ମୋ ଭାଇନା ଏତେ ଖରାପ ନୁଏଁ ନୂଆ'ଉ । ଖୁବ୍ ଜୋର୍‌ରେ ହସି କହିଲା ସୁବୀ । ହସଟା ଏତେ ଜୋର୍‌ରେ ଥିଲା ଯେ, ବହୁ ଜଣ ସେଇଠି ଏକାଠି ହୋଇଗଲେ । ନାନୀ ନୂଆବୋଉମାନଙ୍କ କାନରେ ସୁବୀ କ'ଣ ଫୁସ୍ ଫୁସ୍ କରି କହିଲା । ଟାପରା କରି, ସାଇ ନୂଆବୋଉ ଜଣେ ମଧୁସୂଦନକୁ ଧୀରେ କହିଲେ ।

"ଆମ ମାଲୁ ଏବେ ଛୁଆଟା, ଭାରି ସରଳ, କିଛି ଜାଣିନି । କେତେ ଡରୁଛି ଥିଇରି କରି ସବୁ ବୁଝେଇବ ।"

ସପ୍ତମଙ୍ଗଳା ପରଦିନ ମଧୁସୂଦନ, ମାଳତୀକୁ ନେଇ ନଗର ତଳା ଗାଁ ଶଶୁର ଘରକୁ ଯିବା କଥା । ଆନନ୍ଦରେ ମାଳତୀର ଗୋଡ଼ ତଳେ ଲାଗୁ ନ ଥିଲା । ଏଠାକୁ ଆସିବା ଆଗରୁ ଗାଁରେ ସମେତେ କୋହୁଥେଲେ; ତୁ ଏବେ ସବୁଦିନ ପେଇଁ ଏ ଗାଁରୁ ଗଲୁ । ଦିନରାତି ଶାଶୁ ନଣନ୍ଦଙ୍କର ଗଞ୍ଜଣା ସଇବୁ । ମନେ ରଖିଥା, ସମତଙ୍କ ବର ସେମାନଙ୍କ ମା' ଭଉଣୀମାନଙ୍କ ପକ୍ଷରେ । ଏକା ଏକା ତତେ ସବୁ ସହି ନିଜକୁ ପଥର କରିବାକୁ ହବ । ହେଲେ ତା ବର କେତେ ଭଲ ।

ଖୁବୀ ନାନୀ, ସୁବୀ ନାନୀ ଠିକ୍ କୋଉଥେଲେ । ତା' ବର ତା ପେଇଁ ଠାକୁର । ତାଙ୍କ କରୁଣାରୁ ଆଉଥରେ ଗାଁ ମାଟି ମାଡ଼ିବ । ବୋଉ କୋଳରେ ମୁଣ୍ଡ ଗୁଂଜିବ । ବାପାଙ୍କ ପାଦଧୂଳି ନେବ । ସାଂଗ ସାଥିମାନଙ୍କ ଗହଣରେ କେତେ କେତେ ନୂଆନୂଆ ଅନୁଭୂତି ଗପିବ । ଖୁବ୍ ସଅଳ ଶେଯ ଛାଡ଼ି ଗାଧେଇ ପାଧେଇ ବାସି ନୁଗା ଖଣ୍ଡେ ପିନ୍ଧି ପକେଇଲା । ଶାଶୁ, ଶଶୁରଙ୍କ ପାଦ ଧୋଇ ପାଣି ପାଇଲା । ହାଣ୍ଡିଶାଳ ଭିତୁରୁକୁ ଯାଇ ଚୁଲି ଧରାଇ ସମସ୍ତଙ୍କ ପାଇଁ ଚାହା ବସେଇଲା । ହାଣ୍ଡିଶାଳ ଆଜି ତା ପେଇଁ ପହିଲା ନୁହେଁ । ଏଘରୁକୁ ଆସିବା ପରଦିନ ଶାଶୁ ତା'ର ହାତଧରି ତା ଭିତରକୁ ନେଇଥିଲେ । କ୍ଷିରୀ ହାଣ୍ଡି ଭିତରେ କର୍ଚୁଲିଟା ପଶେଇ ଘାଣ୍ଟି ଦବାକୁ କଇଲେ । ବାସ୍ ସେତିକି, ଆଜି ଆଖି ପୁରେଇ ଦେଖିଲା।

ISSN NO.
2582-208X

ଗାଁରେ ତା ବୋଉ ତିନି ଝିଙ୍କା ଥିବା ମାଟି ଚୁଲିରେ ପିଢ଼ା ପକେଇ ବସି ରାନ୍ଧେ । ଏଠି ଗୋଟେ ଟେବୁଲ ଉପରେ ଗୋଟେ ଲୁହା ଚୁଲି ରଖାଯାଇଚି । ଟିକିଏ ଦୂରୁକୁ ପାଣି ନିଗିଡ଼ିବା ନଳୁଟାଏ । ବୁଲେଇ ଦେଲେ ଝର ଝର ହୋଇ ପାଣି ବାହାରି ପଡୁଛି । ଗଗରା ଧରି କୂଅ ପାଖୁକୁ ଯାଇ ଦଉଡ଼ି ବାନ୍ଧି କୂଅରୁ ପାଣି ବାହାର କରିବାକୁ ପଡୁନି ।
ଖୁବ୍ ମଜା ଲାଗୁଥିଲା ମାଳତୀକୁ । ନଳୁଟାକୁ ବୁଲେଇ ବୁଲେଇ ପାଣିର ଝରଣା ଦେଖୁଥିଲା। ପାଣି ଶବଦ ଶୁଣି ଶାଶୁ ଦଉଡ଼ି ଆସିଲେ । "ମା'ରେ ନଳୁଟା ବନ୍ଦ କରି ଦେ । ଟାଙ୍କିରୁ ପାଣି ସରିଯିବ । ଏଇଟା କେବଳ ତୋ ପେଇଁ ତୋ ଜେଜେ ଶଶୁର ନଗେଇଚନ୍ତି । ସବୁ କାମ ପାଇଁ କୂଅରୁ ପାଣି ଅଣାଯିବ ।" ଶାଶୁ କହିବା ଅନୁସାରେ ଚାହା କପ୍ ଗୁଡ଼ାକ ଗୋଟିଏ ଥାଳିରେ ରଖି ସମସ୍ତଙ୍କ ପାଖକୁ ଗଲା ମାଳତୀ, ଶେଷରେ ମଧୁସୂଦନ ପାଳି ।

ତୋ କପ୍ କାହିଁ ?

ମୁଁ ଚାହା ପିଏନା !

ଚାହା ପିଉନା ସିନା, ବିସ୍କୁଟ ଖାଇବାକୁ ମନା ନାହିଁ । କହି ମାଳତୀ ପାଟିରେ ବିସ୍କୁଟ ଖଣ୍ଡେ ଭାଙ୍ଗି ଗୁଂଜିଲା ମଧୁସୂଦନ । ଭକ୍ କରି ଟିକିଏ ଲାଳୁଆ ଲାଳୁଆ ବାନ୍ତି କରି ସେଇଠି ଭୂମି ଉପରେ ଲୋଟି ଯାଇ ଛଟପଟ ହେଲା ମାଳତୀ ।

"ବୋଉଲୋ, ମରିଗଲି । ଠାକୁରେ ମତେ ବଞ୍ଚାଅ ।"

ପାଖ ଘରୁ ଶଶୁରଙ୍କ ପାଟି ଶୁଣାଗଲା । "ବୋହୂ କାହିଁକି କାନ୍ଦୁଛି ମଧୁ ।

ଛୁଆଟା ସିଏ, ଚାହା ଠିକ୍ ହେଇନି ତ ଆଜିକ ପି ଦେ । ଧୀରେ ଧୀରେ ସିଏ ଶାଶୁଠୁ ଶିଖିଯିବ । ମାଳତୀକୁ ଭୂଇଁରୁ ଉଠାଇ ବିଛଣାରେ ଶୁଆଇ ଦେଲା ମଧୁସୂଦନ । ମାଳତୀର ଭକ୍ ଭକ୍ ଶବ୍ଦ ବନ୍ଦ ହେଉନି । ନଳ ପାଖକୁ ଉଠାଇ ନେଇ ଟୁଲ୍ ଖଣ୍ଡକ ଉପରେ ବସାଇ ଦେଲା । ପ୍ରାୟ ଅଧ ଘଣ୍ଟାକ ପରେ ହାତ ମୁହଁ ଧୋଇ ମଧୁସୂଦନ ପାଖକୁ ଆସିଲା ମାଳତୀ।

ISSN NO.
2582-208X

ଏବେ କେମିତି ଲାଗୁଛି ! ମୋର ତୋ ପାଟିରେ ବିସ୍କୁଟ ଦେବାର ନ ଥିଲା । ନାଁ, ତା ନୁହେଁ। ତିନି ଚାରି ଦିନ ହବ ସକାଳୁ ସକାଳୁ ଇମିତି ନାଗୁଛି । ମା'ଙ୍କୁ କଇବାକୁ ଡର ଲାଗିଲା ।

ଭଦ୍ରକ କଲେଜର ସ୍ନାତ୍ତକ ଛାତ୍ର ମଧୁସୂଦନ । ଦୁନିଆକୁ ଖୁବ୍ ଭଲ ଭାବରେ ଚିହ୍ନି ସାରିଲାଣି । ସତରେ ଯେମିତି ତା ମୁଣ୍ଡରେ ଚଡ଼କ ପଡ଼ିଲା । ପ୍ରଥମ ମିଳନ ଦିନରୁ ସେ ଏମିତି କିଛି ସନ୍ଦେହ କରିଥିଲେ ମଧ୍ୟ ମାଳତୀ ମନରେ କଷ୍ଟ ହେବ ବୋଲି କିଛି କହି ନ ଥିଲା । ହେଲେ ଆଜିର ସମସ୍ୟାକୁ ସେ କେମିତି ଲୁଚାଇ ପାରିବ । ଦୃଢ଼ ଗଳାରେ କହିଲା, "ହଁ, ମା' ତୋର ସମ୍ମାନଷ୍ଟଦୀୟା, ଏମିତି ଛୋଟ ଛୋଟ କଥା ଗୁଡ଼ା ତାକୁ ନ କହି ମତେ କହିବୁ । ଏବେ ଭଲ ଲାଗିଲାଣି, ଯଦି ଜଲ୍‌ଦି ବାହାରି ପଡ଼, ନଗରତଳା ଯିବା ।"

ମଧୁସୂଦନ କହିବା ଅନୁସାରେ ମାଳତୀ ନିଜର ଗହଣା ଗାଣ୍ଠି ପିନ୍ଧି ଯିବା ପାଇଁ ପ୍ରସ୍ତୁତ ହୋଇଗଲା । ହାତରେ ଖଣ୍ଡେ ସୁଟ୍‌କେଶ୍ ଧରି ପହଞ୍ଚିଗଲା ମଧୁ । ଏଥିରେ ତୋର ଦୈନିକ ପିନ୍ଧା ଲୁଗା କେଇଖଣ୍ଡ ଏବଂ ଦୈନିକ ଚଳନୀୟ ଜିନିଷ ରଖିଦେ । ଏଇତକ ମୋର । ତାକୁ ମଧ୍ୟ ରଖି ଦେ ।

ସଂଜ ବେଳୁକୁ ତ ଫେରି ଆସିବା । ଏସବୁ କାହିଁକି ?

କହିଲି ନା ରଖି ଦେ, ଟିକିଏ ଚଢ଼ା ଗଳାରେ କହିଲା ମଧୁସୁଦନ । ଡରି ଛାନିଆ ହେଇଗଲା ମାଳତୀ । ମଧୁସୁଦନ କହିବା ଅନୁସାରେ ସୁଟ୍‌କେଶ୍‌ରେ ସବୁ ଭର୍ତ୍ତି କଲା । ଏ ଭିତରେ ତୋର ଋତୁ, ମାନେ ମାସିକିଆ ତାରିଖ ତ ନାହିଁ ?

ଦି'ମାସ ହେଲା ହେଇନି, କିମିତି ଜାଣିବି । ଲାଜରେ ମୁଣ୍ଡ ତଳକୁ କରି କହିଲା ମାଳତୀ ।

ହଁ, ମୋର ସେଇଆ ମନେ ହେଉଥିଲା ।

ଆଶ୍ଚର୍ଯ୍ୟ ଚକିତ ହୋଇ ନିଜକୁ ନିଜେ ବାରମ୍ବାର ପ୍ରଶ୍ନ କରୁଥିଲା ମାଳତୀ । ସତରେ ତା ବର ତାକୁ ଅଚମ୍ଭରେ ପକେଇ ଦେଲେ । ଏଡ଼େ ଗୁପ୍ତ କଥାଟା ସେ କେମିତି ଜାଣିଲେ ।

ISSN NO.
2582-208X

ଇଏ ତ ମୋ ମନ ଭିତର କଥା । ସୁବୀନାନୀ, ଖୁବୀନାନୀ ସତ କହୁଥିଲେ, ଇଏ ସତରେ ଠାକୁର ।

ଆନନ୍ଦରେ ଗଦ୍ ଗଦ୍ ହୋଇ ସାଥୀମାନଙ୍କ ମେଳରେ ହଜି ଯାଇଥିଲା ମାଳତୀ । ଉଠିଯାଇ ଶାଶୁ ଶ୍ୱଶୁରଙ୍କୁ ନିଜର ମତାମତ ଜଣାଇ ଥିଲା ମଧୁସୂଦନ । ଆମକୁ ସଂଧ୍ୟା ପୂର୍ବରୁ ଫେରି ଯିବାକୁ ହେବ ।

ହଁ, ଏଇଟା ତ ବିଧି, କହି ଶ୍ୱଶୁର ଡାକ ଛାଡ଼ିଲେ । ସାଂଗମାନଙ୍କୁ ବିଦା କର । ଏବେ ତୁମେମାନେ ବାହାରିବ ।

ରାତିଟା ପାଇଁ ରହିଯିବାକୁ ବର ପାଖରେ ନେହୁରା ହେଇଥିଲା ମାଳତୀ । "ବୋଉ ସାଂଗରେ ପଦେ ବି ଏକା ହେଇ କଥା କହି ପାରିନି । କେତେ କଥା ତା ଠଉଁ ଜାଣିବାର, ବୁଝିବାର ଅଛି ।"

କାହାଠୁ କିଛି ବୁଝିବାର, ଜାଣିବାର ନାହିଁ, ବୁଝେଇବାର ଥିଲେ ତତେ ଆମ ଘରକୁ ପଠାଇବା ଆଗରୁ ବୁଝାଇ ନ ଥାନ୍ତେ ! ଯାହା ଜାଣିବାର ମତେ ପଚାରିବୁ । ଏବେ ମୁଁ କେବଳ ତୋର । ଟିକିଏ ଦୃଢ଼ ଗଳାରେ କହିଲା ମଧୁସୂଦନ ।

ଭାର ଥୋର ସବୁ ଗାଡ଼ିରେ ରଖାଗଲା । ମଧୁସୂଦନ, ମାଳତୀ ଦୁହେଁ ଗାଡ଼ିରେ ବସିଲେ । ମାଳତୀ ବାପା, ବୋଉ, ଭାଇ, ଭଉଣୀମାନଙ୍କ ଠଉଁ ବିଦା ହେଲା । ବୋଉ କାନ୍ଦି କାନ୍ଦି ଜୋଇଁଙ୍କୁ କ'ଣ କହୁଥିବାର ଶୁଣି କାନ ପାତିଲା ମାଳତୀ । "ଜୋଇଁ ବାବୁ, ମାଳ ଛୁଆଟାଏ। ଖେଳ କୁଦରେ ଦିନ ଗଡୁଥିଲା । କିଛି ଦୋଷ କଲେ କ୍ଷେମା ଦେଇଦବ ।" ବାପା ବାରମ୍ବାର ବୋଉର ହାତକୁ ଗାଡ଼ି ବାହାରକୁ ଆଣି କୋହୁଥାନ୍ତି, ସେମାନଙ୍କୁ ଯିବାକୁ ଦିଅ । ରାତି ହେଇଯିବ । ଏବେକା ସମୟ ବି ସେଠାରେ ଭଲ ନାହିଁ । ପୁଣି ଜୋଇଁବାବୁଙ୍କୁ କୋହୁଥାନ୍ତି ସାବଧାନରେ ଯିବ ବାବୁ । ରାସ୍ତାରେ ଜମା ଗାଡ଼ିରୁ ଓହ୍ଲେଇବନି । ରାସ୍ତାରେ ଖାଇବା, ପିଇବା ପାଇଁ ଅଲଗା ପୁଡ଼ିଆ ବନ୍ଧା ହେଇ ରହିଛି ।

ISSN NO.
2582-208X

ଗାଡ଼ି ଆଗୁକୁ ଚାଲିଲା । ଗୋଟେ ଘର ଆଗରେ ମଧୁସୁଦନ ଡ୍ରାଇଭରକୁ ଗାଡ଼ି ରଖିବାକୁ କହି ଗାଡ଼ିରୁ ଓହ୍ଲେଇ ଯାଇ କାହା ସାଙ୍ଗରେ ଟୁପ୍ ଟାପ୍ ହେଲା । ଭିତରୁ କେହି ଜଣେ ୩୦-୩୨ ବୟସ୍କା ସ୍ତ୍ରୀ ଲୋକ ବାହାରି ଆସି ମାଳତୀକୁ ଘର ଭିତରକୁ ନେଇଗଲା । ଛାନିଆ ହେଇଗଲା ମାଳତୀ । ଇଏ ପୁଣି କାହା ଘର । ଶାଶୁଘର ତ ନୁହେଁ । ମାଳତୀର ଛାନିଆ ଦେଖି ମଧୁସୂଦନ ଆରମ୍ଭ କଲା, "ଏଇଟା ମୋ ମାଉସୀ ଘର । ମୋ କଲେଜଟା ଏଇଠୁ ପାଦଚଲା ରାସ୍ତା । ଆମେ ଏଇଠି ରହିଲେ ମୋର କଲେଜ ଯିବା ଆସିବାରେ ସୁବିଧା ହେବ । ହେଲେ ମାଉସୀ ସଦାବେଳେ ତାଙ୍କ ଝିଅ ଘରେ ରୁହନ୍ତି । ଘରର ଦେଖା ଦେଖି କରିବାକୁ ତାଙ୍କ ଗାଁର ଦି ଜଣ ସ୍ୱାମୀ ସ୍ତ୍ରୀ ବାହାର ଘରେ ରୁହନ୍ତି । ଇଏ ନେଞ୍ଜା । ଆମେ ଏଠି ଦୁଇତିନି ଦିନ ରହିବା । ନେଞ୍ଜାଠୁ ତୁ ଏଠା ଚଳଣି କଥା ସବୁ ବୁଝି ନେ । ଏତିକି କହି ଗାଡ଼ିରୁ ଓହ୍ଲାଇ ଘର ଭିତରକୁ ଗଲା ମଧୁସୂଦନ । ହାତରେ ସକାଳେ ସଜଡ଼ା ହୋଇଥିବା ସୁଟ୍‌କେଶିକୁ ନେଇ ପଛେ ପଛେ ଅସଲାମ ଭାୟା, ନେଞ୍ଜାର ବର, ଚାଲିଲେ ।

ରାତି ଆଗକୁ ବଢୁଥିଲା, ମଧୁ, ମାଳତୀ ପାଇଁ ଖାଇବା ପରଶି ଦେଇ ନେଞ୍ଜା ଶୋଇବା ଘର ବିଛଣାଟା ଭଲ କରି ସଜାଡ଼ି ଦେଲା । ଆଉ କ'ଣ ଟିକିଏ ଦେବି ଦାଦା ବାବୁ! ଦିନୁଟା ଯାକ ଭୋକରେ ବସି ଥିବେ ।

ନାଁ, ଏବେ ତୁ ଯା ରାତି ବହୁତ ହେଲାଣି । କାଲି ମୋର କଲେଜ ଯିବାର ନାହିଁ । ତୁ ଡେରିରେ ଆସିବୁ । ବୋହୂ ମା' ପହିଲା ଥର ପେଇଁ ଆଇଚନ୍ତି । କିଛି ଦି ପଦ କଥା ହେଇ ପାରିନି ।

ଆମେ ଏଠି ଦି ତିନିଦିନ ରହିବୁ । ମନ ଭରି ମାଲୁ ସଂଙ୍ଗେ କଥା ହବୁ । ତମ ମନ ପସନ୍ଦ ଭଜା ମଣ୍ଡା ତିଆରି କରି ଏଇ ଡିବାଟାରେ ରଖିଚି ଦାଦା ବାବୁ । ତମେ ଖାଇବ । ବୋହୂ ମା'କୁ ଖୁଆଇବ ।

ହଉ, ଏବେ ତୁ ଯା, ନେଞ୍ଜା ବାହାର କବାଟଟାକୁ କିଳି ଦେଇ ଚାଲିଗଲା ପରେ ମାଳତୀ ଆଡ଼କୁ ଚାହିଁଲା ମଧୁସୂଦନ । ଏ ଯାକେ ଭାତ ଥାଳିରେ ହାତ ଲଗେଇନି ମାଳତୀ । କିଛି ନ କହି ମାଳତୀକୁ ଟିକିଏ ନିଜ ପାଖକୁ ଟାଣି ଆଣିଲା ମଧୁସୂଦନ । ମୁରୁକି ହସି କହିଲା,

ISSN NO.
2582-208X

"ସଜା ହୋଇଥିବା ଭାତ ଥାଳିଟାକୁ ଦେଖି ପେଟ ପୂରିଗଲା! ହଉ, ସେ ଥାଳିଟା ସେଇଠି ଥାଉ, ଆଉ ଟିକିଏ ମୋ ପାଖକୁ ଘୁଞ୍ଚିଆ, ଦିହେଁ ସାଙ୍ଗ ହୋଇ ଖାଇବା ।"

ମୁହଁ ନାଲି ପଡ଼ିଗଲା ମାଳତୀର । କାନ ମୂଳ ଗରମ ହୋଇଗଲା, ଆଉ ମନ ଭରିଗଲା ଆହ୍ଲାଦରେ । ସତେ ଯେମିତି ସେ ଆଉ ଏ ଧରାରେ ନାହିଁ, କିଏ ଯେମିତି ତାକୁ ଗୋଟେ ସରାରେ ବସେଇ ପୃଥ୍ୱୀ ପ୍ରଦକ୍ଷିଣ କରାଉଛି ।

କ'ଣ ଏତେ ଭାବୁଛୁ! ପାଟି ଖୋଲ, ସେଇ ଦି'ପହରେ କ'ଣ ଦିଟା ଖାଇଥିବୁ । ସେତେବେଳେ ତ ଆନନ୍ଦ ନଦୀରେ ପହଁରୁଥିଲୁ । କ'ଣ ପେଟ ଭରି ଖାଇଥିବୁ ! ତତେ ଏବେ ଦି' ଥାଳି ଯାକ ଭାତ ଖାଇବାକୁ ହବ । ଦୁଇଜଣଙ୍କ ପାଇଁ ଖାଇବୁ ଯେ!

ଆହୁରି ଚିନ୍ତାରେ ପଡ଼ିଗଲା ମାଳତୀ । ଦୁଇଜଣଙ୍କ ପାଇଁ କିମିତି ଖାଇବା! ଲାଜରେ ଜଡ଼ସଡ଼ ହୋଇ ମୁହଁ ତଳକୁ କରି ବସିଲା ମାଳତୀ । ଚାଖିଲୁ ଏ ଗୁଣ୍ଡାଟା ।

ତମେ ଆପଣେ ଆଗ ଖାଅ, ମୁଁ ସେଇ ବଳି ପଡ଼ିଥିବା ଥାଳିରୁ ପୋଛି ଖାଇନେବି, କହି ଧୀରେ ହାତ ଉଠାଇ ସ୍ୱାମୀଙ୍କ ମୁଠାକୁ ଧରି ଗୁଣ୍ଡାଟିକୁ ତାଙ୍କ ପାଟିକୁ ଠେଲି ଦେଲା ।

ଥରେ ମୋ ହାତରୁ ଖାଇ ଦେଖନା । ତତେ ବହୁତ ଭଲ ଲାଗିବ ।

ଇଏ କ'ଣ କହୁଛନ୍ତି ସ୍ୱାମୀ ? ତାକୁ ଖୁଆଇ ଦେବେ । ଏମିତି କ'ଣ କରାଯାଏ ? ଗାଁରେ ତ କୋଉଠି ସିମିତି ଦେଖିନି କି ଶୁଣିନି । ବେଳେବେଳେ ବୋଉ ବାପାଙ୍କ ପାଖରେ ବସି ବିଞ୍ଚଣାରେ ବିଞ୍ଚି ଦେବାର ଦେଖିଚି । ବଳେଇ ବଳେଇ ଡାଲି, ତରକାରୀ ଅଜାଡ଼ି ଦେଇଥାଏ । ପାଖରେ ବଇଥିବା ଛୁଆମାନଙ୍କୁ ଖୁଆଇ ଦେଇଥାଏ । ଭଜା ମାଛ ହୋଇଥିଲେ, ବାପା ଟିକିଏ ଟିକିଏ ଭାଙ୍ଗି ପିଲାମାନଙ୍କ ମୁହଁରେ ଦେଇଥାଆନ୍ତି । ହେଲେ ବୋଉ ପାଟିରେ ଗୁଞ୍ଜିବା ତ ଦେଖିନି । ସୁବୀ ନାନୀ ଠିକ୍ କହୁଥିଲେ, ତା' ବର ସତରେ ଠାକୁର । ଖୁବ୍ ଅଳ୍ପ ସମୟ ଭିତରେ ମଧୁସୂଦର ଛାତି ଉପରେ ପଡ଼ି ରହି ପୁରାପୁରି ଭାତ ଥାଳିଟା ଶେଷ କରି ଦେଇଥିଲା ।

ISSN NO.
2582-208X

ଦୁଇଟା ଦିନ । ସ୍ୱପ୍ନ ଭଳି ମନେ ହେଉଥିଲା ମାଳତୀକୁ । ବରଙ୍କର ସେବା କରିବାରେ କି ଆନନ୍ଦ । ତାଙ୍କୁ ଖୁସି କରିବା ପାଇଁ ମନପ୍ରାଣ ଲଗେଇ ଦେଇଥିଲା ମାଳତୀ । ଆଗ୍ରହ ସହକାରେ ନେଞ୍ଜା ଦିଦି ଠଉଁ ସ୍ୱାମୀଙ୍କର ପସନ୍ଦ ଅପସନ୍ଦ କଥା ବହୁ କିଛି ବୁଝି ନେଇଥିଲା। ନେଞ୍ଜା ଦିଦିକୁ ମନେମନେ ଅଶେଷ ଧନ୍ୟବାଦ ଦେଉଥିଲା । ଗାଁ ହେଇଥିଲେ ଏ ସବୁ କଥା ଶାଶୁଙ୍କୁ ମୁହଁ ଖୋଲି ପଚାରି ପାରି ନଥାନ୍ତା । ତା' ନିଜ ଦେବତାଙ୍କ ବିଷୟରେ କେତେ କଥା ଜାଣି ଗଲା ଏଇ ମାତ୍ର ଦିନ ଦିଇଟାରେ । ଏଇ ତ କାଲି ସଞ୍ଜର କଥା । ନେଞ୍ଜା ଦିଦି କହିଲା ଦାଦାବାବୁ କେତେ ବାଟ ଚାଲିଚାଲି କଲିଜ ଯାଉଚନ୍ତି । ରାତିରେ ଟିକିଏ ତାଙ୍କ ପାଦରେ ତେଲ ଘଷି ଦୋଉଚ ତ! ଶୋଇବା ଆଗରୁ ତେଲ ଗିନାଟା ନେଇ ଆଗ୍ରହ ସହ ସ୍ୱାମୀଙ୍କର ପାଦ ଘଷି ଦବା ଆରମ୍ଭ କରିଦେଲା ମାଳତୀ । ଆଦରର ସହ ତାକୁ ନିଜ ଉପରକୁ ଟାଣି ନେଇ କହିଲେ, "ତୁ ମୋର ଅର୍ଦ୍ଧାଙ୍ଗିନୀ ମାଲୁ । ସହଧର୍ମିଣୀର ସ୍ଥାନ ପାଦ ପାଖରେ ନୁହେଁ, ସେମାନେ ପରା ଗୋଟିଏ । ଏଇ ଯେମିତି", କହି ତାକୁ ଜାକି ଧରିଲେ । ଲାଜ ମିଶା ଆନନ୍ଦରେ ଖୁବ୍ ନରମରେ କହିଥିଲା, ତୁମର ସବୁ କିଛି ଭଲ ଲାଗୁଛି ଦେବ । ମୋ ଖୁସିଟାକୁ କାଇଁକି ଛଡ଼େଇ ନୋଉଚ ।

ତୋ ଖୁସିରେ ମୋ ଖୁସି ମାଲୁ । ହେଲେ ମୁଁ ଚାହେଁ ଏ ସବୁ ସଂଗେ ସଂଗେ ଦୁନିଆ ଦୁଆରେ ତୁ ମୋ ସହ ପାଦ ମିଳେଇ ଚାଲିବା ଶିଖ ।ତମେ ଆପଣେ ମତେ ଯାହା ଶିଖେଇ ଦବ ମୁଁ ସବୁ ଶିଖି ଯିବି । ମୁଁ ତୁମରି ଗୋଟାପଣେ ଦେବ ।

ସତ କୋହୁଚୁ ? ତେବେ ଏତେ ଦୂରରେ କାହିଁକି ??

ସକାଳୁ ସକାଳୁ ଗାଡ଼ି ଆସି ଦୁଆର ପାଖରେ ଛିଡ଼ା ହେଇଗଲ । ଅସଲାମ ଭାୟା ସୁଟ୍‌କେଶ, ପାଣି ବୋତଲ, ନେଞ୍ଜା ରାନ୍ଧିଥିବା କିଛି ଖାଦ୍ୟର ପୁଡ଼ିଆ ନେଇ ଗାଡ଼ିରେ ରଖିଲା । ବଳେଇ ବଳେଇ ଦୁହିଙ୍କୁ ଜଳଖିଆ ଖୁଆଇ ଥିଲା ନେଞ୍ଜା । ତୁ ଭଲ କରି ଘରୁଟା ଦେଖିନେଲୁ ତ ମାଲୁ । ଆମେ ଦୁଇ ତିନି ଦିନ ଭିତରେ ଏଠିକୁ ଆସି ରହିବା । ମାଳତୀ ଆଖିରୁ ଲୁହର ଅସରା ବୋହି ଚାଲିଲା ।ବୋଉକୁ ଛାଡ଼ି ଆସି ଶାଶୁ ପାଇଥିଲା । ପୁଣି ତାଙ୍କୁ ଛାଡ଼ି ଆସି ଏଠି ଏକା ଏକା ପଡ଼ି ରହିବ ! ମାଳତୀର ଅମଙ୍ଗତା ଦେଖି ମଧୁସୁଦନ ପୁଣି

ISSN NO.
2582-208X

ଆରମ୍ଭ କଲା, "ଶୁଣିଲୁନି ବାପା କ'ଣ କହୁଥିଲେ । ମୁସଲମାନ ଇଲାକା । ସାବଧାନରେ ଚଳିବ । ପହିଲା ଦିନ ତ ଦେଖିଚୁ କି ହଙ୍ଗାମା । ମୁଁ ସବୁଦିନ ଏତେ ଦୂରରୁ ଯିବା ଆସିବା କଲେ କେହି କେବେ ଯଦି ମାରି ମୁରା ଦେବେ ।" ଏତିକି କହି ମାଳତୀର ଅଭିକ୍ରିୟା ଉପରେ ନଜର ରଖିଲା ମଧୁସୂଦନ ।

ପଣତ କାନିରେ ଆଖି ପୋଛି ମାଳତୀ ଜବାବ ଦେଲା, ତମେ ଆପଣେ କୋହୁଚ ଯଦି ମୁଁ କିମିତି କଥାରୁ ବାହାରିଯିବି । ବୋଉ କାନେ କାନେ କଇଚି । ତମେ ମୋର ଦେବତା, ତୁମ କଥା ସଦାବେଳେ ମାନି ଚଳିବାକୁ । ବାପା, ମା'ଙ୍କୁ ବି ଏଇଠିକି ଘିନି ଆସିବା ।

ଆଚ୍ଛା, ସେ କଥା ପରେ ଦେଖିବା, ନେଞ୍ଜା ଦିଦିଠାରୁ ଚାବିକାଠିଟା ଆଣି କାନିରେ ବାନ୍ଧି ଦେ। ଗାଡ଼ିରେ ବସି ଷ୍ଟିଅରିଂ ଧରିଲା ମଧୁସୂଦନ, ପାଖ ସିଟ୍‌ରେ ବସିଥିଲା ମାଳତୀ । କହିବା ଆରମ୍ଭ କରି ଦେଲା ମଧୁ । ମତେ ଭଲ କରି ଭିଡ଼ି କରି ଧରିଥା । ଏ ରାସ୍ତାଟା କେମିତି ମତେ ଜଣା ନାହିଁ । ବରଙ୍କର ଆଦେଶ ନ ମାନିବାର ଜୁ ଅଛି । ଗାଡ଼ି ଧୀରେ ଧୀରେ ଆଗକୁ ଗଡ଼ିଲା । ମଧୁସୂଦନ ଆରମ୍ଭ କଲା, ଅଳ୍ପଦିନ ତଳେ ଦେଖିଥିବା ସିନେମାର ଗୋଟିଏ ଗୀତ । ଏଇ ସିନେମାଟିକୁ ଦେଖି ଗୀତଟିକୁ ଶୁଣି ତ ସେ ସେ ଦିନ ଉତ୍ତଳା ହୋଇ ମାଳତୀକୁ ଦେଖିବା ପାଇଁ ଅସଲମ ଭାଇର ସାହାଯ୍ୟ ଭିକ୍ଷା କରିଥିଲା । ଧୀର ସ୍ୱରରେ ଆରମ୍ଭ କଲା ଗୀତଟି,

"ତୁମହୀ ମେରେ ମନ୍ଦିର ହୋ, ତୁମ୍‌ହୀ ମେରେ ପୂଜା, ତୁମ୍‌ହୀ ଦେବତା ହୋ,
ତୁମ୍‌ହୀ ଦେବତା, କୋଇ ମେରେ ଆଖୋଁ ସେ ଦେଖେ ତୋ ସମଝେ କି ତୁମ୍‌ହୀ
ମେରେ କ୍ୟା ହୋ..."

ଖୁବ୍ ଭଲ ଲାଗୁଛି ଦେବ । ହେଲେ ମୁଁ କିଛି ବି ବୁଝି ପାରୁନି ।

ତୁ ଏଇ ଯୋଉ ମତେ 'ଦେବ' ଉପାଧିଟି ଦେଇଦେଲୁ ସେଇଥି ପାଇଁ ତ ମୁଁ ଏ ଗୀତଟି ଗାଉଛି । ଏଇଟି ହେଉଛି ଗୋଟିଏ ନୂଆ ହିନ୍ଦୀ ସିନେମାର ଗୀତ । 'ଖାନଦାନ' ନାୟକ ନାୟିକା ଥିଲେ ଦୁଇଟି ରାଧା ଗୋବିନ୍ଦ । ଯେମିତି ଆମେ ମଧୁ ମାଳତୀ । କେବଳ ଏତିକି ଓଲଟା ଯେ ଗୀତଟିକୁ ନାୟିକା ଗାଇଛି । ଆଉ ଆମ ଏଠାରେ ନାୟକ । ମାନେ ମଧୁ! କେ

ISSN NO.
2582-208X

ଜାଣେ, ସାରା ଜୀବନ ହୁଏତ ଆମର ଏମିତି ଓଲଟ ଗଙ୍ଗା ବହିବ । ଅର୍ଥାତ୍ ତୋରି ଖୁସି ପାଇଁ ମତେ ନିଜକୁ ଉତ୍ସର୍ଗ କରିବାକୁ ପଡ଼ିବ । ହେଲେ ମନେ ରଖିଥା । ମୁଁ ତୋ ପାଇଁ ଜୀବନ ଦାନ ଦେବାକୁ ପଛେଇବିନି । ତୁ ମୋର ମନ୍ଦିର, ତୁ ମୋର ପୂଜା, ତୁ ମୋର ଦେବୀ କହିବି ।

ମଞ୍ଜୁର ? ହାତେ ଜିଭ କାମୁଡ଼ି ପକାଇ ମଧୁ ପାଟି ଉପରେ ଆଙ୍ଗୁଠି ରଖିଲା ମାଳତୀ, "କି ଅମଙ୍ଗୁଳିଆ କଥା ଗୁରାଏ କୋଉଚ! ମୁଁ ତମ ଦାସୀ, ତମେ ମୋ ଦେବତା । ଏ ଦାସୀର ଜୀବନ ଯିବ ତା ଦେବତାର ପାଦ ତଳେ ।

ଆଚ୍ଛା ଠିକ୍ ଅଛି । ଏବେ ସିଧା ହୋଇ ବସ । ଘର ଆସିଗଲା ।

ହଠାତ୍ ତୁ ଏମିତି ଗୋଟାଏ ନିର୍ଣ୍ଣୟ କାହିଁକି ନେଲୁ ମଧୁ । ତୋ ମା' ଜାଣିଲେ କେଡ଼େ ଦୁଃଖ କରିବ । ତା ଛଡ଼ା ମାଳ ଏବେ ପିଲାଟେ । ଦୁନିଆଦାରୀ କିଛି ଶିଖିନି । ନେଞ୍ଜା ଦିଦି ତା' ପାଖେ ପାଖେ ରହିବ । କିଛି ଅସୁବିଧା ହବନି । ମଝିରେ ମଝିରେ ଆମେ ଆସି ଯାଉଥିବୁ। ହେଲେ ଏଇ ଆଠମାସ ମୋର ପାଠପଢ଼ା ଚପଟ । ତା'ପରେ ଆମେ ନିୟମିତ ଯିବା ଆସିବା କରିବୁ । ହୁଏତ ସେତେବେଳକୁ ଏ ଦଙ୍ଗା ହଙ୍ଗାମା ବି ଠିକ୍ ହେଇ ଯାଇଥିବ । ମାଳତୀକୁ ଏଠି ଛାଡ଼ି ଦେଇ ମୁଁ ଆଗଭଳି ଯିବା ଆସିବା କରିବି ।

ବାପ ପୁଅଙ୍କ କଥା ମଝିରେ ମା' ପଶି ଆସି କାନ୍ଦିବା ଆରମ୍ଭ କରିଦେଲା । ମାଳ ମତେ ସବୁ କଥା କଇ ଦେଲାଣିରେ ମଧୁ । ସେ କାନ୍ଦି କାନ୍ଦି ବାରମ୍ବାର ମୂର୍ଚ୍ଛା ଯାଉଛି । ଦିନ ଦିଇଟା ତା'କୁ ଚଳେଇ ପାରିଲୁନି । ବାଟରେ କ'ଣ ଖୁଆଇଲୁ ଯେ ସକାଳଠୁ ବାନ୍ତି କରି ଚାଲିଛି । ପରଘର ଝିଅ, ଆମେ ମାଗି ଆଣିଛେ । ତାକୁ ହେଳା କଲେ ଆମ୍ଭୁକୁ ପାପ ନାଗିବ ।

ହଉ, ସେତିକି ହେଲା । ପିଲାଙ୍କ ଭଲ ପାଇଁ ଆମେ ସବୁ କରିବା । ପ୍ରାତଃ ଭ୍ରମଣରୁ ଫେରି ଆସି ଘର ଭିତରେ ପଶି କହିଲେ ଜଜମ । ନୀଳମଣି ବାବୁ ଶଶିକଳାଙ୍କୁ ଚାହିଁ କହିଲେ, "ଶୁଣିଲନି ବାପା କ'ଣ କହିଲେ! ଯା', ପିଲାଙ୍କ ଜିନିଷପତ୍ର ଭଲ କରି ବନ୍ଧାବନ୍ଧି କରିଦିଅ। ମୁଁ ଅବଦୁଲାକୁ କହି ଗାଡ଼ି ଡକୋଉଛି ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ପାଶୋରା ପୀରତି



ମାନସ ରଞ୍ଜନ ନାୟକ

କଟିଲା କୈଶୋରରୁ ଯୌବନ, ଜୀବନର ଇନ୍ଦ୍ରଧନୁ ଦେଇ
ବିତିଲା ଅବଧି, ନିଅଣ୍ଟିଆ ପାରିଲାପଣର ପରିତାପ ନେଇ
ଭାଗକ ଭାଗ୍ୟ ଭବିତବ୍ୟ ସହ ମିଶାଇଲି ସ୍ୱଧର୍ମ ସହମତି
ବଦଳେ ସକାଳ ଏବେ ଅତୀତ ସେ ଅସ୍ପଷ୍ଟ ମଧୁର ଅନୁଭୂତି ।

ବିଦ୍ୟାଳୟ କ୍ରୀଡା ଅବକାଶରେ ବାନ୍ଧବୀଟିଏ'ର ମିଠା ଚାହାଣି
ମନ କଳାପଟାରେ ଲେଖି ଲିଭାଉଥିଲି କିଛି ଅକୁହା କାହାଣୀ ନ ମାଗି ବି
ମିଳୁଥିଲା.....ଭାଗେକରୁ ବେଶୀ ପାଚିଲା- ବଉଳକୋଳି
ଜିତିଥିବା ବାଜି ହାରି, ଝୁଲାଉଥିଲା ସେ ମୋତେ ତା' ଗାଁ ରଜଦୋଳି।

ମେଳାପି ନ ହେବା ବୋଧେ ଥିଲା, ମେଧାବୀ ଛାତ୍ରର ପଞ୍ଚମ ଲକ୍ଷଣ
ସଂକୋଚର ପରଦା ତଳେ, ଜିଉଁଥିଲି ଉଚ୍ଚାଟ ଆବେଗର କ୍ଷଣ
ଖାତା ନେବା ବାହାନାରେ ପ୍ରଚେଷ୍ଟା ତା'ର ମୋତେ ଜିଣିବାରେ ପ୍ରଚ୍ଛନ୍ନ
ଥରୁଥାଏ ଛାତି....ବଢୁଥାଏ ନିଶ୍ୱାସର ତାତି, ପ୍ରଳୟ ଆସନ୍ନ !

ଅବୁଝା ସମ୍ପର୍କର ମହକ ନେଇ ଫୁଟୁଥିଲା ପ୍ରେମ ପ୍ରୀତି ଫୁଲ
ଜୀବନ ଜୀବିକାର ଲକ୍ଷ୍ମଣରେଖା ଟାଣି ମାପୁଥିଲି କଞ୍ଚା ମୂଳ

ISSN NO.
2582-208X

ନିଦ ସହ ସପନ ବି ଥିଲା, ପୁଣି କେତେ ଉଲ୍ଲସିତ ସମ୍ମୋହନ
ଆସକ୍ତି ଅବା ଆବିଳତା ଢରେ ବାଛୁଥିଲି ସହଜ ମୂଲ୍ୟାଙ୍କନ ।

ସମ୍ପର୍କର ମଜଭୁତ୍ ମଞ୍ଚା ଉପରେ ମାଡିଗଲା ଆୟୁଷ ଲତା
ସପନର ଫୁଲଫଳ ଅଭୀପ୍ସାରେ ସଜାଡିଲି କେତେ ବାଡ ବତା
ଅଳିଏ ଅୟାସୀ ପାଇଁ ଆଖିବୁଜିଲେ ହାତପାହାନ୍ତାର ଆବେଗ
ଶିହରଣ ଉଠେ ସ୍ମୃତି ତର୍ପଣରେ ଅଭୁଲା ସେ ପୀରତି ସୁହାଗ ।

ଉତୁରିଛି ଆୟୁଷ, ଗାଢ ବି ହୋଇଛି ଜୀବନ ପୀୟୂଷର ଉନ୍ମେଷ
ଭାରାକ୍ରାନ୍ତ ପଥିକର ହାର୍ ଜିତ୍ ଖେଳରେ, ଅତିକ୍ରାନ୍ତ ବୟସ
ଦଲକାଏ ଚଇତି ମଳୟରେ ଅତୀତର ପୃଷ୍ଠା ଆଜି ବିକ୍ଷିପ୍ତ
ପାଶୋରା ପୀରତି, ସ୍ମୃତି ସଳିତାରେ ଅଖଣ୍ଡ ଦୀପ ପରି ବିଦୀପ୍ତ ।

ମଞ୍ଜୁରୀ ରେଡ୍ଡ଼, ଭଦ୍ରକ
ଦୂରଭାଷ - ୯୮୯୦୮୫୧୪୨୭

ISSN NO.
2582-208X

# ଜୀବନ



ଦିନେଶ ମେହେର

ହଜି ଚାଲିଛି
କେଉଁ ଏକ ଅଗନା ଅଗନି ବନସ୍ତ ରେ,
ଚେତାଶୁନ୍ୟ ହୋଇପଡେ ଶରୀର
ବନ୍ଦ ଆଖି ଆଗରେ ଯେ
ହଜାରେ ଖଦ୍ୟୋତ ନାଚି ଉଠନ୍ତି
ପରିହାସ କରି!

ଆକାଶ, ପୃଥିବୀ
ସବୁ ତ ଏବେ ପାଲଟି ଯାଇଛି
ରଣକ୍ଷେତ୍ର,
କେତେବେଳେ ମଥା ରେ
ବିଜୟର ତିଳକ ତ
ପୁଣି ହଠାତ୍ ପରାଜୟର ଗ୍ଲାନୀ
ଅଥୟ କରେ ମନ କୁ, ପ୍ରାଣ କୁ!

ଦିନେ ଦିନେ
ହାତ ବଢ଼େଇ ଦିଏ
କୈଫିୟତ ମାଗିବା ପାଇଁ
ସେଇ ଅନ୍ତର୍ଯାମୀ କୁ!

ପ୍ରତିଉତ୍ତର ରେ ଥରେ
ବତେଇ ଦିଅନ୍ତା କି
ଏଇ ଅପହଞ୍ଚ ଇଲାକାରୁ
ବାହାରି ଯିବାର ମାହେନ୍ଦ୍ର ବେଳା କୁ
ତାହେଲେ
ଲେଖି ନିଅନ୍ତି
ଏଇ ଟାଙ୍ଗରା ଛାତି ତଳରୁ
ବୁନ୍ଦା ବୁନ୍ଦା ରକ୍ତ ଝରେଇ
ଜୀବନର
ସଂପୂର୍ଣ୍ଣ ସଂଜ୍ଞାଟାକୁ!

ପଳାସ, କଳାହାଣ୍ଡି

ISSN NO.
2582-208X

# କାହାକୁ ମାଗିବି



ଦିବାକର ନାୟକ

କାହାକୁ ମାଗିବି କେମିତି ମାଗିବି
କହରେ କଳା ଶ୍ରୀମୁଖ
ଯାହାକୁ ଦେଇଛୁ ଦେବା ପାଇଁ କିଛି
ତାକୁ ତୁ ସୁଖରେ ରଖ (୨)

କାହାରି ହୃଦୟେ ଉଦାରତା ଏତେ
ଭରିଛୁ ତୋତେ ହିଁ ଜଣା
କେଉଁ ଗରିବକୁ ଧନ ତୁ ଦେଇଛୁ
ଗରବକୁ କରି ଚୁନା

ଯାହା ଥରେ ଦେବୁ ମାଗିବା ପଣ ମୋ
ହରଣ କରି ତୁ ଦେଖ..
କାହାକୁ ମାଗିବି କେମିତି ମାଗିବି
କହ ରେ କଳା ଶ୍ରୀମୁଖ (୧)

ପର ସେବା ପାଇଁ ପରକୁ ଆପଣା
କରିବା ଭାବନା ଦେଲୁ
ନିଜେ ତୁ ନ ଦେଇ ତା ହାତରେ ଦେଇ
ନର ନାରାୟଣ କଲୁ

ତୋ ଲୀଳାକୁ ଯିଏ ଥରେ ବୁଝିଯିବ
ଝୁରିବ ଜୀବନ ଯାକ..
କାହାକୁ ମାଗିବି କେମିତି ମାଗିବି
କହ ରେ କଳା ଶ୍ରୀମୁଖ (୨)

ଆକାଶବାଣୀ ଗୀତିକାର
ପାଟପୁର, କଜସି-୭୬୧୦୦୮
ମୋ-୯୯୩୮୭୬୧୯୯୮୧

ISSN NO.
2582-208X

# ପୁଲକିତ ପୃଥ୍ୱୀ ଓ ବିହ୍ୱଳ ବସୁନ୍ଧରା - ଆଣ୍ଡାମାନ

ପ୍ରିୟବ୍ରତ ପାତ୍ର

"ତୋର ଉଡି ଉଡି ଯାଏ କାନି, ଫଗୁଣ ଆସିଲା, ଚୁପି ଚୁପି ମୋ ମନ କଥା ତୋ କାନେ କହିଲା......" ଷାଠିଏ ଦଶକର ଏହି ଜନପ୍ରିୟ ଓଡିଆ ଗୀତଟି ହଠାତ୍ ଆଣ୍ଡାମାନର କୌଣସି ଏକ ବିଜନ ବେଳାଭୂମିରେ ଶୁଣି ଚମକି ପଡିଲି । ବେସୁରା ଗାୟକ ଜଣକ ଥିଲେ ଭଦ୍ରକରୁ ଆସିଥିବା ଜଣେ ଯୁବକ ଓ ଏକମାତ୍ର ବିଦଗଧ ଶ୍ରୋତା ଥିଲେ ତାଙ୍କର ନବବିବାହିତା ପତ୍ନୀ, ସେଇ ଭଦ୍ରକର ଜଣେ ଉଚ୍ଚ ଶିକ୍ଷିତା ଝିଅ । "କୋଉଠୁ ଆସିଛନ୍ତି" ବୋଲି ପଚାରିବା ମାତ୍ରେ ଦମ୍ପତିଟି ଖୁସିରେ ଉଚ୍ଛୁଳି ପଡିଲେ । ସେମାନେ ଥିଲେ ଅଲଗା ଧର୍ମର, ଜଣେ ହିନ୍ଦୁ ଆଉ ଜଣେ ମୁସଲମାନ । ଏକଦା ସେମାନଙ୍କ ଭିତରେ ଥିବା ପ୍ରେମକୁ ନେଇ ଦୁଇ ସମ୍ପ୍ରଦାୟ ମଧ୍ୟରେ ମାଡପିଟ ଆରମ୍ଭ ହୋଇଯାଇଥିଲା ଓ ବିବାହକୁ ନେଇ ଦଙ୍ଗାହଙ୍ଗାମାର ସମ୍ଭାବନ ଥିଲା । ତେଣୁ ସେମାନେ ଖସିଆସିଲେ ଏପରି ଏକ ଇଲାକାକୁ ଯେଉଁଠାରେ ଧର୍ମୀୟ ସଂକୀର୍ଣ୍ଣତା ଆଦୌ ନାହିଁ କହିଲେ ଚଳେ । ସାରା ଜୀବନ ଏଠାରେ ରହିଯିବାକୁ ନିଷ୍ପତ୍ତି ମଧ୍ୟ ନେଲେ ।

ଆଣ୍ଡାମାନ ପର୍ଯ୍ୟଟନ ମୁଖ୍ୟତଃ ତିନୋଟି ବିରଳ ବିଭାଗକୁ ନେଇ ଲୋକପ୍ରିୟ । ପ୍ରଥମଟି ହେଲା ଆନନ୍ଦଧର୍ମୀ, ଦ୍ୱିତୀୟଟି ହେଲା ଶିକ୍ଷା ଧର୍ମୀ ଓ ତୃତୀୟଟି ହେଲା ଆବେଗଧର୍ମୀ । ଏହି ତିନୋଟି ବିଭାଗ ସବୁଠାରେ ଫେଣ୍ଟାଫେଣ୍ଟି ହୋଇ ରହିଲେ ସୁଦ୍ଧା କେଉଁଠି କେଉଁଠି ନିରୁତା ରୂପରେ ପ୍ରକାଶ ପାଇଥାଏ । ପୃଥିବୀ ବିଖ୍ୟାତ ବିଚ୍ ସବୁ ଦେଖିବା, ବର୍ଷାବନ, ହେନ୍ତାଳବନ ଦେଖିବା, ମନ ଭରି ପହଁରିବା, ପାଣିରେ ବୁଡ଼ା ମାରି ରଙ୍ଗବେରଙ୍ଗୀ

ISSN NO.
2582-208X

ସମୁଦ୍ରଜୀବଙ୍କୁ ଦେଖିବା, ବଜାର ବୁଲିବା ଓ ପୋହଳା, ପ୍ରବାଳର ଅଳଙ୍କାର ଖରିଦ କରିବା ଆଦି ସମ୍ପୂର୍ଣ୍ଣ ରୂପେ ଆନନ୍ଦଧର୍ମୀ । ଇତିହାସର ବିଭିନ୍ନ ଘଟଣା ସହ ଏକାତ୍ମ ହୋଇ ରୋସ୍, ଭାଇପର୍ ଦ୍ୱୀପରେ ଇଂରେଜ ଓ ଜାପାନୀଙ୍କ ଆକ୍ରୋଶ, ସେଲୁଲାର ଜେଲରେ ମଣିଷର ଯନ୍ତ୍ରଣା, ସ୍ୱାଧୀନତା ପାଇଁ ତ୍ୟାଗ ଓ ଦୁଃସାହସ, ପରାଧୀନଙ୍କ ପ୍ରତି ବର୍ବରତା ଓ ନିଷ୍ଠୁରତା ଆଡି ସବୁକୁ ଅନୁଭବ କରିବା ହେଉଛି ମୂଳତଃ ଆବେଗଧର୍ମୀ । ଏଠାକାର ଆଦିମ ଜନଜାତିଙ୍କ ଉପରେ ଅଧିକ ଜାଣିବା, ଖୁବ୍ ନିକଟରୁ ସେମାନଙ୍କୁ ଦେଖିବା, ସେମାନଙ୍କ ଭିତରେ ଲକ୍ଷା ଲକ୍ଷ ବର୍ଷ ତଳର ମଣିଷର ଜୀବନ ଧାରଣର ଆକଳନ କରିବା, କ୍ରମ ବିକାଶକୁ ଅନୁଧ୍ୟାନ କରିବା ହେଉଛି ନୃତତ୍ତ୍ୱ ବିଜ୍ଞାନର ଅଂଶ । ଏଠାକାର ବୈଚିତ୍ର୍ୟମୟ- ବିଭବମୟ ସାମାଜିକ ବ୍ୟବସ୍ଥା, ଧର୍ମୀୟ ସ୍ୱାଧୀନତା, ଜାତିହୀନତା ଓ ଧର୍ମ ସହିଷ୍ଣୁତା ପ୍ରକୃତରେ ଏକ ସମାଜ-ବିଜ୍ଞାନର ଜାଜ୍ୱଲ୍ୟମାନ ଅଧ୍ୟାୟ ।

ସହରର ମୁଖ୍ୟ ବଜାର ହେଉଛି ଆବାର୍ଦିନ ବଜାର । ଇଂରେଜମାନଙ୍କ ଚଳଚଞ୍ଚଳ ସହର "ରୋସ" ଦ୍ୱୀପର ଜଣେ ପରିଚିତ ଓ ଜନପ୍ରିୟ ବ୍ୟବସାୟୀ ଥିଲେ ଆବାର୍ଦିନ ମିଆଁ । ମଣି, ମୁକ୍ତା, ହୀରା ତଥା ବିଭିନ୍ନ ଅଳଙ୍କାର ନେଇ ସେ ସାହେବାଣିମାନଙ୍କ ଅନ୍ତଃପୁରକୁ ମଧ୍ୟ ଅନାୟାସରେ ପ୍ରବେଶ ଅଧିକାର ପାଇଥିଲେ । ସେତେବେଳେ ସାହେବାଣୀମାନଙ୍କ ଭିତରେ ସୌନ୍ଦର୍ଯ୍ୟ ପାଇଁ ପ୍ରତିଯୋଗିତା କିଛି କମ୍ ନଥିଲା । କହିବାକୁ ଗଲେ ସେମାନଙ୍କ ଏକମାତ୍ର କାମ ଥିଲା ସଜବାଜ ହୋଇ ଘୁରି ବୁଲିବା, ରାତିରେ ବଲ୍ ନାଚ କରିବା, ପରସ୍ପରକୁ ଈର୍ଷା କରିବା ଓ ଇଂରେଜ ସେନାପତିମାନଙ୍କ ମନ ଜୟ କରିବା । ସେଇଥିପାଇଁ ତ ଆବାର୍ଦିନଙ୍କ ଏତେ ଖାତିର ଥିଲା । ଆବାର୍ଦିନ କିନ୍ତୁ ହୃଦୟରେ ପୁରା ହିନ୍ଦୁସ୍ଥାନୀ ଥିଲେ । କୌଣସି କଏଦୀର ମରଣାନ୍ତକ ଯନ୍ତ୍ରଣାରେ ବ୍ୟଥିତ ହୋଇ କୌଣସି ସାହେବାଣୀକୁ କୁହାପୋଛା କରି ଦଣ୍ଡ ଲାଘବ ପାଇଁ ଅନୁରୋଧ କରୁଥିଲେ । ବନ୍ଦୀମାନଙ୍କୁ ଫଳ ବାଣ୍ଟିବା, ଔଷଧ ବାଣ୍ଟିବା, ଭାରତ ମୂଳଭୂଖଣ୍ଡର ଖବରଟିଏ ଗୁପ୍ତରେ ପହଞ୍ଚାଇଦେବା, କାହାକୁ ଠାକୁରଙ୍କ ମୂର୍ତ୍ତିଟିଏ ଦେବାରେ ସେ ଆଞ୍ଜୁଳି ଭର୍ତ୍ତି ସ୍ୱର୍ଣ୍ଣମୁଦ୍ରାଠୁ ଅଧିକ ଆନନ୍ଦ ପାଉଥିଲେ । ଉଭୟ

ISSN NO.
2582-208X

ଦେଶୀ ଓ ବିଦେଶୀଙ୍କ ପ୍ରିୟ ଆବାର୍ଦ୍ଦିନ ମହାଶୟଙ୍କ ସ୍ମୃତିରେ ଆଜି ଏହି ବଜାର, ଯାହାର ଛକ ଜାଗାରେ ଦୁଇଶହ ବର୍ଷର ବିରାଟ ଗମ୍ବୁଜ ଘଣ୍ଟାଟି ଏବେ ବି କାର୍ଯ୍ୟରତ । କହିବା ବାହୁଲ୍ୟ, ବର୍ମାଠୁ ୮୦ କି.ମି. ଦୂରରେ ଥାଇ ସୁଦ୍ଧା ଏଠାରେ ଭାରତୀୟ ସମୟ ହିଁ ପ୍ରଚଳିତ ।

ସହର ମଝିରେ ରହିଛି କୁଖ୍ୟାତ ସେଲୁଲାର ଜେଲ୍ । ଭାରତର ସ୍ୱାଧୀନତା ସେନାନୀଙ୍କ ସହ ଦୀର୍ଘ କେତେ ବର୍ଷର ସମ୍ପର୍କ ଯୋଗୁଁ ତାହାର୍ ଐତିହ୍ୟ ଗୁରୁତ୍ୱପୂର୍ଣ୍ଣ । ସେଲୁଲାର ଜେଲ ପାଖରେ ରହିଛି ବିଭିନ୍ନ ପ୍ରଜାତି ମାଛମାନଙ୍କର ମ୍ୟୁଜିୟମ୍ । ନୃତତ୍ତ୍ୱ ଗବେଷଣା କେନ୍ଦ୍ର ଓ ମ୍ୟୁଜିୟମରେ ରହିଛି ଆଣ୍ଡାମାନର ପ୍ରାଚୀନ ଜନଜାତି ଯଥା ଗ୍ରେଟ ଆଣ୍ଡାମାନିଜ୍, ଜରଓ୍ୱା, ସେଣ୍ଟିନାଲିସ୍, ନିକୋବରୀ, ସୋମପେନ୍ ଆଦିଙ୍କ ବେଶପୋଷାକ, ଅସ୍ତ୍ରଶସ୍ତ୍ର, କୁଟୀର, ଆସବାବ ପତ୍ରର ଏକ ଅପୂର୍ବ ସମାଗମ । "ସାମୁଦ୍ରିକା" ନାମକ ନୌସେନା ପରିଚାଳିତ ମ୍ୟୁଜିୟମରେ ସମୁଦ୍ରରୁ ଉପଲବ୍ଧ ଶାମୁକା, ପ୍ରବାଳ, ଶୈବାଳ, ସରୀସୃପ, ମାଛ, କଙ୍କଡା, ତିମି, ଶାଙ୍କୁଚ ଆଦି ସଂରକ୍ଷିତ । ଏହି ଦ୍ୱୀପରେ ଉପଲବ୍ଧ ବିରଳ ପ୍ରଜାତିର ମୂଷା, ପକ୍ଷୀ, ସାପ, ଗୋଧି, ଏଣ୍ଡୁଅ ଓ ନଡିଆ ଚୋରି କରୁଥିବା ଅସୁରକାୟ କଙ୍କଡାଙ୍କୁ ନେଇ ଏକ ଛୋଟିଆ ଚିଡିଆଖାନା ମଧ୍ୟ ରହିଛି । ଏଠାକାର ପୃଥିବୀ ବିଖ୍ୟାତ ଗଛମାନଙ୍କର ନମୁନା, କାଠର ନମୁନା, କାଠ ତିଆରି ଉପକରଣ, ପେନସିଲ୍ ତିଆରିର ନନା ଆଦିକୁ ନେଇ ଜଙ୍ଗଲ ମ୍ୟୁଜିୟମ ସମୃଦ୍ଧ । ଗାନ୍ଧୀ ପାର୍କରେ ରହିଛି ସାନ ବଡ ପିଲାଙ୍କ ଖେଳ ସାମଗ୍ରୀ, ଘାସ ପଡିଆ । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳର କିଛି ଅଲୋଡା ଟ୍ୟାଙ୍କ ସବୁ ପାଖରେ ରହିଛି, ଯାହାର ନଳୀମୁହଁ ପର୍ଯ୍ୟନ୍ତ ପିଲାଏ ଉଠିଯାଇ ତଳକୁ ଲମ୍ଫ ପ୍ରଦାନ କରନ୍ତି । ଜଳକ୍ରୀଡା କମ୍ପ୍ଲେକସ୍ ରେ ହରେକ ରକମର ଦୁଃସାହସିକ ଓ ଆମୋଦଦାୟକ ଖେଳର ସୁବିଧା ଓ ପ୍ରଶିକ୍ଷଣ ଦିଆଯାଏ ଯଥାଃ- Wind surfing, diving, snorkeling, scuba diving, ଯାହାର ଓଡିଆ ନାମ ନାହିଁ । ସହର ଭିତରର ଆଉ ଏକ ଦର୍ଶନୀୟ ଜାଗା ହେଲା "ଛତମ୍ କରତ କଳ" ଯାହାକି ଏକଦା ବିଶ୍ୱର ବୃହତ୍ତମ ଥିଲା ଓ ପାଖାପାଖି ୨୦୦୦ ଲୋକ କାମ

ISSN NO.
2582-208X

କରୁଥିଲେ । ଇଂରେଜଙ୍କ ବେଳଠୁ ୧୮୩୬ରେ ଏହା ପ୍ରତିଷ୍ଠା ହୋଇଥିଲା ଏବଂ ଭେଳା ସାହାଯ୍ୟରେ ବଡ ବଡ କାଠ ଗଣ୍ଡି ସବୁ ଅଣାଯାଇ ଏଠାରେ କାଟି ପଟା ତିଆରି ହେବା ପରେ ଭାରତ ବା ବିଦେଶକୁ ପଠାଯାଇଥିଲା । ଯଦିଓ ମଲାଗଛ ଓ ପାକଳ ଗଛ ସବୁ କଟାଯିବା ପାଇଁ ଅନୁମତି ମିଳିଥିଲା, ଲୋଭୀ ମଣିଷଙ୍କ ଆଖିକୁ ସବୁ ଗଛ କର୍ତ୍ତନ ଯୋଗ୍ୟ ଦିଶିଲା । ଫଳରେ ଜଙ୍ଗଲ ଧ୍ୱଂସ ହୋଇଗଲା ଓ ଜୈବ ବିବିଧତା ପ୍ରତି ବିପଦ ଦେଖାଦେଲା । ଆଜିକାଲି ନୂଆଁ କାଠ ଗଣ୍ଡି କାଟିବା ବନ୍ଦ ହୋଇଗଲାଣି ଓ ମୂଳ ଭୂଖଣ୍ଡକୁ କାଠ ପଠେଇବା ନିଷିଦ୍ଧ କରି ଦିଆଯିବା ଫଳରେ ଛତମର ଭୂମିକା ସରିଗଲା ସତ କିନ୍ତୁ ସାରା ଆଣ୍ଡାମାନର ପ୍ରାକୃତିକ ବିଭବ ବଞ୍ଚିଗଲା । ଏବେ ଯାହା କାଠ କଳଟି ପୁତନା ଅସୁରଣୀ ପରି ଦାନ୍ତ ଦେଖେଇ ଶୋଇଛି ।

ପୋର୍ଟବ୍ଲେୟାର ଆଖପାଖର ବିଖ୍ୟାତ ବେଳାଭୂମି ସବୁ ହେଲା କରଭିନ୍ କୋଭ୍, ହାବଲକ୍ । ରୋପ୍ୟଧବଳ ରଙ୍ଗର ସରୁ ବାଲିର ପ୍ରଶସ୍ତ ବେଳାଭୂମି ସାଙ୍ଗକୁ କପର ସଲଫେଟ୍ ରଙ୍ଗର ସ୍ୱଚ୍ଛ ଜଳ ପାଇଁ ଏହା ପୃଥିବୀ ବିଖ୍ୟାତ । ଗ୍ରାଣ୍ଡ ଟ୍ରଙ୍କ ରୋଡ୍ ପୋର୍ଟବ୍ଲେୟାରଠୁ ବାହାରି ରଙ୍ଗତ୍, ମାୟାବନ୍ଦର ଦେଇ ଡିଗିଲିପୁର ପର୍ଯ୍ୟନ୍ତ ଯାଇଛି । ବାଟରେ ଅଦ୍ଭୁତ ବର୍ଷାବନ ସାଙ୍ଗକୁ ଅସ୍ୱାଭାବିକ ଭାବେ ପର୍ଯ୍ୟଟକଙ୍କ ଦୌରାତ୍ମ୍ୟରୁ ମୁକ୍ତ ଛୋଟ ସହର ସବୁ ଅଲଗା ପୃଥିବୀର ସହର ପରି ଲାଗେ ।

କ୍ରମଶଃ.........

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡ଼ିଶା

ISSN NO.
2582-208X

# ଗୀତା ସାର



ଅଧ୍ୟାପିକା ରେ଼ଜାଲିନ୍ ବାରିକ୍

ଗୀତସାର ଜଗତର ହିତକର
ପ୍ରତି ଅଧ୍ୟାୟର ଦେଖ ।
ପ୍ରଥମ ଅଧ୍ୟାୟେ ଭୁଲ୍ ଚିନ୍ତାଧାରା
ଜୀବନେ ସମସ୍ୟା ଲେଖ ।
ଦ୍ୱିତୀୟ ଉଚିତ ଜ୍ଞାନ ଆହରନେ
ସକଳ ସମସ୍ୟା ଦୂର ।
ତୃତିୟେ ନିସ୍ୱାର୍ଥପରତା ଭାବହିଁ
ଉନ୍ନତି ସମୃଦ୍ଧି କର ।
ଚତୁର୍ଥରେ ପ୍ରତି କର୍ଯ୍ୟହିଁ ଅଟଇ
ପ୍ରାର୍ଥନାର କାର୍ଯ୍ୟ ପଥ ।
ପଞ୍ଚାମେ ବ୍ୟକ୍ତି ଅହଙ୍କାର ତେଜିଲେ
ପ୍ରାପ୍ତ ହୁଏ ଦିବ୍ୟ ପଥ ।
ଷଷ୍ଠ ଉଚ୍ଚତର ସ୍ୱର୍ଗୀୟ ଭାବନା
ମଧ୍ୟେ ନିତ୍ୟ ଯୋଡ଼ି ହୁଅ ।
ସପ୍ତମ ଶିକ୍ଷାରୁ ଜୀବନର ମାର୍ଗ
ବଞ୍ଚିବାର ବାଛି ନିଅ ।
ଅଷ୍ଟମେ ନିଜ ଉପରୁ କଦାଚନ

ISSN NO.
2582-208X

ଭରଷା ତୁଟାଅ ନାହିଁ ।
ନବମେ ନିଜର ପ୍ରାପ୍ତ ଆଶୀର୍ବାଦ
ମୂଲ୍ୟାଙ୍କନ କର ଭାଇ ।
ଦଶ ମେ ଚତୁର୍ପାର୍ଶ୍ୱେ ସ୍ୱର୍ଗୀୟ ସତ୍ତା
ସଦା  କର ଅନୁଭବ ।
ଏକାଦଶ ସତ୍ୟ ସ୍ୱରୂପ ଦର୍ଶନେ
ରଖ ସମର୍ପଣ ଭାବ ।
ଦ୍ୱାଦଶେ ନିଜର ମନକୁ ନେଇଣ
ସ୍ୱର୍ଗୀୟ ଚିଂତନେ ରଖ ।
ତ୍ରୟୋଦଶ ମାୟାମାନ ପରିହରି
ଈଶ୍ୱର ରେ ଲୟ ରଖ ।
ଚତୁର୍ଦ୍ଦଶ ତୁମ୍ଭ ଦୂର ଦୃଷ୍ଟି ବଳେ
ଜୀବନ କର ଧାରଣ ।
ପଞ୍ଚଦଶରେ ଅଧିକ ଗୁରୁତ୍ୱ
ଈଶ୍ୱରଙ୍କୁ କର ପ୍ରଦାନ ।
ଷୋଡ଼ଶ ଅଧ୍ୟାରେ ନିଜେ ସ୍ୱୟଂ ଭଲ
ହୋଇ ପୁରସ୍କୃତ ହୁଅ ।
ସପ୍ତଦଶେ ଉଚିତ ମାର୍ଗ ଆଚରି
ସୁଖ ଜଳା ନଜଳି ଦିଅ ।
ଶକ୍ତିର ସଂକେତ ଅଟେ ପରା ଏହି
ଲଭ ତହୁଁ ଦିବ୍ୟ ଜ୍ଞାନ ।
ଅଷ୍ଟାଦଶେ ବିଭୁ ଶ୍ରିପଦେ ଶରଣ
ଜାଇଣ ଲଭ ନିର୍ବାଣ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଚିଲିକା



ଶେଷଦେବ ପଣ୍ଡା

ଜଟିଆ ଭାଲେରି ଚଢେଇଗୁହାର
ବଳୟ ମଧ୍ୟରେ ସ୍ଥିତ,
ଉତ୍କଳଲକ୍ଷ୍ମୀଙ୍କ ବିଳାସ ଦୀର୍ଘିକା
ଚିଲିକା ନାମ ତୋ' ଖ୍ୟାତ ।

ଲୋହିତ ଧବଳ ପକ୍ଷ ଅନୁପମ
ଏରା ପକ୍ଷୀ ଦୃଶ୍ୟମାନ,
ନୀଳ ତରଙ୍ଗର ଦୀପ୍ତି ସନ୍ଦର୍ଶନେ
ପର୍ଯ୍ୟଟକ ତୃପ୍ତ ମନ ।

ଶୋଭନ୍ତି ବକ୍ଷେ ତୋ' ବିହଙ୍ଗମ ପନ୍ତି
ରଚି ମିଷ୍ଟ କଳରବ,
ବାସ କରିଛନ୍ତି ମୀନ ଶିଶୁମାର
ଶାଙ୍କୁଚାଦି ଜଳଜୀବ ।

ମଧ୍ୟେ ସମୁନ୍ନତ ଗିରି ପରେ ବିଜେ
କାଳିଜାଈ ଠାକୁରାଣୀ,
ଚିଲିକା ଲୋ ତୋର ବିଗତ ଅତୀତ
ସଜଳ ସ୍ମୃତିର ଖଣି ।

ହଂସ ହଂସରାଳି କ୍ରୀଡାରତ ତହିଁ
ରମ୍ୟ ନୀଳ ଜଳରାଶି,
ନାବେ ଆରୋହିଣ ବାଳ ବୃଦ୍ଧ ଯୁବା
ମନ ଉଠଇ ଉଲ୍ଲସି ।

ଏ ଚିଲିକା କୂଳେ ମାଣିକ ହସ୍ତରୁ
ଦଧି ଭୁଞ୍ଜି ଭଗବାନ,
ଲୋକମୁଖେ ଆହା ପ୍ରସରି ଯାଇଛି
ମାଣିକ ପାଟଣା ନାମ ।

କେଡେ ମନଲୋଭା ସୂର୍ଯ୍ୟାସ୍ତର ଆଭା
ଦର୍ଶକ ଚିତ୍ତକୁ ହରେ,
ଉଡି ମାଛରଙ୍କା ଜଳେ ବୁଡିଥାଏ
ମୀନ ଧରିବା ଲକ୍ଷ୍ୟରେ ।

ପ୍ରବାଳ ବରଣ ସ୍ୱର୍ଣ୍ଣାଭ କିରଣ
ଅସ୍ତଗାମୀ ଯେବେ ରବି,
ରମଣୀୟ ବକ୍ଷେ ଝଟକି ଉଠଇ
ବଚନାତୀତ ଯେ ଛବି ।

ISSN NO.
2582-208X

ଉତ୍କଳମଣିଙ୍କ   କଲୁ ତୁ ଭାବୁକ
ଲେଖନୀରେ ଦେଲେ ରୂପ,
ବାଷ୍ପୀୟ ଶକଟୁଁ ଦେଖିଥିଲେ ଯେବେ
ତୋ ଦିବ୍ୟ ଭବ୍ୟ ସ୍ୱରୂପ ।

ଦ୍ୱୀପ ପାରିକୁଦ ତା ସାଥେ ମାଲୁଦ
ଅପରୂପ ଶୋଭା ଘେନି,
ଗାୟନରତ ତୋ'  ରୂପର ସଂଗୀତ
ସ୍ମରି ସୁନିର୍ମଳ ବେଣୀ ।

କବିବର ରାଧା- ନାଥ ଗାଇଥିଲେ
ତୋହର ଜୟ ଗୀତିକା,
ମରାଳ ମାଳିନୀ ନୀଳାମ୍ବୁ ଚିଲିକା
ଦେଇଗଲେ ତୋତେ ଆଖ୍ୟା ।

ସ୍ନାତକ ଶିକ୍ଷକ (କଳା)
ସ୍ୱରାଜ ସରକାରୀ ଉଚ୍ଚ ବିଦ୍ୟାଳୟ
ଘସିଏନ୍, ପାଟଣାଗଡ,ବଲାଙ୍ଗିର

ISSN NO.
2582-208X

# ଛତା ଓ ଜୋତା



କାଳପ୍ରସାଦ ମହାପାତ୍ର

ଛତା ଓ ଜୋତା
ଖରା ବରଷାର
ସାହା ଓ ଭରସା ।

ଛତା ଓ ଜୋତା
ମୁଣ୍ଡ ଓ ଗୋଡର
ରକ୍ଷା କରତା।

ଛତା ଓ ଜୋତା
ଜାତି ଗୋତ୍ର ନାହିଁ
ପଡଇ ସଭିଙ୍କ ଲୋଡା।

ଛତା ଓ ଜୋତା
ଧନୀ ଓ ଗରିବଙ୍କ
ନଥାଏ ଟିକିଏ ଚିନ୍ତା।

ଛତା ଓ ଜୋତା
ଅଂଶୁଘାତ ପାଇଁ
ହୁଏ ବଡ ସୁରକ୍ଷା ।।

ଛତା ଓ ଜୋତା
ଦୂରକୁ ଯାତ୍ରାରେ
ନଥାଏ ଟିକିଏ ଦକା।

ଛତା ଓ ଜୋତା
କେଉଁ କାଳରୁ ସେ
ଆମର କରନ୍ତି ସେବା ।

ଛତା ଓ ଜୋତା
ମଣିଷ ଜାତିର
ପ୍ରାଣର ପ୍ରିୟ ସଖା ।

ଶିକ୍ଷକ, ବନ୍ଧୁଗାଁ, କୋରାପୁଟ

ISSN NO.
2582-208X



# ପରିବେଶର ରକ୍ଷକ, ଭଙ୍ଗା କାଚ, ପ୍ଲାଷ୍ଟିକ୍ ଗୋଟାଳି



ହର ପ୍ରସାଦ ସୁଆର

ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପରିବେଶକୁ ସୁସ୍ଥ ରଖିବା ନିମନ୍ତେ ଯେଉଁମାନେ କିୟଦଂଶ ଦାୟୀ ଅଥବା ପରିବେଶକୁ ପରୋକ୍ଷରେ ସ୍ୱଚ୍ଛ ରଖିବାରେ ସହାୟ ହୁଅନ୍ତି ସେମାନେ ଅର୍ଥାତ୍ ଭଙ୍ଗା କାଚ, ପ୍ଲାଷ୍ଟିକ୍ ଗୋଟାଳିଙ୍କ ସମ୍ବନ୍ଧରେ ଆଲୋଚନା କରିବା ହେଉ । ଆମେ ଘରୁ ବାହାରକୁ ବାହାରିଲେ ନଜରରେ ପଡେ ସେହି ବାରବୁଲା ଗୋଟାଳିମାନେ ଅପରିଷ୍କାର ଏବଂ ଚତୁଃପାର୍ଶ୍ୱରେ ଚିରା ବା ଛିଣ୍ଡା ବଡ ଆକୃତିର ଏକ ଖାଲିବସ୍ତା ଧରି ରାସ୍ତାର ଉଭୟପାର୍ଶ୍ୱରେ ଥିବା ନାଳ, ରାସ୍ତାକଡ, ରାସ୍ତାକଡ ସଂଲଗ୍ନ ଲଟାବୁଦା ଅଥବା ଆବର୍ଜନା କୁଣ୍ଡ ଆଦିରେ ଉଙ୍କିମାରନ୍ତି । ଭଙ୍ଗା ଟିଣଖଣ୍ଡ, ଅଦରକାରୀ ଲୁହା, ପ୍ଲାଷ୍ଟିକ୍ ଖଣ୍ଡ ବା ଘରୁ ଫୋପାଡି ଦେଇଥିବା ପ୍ଲାଷ୍ଟିକ୍ ଜିନିଷ ଅର୍ଥାତ୍ ଭଙ୍ଗା ମଗ୍, ବାଲଟି (ବକେଟ୍), କାଚର ଶିଶି ବୋତଲ, ଭଙ୍ଗା ଦର୍ପଣ ଆଦି ବହୁତ କିସମର ଜିନିଷ ଖୋଜିଖୋଜି ସେଥିରୁ ବାଛି ବସ୍ତାରେ ଭରିଦିଅନ୍ତି । ଏହି ଗୋଟାଳିମାନେ ଉଭୟ ପୁରୁଷ ଓ ମହିଳା । ଏମାନଙ୍କ ବୟସର କିଛି ମାପକାଠି ନଥାଏ । ସାତ ଆଠ ବର୍ଷର କିଶୋରଠାରୁ ଆରମ୍ଭକରି ବୃଦ୍ଧ ବୃଦ୍ଧା ପର୍ଯ୍ୟନ୍ତ । ସେମାନେ ବର୍ଷସାରା ସ୍ନାନ କରନ୍ତି କି ନାହିଁ କିଏ ଜାଣେ ? ଯେଉଁ ସମୟରେ ବା ଯେଉଁଦିନ ଦେଖିବ ସେମାନେ ଅପରିଷ୍କାର ଦେଖାଯାଆନ୍ତି । ଏହି ଭଙ୍ଗା ପ୍ଲାଷ୍ଟିକ୍ ଗୋଟାଳିମାନେ ପାଠଶାଠ ପଢିଥିବା କୌଣସି ଭଦ୍ରଘରର ସନ୍ତାନ ନୁହନ୍ତି । ତେଣୁ ସେମାନଙ୍କର ପ୍ରତିଦିନର ଖବର କେହି ରଖନ୍ତି ନାହିଁ । ଖବର ରଖିବା କାହାରି ପ୍ରୟୋଜନ ହୁଏନାହିଁ । ଗୋଟାଳିମାନେ ରହୁଥିବା ସ୍ଥାନରୁ ବଡି ଭୋରରୁ ଅର୍ଥାତ୍ ସକାଳୁ ବାହାରି ପେଟକୁ ଗଣ୍ଡେ ଦାନା ମିଳୁ ବା ନମିଳୁ ସହରର ଏ ପ୍ରାନ୍ତରୁ ସେ ପ୍ରାନ୍ତ ପର୍ଯ୍ୟନ୍ତ ଅର୍ଥାତ୍ ପ୍ରତିଟି ଗଳିକନ୍ଦି ଘୁରିବୁଲନ୍ତି ଏସବୁ ବର୍ଜ୍ୟବସ୍ତୁଗୋଟାଇବା ପାଇଁ । ସେମାନେ ରହିବାପାଇଁ କୌଣସି ବାସସ୍ଥାନ ନଥାଏ । ସାଧାରଣତଃ ଅବ୍ୟବହୃତ ବଡବଡ

ISSN NO.
2582-208X

କୋଠାର ତଳଭାଗରେ ଥିବା ବାରଣ୍ଡାରେ, ବସ୍ ପ୍ରତୀକ୍ଷାଳୟ, ରେଳ ଷ୍ଟେସନ୍ ସଂଲଗ୍ନ ସ୍ଥାନ ମାନଙ୍କରେ ଏବଂ ରାସ୍ତାକଡରେ ତମ୍ବୁବାନ୍ଧି ଏହି ଗୋଟାଳିମାନେ ରହନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଯାଯାବର ବା ବଞ୍ଜାରା ଶ୍ରେଣୀର । ଏମାନେ ସବୁବେଳେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ସର୍ବଦା ଘୁରି ବୁଲନ୍ତି । ବାକି ଅନ୍ୟମାନେ ଅନାଥ ବା ଅତ୍ୟନ୍ତ ଦୁସ୍ଥ ତଥା ଗରୀବ ଶ୍ରେଣୀର ।

ଘର ନିକଟରୁ ଭଙ୍ଗା ଶିଶି, ବୋତଲ, ପ୍ଲାଷ୍ଟିକ୍ ଖଣ୍ଡ, ଟିଣ ଖଣ୍ଡ, ଅଦରକାରୀ ଲୁହା ଖଣ୍ଡ ଏସବୁ ଗୋଟାଇବା ଫଳରେ ଘର ସଂଲଗ୍ନ ନାଳ, ରାସ୍ତାର ଉଭୟ ପାର୍ଶ୍ୱ ଅର୍ଥାତ୍ ରାସ୍ତାକଡ ଏବଂ ଆବର୍ଜନା କୁଣ୍ଡରେ ପଡିରହିଥିବା ଏସବୁ ଭଙ୍ଗାଫଟା ଜିନିଷ ବାହାର କରିଦେବା ଫଳରେ କିଛିଟା ସଫାସୁତୁରା ରହେ । ସେମାନେ ଅଯାଚିତ ଭାବେ ଏସବୁ କାର୍ଯ୍ୟ କରିଥାଆନ୍ତି । ପରିବେଶକୁ ନିର୍ମଳ ରଖିବାରେ ସହାୟ ହୁଅନ୍ତି । ଏସବୁ ଜିନିଷ ଗୋଟାଇ ନେବାକୁ ସେମାନଙ୍କୁ କେହି କେବେ ନିର୍ଦ୍ଦେଶ ବା ପରାମର୍ଶ ଦିଅନ୍ତି ନାହିଁ । ତଥାପି ସେମାନେ ଆମର ତଥା ଆମ ପରିବେଶର ଉପକାର କରିଥାଆନ୍ତି । ଏମାନଙ୍କ ଦୈନନ୍ଦିନ ଜୀବନଯାପନ ପ୍ରଣାଳୀ ସମ୍ବନ୍ଧରେ ଜାଣିସୁଦ୍ଧା କେହି କେବେ ଏମାନଙ୍କ ବିଷୟରେ ସାମାନ୍ୟତମ ଚିନ୍ତା କରନ୍ତି ନାହିଁ, ମୁଣ୍ଡ ପୂରାନ୍ତି ନାହିଁ, ଭାବନ୍ତି ନାହିଁ । କିନ୍ତୁ ଏହିସବୁ ଗୋଟାଳି ଦିନ ଶେଷରେ ବସ୍ତା ଭର୍ତ୍ତି ବର୍ଜ୍ୟବସ୍ତୁ ସଂଗ୍ରହ କରି ପୁଣି ସେଗୁଡିକୁ ମୁଣ୍ଡରେ ବୋହିନେଇ ଅନେକ ଦୂର ରାସ୍ତା ଚାଲିଚାଲି ଯାଆନ୍ତି । ନିର୍ଦ୍ଦିଷ୍ଟ ସ୍ଥାନରେ ଏଗୁଡ଼ିକୁ ବିକ୍ରି କରନ୍ତି । ନିଜର ଲହୁ ଓ ଲୁହକୁ ଏକ କରିଦେଇ ସାରାଦିନର ପରିଶ୍ରମର ଫଳ ବାବଦକୁ ଦଶ କୋଡିଏ ଟଙ୍କା ରୋଜଗାର କରନ୍ତି । ସେଥିରେ ସେମାନେ ଦୁଇଖଣ୍ଡ ରୋଟି ଖାଇ ପେଟ ପୋଷନ୍ତି । ଦୁଇବେଳା ଆହାର ଭାଗ୍ୟରେ ଜୁଟେ ନାହିଁ । କାରଣ ଭଙ୍ଗା ଶିଶି ବୋତଲ, ପ୍ଲାଷ୍ଟିକ୍ ଦ୍ରବ୍ୟ, ଟିଣ ଓ ଲୁହା ଆଦିକୁ ଓଜନ ଦରରେ କିଣିନେବା ପାଇଁ ଆଜିକାଲି ବ୍ୟବସାୟୀମାନେ ଗାଡି ନେଇ ଆସନ୍ତି ଏବଂ ସାହିରୁ ସାହିକୁ ବୁଲନ୍ତି । ସେମାନେ ଆମଠାରୁ ଏସବୁ ଅଦରକାରୀ ଦ୍ରବ୍ୟକୁ ସାମାନ୍ୟ ଅର୍ଥ ବିନିମୟରେ କିଣିନେଇ ବାହାରେ ବିକ୍ରି କରିଥାଆନ୍ତି । ସେଥିରୁ ସାମାନ୍ୟ ଲାଭ ମିଳିଥାଏ, ପେଟ ପୋଷିବା ନିମନ୍ତେ । ଏମାନଙ୍କୁ ଆମେ କବାଡିବାଲା ବୋଲି କହୁ । ଏମାନଙ୍କ ଯୋଗୁଁ ଗୋଟାଳିଙ୍କୁ ସମୟ ସମୟରେ ଏହିସବୁ ଜିନିଷ ବିକ୍ରି କରିପାରିଲା ଭଳି ପର୍ଯ୍ୟାପ୍ତ ପରିମାଣରେ ମିଳେ ନାହିଁ । ଫଳରେ ଏମାନଙ୍କୁ ଅନାହାରରେ ରହିବାକୁ ପଡେ । କଥାରେ ଅଛି ପେଟ ପୋଷ, ନାହିଁ ଦୋଷ ।

ISSN NO.
2582-208X

ଅର୍ଥାତ୍ ଚୋରିନକରି କିମ୍ବା ଭିକ୍ଷା ବୃତ୍ତିକୁ ନଆପଣେଇ ପେଟ ପୋଷିବା ନିମନ୍ତେ ଆମେ ଯେ କୌଣସି କର୍ମ କରିପାରିବା । କର୍ମ ହିଁ ଧର୍ମ । ଏଣୁ ସେମାନେ ଏସବୁ ବର୍ଜ୍ୟବସ୍ତୁ ଗୋଟାନ୍ତି।

ସେମାନେ ଜାଣନ୍ତି ଏସବୁ ଦ୍ରବ୍ୟ ସଂଗ୍ରହ କଲେ କେହି କେବେ ଦଣ୍ଡ ଦେବେ ନାହିଁ କିମ୍ବା ଆପତ୍ତି କରିବେ ନାହିଁ । ସେମାନେ ଆମପାଇଁ ପରିବେଶର ସୁରକ୍ଷା କରିବା ନିମନ୍ତେ ଏସବୁ ଗୋଟାନ୍ତି ନାହିଁ । ନିଜ ପେଟ ଚାଖଣ୍ଡକ ପାଇଁ ସେମାନଙ୍କୁ ଏଭଳି କଠିନ ପରିଶ୍ରମ କରିବାକୁ ପଡେ । ସେମାନଙ୍କର ସୁରକ୍ଷାପାଇଁ କୌଣସି ସରକାର ପ୍ରଯତ୍ନଶୀଳ ହେଉନାହାନ୍ତି । ନିଜ ନିଜର ପେଟ ପୋଷିବା ନିମନ୍ତେ ସେମାନେ ଏହି ବର୍ଜ୍ୟବସ୍ତୁକୁ ଖରାବର୍ଷାରେ ପାଦରେ ଚାଲି ସହର ସାରା ବୁଲିବାକୁ ବାଧ୍ୟ ହୁଅନ୍ତି । ଏକଥା ସତ ହେଲେ ପରୋକ୍ଷ ଭାବେ ସେମାନେ ଆମ ପରିବେଶକୁ ନିର୍ମଳ ରଖନ୍ତି ବିନା ଦରମାରେ । କାରଣ ସେମାନଙ୍କୁ ଏହି କାମପାଇଁ କେହି କେବେ ପାରିଶ୍ରମିକ ଦିଅନ୍ତି ନାହିଁ କିମ୍ବା ସାମାନ୍ୟ ଅନୁଗ୍ରହ ବା ଅନୁକମ୍ପା ଦେଖାନ୍ତି ନାହିଁ ।

-୨-

ପରିବେଶର ଉପକାର କରୁଥିବା ହେତୁ ମାନବ ସମାଜର ପ୍ରଭୂତ ଉପକାର ହୁଏ । ପରିବେଶକୁ ସ୍ୱଚ୍ଛ ରଖିବା ନିମନ୍ତେ ଆଂଶିକ ଭାବେ ହେଲେ ମଧ୍ୟ ଏମାନଙ୍କର ସକ୍ରିୟ ଭୂମିକା ରହିଛି । ଏଣୁ ଏମାନଙ୍କୁ ଆମେ ପରିବେଶ ମିତ୍ର ବା ପରିବେଶର ବନ୍ଧୁ ବୋଲି କହିପାରିବା ଏବଂ ଶ୍ରଦ୍ଧା ଦୃଷ୍ଟିରେ ଦେଖିପାରିବା । ଏମାନେ ଏହି କାମକୁ ଯେପରି ଆହୁରି ସୂଚାରୁରୂପେ କରିପାରିବେ ସେଥିପାଇଁ ସେମାନଙ୍କୁ ସରକାର ସାମାନ୍ୟହେଲେ ବି କିଛି ପ୍ରୋତ୍ସାହନ ରାଶି ଦେବା ଦରକାର । ଦେଶରେ ଜନ୍ମଲାଭକରି, ଦେଶର ପାଣିପବନରେ ବଢିଥିବା ହେତୁ ସେମାନଙ୍କର ମଧ୍ୟ ବଞ୍ଚିବାର ଅଧିକାର ରହିଛି । ତେବେ ପାଦରେ ଚାଲି ଗଳିକନ୍ଦି ବୁଲି ଏସବୁ ଦ୍ରବ୍ୟ ଗୋଟାଉଥିବା ଲୋକଙ୍କର ପରିବେଶର ସୁରକ୍ଷା ନିମନ୍ତେ ସକ୍ରିୟ ଭୂମିକା ଥିବାହେତୁଆମେ ସେମାନଙ୍କ ପ୍ରତି ସହନଶୀଳ ହେବା ଦରକାର । ସେମାନଙ୍କ ହାତରେ ଯଦି ଆମେ ପାଞ୍ଚଟଙ୍କା ବା ଦଶଟଙ୍କାଟିଏ ଧରେଇଦେବା ତାହାହେଲେ ମନେମନେ ଖୁବ୍ ଖୁସି ହୋଇଯିବେ । ତାଙ୍କ ମୁହଁରେ ହସ ଫୁଟିବ । ତେବେ ବିନା କାରଣରେ ବଦାନ୍ୟତା ବା ଅନୁକମ୍ପା ଦେଖାଇବାକୁ କେହି ଆଗ୍ରହ ଦେଖାନ୍ତି ନାହିଁ ।

ISSN NO.
2582-208X

ଯେଉଁମାନଙ୍କର ଟ୍ରେନ୍ ଯାତ୍ରାର ଅଭିଜ୍ଞତା ରହିଛି, ଯାତ୍ରା ସମୟରେ ସେମାନଙ୍କର ବେଳେବେଳେ ଦୃଷ୍ଟିଗୋଚର ହୋଇଥିବ; ଦଶ ବାରବର୍ଷରୁ ପନ୍ଦର ଷୋହଳ ବର୍ଷ ବୟସର କିଛି ଅତ୍ୟନ୍ତ ଗରୀବ ବା ଅନାଥ କିଶୋର କିଶୋରୀ ଦୌଡି ଆସି ଟ୍ରେନରେ ଚଢନ୍ତି । ବିନା ଟିକେଟରେ ଟ୍ରେନରେ ଚଢିବା ଏକ ଅପରାଧ ଏକଥା ଏମାନେ ଜାଣନ୍ତି ନାହିଁ । ଧରାପଡିଲେ ଅର୍ଥ ଦଣ୍ଡ ଭୋଗିବାକୁ ହେବ ସେହି ଭୟ ମଧ୍ୟ ନାହିଁ । ପାଖରେ ଅର୍ଥ ଥିଲେ ତ ଅର୍ଥ ଦଣ୍ଡ ଦେବେ ଅନ୍ୟଥା ଦେବେ କିପରି ? ଅନେକଙ୍କର ମାତୃ ପରିଚୟ ବା ପିତୃ ପରିଚୟ ନଥାଏ । ରାତ୍ରହେଲେ ମୁଣ୍ଡ ଗୁଞ୍ଜିବାର ରାହା ନଥାଏ । ସେମାନଙ୍କ ହାତରେ କେବଳ ଗୋଟିଏ ଜିନିଷ ଥାଏ ତାହାହେଲା ସେମାନଙ୍କ ସମ୍ବଳ ଅର୍ଥାତ୍ ଲୋକେ ଫୋପାଡି ଦେଇଥିବା ଛିଣ୍ଡା ଝାଡୁ ବା ଛାଞ୍ଚୁଣୀ । ସେହି ଝାଡୁ ସାହାଯ୍ୟରେ ଟ୍ରେନ୍ ଭିତରେ ପଡି ରହିଥିବା ଆବର୍ଜନା ଅର୍ଥାତ୍ କଦଳୀ ଚୋପା, ବାଦାମ୍ ଚୋପା, ଅଇଁଠା ପତ୍ର, କମଳା ଚୋପା, ସିଙ୍ଗଡା, ବରା ଖାଇବାର ଅଇଁଠା ପତ୍ର ବା କାଗଜ, ଭାତ ବା କୌଣସି ଜଳଖିଆ ଖାଇଥିବାର ପତ୍ର, ପ୍ଲାଷ୍ଟିକ୍, ପୋଡା ବିଡି, ସିଗାରେଟର ଅବଶିଷ୍ଟାଂଶ, ଖାଲି ପାଣି ବୋତଲ, ଜୁସ୍ ବୋତଲ, ପଲିଥିନ୍ ଆଦି ନାନା ଧରଣର ଜିନିଷ ତଳେ ଫୋପାଡି ଦିଅନ୍ତି । ଆମେ ବସିଥିବା ସ୍ଥାନଟି ଆବର୍ଜନାମୟ ହୋଇପଡେ। ତଥାପି ଆମେ ଝରକା ପଟୁ ବାହାରେ ଫୋପାଡିବା ପରିବର୍ତ୍ତେ ଟ୍ରେନ୍ ଭିତରେ ଫୋପାଡୁ । ଜାଣିଜାଣି ଅପରିଷ୍କାର କରୁ । ସେଥିରୁ କେତେ ରୋଗ ଜୀବାଣୁ ସୃଷ୍ଟିହୋଇ ବାୟୁମଣ୍ଡଳକୁ ଦୂଷିତ କରେ ଏବଂ ପ୍ରଶ୍ୱାସ ମାଧ୍ୟମରେ ଆମ ଦେହକୁ ପ୍ରବେଶ କରି ରୋଗ ସୃଷ୍ଟି କରେ । ଏଥିପ୍ରତି କାହାରି ନିଘା ନାହିଁ । ଟ୍ରେନରେ ସମସ୍ତଙ୍କର ଅଧିକାର ରହିଛି । ଏଣୁ କିଏ ବା କାହାକୁ କହିବେ ? କିନ୍ତୁ ଦେବ ସୁଲଭ ସେହି ବାରବୁଲା ପିଲାମାନେ ପ୍ରବଳ ଭୀଡ ଟ୍ରେନରେ ଚଢି ଖଣ୍ଡିଆ ଝାଡୁ ସାହାଯ୍ୟରେ ଗୁରୁଣ୍ଡି ଗୁରୁଣ୍ଡି ସିଟ୍ ତଳେ ପଶି ସମସ୍ତେ ପିନ୍ଧିଥିବା ଜୋତାଗୁଡିକୁ ଅତି ସନ୍ତର୍ପଣରେ ଆଡେଇ ରଖି ଭିତରେ ପଡିଥିବା ସମସ୍ତ ଅଳିଆ ଅସନା ଏବଂ ପ୍ଲାଷ୍ଟିକ୍ ପାଣି ବୋତଲ ଆଦି ବାହାରକରି ବାହାରେ ଫୋପାଡି ଦିଅନ୍ତି । ଟ୍ରେନ୍ ଭିତରର ପରିବେଶକୁ ସୁସ୍ଥ ରଖିବାରେ ସାହାଯ୍ୟ କରନ୍ତି । ଏମାନେ ଟ୍ରେନର କୌଣସି କର୍ମଚାରୀ ନୁହନ୍ତି କିମ୍ବା ଟ୍ରେନ୍ ପରିଷ୍କାର କରିବା ନିମନ୍ତେ ଭାରତ ସରକାର ଏମାନଙ୍କୁ କୌଣସି ପାରିଶ୍ରମିକ ଦିଅନ୍ତି ନାହିଁ । ଏପରିକି ଏମାନଙ୍କ ଦୁର୍ଦ୍ଦଶାକୁ ନେଇ କୌଣସି ଖବରକାଗଜର ପୃଷ୍ଠା ମଣ୍ଡନ କରେନାହିଁ । କିମ୍ବା ଇଲେକ୍ଟ୍ରୋନିକ୍ସ ମିଡିଆର ଦୃଷ୍ଟିଗୋଚର ହୁଏନାହିଁ । ତଥାପି ଏହି ପିଲାମାନେ ଟ୍ରେନ୍ ଭିତରଟା ପରିଷ୍କାର କରିସାରିବା ପରେ ରୁଗଣ ଶୁଖିଲା ମୁହଁ ଏବଂ ଭୋକିଲା ପେଟରେ କିଛି ଆର୍ଥିକ ସାହାଯ୍ୟ ପାଇବା ଆଶାରେ ଏବଂ ନିଜେ ଦେଇଥିବା

ISSN NO.
2582-208X

ପରିସେବା ବିନିମୟରେ ପ୍ରତ୍ୟେକଙ୍କ ନିକଟକୁ ଯାଇ ହାତ ପାତନ୍ତି । କିନ୍ତୁ ବାସ୍ତବରେ ଦେଖାଯାଏ, ସାମାନ୍ୟତମ ଅନୁକମ୍ପା କେହି ଦେଖାନ୍ତି ନାହିଁ । କାଁ ଭାଁଙ୍କୁ ଛାଡିଦେଲେ କେହିହେଲେ ପଇସା ଦିଅନ୍ତି ନାହିଁ । ସମସ୍ତ ଯାତ୍ରୀ ନୀରବ ହୋଇ ମୁହଁମୋଡି ବସି ରହିଥାଆନ୍ତି । ଯିଏ ନିଜ ଜୀବନକୁ ବାଜି ଲଗେଇ ଟ୍ରେନରେ ଚଢି ସମସ୍ତଙ୍କ ଆବର୍ଜନା ପରିଷ୍କାର କରି ପରିସେବା ଯୋଗାଇଲା ତାକୁ କେହି ଭ୍ରୁକ୍ଷେପ କରନ୍ତି ନାହିଁ । ସେ ଯେମିତି ସମାଜର ଜଣେ ଅଲୋଡା କୀଟ । ଏହା ହେଉଛି ଆମର ମାନସିକତା । କିଛି ନେବା କିନ୍ତୁ ବିନିମୟରେ କିଛି ଦେବାନାହିଁ । ଫଳରେ ଏହି କିଶୋରମାନେ ଆଖିର ଲୁହ ଆଖିରେ ରଖି ସବୁକିଛି ସହି ଯାଆନ୍ତି ।

ଏମାନଙ୍କୁ କେବଳ ଭଗବାନହିଁ ସାହା । ପରିବେଶର ସୁରକ୍ଷା ଦିଗରେ ଯଦି ସେମାନଙ୍କ ଅବଦାନର କଥା ଆମେ ବିଚାରକୁ ନେବା ତାହାହେଲେ ସତରେ ସେମାନଙ୍କ ନିକଟରେ ଆମେ ତଥା ଆମ ଦେଶ ଋଣୀ । କାରଣ ଏମାନେ ହିଁ ଆମ ଦେଶର ପ୍ରକୃତ ପରିବେଶ ପ୍ରେମୀ ।

କବିଚନ୍ଦ୍ରସାହି, ପାରଳାଖେମୁଣ୍ଡି
ଜିଲ୍ଲା - ଗଜପତି/ ଚଳଭାଷ:୭୫୦୧୭୫୨୪୨୮

ISSN NO.
2582-208X

# ସେହି ନାରୀ



ଜନ୍ମେଜୟ ନାୟକ

ନାମ ସିନା ତା' ଦୁହିତା     ଦୁଇକୁଳକୁ ସେ ହିତା
ଧରାରେ ଜନମ ଲଭେ ସହିବା ପାଇଁ,
ବାପାଙ୍କର ଅଲିଅଳି     ଭାଇ ସାଥେ କରେ କଳି
କିଛି ନ ପାଶୋରି ଯାଏ ଏରୁଣ୍ଡି ଡେଇଁ,
କାହାର ସେ ଅରି ନୁହଁଇ
ମମତାମୟୀ ମାଆ ସେ ସେନେହମୟୀ ।

ଦେବୀ ମମତା ମନ୍ଦିରେ     ଲୁହ ପୋଛେ ପଣତରେ
ଦୁନିଆରେ କେହି ବି ନୁହଁଇ ତା' ସମ,
ଲୁଚାଇ କୋହକୁ ହୃଦେ     ସେନେହ ଡୋରିରେ ବାନ୍ଧେ
ପରକୁ ଆପଣାର କରିବା ତା' କାମ,
ନିଜ ଖୁସିକୁ ଭୁଲିଥାଇ
ବାଣ୍ଟି ଚାଲିଥାଏ ପ୍ରେମ ସନ୍ତାନ ପାଇଁ ।

ISSN NO.
2582-208X

କେବେ ସେ ଦ୍ରୌପଦୀ ସାଜି ସଭାସ୍ଥଳେ ଲାଗେ ବାଜି
ସମ୍ପର୍କ ପଶାପାଲିରେ ହୁଏ ନିଲାମ,
କେବେ ସେ ସୀତା ସାଜଇ ଅଗ୍ନିପରୀକ୍ଷା ଦିଅଇ
ସତୀତ୍ୱ ତା' ହୁଅଇ କେବେ ବଦନାମ,
ସବୁ ସହେ ସେ ସର୍ବଂସହା
ଅପନିନ୍ଦାର ମୁକୁଟ ପିନ୍ଧଇ ଯାହା ।

କେବେ ପାଏ ନିର୍ଯ୍ୟାତନା କେବେ ପାଏ ପ୍ରତାରଣା
ଛଳନା ଛୁରୀକାଘାତେ କ୍ଷତାକ୍ତ ମନ,
କେବେ ହୁଏ ସେ ଲୁଣ୍ଠିତା କେବେ ହୁଏ ଅପହୃତା
ନାରୀ ମାଂସଲୋଭୀ ହଜାଏ ତା' ସପନ,
କେବେ ଦଶଭୂଜା ସାଜଇ
ପାପୀ ମହିଷାସୁରକୁ ବଧିବା ପାଇଁ ।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ମୁଁ ଜନତା କହୁଛି



ଚତରଂଜନ ବେହେରା

ଗରିବ ବୋଲିକି ମାଗଣା ଚାଉଳ
ଆମକୁ ଧରେଇ ଦେଲ......
ନିର୍ବାଚନ ସମୟେ ମଦ ମାଉଁସ ଦେଇ
ଆମଠୁ ଭୋଟ ନେଲ......!!
ଏବେ ହେଉ ଆମେ କଲବଲ.....
ଦେଖା କରିବା ପାଇଁ ତମ ପାଖକୁ ଗଲେ
ଅଟକାଏ ଦ୍ୱାରପାଳ.......!!

ଯୋଜନା କରିଲ ଜନମ ରୁ ମୃତ୍ୟୁ
ଆମରି ଉନ୍ନତି ପାଇଁ.......
ଆହୁରି ଆମେ ତଳକୁ ଯାଉଛୁ
ଉନ୍ନତି ଆମର କାହିଁ.......!!
କୁଜି ନେତା ଘରେ ଗାଡ଼ି ମାଳ........
ଆମ ଦୁଃଖ କଥା ଶୁଣିବା ପାଇଁ କି
ତମ ପାଖେ ନାହିଁ ବେଳ..........!!

ଆମ ଚାଷୀ ଭାଇ ଜୀବନ ହାରିଲେ
ଧାନ ବିକ୍ରି ନାହିଁ ବୋଲି....

ISSN NO.
2582-208X

ତମ ସମର୍ଥକ କୋଟି କୋଟି ଲୁଟିଲେ
କ୍ଷମତା ଅଛି ବୋଲି....!!
ଆଉଟୁ ପାଉଟୁ ଆମେ ଭୋକରେ....
ଭୋକ ହଉ ନାହିଁ ବୋଲି ଔଷଧ ଖାଇଛ
ଭାବି ପାରୁନ କି ମନରେ......!!

ଶହ ଶହ ଏକର ଜମି ମାଲିକ ତମେ
ଆମ ଘର ଡିହ ଟେ ନାହିଁ.....
ତମ ପରିବାର ସରକାରୀ ଘରେ ରୁହନ୍ତି
ଘର ଯୋଜନାରେ ତମେ
ମୁଣ୍ଡ ପୁରେଇବ କାହିଁ....!!
ଦିନେ ତମର ବି ସମୟ ଆସିବ......
ଭୋଟ ଯେତେବେଳେ ଗଣତି ହବ
ସେତେବେଳେ ଉତ୍ତର ପାଇବ........!!

ବୌଦ୍ଧ
ମୋ - ୯୪୩୮୭୧୦୩୮୭

ISSN NO.
2582-208X

# ଦେଖ ଦଗା ଦିଆକୁ



ତ୍ରିପତି ପ୍ରଧାନ

ଆସ ଆସରେ, ଦେଖ ଦଗାଦିଆକୁ
  ଆସ ଆସ ରେ (ଘୋଷା )
ଛାଡିଣ କଦମ୍ବ ମୂଳ
    ନନ୍ଦି ଘୋଷେ କରିମେଳ
 ଗୋପାଙ୍ଗନା ଭୁଲି
        ପଣ୍ଡା କରିମେଳି
ତାରିବ ସେ ପାପୀ ତପିଙ୍କୁ (1)
ମାମୁ ଘର ଯାତ୍ରା ଯାଇ
      ଗୋପ ସୁତ ସେ କହ୍ନାଇ
ଆଜିଯାଏ ସେହି
      ଫେରି ନାହିଁ କାହିଁ
ଆସିଅଛି ନୀଳାଚଳକୁ (2)
ମସ୍ତକେ ମୟୂର ଚୂଳ
      ଦିଶୁନି କର୍ଣ୍ଣ କୁଣ୍ଡଳ
ତୁଳସୀ ଲମ୍ବାଇ
      ଝୁଲଣକୁ ନାଇଁ
ମହୁଛି ଭକତ ମନକୁ (3)

ଭୁଲିଛି ଯମୁନା ଜଳ
      ବସି ସିନ୍ଧୁ ରାଜ କୂଳ
ପୋଖରୀ ନରେନ୍ଦ୍ର
      ନାବ କେଳି ତାର
ସ୍ୱର୍ଣ୍ଣ କୂପ ଦିଏ ଜ୍ୱରକୁ (4)
ଦ୍ୱାରିକା ପୁରର ରାଜା
      ବିଶ୍ୱବାସୀ ତା ପରଜା
ରାଜରାଜେଶ୍ୱର
      ବେଶ ଦେଖ ତାର
ଅନ୍ତେ କୋଳି ନେବ କୋଳକୁ (5)
ଦୂରଦରଶନେ ଛବି
      ଦେଖି କି ମୁକତି ହେବି
ତୁତ କଳାକାହ୍ନୁ
      ନାନା ରୂପ ଘେନୁ
ଭରଷା କରିଛି ବେଳକୁ (6)

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# ଆପୋଲୋ - ୧୧ ର ଚନ୍ଦ୍ର ପୃଷ୍ଠରେ ଅବତରଣ କଣ ନକଲି ଥିଲା ?



ଅସିତ ମହାନ୍ତ

## (୧)

୨୦ ଜୁଲାଇ ୧୯୬୯, ଆପୋଲୋ - ୧୧ ମିଶନର ଚନ୍ଦ୍ର ମଡ୍ୟୁଲ୍ ଚନ୍ଦ୍ରରେ ଅବତରଣ କଲା । ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ୍ ଏବଂ ବଜ୍ ଆଲଡ୍ରିନ୍ ଏଥିରେ ଥିଲେ । ଅବତରଣ ପରେ, ଚନ୍ଦ୍ରକୁ ଓହ୍ଲାଇବା ପାଇଁ ନିଲ୍ ଆର୍ମଷ୍ଟ୍ରଙ୍ଗ୍ ଦ୍ୱାର ଖୋଲିବାକୁ ଚେଷ୍ଟା କଲା । ଉଚ୍ଚ ଚାପ ହେତୁ ଏହି ଦ୍ୱାର ଖୋଲିବା ସହଜ ନଥିଲା, କିନ୍ତୁ ଟିକିଏ ସଂଘର୍ଷ ପରେ ସେ ସଫଳତାର ସହ ଏହାକୁ ଖୋଲିଥିଲେ । ତା'ପରେ ସେ ନିଜର ଭାରୀ ସ୍ପେସ୍ ସୁଟରେ ଚନ୍ଦ୍ରକୁ ଓହ୍ଲାଇବାକୁ ଚେଷ୍ଟା କଲେ । ପ୍ରସ୍ଥାନ ପ୍ରଶସ୍ତ ନଥିଲା । ତେଣୁ ଭୁଲରେ, ସେ ଉପରକୁ ଆଘାତ କଲେ ଏବଂ ଚନ୍ଦ୍ର ମଡ୍ୟୁଲ୍ ର ଏକ ଖଣ୍ଡ ଭାଙ୍ଗିଗଲା । ବାୟୁ ଅଭାବରୁ ସେମାନଙ୍କ ମଧ୍ୟରୁ କେହି ମଧ୍ୟ ଏହା ଜାଣିପାରି ନଥିଲେ । ଶବ୍ଦ ଭ୍ରମଣ କଲା ନାହିଁ । ସେମାନେ କୌଣସି ଧ୍ୱନି ଶୁଣିଲେ ନାହିଁ, କିନ୍ତୁ ଏହି ଭଙ୍ଗା ଖଣ୍ଡଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହା ଆସେଣ୍ଟ୍ ଇଞ୍ଜିନ୍ ଆର୍ମିଂ ସୁଇଚ୍ ଥିଲା । ଏହି ସୁଇଚ୍ ବିନା, ସେମାନଙ୍କର ଚନ୍ଦ୍ର ମଡ୍ୟୁଲ୍ ପୁନର୍ବାର ଟେକ ଅଫ ହୋଇପାରିବ ନାହିଁ, ଏବଂ ସେମାନେ ପୃଥିବୀକୁ ଫେରିପାରିବେ ନାହିଁ । ଏହା ଜାଣି ମଧ୍ୟ ଆର୍ମଷ୍ଟ୍ରଙ୍ଗ୍ ବାହାରକୁ ଯାଇ ଚନ୍ଦ୍ର ପୃଷ୍ଠରେ ପାଦ ଦେଇଥିଲେ । ସେ ଚନ୍ଦ୍ରରେ ପାଦ ଦେଇଥିବା ପ୍ରଥମ ବ୍ୟକ୍ତି ହୋଇଥିଲେ । କିନ୍ତୁ ଏହା ପ୍ରକୃତରେ ଘଟିଛି କି ? ଆଜି, ୫୪ ବର୍ଷ ସମୟ ପରେ, ଅନେକ ଲୋକ ବିଶ୍ୱାସ କରିବାକୁ ମନା କରନ୍ତି ଯେ ମଣିଷ ଚନ୍ଦ୍ରକୁ ଯାଇଛି । ଲୋକମାନେ ଆପୋଲୋ ୧୧ ମିଶନ୍ ଆମେରିକାର ଏକ ପ୍ରହସନ ବୋଲି ଦାବି କରିବାକୁ ନିଜର ତତ୍ତ୍ୱ ବର୍ଣ୍ଣନ କରନ୍ତି । ସେମାନେ ପୃଥିବୀରେ ଏହି ଦୃଶ୍ୟର ସୁଟିଂ କରିଥିଲେ ଏବଂ ଦୁନିଆକୁ ମିଛ କହିଥିଲେ ।

ISSN NO.
2582-208X

ବାୟୁ ବିନା ପତାକା ଉଡ଼ିବା ବିଷୟରେ ତୁମେ କିପରି ବ୍ୟାଖ୍ୟା କରିବ? ଏହାର ସତ୍ୟତା କ'ଣ? ଚାଲନ୍ତୁ ଏହି କାହାଣୀକୁ ବୁଝିବାକୁ ଚେଷ୍ଟା କରିବା ।

ଆପୋଲୋ ୧୧ ମିଶନ ଯୋଜନା ହେବାର ପ୍ରକୃତ କାରଣ ଜାଣି ଆପଣ ଆଶ୍ଚର୍ଯ୍ୟ ହେବେ? ବାସ୍ତବରେ ଏହାର ଉତ୍ତର ଥିଲା "ଏକ ଯୁଦ୍ଧ" । ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ, ଶୀତଳ ଯୁଦ୍ଧ ଯାହା ଆମେରିକା ଏବଂ ସୋଭିଏତ୍ ୟୁନିଅନ୍ ମଧ୍ୟରେ ଲଢା ଯାଇଥିଲା । ଉଭୟ ଦେଶ ଏକ ସ୍ପେସ୍ ରେସରେ ନିୟୋଜିତ ହୋଇଥିଲେ .. ୧୯୫୭ ମସିହାରେ ସୋଭିଏତ୍ ୟୁନିଅନ୍ ପ୍ରଥମ କୃତ୍ରିମ ଉପଗ୍ରହ ଉତକ୍ଷେପଣ କରିବାରେ ପ୍ରଥମ ଦେଶ ହେଲା । ଏହାର ନାମ ସ୍ପୁଟ୍ନିକ୍ ଥିଲା ଏବଂ ଏହା ପୃଥିବୀର କକ୍ଷପଥରେ ସ୍ଥାନିତ ହୋଇଥିବା ପ୍ରଥମ ମାନବ ନିର୍ମିତ ଅବଜେକ୍ଟ ଥିଲା । ଆମେରିକୀୟ ସରକାର ସୋଭିଏତ୍ ମାନେ ଏଭଳି ଆଗକୁ ଯାଉଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । କିଛି ମାସ ପରେ, ୧୯୫୮ ରେ, ଆମେରିକା ମଧ୍ୟ ସେମାନଙ୍କର ଉପଗ୍ରହ ଉତକ୍ଷେପଣ କଲା । ମାତ୍ର ୩ ବର୍ଷ ପରେ, ୧୯୬୧ ମସିହାରେ, ଆମେରିକା କୁ ଆଉ ଏକ ଝଟକା ଲାଗିଥିଲା । ସୋଭିଏତ୍ କସ୍ମୋନାଟ୍ ୟୁରୀ ଗାଗରିନ୍, ମହାକାଶକୁ ଯାଇଥିବା ପ୍ରଥମ ବ୍ୟକ୍ତି ହେଲେ । ସୋଭିଏତ୍ ଆମେରିକାକୁ ପୁଣି ଥରେ ପରାସ୍ତ କଲା । ଗୋଟିଏ ସପ୍ତାହ ପରେ, ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡି ୨୦ ଏପ୍ରିଲ ୧୯୬୧ ରେ ଉପରାଷ୍ଟ୍ରପତିଙ୍କୁ ଏକ ଚିଠି ଲେଖିଥିଲେ । ସେ ଉପରାଷ୍ଟ୍ରପତିଙ୍କୁ ପଚାରିଥିଲେ ଯେ ସେମାନେ କିପରି ସୋଭିଏତ୍ ୟୁନିଅନ୍ କୁ ପରାସ୍ତ କରିପାରିବେ ... ମହାକାଶରେ ଲାବୋରେଟୋରୀ ଲଗାଇ କିମ୍ବା ଚନ୍ଦ୍ରକୁ ଯାତ୍ରା କରି .. ବିଦ୍ୟମାନ କାର୍ଯ୍ୟକ୍ରମରେ ଆମେ ଦିନକୁ ୨୪ ଘଣ୍ଟା କାମ କରୁଛୁ କି? ଯଦି ନୁହେଁ, କାହିଁକି ନୁହେଁ? ଆମେ ସର୍ବାଧିକ ପ୍ରୟାସ କରୁଛୁ କି? କିଛି ଦିନ ପରେ ସେ ଏହାର ଉତ୍ତର ପାଇଲେ, କାରଣ ସେ ଶୀଘ୍ର ଅନୁଭବ କଲେ ଯେ ପରବର୍ତ୍ତୀ ବଡ଼ ପଦକ୍ଷେପ ହେଉଛି ମନୁଷ୍ୟକୁ ଚନ୍ଦ୍ରକୁ ପଠାଇବା । ୨୫ ମଇ ୧୯୬୧ ରେ, ତାଙ୍କର ପ୍ରସିଦ୍ଧ ଭାଷଣରେ ସେ ବିଶ୍ୱକୁ ପ୍ରତିଶୃତି ଦେଇଥିଲେ ଯେ ସେ ଦଶନ୍ଧି ଶେଷ ହେବା ପୂର୍ବରୁ ମନୁଷ୍ୟକୁ ଚନ୍ଦ୍ରକୁ ପଠାଇବେ । କେବଳ ଏତିକି ନୁହେଁ, ସେ ପୃଥିବୀକୁ ମଣିଷକୁ ସୁରକ୍ଷିତ ଭାବରେ ଫେରାଇ ଆଣିବାକୁ ମଧ୍ୟ ପ୍ରତିଶୃତି ଦେଇଥିଲେ । ବାସ୍ତବରେ ଏହା ଅନେକଙ୍କ ପାଇଁ ଏକ ଅବିଶ୍ୱସନୀୟ ଘୋଷଣା ଥିଲା । କଳ୍ପନା କରନ୍ତୁ ୧୯୬୧, କୌଣସି ସ୍ମାର୍ଟଫୋନ୍ ନାହିଁ, ଇଣ୍ଟରନେଟ୍ ନାହିଁ, ଜିପିଏସ୍ ଟେକ୍ନୋଲୋଜି ମଧ୍ୟ ନାହିଁ । କମ୍ପ୍ୟୁଟରଗୁଡିକ ଏତେ ଧୀର

ISSN NO.
2582-208X

ଏବଂ ପୁରୁଣା ଥିଲା, ଏପରି ସମୟରେ ସେ ମନୁଷ୍ୟକୁ ଚନ୍ଦ୍ରକୁ ପଠାଇବାକୁ ପ୍ରତିଜ୍ଞା କରିଥିଲେ । ଏଥିପାଇଁ ପରବର୍ତ୍ତୀ ୫ ବର୍ଷ ମଧ୍ୟରେ ସେ ସ୍ପେସ୍ ପ୍ରୋଗ୍ରାମ୍ ପାଇଁ ଅତିରିକ୍ତ ଅର୍ଥରେ ୭ ରୁ ୯ ବିଲିୟନ ଡଲାର୍ ପ୍ରଦାନ କରିଥିଲେ। ଏହି ଗୋଟିଏ ଲକ୍ଷ୍ୟ ପୂରଣ କରିବାରେ ପୁରା ସ୍ପେସ୍ ଏଜେନ୍ସି ନିୟୋଜିତ ଥିଲା । କିଛି ମାସ ପରେ, ପରୀକ୍ଷା ଆରମ୍ଭ ହେଲା । ପ୍ରଥମେ ସେମାନେ ରକେଟ୍ ପରୀକ୍ଷା କଲେ ଯାହା ପୃଥିବୀ ଛାଡିବାକୁ ବ୍ୟବହୃତ ହେବ । ତା'ପରେ କମାଣ୍ଡ ମଡ୍ୟୁଲଗୁଡ଼ିକର ଉତ୍ତାପ ସୀଲଡ଼ ଗୁଡିକ ପରୀକ୍ଷା କରାଯାଇଥିଲା । ସେମାନେ କେତେ ଉତ୍ତାପକୁ ପ୍ରତିରୋଧ କରିବାକୁ ସମର୍ଥ ହେବେ । ତା'ପରେ ସେବା ମଡ୍ୟୁଲ୍ ର ପ୍ରବୃତ୍ତି ସିଷ୍ଟମ୍ । ୧୯୬୩ ରୁ ୧୯୬୭ ମଧ୍ୟରେ ଅନେକ ମାନବବିହୀନ ପରୀକ୍ଷା କରାଯାଇଥିଲା । ପରୀକ୍ଷଣ ସମୟରେ ରକେଟ୍ କୌଣସି ମଣିଷକୁ ନେଇ ନଥିଲା। ଫେବୃଆରୀ ୧୯୬୭ ରେ, ପ୍ରଥମ ମାନବ ପରୀକ୍ଷା ପାଇଁ ଯୋଜନା କରାଯାଇଥିଲା ।ଏକ ପରୀକ୍ଷଣ ଯେଉଁଥିରେ ମହାକାଶଚାରୀମାନେ ରକେଟରେ ମହାକାଶକୁ ଯିବେ । ଏହା ଥିଲା ଆପୋଲୋ ମିଶନ୍ – ୧ । କିନ୍ତୁ ପୃଥିବୀରେ ହୋଇଥିବା ପରୀକ୍ଷଣ ସମୟରେ, ୨୭ ଜାନୁଆରୀ ୧୯୬୭ ରେ, କ୍ୟାବିନରେ ନିଆଁ ଲାଗିଯାଇଥିଲା ଏବଂ ମହାକାଶକୁ ଯିବାକୁ ପ୍ରସ୍ତୁତ ହେଉଥିବା ତିନି ଜଣ ମହାକାଶଚାରୀ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିଲେ । ଏହି ଯନ୍ତ୍ରଣାଦାୟକ ଘଟଣା ପରେ ନାସା ସାହସ ହରାଇଲା ନାହିଁ । ଏହା ପରିବର୍ତ୍ତେ, ଏହା ପରୀକ୍ଷଣ ଜାରି ରଖିଲା । ପରବର୍ତ୍ତୀ ପରୀକ୍ଷଣ ପାଇଁ ଆପୋଲୋ ୪, ୫ ଏବଂ ଆପୋଲୋ ୬ ସମସ୍ତ ମାନବ ବିହୀନ ମିଶନ ଥିଲା । ଅକ୍ଟୋବର ୧୯୬୮ ରେ, ଆପୋଲୋ ୭ ମିଶନ ଆରମ୍ଭ କରାଯାଇଥିଲା ଏବଂ ସେମାନେ ପୁଣି ଥରେ ମଣିଷକୁ ମହାକାଶକୁ ପଠାଇବାକୁ ଚେଷ୍ଟା କଲେ । ଏହା ସଫଳ ହୋଇଥିଲା । କେବଳ ୨ ମାସ ପରେ, ଡିସେମ୍ବର ୧୯୬୮ ରେ, ଆପୋଲୋ ୮ ମିଶନ୍ ଆରମ୍ଭ କରାଯାଇଥିଲା ଯେଉଁଥିରେ ଚନ୍ଦ୍ର ନିକଟରେ ତିନି ଜଣ ମହାକାଶଚାରୀଙ୍କୁ ପଠାଯାଇଥିଲା । ତିନିମାସ ପରେ, ମାର୍ଚ୍ଚ ୧୯୬୯ ରେ ଆପୋଲୋ ୯ ମିଶନ୍ ଆରମ୍ଭ ହେଲା । ଏଥିରେ ଚନ୍ଦ୍ର ମଡ୍ୟୁଲ୍ ପରୀକ୍ଷା କରାଯାଇଥିଲା । ମହାକାଶଯାନର ଏକ ଅଂଶ ଯାହା ପ୍ରକୃତରେ ଚନ୍ଦ୍ରରେ ଅବତରଣ କରିବାକୁ ଯାଉଥିଲା । ଏବଂ ଏହାର ଦୁଇମାସ ପରେ, ମେ ୧୯୬୯ ରେ ଆପୋଲୋ ୧୦ ମିଶନ୍ ଥିଲା । ଏହି ମିଶନରେ, ୩ ଜଣ ମହାକାଶଚାରୀଙ୍କୁ ଅଭ୍ୟାସ ପାଇଁ ପ୍ରାୟ ସମସ୍ତ କାର୍ଯ୍ୟ କରିବାକୁ ପଡୁଥିଲା ଯାହା ଆପୋଲୋ ୧୧ ମିଶନରେ କରାଯିବା ଉଚିତ, କେବଳ ଚନ୍ଦ୍ରରେ ଅବତରଣ କରିବା ବ୍ୟତୀତ । ନାସା ଗୋଟିଏ ପରେ ଗୋଟିଏ ମିଶନ ଆରମ୍ଭ

ISSN NO.
2582-208X

କରୁଥିବା ବେଗକୁ ଦେଖନ୍ତୁ । ୨ ରୁ ୩ ମାସର ବ୍ୟବଧାନରେ, ପରବର୍ତ୍ତୀ ଜିନିଷ ପରୀକ୍ଷା କରିବାକୁ ଏକ ନୂତନ ମିଶନ୍ । ରକେଟ୍, ମହାକାଶଯାନକୁ ପରୀକ୍ଷା କରିବା, ଚନ୍ଦ୍ରକୁ ଯିବା ଏବଂ ଏହି ସମସ୍ତ ପରୀକ୍ଷଣ ପରେ ଶେଷରେ ୧୬ ଜୁଲାଇ ୧୯୬୯ ରେ ଆପୋଲୋ ୧୧ ମିଶନ୍ ଆରମ୍ଭ କରାଯାଇଥିଲା। ବର୍ତ୍ତମାନ କାଉଣ୍ଟ ଡାଉନ ଆରମ୍ଭ - ୨ ... .୧ ... .ଓ ! ସମସ୍ତ ଇଞ୍ଜିନ୍ ଚାଲୁଛି । ଲିଫ୍ଟଅଫ୍, ଆମର ଏହି ଲିଫ୍ଟଅଫ୍ ସଫଳ ହୋଇଛି । "ଆପୋଲୋ ୧୧ ର ଲିଫ୍ଟ ଅଫ୍" ସଫଳ । ତିନିଜଣ ମହାକାଶଚାରୀ ଏହି ମିଶନର ଅଂଶ ଥିଲେ। ୩୮ ବର୍ଷିୟ କମାଣ୍ଡର ନିଲ୍ ଆର୍ମଷ୍ଟ୍ରଙ୍ଗ୍ ସେ ଏହି ମିଶନର ନେତୃତ୍ୱ ନେଇଥିଲେ । କମାଣ୍ଡ୍ ମଡ୍ୟୁଲ୍ ର ପାଇଲଟ୍, ମାଇକେଲ କଲିନ୍ସ ଏବଂ ଚନ୍ଦ୍ର ମଡ୍ୟୁଲର ପାଇଲଟ୍ ଏଡୱିନ୍ ବଜ୍ ଆଲଡ୍ରିନ୍ । ଏହି ତିନୋଟି ନାମ ଇତିହାସର ପୃଷ୍ଠାରେ ଲିପିବଦ୍ଧ ହୋଇଛି । ନିଲ୍ ଆର୍ମଷ୍ଟ୍ରଙ୍ଗ୍ ଏବଂ ବଜ୍ ଆଲଡ୍ରିନ୍ ପ୍ରସିଦ୍ଧ ନାମ, ଆଜି ସମସ୍ତେ ଜାଣନ୍ତି । କିନ୍ତୁ ମାଇକେଲ କଲିନ୍ସ ବହୁତ ଲୋକପ୍ରିୟ ନୁହଁନ୍ତି; ଏହାର କାରଣ ଅତ୍ୟନ୍ତ କୌତୁହଳପୂର୍ଣ୍ଣ । ଆମେ ପରବର୍ତ୍ତୀ ସମୟରେ ଆଲୋଚନା କରିବା । ଏହି ଆପୋଲୋ ୧୧ ମିଶନର ସ୍ପେସ୍ କ୍ରାଫ୍ଟର ତିନୋଟି ମୁଖ୍ୟ ଅଂଶ ଥିଲା । କମାଣ୍ଡ୍ ମଡ୍ୟୁଲ୍, ସେବା ମଡ୍ୟୁଲ୍ ଏବଂ ଚନ୍ଦ୍ର ମଡ୍ୟୁଲ୍ । ପ୍ରଥମ ଦୁଇଟି ସାମୂହିକ ଭାବରେ CSM (କମାଣ୍ଡ ଏବଂ ସର୍ଭିସ୍ ମଡ୍ୟୁଲ୍) ଭାବରେ ଜଣାଶୁଣା । ସେମାନେ ଚନ୍ଦ୍ର ମଡ୍ୟୁଲକୁ ଅଲଗା କରି ଚନ୍ଦ୍ରରେ ଅବତରଣ କରିବାକୁ ଲକ୍ଷ୍ୟ ରଖିଥିଲେ। ଏବଂ ଫେରିବା ପାଇଁ, ଚନ୍ଦ୍ର ମଡ୍ୟୁଲ୍ ପୁନଃ ଚାଳିତ ହେବାକୁ ପଡିବ ଏବଂ ପୃଥିବୀକୁ ଫେରିବା ପାଇଁ ଆଷ୍ଟ୍ରୋନାଟ୍ସ ସକ୍ଷମ କରିବାକୁ CSM ସହିତ ସଂଲଗ୍ନ ହେବାକୁ ପଡିବ । ସ୍ପେସ୍ କ୍ରାଫ୍ଟ ଉତକ୍ଷେପଣ ପାଇଁ ଏକ ଶନି V-5 ରକେଟ୍ ବ୍ୟବହାର କରାଯାଉଥିଲା । ଉତକ୍ଷେପଣ ପୂର୍ବରୁ ଏହି ରକେଟରେ ୧ ମିଲିୟନ୍ ଗ୍ୟାଲନ୍ କିରୋସିନି, ଲିକ୍ୱିଡ୍ ଅକ୍ସିଜେନ୍ ଏବଂ ତରଳ ହାଇଡ୍ରୋଜେନ ଧାରଣ କରାଯାଇଥିଲା। ଏହି ରକେଟର ଓଜନ ୩ ନିୟୁତ କିଲୋଗ୍ରାମ ଥିଲା । ଏହାର ସାହାଯ୍ୟରେ ସ୍ପେସ କ୍ରାଫ୍ଟ ପୃଥିବୀର କକ୍ଷପଥରେ ପହଞ୍ଚିଲା । କକ୍ଷପଥରେ ପହଞ୍ଚିବାକୁ ୧୦ ମିନିଟରୁ କମ୍ ସମୟ ଲାଗିଲା । ତା'ପରେ ସେମାନେ ପୃଥିବୀର କକ୍ଷ ପଥରେ ପ୍ରାୟ ୧.୫ ଥର ଘୂର୍ଣ୍ଣନ କରିଥିଲେ, ଯାହା ପରେ ସେମାନଙ୍କୁ ମିଶନ ନିୟନ୍ତ୍ରଣରୁ ଅନୁମତି ଦିଆଯାଇଥିଲା, ମିଶନ ନିୟନ୍ତ୍ରଣ ନିଶ୍ଚିତ ଭାବରେ ପୃଥିବୀ ଉପରେ ଆଧାରିତ ଥିଲା, ସେମାନେ ଟ୍ରାନ୍ସ-ଚନ୍ଦ୍ର ଇଞ୍ଜେକ୍ସନ ଆରମ୍ଭ କରିବାକୁ ଅନୁମତି ପ୍ରଦାନ କରିଥିଲେ । ଏହାର ଅର୍ଥ ହେଉଛି, ମହାକାଶଯାନକୁ ପୃଥିବୀର କକ୍ଷପଥରୁ ଏବଂ ଚନ୍ଦ୍ରର କକ୍ଷପଥ ଆଡକୁ ନେବା । ପୃଥିବୀର

ISSN NO.
2582-208X

କକ୍ଷପଥ ଛାଡିବାକୁ ଶନି V-5 ରକେଟ୍ ବ୍ୟବହାର କରାଯାଇଥିଲା । ରକେଟ୍ ପାଇଁ ଏହା ତୃତୀୟ ପର୍ଯ୍ୟାୟ ଥିଲା । ଏହି ଘଟଣା ମଧ୍ୟାହ୍ନ ଭୋଜନର ୫ ଘଣ୍ଟା ମଧ୍ୟରେ ହୋଇଥିଲା । କିନ୍ତୁ ପ୍ରକୃତରେ ଚନ୍ଦ୍ରରେ ପହଞ୍ଚିବାକୁ ଅନେକ ଦିନ ଲାଗିଗଲା । ମହାକାଶଚାରୀମାନେ ମହାକାଶଯାନରେ ଅପେକ୍ଷା କରିଥିଲେ, ସେମାନେ ଖାଇଥିଲେ, ଶୋଇଥିଲେ ଏବଂ ନିଜେ ଏବଂ ସେମାନଙ୍କର ଆଖପାଖର ଫଟୋ ଉଠାଇଥିଲେ । ୧୯ ଜୁଲାଇ ୧୯୬୯, ପ୍ରାୟ ୪୦୦,୦୦୦ କିଲୋମିଟର ଯାତ୍ରା କରିବା ପରେ ଆପୋଲୋ ୧୧ ମହାକାଶଯାନ ଚନ୍ଦ୍ରର କକ୍ଷପଥରେ ପହଞ୍ଚିଥିଲା ।

ଆବାହକ,ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# ବିଚିତ୍ର ଦୁନିଆଁ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ପୁଅ ବିରୋଧରେ
ମାଆ ପାଶେ କେବେ
ଅଭିଯୋଗ କର ନାହିଁ
ସ୍ନେହରେ ଜଡିତ
ମାଆଟି ତାହାର
କିଛି ବି ଶୁଣିବ ନାହିଁ।

ତୁମେ ସିନା ତାର
ଭଲ ଚାହୁଁଥିଲ
ସିଏ ତ ଓଲଟା ବୁଝେ
ତୁମ ପରେ ରାଗି
ତମ ତମ ହୋଇ
ପୁଅ ପରେ ତାକୁ ଶୁଝେ।

ଅତି ସ୍ନେହରେ ସେ
ପିଲାକୁ ତାହାର
ବିପଥଗାମୀ ହିଁ କରେ
ତୁମ ପ୍ରତି ସିଏ
ଶତ୍ରୁ ଭାବ ରଖି
ଆଚରଣ ସିନା କରେ।

ନୂଆ ସ୍ଲେଟ ପରି
ପିଲାର ମନଟା
ପୁରା ପରିଷ୍କାର ଥାଏ
ଯେଉଁ କଥାଟାକୁ
ତା ମନେ ଭରିବ
ଦୀର୍ଘ ଦିନ ରହିଯାଏ।

ଜେଜେ, ଜେଜେମାଆ
ଏହି ଦୁନିଆଁରେ
ନିଃସ୍ୱାର୍ଥ ସେବକ ତାର
ପିଲା ବିଷୟରେ
ଯାହା ବି କହନ୍ତୁ
ସେ ସବୁ ମଙ୍ଗଳକର।

ISSN NO.
2582-208X

ତଥାପି ହେ ବନ୍ଧୁ
କଛି କୁହ ନାହିଁ
ସମୟ ବଦଳୁ ଅଛି
ଭଲ କରି ଦେଖ
ତୁମ ଭଲ କଥା
ମନ୍ଦ ମଧ୍ୟ ହେଉଅଛି ।

ସମୟ ସାଥିରେ
ତାଳ ଦେଇ ଚାଲ
ନିଜ କଥା ନିଜେ ଭାବ
ନାତି କଥା ତୁମେ
ଚିନ୍ତା କର ନାହିଁ
କେମିତି କଅଣ ହେବ ।

ତୁମ ପୁଅ ତୁମ
ନିଜର ହେବନି
ସିଏ ମଧ୍ୟ ପର ହେବ
ପ୍ରଥମେ ପ୍ରଥମେ
କଛି କହିବନି
ପରେ ସେ ଓଲଟି ଯିବ ।

ପାଖରେ ଶୋଇଲେ
କାନରେ ଶୁଣିଲେ
ପୁଅଟା ବଦଳି ଯାଏ
ଜନ୍ମଦାତ୍ରୀ ମାଆ
ଯେତେ ଯା' କଲେ ବି
ଦୁଃଖ ସିନା ପାଇଥାଏ ।

ଦୁଇ ଚୁଟିବାଲୀ
ଏକାଠି ରହିବା
ଭାରି କଷ୍ଟକର ହୁଏ
ଶାଶୁ ବୋହୂ କଥା
ନ କହିବା ଭଲ
ମତାନ୍ତର ହୋଇଥାଏ ।

ଯିଏ ବି ଦୁହିତା
ଦୁଇ କୁଳ ହିତା
ବୋଲି ଯିଏ ବୁଝି ଥାଏ
ଯେତେ ପ୍ରତିକୂଳ
ପରିସ୍ଥିତି ହେଉ
ତାକୁ ସେ ସମ୍ଭାଳି ନିଏ ।

ମୋ ନଂ 9937462507

ISSN NO.
2582-208X

# ତ୍ୟାଗର ପ୍ରତିମୂର୍ତ୍ତି
# ଜାନକୀ



ଅଲିଭ୍ ମେହେର

ଅଯୋଧ୍ୟା ରାଜନ  ପ୍ରଭୁ ପୁରୁଷୋତ୍ତମ
ରାଜାଙ୍କ ମଧ୍ୟେ ସାର,
ତାଙ୍କରି ଜାୟା  ଯେ ସୀତା ମହା ସତୀ
ସ୍ୱାମୀ ଭକ୍ତେ ଆଗୁଆର ।। (୧)

ସ୍ୱାମୀ ତାଙ୍କ ପ୍ରାଣ, ସ୍ୱାମୀ ତାଙ୍କ ପ୍ରେମ
ସ୍ୱାମୀ ତାଙ୍କ ସବୁ କିଛି,
ସ୍ୱାମୀ ପ୍ରେମେ ପରିପୂର୍ଣ୍ଣା ସେ ବୈଦେହି
ଚାହେଁ ନାହିଁ ଅନ୍ୟ କିଛି ।।  (୨)

ଦଇବର ଘଟସୂତ୍ର  ଅଟଇ ବିଚିତ୍ର
ସହି ପାରିଲାନି ଖୁସି,
ଏକ ମୁହୂର୍ତ୍ତେ ସବୁ ବଦଳି ଗଲା
ଜାନକୀ ଜୀବନ ଗତି ।।  (୩)

ବନବାସ କାଳେ  ଘୋର ଅରଣ୍ୟରେ
ହରଣ କଲା ରାବଣ,

ISSN NO.
2582-208X

ରାବଣ ଠୁ ମୁକ୍ତି  ପାଇବା ପରେ ସେ
    ଦେଲେ ସତୀତ୍ୱର ପ୍ରମାଣ ।।  (୪)

ପ୍ରଜା ଖୁସି ପାଇଁ  ସୀତା ମହା ସତୀ
    ନିଜେ ହେଲେ ବିତାଡିତ,
ସବୁ କିଛି ଛାଡ଼ି ଅରଣ୍ୟେ ରହିଲେ
    ଧନ୍ୟ ତାଙ୍କ ତ୍ୟାଗ ଅମାପ ।।  (୫)

ତ୍ୟାଗ ରେ ତ୍ୟାଗ ରେ ବନ୍ଧା ହେଇ ଅଛି
    ତାଙ୍କରି ଜୀବନ ଚକ୍ରି
ସେଥି ପାଇଁ ଜନ  ସମୂହ ବୋଲନ୍ତି
    ତ୍ୟାଗର ପ୍ରତିମୂର୍ତ୍ତି ଜାନକୀ ।।  (୬)

ବିଜେପୁର ଡିଗ୍ରୀ କଲେଜ, ବିଜେପୁର
ଓଡ଼ିଆ ସମ୍ମାନ  ୨ୟ ବର୍ଷ, ଜିଲ୍ଲା - ବରଗଡ

ISSN NO.
2582-208X

# ଘେନ ମୋ ଲକ୍ଷେ ସଲାମ



ନନ୍ଦିନୀ ରାଉତ

କୋଟି ଜନତାର ମଉଡମଣୀ ହେ
ଲକ୍ଷ ଜନ ରକ୍ଷା ପାଇଁ
ଲକ ଡାଉନର ଡାକରା ତୁମର
କେବେ ବ୍ୟର୍ଥ ଯିବ ନାହିଁ ।
କୋଟି ଜୀବନର ରକ୍ଷା ପାଇଁ ଆଜି
କାନ୍ଦୁଛି ତୁମ୍ଭ ପରାଣ
ତୁମ୍ଭ ଲୁହ ଆଗେ ନିଶ୍ଚୟ ହାରିବ
କରୋନା ରାକ୍ଷସ ଜାଣ ।
ବିଭୁ କୃପା ନେଇ ସେବା ବ୍ରତୀ ହୋଇ
କରୁଛ ଉତ୍ତମ କାମ
ଚନ୍ଦ୍ର ସୂର୍ଯ୍ୟ ଯେତେ ଦିନ ରହିଥିବେ
ରହିବ ତୁମର ନାମ ।
ତୁମ ସାହସର ଛାତ ତଳେ ଆଜି
ଆମେ ପରା ସବୁ ଠିଆ
କୋଟି ଜୀବନ ର ତୁମେ ଏକା ବୀର
ସାଜି ଅଛ ବାପା ମାଆ ।
ବାର୍ତ୍ତା ତୁମର ମନ୍ତ୍ର ପରି ଏଠି
ଏକା କରି କରେ ଠିଆ

ଭାରତୀୟ ଆମେ ଦୁର୍ବଳ ନୋହୁ
ଆମେଯେ ବୀର ଲଢୁଆ ।
ସବୁ ପ୍ରାନ୍ତରେ ଶୁଭେ ତୁମ ନାମ
ତୁମ୍ଭର ଜୟ ଜୟ କାର
ଭୂମି ଠାରୁ ଭୂମା ବ୍ୟାପ୍ତ ହୋଇଅଛି
ସଭିଙ୍କ ଗୋଟିଏ ସ୍ୱର ।
ଏ ମହା ସଙ୍କଟୁ ପାର ହୋଇଯିବୁ
ତୁମେ ଆମ ସେନାପତି
ଲକ୍ଷେ ସଲାମ ଜଣାଏ ତୁମକୁ
ଘେନ ଆହେ ମହାମତି ।

ବାଲିପଟା, ଅନୁଗୁଳ

ISSN NO.
2582-208X

# ମାଛ ବେସର



ଅରୁଣ କୁମାର ମହାପାତ୍ର

ଗତ ରାତିରେ ବିଳମ୍ବରେ ଶୋଇଥିଲେ ବି ଆଜି ବଡ଼ି ଭୋରରୁ ସୁମୀର ନିଦ ଭାଙ୍ଗି ଯାଇଛି। କିଛି ଭଲ ଲାଗୁନି। ଶୋଇବାକୁ ବି ଇଚ୍ଛା ହେଉନି। ତେଣେ ଘର ଯାକର କାମ। କାମ ପାଇଁ ତାର ଦୁଃଖ ନାହିଁ କେବଳ ଶାଶୁଙ୍କ କଥା ଭାବୁଛି। ଚାରିଦିନ ପରେ ସାବିତ୍ରୀ ବ୍ରତ। କେତେ ମନ କରିଥିଲା ବାପ ଘରକୁ ଯିବ। ସାନ ଭାଉଜର ପ୍ରଥମ ବ୍ରତ। ସମସ୍ତେ ଆସିବେ। ଟିକେ ଦେଖିବା ପାଇଁ ଭାରି ମନ ଥିଲା। ବାପା ବି ଆସି ଶାଶୁ ଶଶୁରଙ୍କୁ କହି ଯାଇଥିଲେ। ଶଶୁରଙ୍କ କଣ ଅଛି? ଖାଲି ହସି ଦେଲେ। ଅବସର ନେଲା ପରେ ଆଗ ଅପେକ୍ଷା ଏ ହସ ଆହୁରି ବଢ଼ି ଯାଇଛି। ମାସ ଶେଷରେ ଟଙ୍କା ଗଣ୍ଡିକ ଶାଶୁଙ୍କ ହାତରେ ବଢେଇ ଦେଇ କେବଳ ହସି ଦିଅନ୍ତି । ଅକାଳେ ସକାଳେ କେବେ ଯଦି କିଛି କହି ଦିଅନ୍ତି ତେବେ ଦିନ ସାରା ଖାଲି ଶୁଣନ୍ତି। ତାହା ପୁଣି ବିବାହ ଦିନରୁ ଆଜି ଯାଏଁ ବିଭିନ୍ନ ଘଟଣାର ବିକୃତ ଚରିତ୍ର। ପୁଣି ଚୁପ୍ ହୋଇଯାଆନ୍ତି। ଶାଶୁ କିନ୍ତୁ କେବଳ ଶୋଇବା ସମୟରେ ଚୁପ୍ ରୁହନ୍ତି। ସୁମୀର ଅଭ୍ୟାସରେ ପରିଣତ ହୋଇ ଯାଇଛି ଏସବୁ। ସେଦିନ ବି ବାପାଙ୍କୁ କଣ କଣ କହିଲେ ଶାଶୁ। ହଁ କଲେନି କି ନା ବି କଲେନି। ଗତକାଲି ରାତିରେ କହୁଛନ୍ତି କଣ ନା ଏଥର ସାବିତ୍ରୀ ଅମାବାସ୍ୟା ଏଇଠି କରିବୁ। ବନି ଆସିବ।

ସୁମୀ ମନେ ମନେ ହସିଲା। ବନି ମାନେ ତା ନଣନ୍ଦ ବାପ ଘରକୁ ଆସିବେ ଅଥଚ ସେ ଯାଇ ପାରିବ ନାହିଁ।

ISSN NO.
2582-208X

ପୁଣି ବରାଦ କମ୍ ନୁହେଁ। ବନି ତାର ଶାଶୁ ଶଶୁର ଦିଅର ଇତ୍ୟାଦି ସହ ଆସିବ। ତାର ମାଛ ବେସରରେ ଭାରି ସରଧା। ପାଖାପାଖି ଦିନେ କିମ୍ବା ଦୁଇ ଦିନ ଆମିଷ ବାର। ଭଲ ଭାବେ ବେସର କରିବୁ। ତା ଶାଶୁ ଭାରି ମିଜାଜି। କିଛି ବି ଭାବି ପାରନ୍ତି। ଇତ୍ୟାଦି ଇତ୍ୟାଦି।

ପୁଣି ମନେ ମନେ ହସିଲା ସୁମୀ। ଶାଶୁ ମାନେ କଣ ଏମିତି। ସେମାନେ କଣ ବୋହୂ ନଥିଲେ ? କେଜାଣି !

ବାହାଘର ଚାରିବର୍ଷ ପୁରିଲେ ବି ସ୍ୱାମୀ ଖୁବ୍ କମ୍ ସମୟ ଗାଆଁରେ ରହନ୍ତି । କେଉଁ ଏକ ବେସରକାରୀ ସଂସ୍ଥାରେ କାମ। ପ୍ରାୟତଃ ଟୁର୍। ରହନ୍ତି ଦୂରରେ। ଆଜି ସାବିତ୍ରୀ ବ୍ରତରେ ମନଟା ଭାରି ଖୋଜୁଛି। ସମସ୍ତଙ୍କ ପାଇଁ ବ୍ରତ ଯୋଗାଡ଼ରେ ସୁମୀ। ବନି ସଜେଇ ହୋଇ ବୁଲି ବାହାରି ଗଲେ । ଝିଅ ସେ। ବୋହୂ ଘରେ ଥାଉ ଥାଉ କାମ କଣ ?

ହଠାତ୍ ପହଞ୍ଚି ଗଲେ ସମୀର।

କିଛି ଖବର ନାହିଁ। ହଠାତ୍ ? ପଚାରିଲା ସୁମୀ।

ଏଇଟା surprise। କେମିତି ଲାଗିଲା ? ପଚାରିଲା ସମୀର। କିଛି ନକହି ଚାଲିଗଲା ସୁମୀ। ଚା ନେଇ ଆସିଲା। ପାଖରେ ବସି ଗପିବାକୁ ଇଚ୍ଛା ଥିଲେ ବି ଘରର କାମକୁ ଦେଖି ଚାଲିଗଲା ସେ। ଖୁସି ଥିଲା ଅନ୍ତତଃ ଆଜିର ଦିନରେ ସ୍ୱାମୀ ପହଞ୍ଚି ଯାଇଛନ୍ତି । କାମ ଆଉ କାମ ଭିତରେ ସେହି ବାଞ୍ଛିତ ମୁହୂର୍ତ୍ତ। ମାନେ ଦିନକ ପରେ ପହଞ୍ଚିଲା ଆମିଷ ବାର। ଆସି ପହଁଚିଲା ବଡ ଗୋଟା ରୋହି ମାଛ। କଟା ହେଲା ମାଛ ଆଉ ବଟା ହେଲା ବେସର। ଗେହ୍ଲା ନଣନ୍ଦଙ୍କ ଖୁସି କହିଲେ ନ ସରେ। ଖାଲି ଘରେ ଏପଟ ସେପଟ। ସେ କାଳେ ବେସର କରି ଜାଣନ୍ତିନି। ଶାଶୁ ବି ସମର୍ଥନ କରନ୍ତି।

ସମସ୍ତଙ୍କୁ ଖାଇବାକୁ ଦେଇ ପାଖରେ ଠିଆ ହେଲା ସୁମୀ । ହଠାତ୍ ବନି କହିଲା, କଣ ଭାଉଜ ଜାଣି ଶୁଣି ପିତା କରି ଦେଇଛ ନା କଣ ? ଜମା ଖାଇ ହେବନି। ତୁମେ ତ ମାଛ ବେସର ଖୁବ୍ ଭଲ କର। ଆଜି କାହିଁକି ଏମିତି ? ନା ବୋଉ ଘରକୁ ଯିବାକୁ ମନା କରି ଦେବାରୁ ରାଗି ଯାଇଛ ?

ISSN NO.
2582-208X

ଖୁବ୍ ଅପମାନ ବୋଧ କଲା ସୁମୀ। ସବୁ କରି କି ସୁନ୍ଦର ଉପହାର! ଆଖି ଛଳ ଛଳ ହୋଇ ଆସିଲା ତାର। ଶାଶୁ ପୁଣି ଯୋଡିବା ଆରମ୍ଭ କଲେ । ବିଷୟ ଖୁବ୍ ଲମ୍ବି ଯାଉଥିବା ବେଳେ ବନିର ଶାଶୁ କହି ଉଠିଲେ। ମାଛ କେଉଁଠି କଟାଇଲ ? ବନି କହିଲା ବୋଉ ପରା ନିଜେ କାଟିଛି। କେତେ ସୁନ୍ଦର ଖଣ୍ଡ ସବୁ ଦେଖୁନ ?

ତାହା ତ ଠିକ୍। ଖଣ୍ଡ ଗୁଡ଼ିକ ସୁନ୍ଦର ନିଶ୍ଚିତ କିନ୍ତୁ କାଟିଲା ବେଳେ ମାଛର ପିତ୍ତ ଫାଟି ଯାଇଛି। ସୁମୀର ଭୁଲ କଣ ?

ସମସ୍ତେ ନୀରବ। ସୁମୀ ନିଜ ଦୁଇ ବର୍ଷର ଝିଅ ମୁଣ୍ଡରେ ହାତ ମାରି ଭାବୁଥାଏ ଧନ୍ୟ ଭଗବାନ, ମୋତେ ଶାଶୁ ହେବାର ସୁଯୋଗ ଦେଇନାହାଁ।

ସମୀର ଦୂରରୁ ବୋଧେ ବୁଝିପାରୁଥିଲା ସୁମୀ ମନର କଥା।

ବୈଜ୍ଞାନିକ ଅଧିକାରୀ
ଭାରତ ସରକାର
ଅଶ୍ୱପୁରମ, ତେଲେଙ୍ଗାନା

ISSN NO.
2582-208X

# ଅସହାୟ



ଡଃ ପ୍ରିୟମ୍ବଦା ସାମଲ

ସମୟର କ୍ରୁର ପରିହାସେ
ଅସହାୟ ହେବାକୁ ପଡେ
ପ୍ରତ୍ୟେକଙ୍କୁ କେବେ ନା କେବେ
କେଉଁ ମୁହୂର୍ତ୍ତରେ
କିଏ ବା କହିପାରେ
ନିୟତି ବ୍ୟତୀତ
ତ୍ରାହି କେହି ପାଇନାହାନ୍ତି
ଅସହାୟତା ଠାରୁ
ସେ ରାଜା ହୁଅନ୍ତୁ ବା ରଙ୍କ
ସେ ଭୀଷ୍ମ ହୁଅନ୍ତୁ କି କର୍ଣ୍ଣ
ସତୀ ସୀତା ବା ଦ୍ରୌପଦୀ ।
ଯେବେ ସବୁଆଡୁ ନିରାଶାର
ଇଙ୍ଗିତ ମିଳେ
ଅସହାୟତାର କଳା ବାଦଲ ଛାଇ ଯାଏ
ମନରେ ହୃଦୟରେ ପ୍ରାଣରେ
ସେତେବେଳେ ଜ୍ଞାନୀ  ମାନୀ ଧନୀ
ସବୁ ହୋଇ ଯାଆନ୍ତି ସମାନ

ଅସହାୟତାରେ ସନ୍ତୁଳିତ ପ୍ରାଣ
ତ୍ରାହି ତ୍ରାହି ଡାକ ଛାଡେ
ଶରଣ ନିଅନ୍ତି ଈଶ୍ୱରଙ୍କ ଠାରେ
ନିଜର ସବୁ ଦୁଃଖ ଗର୍ବ ଅହଙ୍କାରକୁ
ଚଢାଇ ଦିଅନ୍ତି ବଳୀ
ତାଙ୍କର ପଦାର ବିନ୍ଦରେ
ପୂର୍ଣ୍ଣ ସମର୍ପଣରେ
ମିଳେ ଶାନ୍ତି ପ୍ରଶାନ୍ତି ମୁକ୍ତି ।

ନନ୍ଦନ ବିହାର,ପଟିଆ,
ଭୁବନେଶ୍ୱର

ISSN NO.
2582-208X

# କୋଣାର୍କ



ପ୍ରଦୀପ୍ତ କୁମାର ମିଶ୍ର

ଇତିହାସ ର ସୌଧ ଉପରେ
        କେବଳ ଠିଆଡୁ ମୁଖଶାଳା
ଶିଳ୍ପୀର ଗାରିମା ସୁଚେଇ ଆଜି
        ଦେଉ ଅତୀତ ଗର୍ବର ନାରା ।

ଭଗ୍ନ ପ୍ରସ୍ତର ଦେଇଛି ସୂଚନା
        ଏଜାତିର କଳାର ହସ୍ତାକ୍ଷର
ଦେଖଣାହାରୀ ଦେଖେ କିନ୍ତୁ
        ତାପ୍ରୀତିର ଅନେକ ସ୍ୱାକ୍ଷର ।

ନାହିଁ ଚନ୍ଦ୍ରଭାଗା ନାହିଁ ସାଗର
        ନାହିଁ ସେହି ବିଶୁ ମହାରଣା
ଧର୍ମପଦର ଛାୟା କେବେଠାରୁ
        ଏଠୁ ହେଲାଣିଯେ ବାଟବଣା ।

ତଥାପି ଶିଉଳିଲଗା ପ୍ରସ୍ତରଯେ
        ତାମଧ୍ୟେ ରଖି ମେଞ୍ଝାଏ କ୍ଷୋଭ

ISSN NO.
2582-208X

ଆହ୍ୱାନ ଦିଏ ଗଢ଼ିଦେ ପୁଣିତ
　　କୋଣାର୍କର ନୂତନ ଅବୟବ ।

ସେହିଶିଳା ସମୂହ କହୁଛିଯେ
　　ଉତ୍କର୍ଷ କଳାର ଗାରିମାଗାଥା
ଟିକିଏ ନିରେଖି ଦେଖିଲେତୁତ
　　ଆରମ୍ଭ କରିବୁତୋ ଜୟଯାତ୍ରା ।

ଶାମ୍ବ ସିନା ତାହାର ଅଭିଶାପକୁ
　　ଧୋଇଦେଇଥିଲା ଏ ଅର୍କକ୍ଷେତ୍ରେ
ଇତିହାସ ଆଜି ପୁଣି କଥାକହେ
　　ଭରିଛି ସଂସ୍କୃତି ତୋ ଛତ୍ରେଛତ୍ରେ ।

ସେହି ମୁଖଶାଳା ବିଶ୍ୱକୁଦେଇଛି
　　ଆହ୍ୱାନ ଖୋଜିବାରେ କଳା ଦର୍ଶନ
ଛାୟାଆଲୋକର ଖେଳରେସେ
　　ଦିବା ସମୟର କରେ ଅବଗାହନ ।

କହେ ବିଦେଶୀ ଧନ୍ୟ ଏ ସଂସ୍କୃତି
　　ଧନ୍ୟତାର ସୁନାର ସେହି ଅତୀତ
ଧର୍ଯ୍ୟର ପାହାଡ଼ ଉପରେ ଥାଇସେ
　　ପ୍ରସ୍ତରକୁ ନିହାଣମୁନେ କରିଜୀବନ୍ତ ।

ଅରେଇ, ଯାଜପୁର, 9658614728

ISSN NO.
2582-208X

# ପେନ୍ଥାଏ ସୋରିଷ ଫୁଲ



ଝରଣା ବାରିକ

ଫୁଲ :-

ସୋରିଷ ଫୁଲର ମହକ ପାଇକି
ଭ୍ରମର ଉଡଇ କ୍ଷେତର ସାରା
ଯେମିତି ଆକାଶେ ଫୁଲ ସମ ହୋଇ
ଚିକ୍ ମିକ୍ କରେ ଅସଂଖ୍ୟ ତାରା
ମନ ନିଏ କିଣି ସୋରିଷ ଫୁଲ
ଚାଷୀ ଭାଇ ଶ୍ରମ ସୁନ୍ଦର ଦିଶଇ
କିଏ ଅବା ଦେବ ତାହାର ମୂଲ ।

କିଆରୀ :-

ସତେକି ହଳଦୀ ପାଟ ଶାଢ଼ି ପିନ୍ଧି
ସୋରିଷ କିଆରୀ ସୁନ୍ଦର ଦିଶେ
ନବ ବଧୂ ସମ ଲାଜେଇ ଲାଜେଇ
ମୁରୁକି ହସଇ ହଳଦି ବେଶେ
ସୁନା ଚିକ୍ ଚିକ୍ ସୋରିଷ କ୍ଷେତ
ମନେ ହୁଏ ସତେ ଲହରା ଫୁଲଟି
ଉଡାଉଛି ସତେ ସରଗ ନେତ ।

ISSN NO.
2582-208X

ପ୍ରଜାପତି :-

ସୋରିଷ ଫୁଲର ହୃଦୟକୁ ଛୁଇଁ
ପ୍ରଜାପତି ଯେବେ ଖେଳଇ ଦୋଳି
ହଳଦିଆ ରଙ୍ଗ ଛିଟ ଦେହେ ତାର
ଧୀରେ ଧୀରେ ପୁରା ହୁଅଇ ବୋଳି
ଦୁଇ ସୁନ୍ଦରତା କ୍ଷେତରେ ମିଶେ
ସରଗ ବକ୍ଷରେ ପାରିଜାତ ସମ
ସୁନ୍ଦର ଦୁର୍ଲଭ ମର୍ତ୍ତ୍ୟରେ ଦିଶେ ।

କାକର :-

ସୋରିଷ କ୍ଷେତରେ କାକରର ଟୋପା
ଫୁଲପରେ ଯେବେ ଝଟକୁ ଥାଏ
ସତେ ସୁନା ଦେହେ ହୀରାର ପଥର
ଚିକି ମିକି କରେ ଛାଏଁ କୁ ଛାଏଁ
ବାଟ ଗଲା ଲୋକ ଆନନ୍ଦେ ଦେଖେ
କବି ଓ ଭାବୁକ ଦେଖିଦେଲେ ତାକୁ
ମାନସ ପଟରେ କବିତା ଲେଖେ

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# ସରିପାରୁନଥିବା ଗପ



କୁଞ୍ଜ ବିହାରୀ ସାହୁ

ସମ୍ପର୍କ ଏକ ଖୋଲାବହିଟିଏ ଯାହାର ମଲାଟ ଖୋଲିଦେଲେ ଇଛାହୁଏ ପଢିବାକୁ ଶେଷପୃଷ୍ଠା ଯାଏଁ । ସମ୍ପର୍କ ଏମିତି ଗାଉଁଲୀ ନଈଟିଏ କିଛି ବୁଝି ନ ବୁଝି ଆନ୍ତରିକତାର ସହ ବହିଯାଏ ଆଗକୁ ଅଗକୁ ସମୁଦ୍ରର ସମ୍ଭୋଗ ପାଇଁ । ସମ୍ପର୍କ ଏମିତି ପୋଷାପକ୍ଷୀଟିଏ କଥାଟିଏ ଶୁଣୁଶୁଣୁ ହୁଁ ମାରୁଥାଏ । ସମ୍ପର୍କ ଏମିତି ସୁନ୍ଦରୀ ଫୁଲଟିଏ, ପ୍ରତୀକ୍ଷାରେ ଥାଏ କଳାଘୁମର ଭ୍ରମରକୁ । ସମ୍ପର୍କ ଏମିତି ସଜଡ଼ା ଘରଟିଏ, ଯାହାକୁ ବସୁଧୈବ କୁଟୁମ୍ବକମ୍ ବୋଲି କୁହାଯାଇପାରେ ।

ସତରେ ଏମିତିକା ସମ୍ପର୍କକୁ ପାଥେୟ କରି ଲିପିକା ମନରେ ଉଦବେଳନ ଆସିଛି । ସାମ୍ନାରେ ମାଟିଗୋଡ଼ିର ରାସ୍ତାରେ ପାଦ ଥାପିଛି । ସେ ସମ୍ପୂର୍ଣ୍ଣ ଅବଗତ ଯେ ସମ୍ପର୍କର ଫୁଲତୋଡା ଯାହାକୁ ଥରେ ସମର୍ପିଦେଇଛି, ସେ ହିଁ ତା ପାଇଁ ସବୁ କିଛି । ବିପଦ ଆପଦର ସାଥୀ । ରେଣୁକାକୁ ତା ଜୀବନର ଇତିବୃତ୍ତି ବଖାଣିଛି ଅନେକଥର । ପାଖରେ ପାଇ ରେଣୁକାକୁ ନିଜର ଗୋପନୀୟ ଘଟଣାକୁ ବଖାଣିଦେଇଛି ଅନାୟସରେ । ପିଲାଟିବେଳରୁ ଏମିତି ସମ୍ପର୍କ ଗତିଶୀଳ ହେଇଯାଇଛି, ଭାବିଲେ ଦୁହେଁ ଚକିତ ହୋଇପଡ଼ନ୍ତି ।

ଲିପିକା ପ୍ରଗଳଭ ମୁଦ୍ରାରେ ରେଣୁକାକୁ ହୃଦୟ ଦେଇଛି, ନିଜେ ବି ବୁଝିପାରିନି । ସେ କ'ଣ କରୁଛି ତା ଅଗୋଚରରେ ?? ରେଣୁକା ତା ଅନ୍ତରଙ୍ଗ ବାନ୍ଧବୀ । ସୁଠାମ ଶରୀର । ମନକୁ ଛୁଇଁଲାପରି । ଯେମିତି ମେଘ ସହ ମାଟିର ସମ୍ପର୍କ । ଛାତି, ଓଠକୁ ବେଳ ଅବେଳରେ ଚୁମିବାପରେ ଲିପିକା ବେହୋସ ହେଇଯାଏ ଆଉ ଶିହରି ଶିହରି ରେଣୁକା ଉପରେ ଅଜାଡି ହୋଇପଡ଼େ ଗୋଟାପଣେ। ରେଣୁକା ବି ଲିପିକାର ମନକଥାକୁ ସାଉଁଟି

ISSN NO.
2582-208X

ନେଇଯାଏ । ଖୋଲାପ୍ରାଣରେ ଲିପିକାକୁ ନିଜ ଦେହରେ ଗୁଡେଇ ତୁଡେଇ ଦିଏ । ପରସ୍ପର ବହି ପଢନ୍ତି । ଭିଡିଓ ଦେଖି ଭରପୁର ମଜା ଉଠାନ୍ତି । ପାଠପଢା ଘରେ ପାଠ ପଢନ୍ତି ମନଦେଇ । ଖାଇବା ଟେବୁଲରେ ଏକାଠି ଖାଆନ୍ତି ।

ଦୁଇଜଣଙ୍କ ଅବାଧ ମିଳାମିଶାକୁ ଦୁଇ ପରିବାର ଗ୍ରହଣ କରିନିଅନ୍ତି । ଶ୍ୟାମଳ ରଙ୍ଗର ଲିପିକା ହଳଦୀଗଣ୍ଠି ରେଣୁକାକୁ ଅହେତୁକ ଭଲ ପାଏ । ତାକୁ ଦଣ୍ଡେ ନ ଦେଖିଲେ ରହିପାରେନି ଲିପିକା । ଲୁଚି ଛପି ବୋଉକୁ ମିଛ କହି ଖରାବେଳେ ରେଣୁକା ଘରକୁ ଯାଏ । ଲୁଡୁପାଲି ଖେଳେ । ଗୋଟି ଚଲେଇ ହାରିଯାଏ ପୁଣି କେତେବେଳେ ରେଣୁକା ହାରିଯାଏ ସାପ ମୁହଁରେ ପଡ଼ି । ଚମତ୍କାର ଏ ଲୁଡୁ ଖେଳ । ଖେଳବେଳେ ପରସ୍ପରକୁ ଅନେଇ ରୁହନ୍ତି କ୍ଷଣିକ । ମୁଚୁକୁନ୍ଦ ହସ ଝରିପଡ଼େ ଦୁଇ କଅଁଳ ଓଠରୁ । ଖେଳ ପରେ ଲଞ୍ଚ, ଆଉ ତା'ପରେ ବୋଉର ହାତରନ୍ଧା ପରଷାରେ ପେଟପୂରେଇ ଦିଅନ୍ତି ।

ରବିବାସରୀୟ ଅଳସ ମଧ୍ୟାହ୍ନରେ ଲିପିକା ରେଣୁକା ଘରକୁ ଆସିଥାଏ । ଖୁସିମଜାରେ ଘରୋଇ ଖେଳରେ ଭାଗ ନେଇ ଆନନ୍ଦ ସାଉଁଟିନିଏ । ରେଣୁକା ସହ ଏକାଠି ଖାଏ, ବିଶ୍ରାମ ନିଏ ସେଞ୍ଚୁରିଆନ ଗଦିରେ । ବାହାରେ ବର୍ଷା ଆରମ୍ଭ ହେବାର ସୂଚନା ପାଇ ଲିପିକା ପୁଲକିତ ହୁଏ । ସତରେ ଟିକେ ବର୍ଷା ହୁଅନ୍ତା କି । ଯାଉଁଳା କବାଟ ଦେଇ ଥଣ୍ଡା ପବନ ପହଁରିଯାଆନ୍ତା । ମେଘକ୍ଳାନ୍ତ ଆକାଶ ବୁଝିଗଲା ଲିପିକାର ଅନ୍ତର ବେଦନା । ଓଝାଳିଦେଲା ବରକୋଳି ପରି ବର୍ଷା । ଓଦା ମାଟିରୁ ବାସ୍ନା ଉପରକୁ ଉଠିଲା, ଝରକା ଫାଙ୍କରେ ଆବାଜ କଲା । ଦେହକୁ ଜାବୁଡ଼ି ଧରିଲା ଥଣ୍ଡା ପବନ । ଝରକା ବନ୍ଦ କରୁ କରୁ ବର୍ଷା ବି ମେଲାଣି ନେଲା ଅଳ୍ପ ସମୟରେ ବ୍ୟବଧାନ ପରେ ।

ଲିପିକା ମାଟ୍ରେସରେ ଶୋଉ ଶୋଉ ଅଜାଣତରେ ନିଜ ହାତ ଛାତି ଉପରେ ପଡିଯାଇଛି, ଅନୁଭବ କଲା । ଅବାନ୍ତର ସ୍ୱପ୍ନ ଦେଖି ଚମକିଉଠିଲା । ନା ପାଖରେ ତା ବାନ୍ଧବୀ ରେଣୁକା ନାହିଁ । ଛଟପଟ ହେଲା, ମନକୁ କେମିତି ବୁଝେଇବ ଭାବିପାରିଲାନି । ପୁଣି ଥରେ କଡ ଲେଉଟୁ ଲେଉଟୁ ଲିପିକା ଆଖିରେ ଗହମ ନିଦ ଘାରିଯାଇଛି । ତା ଅଜଣାତରେ ପିନ୍ଧା ବସନ ଏପଟ ସେପଟ ହେଇଯାଇଛି ,ପରତେ ନାହିଁ ।

ରେଣୁକା ଲଞ୍ଚ ପରେ ବାସନମଜାରେ ତା ବୋଉକୁ ସହଯୋଗ କରେ ସବୁଦିନ । ସେଦିନ ବି ପୁରୁଣା ନିତିଦିନିଆ ଢଙ୍ଗରେ ତା ବୋଉକୁ ସହଯୋଗ କଲା । ବୋଉ ଜାଣିଲାପରି

ISSN NO.
2582-208X

କହିଦେଲା – 'ଯାଉନୁ ରେଷ୍ଟ ନେବୁ । ତୋ ସାଙ୍ଗ ଏକୁଟିଆ ଶୋଇପଡିଥିବ । ମୁଁ ବାସନ ମାଜିଦେବି ! ଆଜି ତ ତୋ ବାପା ବାହାରେ ଖାଇଦେବେ । ଫେରୁ ଫେରୁ ଲେଟ୍ ହେଇପାରେ ।'

ରେଣୁକା ହସିଦେଲା ୟୁରେକା ପରି । କଥାକୁ ମାନି ରେଣୁକା ଲମ୍ବା ଟପ୍ ଗୋଟେ ପିନ୍ଧି ଶୋଇବାଘରକୁ ଝପଟିଗଲା ଆଖିରେ ଖୁନ୍ଦିହୋଇଥିବା ନିଦକୁ ସାକାର କରିବ ବୋଲି । ବାହାରକୁ ଚାହିଁଲା ବର୍ଷାର ବେଗ ଥମିଯାଇଛି । ଅଧା ମୁକୁଳା ଝରକା-କବାଟର ଭିତରପଟେ ଖିଡ଼ିକି ଲଗେଇଦେଲା । କମ ଭଲ୍ୟୁମରେ ଏ.ସି.ଅନ୍ କଲା । ଦେହରେ ପରଫ୍ୟୁମ୍ ଲଗାଇ ଗଦିରେ ମିଛିମିଛିକା କଡ଼ ଲେଉଟେଇଲା ।

ଲିପିକାକୁ ଚାହିଁଦେଲା କଣେଇ କଣେଇ । ଲିପିକା ଘୁଙ୍ଗୁଡି ମାରୁଛି । ଚତୁରତାର ସହ ଗାଲ ଦିଇଟାରେ ନିଜ ଓଠକୁ ଲଗେଇଦେଲା । ଡାହାଣହାତ ମଝିଆଙ୍ଗୁଠିରେ ଲିପିକାର କଅଁଳ ଗୋଲାପକଢି ପରି ଓଠକୁ ସାଉଁଳିଲା। ଧୀରେ ଧୀରେ ଆଙ୍ଗୁଠିକୁ ସରଳରେଖା ପରି ଟାଣିଆଣିଲା ଦେଖାଯାଉଥିବା ନାହି ପାଖକୁ । କିଛି ସମୟ ଅଟକିଗଲା ସେଇଠି ।

ଏହିପରି ଦି ଚାରିଟା ସରଳରେଖା ଟାଣିଦେଲା ଓଠରୁ ନାହି ପର୍ଯ୍ୟନ୍ତ ଖୁବ୍ ବିନ୍ଦାସରେ ରେଣୁକା । ଇଛାହେଉଥିଲା ନାହି ତଳକୁ ସରଳରେଖାଟି ଲମ୍ବେଇଦେବାକୁ । ଦେହର ଶିହରଣକୁ ଦ୍ୱିଗୁଣିତ କରି ନିଜ ଇପସିତ ଇଛା ଜାହିର କଲା।

ଲିପିକା ଟିକେ ଟିକେ କଡ ଲେଉଟାଇଲା। ଅନ୍ୟମନସ୍କ ଭାବେ ଲିପିକାର ବାମ ହାତଟା ରେଣୁକାର ଛାତି ବେତାମ ପାଖରେ ଅଟକିଗଲା । ଲିପିକା ଜାଣିଗଲା ଭାବି ଚିତ୍ ହୋଇ ଆଖିବୁଜିଦେଲା ରେଣୁକା । ରେଣୁକାକୁ ପାଖରେ ପାଇ ଲିପିକା ମାଟି ଓ ଆକାଶର ସମ୍ପର୍କକୁ ମନେପକେଇଲା । ଅଭିନୟ କରି ରେଣୁକାର ପିନ୍ଧା ଟପ୍ ର ବୋତାମ ଖୋଲିଦେଲା। ସଲସଲ କଲା ନ ଜାଣିଲାପରି । ତା ପରେ ବାମ ହାତକୁ ତଳକୁ ଖସାଇଲା । ଧୀରେ ଧୀରେ ଗୋପନୀୟ ଭାଗରେ ପାପୁଲି ଅଟକିଗଲା ବାଟବଣା ବାଟୋଇ ପରି । କେମିତି କାହିଁକି ଅସନ୍ତୁଳନ ଲାଗିଲା ନିଜକୁ । ଅର୍ନ୍ତବାସ ନାହିଁ ବୋଧହୁଏ । ମନରେ ଇଛା ଜାଗିଲା ନିଜ ମନକଥାକୁ କହିବାକୁ । ହେଲେ କହିବ କେମିତି ? ଚାପି ଚାପି ହସୁଥିଲା ।

ISSN NO.
2582-208X

ରେଣୁକା ସମ୍ଭାଳିପାରିଲାନି । ସେ ତ ନିଦରେ ଶୋଇନି, କେବଳ ଖୋଜୁଥିଲା ସୁଯୋଗର ମାନଚିତ୍ରଟିଏ । ରେଣୁକା ବୁଜିଲା ଆଖିପତାକୁ ଉପରକୁ ଟେକିଦେଲା । କାମନା ଜ୍ୱାଳାରେ ଲିପିକାର ସର୍ଟ ସାର୍ଟର ସବୁ ବୋତାମକୁ ଧିରେ ଧିରେ ଖୋଲି ଦେହକୁ କାବୁଡି ଧରିଲା । ଲିପିକା ଦେହରେ ନିଆଁ ଲାଗିଗଲା କି ଆଉ ! ସେ ଜଳିଗଲା କାମ ଲାଳସାରେ । ଅଲକ୍ଷ୍ୟରେ ଅନାବୃତ କରିଦେଲା ସାରା ଦେହଟାକୁ । ଶ୍ୟାମଳ ଦେହଟା ସତେଜ ସତେଜ ଦିଶୁଥିଲା ବସନ୍ତ ଋତୁର କଅଁଳ ନୂଆପତ୍ର ପରି ।

ହଁ, ସବୁ କିଛି ଦୃଶ୍ୟମାନ ହେଲା ରେଣୁକାକୁ । ଇନୋସେଣ୍ଟ ଝିଅ ପରି ପଚାରିଦେଲା - 'ଲିପି, ତୋର ମୋର ଗୋଟିଏ କ୍ଲାସ୍, ଗୋଟିଏ ସେକ୍ସନ । ରୋଲ ନଂ ଟି ଟିକେ ଦୂରରେ। ତୋ ବୟସ ମୋ ବୟସ ତ ସମାନ । ହେଲେ ତୋ ଛାତିଟା ଉଚ୍ଚା ଉଚ୍ଚା । ତୋ ଗୋପନୀୟ ପାର୍ଟ ବି ବହୁତ ସୁନ୍ଦର । କାହିଁ ମୋର ସେମିତି ଜଣାପଡୁନି ! କିଛି ଗଡବଡ କରିଦେଇଛୁ କି ଯା ଭିତରେ । ମୋତେ ତ କହିନୁ । ଭାରି ଇୟେ ଗୋଟେ...'

ଲିପିକାର ଓଠରେ ଲାଜୁଆ ହସ ଉଙ୍କିମାରିଲା ଆକାଶର ଦ୍ୱିତୀୟା ଜହ୍ନପରି । ଖୋଲା ବହି ପରି ଖୋଲିଦେଲା ତା ଅସଲ କାରନାମା....ଆଉ ଫୁଲେଇ ଫୁଲେଇ ପଚାରିଦେଲା 'ମୁଁ କେମିତି କହିବି ରେଣୁକା ? ତୋ ଖୋଲା ଦେହଟାକୁ ମୋତେ କେବେ ଦେଖେଇଛୁ କି ଯେ ମୁଁ ତୋତେ କହିବି ।'

ଅନ୍ତରଙ୍ଗ ଇଛାକୁ ପ୍ରକାଶ କଲା ରେଣୁକା । ଲିପିକାର ଇଛାକୁ ପୂରଣ କରିବାପାଇଁ ସେ ବି ସଂପୂର୍ଣ୍ଣ ରୂପେ ଖୋଲା ଦେହଟାକୁ ଲେପେଟେଇଦେଲା ଲିପିକା ପାଖରେ । ଦେଖ୍, ଦେଖିବୁ ପରା । ଆଖି ପୂରେଇ ଦେଖ । ତୋ ଭଳି କ'ଣ ମୋ ଦେହଟା ହେଇଛି ଯେ ତୁ ଚାହିଁବୁ ଘଡିଏ । ରେଣୁକା ଅନାବିଳ ଆଗ୍ରହରେ କହିଦେଲା ।

ଲିପିକା ଚାହିଁଦେଲା ଘଡିଏ ନୁହେଁ ବରଂ ମନ ଭରିଲା ପରି । ରେଣୁକାର ଅନୁନ୍ନତ ସ୍ତନ ବିଶେଷ ଆକର୍ଷଣୀୟ ନ ହେଲେ ବି ତା ନିପୁଲଟି ବହୁତ ସୁନ୍ଦର । ଗୋପନୀୟ ପାର୍ଟକୁ ନିରେଖି ଦେଖେ ତ ରେଣୁକା ଉଭୟଲିଙ୍ଗୀ । ଚମକିପଡିଲା ଲିପିକା । ଭିଡିଓରୁ ଉଭୟଲିଙ୍ଗୀ ବିଷୟରେ ଅବଗତ ହେଇଛି । ହେଲେ ପ୍ରତ୍ୟକ୍ଷରେ ଆଖିରେ ଦେଖି ବିସ୍ମିତ ହୋଇଗଲା ପ୍ରଥମ ଥର ।

ISSN NO.
2582-208X

ମୋବାଇଲର ନେଟ୍ ଅନ କରି ଆତ୍ମତୃପ୍ତିରେ ବିମୁଗ୍ଧ ହୋଇଗଲେ ଦୁଇ ବାନ୍ଧବୀ ନିରୋଳାରେ । ଗୋଧୂଳିରେ ଗାଁଟା ମସ୍ତ ଦିଶୁଥିଲା।

ଚଉରାବେଦୀରେ ସଞ୍ଜବତୀ ଜାଳିବାର ସମୟ ଉପଗତ । ରେଣୁକାର ବୋଉ ଡାକ ପକେଇଲେ- ପିଲାଏ ଉଠିବନି କି ? ସଞ୍ଜ ଛୁଇଁଲାଣି ଗାଁକୁ । ଉଠିଯା...ଘର ଝାଡୁକରି ସଞ୍ଜବତୀ ଦେବି ।

ହଁ ବୋଉ, ଆମେ କବାଟ ଖୋଲି ଯାଉଛୁ । ପରସ୍ପର ନିଜ ପିନ୍ଧା ବସନକୁ ସଜାଡ଼ି କବାଟ ଖୋଲିଲା ରେଣୁକା । ହାଇ ମାରୁଥିଲା ସତେ ଅବା ନିଘୋଡ ନିଦରୁ ଉଠିପଡ଼ିଛି ।

ରେଣୁକାର ବୋଉ ଦୀପ ସଜାଡିଲେ। ଲିପିକା ଘରକୁ ଫେରିଯିବାର ବାହାନା କଲା । ରେଣୁକାର ବାରଣ କିଛି ସମୟ ଅପ୍ରତିଭ ଲାଗିଲା ଲିପିକାକୁ । ହଁ ନାହିଁ ଭିତରେ ଲିପିକା ମୁଣ୍ଡ ଟୁଙ୍ଗାରିଦେଲା "ହଁ"ର ଇସାରାରେ। ସୁନ୍ଦର ସୁଯୋଗଟିଏ ଲିପିକା ପାଇଁ । ଘରକୁ ଫୋନ କରି ଜଣାଇଦେଲା ସରଳ ଭାଷାରେ ।

ରାତ୍ରି ରହଣୀରେ ରେଣୁକାର ବୋଉକୁ ରୋଷେଇ କାମରେ ସହଯୋଗ କଲା ଲିପିକା । ଅନେକ କିଛି ଗପିଚାଲିଲା ଢିଙ୍କିରୁ ଢେଙ୍କାନାଳ ଯାଏଁ । ଖୁସି ଆନନ୍ଦରେ ମିଠା ମିଠା ରାତ୍ରିକୁ ଉପଭୋଗ କରି ତା ପରଦିନ ସକାଳେ ଫେରିଗଲା ଲିପିକା ନିଜ ଘରକୁ । ମନରେ ସାଇତିରଖିଲା ସଜଳ ସ୍ମୃତିକୁ ।

ଏଇମିତି ଅନେକ ସମୟ ଲିପିକା ବିତେଇଦିଏ ରେଣୁକା ଘରେ । ଆଜ ଦେଖେଇ ରେଣୁକା ପାଦ ଦିଏ ଲିପିକା ଘରେ, ଅସରନ୍ତି ସମୟକୁ ସାଉଁଳି। ଚାଲାକିପଣରେ ଲିପିକାର ମା'କୁ ଘରକାମରେ ସହଯୋଗ କରେ ନିଜ ଝିଅ ପରି । ନିଜର କରିଦିଏ ଲିପିକା ମା' କୁ ଅନାବିଳ ହୃଦୟରେ । ଅନ୍ୟକୁ ଆପଣାର କରିବାରେ ରେଣୁକା ମାହିର । ପୁଅପିଲା ପରି ଢଙ୍ଗ ଗୋଟାପଣେ ରହିଛି ତା ପାଖେ ।

ରେଣୁକା ଓ ଲିପିକାର ଅବାଧ ମିଳାମିଶା ଅନ୍ୟମାନଙ୍କ ପରି ଭ୍ରୁକୁଞ୍ଚନ ତୋଳେ । କଥାଟି ଅଡୁଆ ଲାଗେ ପରିବାର ଓ ବନ୍ଧୁବାନ୍ଧବଙ୍କୁ । କାଳେ କେତେବେଳେ ଦୁହେଁ ଦୁହିଁଙ୍କୁ ବାହାଘର ପ୍ରସ୍ତାବ ଦେଇଦେବେ ! କିଛିଦିନ ପରେ ରେଣୁକା ବାପାଙ୍କର ବଦଳି ଆଦେଶ

ISSN NO.
2582-208X

ଆସେ । ଯିବାପାଇଁ ବାଧ୍ୟହୁଏ ରେଣୁକା । ସବୁକିଛି ବଦଳାଇବାକୁ ପଡେ । ଦୁଃଖରେ ଭାଙ୍ଗିପଡନ୍ତି ଦୁହେଁ । ସମୟ ହିଁ ମୂକସାକ୍ଷୀ । ସମୟ ହିଁ ବିଚାରପତି ।

ସହରରେ ରହି ରେଣୁକା ଉଚ୍ଚତର ଗବେଷଣା କରେ । ଜବ୍ ପାଇଯାଏ ଗୋଟେ ଇଣ୍ଟରନ୍ୟାସନାଲ୍ କମ୍ପାନୀରେ । ଏଚ୍.ଆର ହୋଇ ପୋଷ୍ଟିଙ୍ଗ ହୁଏ । ଆଦବ କାଇଦା ବଦଳିଯାଏ । କିନ୍ନର ହେଲେ ବି ଅଭିଜ୍ଞ ବ୍ୟକ୍ତି ପରି ସବୁ କାମ ତୁଲାଇଦିଏ । ତା କାର୍ଯ୍ୟକଳାପରେ ସନ୍ତୁଷ୍ଟ ହୁଅନ୍ତି ଉପରିସ୍ଥ ଅଧିକାରୀ ।

ଲିପିକା କମ୍ପିଟେଟିଭ ପରୀକ୍ଷା ଦିଏ । ଏକ ଇଣ୍ଟରନ୍ୟାସନାଲ୍ କମ୍ପାନୀରେ ଜବ୍ ପାଇଁ ଅଫର ଲେଟର ପାଏ । ଖୁସି ହେଇଯାଏ । ଅନୁମତି ଲୋଡି ସହରକୁ ଯାଏ । ଅଫର ଲେଟର ଦେଖାଏ କମ୍ପାନୀ ଏଚ୍ ଆର୍ କୁ । ରେଣୁକା ସେ କମ୍ପାନୀର ଏଚ୍ ଆର୍ ।

ଲିପିକା ମାଇତି । ନାଁ ଦେଖି ଚମକି ପଡେ ରେଣୁକା । ଫଟୋ ଦେଖେ । ତା କଲେଜ ସାଥୀ ଲିପିକା ପରି ଜଣାପଡୁଛି । ସେ ଦିନର ଲିପିକା ନା ଆଉ ଜଣେ ନୂଆ । ଲିପିକା ଏଚ୍ ଆର୍ ମୁହଁକୁ ଚାହେଁ । ଅନେକ ଦିନ ଧରି ହରାଇଥିବା ସାଥୀ କ'ଣ ଏ କମ୍ପାନୀରେ ? ରେଣୁକା ମନରେ ଅନେକ ପ୍ରଶ୍ନ ଉଙ୍କିମାରେ ।

ଅଫର ଲେଟର ସହ ଅନ୍ୟାନ୍ୟ ପ୍ରମାଣପତ୍ର ଭେରିଫ୍ୟାୟ କରି ଫାଇନାଲ ନିଯୁକ୍ତି ପତ୍ର ଦିଆଯାଏ ଲିପିକାକୁ । ଲିପିକା ତା ପରଦିନ ଜବ୍ ରେ ଯୋଗଦେବାକୁ ଅର୍ଡର ପାଏ ।

ଲିପିକା ସେଦିନ ରାତିରେ ଗେଷ୍ଟ ହାଉସରେ ରହିବାର ସୁଯୋଗ ନେଇ ଭାବନାର ସୂତାଖିଅରେ ଲଟେଇଯାଏ । କମ୍ପାନୀର ଏଚ୍.ଆର୍. ତା ସାଙ୍ଗ ରେଣୁକା ପରି ଜଣାପଡୁଛି। କିନ୍ତୁ ଏ ତ ପୁରୁଷ । ରେଣୁକା ଉଭୟଲିଙ୍ଗୀରୁ ପୁରୁଷ ହେଇଯାଇଛି ନା ରେଣୁକା ପରି ଆଉ ଜଣେ ପୁରୁଷ ଏ କମ୍ପାନୀରେ ! । ଲିପିକାର ମନ ଭିତରେ ଉଙ୍କିମାରେ ବିଶ୍ୱାସ ଅବିଶ୍ୱାସର କୁହେଳିକା ।

ରେଣୁକା ଆମେରିକାରେ ଅପରେସନ ହେଇ ରଣବୀର ନାଁରେ ପରିଚିତ ହୋଇସାରିଛି । ପୁରୁଷ ପଣିଆକୁ ସାଉଁଟିନେଇଛି । ଆଉ ଏକ ଇଣ୍ଟରନ୍ୟାସନାଲ୍ କମ୍ପାନୀର ଏଚ.ଆର୍. ଭାବେ ଅବସ୍ଥାପିତ ହୋଇ ପ୍ରଶଂସା ଗୋଟେଇଛି ।

ISSN NO.
2582-208X

ଲିପିକାର ସି.ବି. ଦେଖୁ ଦେଖୁ ରଣବୀର କାହିଁକି କେଜାଣି ମାନସିକ ଭାରସାମ୍ୟ ହରେଇବସେ । ସତରେ ମୋ କଲେଜ ସାଙ୍ଗ ଲିପିକା ନା ତାଆରି ଭଳି ଦିଶୁଥିବା ଆଉ ଜଣେ ସୁନାନାକୀ ଝିଅଟିଏ । ଲିପିକା ଗାଲରେ ଥିବା ଡିମ୍ପଲ ବି ଏ ଝିଅର ଠିକ୍ ସେ ଜାଗାରେ ଅଛି । କଥା କହିବା ଶୈଳୀ ବି ଏକାପରି ବାରିହେଇପଡୁଛି । ପୁଣି କିଛି ସମୟ ଲିପିକାର ଉନ୍ନତ ଛାତି ଉପରେ ନଜର ଦେଇ ଭାବିଲା - ସତରେ ଲିପିକା ଆସି ଜବ୍ କରିବ ଏ କମ୍ପାନୀରେ ?

ଲିପିକା ଜବ୍ ଷ୍ଟାର୍ଟ କରେ ନିଜସ୍ୱ ଶୈଳୀରେ କିନ୍ତୁ କମ୍ପାନୀର ନୀତି ନିୟମ ପରିଧିରେ । ମୁହଁ ଟେକି ଏଚ୍ଆର୍.ଙ୍କୁ କିଛି କହି ନ ପାରିଲେ ବି ଲିପିକା ମନ ଭିତରେ ଏକ ଭିନ୍ନ ଆପଣାପଣିଆକୁ ଜାବୁଡି ଧରେ । ଆନ୍ତରିକତା ବଢିଯାଏ ରଣବୀର ଆଉ ଲିପିକା ମଧ୍ୟରେ । ଗତିଶୀଳ ହୁଏ ସେମାନଙ୍କର ପୂର୍ବ ପରିଚୟ । ରଣବୀର ଖବର ଦିଏ ତା ବାପା, ବୋଉଙ୍କୁ । ଲିପିକା ବି ତା ମା ପାଖକୁ ଫୋନରେ ଜଣେଇଦିଏ ସବୁକିଛି । କମ୍ପାନୀର ପ୍ରଫିଟ୍ ହୁଏ ଲିପିକାର ଆଗମନରେ । ଭଲ ସୁଯୋଗଟିଏ ଦୁହିଁଙ୍କ ପାଇଁ । ଜୀବନକୁ ଉପଭୋଗ କରିବାର ବାଟ ଫିଟିଯାଏ ଆପଣାଛାଏଁ । ମନେପଡିଯାଏ ପୁରୁଣା ରୋମାଣ୍ଟିକ ସମୟ । ସମୟ ଦେଖି ଲିପିକାକୁ ନିମନ୍ତ୍ରଣ କରେ ରଣବୀର । ଘର ଭିତରେ ହସଖୁସି, ମଜା ମଜଲିସ୍ ଚାଲେ । ନିରୋଳାରେ ଦୈହିକ ସମ୍ପର୍କ ରଙ୍ଗୀନ ହୁଏ । ରେଣୁକା ନିଜ ଜୀବନର ପୁଟୁଳିକୁ ଖୋଲିଦିଏ । ପୁରୁଷ ହେବାର ଇଛାକୁ ବ୍ୟକ୍ତ କରେ ରଣବୀର । ସବୁ ଦୁଃଖ, ଯାତନା, ଅପମାନ, ଅବରୋଧକୁ ସହିଛି, କେବଳ ଲିପିକାକୁ ବାହା ହେବାପାଇଁ । ଲିପିକା ହଁ ମାରେ ସାଙ୍ଗ କଥାରେ । ସେ ବି ବାହା ହେବାକୁ ଚାହିଁଛି ତା ସାଙ୍ଗ ରେଣୁକାକୁ । ରେଣୁକା ଏବେ ରଣବୀର ନାଁରେ ପରିଚିତ । ଲିପିକା ପାଇଁ ସଂପୂର୍ଣ୍ଣ ପୁରୁଷ ରେଣୁକା ଓରଫ୍ ରଣବୀର ।

ସମାଜ ସ୍ୱୀକୃତି ଦେଉ କି ନ ଦେଉ ରେଣୁକା (ରଣବୀର) ଓ ଲିପିକା ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି । ଦୁଇ ପରିବାରର ସମ୍ମତି ମିଳେ । ହାତଗଣ୍ଠିରେ ବେଦୀ ଝଲସି ଉଠେ । ଆତ୍ମୀୟ ସ୍ୱଜନ ବନ୍ଧୁ ପରିଜନ ଭିତରେ ଏକ ନିଆରା ଖୁସିର ମାହୋଲ ତିଆରି ହୁଏ । ଆଶୀର୍ବାଦ ମିଳେ ଦୁହିଙ୍କୁ ।

ISSN NO.
2582-208X

ବିବାହ ତ ପ୍ରଜାପତି ଘଟସୂତ୍ର । ସ୍ୱର୍ଗରେ ସ୍ଥାପିତ ହୋଇ ମର୍ତ୍ତ୍ୟରେ କେବଳ ଅନୁଷ୍ଠିତ ହୋଇଥାଏ ।

ହସଖୁସିରେ ଦିନ କଟେ ଆଉ ରାତି ପାହେ । ଦୁଇଟି ଝିଅ ଗୋଟିଏ ରାଶି । ଦୁଇଟି ଦେହ ଗୋଟିଏ ମନ ।

ଏମିତି ଅପୂର୍ବ ମିଳନ ଉଦାହରଣ ତିଆରି କରେ ସମଗ୍ର ମାନବ ସମାଜ ପାଇଁ । ସେମାନଙ୍କର ଜୀବନ କାହାଣୀ ଅସରନ୍ତି ହୋଇଯାଏ ସ୍ୱର୍ଗୀୟ ସୁଷମାରେ ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ମନମତାଣିଆ

## ଗୀତ



ପ୍ରଶାନ୍ତ କୁମାର ଦାଶ

ଜହ୍ନିଫୁଲପରି ଜହ୍ନ ଉଇଁ ଗଲେ
ଗାଆଁମାଟି ଝଲମଲ
ଜହ୍ନକୁ ଦେଖିକି ଫୁଟେ ପୋଖରୀରେ
ଧଳା ଧଳା କଇଁଫୁଲ ।।
ତୋଟା ଗଛଡ଼ାଳୁ ଶୁଭିଲେ ପକ୍ଷୀର
କିଚିରି ମିଚିରି ଗୀତ
ମନ ମରମରୁ ଦୁଃଖ ଲିଭିଯାଏ
ପୁଲକିତ ହୁଏ ଚିତ୍ତ ।।
ଚନ୍ଦନ ସମାନ ଗାଆଁଦାଣ୍ଡ ଧୂଳି
ଦେହସାରା ହେଲେ ବୋଳି
ଇଛା ହୁଏ ଦିନ କାଟିବାକୁ ସୁଖେ
ନାଚି ଗାଇ ହସି ଖେଳି ।।
ବଣ ବୁଦା ବିଲ ଗହୀର ଖମାର
ସବୁଜ ସୁଷମା ଶୋଭା
ସୁରୁଜ ପଶ୍ଚିମେ ବୁଡିବା ବେଳର
ଛବି କେଡେ ମନଲୋଭା ।।
ହଳଦୀବସନ୍ତ କାଉ କୋଇଲିର
ମନ ମତାଣିଆ ଗୀତ
ସକାଳଠୁ ସଞ୍ଜ ଭାରି ଇଛା ହୁଏ
ଗୀତ ଶୁଣିବାକୁ ମୀତ ।।
ଆଖିରୁ ଝରଇ ଅମାନିଆ ଲୁହ
ଭାବି ଗାଆଁମାଟି କଥା
ତା ପାଣି ପବନ ରଖଇ ଜୀବନ
ମରମରେ ଭରେ ବଥା ।।
ତାକୁ ପରକରି ଚାଲିଗଲେ ଦୂରେ
ସେତ ଡାକେ ହାତଠାରି
ଏଇ ଜୀବନର ସାଥି ସହଚର
ଗାଆଁ ଆମ ଉପକାରି ।।

କୁଞ୍ଜର, ସଙ୍ଗଳାଇ,ପିପିଲି ପୁରୀ
Mobile -9668822190

ISSN NO.
2582-208X

# ପ୍ରଭୁ ହେ ସବୁ ତୁମ୍ଭ ଲୀଳା

ଦୀନବନ୍ଧୁ ବେଜ

ଏପରି କୋହ କଣ ଗ୍ରହଣୀୟ
ଯିଏ ବ୍ରହ୍ମାଣ୍ଡର ହାଣ୍ଡି ଯୋଡୁଛି,
ଯାହାର ଷାଠିଏ ପଉଟି ଭୋଗ
ଦୁନିଆକୁ କିମିଆଁ କରିଛି.....,
ଯାହା ଅବଢ଼ା ମୋକ୍ଷ ପାଇଁ ଗଢ଼ା,
ଶୁଖା ନିର୍ମାଲ୍ୟରେ ସ୍ୱର୍ଗକୁଦେଖୁଛି,
ସେ ମାରିଲେ ରୋକିବେନି କେହି
ତାଙ୍କୁ ପୁଣି ଭାତରେ ମାରୁଛ.... ।
ହାଣ୍ଡିଭାଙ୍ଗି ଲହୁଣୀ ଖାଉଥିଲେ
ଭଙ୍ଗା ଯୋଡ଼ା ଦୂନିଆର ସ୍ରଷ୍ଟା,
ସମାଜକୁ ଗୁରୁ ହୋଇ ନିଜେକଲେ
ମାଠିଆ ପରି ସଂସାର ପ୍ରତିଷ୍ଠା,
ଜୀବନତ ଏକ ଅନ୍ନ ଭାଣ୍ଡ ପରି
ମିଶି ଆସେ ସୁଖ ଦୁଃଖ ହୋଇ...
ଖୋଜିଲେ ପୂର୍ଣ୍ଣତା ମିଳଇ ସବୁରି,
ମାଠିଆ ପୁରୁଥିବା ଜଳପରି ସର୍ବେ,
ହାଣ୍ଡି ହାଣ୍ଡି ଅବଢ଼ା ଭିତରେ ପରା
ସଂସାରର ସବୁ ପିଣ୍ଡ ଜଳୁଥିଲେ,,,
ଆଜି ରୋଷ ଘର ଭିତରର କ୍ଷେଦ,
ଅନାହାରରେ ସଡୁଥିବା ଜନ ପାଇଁ
ଏହିଲୀଳା କିବା ତୁମର ସଂଯୋଗ,
ସଂସାରର ଦୁଃଖ ପାଇଁ ଏ ସଂକେତ
ଅବା ଏହା ତୁମ୍ଭ ହୃଦୟ ଆବେଗ ।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ଭଦ୍ରକ, ଓଡ଼ିଶା

ISSN NO.
2582-208X

# ହେ ଦୁଃଖହାରୀ ମୋ ଦୁଃଖ ହରିବ କେବେ



ବିଜୟ କୁମାର ସାହୁ

ହେ ଦୁଃଖହାରୀ ମୋ ଦୁଃଖ ହରିବ କେବେ
ଭବ ସାଗରରେ ଭାସି ମୁଁ ଯାଉଛି
ସୁଖ ତ ବହୁତ ଦୂରେ ॥
ହେ ଦୁଃଖହାରୀ ................... (ଘୋଷା)
ସୁଖ ବୋଲି ଯାହା ଭୋଗ କରୁଥିଲି
ତାହା ଥିଲା ମରୀଚିକା
ଶୋଷ ନ ମେଣ୍ଟିଲା
ହଂସା ଉଡିଗଲା ମୋର ହେ
ଏବେ ମୁଁ ଶରଣ ତୁମ ପୟରେ ॥ ୧
ଜୀବନର ଧର୍ମ ବଞ୍ଚିବା କେବଳ
ନୁହଁଇ ଅମୁଲମୂଲ ହେ
ତୁମ ଦରଶନ ନ ହେଲା ଯଦିଓ
ସେ ଜୀବନ ଥାଇ କେତେ ହେ ! ॥ ୨
ଅସାର ସଂସାରେ ନିମିତ୍ତ ମାତ୍ର ମୁଁ
ତୁମେ ହିଁ ସତ୍ୟ ଶିବ ସୁନ୍ଦର
ତୁମ ବିନା ଆଉ କିଏ ଅଛି ପ୍ରଭୁ
ଉଦ୍ଧାରିବ ଦେଇ କୃପାବାରି ହେ ॥ ୩

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ
ମୋ - ୮୭୭୩୧୪୮୭୨୩

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ବାପା ଏମିତି କହି ମତେ ଛୋଟ କରିଦେଉଛନ୍ତି । ଆପଣ ମତେ କ୍ଷମା କରିଦିଅନ୍ତୁ । ମୁଁ ଆପଣମାନଙ୍କୁ କିଛି ନ ଜଣାଇ ଗୀତାକୁ ନେଇ ଚାଲି ଆସିଥିଲି । ଗୀତାକୁ ମୋର ସାନ ଭଉଣୀ ପରି ଶ୍ରଦ୍ଧା ସ୍ନେହଦେଇ ଅଞ୍ଜନାକୁ ବଡ କରିଦେଇଛି ।

ଅଞ୍ଜନା କହିଲା, ପାପା.....ନାଇଁ ପାପା, ମୁଁ ତୁମ ଝିଅ ।

ନାଇଁରେ ଧନ । ମୋ ସମୟ ସରିଗଲା ଏବେ । ତୋ ବାପା ଜଗନ ଓ ଗୀତା ମାଆ ମୁଁ ଏମିତି ଅଛିହ୍ନା ବନ୍ଧନଟେ ଯୋଡି ହୋଇ ଯାଇଥିଲି ।

ଗୀତା କହିଲା - କହ୍ନେଇ ଭାଇ । କାହିଁକି ଅଚିହ୍ନା କହୁଛ? ମୁଁ ଜାଣିଛି ଭାଇ ଏଇ ହତଭାଗୀ ଭଉଣୀକୁ ଖୁସି ଦେବାକୁ ତୁମର ସବୁ ସୁଖକୁ ଫିଙ୍ଗି ଦେଇଥିଲ ସେଦିନ ।

କହ୍ନେଇ କହିଲା, ହଁରେ ଗୀତା । ଏହି ମିଠା ବନ୍ଧନର ମୁକ୍ତି ତ ଯନ୍ତ୍ରଣା । ସବୁ ସମ୍ପର୍କକୁ ଯୋଡି ମୁଁ ନୂଆ ସମ୍ପର୍କକୁ ଚାଲିଯିବି ଯେଉଁଠି ଆଉ ଭାଙ୍ଗିବାର କିଛି ବ୍ୟବସ୍ଥା ନଥିବ । ନହେଲେ ମୋ ପୂଜା ଆଉ ସହିପାରିବ ନାହିଁ ଗୀତା । ତାକୁ ଆଉ ଦୁଃଖ ଦେଇ ପାରିବିନି । ମୋତେ ଯିବାକୁ ହେବ ଠିକଣା ହୀନ ଜାଗାକୁ ଯେଉଁଠାକୁ ଆଉ କେହି ଯାଇପାରିବେ ନାହିଁ । କେବଳ ଥିବ ମୋ ପୂଜା ମୋ ପୂଜା .... । ଲୁହଗୁଡାକ ଝରିପଡୁଥିଲା ଅମାନିଆ ହୋଇ... ।

ISSN NO.
2582-208X

ଅଞ୍ଜନା ପାଖକୁ ଆସି ପାପା.... .... !! କୁଣ୍ଢେଇ ଧରି ଭୋ ଭୋ କାନ୍ଦି ଉଠିଲା ।

ଜଗନ ପାଖକୁ ଆସି କହିଲା, ମତେ କ୍ଷମା କରିଦିଅ କହ୍ନେଇ ଭାଇ । ମୁଁ ମହା ପାପୀଟେ, ମତେ ଭଗବାନ କେବେ ବି କ୍ଷମା କରିବେ ନାହିଁ । ଗୀତା ପାଖକୁ ଯାଇ ଗୀତାର ହାତକୁ ଧରି ମତେ କ୍ଷମା କରିଦିଅ ଗୀତା ।

ଏମିତି କୁହନା ଜଗନ । ଗୀତା କହିଲା । ଅଞ୍ଜନାର ହାତ ଜଗନ ହାତରେ ନେଇ କହିଲା ତୁଅରି ଝିଅ ଜଗନ ।

କହ୍ନେଇ ପାଟି ଖନି ବାଜୁଥାଏ – ହଁ ରେ ଜଗନ, ଏ ସଂସାରଟା ଅଭିନୟ କୋଠରୀ । ଆମେ ସମସ୍ତେ ଗୋଟେ ଗୋଟେ କଳାକାର । ଅଭିନୟ ସରିଗଲେ ଫେରିଯିବାକୁ ହେବ । ସେଇ ଦୂର ଦିଗନ୍ତକୁ ଯେଉଁଠିକୁ ଥରେ ଗଲେ ଆଉ କେହି ଫେରେ ନାହିଁ । ସିଦ୍ଧେଶ୍ୱରବାବୁ କହିଲେ, ଏହି ନିଷ୍ଠୁର ସତ୍ୟକୁ ଜାଣି ମଧ୍ୟ ମିଛ ମାୟା ରୂପକ ସଂସାର ମୋହ ମାୟାରେ ଘାଣ୍ଟିସନ୍ତୁଳି ହେଉଛି । ମଣିଷ ଜୀବନର ପରମଧର୍ମ ହେଉଛି ଆତ୍ମପ୍ରକାଶ, ତ୍ୟାଗ, କର୍ତ୍ତବ୍ୟ, ନିଷ୍ଠା ଓ ସହନଶୀଳତା ହିଁ ସେମାନଙ୍କର ବ୍ରତ ହୋଇଥାଏ । ସ୍ନେହ, ପ୍ରେମ, ପ୍ରଣୟଠାରୁ ଆରମ୍ଭ କରି ଭଗବାନଙ୍କ ନିକଟରେ ନୈବେଦ୍ୟ, ନିବେଦନ, ଅନୁରାଗକୁ ସମର୍ପିତ କରିଥାଏ ।

ହଁ ବାପା, କହ୍ନେଇ ବହୁତ ଧୀର କଣ୍ଠରେ କହିଲା । ଦେହଟା ଆସ୍ତେ ଆସ୍ତେ ଦୁର୍ବଳ ହୋଇଯାଉଥିଲା । ଅଞ୍ଜନାକୁ ଜଗନ ନିଜ କୋଳରେ ବସାଇ କହିଲା, ମା ରେ, ମତେ ତ କ୍ଷମା କରିପାରିବୁନାହିଁ ଜାଣିଛି । ପ୍ରାୟଶ୍ଚିତ କରିବାକୁ ସୁଯୋଗରୁ ବଞ୍ଚିତ କରିବୁନାହିଁ ।

ଅଞ୍ଜନା ଜଗନର ଲୁହ ପୋଛି ଦେଇ କହିଲା, ପାପା !! ମୋ କହ୍ନେଇ ପାପାଙ୍କୁ ଛାଡି ରହିପାରିବିନାହିଁ । ତାଙ୍କୁ ଆମ ପାଖରୁ କେହିବି ଅଲଗା ରଖି ବେନିରେ ମୁଁ କଥା ଦଉଛି, ଜଗନ କହିଲା । ମେଡିକାଲର ରୋଗୀମାନଙ୍କର କୋଳାହଳ ଓ ଚିତ୍କାର ଭିତରେ ଦୁଃଖ ସୁଖର ମିଳନ ଚାଲୁଥିଲାବେଳେ କହ୍ନେଇ ଧୀରେ ଧୀରେ ତଳେ ବସି ପଡିଲେ । ସିଦ୍ଧେଶ୍ୱରବାବୁ, ଜଗନ, ଗୀତା ଓ ଅଞ୍ଜନା ତାଙ୍କ ଚାରିପାଖରେ ବସି ଆନନ୍ଦାଶ୍ରୁ ଝରାଇ ଚାଲୁଥିଲେ ।

ISSN NO.
2582-208X

କହ୍ନେଇ କହିଲେ ଅଞ୍ଜନା, ତୁ ଜଗନକୁ କେବେ ଘୃଣା କରିବୁନିରେ । ନାହିଁ ବାପା ହେଲେ ଆପଣ ଏମିତି କଣ କହୁଛନ୍ତି । ଚାଲନ୍ତୁ ନା ମୁଁ ଚେକ୍ କରିଦେବି । ଆପଣ ବେଶୀ ଦୁର୍ବଳ ଲାଗୁଛନ୍ତି ।

ନାଇଁରେ ମା ମୋର ସମୟ ସରିଆସିଲାଣି । ତୁ ଜମାରୁ ବ୍ୟସ୍ତ ହଅନାରେ ।

ମୋ ପୂଜା ପରା ମୋତେ ଡାକିଡାକି ଆସିଲାଣି । ମୋତେ ସାଙ୍ଗରେ ନେଇଯିବାକୁ ଅଳି କରୁଛି । କହିଲୁ ମା ମୁଁ କଣ ମନା କରିଦେବି । କହ ମା … କହ ।

ନାଇଁ ପାପା …..।

ସମସ୍ତେ ଆଶର୍ଯ୍ୟ ହୋଇଯାଇଥିଲେ କହ୍ନେଇର …… ବିଳାପରେ ।

ରାତିର ଅବସାନ ହୋଇଆସୁଥାଏ । ପହିଲି ସକାଳର ନାଲି କିରଣରେ ଯେମିତି ମିଳନର ପ୍ରଣୟ ରଙ୍ଗ ଫଗୁରେ ଗାଧୋଇ ହୋଇ ପଡିଛି । ପ୍ରୀତି ଶୋଷ ଭରିଉଠିଛି । ସବୁ ଦୁଃଖ ଅବସାନ ଘଟିଛି । ପରମାନନ୍ଦରେ ବିହ୍ୱଳ ହୋଇ ଉଠିଛି ବିରହୀ ପ୍ରାଣଟା ଆଉ କିଛି ଅବଶୋଷ ନାହିଁ । କହ୍ନେଇର ପାଟି ଖନେଇ ଖନେଇ ଶୁଭୁଥାଏ । ଚାରିଆଡକୁ ଚାହୁଁଥାଏ । ଏଣ୍ୟାଡେ ସୁନନ୍ଦାର ମୃତ୍ୟୁ ଖବର ପାଇ ବାଲେଶ୍ୱରରୁ ପୂଜା, ବିକାଶ, ବୀଣା ମଧ୍ୟ ଆସି ପହଞ୍ଚିଲେ । ରାସ୍ତାରେ ଆସିଲାବେଳେ ବିକାଶବାବୁ କହ୍ନେଇର ସେ ଦିନର ଚିଠିକୁ ପଢିବାକୁ କହିଲେ । ପୂଜା କହ୍ନେଇର ଚିଠି ପଢି ବିକଳରେ ରାସ୍ତା ସାରା କାନ୍ଦୁଥାନ୍ତି ।

ବିକାଶବାବୁ କହିଲେ ପୂଜା ତୁମେ ମୋ ପାଖରେ ରହି ଯେମିତି ପବିତ୍ର ଅଛ ଠିକ୍ ସେହିପରି କହ୍ନେଇ ଗୀତା ପାଖରେ ରହି ସେମିତି ପବିତ୍ର ଅଛି । ଦେହର ସମ୍ପର୍କ ବଡ ନୁହଁ ପୂଜା । ବନ୍ଧୁତ୍ୱ ପ୍ରେମର ପବିତ୍ର ତ୍ୟାଗ୍ ମହାନ । କାମନାରେ ଅନ୍ଧ ହୋଇ ପବିତ୍ର ପ୍ରେମକୁ ସନ୍ଦେହ କରି ମଣିଷ ଆଜି ଦୁଃଖ ପାଉଛି । ବିଶ୍ୱାସଘାତକତା କରୁଛି । ସେ ମୋର ବନ୍ଧୁ ଥିଲେ । ଏବେ ମୁଁ ତାର ଝିଅକୁ ମଧ୍ୟ ମୋ ପୁଅ ପାଇଁ ସବୁ ଠିକ୍ କରିଦେଇଛି । ଜାଣିଛ ପୂଜା କହ୍ନେଇର ଚିଠି ପଢି ମୁଁ ତୁମକୁ ମନେମନେ ବହୁତ ସମ୍ମାନ କରେ ।

ISSN NO.
2582-208X

ବିକାଶ ଆଖିରେ ଲୁହ ଜକେଇ ଆସିଲା । ହଠାତ୍ ଡ୍ରାଇଭର କହିଲା ପହଞ୍ଚିଗଲେ ବାବୁ । ପୂଜା ଆଉ ଅପେକ୍ଷା କଲାନି । ପୂଜା ଏକ ଚିଠି ବୀଣାକୁ ଦେଇ କହିଲେ ମାଆରେ ଏ ଚିଠି ଅମନକୁ ଦେବୁ । ଆଉ କାହାକୁ ଦେବୁନାହିଁ । ତୋତେ ମୋ ରାଣ । ତୋ ଡାଡିକୁ ଅମନ ହିଁ ଭଲ କରିପାରିବ । ମମିର କଥା ଶୁଣି ବୀଣା ଭୟଭିତ ହୋଇଯାଇ କହିଲା, ମମି କଣ ହୋଇଛି ଡାଡିଙ୍କର ?

ତୋର ଜାଣିବା କିଛି ଦରକାର ନାହିଁ ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ

ISSN NO.
2582-208X

# ଜୀବନର ମୋହ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଜୀବନର କୁଟୀଳ ପଥରେ
କେହି ନଥାନ୍ତି ସାଥିରେ
ଖାଲି ଯାହା ରହିଥାଏ
ମେଞ୍ଚାଏ କଳା ଅନୁଭୂତି
ବିଫଳତାରେ ମନ ମରିଯାଏ
ରୁକ୍ଷ ଏହି ହୃଦୟ କାରାଗାରେ
ତୁମର ସେ ଉର୍ବଶୀ ସ୍ୱପ୍ନଟା
କେବେ ବା କେମିତି ମୋର
ଅନ୍ଧାରୁଆମନ ଗହ୍ୱରକୁ
ଦଲକାଏ ଆଲୁଅ ଦେଖାଏ
ଏ ଜୀବନ ଦୁଃଖ ସୁଖ ସାଥି
ଅତୀତର ଇନ୍ଦ୍ରଧନୁ
ଏବକାର କରୁଣ ରାଗିଣୀ

ସୁଦୂରର ସହୃଦୟ ବନ୍ଧୁ
ଛାତିରେ ଆଉଜାଇ ଦିଅ
ହେ ମୋର କାଗଜ ଆଉ
କଲମର ସାଥି
ତୁମକୁ ମୁଁ ନ ଛାଡ଼େ କିପାଇଁ
ଛାଡ଼ି ନିଏ ଜୀବନର ମୋହ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ଭଞ୍ଜବିହାର/ମୋ:୮୮୯୫୧୪୧୭୨୭

ISSN NO.
2582-208X

# ହଜିଛି ମନେ



ପ୍ରଶାନ୍ତ କୁମାର ନାଥ

ହଜିଅଛି ମନେ ଜାତି ପ୍ରୀତି ଭାଷା
ଉତ୍କଳ ସନ୍ତାନ ହୋଇ
ଆଦରି ନେଉଛି ଇଂରେଜ ସଭ୍ୟତା
ଏପ୍ରିଲ ଫୁଲ ଯେ କହି।

ଦେଖ ତୁମେ ଦେଖ ହେ ପୂର୍ବପୁରୁଷ
ତୁମରି ଦାୟାଦ ଏହି
ଜନ୍ମ ଭୂମି ଜନ୍ମ ଭୁଲିଛି ମନରୁ
ଅସୂୟା ପରାଏ ହୋଇ।

ସମ୍ମାନ ସୂଚକ ମିଳୁନାହିଁ ଟିକେ
ନିଜ ଜନ୍ମଭୂମି ପାଇଁ
ଇଂରେଜ ମାନଙ୍କ ପରବକୁ ସଦା
ରହିଥାଏ ସେହି ଚାହିଁ।

ସେ କିବା ଜାଣିବ କେତେ ଦୁଃଖ ସହି
ଉତ୍କଳ ହୋଇଛି ଗଢା
ନିଜ ଦେହେ ସିନା ହୋଇଥିଲେ କ୍ଷତ
ଜାଣିଥାନ୍ତା ତା'ର ପିଡା।

ଜନ୍ମଭୂମି ଜନ୍ମ ଭାଷାର ମମତା
ରଖ ହେ ଯୁବକ ପିଢି
ନରଖିଲେ ମନେ କେମିତି ବଢିବୁ
ଭାଷାର ଖସଡ଼ା ସିଡି।।

(ଜୁଣଗଡି)
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ଜୀବନର କାନଭାସ୍



ନିରୁପମା ପଟେଲ

ଦେଖ ଦେଖ ଥରେ ଭଲକି ଦେଖ
ଥରେ ପରଖି ନିଅ
ଏ କଣ ସତ୍ୟ ନା କାଳ୍ପନିକ?
ହଁ ହଁ ମୁଁ କହିବି
ଏହା ଜୀବନ କାନଭାସ ର
ଏକ ଚିରନ୍ତନ ଝଲକ୍ ।

ଏ ଜୀବନ ଶୈଳୀ କାହାପାଇଁ
ମଖମଲ୍ କମ୍ବଳ ର ଆସ୍ତରଣ
ସୂକ୍ଷ୍ମ କାରୁକାର୍ଯ୍ୟ ଭରା
ରଙ୍ଗ ରଙ୍ଗ ବେରଙ୍ଗ ରେ
ଝଲସି ଉଠୁଥିବା
ସୁନେଲି କିରଣ ।

ତ ଆଉ କାହା ପାଇଁ
ମରୁଭୂମି ର କଣ୍ଟକିତ
କାକ୍ଟସ୍ ରେ ଲମ୍ବି ଯାଇଥିବା
ବଣ ପରି,
ଜୀବନ ବଞ୍ଚିବାର ଅଛି
ଆହୁରି ସଂଘର୍ଷ କରିବାର ଅଛି ।

କିଏ କେବେ ଦେଖିଥିବ ଭାଇ
ସେଇ ରାସ୍ତା କଡ଼ରେ ଦେଖାଉଥିବା
ବାଉଁଶ ବାଡ଼ିର ଖେଳ
ଯଉଥିରେ ଦୁଇ ଖୁଣ୍ଟ ମଝିରେ
ବନ୍ଧା ହୋଇଥିବା ଦଉଡ଼ିକୁ ।

ଜଉଠୀ ଛିଡ଼ା ହୋଇ
ଆଗକୁ ଆଗକୁ
ବଢ଼ି ଚାଲିଛି ଗୋଟିଏ ନିରିମାଖି
କଅଁଳିଆ ମନ
ଛୋଟ ଜୀବନ ଚରିତ୍ର ଟିଏ ।

ମୁଣ୍ଡରେ କଳସୀ ହାତରେ ବାଡ଼ି
ଗୋଡ଼ରେ ସାଇକେଲ ର ଚକ
ମନରେ ଅଦମ୍ୟ ସାହସ
ନା ଡରୁଛି ନା ଥରୁଛି
ନିଜ ଭାରସାମ୍ୟ କୁ
ନିକିତିର ଦୁଇ ପାର୍ଶ୍ୱପରି
ସମାନ ଭାବରେ ତଉଲୁଛି ।

ISSN NO.
2582-208X

ତାକୁ ପହଞ୍ଚିବାକୁ ହେବ
ଦଉଡ଼ିର ଆର ମୁଣ୍ଡରେ
କରତାଲିରେ ପୁରିଯିବ ତାର
ମନୋବଳ ର ଥାଳ
ଆଉ ପେଟ ପାଇଁ ମିଳିଯିବ
କେଇଟା ଟଙ୍କା ଜଉଥିରେ ଚାଲିବ
ତାର ନୀତି ଦିନ ର ଜଞ୍ଜାଳ ।

ହେ ବନ୍ଧୁ ଆଜି ନିଷ୍ଫଳ, ନିର୍ଜୀବ
କଠିନ ପର୍ବତ ପରି ହୋଇଯାଇଛି
ତୁମ ଜୀବନ ଶୈଳୀ
ତୁମ ସତ୍ୟତାର ବାର୍ତ୍ତା ସଭିଙ୍କ
ହୃଦୟ ରେ ପରିବର୍ତ୍ତିତ
ଏକ ଭିନ୍ନ ବିରୋଧାଭାସ ରେ।

ମୁଁ ଜାଣିଛି
ଆଜି ତୁମେ ଏକାନ୍ତ
କଉ ନିଘଞ୍ଚ ଅରଣ୍ୟ ଭିତରେ
ଏକ ମହାମେରୁ ଦାରୁ ସଦୃଶ
ତୁମେ ହରାଇ ବସୁଛ
ତୁମ ସହନଶୀଳତାକୁ ।

କିନ୍ତୁ ........
କେବେ ହାର୍ ମାନିନ
ଏଇ ଯେ ତୁମ ପ୍ରକୃତ ପରିଚୟ
କାହିଁକିନା ମୁଁ ଜାଣିଛି

ଏ ଜୀବନ ଜୀଇଁବାକୁ ଅଛି
ତ ସଂଘର୍ଷ ନିଶ୍ଚିତ ।
ଆଜି ଏହି କ୍ଷଣି
ଏହି ସ୍ଥାନରୁ
ଏହି ସମୟରୁ ତୁମ ସୁଦିନର
ହେବ ଆରମ୍ଭ
ହୋଇଯିବ ଅବିସ୍ମରଣୀୟ ।

ଜୀବନ ର କଷଟି ପଥରରେ
ଯେତିକି ଜୀବନ କୁ ଘଷିବ
ସେତିକି ହେବ ଆମ ଜୀବନ
ପରିମାର୍ଜିତ ଏଇତ ସଚରାଚର
ଜୀବଜଗତର
ଜୀବନ କାନଭାସ୍ ର ପଟ୍ଟଚିତ୍ର
ଜୀବନ କାନଭସ୍ ର ପଟ୍ଟଚିତ୍ର ।

ବଲାଙ୍ଗୀର

ISSN NO.
2582-208X

# ଦେବସ୍ନାନ ପୂର୍ଣ୍ଣିମା



ଅଭିଲାଶ ବାରିକ୍

ଆଜି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ବା ସ୍ନାନ ପୂର୍ଣ୍ଣିମା ବା ମହତି ଜେଷ୍ଠା ସ୍ନାନ ଉତ୍ସବ । ଆଜି ସ୍ନାନ ଯାତ୍ରାରେ ମହାପ୍ରଭୁ ସ୍ନାନ କରିବେ । ବିଶ୍ୱରେ ଏମିତି ଦିଅଁ ଇଏ ଯାହାଙ୍କର ସ୍ନାନ କୁ ନେଇ ଯାତ୍ରା । ସବୁଦିନ ସ୍ନାନ କରନ୍ତୁ ଆଜି ଭି ସ୍ନାନ କରିବେ । ହେଲେ ସବୁଦିନ ଯେଉଁ ସ୍ନାନ କରନ୍ତୁ ତାଙ୍କ ସମ୍ମୁଖରେ ଦର୍ପଣ ରଖାଯାଏ ଏବଂ ସେଥିରେ ତାଙ୍କ ପ୍ରତିବିମ୍ବ ପଡେ ସେ ଦର୍ପଣ କୁ ସ୍ନାନ କରାଯାଏ ତାକୁ ବିମ୍ବ ସ୍ନାନ କୁହାଯାଏ । କନ୍ତୁ ଆଜି ଯେଉଁ ସ୍ନାନ କରିବେ ତାକୁ ପ୍ରତ୍ୟେକ୍ଷ ସ୍ନାନ କୁହାଯାଏ ।

ଏହି ସ୍ନାନ ଉତ୍ସବ ଏକ ଶାସ୍ତ୍ରୀୟ ଭିତ୍ତି ଭୂମିର ଲୀଳା । ମହାପ୍ରଭୁଙ୍କ ଆବିର୍ଭାବ ବେଳେ ପ୍ରଥେମେ ଏହି ସ୍ନାନ ହୋଇଥିବାରୁ ଶ୍ରୀ ଦାରୁବ୍ରହ୍ମଙ୍କ ଆଦ୍ୟଲୀଳା ବୋଲି କୁହାଯାଏ । ମହାପ୍ରଭୁ ଦାରୁ ବ୍ରହ୍ମ ରୂପ ଧାରଣ କରିବା ପରେ ପ୍ରଥମେ ମଙ୍ଗଳମୟ ମୁହୂର୍ତ୍ତରେ ଏହି ସ୍ନାନଲୀଳା ଅନୁଷ୍ଠିତ କରିଥିଲେ ମହାରାଜା ଇନ୍ଦ୍ରଦ୍ୟୁମ୍ନ । ସେତେବେଳେ ସ୍ନାନ ମଣ୍ଡପ ନଥିବାରୁ ଏକ କାଠର ମଞ୍ଚ ନିର୍ମାଣ କରାଯାଇ ତାହା ଉପରେ ସ୍ନାନବିଧି ସମାପନ ହେଉଥିଲା । ସେଥିପାଇଁ ଶାସ୍ତ୍ରରେ ଏହାକୁ ମଞ୍ଚାସ୍ନାନ ବୋଲି ଉଲେଖ କରାଯାଇଛି । ଶାସ୍ତ୍ର ମତରେ ୧୦୮ ସ୍ନାନ କଳସରେ ଅଭିମନ୍ତ୍ରିତ ପବିତ୍ର ଜଳରେ ଦାରୁ ବ୍ରହ୍ମଙ୍କ ଆଦ୍ୟ ସ୍ଥାନ ଲୀଳା ସମାପନ ହୋଇଥିଲା । ସେଇ ଶାସ୍ତ୍ରୀୟ ମତକୁ ଅନୁସରଣ କରି ଆଜି ବି ସେହିପରି ସ୍ନାନ ଯାତ୍ରା ଅନୁଷ୍ଠିତ ହେଉଅଛି ।

ISSN NO.
2582-208X

ପୂର୍ଣ୍ଣିମା ପୂର୍ବ ଦିନ କୋଠ ସିଆଁସିଆ ମନ୍ଦିରରେ ପ୍ରବେଶ କରନ୍ତି ପହଣ୍ଡି ପାଇଁ ଚାରମାଳ ବାନ୍ଧନ୍ତି । ପ୍ରଭୁଙ୍କର ସେନାପଟା ଓ ବାହୁଟି ନାଗି ହୁଏ । ରତ୍ନ ସିଂହାସନ ଉପରେ ମଙ୍ଗଳାର୍ପଣ କରାଯାଏ । ସ୍ନାନ ମଣ୍ଡପକୁ ମହାପ୍ରଭୁ ଆସିବେ ବୋଲି ବ୍ୟାକୁଳ ହୁଅନ୍ତି ଯେ ଆଖିଆ ଅପିୟା ଯାତ୍ରା କରିବେ ଭକ୍ତାଧୀନ ଭଗବାନ । ଯେତେବେଳେ ଆସିବେ ତା ନାମ ହେଲା ଧାଡ଼ି ପହଣ୍ଡି । ଧାଡି ଧାଡି କରିକି ଆସିବେ ଚତୁର୍ଦ୍ଧାମୂର୍ତ୍ତି । ଆଉ ଯେତେବେଳେ ଅଣସର ପିଣ୍ଡି କୁ ଯିବେ ତା ନାମ ହେଲା ଗୋଟି ପହଣ୍ଡି ।

ସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମହାପ୍ରଭୁ ମାନଙ୍କ ପାଇଁ ଶ୍ରୀମନ୍ଦିରର ଦେବଯାନ ମାର୍ଗରେ ଥିବା ସୁନା କୂଅରୁ ୧୦୮ କଳସ ଜଳ ସଂଗ୍ରହ କରାଯାଏ । ଏହି ସୁନା କୂଅଟି ଶୀତଳା ଠାକୁରାଣୀ ଓ ତାଙ୍କ ବାହାନ ସିଂହଙ୍କ ମଧ୍ୟରେ ଅବସ୍ଥିତ । ବର୍ଷସାରା ସିଂହ ହିଁ ଏହି କୂଅକୁ ସୁରକ୍ଷିତ ରଖିଥାନ୍ତି । କୂଅର ବ୍ୟବହର  ବର୍ଷ ସାରା ନଥିବାରୁ ଜନପଦୀୟ ତାନ୍ତ୍ରିକ ପରମ୍ପରାରେ ଏହି ଜଳକୁ ଅଣ ଚୁଠ ପାଣି ବୋଲି ଗ୍ରହଣ କରାଯାଏ । ପ୍ରତ୍ୟକଦିନ  ସ୍ନାନ ଲୀଳାରେ ବୈଦିକ ବିଧିରେ ସ୍ନାନ ଜଳ ଅଭିମନ୍ତ୍ରିତ ହେଉଥିବା ବେଳେ ସ୍ଥାନ କାଳରେ ତାନ୍ତ୍ରିକ ବିଧିରେ ତେରଟି ପଦାର୍ଥ ମିଶ୍ରଣ କରାଯାଏ । ସେଗୁଡିକ ହେଲା - ଅଷ୍ଟବନ୍ଧ, କୃଷ୍ଣ - ଅଗରୁ, ଉଶୀର, ଗୋରଚନା, ଦେବଦାରୁ, ମୁଥା, ହରିତାଳ, ବାହାଡା, ଆମଳକୀ, ସଞ୍ଜିଷ୍ଠା, ତାମ୍ରପର୍ଣ୍ଣୀ, ସୋମପର୍ଣ୍ଣୀ ଓ ଲୋଧା। ଏହି ମହୌଷଧୀ ମିଶ୍ରଣ କରାଯିବା ପରେ ଜଳକୁ ଅଭିମନ୍ତ୍ରିତ କରାଯାଏ ।

ସେଦିନ ମଧ୍ୟ ରାତ୍ରି ରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦଇତା ମାନେ ଧାଡି ପହଣ୍ଡି କରି ଆଣନ୍ତି । ପହଣ୍ଡି ବିଜେ ସମୟରେ ସାତ ପାହାଚ ପାଖରେ ଦିଅଁ ମାନେ ପହଞ୍ଚିଲା ପରେ ଟାହ୍ୟା ନାଗି ହେବାପରେ ଦ୍ୱିତୀୟ ମଙ୍ଗଳାର୍ପଣ କରାଯାଏ । ତାପରେ ବନ୍ଦାପନା ଓ ପରେ ପରେ ରାଘବଦାସ ମଠରୁ ଆସିଥିବା ଘଷା  ନାଗି କରାଯାଏ । ତାପରେ ପନ୍ତି ଖାଇ ଖାଇ ଠାକୁର ମାନେ ସ୍ନାନ ବେଦି ଅଭିମୁଖେ ଅଗ୍ରସର ହୁଅନ୍ତି । ସୁଆର ବଡୁ ଅମୃଣିଆ ପାଣି ଛିଞ୍ଚନ୍ତି । ପ୍ରଥମେ ସ୍ନାନ ବେଦି କୁ ଆସନ୍ତି ଚକ୍ରରାଜ ସୁଦର୍ଶନ ସେ ଶୂନ୍ୟ ପହଣ୍ଡି  କରି ଆସି  ନିଜ ସ୍ଥାନ ରେ ବିଜେ ହୁଅନ୍ତି । ପଛେ ପଛେ ବଳଭଦ୍ର ଭଗବାନ ରେବତୀ ରମଣ  ହଳାୟୁଧ ସେନାପଟା ଭିଡା ହୋଇ ଟାହ୍ୟା ଲାଗି କରି ସ୍ନାନ ବେଦିରେ ବିଜେ ହୁଅନ୍ତି । ତାଙ୍କପରେ କାମ୍ପିଲ୍ୟ ବାସିନୀ ସୁଭଦ୍ରିକା ଭଗବତୀ କୃପାମୟି ମଧ୍ୟ ସୁଦର୍ଶନ ଙ୍କ ପରି  ଶୂନ୍ୟ ପହଣ୍ଡି ରେ ସ୍ନାନ ବେଦି କୁ ବିଜେ ହୁଅନ୍ତି ।

ISSN NO.
2582-208X

ଶେଷରେ କାଳିଆ କଳା ଠାକୁର କୋଟି କୈବଲ୍ୟ ନାଥ ଜଗନ୍ନାଥ ମହାପ୍ରଭୁ ପୂର୍ଣ୍ଣିମା ଚାନ୍ଦ ପରି ରତ୍ନ ସିଂହାସନ ରୁ ସ୍ନାନ ବେଦି ଅଭିମୁଖେ ଉଇଁ ଆସନ୍ତି । ଆସିଲା ବେଳେ ଆଖିଆ ଅପିୟା ଧାଇଁ ଆସନ୍ତି ଟାହ୍ୟା ଏବଂ ଘଣ୍ଟ ଛତ୍ର ର ଦୋଳନରେ ଛୁଲିଛୁଲି ହଲିହଲି ଆସି ସ୍ନାନ ମଣ୍ଡପ ରେ ଦଇତା ଙ୍କ ଦ୍ୱାରା ବିଜେ ହୁଅନ୍ତି । କିନ୍ତୁ ମଦନମୋହନ କେବଳ ମହାଜନ ସେବକମାନଙ୍କ ଦ୍ୱାରା ବିଜେ ହୁଅନ୍ତି । ଏବଂ ଆଳତି ଅବକାଶ ନୀତି ଆରମ୍ଭ ହୁଏ ।

ବିଧି ଅନୁସାରେ ଜଗନ୍ନାଥଙ୍କ ବାଡ଼ରେ ୩୫ ଗରା । ବଳଭଦ୍ର ଙ୍କ ବାଡ଼ରେ ୩୩ ଗରା । ସୁଭଦ୍ରାଙ୍କ ବାଡ଼ରେ ୨୨ ଗରା ଏବଂ ସୁଦର୍ଶନଙ୍କ ବାଡ଼ରେ ୧୮ ଗରା । ଏହି କ୍ରମରେ ୧୦୮ ଗରା ସୁଭାସିତ ଜଳ ରେ ସ୍ନାନ ହୁଅନ୍ତି ଚତୁର୍ଦ୍ଧାମୂର୍ତ୍ତି । ସ୍ନାନ ନୀତି ପରେ ଛେରା ପହଁରା ନୀତି ଅନୁଷ୍ଠିତ ହେବ । ଏଥରକଭି ଗଜପତି ଙ୍କ ପ୍ରତିନିଧି ମୁଦିରସ୍ତ ଛେରା ପହଁରା ନୀତି ସମ୍ପାଦନ କରିବେ ।

ଦକ୍ଷିଣାଭିମୁଖେ ବିଷ୍ଣୌ ସ୍ନାନକାଳେ ନୃପୋତ୍ତମ ।
ବିଷ୍ଣୋର୍ନିରାଜନବିଧିଂ ଯେ ପଶ୍ୟନ୍ତି ଚ ଭକ୍ତିତଃ ।
ପଦେ ପଦେଶ୍ୱମେଧାନାଂ ଫଳଂ ତେଷାଂ ଭବେତ୍ ଧ୍ରୁବମ୍ ।
ମନୋରଥସ୍ୟ ସଂସିଦ୍ଧିସ୍ତେଷାଂ ଭବତି ତତ୍-କ୍ଷଣାତ୍ ।
ଅନ୍ତେ ବୈକୁଣ୍ଠଭବନଂ ତେ ଚ ଗଚ୍ଛନ୍ତି ମାନବାଃ ॥*

( ସ୍କନ୍ଦ ପୁରାଣ, ଉତ୍କଳ ଖଣ୍ଡ )

ସ୍ନାନମଣ୍ଡପରେ ଦକ୍ଷିଣାଭିମୁଖି ଶ୍ରୀଜଗନ୍ନାଥାଦିଙ୍କୁ ଯେଉଁମାନେ ଦର୍ଶନ କରନ୍ତି । ଆରତୀକୁ ଭକ୍ତି ସହକାରେ ଦର୍ଶନ କରନ୍ତି ସେମାନେ ଅଶ୍ୱମେଧ ଯଜ୍ଞର ଫଳଲାଭ କରନ୍ତି । ସେମାନଙ୍କର ସକଳ ମନୋରଥ ପୂରଣ ହୋଇଥାଏ । ଅନ୍ତ କାଳରେ ସେମାନେ ବୈକୁଣ୍ଠ ପୁରକୁ ଗମନ କରିଥାନ୍ତି । ପ୍ରଭୁଙ୍କ ଏହି ଦିନ ଗଜାନନ ବେଶ ହୁଏ । ଏହିଦିନ ରାଘବଦାସ ମଠ ପକ୍ଷରୁ ଦେବୀ ସୁଭଦ୍ରାଙ୍କୁ ଫୁଲଚୂଳ ଚନ୍ଦ୍ରିକା ଓ ଛତ୍ରି ନାଗି କରାଯାଏ । ଏବଂ ଗୋପାଳତୀର୍ଥ ମଠଦ୍ୱାରା ଶ୍ରୀ ବଳଭଦ୍ର ଏବଂ ଶ୍ରୀ ଜଗନ୍ନାଥ ଙ୍କୁ ଗଜାନନ ବେଶ ଓ ସୁଦର୍ଶନ ଙ୍କୁ ଚକ୍ର ଲାଗି କରାଯାଏ । ଏହି ଦିନ ତିନି ଧୂପ ବଦଳରେ ଗୋଟିଏ ଧୂପ ଦିଆଯାଏ ।

ISSN NO.
2582-208X

॥ ଗଜାନନ ବେଶ କିମ୍ବଦନ୍ତି :-

ମହାରାଷ୍ଟ୍ରର ଏକ ବ୍ରାହ୍ମଣ ଗଣପତି ଭକ୍ତ । ଥରେ ଶ୍ରୀକ୍ଷେତ୍ରର ମହିମା ବିଷୟରେ ଶୁଣି ମହାପ୍ରଭୁଙ୍କ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଆସିଥିଲେ । ସେ ଭଗବାନ ଗଣେଷଙ୍କ ଭକ୍ତ ଥିଲେ । ତେଣୁ ଦାରୁ ବିଗ୍ରହଟି ଦର୍ଶନ କରି ଗଜ ରୂପ ନଦେଖି ସେ ତାଙ୍କୁ ପରମବ୍ରହ୍ମ ବୋଲି ମାନିବାକୁ ଅସ୍ୱୀକାର କଲେ । ଏବଂ କ୍ଷୁବ୍ଧ ହୋଇ ମନ୍ଦିର ତ୍ୟାଗ କଲେ । ପରଦିନ ଦେବସ୍ନାନ ପୂର୍ଣ୍ଣିମା ଥିଲା । ମହାପ୍ରଭୁଙ୍କ ଆଦେଶରେ ବଡ଼ ପଣ୍ଡା ଗଣପତି ଭକ୍ତଙ୍କୁ ସ୍ନାନ ଯାତ୍ରା ଦେଖିବା ପାଇଁ ଆମନ୍ତ୍ରଣ କଲେ । ତାଙ୍କ ଦୃଷ୍ଟି ସମ୍ମୁଖରେ ଦାରୁ ବିଗ୍ରହ ଶ୍ରୀଜଗନ୍ନାଥଙ୍କ ରୂପ ପରିବର୍ତ୍ତନ ହୋଇ ଗଣପତି ରୂପ ହେଇଗଲେ । ଏ ଅଲୌକିକ ଘଟଣା ଦେଖି ତାଙ୍କର ଜ୍ଞାନୋଦୟ ହେଲା ଏବଂ ସେ ନିଜର ଭୁଲ ବୁଝିପାରିଲେ । ତାଙ୍କ ପାର୍ଥନାରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ତାଙ୍କୁ ବର ପ୍ରଦାନ କଲେ । ପ୍ରତିବର୍ଷ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ ପୂର୍ଣ୍ଣିମାରେ ଗଜବେଶ ଧାରଣ କରନ୍ତି ।

ବେଶ ଓଲାଗି ପରେ ଠାକୁରମାନେ ଶ୍ରୀମନ୍ଦିରକୁ ଗୋଟି ପହଣ୍ଡିରେ ଫେରନ୍ତି । ଭିତର କାଠ ପାଖେ ଅଣସର ପିଣ୍ଡିରେ ଠାକୁରମାନେ ବିଜେ କରିବାପରେ ତାଟି ବନ୍ଧାଯାଏ ଓ ପଟିମୂର୍ତ୍ତି ସ୍ଥାପନା କରାଯାଏ । ତାପରେ ଏହି ଚତୁର୍ଦ୍ଧାମୂର୍ତ୍ତି ସ୍ନାନ ପୂର୍ଣ୍ଣିମା ଠୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ଦୀର୍ଘ ୧୫ ଦିନ ଧରି ଜ୍ୱରରେ ପଡନ୍ତି । ଏହି ୧୫ ଦିନ କାଳ ଭକ୍ତ ମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ରୁ ବଞ୍ଚିତ ହୁଅନ୍ତି । ଏହି ସମୟରେ ଭକ୍ତମାନେ ବ୍ରହ୍ମଗିରିରେ ପୂଜିତ ହେଉଥିବା ଅଲାରନାଥ ଙ୍କୁ ଦର୍ଶନ କରନ୍ତି ।

ସଂଗ୍ରାହାକ- ଅଭିଳାଷ ବାରିକ୍,
ଏ. ବି. ପି.ଏ ମ, ନମତର୍,
ରାଜକନକା, କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ତୁଳସୀ ରସିଆ ଜଗା କାଳିଆ

ସୁଶ୍ରୀ ଶୁଭସ୍ମିତା ମହାନ୍ତ

ତୁଳସୀ ପତରେ ଶରଧା ଯାହାର
ସିଏ ମୋ କଳା ଠାକୁର,
ବିନା ତୁଳସୀ ରେ ଅସମ୍ପୂର୍ଣ୍ଣ ସିଏ
ମନ ବୁଝେ ନାହିଁ ତା'ର।

ତୁଳସୀ ଆଗରେ ହୀରା ଲୀଳା ତୁଚ୍ଛ
କାଳିଆ ଠାକୁର ପାଇଁ,
ସଜ ହେଲେ ସିଏ ତୁଳସୀ ପତରେ
ମହମହ ବାସୁ ଥାଇ।

ସକାଳ ଧୂପ ରୁ ତୁଳସୀ ପତର
ଲାଗେ ପ୍ରଭୁ ଙ୍କ ନୀତି ରେ,
ସଂଧ୍ୟା ଧୂପ ପରେ ବଡ଼ ସିଂହାର ରେ
ତୁଳସୀ ଥାଏ ପାଖରେ ।

ଗଳାରେ ତାହାର ଶୋଭା ପାଉଥାଏ
ଦୟଣା ତୁଳସୀ ହାର,
ଶ୍ରୀଭୁଜ ରେ ସଦା ତୋଳି ନେଇଥାଏ
କେଡ଼େ ଭାଗ୍ୟ ତୁଳସୀ ର ।

ISSN NO.
2582-208X

ରାଧା ଓ ମୀରା ଠାରୁ ଅତି ନିଜର
ଅଟଇ ଏହି ତୁଳସୀ,
ତୁଳସୀ ବିହୁନେ ପୂଜା ହୁଏ ନାହିଁ
ଜଗା ମୋର ଯାଏ ରୁଷି।

ଷାଠିଏ ପଉଟି ଭୋଗ ହୁଏ ନାହିଁ
ବିନା ତୁଳସୀ ପତରେ,
ତୁଳସୀ ପ୍ରିୟ ସେହି କଳା ଠାକୁର
ପ୍ରଣାମ ତା'ର ପୟରେ।

ନବରଙ୍ଗପୁର

ISSN NO.
2582-208X

# ସ୍ୱାଧୀନ ଦେଶର କଥା



ଅମରନାଥ ବାରିକ

ମୁଁ ରାଜ୍ୟ ବାହାରେ ଦାଦନ ଖଟୁଛି
କ୍ରୀତଦାସ ସାଜି ସଂସାର ପାଳେ
ଦରଖିଆ ହୋଇ ଜୀବନ ବିତାଏ
ମିଳେନାହିଁ ମୋତେ ଆହାର ମୁଠେ
ତଥାପି ଶୁଣୁଛି ମୋ ଦୁଇ କର୍ଣ୍ଣ
କାହିଁକି ନା ସ୍ୱାଧୀନ ଦେଶର ମୁଁ ପ୍ରଜା ଧନ୍ୟ ।
କି ଅବା ଅଭାବ କଷଣ ଯିବ
୭୫ତମ ସ୍ୱାଧୀନତାର ଅମୃତ ମହୋତ୍ସବ... !!

ମୁଁ ଜଣେ କୃଷକ ଫଳାଉଛି ଶସ୍ୟ
ବୁହାଉଛି ନିତି ରକତ ବିନ୍ଦୁ ।
ମିଳେନାହିଁ ମତେ ମୋ ପାରିଶ୍ରମିକ
ଦୁଃଖ ବହିଯାଏ ମୋ ସାତ ସିନ୍ଧୁ ।
ଅଭାବେ କୁଟୁମ୍ବ କାଟୁଛି ଦିନ
କାହିଁକି ନା ସ୍ୱାଧୀନ ଦେଶର ମୁଁ ପ୍ରଜା ଧନ୍ୟ ।
ଦାରିଦ୍ର୍ୟତା ମୋର ଘୁଞ୍ଚି କି ଯିବ
୭୫ତମ ସ୍ୱାଧୀନତାର ଅମୃତ ମହୋତ୍ସବ... !!

ISSN NO.
2582-208X

ମୁହିଁ ନାବାଳିକା କୋମଳ କଢ଼ିଟେ
କି ଦୋଷ କରିଛି ଏ ଦୁନିଆର ।
ସୁଯୋଗ ପାଇଲେ ଧର୍ଷଣ କରନ୍ତି
ବିକଳରେ ହୁଏ ମୁଁ ବଳାତ୍କାର ।
ନିରବେ କୁହଇ ମୋ ଭଙ୍ଗା ମନ
କାହିଁକି ନା ସ୍ୱାଧୀନ ଦେଶର ମୁଁ ପ୍ରଜା ଧନ୍ୟ ।
ଆଉ ଅନ୍ୟାୟ କି ଏଠି ନହେବ
୭୫ତମ ସ୍ୱାଧୀନତାର ଅମୃତ ମହୋତ୍ସବ... !!

ପୁଣି ଇଚ୍ଛା ହୁଏ ଚାଖିବାକୁ ଥରେ
ସ୍ୱାଧୀନତା ସ୍ୱାଦ ମିଠା କି ଖଟା ।
ମିଳନ୍ତାକି ଥରେ ଜାଣନ୍ତି କେମିତି
ସ୍ୱାଧୀନତା ଲାଗେ ଖଦୀ କି ମଠା ।
କାରଣ ମୁଁ ପରା ଏ ଦେଶ ଜନ
କାହିଁକି ନା ସ୍ୱାଧୀନ ଦେଶର ମୁଁ ପ୍ରଜା ଧନ୍ୟ ।
ଏଥର ପରାଏ ଦରଦ ଯିବ
୭୫ତମ ସ୍ୱାଧୀନତାର ଅମୃତ ମହୋତ୍ସବ... !!

ବନ୍ଦେ ମାତରମ୍

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଭକ୍ତି ନିବେଦନ



ପ୍ରେମଲତା ହୋତା

ରତ୍ନ ସିଂହାସନେ ଦିଶ ସୁନ୍ଦର
ଭାଇ ଭଉଣୀ ତୁମର ଅତି ନିଜର
ନିଷ୍ଠୁରେ ବସିଛ ପ୍ରଭୁ କଳା ବଦନ
ଭାବି ଭାବି ଦୁଃଖ ମୋର ସରେନି ଦିନ

ସାହା ମୋର କେହି ନାହିଁ ଦେବାକୁ ବଳ
ଦୁଃଖ ସାଗର ପାରିକି ନଯାଏ କୂଳ
ବୁଡି ରହେ ଶୋକ ଜଳେ ଦୁଃଖ ସାଗରେ
ତୁମ୍ଭର ନାହିଁ କି ପ୍ରଭୁ ଚକ୍ର କରରେ

ଦୁଃଖୀ ଜନ ଦୁଃଖ ପ୍ରଭୁ ସହି ନ ପାରି
ଚକ୍ର ଛାଡି ରଖିଥିଲ ଦୁଷ୍ଟ କୁ ମାରି
ସେହି ଚକ୍ର ଛାଡିଥିଲ କୁରୁ ସଭାରେ
ଦୁଷ୍ଟ କୁ ମାରି ରଖିଲ ଭକ୍ତ ଜନରେ

ଆଉ କି ନାହିଁ ତୁମର ସୁଦର ସନ
ଭାରତ ସମରେ କରିଥିଲ ନିଷ୍ଚିନ
ଦିନ ଜନ ପ୍ରଭୁ ବୋଲି ଉଡେ କେତନ
ଡାକେ ଆସ ଆସ ଦୁଃଖୀ ବାନ୍ଧବ ଜନନ

ପ୍ରଣମୁଚି ପ୍ରଣମୁଚି ପାଦେ ତୁମର
ଦୁଃଖ ସାଗର ରୁ ପ୍ରଭୁ ଉଧାର କର ।

ଭଗବତୀ ପ୍ରସାଦ,
ମୁକ୍ତାପୁର, ଖୋର୍ଦ୍ଧା

ISSN NO.
2582-208X

# ସମ୍ପର୍କର ଶେଷକୃତ୍ୟ



ଦୀପାଳି ଦାସ

କେବେବି ରବିବାରର ଘୁମନ୍ତ ସଖାଳଟା ତା' ପାଇଁ ଏମିତି ନିରୋଳା ନଥିଲା । ମୋବାଇଲର ଆଦ୍ୟଭାଗରେ ଟିଠିର ଚିହ୍ନ ତାକୁ ଚଞ୍ଚଳ ଓ ବ୍ୟସ୍ତ କରାଇ ଦିଏ । କିଛି କିଛି ମିଠା କଥାର ଆକର୍ଷଣରେ ସେ ଓହରି ଆସେ ନିଦ୍ରାବଳୟରୁ । ଋଷଭ ଜାଣନ୍ତି ଯେ ସେ ପ୍ରାୟ ସେଦିନ ତାର ବ୍ୟସ୍ତବହୁଳ କର୍ମମୟ ଚାକିରି ଜୀବନରୁ ମୁକ୍ତ ରୁହେ । ଆଉ ସେ ମଧ ଅବସର ପାଆନ୍ତି ତାଙ୍କର ଅଫିସ କାମରୁ । ଋଷଭଙ୍କର ପୁନେରୁ ବଦଳି ହେଲା ପରେ ପରସ୍ପର ଅନ୍ତରଙ୍ଗ ହେବାର ମାଧ୍ୟମ ଏହି ଏକମାତ୍ର ମୋବାଇଲର ମେସେଜ। ଦୁହିଙ୍କର ମୋବାଇଲରେ ପଞ୍ଚଦଶ ମିନିଟ ଏକାନ୍ତରେ କଥାବାର୍ତ୍ତା ହେବାଟା ଦିନରେ ବି କଷ୍ଟକର ବ୍ୟାପାର ଥିଲା । ସେ ସମୟ ପାଇଲେ ଋଷଭ ନଥାନ୍ତି କି ଋଷଭ ଫ୍ରି ଥିଲାବେଳେ ସେ କିଛି କାମରେ ଲାଗିଥାଏ । ତେଣୁ ଅଯଥା ଫୋନ କରି ଅସ୍ତବ୍ୟସ୍ତ ହେବା ଅପେକ୍ଷା, ମେସେଜରେ ଭାବ ବିତରଣ କରିବା ତାଙ୍କ ପାଇଁ ଉପଯୁକ୍ତ ମାଧମ ଥିଲା ।  ଏମିତିରେ ସେ ଅନାୟାସରେ ଋଷଭଙ୍କ ପାଖରେ ନିଜକୁ ପହଞ୍ଚାଇ ପାରୁଥିଲା । ଆଉ ଋଷଭ ମଧ ତାର ପ୍ରତ୍ୟୁତ୍ତର ପାଇବାର ମୋହଟାକୁ ବାନ୍ଧିରଖିବାରେ କିଛି କମ୍ ପାରଦର୍ଶୀ ନଥିଲେ ।  ଏମିତି କରିବା ଫଳରେ କିଛି ଅକୁହା କଥାବି ପରସ୍ପର ଜଣେଇ ପାରୁଥିଲେ ଅତି ଗୋପନରେ । ଅନୁପସ୍ଥିତିରେ ବି ଉପସ୍ଥିତିର ସମ୍ୟକ ଝଲକ ମିଳିଯାଏ ଦୁହିଙ୍କୁ ; ସତେକି ଦୁହେଁ ସାମ୍ନା ସାମ୍ନି ବସିଥିବା ଅନ୍ତରଙ୍ଗ ଆଳାପରେ ଲିପ୍ତ ପକ୍ଷୀ ଦୁଇଟି ପରି କେଉଁ ଗଛପତ୍ର ସନ୍ଧିରେ । ସବୁଦିନ ଫୁଳେ ଗପ କରିବାର ଆବଶ୍ୟକତା ମନେ କରନ୍ତି ନାହିଁ। ଦୁହେଁ ଦୁହିଙ୍କର ସ୍ୱର ନଶୁଣିଲେ ମଧ ଥାନ୍ତି ଅତି ନିକଟତର । ଖୁବ ପାଖରେ ..... ଭାବର ଅଦଳ ବଦଳ ମାଧମରେ ।

ହେଲେ ଆଜିକାଲି ଋଷଭଙ୍କ ସ୍ୱରଶୃତିରେ ବି ତାକୁ ଏତେ ଏକାଏକା ଲାଗୁଛି , ଯେମିତି କିଛି ଖାପଛଡା....। ପ୍ରତିଧ୍ୱନିତ ହେଉଛି ଏକ ବେପାରୁଆପଣର ପଦଚାରଣ । କାହିଁକି...?? ହୁଏତ କିଛି ବ୍ୟବଧାନ ଆସିଯାଇଛି ଦୁହିଁଙ୍କ ଭିତରେ । ଋଷଭଙ୍କ ଜୀବନରେ ଅପର୍ଣ୍ଣାର ଆଗମନରେ ତାଙ୍କର ସେଇ ପୁରୁଣା ଅଭ୍ୟାସ ଭାଙ୍ଗି ଯାଇଛି । ଅହରହ ମେସେଜର ଉପଦ୍ରବ ଆଉ ନାହିଁ ତା' ମୋବାଇଲରେ ବା ତାକୁ ନେଇ ସୀମାର ଅଳି ବି ନାହିଁ ଋଷଭଙ୍କ ପାଖରେ । ସବୁକିଛି ଢିଲେଇ ଯାଇଛି ସ୍ୱତଃ ପ୍ରବୃତ ଭାବରେ । ତଥାପି କାହିଁକି ଏକ ଅନିୟନ୍ତ୍ରିତ ଅପେକ୍ଷା କେଉଁ ଆକସ୍ମିକ କ୍ଷୁଦ୍ର ପତ୍ରର...ପ୍ରତ୍ୟାବର୍ତନର ସଙ୍କେତକୁ ମୋବାଇଲର ଅଗ୍ରଭାଗରେ। ବୁଝିକରି ବି ସବୁକିଛି.....ଯେମିତି ସେ ଅବୁଝା । ଭିତରେ ଏକ ଭାରୀ ଅଝଟିଆପଣ ତା'ର ରାହାଧରି କାନ୍ଦୁଛି । ଆପଣେଇବାକୁ ପଦଘୁଞ୍ଚା ଦେଉଛି ସେହି କୃର ଅସହଜ ସତ୍ୟକୁ କାଳେ କ'ଣ ଭାଙ୍ଗିଯିବା ଆଶଙ୍କାରେ। ସେ ଗୋଦରା ଗୋଡରେ ବି ମାଡି ଚାଲିଛି ଆଗକୁ ଆଗକୁ---ଜାଣେନା ସେ, ଆଉ କେତେ ଦୂର ବାକି ଅଛି ତା' ଲକ୍ଷ୍ୟ....ପହଞ୍ଚ କି ଅପହଞ୍ଚ !! ଭିତରେ ତାର ଅବିରାନ୍ତ ଏକ ଦ୍ୱନ୍ଦ ଗବଗବ ହୋଇ ଫୁଟୁଛି....ଆଉ ନିର୍ଗତ ହେଉଛି ଅସହଜପଣ....।

ନା-- ସେ ନିଜେ ତ ମନା କରିଦେଇଛି ରିଷଭଙ୍କୁ ଆଉ ମେସେଜ ପଠେଇବା ପାଇଁ । ପୁଣି ତାଙ୍କର ଏ ପରିବର୍ତ୍ତନରେ ତା'ର ଏତେ ଅଧୀରତା କାହିଁକି...?? ଏହା କ'ଣ ତା'ର ଅଭ୍ୟାସଗତ ବାଚଲାମି ? "ନା"... ଆଉ ନୁହେଁ ....। ନିଜକୁ ତାଗିଦ କରୁଛି ସେ । ଅନୁଧ୍ୟାନ କରୁଛି ସେ ତା' ପରିସ୍ଥିତିର ଗଭୀରତାକୁ ଚିରାଚରିତ ଢଙ୍ଗରେ । ମୁହୁର୍ମୁହୁଃ ଭୁଷୁଡୁଥିବା ତା'ର ଦୁର୍ବଳମନା ଚିନ୍ତନକୁ ବିଭିଧ ଭାବରେ ସ୍ମରଣ କରେଇ ଚାଲିଛି ଅଙ୍ଗେନିଭେଇ ଥିବା ଜାଡ କିଛି କମ୍ ବେଶୀ କରି । ସବୁ କିଛି ସରିଛି । ଅପର୍ଣ୍ଣାକୁ ଋଷଭଙ୍କ ଜୀବନରେ ପ୍ରବେଶ କରିବାକୁ ପାରିବାରିକ ତଥା ସାମାଜିକ ସ୍ୱୀକୃତି ମିଳିସାରିଛି। ନିଜେ ରିଷଭ ହିଁ ଚୟନ କରିଛନ୍ତି ଅପର୍ଣାକୁ । ପୁଣି ତାର ସଙ୍ଗ ସେ କାହିଁକି ଲୋଡନ୍ତି.....?? ଏସବୁ ଭାବି ବସିଲେ ରାଗ ଆଉ ଅଭିମାନରେ ଛନ୍ଦୁରେଇ ହୋଇଯାଏ ସେ ସ୍ୱସ୍ଥାନରେ । ମୁଣ୍ଡ ଗରମ ହୋଇଯାଏ ଆଉ ବିଗଳିତ ହୁଏ ତତଲା ଅଶ୍ରୁ ନିଃସ୍ୱାର୍ଥପର ହୋଇ । ନିଜକୁ ନିଜେ ସେ ଶାନ୍ତ୍ୱନା ଦେଇଚାଲେ ଆଉ ବୁଝେଇ ଚାଲେ ....ରିଷଭ ତାକୁ ଏକ ବନ୍ଧୁର ମାନ୍ୟତା ତ ଦେଇଥିଲେ ହେଲେ ଜୀବନସାଥୀ କରିବାର ବିଚାର ତାଙ୍କର ନଥିଲା ହୁଏତ । ବୋଧେ ନିଜେ ସୀମା ହିଁ କିଛିଟା ଆଗଚଲା ହୋଇ ଭାବିବାସିଥିଲା ଅନେକ ବଡ ଦୁନିଆ ତାଙ୍କୁ ନେଇ । ଆଉ ସେ ଦିଗରେ ଭାବି କ୍ଷତାକ୍ତ ହେବାକୁ ଚାହୁଁନି ସେ । ନୈତିକ ମୂଲ୍ୟବୋଧର କୁହାଟରେ ସେ ଆବଦ୍ଧ କରିଦେଉଛି ତା ହୃଦୟକୁ, ହେଲେ ...ବୁଝେଇପାରୁନି ମନକୁ କେତେ କ'ଣର ଅପେକ୍ଷାରେ କେବେ ଥିବା...ବିଗଳିତ ଅନ୍ତରକୁ ।

ଅନ୍ୟମନସ୍କ ହୋଇ ଚାହିଁ ରହିଥିଲା ସୀମା ମୁହଁରେ ହାତଦେଇ ବାହାରକୁ ....ହେଲେ ସାମ୍ନାରେ କିଛିବି ନଥିଲା ଅତୀତର ଅଫେରା ଦୃଶ୍ୟ ଛଡା । ଭାବନାରୁ ଫେରି ଦେଖିଲା ଆଠଟା ବାଜିଲାଣି ତା' ସମ୍ମୁଖସ୍ଥ କାନ୍ଥ ଘଣ୍ଟାଟିରେ। କିନ୍ତୁ ବାହାରେ ଖରାଟା ଏ ପର୍ଯ୍ୟନ୍ତ ପଦାକୁ ସିଧା ସଳଖ ଆସୁ ନଥିଲା । ସୂର୍ଯ୍ୟ ବି ଆଜି ଚୋରିଷ୍ଟିଆ ହୋଇ ବାଦଲର ଅଗଣାରେ ମୁହଁ ଲୁଚେଇ ବସିଥିଲା। ଏକ ଅନିୟମିତ କୋମଳତାର ଛାପ ଦିବାରମ୍ଭରେ ...। ଗହଳ ଆଦ୍ର ପରିବେଶ। ପୁଳାଏ ପବନର ଧକ୍କାରେ ଘୁଞ୍ଚିଆସି

ISSN NO.
2582-208X

ଭିତରକୁ ଝର୍କାର ନୀଳ ପର୍ଦ୍ଦାଟି ଆସ୍ତେ କରି ଆଉଁସି ଦେଇ ଯାଇଥିଲା ତା' ଗାଲକୁ ଶ୍ରଦ୍ଧାରେ ବୁଝେଇ ଦେଲାପରି....। ଏଇ ମାତ୍ର ଛୁଆଁଟିରେ ତା' ଚକ୍ଷୁର ଶୁଷ୍କତା ତରଳିଯାଇ ନିଗିଡି ଆସିବାକୁ ବସିଥାଏ ଖାଲି ବନ୍ଦ ପଲକର ଅପେକ୍ଷାରେ । ଅଚାନକ କଲିଂବେଲ ର ଶବ୍ଦ ଦୋହଲେଇ ଦେଇଥିଲା ତାକୁ ଚେତେଇ ଯିବାକୁ। ଥପ ଥପ ହୋଇ ଖସି ପଡୁଥିବା ବୁନ୍ଦାବୁନ୍ଦା ଲୁହକୁ ହାତରେ ପୋଛିଦେଇ ଉଠି ଯାଇଥିଲା ସେ କବାଟ ଖୋଲିବାକୁ ।

"ଏତେବେଳେ କିଏ ହୋଇଥିବ ଯେ ......." ଭାବି ଦରଜା ଫିଟେଇଲା ସେ । ଘରକୁ ପଶି ଆସିଲା ତରତର ହୋଇ ।

"ଆଜି କଣ ସଖାଳୁ.....?"

"ନାଇଁ ...ନାନୀ, ଆଜି ଟିକେ ବାହାରକୁ ଯିବୁ ବୋଲି ଅଛି ପରା। ଦୁଇ ଘର କାମ ସାରି ଆସିଲିଣି । ବିହାଘରଟେ ଅଛି ତ ଗାଁ ରେ; ନ ଗଲେ ହେଉନି । କାଲି କହିବାକୁ ଭୁଲି ଯାଇଥିଲି ଆଜି ଛୁଟି ନେବି ବୋଲି। ତା' ପାଇଁ ଆଇଲି । ବେଗି ବେଗି ଏଠୁ ବାହାରିଗଲେ ବେଳବୁଡ ଆଗରୁ ପଇଁଞ୍ଚି ଯିବୁ । ଏଠୁ ବସରେ ଗଲେ ୨/୩ ଘଣ୍ଟା ଲାଗିଯିବ। କାଲି ପଳେଇ ଆସିବୁ ମ। ଉପରଓଳିକୁ କାମକୁ ଆସିବି । ଦିନକର କଥା ..... ବ୍ୟସ୍ତ ହେବନି । ବାସନ ରଖିଦେଇ ଥିବ ଆଇଲେ ମାଜିବି।"

"ହଉ..." କହି ସୀମା ତା' ରୁମ ଭିତରକୁ ଯିବା ବେଳକୁ ପୁଣି ଶୁଭିଲା ...

"ଝୁଅ ଉଠିନାଇଁ କି ନାନୀ...??"ଘରେ ଝାଡୁ ଦେଉ ଦେଉ ଯମୁନାର ମୁହଁ ଚାଲିଥାଏ ।

"ନା..."

"ତମକୁ ଥଣ୍ଡା ହୋଇଛିକି ନାନୀ ...?? ମୁହଁଟା କାଇଁ ଫଣଫଣିଆ ଦିଶୁଛି...??"

"ନା,କାମ ଶୀଘ୍ର କରି ଯା',,ନହେଲେ ବସ ପାଇବୁନି।" ତା ଲାଙ୍ଗୁଡଟିକୁ ତାକୁ ଧରେଇ ଦେଇ ସୀମା ଥିରକିନା ଖସିଗଲା ।

ରୁଚି ଚଦର ତଳୁ ଛୋଟ ମୁହଁଟି କାଢି ସୀମା ଆଡେ "କିଏ" ବୋଲି ପ୍ରଶ୍ନ କରୁଥିବା ଚାହାଣିରେ ଅନେଇଥିଲା । "ଯମୁନା" ରେ ଉତ୍ତର ରଖିଲା ସେ । କଡ ଲେଉଟେଇ ଜାକିଜୁକି ହୋଇ ପୁଣି ଶୋଇ ପଡିଲା ରୁଚି ରବିବାରର ବଳକା ନିଦ ପୂରଣ କରିବାକୁ ।

ଯମୁନାର କଥା ଶୁଣି ସୀମା ମନେ ମନେ ଭାବୁଥିଲା ଏତିକି ପ୍ରଶ୍ନର କଣ ଏତେ ଉତ୍ତର !! ହଁ ଟିକେ ଘରୁଆ ଲୋକ ପରି ହୋଇଯାଇଛି ସେ ଏଇ କେତେ ବର୍ଷ ଭିତରେ । ଆଉ ବିଶ୍ୱାସୀ....ବି । ସେ ନିଜେବି ତ ସେୟା କରେ ନା ...। ରିଷଭ ଛୋଟଟେ ପ୍ରଶ୍ନ ରଖିଲେ ସେ ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ ଉପସ୍ଥାପନ କରିଦେଇ ଯାଏ ସବୁକିଛି ସେଇ ମୋବାଇଲ ମେସେଜ ଜରିଆରେ । ଏହାକୁ ନେଇ ସେ ନିଜେବି ନିଜ ଉପରେ ହସେ ବେଳେବେଳେ .....କେଜାଣି କେମିତି ଲାଗୁଥିବ ସେତେବେଳେ ତାଙ୍କୁ ଏତେ ସବୁ ପଢିବା ପାଇଁ । ତା' ଉତ୍ତର ତ କେବେବି ଅଳ୍ପରେ ସରେନି...!! ହଁ-ଯଦି ରାଗିଥାଏ ନିଶ୍ଚେ ଛୋଟଟେ ରେ ସାରିଦିଏ। ଏଥିରେ ରିଷଭ ଜାଣିପାରନ୍ତି ଯେ କିଛି ଅଡୁଆ ଗଣ୍ଠି ପଡିଯାଇଛି । ତାପରେ ଚାଲେ କେତେ ତର୍ଜମା ...ସେ ସାମାନ୍ୟ ହେବା ପର୍ଯ୍ୟନ୍ତ କେବଳ ମେସେଜ ମାଧ୍ୟମରେ । ସେ ସବୁର ଖେଳ ସରିଯାଇଛି । ଖାଲି ତାର ଫିକା ଫିକା ବାସ୍ନା କୋହକୁ ଉସୁକେଇ ଆଣୁଛି କ୍ଷଣାନ୍ତରରେ । ଶୀତେଇ ଆସୁଛି ମନ କିଛି ଅଯଥା ଆଶଙ୍କାକୁ ନେଇ ।

ଆଉ ନୁହେଁ । ଏଥର ତ ପ୍ରଶ୍ନ ନାହିଁ ଫେରି ଚାହିଁବାର । ଅପର୍ଣ୍ଣାର ଆଗମନରେ ହଜିଯାଇଛି ରଷଭଙ୍କ ତା ପ୍ରତି ଥିବା ଭାବର କମନୀୟତା । ସେ ଦାୟିତ୍ୱବାନ ହୋଇଯାଇଛନ୍ତି ଏକ ଭାବି ପତି ରୂପରେ । ଅପର୍ଣ୍ଣା କିଏ ବା କେମିତି ଝିଅ ସେସବୁ ଜାଣିବାର ଜିଜ୍ଞାସା ସୀମା ରଖେନି। ତା' ଆଗ୍ରହର ସମସ୍ତ କ୍ଷେତ୍ରଫଳ ସୀମିତ ରିଷଭଙ୍କ ପାଖରେ । ଯାହାକିଛି ଶୁଣିଛି ସେ ତାଙ୍କରି ମାଧ୍ୟମରେ । ଅପର୍ଣ୍ଣାର ନାପସନ୍ଦକୁ ଅଗ୍ରାଧିକାର ଦେଇ ସେ କମେଇ ଦେଇଥିଲେ ସୀମା ପାଖକୁ ମେସେଜ ପଠାଇବା ଓ ଯା ମଧ୍ୟରେ ସଂପ୍ରସାରିତ ହୋଇଯାଇଥିଲା କିଛି ମାନସିକ ଦୂରତା । ଠଉରାଇ ପାରିଥିଲା ସୀମା ଏସବୁ ପରିବର୍ତ୍ତନର କାରଣ । କିଛିବି ଭୁଲ ନାହିଁ ଅବଶ୍ୟ ଏଥିରେ ତାଙ୍କର । ଏହା ତ ସାଧାରଣ ବ୍ୟାପାର । ହେଲେ ତା' ସାଙ୍ଗରେ ପୁଣି କଣ...??ତା' ଭାବନାର ସ୍ୱରୂପକୁ ରୂପ ଦେବାକୁ ରଷଭ ଅସମର୍ଥ । ଆଉ ସୀମାବି ଖୋଲି ରଖିଦେଇ ପରିନି ତା' ମନ କଥାକୁ ବା ଜିଦ କରିପାରିନି ତାଙ୍କ ଆଗରେ ଟାଣିନେବାକୁ ତାକୁ ଏକ ସାମାଜିକ ସ୍ୱୀକୃତିପ୍ରାପ୍ତ ବନ୍ଧନ ଦେଇ । ରଷଭ ବି ତ କେବେବି ଏହି ସଂପର୍କକୁ ପ୍ରାଧିକରଣ ନାହାନ୍ତି। ଥରୁଟିଏ ମୁହଁ ଫିଟେଇ କହିପାରି ନାହାନ୍ତି ,"ତୁମକୁ ଭଲ ପାଏ"ବୋଲି ...। ହୁଏତ ଏଇ ଗୋଟିଏ ଧାଡିରେ ସେ ରୁଣ୍ଡେଇ ନେଇ ପାରିଥାନ୍ତା ସାରା ଜୀବନର ଖୁସି । ତାଙ୍କୁ ତ ଅଛପା ନଥିଲା ଯେ ସେ ଆଗରୁ ବିବାହିତା ଓ ଏକ ଝିଅର ମା'। ତାକୁ

ISSN NO.
2582-208X

ଆପଣେଇବାକୁ ହେଲେ ସେତିକି ଦୃଢ ହେବାକୁ ହେବ ତାଙ୍କୁ ମାନସିକ ସ୍ତରରେ । ପୁଣି କାହିଁକି ଏ ଅଳିକ ମୋହ ତା' ପ୍ରତି...?? କଣ ସେ ତାଙ୍କ ଆଡକୁ ବଢେଇ ଥିବା ବନ୍ଧୁତ୍ୱର ହାତ ପାଇଁ ତାଙ୍କ ଆବଶ୍ୟକ ସମୟରେ ? କେତେଥର ସୀମା ତାଙ୍କ ଭୁଲଭଟାକାକୁ ବି ଏଡେଇ ଦେଇଛି । କିନ୍ତୁ ଋଷଭ ପ୍ରତି ଥିବା ଶ୍ରଦ୍ଧା ତା' ମନରୁ କମ୍ ହୋଇନି କି କେବେ ତାଙ୍କୁ ହତାଦର କରିପାରିନି। ହୁଏତ ସେଇଥିପାଇଁ ଆଜି ବି ସେ ସୀମା ସହିତ ସମ୍ପର୍କ ଜାରି ରଖିବାକୁ ଚାହାନ୍ତି.....।

ହେଲେ ସୀମା ନୁହେଁ । ଫିଟାଇ ଦେବାକୁ ହେବ ତାକୁ ସେ ସମ୍ପର୍କର ଗଣ୍ଠି । ଭବିଷ୍ୟତରେ ଯଦି ଅପର୍ଣ୍ଣା ମନରେ ତାକୁ ଓ ଋଷଭଙ୍କୁ ନେଇ କିଛି ସନ୍ଦେହ ସୃଷ୍ଟି ହୁଏ.....,ସହି ପାରିବତ ସେ ....??? ତାଙ୍କ ଜୀବନର ଅଶାନ୍ତି ତା' ପାଇଁ କାଳ ହୋଇଯିବନି ତ...?? ବଞ୍ଚି ପାରିବତ ସେ ...?? ରହିବାକୁ ଚାହେଁନି ସେ ତାଙ୍କ ଦ୍ୱନ୍ଦର ପରିଧିରେ । ଅନେକ ଭଲପାଏ ସେ ଋଷଭଙ୍କୁ । ହେଲେ ସେ ଆଜି ପର୍ଯ୍ୟନ୍ତ ଜାଣିପାରିଲେନି ତା' ଅନ୍ତରର କଥା । ଯେଉଁ ସଂପର୍କକୁ ସମାଜରେ ମାନ୍ୟତା ଦିଆଯାଇ ନପାରେ ତାର ଯେ କି ମୂଲ୍ୟ ?? ଋଷଭଙ୍କ ଇଚ୍ଛାକୁ ହୁଏତ ସେ ସମ୍ମାନ ଜଣାଏ ହେଲେ ବୀନା ନାମକରଣରେ ତାହା ତା' ପାଇଁ ନିରର୍ଥକ । ହୁଏତ ଋଷଭଙ୍କ ପ୍ରତି ଥିବା ଅହେତୁକ ଆକର୍ଷଣରେ ସେ ମାନସିକ ସ୍ତରରେ ତାଙ୍କର ନିକଟବର୍ତ୍ତୀ ହୋଇଥାଇ ପାରେ, ହେଲେ ତା' ଠାରୁ ଆଗକୁ ନୁହେଁ......। ଅନାବଶ୍ୟକ ଦ୍ୱିଧାରେ ପଶିବାକୁ ସେ ଚାହେଁନି କେବେବି । କେବଳ ଯେ ଶାରୀରିକ ସୁଖ ପାଇଁ ରିଷଭ ତାର ଅନ୍ତରଙ୍ଗତା ଚାହୁଁଥିଲେ.....ଏ କଥା ଭାବିଦେଲେ ସେ ତାର ହିତାହିତ ଜ୍ଞାନ ଭୁଲିବସେ। ଅଗ୍ନିମୟ ହୋଇଉଠେ ତାର ଅଷ୍ଟାଙ୍ଗ ଶରୀର । ନିଜ ଆଖିରେ ସେ ନିଜେ ଖସିଯାଏ ତଳକୁ ।

ତା' ବଳିଷ୍ଠ ଅସ୍ତିତ୍ୱକୁ ନେଇ ସମାଜରେ ତାର ସ୍ଥିତି । ତାକୁ ସେ କୌଣସି ପରିସ୍ଥିତିରେ ବି ଟଳିଟଳାନ୍ତ ହେବାକୁ ପ୍ରଶୟ ଦେଇନାହିଁ ।ଏଇଟା ହିଁ ତା' ପାଇଁ ଖୁସିର ବିଷୟ । ମନ ତ ପରିବ୍ୟାପ୍ତ । ଭଲ ପାଇବାର କୌଣସି ପରିଧି ନଥାଏ । ତାହା ଅକଳନୀୟ । ହଁ ଛାପଟା ରହିଯାଏ କ୍ଷତର ଦାଗ ପରି ଭଙ୍ଗା ହୃଦୟରେ....ଏକ ଅସଫଳ ପ୍ରେମ। ଭଲ ପାଇବା ତ ନିରନ୍ତର ଯୋଡିଯୋଡି ଚାଲେ । ସେଥିରେ ନଥାଏ ହଜାଇବାର ଭୟ। ହେଲେ ଶରୀରତ ହରାଇ ବସେ ସବୁକିଛି ଥରକରେ। ଅନ୍ତତଃ ଆଜି ସେ ତୃପ୍ତ କି ହଜେଇ ଦେଇନି ତା' ସର୍ବସ୍ୱକୁ ପ୍ରେମରେ ମତୁଆଲା ହୋଇ । ତା' ସମ୍ପର୍କ ହୁଏତ ଋଷଭଙ୍କ ସହିତ ଶୁଖିଶୁଖି ଯାଉଛି , କିନ୍ତୁ ଆଜିବି ସେ ନିଜକୁ ସ୍ୱର୍ଣ୍ଣ ପରି ଔଜଲ୍ୟବାନ୍ ପାଉଛି ସ୍ୱସ୍ଥାନରେ ।

ମୁଣ୍ଡ ତା'ର ଝାଇଁ ଝାଇଁ ହୋଇଯାଉଛି । ଯେତିକି ଏକାକୀତ୍ୱବୋଧ ଆଜି ତାକୁ ହେଉଛି , ସେ ଆଗରୁ କେବେ ସେତିକି ଅନୁଭବ କରିପାରିନି। ରୁଚିର ବାପଙ୍କୁ ହରାଇକରି ବି ନୁହେଁ। ଏ ଅସଫଳ ସମ୍ପର୍କର ଶ୍ରେୟ ସେ ଋଷଭଙ୍କ ମୁଣ୍ଡରେ ଥାପିଦେବାକୁ ଚାହେଁନି । ତାଙ୍କ ମଧରେ ବି କିଛି ଅବ୍ୟକ୍ତ ଯନ୍ତ୍ରଣା ଥାଇପାରେ । ହେଲେ ସେ ସବୁର ବିଶ୍ଳେଷଣ ଆଉ କୌଣସି ପଥର ମୁହଁ କାଢେନି । ଏଭଳି ଏକ ଅନାମଧେୟ ସମ୍ପର୍କର ଚିତ୍ରଣ ତା' କଳ୍ପନା ବହିର୍ଭୂତ ଥିଲା । ହୁଏତ ସେ ଅତ୍ୟଧିକ ଲାଳାୟିତ ହୋଇଯାଇଥିଲା ଏକ ଜୀବନସାଥିର ଅନ୍ୱେଷଣରେ । ଅବଚେତନ ମନରେ ସେ ଢଳେଇ ଯାଇଥିଲା ଅନେକ ଋଷଭଙ୍କ ଆଡକୁ । ଦୂରେଇ ଯାଇଥିଲା ତା' ଜୀବନର ବାସ୍ତବତା ରୁ । ଏଇଟା ହିଁ ଭୁଲ ଥିଲା ତାର। ହେଲେ ଏ ସବୁର ତର୍ଜମା ଲମ୍ୱେଇ ଦେଉଛି ତା ଆଗରେ ଅବଶୋଷର ପଥ । ବିବର୍ଣ୍ଣ ଲାଗୁଛି ତାକୁ ଜୀବନ ହେଲେ ସରିଯାଇନି ସମୟ । ହଟେଇ ଦେବାକୁ ହେବ ତା' ମାନସିକତାକୁ ତ୍ୱରିତ ଗତିରେ । ତା'ର ଅହରହ ଦହନକୁ ନିର୍ବାପିତ କରିବା ତା' ପାଇଁ ଅନିବାର୍ଯ୍ୟ ହୋଇ ପଡୁଥିଲା । ଭାଙ୍ଗି ପଡୁଥିଲା ଭିତରେ ଭିତରେ ସେ ଚିନ୍ତା କରି କିପରି ଛିନ୍ନ କରିବ ଏହି ଅନ୍ତରଙ୍ଗ ବନ୍ଧୁତ୍ୱ । ଆଜି ଅନପେକ୍ଷିତ ତା'ର ଭଲପାଇବା ଋଷଭଙ୍କ ଦୃଷ୍ଟିରେ ଓ ତା' ମଧରେ ଅପର୍ଣ୍ଣାର ସ୍ଥିତି । ତା' ସ୍ପନ୍ଦନର ବ୍ୟର୍ଥ ତୀବ୍ରତାକୁ ସେ ଅନୁଭବ କରୁଥିଲା । ଭାବନାର ଅନର୍ଥକ ବ୍ୟୟବହୁଳ ସମ୍ପର୍କରୁ ସେ ଓହରି ଆସିବାକୁ ଉଦ୍ୟମ କରୁଥିଲା । ମୁକୁଳିବାକୁ ପ୍ରସ୍ତୁତଥିଲା ସେହି ବନ୍ଧନରୁ ଯାହା ତା'ର 'ସ୍ୱ'କୁ ଏତେ ମାତ୍ରାରେ ପ୍ରଭାବିତ କରିସାରିଥିଲା । ତତ୍ପର ହେଉଥିଲା ଏହି ଏକାକୀ ଯୁଝୁଥିବା ଅନିର୍ବାପିତ କ୍ଲେଶରୁ ମୁକ୍ତି ପାଇବାକୁ।

ତେଣୁ ଆଉ କେହି ତାର ମାର୍ଗରୋଧ କରିବା ପୂର୍ବରୁ ସେ ବନ୍ଦ କରିଦେଉ ଦୁଆର। ଏକ ମୃତପ୍ରାୟ ସଂପର୍କକୁ ଆଉ ଉଦଜୀବିତ କରିବା ଅଯୌକ୍ତିକ। ନିଜକୁ ନିଜେ ସେ ବୁଝେଇ ଚାଲିଛି । ଟାଣ କରିଚାଲିଛି ମନକୁ ପ୍ରତି ମୁହୂର୍ତ୍ତର ପ୍ରବେଶରେ । କେମିତି ଦେବା ମୁଖାଗ୍ନି ତା' ନିଜସ୍ୱ ପ୍ରକାରରେ ଅନ୍ତିମ ସମୟରେ । ଅଧୋମୁଖ ହୋଇ ବସିଥିଲା ସେ ଚେୟାରରେ । ମନେ ମନେ ରଚି ସାରିଥିଲା ସେତେବେଳକୁ ତା' ଆସନ୍ତା ସମୟର କଥୋପକଥନ ଋଷଭଙ୍କ ସହିତ । ଧୈର୍ଯ୍ୟର ସହିତ ଟେବୁଲ ଉପରୁ ମୋବାଇଲ ଟା ଉଠେଇଲା। ବାମହାତରେ କମ୍ପିତ ହେଉଥିଲା କେଉଁ ତଡ଼ିତର ପ୍ରବାହ। ନିଜକୁ ଅଯଥା ହତୋତ୍ସାହିତ ନକରି ଆରହାତଟା ରେ ମୋବାଇଲକୁ ଧରିନେଲା । କିଛି ସମୟର ସ୍ଥିରତା...। ତା'ପରେ ଲଗେଇଲା ଋଷଭଙ୍କ ନମ୍ବର। ଆରପଟେ ରିଙ୍ଗ ହେଉଥିଲା । କିଛି ମାତ୍ର କ୍ଷଣ ଅନ୍ତରରେ ସେପାଖରୁ ଶୁଭିଥିଲା ...

ISSN NO.
2582-208X

"ଗୁଡମର୍ଣ୍ଣିଂ ସୀମା । କେମିତି ଅଛ ? ମୁଁ ଏବେ ତମ ପାଖକୁ ଫୋନ କରିବି ବୋଲି ଭାବୁଥିଲି ।"

ଟିକେ ମୋଟା ଗଳାରେ ସେ ଫିଟାଇ ସାରିଥିଲା ତାର ପୂର୍ବ ପ୍ରସ୍ତୁତ ସଂଳାପ..."ଭଲ ଅଛି ଋଷଭ । ମୁଁ ଗୋଟେ କଥା ପାଇଁ ଫୋନ କରିଥିଲି ।"

"କୁହ ..."

"ଖରାପ ଭାବିବ ନାହିଁ ।.......ମୋତେ ଆଉ ଫୋନ୍ କରିବ ନାହିଁ। ଏଇଟା ମୋର ଗୋଟେ ଅନୁରୋଧ । ଏଇଟାକୁ ତମ ବିବାହ ଅବସରରେ ମୋ ତରଫରୁ ଗୋଟେ ଉପହାର ବୋଲି ଗ୍ରହଣ କରିବା ବୋଲି ମୋର ଆଶା । ବାୟ...।"

"ସୀମା..." ବାସ୍ ଏତିକି ରେ ଫୋନ୍ କାଟିଦେଇଥିଲା ସୀମା । ଠକ୍ ଠକ୍ ଲୁହ ଗଡିପଡୁଥିଲା ତା' ଆଖିରୁ । ଏକ ସୁଦୂରବ୍ୟାପୀ ନିସଙ୍ଗତା ଭିତରକୁ ସେ ଆପଣାଛାଏଁ ଟାଣି ହୋଇ ଯାଉଥିଲା । ଓଠଦ୍ୱୟ ଆପେ ଆପେ ମେଲେଇ ହୋଇ ଯାଉଥିଲେ କୋହରେ । ମୋବାଇଲ ତାକୁ ଆପାତଃତ ଫୋପାଡିଦେଇ ଖଟ ଉପରେ ଲୋଟେଇ ଯାଇଥିଲା ତଳମୁହାଁ ହୋଇ । ସରିଥିଲା ଏକ ବହଳିଆ ସଂପର୍କର ଶେଷକୃତ୍ୟ । ମାତ୍ର ଆତ୍ମାର ଶୁଦ୍ଧିକରଣ ପ୍ରକ୍ରିୟା ଏବେବି ବାକି ରହିଥିଲା ।

ଏସ-୨୦୧, ଶିବା ଏନକ୍ଲେଭ,
ଫାଟକ, ସମ୍ବଲପୁର
ମୋବିଲେ: ୭୦୪୪୨୦୭୩୫୭

ISSN NO.
2582-208X

# ଭୂତ ସହ ତୁମ କେଉଁ ସମ୍ପର୍କ



ଅମୃତନାରାୟଣ ଶତପଥୀ

ଭୂତ ସଙ୍ଗେ ତୁମ କେଉଁ ସମ୍ପର୍କ,
ଭୂତ ପରା ତୁମ ନିଜ ଅତୀତ ।(୧)
ଭୂତରୁ ଭବିଷ୍ୟ ଅନେକ ପଥ,
ଚାଲୁଛେ ସଭିଏଁ ନିରନ୍ତର ତ ।(୨)
ବର୍ତ୍ତମାନ ଭୂତ ଭବିଷ୍ୟ ମଧ୍ୟେ,
ସରୁ ସୁତା ସମ ସମ୍ପର୍କ ବାନ୍ଧେ ।(୩)
ଭୂତ କାଳେ ଯେଉଁ କରିଛେ କର୍ମ,
ବର୍ତ୍ତମାନ ଫଳ ତାହାରି ଜନ୍ମ ।(୪)
ବର୍ତ୍ତମାନ କର୍ମ ଭବିଷ୍ୟେ ଫଳେ,
ନିମ୍ବ ପୋତିଲେ କି ଆମ୍ବ ଗଛ ମିଳେ ।(୫)
ଏହିପରି ଭୂତ ଭବିଷ୍ୟ ବର୍ତ୍ତମାନ,
ତିନେଟି କାଳ ଅଟେ ଏକ ସମାନ ।(୬)
ଆଜି ବର୍ତ୍ତମାନ କାଲି ଅତୀତ,
ଆସନ୍ତାକାଲି ଯା ହୁଏ ଭବିଷ୍ୟତ ।(୭)
କାଳ ସହ ରଖି ଭଲ ସମ୍ବନ୍ଧ,
ଅକାଳେ ନପଡେ କେବେ ବିପଦ ।(୮)
ସମୟ ସାଥିରେ ତାଳ ଦେଇ କର୍ମ,
କରି ଜଗତରେ ଅର୍ଜ ସମ୍ମାନ ।(୯)
ଈଶ୍ୱରଙ୍କ ପ୍ରତି ରଖ ବିଶ୍ୱାସ,
ଜୀବନରେ କେବେ ନହୁଅ ହତାଶ ।(୧୦)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଶ୍ରୀକ୍ଷେତ୍ର ବିହାରୀ



ଦେବଯାନୀ ବାରିକ୍

ଶ୍ରୀକ୍ଷେତ୍ର ବିହାରୀ ହରି ଦାନବାରୀ ଭାବ ବିଦୁଷ ପ୍ରବର ।
ମାସ ବରଷ ଦିବସ ପୀତ ବାସ ନରହରି ରମାବର ।
ନମ ହରିପଦ ହରିବ ବିଷାଦ ଶ୍ରୀହରି ଆପଦ ହର ।
ରଞ୍ଜନ କରଇ କୋଟି ଜନ ମନ ବସି ରତ୍ନ ମଣ୍ଡପର ।
ଜଗଜୀବନ ଶ୍ରୀକୃଷ୍ଣ ଜନାର୍ଦ୍ଦନ ଶ୍ରୀପତି ଶ୍ରୀମତୀ ବର ।
ନଭ ଜଳ ସ୍ଥଳ ଅନଳ ଅନୀଲ ସର୍ବତ୍ର ଯାର ବିହାର ।
ବେଳ ଥାଉଁ ଥାଉଁ ଗୋବିନ୍ଦ ସୁମର ଆହେ ସୁଧି ସୁଜ୍ଞ ନର ।
ହେବାକୁ ତାହାର ପଦ ପରିଚାର ସାଧବେ ପ୍ରୟାସ କର ।
ରାମ କୃପାସିନ୍ଧୁ ରାମ ଜଗବନ୍ଧୁ ନିତ୍ୟାନନ୍ଦ ସୁରେଶ୍ୱର ।
ବରତମାନ ଅତୀତ ଭବିଷ୍ୟତ ସବୁ ସେ କମଳା ବର ।
ରୁଦ୍ର ଧାତା ଇନ୍ଦ୍ର ବନ୍ଦୁଛନ୍ତି ପଦ ଆନ କେତେକ ମାତର ।
ନାଦ ବ୍ରହ୍ମ ସେହି ହରି ଭାବଗ୍ରାହୀ କେଶବ କୃପା ସାଗର ।

ମହୁ, ଆଲି,କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ସପନ ରାଣୀ



ଟିକେରାଜ ସାହୁ

ଆସୁ ଅଛ ନିତି        ସପନରେ ମୋର
କିଏ ତୁମେ ପ୍ରିୟତମା
ରୂପଟି ତୁମର        ଏତେ ଯେ ସୁନ୍ଦର
ଭୁଲିପାରୁ ନାହିଁ ଜମା ।

ଆଗରୁ କୋଉଠି        ଦେଖିଛିକି ନାହିଁ
ମନେ ତ ପଡୁନି କିଛି
ଅଜଣା ସାଥିଟେ        ହୋଇଗଲ ତୁମେ
ମୋ ଛାତିରେ ଘର କରି ।

ଗୋଲାପ ପାଖୁଡା        ପରି ତୁମ ଓଠ
ନୀଳ ନୀଳ ଦୁଇ ଆଖି
ମୁରୁକି ହସରେ        ମନ କିଣି ନିଅ
ପ୍ରିୟା ତୁମେ ମନ ଲାଖି ।

ଯେବେ ମୁଁ ଦେଖିବି        ତୁମକୁ ନୟନେ
ଆଗୋ ମୋ ସପନ ରାଣୀ
ରଖିବି ତୁମକୁ        ହୃଦୟେ ସାଇତି
କରି ମୋ ମନର ରାଣୀ ।

ISSN NO.
2582-208X

# ନବ ମାନବବାଦର ରୂପକାର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପନ୍ୟାସ *ଶକୁନ୍ତଳା* - ଏକ ତାତ୍ତ୍ୱିକ ଅନୁଶୀଳନ



ଡ ମନୋଜ କୁମାର ମହାପାତ୍ର

୧୯୮୦ ମସିହାରେ ପ୍ରକାଶିତ 'ଶକୁନ୍ତଳା' ଉପନ୍ୟାସ ଶାନ୍ତନୁ ପ୍ରତିଭାର ଏକ ମହାର୍ଘ ସୃଷ୍ଟି। ପାରମ୍ପରିକ ସୂତ୍ରରେ ଚଳି ଆସୁଥିବା ହଜାର ହଜାର ବର୍ଷର ଆଧ୍ୟାତ୍ମିକ ଆଦର୍ଶ ଓ ଲୋକ ବିଶ୍ୱାସ ସହିତ ଆଧୁନିକ ଯୁକ୍ତିବାଦୀ ନବଚେତନା ଓ ସାମାଜିକ, ରାଜନୀତିକ ତଥା ବୈଚାରିକ ଆନ୍ଦୋଳନର ସମନ୍ୱୟରେ ଏକ ନୂତନ ସମାଜର ଭିତ୍ତିଭୂମି ପ୍ରତିଷ୍ଠା କରିବାର କଳ୍ପନା କରିଛନ୍ତି ଶାନ୍ତନୁ ଏଇ ଉପନ୍ୟାସଟିରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ପୃଥିବୀରେ ବିଭିନ୍ନ ଦେଶରେ ଘଟିଥିବା ରାଜନୀତିକ ପରିବର୍ତ୍ତନ, ଅତ୍ୟାଧୁନିକ ଯନ୍ତ୍ରପାତି ଓ ବୈଜ୍ଞାନିକ ଉଦ୍‌ଭାବନ ଫଳରେ ଦ୍ରୁତ ଆର୍ଥିକ ଓ ସାମାଜିକ ପରିବର୍ତ୍ତନ ସାଙ୍ଗକୁ ଯୋଗାଯୋଗର ସୁବିଧା ଓ ସାଧନର ବିକାଶହେତୁ ସମଗ୍ର ପୃଥିବୀର ଏକକୀକରଣ ଘଟି ମନୁଷ୍ୟର ଚିନ୍ତା ଓ ଚେତନାରେ ଯେଉଁ ଅଭୂତପୂର୍ବ ପରିବର୍ତ୍ତନ ଘଟିଥିଲା ତା'ର ପରିଣାମ ସ୍ୱରୂପ ମନୁଷ୍ୟ ଜାତି ମଧ୍ୟରେ ନବଜାଗରଣର ଉଦୟ ହୋଇ, ପାରମ୍ପରିକ ମୂଲ୍ୟବୋଧ ଓ ବିଶ୍ୱାସ ସବୁ ଭୁଶୁଡ଼ି ପଡ଼ିଥିଲା। ଯୁଗଯୁଗରୁ ଅଶିକ୍ଷିତ, ଅବହେଳିତ ଓ ଶୋଷିତ ହୋଇ ଆସୁଥିବା ନିରୀହ ଜନସାଧାରଣ ନୂତନ ଶିକ୍ଷା ଓ ସଂସ୍କାର ଫଳରେ ସଜାଗ ହେଲେ । ପୁଞ୍ଜିପତି ଓ ଧନୀକ ଗୋଷ୍ଠୀଙ୍କ ହାତର କ୍ରୀଡ଼ାପୁତ୍ତଳିକା ନହୋଇ ନିଜର ଅଧିକାର ଓ କର୍ତ୍ତବ୍ୟ ପ୍ରତି ସଚେତନ ହେଲେ।

ଏହି ନବଜାଗରଣ କାଳରେ ମଣିଷ ମଣିଷ ଭିତରେ ଥିବା ସମସ୍ତ ବୈଷମ୍ୟକୁ ଦୂର କରି ଏକ ଶ୍ରେଣୀହୀନ ଶୋଷଣମୁକ୍ତ ସମାଜ ଗଠନ ଦିଗରେ ସବୁରାଷ୍ଟ୍ରର ବୁଦ୍ଧିବାଦୀ

ISSN NO.
2582-208X

ମଣିଷମାନେ ସମାଜରେ ସମାନତା ପାଇଁ ସତତ ଚେଷ୍ଟିତ ହୋଇଥିବା ଇତିହାସ ପୃଷ୍ଠାରୁ ଅବଲୋକନ କରାଯାଏ । "ମାତ୍ର ପୁଞ୍ଜିବାଦକୁ ନିର୍ମୂଳ କରି ଏକ ନୂତନ ସମାଜବାଦୀ ସମାଜ ଗଠନ ତ ଆଉ ସାଧାରଣ କଥା ନୁହେଁ। ଏଥିପାଇଁ ଅବିରତ ସଂଘର୍ଷ ଆବଶ୍ୟକ।"

"ସମାଜବାଦୀ ବିପ୍ଲବ ନୂଆ ବ୍ୟକ୍ତିତ୍ୱର ଗଠନର ବ୍ୟାପକ ଆଉ ଗଭୀର ପ୍ରକ୍ରିୟା ସମୂହର ଶୁଭାରମ୍ଭକୁ ପ୍ରକଟିତ କରିଥାଏ । ଏହି ଅର୍ଥରେ ସମସ୍ତ ସମାଜବାଦୀ ବିପ୍ଳବ ହେଉଛି ମାନବ ହିତ ସାଧକ, କାରଣ ଏହା ଶୋଷଣକୁ ବିଲୋପ କରେ ଏବଂ ସମାଜବାଦୀ ରୂପାନ୍ତରଣ ଯୁଗର ଶୁଭାରମ୍ଭ ଘଟାଏ ।"

ରୁଷିଆର ଶିଳ୍ପ ବିପ୍ଳବ ଓ ଲେନିନ୍‌ଙ୍କ ନେତୃତ୍ୱରେ ସାମ୍ୟବାଦୀ ସରକାର ପ୍ରତିଷ୍ଠା, ଚୀନରେ ମାଓଙ୍କ ନେତୃତ୍ୱରେ ହିଂସାତ୍ମକ ସଶସ୍ତ୍ର କୃଷକ ଆନ୍ଦୋଳନ ଆଦି ଘଟଣା ଭାରତୀୟ ଶିକ୍ଷିତବର୍ଗଙ୍କୁ ମଧ୍ୟ କମ୍ ଉଦ୍‌ବୁଦ୍ଧ କରିନଥିଲା। ଭାରତରେ ମାର୍କସ ସାମ୍ୟବାଦୀ ବିଚାର ଧାରାରେ ଆସ୍ଥା ରଖିଥିବା କମ୍ୟୁନିଷ୍ଟମାନେ ଗାନ୍ଧୀବାଦର ବିଫଳତା ପରେ ଦେଶର ରାଜନୀତିରେ ମୁଖ୍ୟ ଭୂମିକା ନେବାକୁ ଚାହୁଁଥିଲେ। ଏଥିପାଇଁ ସେମାନେ ଚୀନର ନେତା 'ମାଓ ସେ ତୁଙ୍ଗ୍' ଙ୍କୁ ନିଜର ଆଦର୍ଶ ଭାବେ ଗ୍ରହଣ କରି ତାଙ୍କରି ପ୍ରଦର୍ଶିତ ପଥ ଅନୁସରଣ ପୂର୍ବକ ଭାରତରେ ସଶସ୍ତ୍ର ବିପ୍ଳବର ଆହ୍ୱାନ ଦେଇଥିଲେ। ଏହାର ପରିଣାମ ସ୍ୱରୂପ ପଶ୍ଚିମବଙ୍ଗର ନକସଲବାଡ଼ି ଓ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଅଞ୍ଚଳରେ ସଶସ୍ତ୍ର ବିପ୍ଳବ ତେଜି ଉଠିଥିଲା। ହିଂସାର ବିଭତ୍ସ ରୂପ ଦେଶର ଅନ୍ୟ ପ୍ରାନ୍ତକୁ ମଧ୍ୟ ପ୍ରଭାବିତ କରିଥିଲା। ଚରମପନ୍ଥୀମାନଙ୍କ ଏଇ ରକ୍ତାକ୍ତ ସଂଘର୍ଷ ଦ୍ୱାରା କେତେ ପୁଞ୍ଜିପତି, ଜମିମାଲିକ, ଶୋଷକବର୍ଗ ଅଚିରେ ଧୂଳିସାତ୍ ହେଲେ। ତାଙ୍କ ସହିତ ବିପ୍ଳବୀ ଏବଂ ସାଧାରଣ ଜନତା ମଧ୍ୟ କମ୍ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇନଥିଲେ। ତଥାପି ରାଷ୍ଟ୍ରଶକ୍ତି ଓ ବିପ୍ଳବୀମାନଙ୍କ ମଧ୍ୟରେ ଘଟୁଥିବା ରକ୍ତାକ୍ତ ସଂଘର୍ଷ ଫଳରେ ଜନସଚେତନତା ବୃଦ୍ଧି ପାଇଲା। ଲୋକେ ଭାଗ୍ୟ ଓ ଭଗବାନଙ୍କ ଉପରେ ଭରସା ନକରି କର୍ମପ୍ରଧାନ ଜୀବନ ଜୀଇଁବାକୁ ଚେଷ୍ଟା କଲେ। ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରି ଆବଶ୍ୟକ ସ୍ଥଳେ ସଂଘବଦ୍ଧ ହେଲେ। ମାତ୍ର ହଜାର ହଜାର ବର୍ଷର ଲୋକବିଶ୍ୱାସ, ଚଳଣି ଓ ସଂସ୍କୃତି, ଲୋକଙ୍କ ଭିତରେ ଅନ୍ତରୀଣ ଧାରାଭଳି ପ୍ରବାହିତ ହେଉଥିଲା। ଚରମପନ୍ଥୀଙ୍କ ହିଂସାତ୍ମକ ଆଚରଣ ସତ୍ତ୍ୱେ ଏ ଦେଶରେ ନରମପନ୍ଥୀ ସମନ୍ୱୟବାଦୀଙ୍କର ଅଭାବ ନଥିଲା । ଜନଶ୍ରୁତି,

ISSN NO.
2582-208X

କିମ୍ବଦନ୍ତୀ ଓ ପୌରାଣିକ ପ୍ରେକ୍ଷାପଟରେ ଜୀବନର ସମସ୍ତ ସମସ୍ୟାର ସମାଧାନ ପାଇଁ ଆଧ୍ୟାତ୍ମର ଆବଶ୍ୟକତାକୁ ମଧ୍ୟ ଲୋକେ ସର୍ବୋପରି ସ୍ୱୀକୃତି ଦେଇ ଆସୁଥିଲେ। ଭାରତୀୟ ଦର୍ଶନ ଓ ଆଧ୍ୟାତ୍ମର ଉତ୍ତୁଙ୍ଗ ଶିଖର ବେଦ, ଉପନିଷଦର ମହାମନ୍ତ୍ର ସବୁ ତଥାପି ଲୋକଙ୍କୁ ଜୀବନ ଯନ୍ତ୍ରଣାରୁ ମୁକ୍ତିଲାଭ ପାଇଁ ଓ ସତ୍ ପଥଗାମୀ ହେବାକୁ ତଥା ମାହାମାନବରେ ଉତ୍ତରିତ ହେବାକୁ ସତତ ପ୍ରବର୍ତ୍ତାଉ ଥିଲା।

ଏଇଭଳି ଏକ ସାମାଜିକ ଓ ରାଜନୀତିକ ପ୍ରେକ୍ଷାପଟକୁ ନେଇ ରଚିତ ହୋଇଛି ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଶକୁନ୍ତଳା' ଉପନ୍ୟାସ। ଓଡ଼ିଶାର ବିଶିଷ୍ଟ ସାରସ୍ୱତ ସମ୍ମାନ 'ସାରଳା ପୁରସ୍କାର' ଲାଭ କରିଥିବା ଏଇ ଉପନ୍ୟାସରେ ରହିଛି ବିବିଧ ବୈଚିତ୍ର୍ୟ ଓ ମହାକାବ୍ୟିକ ବ୍ୟାପ୍ତି। ସହରରୁ ଉଚ୍ଚଶିକ୍ଷା ଲାଭକରି ଗାଁକୁ ଫେରିଆସି ଏକ ଶ୍ରେଣୀହୀନ ଶୋଷଣ ମୁକ୍ତ ସମାଜ ଗଠନ ଉଦ୍ଦେଶ୍ୟରେ କଣ୍ଣୁଆଁ ଗ୍ରାମର ଅନ୍ତର୍ଯ୍ୟାମୀ ମହାରଣା ଓରଫ ବାୟା ହଠାତ୍ ଦିନେ ସେଇ ଉପତ୍ୟକାରେ ସ୍ଥିତ ଏକ ପରିତ୍ୟକ୍ତ ରାଜବାଟୀକୁ ନିଜ ଅଧିକାରଭୁକ୍ତ କରି ତା'ର ଶୀର୍ଷରେ ଗୈରିକ ପତାକା ଉଡ଼ାଇ ଦିଏ। ଛୋଟଛୋଟ ପିଲାମାନଙ୍କୁ ନେଇ ଗଠିତ ସେଇ ଛାତ୍ରନେତା ବାୟା'ର ଟିକି ଦଳଟିକୁ ନକସଲବାଦୀ ଅଭିହିତକରି ଅଚିରେ ପୋଲିସ ସେମାନଙ୍କୁ କାବୁ କରିନିଏ ଓ ତାଙ୍କ ନେତା ବାୟା'କୁ ସାଂଘାତିକ ଭାବେ ଶାରୀରିକ ନିର୍ଯ୍ୟାତନା ଦେଇ ତାର ଛାମୁଦାନ୍ତ ଭାଙ୍ଗେ ଓ ଡାହାଣ ହାତପାପୁଲିର ଚାରୋଟି ଅଙ୍ଗୁଳି କାଟିପକାଏ।

ଏହି ଦୁର୍ଘଟଣା ଘଟିବାର ଅନେକ ଦିନ ପର୍ଯ୍ୟନ୍ତ ବାୟା ନିଖୋଜ ହୋଇଯାଏ। କଲିକତାର ଏବଂ ଓଡ଼ିଶାର ନେତୃସ୍ଥାନୀୟ କମ୍ୟୁନିଷ୍ଟମାନଙ୍କ କେନ୍ଦ୍ରୀୟ ସହଯୋଗରେ ସେ ପ୍ରଫୁଲ୍ଲ ଓ ଯତୀନ୍ ଭଳି ସହଯୋଗୀମାନଙ୍କ ସାଥୀରେ ପୁଣିଥରେ କଣ୍ଣୁଆଁକୁ ଫେରିଆସେ। ଏଥର ରାଜବାଟୀରେ ଅବସ୍ଥିତ ପୋଲିସ ଫାଣ୍ଡିକୁ ଅକ୍ତିଆର କରି ସେହିଠାରୁ ବିପ୍ଳବର କାର୍ଯ୍ୟକ୍ରମ ଆରମ୍ଭ କରେ । ଯତୀନ୍‌ର ଇଚ୍ଛାରେ ସର୍ବପ୍ରଥମେ ସ୍କୁଲମାଷ୍ଟର ଲାଲ୍ ସଲାମ ପାଏ। ବାୟା ଓ ତା' ଦଳର ଆଭିମୁଖ୍ୟକୁ ଗାଁରେ ପ୍ରଚାର ପ୍ରସାର କରିବାକୁ ତାକୁ ଦାୟିତ୍ୱ ଦିଆଯାଇଥାଏ। ସେଇ ଦାୟିତ୍ୱ ନିର୍ବାହ ନକରିବାର ଦଣ୍ଡ ସ୍ୱରୂପ ଓ ଗ୍ରାମରେ ଆତଙ୍କ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍କୁଲ ମାଷ୍ଟରର ହୁଏ ଏହି କୁପରିଣତି । ଚରମପନ୍ଥୀମାନେ ସ୍କୁଲ

ISSN NO.
2582-208X

ମାଷ୍ଟରର କଟା ମୁଣ୍ଡଟାକୁ ଟେଲିଗ୍ରାଫ ଖୁଣ୍ଟରେ ଟାଙ୍ଗି ଦିଅନ୍ତି। ତା’ପରେ ଗାଁ ସାହୁକାର ହରି ଥୋଡ଼ିଆର ପାଳି ପଡ଼େ।

ଏକଦା ପୁଞ୍ଜିପତି ମତ୍ସ୍ୟ ବ୍ୟବସାୟୀମାନଙ୍କ ମଧ୍ୟରୁ ଜଣଙ୍କ ହାତକୁ କାଟି ପକାଇଥିବା ଚରମପନ୍ଥୀ କୁଶା କେଉଟ ଯିଏ କି ବାୟାଦଳରେ ସାମିଲ ହୋଇଥାଏ, ଦିନେ ମଧ୍ୟରାତ୍ରରେ ଗାଁର ସମସ୍ତ ଜନତାଙ୍କୁ ଶ୍ୱାନ କରେ ହରିଥୋଡ଼ିଆର ସମ୍ପତ୍ତି ଲୁଟ୍ କରିନେବାକୁ। ହରିଥୋଡ଼ିଆକୁ ମାରି ସେମାନେ ଶ୍ରେଣୀଶତ୍ରୁ ପୁଞ୍ଜିପତିମାନଙ୍କୁ ନିପାତ କରିବାର ଦୃଷ୍ଟାନ୍ତ ପେଶ୍ କରନ୍ତି। ତା’ପରେ ତାଙ୍କର ଲକ୍ଷ୍ୟଥାଏ ଗ୍ରାମର ଅଧିକାଂଶ ଜମି ଓ ଦେବୋତ୍ତର ଭୂସମ୍ପତ୍ତିର ମାଲିକ ଚତୁର୍ଭୁଜ ଦଳେଇଙ୍କ ଜମିରୁ ଫସଲ କାଟି ନେବା ସହିତ ଭୂମିହୀନ ଗରିବ ପ୍ରଜାମାନଙ୍କ ମଧ୍ୟରେ ଜମିବଣ୍ଟନ କରିବା। ରାଜବାଟୀରେ କିଶାନ ସଭା ଡକାଇ ଯତୀନ୍ ଓ କୁଶା କେଉଟ କମ୍ୟୁନିଷ୍ଟମାନଙ୍କ ଉଦ୍ଦେଶ୍ୟ ଓ ଲାଲ୍‌କିତାବର ମହତ୍ୱ ଗ୍ରାମବାସୀଙ୍କୁ ବୁଝାନ୍ତି। କଣୁଆଁ ହ୍ରଦକୂଳରେ ଥିବା ସବୁତକ ଧାନଜମିକୁ ଭୂମିହୀନ ରୟତମାନଙ୍କ ମଧ୍ୟରେ ବାଣ୍ଟିଦେବାର ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ସେମାନେ ଗ୍ରାମବାସୀଙ୍କୁ ଆହ୍ୱାନ କରନ୍ତି। ଏସବୁ ସତ୍ତ୍ୱେ ଗାଁରେ ଏଭଳି ଲୋକ ମଧ୍ୟ ଥିଲେ ଯେଉଁମାନେ ନିରୋଳା ମାଧୁର୍ଯ୍ୟରେ ଆନନ୍ଦିତ ହେଉଥିଲେ। ହିଂସା ନୁହେଁ ବରଂ ପ୍ରେମରେ ସେମାନେ ଭାବବିହ୍ୱଳିତ ହୋଇପଡୁଥିଲେ। ଏଣୁ ସଭା ଶେଷହେବା ପରେ ଭୋଜିଖାଇ ଗାଁକୁ ଫେରୁଥିବା ଗ୍ରାମବାସୀଙ୍କ ମଧ୍ୟରୁ କେହିଜଣେ ନିର୍ମଳ ଜହ୍ନ ଆଲୁଅ ଓ ବଣର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଗାଇ ଉଠେ, “ଅତସୀ କୁସୁମ ସମ ଶ୍ୟାମ ହେ, ମୁଁ ଗଲିଟି”।

ପରଦିନ କଣୁଆଁର ଧର୍ମଭୀରୁ ଜନତା ଯଦିଓ ହିଂସାତ୍ମକ ଆନ୍ଦୋଳନକୁ ସିଧାସଳଖ ଡେଇଁପଡ଼ନ୍ତି ନାହିଁ, ତଥାପି କ’ଣ ହେଉଛି ତାହା ଜାଣିବାର ପ୍ରଚଣ୍ଡ ଆଗ୍ରହ ନେଇ ହ୍ରଦକୂଳରେ ଜମା ହୁଅନ୍ତି। ଚତୁର୍ଭୁଜ ଦଳେଇର ଦୁଇପୁଅ ବିମଳ ଓ ସରୋଜ ତାଙ୍କ ସମର୍ଥକମାନଙ୍କ ସହ ଚଢ଼େଇମରା ବନ୍ଧୁକ ନେଇ ବାୟା ଦଳକୁ ପ୍ରତିରୋଧ କରିବାକୁ ଆସନ୍ତି । ଏଣେ କଣୁଆଁ ଉପତ୍ୟକାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଆସିଥିବା ‘ଯକ୍ଷ’ର କୂଟନୈତିକ ଷଡ଼ଯନ୍ତ୍ର କ୍ରମେ ଗ୍ରାମର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ତିନିଠାକୁରଙ୍କୁ ବାହାର କରି ନଇରେ ଭସାଇ ଦିଆଯାଏ। ମାତ୍ର ଦୈବଯୋଗେ ବଳଭଦ୍ର ଓ ସୁଭଦ୍ରା ପାଣିରେ ଭାସିଗଲେ ମଧ୍ୟ ଜଗନ୍ନାଥ ଧାନ ଜମିରେ ପଡ଼ି ରହନ୍ତି। ନିଜର

ISSN NO.
2582-208X

ଭୂସମ୍ପତ୍ତିକୁ ଜଗନ୍ନାଥ ନିଜେ ରକ୍ଷା କରୁଛନ୍ତି ମନେକରି ଓ ପାହାଡ଼ ଘାଟିରେ ଡିନାମାଇଟ୍ ବିସ୍ଫୋରଣ ଶବ୍ଦକୁ ବଜ୍ରପାତ ହେବାର ଆଶଙ୍କା କରି କଣୁଆଁ ଗ୍ରାମବାସୀ ଛତ୍ରଭଙ୍ଗ ଦିଅନ୍ତି। ଦାମା ଗଉଡ଼ ଗୋରୁଗୋଠ ନେଇ ଗ୍ରାମକୁ ଫେରୁଥିବା ସମୟରେ ଧାନଜମିରୁ ଜଗନ୍ନାଥଙ୍କୁ ଉଦ୍ଧାର କରେ ଏବଂ ଗ୍ରାମର କୋଠଘରେ ଆଣି ଅବସ୍ଥାପିତ କରାଏ ।

ଏକଦା ଅଭିନୟ କଳାରେ ଦକ୍ଷତା ଯୋଗୁଁ ଦେଶରେ ସୁନାମ ଅର୍ଜନ କରି ଥିବା ଅଭିନେତ୍ରୀ ଅସୀମା ଉପାଧ୍ୟାୟ ସର୍ବୋଦୟ ଦଳରେ ସାମିଲ ହୋଇଥାଏ ଓ ଦକ୍ଷିଣରେ ସର୍ବୋଦୟ ଆନ୍ଦୋଳନର ବିଫଳତା ପରେ ସେ ଗଣଧର୍ଷଣର ଶିକାର ହୋଇ ଘଟଣାକ୍ରମେ ଗର୍ଭବତୀ ହୋଇ କଣୁଆଁ ଗାଁକୁ ଚାଲି ଆସିଥାଏ। ଦାମା ଗଉଡ଼ର ଗୋରୁଗୋଠରେ ଦିନେ ଅକସ୍ମାତ୍ ସେ ଆବିର୍ଭାବ ହୋଇ, କଣୁଆଁର ଦାମା ଗଉଡ ଘରେ ଶକୁନ୍ତଳା ରୁପେ ଓ ପରେ ଅପ୍‌ସରୀ ଭାବରେ ଶୋଭୀ କେଉଟୁଣୀ ଘରେ ଆଶ୍ରୟ ନିଏ । ଅଳ୍ପଦିନ ପରେ ସନ୍ତାନଟିଏ ପ୍ରସବ କରି ସେ ଶୋଭୀ କେଉଟୁଣୀ ଏବଂ ବାୟାର ବାପ ନାରେଣା ବଢ଼େଇର ଅନୁକମ୍ପା ଲାଭକରି ଥାଏ। ତାରି ଅନୁସନ୍ଧାନରେ ଆସିଥିବା ଦୁଇଜଣ ବୟସ୍କ ମଣିଷ, ବଡ଼ ଜ୍ୟୋତିଷ ଓରଫ ବୈଷ୍ଣବବାଦୀ ଏବଂ ସାନ ଜ୍ୟୋତିଷ ଓରଫ ବାସ୍ତବବାଦୀ ଡ. ରାଓ ଗ୍ରାମରେ ଦେଖାଦିଅନ୍ତି ଓ ଜଗନ୍ନାଥ କୋଠଘରେ ଅବସ୍ଥାପିତ ହେବାପରେ ଅସୀମା ସହିତ ସେଇଠାରେ ରହି ଗ୍ରାମବାସୀଙ୍କ ନେତୃତ୍ୱ ନିଅନ୍ତି।

ଏପଟେ କଣୁଆଁ ଗାଁକୁ ଅଳ୍ପବୟସର ତରୁଣ ତରୁଣୀ ତିନିଜଣ ଚରମପନ୍ଥୀ ସୁବୀର, ସାଧନ ଓ କଳ୍ପନା କଲିକତାରୁ ଆସି ବାୟାଦଳରେ ରହିଥାନ୍ତି । ସେମାନେ କଣୁଆଁର ଶେଷ ସାମନ୍ତବାଦୀ ପରିବାରର ମୁଖ୍ୟ ଚତୁର୍ଭୂଜ ଦଳେଇ ଓ ତାଙ୍କ ପୁଅ ନାତିଙ୍କୁ ପୋଢୁଆଁ ଅଷ୍ଟମୀ ଦିନ ଘରର ଅଶିବର୍ଷ ବୃଦ୍ଧା ମା' ସାମ୍‌ନାରେ ହତ୍ୟାକରି କଣୁଆଁ ଉପତ୍ୟକାରେ ଆତଙ୍କ ଖେଳାଇ ଦିଅନ୍ତି। ଆଖପାଖ ଅଞ୍ଚଳର ଅନେକ ଶୋଷକ ପୁଞ୍ଜିପତିମାନଙ୍କୁ ମଧ୍ୟ ହତ୍ୟା କରନ୍ତି।

ଏହାର ଅଳ୍ପଦିନପରେ ପୋଲିସର ଆଗମନ ହୁଏ। ଜଗନ୍ନାଥଙ୍କ ସହ କୋଠଘରେ ରହୁଥିବା ଦୁଇ ଜ୍ୟୋତିଷ, ଅପସରୀ ଓରଫ ଶକୁନ୍ତଳା, କୁଶା ମା' ଶୋଭୀ କେଉଟୁଣୀ, ବ୍ରଜେନ୍ଦ୍ର ବୈଷ୍ଣବ, ବାୟାର ବାପ ନାରେଣା ବଢ଼େଇ, ଅଫିମିଆ ରଘୁଆ ଓ ତା'ର ଶିଷ୍ୟ କିଶୋର

ISSN NO.
2582-208X

ଆଦିଙ୍କୁ ପୋଲିସ ଜେରା କରେ। କଦମ୍ବ ଗଛରେ ବଡ଼ ଜ୍ୟୋତିଷଙ୍କୁ ବାନ୍ଧିପକାଇ ନକସଲମାନଙ୍କ ସମ୍ପର୍କରେ ଜେରା କରୁଥିବା ସମୟରେ ଗ୍ରାମବାସୀମାନେ ତାକୁ ସୁଭାଷ ବୋଷ ବୋଲି ସମ୍ବୋଧନ କରନ୍ତି ଓ ସେ ଡାକରେ ପୋଲିସ ଚମକି ଯାଏ। ସେଇଠାରେ କଣ୍ଢୁଆଁର ଜନତା ଦିନକଟିଏ ପାଇଁ ପିପୁଲସ୍ ଆର୍ମିରେ ପରିଣତ ହୋଇଯାଏ ଓ ପୋଲିସ ଦଳକୁ ନଙ୍ଗଳା କରି ଗଛରେ ବାନ୍ଧି ପକାଏ।

ଏହାପରେ ସହରରୁ ସଶସ୍ତ୍ର ପୋଲିସ ଫୋର୍ସ ଆସନ୍ତି । ସେମାନେ ପ୍ରଥମେ ନିଜ ଦଳର ଲୋକ ଓ ଆର୍ମସ୍ ଆମିନେସନ୍‌କୁ ଉଦ୍ଧାର କରନ୍ତି। ସେମାନେ ଉତ୍‌କ୍ଷିପ୍ତ ହୋଇ କଣ୍ଢୁଆଁ ଗାଁର ଆଖପାଖ ଅଞ୍ଚଳରେ ସାଦାପୋଷାକରେ ଘୁରିବୁଲନ୍ତି। ନକସଲବାଦୀ ବୋଲି ସନ୍ଦେହ ହେବା ମାତ୍ରେ ସେମାନେ ଲୋକଙ୍କୁ ଅମାନୁଷିକଭାବେ ଅତ୍ୟାଚାର କରିବା ଆରମ୍ଭ କରନ୍ତି। ଦୀଘା କେଉଟ ଭଳି ନିରୀହଲୋକଙ୍କୁ ମାରିମାରି ମାଉଁସମେଞ୍ଚା କରି ଦିଅନ୍ତି। ପୁଣି ଏକ ପାହାନ୍ତା ପହରରେ ମାଛ ମାରିବାକୁ ଯାଇଥିବା ଛ'ଜଣ କେଉଟଙ୍କୁ ନକସଲ ସନ୍ଦେହରେ ବନ୍ଧୁକରେ ଲାଛିପକାନ୍ତି। ହ୍ରଦପାଣିରେ ତାଙ୍କ ମଲା ଦେହଗୁଡ଼ିକ ଭାସି ଉଠେ।

ଏଇ ଘଟଣା ପରେ ଅପ୍‌ସରୀ ଓ ତା'ର ଦଳଟି ଦୁର୍ଗମ ନଦୀ ଉପତ୍ୟକାସ୍ଥିତ ପାତାଳପୁରୀ ଘାଟିରେ ବାୟା ଦଳ ସହ ଆତ୍ମଗୋପନ କରି ରହିବାକୁ ବାଧ୍ୟ ହୁଅନ୍ତି। ଚରମପନ୍ଥୀ ନକସଲ ଓ ରାଷ୍ଟ୍ରଶକ୍ତି ସଶସ୍ତ୍ର ପୋଲିସ ମଧ୍ୟରେ ଛକା ପଂଝାରେ ଯୁଦ୍ଧ ହେଉଥାଏ। ଗ୍ରାମବାସୀମାନେ କେତେବେଳେ ଏଇ ଘଟଣାର ସହଭାଗୀ ହୁଅନ୍ତି ତ ପୁଣି କେତେବେଳେ ମୂକସାକ୍ଷୀ ହୋଇ ଦ୍ରଷ୍ଟାଭାବରେ କେବଳ ଦେଖୁଥାଆନ୍ତି। କୌଶଳକ୍ରମେ ଥରେ ଦଶହରା ଯାତ ବେଳେ ବିଷ୍ଟାଗ୍ରାମର ସାହୁକାରର ସହଯୋଗରେ ପୋଲିସ ସୁବୀର, ସାଧନ ଓ କଳ୍ପନାକୁ ନିର୍ମମ ଭାବରେ ହତ୍ୟାକରେ। କଣ୍ଢୁଆଁ ଗାଁରେ ପୋଲିସ ଓ ନକସଲମାନଙ୍କ ହିଂସାତ୍ମକ କାର୍ଯ୍ୟକ୍ରମ ଯୋଗୁଁ ଗ୍ରାମର ସାଧାରଣ ଜନତା ଆତଙ୍କିତ ହୋଇପଡ଼ନ୍ତି।

ଅସୁର ନଦୀ ପାଣିରୁ ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତିକୁ ଉଦ୍ଧାର କରି ବାୟାଦଳର ଏକ ଯୁବକ ଲକ୍ଷିଆ ନକସଲ ପାତାଳପୁରୀ ଘାଟିରେ ଜଗି ରହିଥାଏ। ସେଇଠି ସର୍ବୋଦୟୀ ବୈଷ୍ଣବବାଦୀଙ୍କ ସହ ବୈଚାରିକ ବିଭେଦତା ସତ୍ତ୍ୱେ ମାଓବାଦୀ ଲେନୀନ୍‌ବାଦୀ ଉଗ୍ରପନ୍ଥୀ କମ୍ୟୁନିଷ୍ଟମାନେ ଏକତ୍ର ସହବସ୍ଥାନ କରନ୍ତି। ଏ ଉଭୟଙ୍କ ସମନ୍ୱୟରେ ବାୟା ଏକ ନୂତନ

ISSN NO.
2582-208X

ଆନ୍ଦୋଳନର ସୂତ୍ରପାତ କରିବାକୁ ଯୋଜନା କରେ। ସେହି ଯୋଜନା ଅନୁଯାୟୀ ଦେଶାନ୍ତରୀ ହୋଇଥିବା ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତିକୁ ସମସ୍ତେ ମିଳିମିଶି ଆଣି ଗ୍ରାମରେଥିବା ମନ୍ଦିରରେ ପୁନଃପ୍ରତିଷ୍ଠିତ କରାନ୍ତି। ଗ୍ରାମର ଜନସାଧାରଣଙ୍କ ସମର୍ଥନରେ ସେଦିନ କମ୍ୟୁନିଷ୍ଟ, ସର୍ବୋଦୟୀ ଓ ବୈଷ୍ଣବମାନେ ଏକାକାର ହୋଇ ପୋଲିସ ଆକ୍ରମଣର ପ୍ରତିରୋଧ କରନ୍ତି ଓ କଣ୍ଢଆଁରୁ ସଶସ୍ତ୍ର ପୋଲିସ ଫୋର୍ସ୍‌କୁ ବିତାଡ଼ିତ କରିବାରେ ସଫଳ ହୁଅନ୍ତି। ଚାରି ଯୁଗର ଚାରି ମହାନ ଠାକୁର ଗାନ୍ଧୀ, ଲେନିନ୍, ମାର୍କସ ଓ ମାଓଙ୍କ ମୂର୍ତ୍ତି ଅଙ୍କା ହୋଇଥିବା ପଲଙ୍କ ଉପରେ ଏ ଦେଶର ଲୋକଦେବତା ଜଗନ୍ନାଥ ଚତୁର୍ଦ୍ଧାମୂର୍ତ୍ତି ହୋଇ ଅଭିଷିକ୍ତ ହୁଅନ୍ତି ଓ ତାଙ୍କରି ନେତୃତ୍ୱକୁ ସ୍ୱୀକାର କରି ଜନତା ଏକ ଶାନ୍ତି, ମୈତ୍ରୀ ତଥା ଅହିଂସାତ୍ମକ ସମାଜରେ ବଞ୍ଚିବାର ସ୍ୱପ୍ନ ଦେଖେ ଓ ଏଇଠି ଉପନ୍ୟାସର ପରିସମାପ୍ତି ଘଟେ।

"ଊନବିଂଶ ଶତାବ୍ଦୀ ଶେଷରେ ପଶ୍ଚିମ ୟୁରୋପର ରାଜନୈତିକ ତଥା ଅର୍ଥନୈତିକ ଅବସ୍ଥାରାଜି ନିର୍ଦ୍ଧାରିତ ହୋଇଥିଲା ପ୍ରତିବିପ୍ଳବୀ ବୁର୍ଜୁଆର ଅବସ୍ଥାନର ଦୃଢ଼ୀକରଣ, ଏକଚାଟିଆ ସମୂହର ପ୍ରବଳ ଅଭିବୃଦ୍ଧି ଏବଂ ଅଭୂତପୂର୍ବ ଔପନିବେଶିକ ବିସ୍ତାର ଦ୍ୱାରା। ଏହି ସବୁ ପ୍ରପଞ୍ଚ ମଧ୍ୟରେ ସୂଚିତ ହୋଇଥିଲା ପୁଞ୍ଜିବାଦରୁ ଏକ ନୂତନ ସାମ୍ରାଜ୍ୟବାଦୀ ସ୍ତରକୁ ଉତ୍ତରଣର ପ୍ରାରମ୍ଭ।

କାର୍ଲ ମାର୍କସ୍ ଏବଂ ଫ୍ରେଡରିକ୍ ଏଞ୍ଜେଲସ୍ ବିଶ୍ୱବିକାଶର ପଥ ସମ୍ପର୍କରେ ଯେଉଁ ଗବେଷଣା ଆରମ୍ଭ କରିଥିଲେ, ଏହି ଜଟିଳ ଐତିହାସିକ ପରିସ୍ଥିତିରେ ତାକୁ ଚଳେଇ ଯିବା କେବଳ ପ୍ରତିଭାବାନ ବିଜ୍ଞାନୀ ଓ ବାସ୍ତବ କ୍ଷେତ୍ରରେ ତୀକ୍ଷଣ ବୁଦ୍ଧି ସମ୍ପନ୍ନ ବିପ୍ଳବୀ ପକ୍ଷରେ ସମ୍ଭବ ଥିଲା। ସେ କର୍ତ୍ତବ୍ୟଟିକୁ ସମ୍ପାଦନ କରିଥିଲେ ଭି ଆଇ ଲେନିନ୍।"୩

କେବଳ ରୁଷିଆ କାହିଁକି ସମଗ୍ର ପୃଥିବୀରେ ଏହି ପରିପ୍ରେକ୍ଷୀରେ ଲେନିନ୍‌ଙ୍କ ବିଚାରଧାରାକୁ ସ୍ୱୀକାର କରୁଥିବା ବିପ୍ଳବୀମାନେ ନିଜ ନିଜ ରାଷ୍ଟ୍ରରେ ସମାଜବାଦୀ ଆନ୍ଦୋଳନର ସୂତ୍ରପାତ କରିବାକୁ ଲାଗିଲେ। ସ୍ୱାଧୀନୋତ୍ତର ଭାରତରେ ଗଣତନ୍ତ୍ର ସମାଜର ଅସଫଳତା ଓ ଭୋଟ ରାଜନୀତିର ବିବଶତା ଯୋଗୁଁ ଜନସାଧାରଣ ପୂର୍ବଭଳି ଲାଞ୍ଛିତ ହୁଅନ୍ତି। ରୁଷିଆରେ ଲେନିନ୍‌ଙ୍କ ଦ୍ୱାରା ପରୀକ୍ଷଣ ହେଉଥିବା ସମାଜବ୍ୟବସ୍ଥା ଅନ୍ୟରାଷ୍ଟ୍ରମାନଙ୍କ ପାଇଁ ଆଦର୍ଶ ହେବାକୁ ଲାଗେ। ଭାରତରେ ମଧ୍ୟ ଏହାର ସମର୍ଥକମାନଙ୍କ ସଂଖ୍ୟା ଦିନକୁ ଦିନ

ISSN NO.
2582-208X

ବଢ଼ିବାରେ ଲାଗେ। କେବଳ ଲେନିନ୍ ନୁହନ୍ତି, ଚାଇନାର ଚରମପନ୍ଥୀ ନେତା ମାଓ ସେ ତୁଙ୍ଗ୍ ମଧ୍ୟ ଭାରତୀୟ କମ୍ୟୁନିଷ୍ଟମାନଙ୍କ ଆଦର୍ଶ ହେଇଯାଆନ୍ତି। ଏପରିକି କ୍ୟୁବା ମୁକ୍ତିବାହିନୀର ମହାନାୟକ ଚେ' ଗ୍ୱେଭାରାଙ୍କୁ ବି ଲୋକେ ବିପ୍ଳବର ଆଦର୍ଶ ଭାବରେ ଗ୍ରହଣ କରିବାକୁ ପଶ୍ଚାତପଦ ହୁଅନ୍ତି ନାହିଁ। ପଶ୍ଚିମ ବଙ୍ଗ, ଭାରତୀୟ କମ୍ୟୁନିଷ୍ଟଙ୍କ କେନ୍ଦ୍ରସ୍ଥଳୀ ହୋଇଯାଏ। ଚାରୁ ମଜୁମଦାର୍ ଭଳି ଉଗ୍ରପନ୍ଥୀ ନେତାଙ୍କ ଓଜସ୍ୱିନୀ ଭାଷଣ ଓ ତେଜସ୍ୱୀ ରଣନୀତିରେ ଭାରତର ଅନେକ ଉଚ୍ଚ ଶିକ୍ଷିତ କଲେଜଛାତ୍ର, ଅଧ୍ୟାପକ, ବୁଦ୍ଧିଜୀବୀବର୍ଗ ସମାଜ ସଂସ୍କାରପାଇଁ ଆଗେଇ ଆସନ୍ତି ଓ ଗରିଲା ବାହିନୀରେ ସାମିଲ ହୋଇ ସଶସ୍ତ୍ର ବିପ୍ଳବ ନିମନ୍ତେ ଯୁଦ୍ଧଭୂଇଁକୁ ହସି ହସି ଡେଇଁ ପଡ଼ନ୍ତି।

ଏହିଭଳି ଏକ ସାମାଜିକ ପଟ୍ଟଭୂମିରେ ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟ ସାମାଜିକ ଆନ୍ଦୋଳାନକୁ ହିଁ 'ଶକୁନ୍ତଳା'ର କଥାବସ୍ତୁଭାବେ ଚୟନ କରିଛନ୍ତି। ମାତ୍ର ଭାରତରେ ବିପ୍ଳବର ବାସ୍ତବତାକୁ ସେ ଅତି ସୂକ୍ଷ୍ମଭାବରେ ପର୍ଯ୍ୟବେକ୍ଷଣ କରିଥିବା ଜଣାଯାଏ। ଶାନ୍ତନୁଙ୍କ ଦୃଢ଼ ବିଶ୍ୱାସ ଭାରତର ଜନତାଙ୍କ ଭିତରେ ବିପ୍ଳବ କିଛି ନୂଆ କଥା ନୁହେଁ। ପୁଣି ସାମ୍ୟବାଦର ମୂଳଦୁଆ କେବେ ବି ହିଂସା ହୋଇ ନପାରେ। ଏ ସେଇ ଦେଶ ଯେଉଁଠି ଉପନିଷଦର ଋଷି ମନୁଷ୍ୟ କଲ୍ୟାଣ ନିମନ୍ତେ ଉଚ୍ଚାରଣ କରିଛନ୍ତି, "ଅଖିଳ ବିଶ୍ୱବ୍ରହ୍ମାଣ୍ଡରେ ଯାହା କିଛି ବି ତୁମପାଇଁ ସଚରାଚର ଜଗତ ଦୃଶ୍ୟମାନ ଅଟେ ସେ ସବୁର ଆଧାର ସର୍ବନିୟନ୍ତା, ସର୍ବାଧିପତି, ସର୍ବଶକ୍ତିମାନ, ସର୍ବଜ୍ଞ, ସର୍ବକଲ୍ୟାଣ ଗୁଣ ସ୍ୱରୂପ ପରମେଶ୍ୱର ହିଁ ବ୍ୟାପ୍ତ ଓ ସଦା ସେଥିରେ ପରିପୂର୍ଣ୍ଣ। ଏହାର କୌଣସି ଅଂଶ ମଧ୍ୟ ସେଥିରୁ ବିଛିନ୍ନ ନୁହେଁ। ଏହା ବୁଝି ଇଶ୍ୱରଙ୍କୁ ସଦାସର୍ବଦା ନିଜ ସାଥିରେ ରଖି, ସଦା ସର୍ବଦା ତାଙ୍କୁ ସ୍ମରଣ କରି ତୁମେ ଏଇ ଜଗତରେ ମମତା ଓ ଆସକ୍ତିକୁ ତ୍ୟାଗ କରି କେବଳ କର୍ତ୍ତବ୍ୟ ପାଳନ ନିମନ୍ତେ ବିଷୟକୁ ଯଥାବିଧି ଭୋଗ କର ଅର୍ଥାତ୍ ବିଶ୍ୱରୂପ ଇଶ୍ୱରଙ୍କ ଉପାସନାପାଇଁ କର୍ମର ଆଚରଣ କର।"

ସେଇଥିପାଇଁ କଣୁଆଁ ଗାଁ'ର ଉଚ୍ଚ ଶିକ୍ଷିତ ଛାତ୍ରନେତା ଅନ୍ତର୍ଯ୍ୟାମୀ ମହାରଣା ଓରଫ୍ ବାୟା ରାଜବାଟୀର ଶୀର୍ଷରେ ଗୈରିକ ପତାକା ଉଡ଼ାଇ ତାର ଛୋଟ ଦଳଟିକୁ ସମ୍ବୋଧନ କରି କୁହେ, "ନବ ଯୁଗର ସନ୍ତାନ ଗଣ! ଏକ ନୂଆ ପତାକାକୁ ଅଭିବାଦନ ଜଣାଅ। ଏଇ ଆମର ଜନ୍ମଭୂମିର ପତାକା। ଏଇ ଆମର ଆତ୍ମାର ପତାକା । ଏଇ ଆମ ବିବେକର

ISSN NO.
2582-208X

ପତାକା। ଏଇ ମଧ୍ୟ ସନାତନ ଧର୍ମର ପତାକା। xxx ଆମ ଦେଶ ଚାରିବର୍ଷ ହେବ ସ୍ୱାଧୀନ ହୋଇଗଲା। କିନ୍ତୁ ଏ ଦେଶର ମଣିଷ ମୋଟେ ଚାରୋଟିବର୍ଷ ତଳେ ସ୍ୱାଧୀନ ହେଲା କହିଲେ ମଣିଷର ଆତ୍ମାକୁ ନିନ୍ଦା ହେବ- ଘୋର ନିନ୍ଦା ହେବ। ଏ ଦେଶର ମଣିଷ କେବେଠୁ ସ୍ୱାଧୀନ ହେଲାଣି, ତାରିଖ ନାହିଁ ତା'ର। କିଏ କହିପାରିବ କେଉଁ ଦିନ ଜଣେ ମଣିଷର ଆତ୍ମା ଆଉ ଜଣେ ମଣିଷର ଆତ୍ମା ସହିତ ଏହି ଭାଷାରେ କଥାବାର୍ତ୍ତା ହେଲା-

"ଇଶା ବାସ୍ୟାଂ ଇଦଂ ସର୍ବଂ ଯତ୍ କିଞ୍ଚ ଜଗତ୍ୟାଂ ଜଗତ୍
ତେନ ତ୍ୟକ୍ତେନ ଭୁଞ୍ଜିଥାଃ ମା ଗୃଧଃ କସ୍ୟସ୍ୱିତ୍ ଧନମ୍ ।।"

ବାୟା ବାସ୍ତବରେ ଗାଁରେ ସାମାଜିକ ପରିବର୍ତ୍ତନ ଆଣିବାପାଇଁ ଗ୍ରାମବାସୀଙ୍କ ଭିତରେ ସଚେତନତା ସୃଷ୍ଟି କରିବାକୁ ଚାହୁଁଥିଲା। ସେଥିପାଇଁ ସେ ଗାନ୍ଧୀଜୀଙ୍କ ଅହିଂସା ନୀତି ଓ କାର୍ଲମାର୍କସଙ୍କ ସାମ୍ୟବାଦର ସମନ୍ୱୟରେ ଏକ ନୂତନ ବିପ୍ଲବର ସୂତ୍ରପାତ କରିବାକୁ ଇଚ୍ଛାପୋଷଣ କରିଥିଲା। "ପୃଥିବୀରେ ସଂଘଟିତ ସମାଜବାଦୀ ବିପ୍ଲବଗୁଡ଼ିକ ନିଃସନ୍ଦେହରେ ହେଉଛି ମାନବଜାତି ଦ୍ୱାରା ନିଷ୍ପନ୍ନ ସର୍ବାପେକ୍ଷା ମାନବିକ କାର୍ଯ୍ୟ। କାରଣ ସେସବୁର ପଥକୁ ସାମାଜିକ ବିକାଶର ସମସ୍ତଧାରା ଦ୍ୱାରା ପ୍ରଶସ୍ତ କରାଯାଇଥାଏ ଏବଂ ସେସବୁ ପରାଙ୍ଗପୁଷ୍ଟ ଶ୍ରେଣୀଗୁଡ଼ିକର ବିଲୋପ ଦିଗରେ ପରିଚାଳିତ ହୋଇଥାଏ ଏବଂ ତେଣୁକରି ଶ୍ରମଜୀବୀମାଙ୍କର ସ୍ୱାର୍ଥ ସାଧନ କରିଥାଏ। ବୈପ୍ଲବିକ ସଂଗ୍ରାମ ହେଉଛି ସାମାଜିକ ପରିବର୍ତ୍ତନର ଆବଶ୍ୟକତାକୁ ହୃଦୟଙ୍ଗମ କରିଥିବା ଜନସାଧାରଣଙ୍କର ବ୍ୟାପକ ଆନ୍ଦୋଳନ। ଲେନିନ ବିପ୍ଲବକୁ ଶ୍ରମଜୀବୀ ଜନସାଧାରଣଙ୍କର ଉତ୍ସବ ବୋଲି ଆଖ୍ୟା ଦେଇଥିଲେ।"

ତା ସହିତ ଯୋଗଦେଇଥିବା ଯତୀନ୍ ଓ ପ୍ରଫୁଲ୍ଲ ଭଳି ଉଚ୍ଚଶିକ୍ଷିତ ସହଯୋଗୀମାନଙ୍କ ସହିତ ତା'ର ଅବଧାରଣାର ଭିନ୍ନତା ସତ୍ତ୍ୱେ ସେ ଆନ୍ଦୋଳନକୁ ଜାରି ରଖିଥିଲା। କଣ୍ଢୁଆଁରେ ଏହି ସାମାଜିକ ଆନ୍ଦୋଳନର ପରୀକ୍ଷଣ କାଳରେ ସେ ଜନସମୂହର ଧାର୍ମିକ ଭାବନା ଓ ପାରମ୍ପରିକ ଲୋକବିଶ୍ୱାସକୁ ପୁଞ୍ଜିକରି ତାର ଇପ୍ସିତ ସମାଜର ପରିକଳ୍ପନାକୁ ରୂପ ଦେଉଥିଲା। ବାୟା ବୁଝିଥିଲା, କାର୍ଲମାର୍କସ ଦ୍ୱାରା ପ୍ରବର୍ତ୍ତିତ ତଥା ମାଓ ଏବଂ ଲେନିନ୍ଙ୍କ ଦ୍ୱାରା ପରୀକ୍ଷିତ ସାମ୍ୟବାଦୀ ଆନ୍ଦୋଳନ ଭାରତ ଭୂଇଁରେ ତିଷ୍ଠିବାକୁ ହେଲେ ସାଧାରଣ

ISSN NO.
2582-208X

ଜନତାଙ୍କ ସାଂସ୍କୃତିକ ଓ ଧାର୍ମିକ ଭାବନାକୁ ସାଥିରେ ଧରି ଚାଲିବାକୁ ପଡ଼ିବ। ତା'ଛଡ଼ା ଏଇ ଆର୍ଯ୍ୟଭୂମିରେ ଆଜି ଯେ ବିପ୍ଳବ ହେଉଛି ତା'ନୁହେଁ। ହଜାର ହଜାର ବର୍ଷ ପୂର୍ବରୁ ମଧ୍ୟ ଏଇଠି ବୈଦିକ ଋଷି ସମଗ୍ର ପୃଥିବୀର ମଣିଷମାନଙ୍କର ସମାନତାପାଇଁ ମନ୍ତ୍ରୋଚାରଣ କରିଥିଲା। ମାତ୍ର ଅଧ୍ୟାପକ ଚାକିରୀଛାଡ଼ି ଆସିଥିବା ପ୍ରଫୁଲ୍ଲ, ଉଗ୍ର ମାଓବାଦୀ ଚରମପନ୍ଥୀ ଯତୀନ, ବାୟାକୁ ନିଜଦଳର ନେତାବୋଲି ସ୍ୱୀକାର କରୁଥିଲେ ମଧ୍ୟ ତା'ର ସଂସ୍କୃତି ସଚେତନତା ଓ ଗାନ୍ଧୀବାଦ ପ୍ରତି ଆସ୍ଥା ଆଦିକୁ ଦୃଢ଼ ସମାଲୋଚନା କରୁଥିଲେ ଓ ସ୍ଥଳବିଶେଷରେ ଦଳପତିର ଆଦେଶ ଅବମାନନା କରୁଥିଲେ। ତା'ର ଆଧ୍ୟାତ୍ମିକ ବିଶ୍ୱାସବୋଧ ଓ ନିଷ୍ଠତ୍ତିକୁ ଦେଖି ସେମାନେ ବେଳେବେଳେ ଆଶ୍ଚର୍ଯ୍ୟ ବ୍ୟକ୍ତ କରି କହୁଥିଲେ-'ଏ ଲୋକଟା ରିଭିଜନିଷ୍ଟ'।

'ବ୍ୟକ୍ତିତ୍ୱର ମାର୍କସ୍‌ବାଦୀ-ଲେନିନ୍‌ବାଦୀ ଅବଧାରଣାକୁ ସମାଜବାଦୀ ବିପ୍ଳବର ତତ୍ତ୍ୱ ପୂର୍ଣ୍ଣତା ପ୍ରଦାନ କରିଥାଏ। ଉତ୍ପାଦନର ଉପାୟ ଉପକରଣକୁ ସମାଜବାଦୀ ବିପ୍ଳବ ବ୍ୟକ୍ତିଗତ ମାଲିକାନାରୁ ମୁକ୍ତ କରି ସର୍ବସାଧାରଣ ମାଲିକାନାଧୀନରେ ସ୍ଥାପନ କରିଥାଏ ଏବଂ ଜନତାର ରାଜ ପ୍ରତିଷ୍ଠା ଆଡ଼କୁ ଘେନିଯାଏ। ବିପ୍ଳବ ନୂଆ ସମାଜ ନିର୍ମାଣ କରିବାର ସମ୍ଭାବନାର ପଥକୁ ଉନ୍ମୁକ୍ତ କରିଦିଏ, ଯାର ଲକ୍ଷ୍ୟ ହେଉଛି ଶ୍ରମଜୀବୀ ଜନସାଧାରଣଙ୍କୁ ସକ୍ରିୟ ସାମାଜିକ-ରାଜନୈତିକ କ୍ରିୟାକଳାପ ମଧ୍ୟକୁ ଟାଣିଆଣି ସେମାନଙ୍କର ସାମର୍ଥ୍ୟ ସମୂହର ଅବାଧ ଏବଂ ସର୍ବୋତୋମୁଖୀ ବିକାଶ ନିମିତ୍ତ ବୈଷୟିକ ତଥା ଆତ୍ମିକ ସଂପଦରାଜିକୁ ଉପଯୋଗ କରିବା।" ଏହି ବିଚାରଧାରାରେ ଆସ୍ଥା ପୋଷଣ କରିଥିବା ବାୟା, ଯତୀନ ଏବଂ ସେମାନଙ୍କର ଚରମପନ୍ଥୀଦଳ ଏଣୁ କଣୁଆଁ ଗାଁ'ରେ ସାମାଜିକ ବିପ୍ଳବ ଆଣିବା ଉଦ୍ଦେଶ୍ୟରେ ଚତୁର୍ଭୁଜ ଦଳାଇ ଦ୍ୱାରା କରାୟତ ହୋଇଥିବା ସମସ୍ତ ଭୂସମ୍ପତ୍ତିକୁ ଶ୍ରମଜୀବୀ ସାଧାରଣ ଜନତାଙ୍କ ମଧ୍ୟରେ ବଣ୍ଟନ କରିବାର ଯୋଜନା କରନ୍ତି।

ଶାନ୍ତନୁ ଜଣେ ଉଚ୍ଚକୋଟୀର ପାଠକ। ଅନେକ ଦେଶର ରାଜନୀତିକ ଓ ସାମାଜିକ ବିପ୍ଳବ ଓ ତାର ମୂଳ ଧାରଣାଗୁଡ଼ିକୁ ସେ ଆତ୍ମସାତ କରିଥିବା ଜଣାଯାଏ। କେବଳ ସେତିକି ନୁହେଁ ଭାରତୀୟ ଭୂମିରେ ବିଦେଶୀ ବିଚାରଧାରାର ପରୀକ୍ଷଣ ଓ ତା'ର ଫଳାଫଳକୁ ମଧ୍ୟ ଏକ ସୂକ୍ଷ୍ମ ବିଚାରକ ଭାବରେ ବିଶ୍ଳେଷଣ କରିଛନ୍ତି ସେ। ତେଣୁ ଏହି ଉପନ୍ୟାସର ଛତ୍ରେ ଛତ୍ରେ ରାଜନୀତିକ ବିଚାରର ବାଦାନୁବାଦ ଓ ବ୍ୟାଖ୍ୟାନ ତଥା ଐତିହାସିକ ବିବରଣୀ ଦେଇ

ISSN NO.
2582-208X

ଏହାକୁ ଅଧିକ ବାସ୍ତବାଭିମୁଖୀ କରିପାରିଛନ୍ତି। ଯତୀନ୍, ପ୍ରଫୁଲ୍ଲ ଓ ବାୟାର କଥାବାର୍ତ୍ତା ମଧ୍ୟରେ ଏହା ସ୍ୱଷ୍ଟ ପ୍ରତିଫଳିତ ହୁଏ। ଏମାନଙ୍କ ମଧ୍ୟରେ ବେଳେବେଳେ ରାଜନୀତିକ ଆଦର୍ଶ ଓ ବିଚାରଧାରାକୁ ନେଇ ଯୁକ୍ତି ତର୍କ ଲାଗିଯାଏ। ଜଣେ ଉଚ୍ଚକୋଟୀର ରାଜନୀତିକ ବିଶ୍ଳେଷକ ଭାବରେ ଔପନ୍ୟାସିକ ଶ୍ରୀ ଆଚାର୍ଯ୍ୟ ଉଭୟ ପକ୍ଷର ସକାରାତ୍ମକ ଓ ନକାରାତ୍ମକ ଦିଗ ଗୁଡ଼ିକୁ ଆଲୋଚନା କରି ପାଠକ ସମ୍ମୁଖରେ ଏକ ସ୍ୱଷ୍ଟ ଧାରଣା ତୋଳି ଧରିବାକୁ ଚେଷ୍ଟା କରିଛନ୍ତି। ସାମ୍ୟବାଦୀ ରାଜନୀତିକ ବିଚାରଧାରା, ହିଂସାତ୍ମକ ଆନ୍ଦୋଳନ ଓ ସେଥିରେ ଜନସାଧାରଣଙ୍କ ଭାବପ୍ରବଣତା ଓ ସହଭାଗିତାକୁ ଅତି ନିପୁଣତାର ସହ ବର୍ଣ୍ଣନା କରିଛନ୍ତି ସେ ଏଥିରେ। ଚୀନ୍ ବିପ୍ଳବର ବାସ୍ତବତାକୁ ମଧ୍ୟ ସେ ପ୍ରକାଶ କରିଛନ୍ତି ଅତି ମାର୍ମିକ ଭାବରେ।

ନବ ମାନବବାଦର ରୂପକାର ଶାନ୍ତନୁ ଦେଶର ରାଜନୀତିକ ଓ ଅର୍ଥନୀତିକ ଅବସ୍ଥାକୁ ଭଲଭାବରେ ହୃଦୟଙ୍ଗମ କରି ଏହାକୁ ଅତ୍ୟନ୍ତ ସୂକ୍ଷ୍ମ ରୂପରେ ନିରୀକ୍ଷଣ କରିଛନ୍ତି ଓ ବାସ୍ତବତାର ଭିତ୍ତିଭୂମି ଉପରେ ଆଧ୍ୟାତ୍ମର ପାରମ୍ପରିକ ବିଶ୍ୱାସକୁ ଏକାକାର କରି ଜନବିପ୍ଳବର ସୁନ୍ଦର ପରିକଳ୍ପନା କରିଛନ୍ତି। ତାଙ୍କ ମତରେ "ଭାରତରେ ମାର୍କସିଜିମ୍ ସଫଳ ହେବ ନାହିଁ। ସଫଳ ହେବ କାରଣ ପାଞ୍ଚ ହଜାର ବର୍ଷ ତଳୁ ସେହି ସମାନ ଦର୍ଶନ ଉପରେ ଏ ସମାଜଟି ପ୍ରତିଷ୍ଠିତ, ଯାହାର ମୂଳମନ୍ତ୍ର ହେଉଛି"ଈଶା ବାସ୍ୟଂ ଇଦଂ ସର୍ବଂ ଯତ୍ କିଞ୍ଚ ଜଗତ୍ୟାଂ ଜଗତ୍, ତେନ ତ୍ୟକ୍ତେନ ଭୁଞ୍ଜିଥାଃ ମା ଗୃଧଃ କସ୍ୟସ୍ୱିତ୍ ଧନମ୍।" ଏ ସମାଜରେ ଯଦି କୁହାଯିବ ମାର୍କସିଜିମ୍‌ର ଅର୍ଥ ହେଉଛି ହିଂସା, ତାଙ୍କ ପାଖରେ ଏହା ନୂଆ ପ୍ରବୃତ୍ତି। ଭାରତରେ ଯଦି ମାର୍କସିଜିମ୍ ତିଷ୍ଠିବ ତେବେ ନୂଆ ଭାବରେ। ଶକୁନ୍ତଳା ଗୋଟିଏ socio political ଉପନ୍ୟାସ। ସେଠାରେ ସାଧାରଣ ଜନତାର ଦ୍ରଷ୍ଟା ପଣିଆ ରହିଛି । ବିପ୍ଳବଟା ଯେତିକି ହିଂସାତ୍ମକ ହେବ ଆମର ଦ୍ରଷ୍ଟା ପଣିଆଁ ସେତିକି ବଢ଼ିବ, ଯେତିକି ସାମାଜିକ ହେବ ସେତିକି ସଫଳ ହେବ।"

ଶାନ୍ତନୁ ଉତ୍କଳୀୟ ଗ୍ରାମୀଣ ସଂସ୍କୃତିର ବାସ୍ତବ ଚିତ୍ର ପ୍ରଦାନ କରିବାରେ ଜଣେ ଧୂରୀଣ ଶିଳ୍ପୀ। ସେ ମଧ୍ୟ ପାତ୍ରୋପଯୋଗୀ ସଂଳାପ ପ୍ରୟୋଗ କରି ଏହି ଉପନ୍ୟାସଟିକୁ ଅଧିକ ସୁଖପାଠ୍ୟ କରିପାରିଛନ୍ତି। ଗୋରୁ ଗୋଠରେ ହଠାତ୍ ଆବିର୍ଭୂତ ହୋଇପଡ଼ିଥିବା ଥେଟର୍ ମାଇକିନା ଓରଫ୍ ଅସୀମା ଉପାଧ୍ୟାୟ ଓରଫ୍ ଶକୁନ୍ତଳାକୁ ଦାମା ଗଉଡ଼ ପାଖକୁ ଡାକି

ISSN NO.
2582-208X

କହେ,''ତତେ ମୁଁ ଚିନି ସାଇଲିଣି ବା! ତୁ ଗୋରୁ ନୁହେଁ-ମଣିଷଟାଏ। କେତେ ନୁଚିବୁ ଆଉ! ଆ ବାହା ହୋଇ ପଡ଼ିବା। ମୋର ମାଇପ ନାଇଁ। ତୋର ତ ଘଇତା ନ ଥେଲା ଭଳି ଦୁଉଚି। ତୋ ନାଁ ଯଶୋଦା ତ ? ଆଉ ମୁଁ କିଏ କହନି ?'' ଉତ୍କଳର ଗ୍ରାମାଞ୍ଚଳର ସାଧାରଣ ଜନତା କିପରି ଧର୍ମଭୀରୁ ଓ ସେମାନଙ୍କ ଗଭୀର ଅବଚେତନରେ ଧର୍ମ, ଆଧ୍ୟାତ୍ମ ପୁରାଣ ଆଦି ସତତ ବିଦ୍ୟମାନ ତାର ଏକ ଜ୍ୱଳନ୍ତ ଉଦାହରଣ କଣୁଆ ଦହର କୈବର୍ତ୍ତମାନଙ୍କ ମୁହଁରୁ ଶୁଣାଯାଏ। ''ଗାଁ ଖବର କ'ଣ ଜଣା ତୁମକୁ। ଆମ ଗାଁ'ର ମଣିଷପିଲା ତ ବଣର ପ୍ରାଣୀ, ପାଣିର ମାଛ ବି ଶକୁନ୍ତଳା ନାଁ ଶୁଣିଲେ ଚମକନ୍ତି, ମୋହ ହୋଇଯାନ୍ତି। ଗୀତରେ ନାହିଁ? --ବନେ ପ୍ରାଣୀମାନେ ଥିଲେ, ଧ୍ୱନି ଶୁଣି ଚମକିଲେ, ବ୍ୟାଘ୍ର ପଛେ କୁରଙ୍ଗୀ ଗୋଡ଼ାଇଲା ଗୋ ମିତ! ନୀର ତେଜି ମୀନ କୂଳେ ରହିଲା --କଥା ସେମିତିଆ ହେଇଚି ଏଇଲେ ଗାଁରେ ଆମର। ମାଇପିଟା ବାହାରିବା ଦିନୁ ସବୁ ଶାନ୍ତି। ଆସନା ଥରେ ସୋଚକ୍ଷୁରେ ଦେଖିଯିବ ସେ ଘଟଣା !''

ଶାନ୍ତନୁ ଆଚାର୍ଯ୍ୟ ଭାରତୀୟ ଧର୍ମ ଓ ଦର୍ଶନକୁ ଉତ୍ତମରୂପେ ହୃଦୟଙ୍ଗମ କରିପାରିଛନ୍ତି। ସନାତନ ଧର୍ମ ଓ ଏହାର ମୂଳତତ୍ତ୍ୱକୁ ସେ ବୈଜ୍ଞାନିକ ଭିତ୍ତିରେ ବିଶ୍ଳେଷଣ କରି ତା'ର ଯାଥାର୍ଥତା ସମ୍ପର୍କରେ ବିଶ୍ୱସ୍ତ ହୋଇଛନ୍ତି। ମୂର୍ତ୍ତିପୂଜାର ଯୌକ୍ତିକତା ଓ ଦେବ ଦେବୀ ପରିକଳ୍ପନାର ମୂଳ ଆଧାରକୁ ସେ ଯୁକ୍ତିବାଦୀ ଦାର୍ଶନିକର ଦୃଷ୍ଟି ନେଇ ତର୍ଜମା କରିଛନ୍ତି ଓ ଏହାର ଐତିହ୍ୟ ସମ୍ପର୍କରେ ସେ ଆଶ୍ୱସ୍ତ ଅଟନ୍ତି। ଏଣୁ ବରାହୀ ମୂର୍ତ୍ତିକୁ କାମୁକ ମଣିଷର ଏକ ଅଶ୍ଳୀଳ ପ୍ରକାଶନ ବୋଲି ଯୁକ୍ତି ବାଢୁଥିବା ଯତୀନ୍‌ର ଆକ୍ଷେପୋକ୍ତି ଓ ମୂର୍ତ୍ତିପ୍ରତି ହିଂସ୍ର ଆଚରଣରେ କ୍ଷୁବ୍ଧ ହୋଇ, ବାୟା ଓରଫ ଅନ୍ତର୍ଯ୍ୟାମୀ ମହାରଣା ଏହାର ଅସଲ ରହସ୍ୟକୁ ଉନ୍ମୋଚିତ କରିଛି। ବାୟା କହିଛି, – ''କମ୍ୟୁନିଷ୍ଟମାନେ ରାଷ୍ଟ୍ର ଶକ୍ତି ଦଖଲ କଲେ ଏ ଦେଶର ପ୍ରାଚୀନ ସଂସ୍କୃତିକୁ ସେମାନେ ନଷ୍ଟ ଭ୍ରଷ୍ଟ କରିଦେବେ ନାହିଁ ଯତୀନ୍ ! ମନେରଖ! ବରଂ ସେମାନେ ଏଭଳି ପୂର୍ବ ସ୍ଥାପତ୍ୟକୁ ଯତ୍ନର ସହିତ ସଂରକ୍ଷଣ କରିବେ ଯଥାସ୍ଥାନରେ।''

ଧର୍ମ, ଦର୍ଶନ, ଆଧ୍ୟାତ୍ମ ଓ ସଂସ୍କୃତି ପ୍ରତି ଶାନ୍ତନୁଙ୍କ ଜୀବନ ଦୃଷ୍ଟି ବାସ୍ତବରେ କେବଳ ଏଠି ପ୍ରଖର ହୋଇନାହିଁ, ବରଂ ତାହା କେତେ ମାର୍ଜିତ ଓ ଶାଣିତ ଏହା ସ୍ପଷ୍ଟ ହୋଇଉଠିଛି। ଧର୍ମନାମରେ ଅନ୍ଧ ଭାକ୍ତିକତାକୁ ସେ କେବେ ବି ପ୍ରଶ୍ରୟ ଦେଇ ନାହାନ୍ତି। ମାତ୍ର

ISSN NO.
2582-208X

ଲୋକବିଶ୍ୱାସର ଅନ୍ତରାଳରେ ଥିବା ଆତ୍ମଶକ୍ତିର ବାସ୍ତବ ସ୍ୱରୂପ ଓ ଏହାର ସମୁଜ୍ଜ୍ୱଳ ରୂପ ବୈଚିତ୍ର୍ୟକୁ ସେ ଏକ ନିପୁଣ ଶିଳ୍ପୀ ଭଳି ସାହିତ୍ୟ ପୃଷ୍ଠାରେ ଆଙ୍କିପାରିଛନ୍ତି। ବୈଷ୍ଣବବାଦୀ ଓ ବାସ୍ତବବାଦୀମାନଙ୍କ ସହ ବାମପନ୍ଥୀ ନକସଲ୍‌ମାନଙ୍କ ସହ ସମନ୍ୱୟ ଘଟାଇ ପାରିଥିବା ଶାନ୍ତନୁ 'ଶକୁନ୍ତଳା'ରେ ଏକ ଉଚ୍ଚ ଆଦର୍ଶାୟିତ ସମାଜର ପରିକଳ୍ପନା କରିଛନ୍ତି, ଯେଉଁଥିରେ ମଣିଷ ତା'ର ମଣିଷ ପଣିଆକୁ ନ ହରାଇ ଏକ ସୁନ୍ଦର ଓ ଆନନ୍ଦମୟ ଜୀବନ ଜୀଇଁ ପାରିବ। ହିଂସା, ଦ୍ୱେଷ, ବୈମନସ୍ୟ ବଦଳରେ ସ୍ନେହ, ପ୍ରେମ, କରୁଣାକୁ ଜୀବନର ପ୍ରତି କ୍ଷେତ୍ରରେ ଉତାରି ପାରିବ ଅଥଚ ଅନ୍ୟାୟ ଓ ଅନୀତିକୁ କେବେ ବି ସ୍ୱୀକାର କରିବ ନାହିଁ। ଶାନ୍ତନୁଙ୍କ ଜୀବନ ଦୃଷ୍ଟି ଏଇଠି ଅଧିକ ସମାଜବାଦୀ ହେବା ସହିତ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରେକ୍ଷାପଟରେ ଜନସାଧାରଣଙ୍କ ଏକ ନିର୍ଦ୍ଦିଷ୍ଟ ସାମାଜିକ କର୍ତ୍ତବ୍ୟବୋଧ ନିରୂପଣ କରିବାରେ ସଫଳ ପ୍ରୟାସ କରିପାରିଛି ବୋଲି ନିଃସନ୍ଦେହରେ କୁହାଯାଇପାରେ।

ସ--------ମା--------ପ୍ତ

Bibliography:

୧ The abolition of capitalist social relation and the building of a new, socialist society is a historically drawn out process. It begins with the revolutionary action of the working masses which is directly aimed out overthrowing the state power of the bourgeoisie and establishing the power of the working people and the progressive intelligentsia seeks changes in the sphere of economy, socio-political relation and culture."- G. Pirogov, What is the world Socialist system, Progress publishers, Muscow,1987,p-16

୨ ଜି, ସ୍ମିର୍ନୋଭ, ସମାଜବାଦୀ ସମାଜରେ ବ୍ୟକ୍ତିର ସ୍ଥାନ, ଅନୁ: ବୈଷ୍ଣବ ଚରଣ ପରିଡ଼ା, ପ୍ରଗତି ପ୍ରକାଶନ, ମସ୍କୋ,୧୯୮୮,ପୃ-୧୭୮

୩ ଭୂମିକା, ଭି ଆଇ ଲେନିନ୍, ସାମ୍ରାଜ୍ୟବାଦ ଓ ସାମ୍ରାଜ୍ୟବାଦୀଙ୍କ ପ୍ରସଙ୍ଗରେ, ଅନୁ: ବୈଷ୍ଣବ ଚରଣ ପରିଡ଼ା, ପ୍ରଗତି ପ୍ରକାଶନ ମସ୍କୋ, ୧୯୮୯, ପୃ-୫

ISSN NO.
2582-208X

୪ ଗୋଏନ୍ଦକା ହରିକୃଷ୍ଣ ଇଶ୍ୟାଦି ନୌ ଉପନିଷଦ-୦୭୭, ଗୀତା ପ୍ରେସ, ଗୋରଖପୁର,୨୧ ସଂକଳନ ସମ୍ଭତ ୨୦୧୦ ପୃଷ୍ଠା-୨

୫ ଜି, ସ୍ମିର୍ନୋଭ୍ ସମାଜବାଦୀ ସମାଜରେ ବ୍ୟକ୍ତିର ସ୍ଥାନ, ଅନୁ: ବୈଷ୍ଣବ ଚରଣ ପରିଡ଼ା, ପ୍ରଗତି ପ୍ରକାଶନ, ମସ୍କୋ,୧୯୮୮,ପୃ-୩୦

୬ ଜି, ସ୍ମିର୍ନୋଭ୍ ସମାଜବାଦୀ ସମାଜରେ ବ୍ୟକ୍ତିର ସ୍ଥାନ, ଅନୁ: ବୈଷ୍ଣବ ଚରଣ ପରିଡ଼ା, ପ୍ରଗତି ପ୍ରକାଶନ, ମସ୍କୋ,୧୯୮୮,ପୃ-୩୦

୭ ଆଚାର୍ଯ୍ୟ ଶାନ୍ତନୁ କୁମାର , ସାକ୍ଷାତକାର, ଆଲୌକିକ ଦର୍ପଣ, ଜିଲ୍ଲା ଲେଖକ ପରିଷଦ, ବଲାଙ୍ଗୀର, ପୃ-୮୩-୮୪

୮ ଆଚାର୍ଯ୍ୟ ଶାନ୍ତନୁ କୁମାର, ଶକୁନ୍ତଳା, ଗ୍ରନ୍ଥମନ୍ଦିର, ତୃତୀୟ ସଂସ୍କରଣ, କଟକ-୧୯୯୩, ପୃ-୧
୯ ଆଚାର୍ଯ୍ୟ ଶାନ୍ତନୁ କୁମାର, ଶକୁନ୍ତଳା, ଗ୍ରନ୍ଥମନ୍ଦିର, ତୃତୀୟ ସଂସ୍କରଣ, କଟକ-୧୯୯୩, ପୃ-୧୫୯

୧୦ ତତ୍ରୈବ,ପୃ-୧୪୫

ଆସୋସିଏଟ ପ୍ରଫେସର, ଓଡିଆ ବିଭାଗ
କୋଲ୍ହାନ ବିଶ୍ୱବିଦ୍ୟାଳୟ, ଚାଇବାସା, ଝାଡ଼ଖଣ୍ଡ
ମୋ. ନ. 8340556887
shivanand.jsr@gmail.com

ISSN NO.
2582-208X

# କଟକ



ନୀଳମଣି ଗୁନ୍ଥ

କଟକ ଭିତରେ ସହର ଖୋଜନା
ସହର ଭିତରେ କଟକ ଖୋଜ
କଟକ ଭିତରେ ନଗର ମିଳେନି
ହେଲେ  ସେ ନଗରେ ଥରୁଟେ ହଜ
ଜାଣିଛ କିଏରେ ବାଇମୁଣ୍ଡିକୁ
କଟକର ଦୁଃଖ ଛାମୁଙ୍କୁ  କହିଲା
ସତେ ଖୋଲି ଦେଇ ମୁହଁତୁଣ୍ଡିକୁ ।

କଟକ ଭିତରେ ସତୀଚଉରାରେ
ସତୀଚଉରାରେ କଟକ ନାହିଁ
କଟକରେ ଅଛି ନାଲିଆ କୋଠାରେ
ସେଥିରେ କଟକ ଖୋଜ କିମ୍ପାଇଁ
ଚକମକ କରେ ତାରକସିଟି
ଧବଳଟଗର କଟକ ନଗର
ଶୁଣି, ଦେଉଥାଏ କିଏ ହସିଟି ।

ISSN NO.
2582-208X

କଟକ କହଇ କୈ।ବାଣିଜ୍ୟ କଥା
ଦୁଇଟା ନଈଙ୍କୁ ପାଖେ ବସେଇ
ବାଉନ ବଜାର ତେପନ ଗଳିର
ସୁନ୍ଦର ନକ୍ସାଟି କାଟିଛି ସେହି
ଓଡ଼ିଆ ବଜାର ଓଡ଼ିଆ ଭାବ
ମହାନଦୀ ଧାରେ ଗୀତ ଗାଇ ଗାଇ
ନାଉରୀ ଚଳାଏ ତାହାରି ନାବ ।

କଟକ ଭିତରେ କଟକକୁ ଖୋଜ
ବାରବାଟୀଗଡ ମାଟିକୁ ଛୁଇଁ
ଭାଇଚାରାର ତ ସହରଟି ସିଏ
ହଜାରବର୍ଷର ଏ ପୂଣ୍ୟଭୂଇଁ
କଟକଟି ସଦା କଟକ ସିନା
ମୋ ପ୍ରିୟ ସହର ଯାହାକୁ ନେଇରେ
ଓଡ଼ିଶା ହୁଅଇ ସବୁଠି ଚିହ୍ନା ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଯନ୍ତ୍ରଣା



ବୈଷ୍ଣବ ମେହେର

ଦିଆସିଲି କାଠି ପରି...
ଜଳୁଥାଏ ମୁଁ...
ଅନ୍ୟକୁ ଆଲୁଅ ଦିଏ...
ନିଜେ ଜଳି ପୋଡ଼ି;
ମୋ କଥା...
ମୋ ଯନ୍ତ୍ରଣା....
ସୁଖ ଦୁଃଖ ପଚାରିବାକୁ...
ନାହାଁନ୍ତି  କେହି ।

କେମିତି କହିବି...
ହୃଦୟ ଭିତର...
ଅସୁମାରୀ କୋହକୁ...
ପ୍ରତିକ୍ଷଣେ କାନ୍ଦୁଛି ଏକାକି;
ଆଶାର ଆଲୋକ...
ମୋ ପାଇଁ...
ପଞ୍ଜୁରୀ ଭିତରେ ଥିବା...
ଶାରୀ ଟିଏ ପରି ।

ଦୁନିଆଟା ଲାଗେ...
ନିଷ୍ଫଳ ନିରବ...
ଦେଖା ଦିଏ...
ଆଶା ଶୂନ୍ୟ ଆକାଶ;
ଶୂନ୍ୟରୁ କିଛି...
ପ୍ରତିଧ୍ୱନିତ ହୁଏ...
ତ୍ୟାଗ କରିବାକୁ...
ସ୍ୱାର୍ଥ ମାୟା ମୋହ ।

ମୋହ, ଅହଂ, ଅସ୍ତିତ୍ୱ...
ସ୍ମୃତିର ଝାତସାରରେ...
ବାରମ୍ବାର ଦେଉଥାନ୍ତି...
ଅସୁମାରି ଯନ୍ତ୍ରଣା;
କେହି ଜଣେ...
କହିପାରିବ କି...
ଜୀବନ କଟୁଛି କାହାର...
ଯନ୍ତ୍ରଣା ବିନା ।

ISSN NO.
2582-208X

କେବେଠାରୁ ମୁଁ...
ପୂର୍ଣ୍ଣାହୁତି କରିଦେଇଛି...
ମୋ ମନର...
ଇଚ୍ଛା ମାନଙ୍କୁ;
ଆଉ ମୁଁ...
ଗହଣା କରି...
ପିନ୍ଧି ସାରିଛି...
ଦୁଃଖ ସବୁକୁ ।

ଜୀବନକୁ ଏଠି...
ଜିଇଁବାକୁ ହେବ...
ଦୁଃଖ ଯନ୍ତ୍ରଣାକୁ...
ଅମୃତ କରି  ପିଇ;
କିଏ ବୁଝିବ...
ଜୀବନ ଏଠି...
ପଞ୍ଜୁରୀ ଆବଦ୍ଧ ପକ୍ଷୀର...
ନିରବ ଯନ୍ତ୍ରଣା ପରି ।

ଗଣ୍ଡାବାହାଲି, ନୂଆପଡ଼ା
6264305003

ISSN NO.
2582-208X

# ଶରଣାପନ୍ନ



ଶ୍ରୀକ୍ଷେତ୍ର ସୁନ୍ଦର

ମୃତ୍ୟୁ ଆଜି ଅଝଟି ପ୍ରେମିକା ସାଜି ଲୁଚକାଳି ଖେଳେ

ତାର ସାନିଧ୍ୟ ଟିକକ ପାଇଁ ଆଉଟୁ ପାଉଟୁ ଏ ଜୀବନ

ଅବସ କ୍ଳାନ୍ତ ସ୍ଥାଣୁ ଜୀବନ

ଶେଷ କ୍ଷୀଣ ନିଃଶ୍ୱାସ ପ୍ରତୀକ୍ଷାରେ

ନିଜ ପାଇଁ ନିଜେ ବୋଝ

ଜୀଇଁବା କୃତକର୍ମର ପ୍ରାୟଶ୍ଚିତ ବୋଧେ

କିନ୍ତୁ ଦିନେ ଚଞ୍ଚଳତାର ସବୁ ସୀମାରେଖା ତା ପାଦ ଚୁମୁ ଥିଲା

ସବୁ ଯଶ କୀର୍ତ୍ତି ଆଜି ଅମୂଳକ

ଆଉ ଜୀବନ ମୃତ୍ୟୁର ଶରଣାପନ୍ନ

ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ,ବରଗଡ
ମୋ ୯୦୯୦୨୭୭୮୦୬

ISSN NO.
2582-208X

# ଚିତାଗ୍ନି



ଅମ୍ବିକା ସ୍ୱାଇଁ

ଚକ୍ରଧର ବାବୁ ବଡ଼ ଚିନ୍ତାଶୀଳ ଭାବରେ ଦାଣ୍ଡ ଦୁଆରେ ବସିଥାନ୍ତି । ସେହି ରାସ୍ତା ଦେଇ ଯାଉଥିଲେ ଦାମ ମହାରଣା ତାଙ୍କର ଜଣେ ବନ୍ଧୁ ଘରକୁ । ପାଖ ଗାଁ ରେ ତାଙ୍କ ଘର । ଚକ୍ରଧର ବାବୁଙ୍କୁ ଦେଖି କହିଲେ ଦାଦା ଦଣ୍ଡବତ। ଏମିତି ଚିନ୍ତାରେ କାହିଁକି ବସିଛନ୍ତି କି ! କ"ଣ ହୋଇଛି ?

ଆରେ ପୁଅ କଣ କହିବି ଝିଅଟି ମୋର ବିବାହ ଯୋଗ୍ୟା ହୋଇ ଘରେ ବସିଛି, ବରପାତ୍ରଟିଏ ଖୋଜି ଖୋଜି ଥକିଲିଣି । ହେଲେ ମନ ପସନ୍ଦର ଜ୍ୱାଇଁଟି ମିଳୁନାହିଁ । ମହାରଣାଏ ତୁମ ନଜରରେ ଯଦି ଭଲ ପିଲାଟିଏ ମିଳିବ ତେବେ କହିବ ତ । ମହାରଣା ଯେ'ହେତୁ ମଧ୍ୟସ୍ଥି କାମ କରନ୍ତି, କହିଲେ ହଁ ଚକରା ଦା' ଚିନ୍ତା କରନ୍ତୁନି ନିଶ୍ଚୟ ଖୋଜିଦେବି । ହେଲେ ଆପଣଙ୍କର ଏଡ଼େ ବଡ଼ ଝିଅ ଅଛି ମୁଁ ଏ ଯାଏ ଜାଣିନି !! ଆରେ ଦାମ ସେ କଣ ଆମ ଘରେ ରୁହେ ଯେ ତୁମେ ଜାଣିବ । ସେ ପରା ପିଲା ଦିନରୁ ତା" ମାମୁଁଘରେ ରହି ପାଠ ପଢୁଥିଲା । ବିଏ ପାସ ପରେ ଏବେ ଆସି ଆମ ଘରେ ରହୁଛି । ଆଚ୍ଛା ! ଦାଦା ତେବେ ଝିଅକୁ ଟିକେ ଡାକୁ ନାହାନ୍ତି ଆଖି ପକାଇ ଦେଇ ଯିବି ।

ISSN NO.
2582-208X

ହଉ, ହଉ ଡାକୁଛି କହି ବଡ଼ ପାଟିରେ ଡାକ ପକାଇଲେ ମା'ରେ ନମିତା କୁଆଡେ ଗଲୁ ? ହଁ ବାପା ! ଆରେ ମା'ଦାମ ଭାଇ ପାଇଁ କପେ ଚା' କରି ଆଣିଲୁ ।ହଉ ବାପା କରିକି ନେଉଛି । ଝିଅ ନମିତା ସଙ୍ଗେ ସଙ୍ଗେ ଚା' କରି ଆଣିଲା । ଦାମ ମହାରଣା ଚା' ପିଆ ମଉକାରେ ଝିଅଟିକୁ ଦେଖିନେଲେ । ଝିଅ ହାତର ଚାହା ବେଶ୍ ସୁଆଦିଆ ବୋଲି ଖୁବ ପ୍ରଶଂସା କଲେ । ଗଲାବେଳେ କହିଗଲେ ଦାଦା ଚିନ୍ତା କରନ୍ତୁନି, ଆପଣଙ୍କ ଝିଅଟି ତ ଖୁବ ସୁନ୍ଦର ଅଛି । ତେଣୁ ବରପାତ୍ର ମିଳିବାରେ ଏତେ କିଛି ଅସୁବିଧା ହେବନି । ହଉ ଝିଅର ଟିପଣାଟି ଦିଅନ୍ତୁ । ମୋ ପାଖରେ ଥାଉ, ବରଘର ବାଲା ଜାତକ ମିଳାଇବାକୁ କହିଲେ ମୁଁ ଦେବି । ଚକ୍ରଧର ବାବୁ କାଳ ବିଳମ୍ବ ନ କରି କାଗଜରେ ଟିପା ହୋଇଥିବା ଟିପଣା ଓ ଝିଅର ଗୋଟିଏ ଫୋଟୋ ମହାରଣାଙ୍କ ହାତକୁ ବଢ଼ାଇ ଦେଲେ । ଦାମ ମହାରଣା ଏସବୁ ନେଇ ତାଙ୍କର ଗନ୍ତବ୍ୟ ସ୍ଥଳକୁ ଚାଲିଗଲେ ।

ଆଠଦିନ ପରେ ଏକ ପ୍ରସ୍ତାବ ନେଇ ପୁଣି ଆସିଲେ, ଦୁଆର ମୁହଁରେ ଥାଇ ବଡ଼ ପାଟିରେ ଡାକ ଛାଡିଲେ ଚକରା ଦା' ଚକରା ଦା" କୁଆଡେ ଗଲେ ? ଚକ୍ରଧର ବାବୁ ଘରୁ ବାହାରି ଆସିଲେ, ହଁ ରେ ଦାମ ଆସ ଆସ ବସ ! ଶୁଣନ୍ତୁ ଚକରା ଦା" ଖୁବ ଖୁସି ଖବର । ବାହାଘର ପୁରା ପକା ! ହଁ କି କେମିତି ମ ? ପୁଅଟି କଟକରେ ଚାକିରୀ କରୁଛି । ବଡ଼ ଦୁଇ ଭଉଣୀ ବାହା ହୋଇ ସାରିଛନ୍ତି । ଗାଁ'ରେ ଜମିବାଡ଼ି ଘରଦ୍ୱାର କେଉଁ ଥିରେ ଅଭାବ ନାହିଁ । ଶ୍ୱଶୁର ମାଷ୍ଟର ଚାକିରୀ କରିଥିଲେ, ପେନସନ ମଧ୍ୟ ପାଉଛନ୍ତି । ଝିଅର ଫୋଟୋ ଦେଖି ସେମାନେ ଖୁବ ପସନ୍ଦ କରିଛନ୍ତି ଏବଂ ଜାତକ ବି ଖୁବ ସୁନ୍ଦର ମେଳ ଖାଉଛି । କୁହନ୍ତୁ ଦାଦା ଆଉ କଣ ଦରକାର !! ଆରେ ସତେ ତ ଖୁବ ଭଲ ପ୍ରସ୍ତାବଟି । ଆଉ ଡେରି କାହିଁକି କରିବା ଦାମ ! ଏଥର ଆଗକୁ କଥା ବଢ଼ାଅ । ଦେଖା ଚାହାଁ କାମ ସରି ଯାଉ ।

କଥା ଆଗକୁ ବଢ଼ିଲା, ଦୁଇ ପରିବାର ଏବଂ ଝିଅ ଜ୍ୱାଇଁଙ୍କ ଭିତରେ ଦେଖା ଚାହାଁ ମୁଦି ପିନ୍ଧା ସହିତ ନିର୍ବନ୍ଧ କାର୍ଯ୍ୟ ସରିଗଲା । ଦୁଇ ପରିବାର ବନ୍ଧୁ ବାନ୍ଧବଙ୍କ ଉପସ୍ଥିତିରେ ଗାଁ ଅବଧାନଙ୍କ ପରାମର୍ଶରେ ବିବାହ ତାରିଖ ଧାର୍ଯ୍ୟ କରାଗଲା । ଏବଂ ଯୌତୁକ ଦେବା ନେବା

ISSN NO.
2582-208X

କଥା ଯେତେବେଳେ ଦାମ ମହାରଣା ଉଠାଇଲେ, ପୁଅର ବାପା ହରିବାବୁ କହିଲେ ନା ନା ସେ ସବୁ ଯୌତୁକ ର ଆବଶ୍ୟକ ନାହିଁ। ଆମର କ'ଣ ଅଭାବ ଅଛି ଯେ ଯୌତୁକ ଦରକାର ! ନାଇଁ ସମୁଦୀ ମୋର କେବଳ ଆପଣଙ୍କ ଝିଅଟି ଦରକାର !

ଚକ୍ରଧର ବାବୁ ସମୁଦୀ ହରିବାବୁଙ୍କର ହାତକୁ ମୁଠାଇ ପକାଇ ଥର ଥର କଣ୍ଠରେ କହିଲେ ସମୁଦୀ କେମିତି ଯେ ଆପଣଙ୍କ ଋଣ ସୁଝିବି । ମୁଁ ତ ଖୁବ ଡରରେ ଥିଲି କାଳେ ଆପଣ ଡିମାଣ୍ଡ କରିବେ, ମୁଁ କ"ଣ ଦେଇ ପାରିବି !! କାରଣ ମୁଁ ଆପଣଙ୍କ ଘରେ ବସିବାର ଯୋଗ୍ୟତା ଆମର ନାହିଁ । ସମୁଦୀ ଆପଣ ତ ମହାନ ।

ନା ସମୁଦୀ ମୁଁ କିଛି ମହାନ ନୁହେଁ !! ମୋର ବଡ଼ ଭାଗ୍ୟ ଯେ ଆପଣଙ୍କ ଗୁଣବତୀ, ରୂପବତୀ ଝିଅକୁ ମୁଁ ବୋହୂ କରି ଘରକୁ ନେଉଛି । ଆଉ ମୋର କିଛି ଲୋଡ଼ା ନାହିଁ । ଚକ୍ରଧର ବାବୁ ଖୁସିରେ ଆତ୍ମହରା ହୋଇ ହରିହର ବାବୁଙ୍କୁ କୁଣ୍ଢେଇ ପକାଇଲେ ଓ କହିଲେ ସତରେ ସମୁଦୀ ମୋର ବଡ଼ ସୌଭାଗ୍ୟ ଓ ମୋ ଝିଅ ନମିତା ବଡ ସୌଭାଗ୍ୟବତୀ ଯେ, ଆପଣଙ୍କ ଘରକୁ ମୋ ଝିଅ ବୋହୂ ହୋଇ ଯାଉଛି ।

ବାହାଘର ଆଉ ମାତ୍ର କେଇଟା ଦିନ ରହିଲା ଦୁଇ ପରିବାର ବାହାଘର ଯୋଗଡ଼ରେ ଲାଗି ପଡିଲେ । ଚକ୍ରଧର ବାବୁ ଦୁଇବର୍ଷ ପୂର୍ବରୁ ପତ୍ନୀକୁ ହରେଇ ସାରିଛନ୍ତି, ତେଣୁ ଏକା ଏକା ଝିଅର ବାହାଘର କରିବା ଦାୟିତ୍ୱ ମୁଣ୍ଡ ଉପରେ ବୋଝ ପରି ଲଦି ହୋଇ ଯାଉଛି । ଭଉଣୀ ନିରୁ ନିର୍ବନ୍ଧକୁ ଆସିଥିଲା ତାକୁ ଅଟକାଇ ରଖିଛନ୍ତି ଝିଆରୀ ନମିତାର ବାହାଘର କାମରେ ସାହାଯ୍ୟ କରିବା ପାଇଁ । ଭାଇ ଭଉଣୀ ଦୁହେଁ ଲାଗିପଡିଛନ୍ତି । ଲୁଗାପଟା, ଟ୍ରଙ୍କ ସଜ ଠାରୁ ଅରମ୍ଭ କରି ଯାବତୀୟ ଘରକରଣା ସରଞ୍ଜାମ ଓ ବାହାଘର ଉପକରଣ କିଣାକିଣିରେ। ବାହାଘର ନ ସରିବା ଯାଏ ଫୁରସତ କାହିଁ !! ସମୟ ପାଖେଇ ଆସିଲା, ଆଜି ମଙ୍ଗଳ ବିବାହର ସବୁ ପୂର୍ବ ପ୍ରସ୍ତୁତି ସରିଗଲା । ବରଯାତ୍ରୀ ସହ ବାଜା ବାଣ ଫୁଟାଇ ରୋଷଣି କରି ବରଯାତ୍ରୀ ସହ ବର ପହଞ୍ଚିଲା କନିଆ ଘରେ । ଦାଣ୍ଡ ଉଛୁଳି ପଡୁଥାଏ ।

ISSN NO.
2582-208X

ବାଟ ବରଣୀ ହୋଇ 'ବର' ଘର ଭିତରକୁ ପଶିଲା । ସମୟ ଅନୁସାରେ ବିବାହ କାର୍ଯ୍ୟ ଆରମ୍ଭ ହେଲା । ପ୍ରଥମ ବରଣୀ ସରିଲା ଦ୍ୱିତୀୟ ବରଣୀ ପରେ ଝିଅ ବେଦୀକୁ ଆସିଲେ ହସ୍ତଗଣ୍ଠି ପଡିବ । ବର ବେଦୀରେ ବସିଥାଏ । ମନ୍ତ୍ର ପାଠ ଚାଲିଥାଏ । କନ୍ୟାକୁ ବେଦୀକୁ ଆଣ ବୋଲି ବ୍ରାହ୍ମଣ କହିଲେ । ଉପସ୍ଥିତ ଥିବା ବାରିକ୍ ଘର ଝିଅ କନ୍ୟାକୁ ଆଣିବାକୁ ଘର ଭିତରକୁ ଗଲା । ଦେଖିଲା ନମିତା ଯେଉଁଠି ବସିଥିଲା ସେଠି ନାହିଁ । ଆଲୋ କନିଆ କୁଆଡେ ଗଲା ? ସେପଟେ କିଏ ବାହାଘର ଦେଖିବାରେ ବ୍ୟସ୍ତ ତ କିଏ ଭୋଜି ଖାଇବାରେ ବ୍ୟସ୍ତ । କେହି ବି ଜଣେ ସେ ଘରେ ଦେଖା ଯାଉ ନାହାଁନ୍ତି । ବାରିକ ଝିଅ ଭାବିଲା ବୋଧେ ପରିସ୍ରା କରିବାକୁ ଯାଇଥିବ । ଟିକେ ସମୟ ଅପେକ୍ଷା କଲା । ଝିଅକୁ ନ ପାଇଲାରୁ ଡାକ ଛାଡିଲା ସମସ୍ତେ ଜମା ହୋଇଗଲେ କନିଆ ଖୋଜା ଚାଲିଲା । ବାଡିପଟ, ଦାଣ୍ଡପଟ, ଘର ଭିତର, ବାହାର କେଉଁଠି ବି ତା"ର ଦେଖା ନାହିଁ । ଆଶ୍ଚର୍ଯ୍ୟ କଥା, ବେଦୀରେ ବର ବସିଛି ଏପଟେ କନିଆ କୁଆଡେ ଫେରାର । ପାଖ ପଡିଶା ସମସ୍ତଙ୍କ ଘରେ ଖୋଜା ଚାଲିଲା ହେଲେ କନିଆ ବେଶରେ ଥିବା ଝିଅକୁ ପାଇଲେ ନାହିଁ । ସାଙ୍ଗେ ସାଙ୍ଗେ ଚାରି ଆଡ଼େ ହାଲ୍ଲା ହୋଇଗଲା । ଜଣେ ଦୂର ଗାଁର ଅପରିଚିତ ଲୋକ ସେହି ଗାଁ ରାସ୍ତାରେ ଯାଉଥିଲା ଏ କଥାଟି ଲୋକଟିର କାନରେ ପଡିଲା ସେ ସାଇକେଲ ଅଟକାଇ କହିଲା ମୁଁ ତ ଏବେ ଦେଖିକି ଆସିଲି ମଟର ସାଇକେଲ ପଛରେ ବସି କନିଆ ବେଶରେ ଝିଅଟିଏ ଯାଉଥିଲା । ଏକଥା ଶୁଣି ଗାଁର କିଛି ଯୁବକ ଗାଡି ମଟର ଛୁଟାଇ ଧାଇଁଲେ । ସେ ରାସ୍ତା ଆଡେ । ବାଟରେ ପଚାରି ପଚାରି ଯାଉଥାନ୍ତି, କିଏ କାଳେ ଦେଖିଥିବ କୁଆଡେ ଗଲା ବୋଲି । ଜଣେ ଲୋକ କହିଲା ହଁ ବୋହୂ ବେଶରେ ସଜ ହୋଇଥିବା ଝିଅଟି ଓ ପୁଅଟି ଏଇ ପାଖରେ ଦିଶୁଥିବା ଗାଁ ଜଗନ୍ନାଥ ମନ୍ଦିର ଭିତରକୁ ଗଲେ । ଏମାନେ ସେଠାରେ ପହଂଚି ଦେଖିଲେ ଦୁହେଁ ଦୁଇଟା ଫୁଲମାଳ ଧରି ପରସ୍ପର ବେକରେ ବଦଳ କରୁଛନ୍ତି । ସମସ୍ତେ ଦେଖି ଆଶ୍ଚର୍ଯ୍ୟ ଚକିତ ହେଲେ । ଗାଁ ର ପିଲାଟିଏ ଯିଏ ନମିତାର ହିସାବରେ ବଡ଼ଭାଇ ହେବ । ସେମାନଙ୍କ ପାଖକୁ ଚାଲିଗଲା ନମିତାର ହାତକୁ ଧରି ରାଗ ତମ ତମ ହୋଇ କହିଲା ନମିତା ତୁ ଯେ କ"ଣ କଲୁ ? ଆମ ସମସ୍ତଙ୍କ ମୁହଁରେ କାଳି ବୋଳି ଦେଲୁ । ଏ ପିଲା

ISSN NO.
2582-208X

କିଏ ? ଯାକୁ ଯଦି ତୁ ଭଲ ପାଉଥିଲୁ ତେବେ ଘରେ ଆଗରୁ ନ କହି ଏମିତି କାମ କାହିଁକି କଲୁ । ବଡବାପା ଆଉ ଦାଣ୍ଡରେ ମୁହଁ ଦେଖାଇ ଚାଲି ପାରିବେ ତ ?

ନମିତା ପାଟିରେ କିଛି ବି ଶବ୍ଦ ନାହିଁ । ସେ ପୁଅଟିର ସାଙ୍ଗ ଏମାନଙ୍କର ପ୍ରେମ କାହାଣୀ ବଖାଣି ବସିଲା । ଯେ ହେତୁ ପିଲାଦିନୁ ନମିତା ତା" ମାମୁଁଘରେ ରହି ବଢିଛି । ସେହି ଗାଁର ତନ୍ତୀଘର ପୁଅ ନରେନ୍ଦ୍ର ସହ ଗୋଟିଏ କ୍ଲାସରେ ପାଠ ପଢୁଥିଲା । ଧୀରେ ଧୀରେ ଦୁହିଁଙ୍କ ଭିତରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । କିନ୍ତୁ ସାହସ କରି ଘରେ କାହା ଆଗରେ ବା ବାପା ଚକ୍ରଧର ବାବୁଙ୍କୁ ଏ ବିଷୟରେ କହି ନ ଥିଲା । କାରଣ ନରେନ୍ଦ୍ର ସହିତ କେବେ ବି ଚକ୍ରଧର ବାବୁ ବାହାଘର କରିବାକୁ ରାଜି ହୋଇ ନ ଥାନ୍ତେ ବୋଲି ନମିତା ଭଲ ଭାବରେ ଜାଣିଥିଲା । କୁହାଯାଏ ପ୍ରେମ ତ ଅନ୍ଧ । ସେ ବନ୍ଧ ବାଡ଼, ବୟସ, ଜାତି ଗୋତ୍ର, ଧନୀ ଦରିଦ୍ର, କିଛି ମାନେନା ! କେବଳ ତା" ଶାଶ୍ୱତ ପ୍ରେମକୁ ହାସଲ କରିବାକୁ ବେଳେବେଳେ ଭୁଲ ନିଷ୍ପତ୍ତି ନେଇଯାଏ । ଯେମିତି ନମିତା କଲା। ସମସ୍ତେ ଛି ଛାକର କଲେ । ବର ବେଦୀରୁ ଫେରିଗଲା । ବାପା ଚକ୍ରଧର ବାବୁ ଏ ସବୁ ମୁଣ୍ଡ ଉଠାଇ ଦେଖିବା ପୂର୍ବରୁ ହଠାତ ବ୍ରେନ ଷ୍ଟ୍ରୋକରେ ସବୁଦିନପାଇଁ ଚିର ନିଦ୍ରାରେ ଶୋଇଗଲେ ଝିଅ ନମିତା ଯେତେ ମୁଣ୍ଡପିଟି କାନ୍ଦିଲା ବାପା ଆଉ କ"ଣ ତାର ଫେରି ଆସିବେ ? ନମିତା ବାପାଙ୍କ ଚିତାଗ୍ନିକୁ ଚାହିଁ ଅନୁତାପର ଗ୍ଲାନିରେ ଜଳୁଥିଲା ।

ଭୁବନେଶ୍ୱର
୯୭୭୭୫୯୯୭୯୫

ISSN NO.
2582-208X

# ପ୍ରୀତିର ଦୀପାଳି



ନରଞ୍ଜନ ସାହୁ

ସେଦିନ ସଞ୍ଜରେ ଗାଆଁର ମୁଣ୍ଡରେ
ଠାକୁରାଣୀ ପୀଠ ଠାରେ
ତୁମେ ଜାଳୁଥିଲ ଶ୍ରଦ୍ଧାର ଦୀପାଳି
ଭକତିର ସହକାରେ ।

କାହିଁକି କେଜାଣି କେମିତି ଆସି ମୁଁ
ପହଞ୍ଚିଲି ଯେବେ ତହିଁ
କିଏ ସେ ଜାଳୁଛି ଦୀପାଳି ବୋଲି ତ
ତୁମକୁ ମୁଁ ଦେଲି ଚାହିଁ
ତୁମ ଆଖି ସାଥେ ଆଖି ମିଶିଗଲା
ସେକଥା କେ' ଭୁଲିପାରେ ?

ତୁମ ସେ ଚାହାଣି କିମିଆ କରିଲା
ତୁମେ ତ ଲାଗିଲ ଭଲ
ସେହି ଦିନଠାରୁ ତୁମ ବିନା ଏହି
ଜୀବନଟା କଲବଲ
ମୁହଁ ଖୋଲି ସିନା କହିପାରେ ନାହିଁ
ପ୍ରେମ ମୋତେ ଜାଳି ମାରେ ।

ନିହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ସଙ୍କେତ



ଗଜାନନ ମିଶ୍ର

ଯାଇପାରିଲି ଟିକିଏ
ବାହାରକୁ ଯେତେବେଳେ
ଇନ୍ଦ୍ରଧନୁ ଭିତରେ ଏତେ ନିଆଁ
ଦିଶୁଥିଲା ଦାଉ ଦାଉ ମତେ ।

କହିଲେ ମା,
ଦେଖ୍ ନା ପୁଅ ସେଆଡିକି
ଆଉ ହ' ନା ବୋକା
ଅନ୍ତତଃ ମୁଁ ଥିବା ଯାଏ ।

କଳ୍ପନା ପାରୁ ନ ଥିଲି କରି,
ସମୁଦ୍ର କୂଳର ଏ ଘର ସତରେ
ସେମିତି ଥିବ ପ୍ରକାଣ୍ଡ ଝଡରେ !
ପାରୁ ନ ଥିଲି କହି କିଛି
କି ପାରୁ ନ ଥିଲି ଠଉରେଇ
ବିରୋଧାଭାସରେ ପ୍ରେମ ସଙ୍କେତ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର

ISSN NO.
2582-208X

# ଶ୍ରଦ୍ଧା, ସ୍ନେହ, ମମତା ଓ ଧର୍ଯ୍ୟର କେନ୍ଦ୍ରବିନ୍ଦୁ- ଶ୍ରୀମତୀ ଦ୍ରୌପଦୀ ମୁର୍ମୁ



ଶୁଭଶ୍ରୀ ମହାପାତ୍ର

ଯିଏ ଆମର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦୌପଦୀ ମୁର୍ମୁ ମହାଶୟା, ମୁଁ ତାଙ୍କ ବିଷୟରେ ଲେଖିବା - ମୋ ପାଇଁ ଅତି ସହଜ ନୁହେଁ । କାହିଁକି ନାଁ ତାଙ୍କ ବାଲ୍ୟକାଳରୁ ଜୀବନ ଯାତ୍ରା ଅତି କଠିନ ଥିଲା । କିନ୍ତୁ ସେ ନିଜର ଚେଷ୍ଟା, ଧର୍ମ କର୍ମକାର୍ଯ୍ୟ ଓ ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଙ୍କ ଦୟାରୁ ଆଜି ମହାମହିମ ରାଷ୍ଟ୍ରପତି ପଦବୀରେ ପହଂଚି ପାରିଛନ୍ତି ।

ଓଡିଶା ରାଜ୍ୟର ମୟୁରଭଞ୍ଜ ଜିଲ୍ଲା ଅନ୍ତର୍ଗତ ରାଇରଙ୍ଗପୁରରୁ ଆଜି ରାଇସିନା ଦିଲ୍ଲୀରେ ପହଞ୍ଚିଥିବା ଓଡିଶାର ପ୍ରଥମ ଆଦିବାସୀ ମହିଳା ନେତ୍ରୀ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦୌପଦୀ ମୁର୍ମୁ ମହାଶୟା, ଆଜିର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦୌପଦୀ ମୁର୍ମୁ 1958 ମସିହା ଜୁନ ମାସର (ରଜ ସଂକ୍ରାନ୍ତି ର ଠିକ ଚତୃର୍ଥ ଦିନ) 20 ତାରିଖରେ ମୟୂରଭଞ୍ଜ ଜିଲ୍ଲାର ଉପର ବେଡାର ଏକ ଆଦିବାସୀ ସମ୍ପ୍ରଦାୟ ପରିବାର ରେ ଜନ୍ମଲାଭ କରିଥିଲେ । ପିତା ଙ୍କ ନାମ ଥିଲା ସ୍ୱର୍ଗତ ବିରଞ୍ଚି ନାରାୟଣ ଟୁଡୁ, ଓ ମା ଙ୍କ ନାମ ଥିଲା ସିଂ ଟୁଡୁ ! ଜଣେ ସଫଳ କୃଷକ ରୂପେ ତାଙ୍କ ପିତା ବିରଞ୍ଚି ନାରାୟଣ ଟୁଡୁ ଅତି ପରିଚିତ ଥିଲେ ଏବଂ ମାତା ଜଣେ ଆଦର୍ଶ ସୁଗୃହିଣୀ ଥିଲେ ।

ପିଲାଦିନରୁ ତାଙ୍କର ପାଠ ପଢିବା ପ୍ରତି ଆଗ୍ରହ ତାଙ୍କର ପିତା ମାତା ବୁଝି ପାରୁଥିଲେ । ଏକ ମଧ୍ୟବିତ ଶ୍ରେଣୀର ପରିବାର ରେ ଜନ୍ମ କରିଥିବା ମହାମହିମ ଦ୍ରୌପଦୀ ମୁର୍ମୁ ମହାଶୟା ଓଡିଶା ରାଜ୍ୟର ମୟୂରଭଞ୍ଜ ଜିଲ୍ଲାର ଏକ ଆଦିବାସୀ ଗ୍ରାମରୁ ତାଙ୍କର ଜୀବନର ପ୍ରଥମ

ISSN NO.
2582-208X

ପାଦ ଆଗକୁ ବଢ଼ାଇଥିଲେ । ଯେଉଁ ଅଞ୍ଚଳରେ ପ୍ରାଥମିକ ଶିକ୍ଷାକୁ ଲୋକମାନେ ଗୁରୁତ୍ୱ ଦେଉନଥିଲେ ଏବଂ ପାଠ ପଢିବା ତାଙ୍କ ପାଇଁ ସ୍ୱପ୍ନ ଥିଲା। ତଥାପି ବହୁତ ବାଧାବିଘ୍ନ କୁ ସହି ସେ ସେହି ଗାଁର ପ୍ରଥମ ଝିଅ ରୂପେ ସେ କଲେଜରେ ପାଠ ପଢିଥିଲେ । ନିଜର ପାଠ ପଢିବା ସେ ପ୍ରଥମ ଶ୍ରେଣୀ ରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାର କୁସୁମି ବ୍ଲକ ଅନ୍ତର୍ଗତ ଉପରବେଢ଼ା ୟୁ. ପି. ଏମ. ଇ ପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷା ଗ୍ରହଣ କରିଥିଲେ ଓ ପରେ ଭୁବନେଶ୍ୱର ୟୁନିଟ୍ 2 ରେ ଥିବା ଏକ ବାଳିକା ଉଚ୍ଚ ବିଦ୍ୟାଳୟ ରେ ସପ୍ତମ ଶ୍ରେଣୀ ରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଅଧ୍ୟୟନ କରିଥିଲେ । ଏହା ପରେ ସେ ରମାଦେବୀ ମହାବିଦ୍ୟାଳୟ ରେ କଳା ବିଭାଗ ରେ ପାଠ ପଢ଼ି ସାରିବା ପରେ କିଛି ଦିନ ରାଜ୍ୟ ସରକାରଙ୍କର ଅଧୀନରେ କିଛି ଦିନ କାଯ୍ୟ କରିଥିଲେ । ତାଙ୍କର ଜୀବନର ଏହା ସବୁଠାରୁ ଚିରସ୍ମରଣୀୟ ମୁହୂର୍ତ ଥିଲା । ତାଙ୍କ ଜୀବନରେ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

ସେ ଶ୍ୟାମଚରଣ ମୁର୍ମୁ ସାରଙ୍କୁ ବିବାହ କରିଥିଲେ ଏବଂ ଏହାପରେ ତାଙ୍କର ଦୁଇପୁତ୍ର ଓ ଏକ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଇଥିଲେ! ଜୀବନ ପଥ ତାଙ୍କର ଏତେ କଠିନ ଥିଲା, ଯେ-ସ୍ୱାମୀ ଶ୍ୟାମଚରଣ ସାର ଏବଂ ଦୁଇ ପୁତ୍ର ଲକ୍ଷ୍ମଣ ମୁର୍ମୁ ଓ ସିପୁନ ମୁର୍ମୁ ତାଙ୍କୁ ସବୁଦିନ ପାଇଁ ଇହଧାମ ଛାଡି ସ୍ୱର୍ଗଧାମ କୁ ଚାଲି ଯାଇଥିଲେ ! ଏହି ସମୟରେ ତାଙ୍କର ହୃଦୟ ବେଦନାର କୋହ କୁ ବୁଝିବା ସମସ୍ତଙ୍କ ପକ୍ଷେ ସମ୍ଭବ ନଥିଲା ! ହୃଦୟ ବେଦନାର କୋହ କୁ ଛାତି ତଳେ ଚାପିରଖି ଏକାନ୍ତରେ ଜୀବନ ଯାପନ କରୁଥିଲେ ! ସେ ଏହାପରେ ସ୍ଥିରକଲେ ସ୍ୱାମୀ ଓ ଦୁଇପୁତ୍ରଙ୍କୁ ଚିରଦିନ ମନେ ରହିବା ପାଇଁ ଶିକ୍ଷାକୁ ପ୍ରଧାନ ଦେଇ ନିଜର ବ୍ୟକ୍ତିଗତ ସମ୍ପତ୍ତିକୁ ବିଦ୍ୟାଳୟକୁ ଦାନ କରିଥିଲେ ! ସ୍ୱାମୀ ଶ୍ୟାମଚରଣ ମୁର୍ମୁ ସାର ଓ ଦୁଇପୁତ୍ର ଲକ୍ଷ୍ମଣ ମୁର୍ମୁ, ସିପୁନ ମୁର୍ମୁ ଙ୍କ ନାମରେ ସେ ଏସ୍. ଏଲ୍. ଏସ୍ ସ୍ମାରକୀ ବିଦ୍ୟାଳୟ ସ୍ଥାପନ କରିଥିଲେ, ଏବଂ ସେହି ବିଦ୍ୟାଳୟ ରେ ଶିକ୍ଷାଦେଉଥିବା ସମୟରେ ସେ ଯେଉଁ ବୃତ୍ତି ଉପାର୍ଜନ କରୁଥିଲେ ସେହି ଅର୍ଥକୁ ସମାଜରେ ଗରିବ ଶ୍ରେଣୀରେ ଥିବା ପିଲାମାନଙ୍କୁ ବାଣ୍ଟିଦେଉଥିଲେ ! ସମାଜ ପାଇଁ ସେ ଏକ ଉଦାହରଣ ସାଜିଥିଲେ ! ତାଙ୍କୁ ଅଞ୍ଚଳ ବାସୀ ସୁସ୍ଥ ଗଣତନ୍ତ୍ରର ଆଶା, ସ୍ନେହ, ବିଶ୍ୱାସ ସହିତ ହୃଦୟରେ ସ୍ଥାନ ଦେଇଥିଲେ ! ଏହି ସମୟରେ ତାଙ୍କ ଝିଅ ଇତିଶ୍ରୀ ମୁର୍ମୁ ଏବଂ ଜ୍ୱାଇଁ ଗଣେଷ ହେମରମ୍ ଙ୍କ ସହିତ ସବୁ ଦୁଃଖସୁଖ ବାଣ୍ଟିଥିଲେ !

ISSN NO.
2582-208X

ନୀତି ବ୍ୟାପାର ସମ୍ବନ୍ଧରେ ଅନେକ ଜ୍ଞାନ ଓ ଦକ୍ଷତା ଥିଲା ତାଙ୍କର, ସେଥିପାଇଁ ସେ ଅତି ମଧୁର ଭାଷାରେ ଲୋକମାନଙ୍କୁ ବୁଝାଉଥିଲେ ! ଡା. ଆମ୍ବେଦକର, ପଣ୍ଡିତ ଜବାହରଲାଲ୍ ନେହରୁ ଏବଂ ଜାତିର ପିତା ମହାତ୍ମାଗାନ୍ଧୀଙ୍କୁ ନିଜର ମାର୍ଗଦର୍ଶକ ଭାବେ ବାଛି ତାଙ୍କରି ରାସ୍ତାରେ ପାଦଥାପି ଚାଲୁଥିଲେ ! ସରଳ ଜୀବନଯାପନକୁ ସେ ଅଧିକ ଭଲ ପାଉଥିଲେ, ଏହାପରେ ସେ ଇଶ୍ୱରୀୟ ବିଦ୍ୟାଳୟ ସହିତ ଯୋଗଦେଲେ ! ପରେ ପରେ ସେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟ ସାଧନ କଲେ ! ମଣିଷ ଜୀବନରେ ଅନେକ ବାଧାବିଘ୍ନ ଆସିଥାଏ, ଏହି ସମୟରେ ନିଜକୁ ସୁଦୃଢ କରି ସମାଜ ଆଗରେ ଧୈର୍ଯ୍ୟର ସହିତ ଠିଆହୋଇ କିପରି ନିଜର ସୁନାମ ଅର୍ଜନ କରିବା -ଏହାର ପ୍ରଥମ ଉଦାହରଣ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ! ଆମ ଓଡିଶାର ଝିଅ ହୋଇ ଓଡିଶା, ଝାଡ଼ଖଣ୍ଡ ସମେତ ଭାରତ ବର୍ଷ ଓ ବିଶ୍ୱ ନାରୀ ସମାଜ ପାଇଁ ତାଙ୍କ ଆଦର୍ଶ ଓ ପ୍ରତିଭା ଅତୁଳନୀୟ !

ସେ ପ୍ରଥମେ ରାଇରଙ୍ଗପୁରରେ ଥିବା ସମୟରେ 1997 ମସିହାରେ ରାଜ୍ୟ ରାଜନୀତିରେ ପାଦ ଥାପିଥିଲେ ! ସର୍ବ ପ୍ରଥମେ କାଉନସିଲରରୁ ଏବଂ ଏହାପରେ ଉପସଭାପତି ପଦବୀରେ ନିଯୁକ୍ତ ହୋଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ! ଏହାର ପରବର୍ତ୍ତୀ ସମୟରେ ରାଇରଙ୍ଗପୁରର ବିଧାନସଭା ଆସନ ରୁ ବିଜୟୀ ହୋଇ 2000 ମସିହାରୁ 2004 ମସିହା ପର୍ଯ୍ୟନ୍ତ ଲୋକମାନଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ ! ରାଜ୍ୟସରକାର ତାଙ୍କ ଉପରେ ବିଶ୍ୱାସ ରଖି ଅନେକ ଗୁରୁଦାୟିତ୍ୱ ମଧ୍ୟ ତାଙ୍କୁ ଦେଇଥିଲେ। ତନ୍ମଧ୍ୟରୁ 2000 ମସିହା ରେ ତାଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଦାୟିତ୍ୱ ଏବଂ 2002 ମସିହାରେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ଗୁରୁଦାୟିତ୍ୱକୁ ଅତି ସୁନ୍ଦର ଭାବରେ ସେ ସମ୍ପାଦନ କରିଥିଲେ ! ତାଙ୍କର ଏହି ଅନ୍ୟୁନ ପ୍ରତିଭା ଦେଖି ତାଙ୍କୁ ବିଧାନସଭାର ଶ୍ରେଷ୍ଠ ବିଧାୟିକା ଭାବେ 2007 ମସିହାରେ ନୀଳକଣ୍ଠ ପୁରସ୍କାର ଦିଆଯାଇଥିଲା ! ପରେ ପରେ ସେ ବିଜେପି ଜାତୀୟ କାର୍ଯ୍ୟନିର୍ବାହୀ ଭାବେ ନିର୍ବାଚିତ ହୋଇ ଜିଲ୍ଲାର ସଭାପତି ଭାବେ 2013 ମସିହାରୁ 2015 ମସିହା ପର୍ଯ୍ୟନ୍ତ ଅତି ସୁନ୍ଦର କାର୍ଯ୍ୟ କରିଥିଲେ ! ସେ ସବୁବେଳେ ଧୈର୍ଯ୍ୟ ଓ ବିଶ୍ୱାସର ସହିତ ସବୁକାର୍ଯ୍ୟ ସମ୍ପାଦନ କରୁଥିଲେ। ସେ କହୁଥିଲେ ମଣିଷ ସ୍ୱପ୍ନ ଦେଖିଲେ ଆଶା ପୂରଣ କରିବାକୁ ଚେଷ୍ଟା କରେ । ନିଜର ନିଷ୍ଠା ଓ ଚେଷ୍ଟା ବଳରେ ଅସମ୍ଭବ କାର୍ଯ୍ୟ ବି ସହଜରେ ସମ୍ପାଦନ କରାଯାଇପାରିବ ! ଏହାପରେ ସେ ଝାଡ଼ଖଣ୍ଡର

ISSN NO.
2582-208X

ପ୍ରଥମ ମହିଳା ରାଜ୍ୟପାଳ ରୂପେ 2015 ମସିହା ରୁ 2021ମସିହା ପର୍ଯ୍ୟନ୍ତ କାର୍ଯ୍ୟକରି ସମସ୍ତଙ୍କ ହୃଦୟରେ ସ୍ଥାନ ପାଇଥିଲେ ! ଏହାପରେ 25 ଜୁଲାଇ 2022 ମସିହାରୁ ସେ ଆମ ଭାରତବର୍ଷର 15ତମ ମହାମହିମ ରାଷ୍ଟ୍ରପତି ରୂପେ ନିଯୁକ୍ତ ହୋଇ ନିଜର କାର୍ଯ୍ୟ କରୁଛନ୍ତି ! ଶପଥ ପାଠର ପ୍ରଥମ ଦିନରେ ସେ ସମଗ୍ର ଭାରତବାସୀଙ୍କୁ କୃତଜ୍ଞତା ଜଣାଇ କହିଥିଲେ : ଓଡିଶା ରାଜ୍ୟର ଓଡ଼ିଆ ଭାଷା ଓ ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ସଂସ୍କୃତି ବିଷୟରେ, ଏଠାରେ ବାରମାସରେ ତେର ପର୍ବ ପାଳନ କରାଯାଏ ! ମହାପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ସଂସ୍କୃତି ଅତୁଳନୀୟ ଏବଂ ଆହୁରି ମଧ୍ୟ ସନ୍ଥକବି ଭୀମଭୋଇଙ୍କ ଲିଖିତ ଉକ୍ତିରୁ କହିଥିଲେ 'ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ' ତାଙ୍କର ଏହି ସଫଳତା ପାଇଁ ଆମ ଭାରତର ନାରୀ ସମାଜ ଆଜି ଗର୍ବ ଅନୁଭବ କରୁଛି ! ତାଙ୍କର ଏହି ସଫଳତା ତାଙ୍କର ବ୍ୟକ୍ତିଗତ ସଫଳତା ନୁହେଁ, ଏହା ଦେଶର ପ୍ରତେକ ଗରିବ ମା, ମାଉସୀ, ଭାଇ, ଭଉଣୀ ଙ୍କ ସଫଳତା ! ସମଗ୍ର ଦେଶବାସୀଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶ୍ରିବାଦ ତାଙ୍କୁ ଆଗକୁ କାର୍ଯ୍ୟ କରିବାକୁ ବିଶାଳଶକ୍ତି ପ୍ରଦାନ କରିବ ! ଆମେ ଓଡିଶାବାସୀ ଆଜି ନିଜକୁ ଗର୍ବ ଅନୁଭବ କରୁଛୁ କି 'ଆମ ଓଡିଶାର ଝିଅ ଆଜି ସମଗ୍ର ଭାରତବର୍ଷର ଶ୍ରେଷ୍ଠ ସିଂହାସନ ରେ ବସି ଦେଶବାସୀଙ୍କ ସୁରକ୍ଷା କଥା ଚିନ୍ତା କରୁଛନ୍ତି ! ସେ ଆଉ କେହି ନୁହଁ ଆମର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ତାଙ୍କ ଚରଣରେ କୋଟି ନମନ!

କବୟିତ୍ରୀ /ସମାଜସେବୀ
ଶବଳକଣା, ମାହାଙ୍ଗା, କଟକ
ମୋ: ୯୩୩୭୦୭୧୭୧୫
Email :-subhashreemohapatra463@gmail.com

ISSN NO.
2582-208X

# ସିଏ ମା



ସ୍ମୃତି ରେଖା ନାୟକ

ସନ୍ତାନ ମାନଙ୍କ ସବୁତକ ଦୋଷ
ସହଜେ କରେ ଯେ କ୍ଷମା,
ଏଇ ଦୁନିଆରେ ଯେତେ ଖୋଜିଲେବି
ତା' ପରି ନାହିଁ କେ ଜମା ।
ମାଆ ସିଏ ମାଆ

ନିଜେ ଭୋକେ ପଛେ ସିଏ ରହିଯାଏ
କିନ୍ତୁ ସନ୍ତାନ କୁ ଦିଏ ଖାଦ୍ୟ,
ସନ୍ତାନ ର ଦେହ ଅସୁସ୍ଥବେଳେ
ତ୍ୟାଗ କରେ ସେ ନିଜ ନିଦ ।
ମାଆ ସିଏ ମାଆ

ସନ୍ତାନଙ୍କ ସୁଖେ ସୁଖୀ ହୁଅଇ
ସେ ନିଜେ ଥାଉ ପଛେ ଦୁଃଖେ,
ସନ୍ତାନ ମାନଙ୍କ ଅସୁବିଧା ବେଳେ
ସଦା ରହିଥାଏ ସିଏ ପାଖେ ।
ମାଆ ସିଏ ମାଆ

ISSN NO.
2582-208X

ନିଜ ଜୀବନ ରେ ସବୁ କଷ୍ଟ ସହି
ସନ୍ତାନ କୁ କରେ ବଡ,
ସନ୍ତାନ ତ ବଡ ଚାକିରି ପାଇଲେ
ମାଆ କୁ ମାରନ୍ତି ମାଡ ।

ସନ୍ତାନ ଙ୍କ ଠାରୁ ମାଡ ଗାଳି ଖାଏ
ତଥାପି କରେନି ଦୁଃଖ,
ଈଶ୍ୱରଙ୍କ ପାଖେ ସନ୍ତାନ ଙ୍କ ପାଇଁ
ମାଗିଥାଏ ସଦା ସୁଖ ।
ମାଆ ସିଏ ମାଆ

ମାଆ ମମତା ର ନାହିଁ ପଟାନ୍ତର
ନାହିଁ ତା ସ୍ନେହ ର ସୀମା
ମନୁଷ୍ୟ ପାଇଁ ସେ ଶ୍ରେଷ୍ଠ ବରଦାନ
ମାଆ ସିଏ ଆମ ମାଆ

ତୋରା, ବରଗଡ଼

ISSN NO.
2582-208X

# ନାରୀର ଭୂମିକା



ଦେବାର୍ଚ୍ଚନ ମେହେର

ନାରୀ ରୂପ ଏକ ଭୂମିକା ଅନେକ...
ନାରୀ ତୁମେ ସନ୍ତାନର ମାଆ
ତ ପୁଣି କେବେ ବାପାର ଗେହ୍ଲେଇ ଝିଅ

ନାରୀ ରୂପ ଏକ ଭୂମିକା ଅନେକ...
କେବେ ପୁଣି ଭାଇର ଭଉଣୀ
ତ ପୁଣି କେବେ ସ୍ୱାମୀର ଧର୍ମପତ୍ନୀ

ନାରୀ ରୂପ ଏକ ଭୂମିକା ଅନେକ...
କେବେ ପୁଣି ପ୍ରେମିକର ପ୍ରେମିକା
ତ ପୁଣି କେବେ ବନ୍ଧୁର ଭଲ ବାନ୍ଧବୀ

ନାରୀ ରୂପ ଏକ ଭୂମିକା ଅନେକ...
ନାରୀ ତୁମେ ଜିଲ୍ଲାର ଜିଲ୍ଲାପାଳ
ତ ପୁଣି କେବେ ତୁମେ ପୋଲିସ୍

.
ନାରୀ ରୂପ ଏକ ଭୂମିକା ଅନେକ...
କେବେ ତୁମେ କୋର୍ଟ ର ବିଚାରପତି
ତ କେବେ ପୁଣି କୋର୍ଟ ର ଓକିଲ୍

ନାରୀ ରୂପ ଏକ ଭୂମିକା ଅନେକ...
କେବେ ତୁମେ ଅଫିସ୍ ର ଅଫିସର
ତ କେବେ ପୁଣି ଅଫିସ୍ ର ଚପରାସୀ

ନାରୀ ରୂପ ଏକ ଭୂମିକା ଅନେକ...
କେବେ ବିଦ୍ୟାଳୟର ତୁମେ ଶିକ୍ଷୟତ୍ରୀ
ତ କେବେ ପୁଣି ମହାବିଦ୍ୟାଳୟର
ଅଧ୍ୟାପିକା

ନାରୀ ରୂପ ଏକ ଭୂମିକା ଅନେକ...
କେବେ ହସ୍ପିଟାଲର ତୁମେ ଡକ୍ଟର
ତ ପୁଣି କେବେ ନର୍ସ

ISSN NO.
2582-208X

ନାରୀ ରୂପ ଏକ ଭୂମିକା ଅନେକ...
କେବେ ଉଡାଜାହାଜର ପାଇଲଟ୍
ତ କେବେ ପୁଣି ମଟର ଯାନର ଡ୍ରାଇଭର

ନାରୀ ରୂପ ଏକ ଭୂମିକା ଅନେକ...
କେବେ ତୁମେ ଘରର ମାଲିକାଣୀ
ତ କେବେ ପୁଣି ଚାକରାଣୀ

ନାରୀ ରୂପ ଏକ ଭୂମିକା ଅନେକ...
କେବେ ତୁମେ ବିଦ୍ୟାଳୟର ଛାତ୍ରୀ
ତ କେବେ ପୁଣି ଭାବନାର କବିୟତ୍ରି

ନାରୀ ରୂପ ଏକ ଭୂମିକା ଅନେକ...
କେବେ ତୁମେ ନର୍ତ୍ତକୀ
ତ କେବେ ପୁଣି ଗାୟିକା

ଗ୍ରାମ - ବାପୁଜୀନଗର,ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ISSN NO.
2582-208X

# ସିଦ୍ଧାର୍ଥ ରୁ ବୁଦ୍ଧ



ପ୍ରଦୀପ କୁମାର ପଣ୍ଡା

ଦ୍ୱାପର ଯୁଗରେ ମହାଭାରତ ଧର୍ମଯୁଦ୍ଧ ସମୟରେ ପାର୍ଥସାରଥି ଶ୍ରୀକୃଷ୍ଣ ପାର୍ଥଙ୍କୁ ଗୀତାଜ୍ଞାନ ସମୟରେ ଧର୍ମର ମହତ୍ତ୍ୱ ସମ୍ପର୍କରେ କହିଛନ୍ତି,

"ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ !
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମୀ ଯୁଗେ ଯୁଗେ ।"

(ଶ୍ରୀମଦ୍ ଭଗବତ୍ ଗୀତା ୪/୭-୮)

ଭଗବାନ ଶ୍ରୀକୃଷ୍ଣ ସଖା ଅର୍ଜୁନଙ୍କୁ କହୁଛନ୍ତି, ଧରାଧାମରେ ଯେତେବେଳେ ଧର୍ମର ଅଧପତନ ହୁଏ, ସାଧୁସନ୍ଥମାନେ କଷ୍ଟ ପାଆନ୍ତି, ଅଧର୍ମ ବଢ଼ି ବଢ଼ି ଯାଏ, ସେତେବେଳେ ମୁଁ (ବିଷ୍ଣୁ) ଅବତାର ଗ୍ରହଣ କରି ମ୍ଳେଚ୍ଛମାନଙ୍କୁ ସଂହାର କରି ସାଧୁସନ୍ଥମାନଙ୍କୁ ପାଳନ କରେ ଏବଂ ଅଧର୍ମକୁ ନାଶ କରି ପୃଥିବୀ ବକ୍ଷରେ ଧର୍ମ ସଂସ୍ଥାପନ କରେ ।

୬୨୩ ଖ୍ରୀଷ୍ଟ ପୂର୍ବ ସମୟରେ ଏହିପରି ପରିସ୍ଥିତିରେ ପରମକାରୁଣିକ ଗୌତମ ବୁଦ୍ଧ ଲୁମ୍ବିନୀ ଉଦ୍ୟାନରେ ଜନ୍ମ ଗ୍ରହଣ କରିଥିଲେ, ଯାହାଙ୍କୁ ବିଷ୍ଣୁଙ୍କର ନବମ ଅବତାର ଭାବରେ ବର୍ଣ୍ଣନା କରାଯାଇଛି । ଗୀତଗୋବିନ୍ଦ ରଚୟିତା ଏହାକୁ ସୁନ୍ଦର ଭାବରେ ଗୀତଗୋବିନ୍ଦରେ ଉଲ୍ଲେଖ କରିଛନ୍ତି,

ISSN NO.
2582-208X

"ନନ୍ଦସି ଯଜ୍ଞବିଧେରହହ ଶ୍ରୁତିଜାତମ୍

ସଦୟହୃଦୟ ଦର୍ଶିତପଶୁଘାତମ୍

କେଶବ ଧୃତବୁଦ୍ଧଶରୀର ଜୟ ଜଗଦୀଶ ହରେ।"

ଯେତେବେଳେ ଭାରତରେ ବୈଦିକ ସୂକ୍ତ ଗାନ କରି ଯଜ୍ଞ ବଳି ନାମରେ ଅଗଣିତ ପଶୁ ହତ୍ୟା କରାଗଲା, ସେତେବେଳେ ଭଗବାନ ବୁଦ୍ଧ ରୂପରେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଥିଲେ । ସେ ସମୟରେ ସମାଜରେ ଧର୍ମ ନାମରେ ଧରାପୃଷ୍ଠରେ ଭ୍ରଷ୍ଟାଚାର ବଢ଼ି ବଢ଼ି ଚାଲିଥିଲା । କୁଚକ୍ରୀମାନେ ଧର୍ମକୁ ଆଳ କରି ନାନା ପ୍ରକାର ବ୍ୟଭିଚାର କରୁଥିଲେ । ସଂସ୍କୃତରେ ଲିଖିତ ଧର୍ମ ସବୁକୁ ସ୍ୱାର୍ଥସାଧନ ନିମନ୍ତେ କଦର୍ଥ କରି ବ୍ୟାଖ୍ୟା କରୁଥିଲେ । ଦିନକୁଦିନ କୁସଂସ୍କାର ବଢ଼ି ଚାଲିଥିଲା । ଧର୍ମଧ୍ୱଜି ବ୍ରାହ୍ମଣମାନଙ୍କର କଠୋର ହିନ୍ଦୁଧର୍ମର ରୀତିନୀତି, ଆଚାର ବିଚାର ତଥା ନିୟମ ଶୃଙ୍ଖଳା ଯୋଗୁଁ ସାଧାରଣ ଲୋକେ ଅଣନିଃଶ୍ୱାସୀ ହୋଇ ପଡୁଥିଲେ । ଏହିପରି ସମୟରେ ଭଗବାନ ବୁଦ୍ଧ ଜନ୍ମଲାଭ କରିଥିଲେ । ତାଙ୍କ ପ୍ରଚାରିତ ବୌଦ୍ଧ ଧର୍ମ ଲୋକଙ୍କ କଥିତ ପାଲି ଭାଷାରେ ଥିବା ସହିତ ସାଧାରଣ ଜନତା ବୁଝିପାରିବା ଭଳି ସରଳ ବୋଧଗମ୍ୟ ଥିଲା ।

ଭଗବାନ ବୁଦ୍ଧ ନେପାଳର କପିଳବାସ୍ତୁ ଲୁମ୍ବିନି ଉଦ୍ୟାନରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଶୁଦ୍ଧୋଧନ ଓ ମାତାଙ୍କ ନାମ ମାୟାଦେବୀ । ରାଜା ଶୁଦ୍ଧୋଧନ ଥିଲେ ଶାକ୍ୟ ନାମକ ଏକ କ୍ଷତ୍ରିୟ ଜାତି । ପିତା ମାତା ଶ୍ରଦ୍ଧାରେ ନାମ ଦେଇଥିଲେ ସିଦ୍ଧାର୍ଥ । ପ୍ରବାଦ ଅଛି ଥରେ ରାଣୀ ଏକ ଅପୂର୍ବ ସ୍ୱପ୍ନ ଦେଖିଲେ । ଗୋଟିଏ ସୁନ୍ଦର ଧଳା ହାତୀ ନିଜ ଶୁଣ୍ଢରେ ଗୋଟିଏ ଧଳା ପଦ୍ମ ଧରି ରାଣୀଙ୍କ ପଲଙ୍କ ନିକଟକୁ ଆସିଲେ ଏବଂ ରାଣୀଙ୍କୁ ତିନିଥର ପ୍ରଦକ୍ଷିଣ କରି ତାଙ୍କ ଗର୍ଭରେ ପ୍ରବେଶ କଲେ । ମାୟାଦେବୀ ରାଜାଙ୍କୁ ଏହା କହିବା ପରେ ରାଜା ଶୁଦ୍ଧୋଧନ ପଣ୍ଡିତମାନଙ୍କୁ ଡକାଇ ସ୍ୱପ୍ନର ଅର୍ଥ ଜିଜ୍ଞାସା କଲେ। ପଣ୍ଡିତମାନେ ବିଚାରକରି ଏହା ଏକ ଶୁଭ ସ୍ୱପ୍ନ ଓ ଧର୍ମର ସଂକେତ ବୋଲି କହିଲେ। ଭବିଷ୍ୟତରେ ରାଣୀଙ୍କ ଗର୍ଭରୁ ଗୋଟିଏ ଅସାଧାରଣ ତେଜସ୍ୱୀ ଧାର୍ମିକ ପୁତ୍ର ଜନ୍ମଲାଭ କରିବାର ସୂଚନା ଦେଲେ । ମହାରାଣୀଙ୍କ ପ୍ରସବ ସମୟ ନିକଟ ହେବାରୁ ମାତୁଳାଳୟକୁ (ମାଆଁ ଘରକୁ ) ବାହାରିଲେ । ବାଟରେ ଥିବା ଲୁମ୍ବିନୀ ଉଦ୍ୟାନରେ ଗର୍ଭ ବେଦନା ବଢ଼ିବାରୁ ଗୋଟିଏ ଶାଳ ବୃକ୍ଷ ତଳେ ବିଶ୍ରାମ ନେଇଥିଲେ । ସେହି ସମୟରେ ସେଠାରେ ଭଗବାନ

ISSN NO.
2582-208X

ବୁଦ୍ଧଙ୍କ ଧରାବତରଣ ହୋଇଥିଲା । ଅସମୟରେ ଶାଳ ବୃକ୍ଷ ପତ୍ରପୁଷ୍ପରେ ପୂର୍ଣ୍ଣ ହୋଇ ଗୋଟିଏ ଶାଖା ତଳକୁ ନଇଁ ଆସି ତାଙ୍କୁ ଛାୟା ପ୍ରଦାନ କରିଥିଲା । ସେଦିନ ଥିଲା ବୈଶାଖ ମାସ ପୂର୍ଣ୍ଣିମା । ଏହାର ଠିକ୍ ସାତ ଦିନ ପରେ ମାୟାଦେବୀ ଇହଳୀଳା ସମ୍ବରଣ କଲେ। ଏହା ପରେ ଗୌତମଙ୍କ ଲାଳନପାଳନ ଦାୟିତ୍ୱ ପଡ଼ିଲା ମାଉସୀ ଗୌତମୀଙ୍କ ହାତରେ। ଗୌତମୀ ହେଲେ ତାଙ୍କ ପାଳିତ ମାଆ। ଗୌତମୀଙ୍କ ନାମ ଅନୁସାରେ ଶିଶୁଟିର ନାମ ହେଲା ଗୌତମ ।

ଏହି ଶିଶୁଟିର ଜନ୍ମ କୁଣ୍ଡଳି ପାଇଁ ରାଜା ଶୁଦ୍ଧୋଧନ ଆଠ ଜଣ ପଣ୍ଡିତଙ୍କୁ ଡକାଇଥିଲେ । ସେମାନଙ୍କ ନାମ ହେଉଛି ରାମ, ଧଜ, ଲକ୍ଷଣ, ମନ୍ତ୍ରି, ଭୋଜ, ସୁୟାମ, ସୁଦନ୍ତ ଓ କୋଣ୍ଡଣ । (ବୌଦ୍ଧ ଧର୍ମଗ୍ରନ୍ଥର ଭାଷ୍ୟରେ ଏହା ଉଲ୍ଲେଖ ରହିଛି) । ପ୍ରଥମ ସାତ ଜଣ ପ୍ରମୁଖ ବ୍ୟକ୍ତି ଶିଶୁଟି ରାଜଚକ୍ରବର୍ତ୍ତୀ କିମ୍ବା ସନ୍ନ୍ୟାସୀ ହେବେ। କିନ୍ତୁ ସେମାନଙ୍କ ମଧ୍ୟରୁ ସବୁଠାରୁ କନିଷ୍ଠ, ଯାହାଙ୍କ ନାମ ଥିଲା କୋଣ୍ଡଣ, ସେ କହିଥିଲେ ଶିଶୁଟି ନିଶ୍ଚିତ ଭାବରେ ସମସ୍ତ ମୋହ ତ୍ୟାଗ କରି ସନ୍ନ୍ୟାସୀ ହୋଇ ଜ୍ଞାନଲୋକ ପ୍ରାପ୍ତ ହେବେ । ମହାରାଜା ରାଜକୁମାରଙ୍କୁ ଖୁସିରେ ରଖିବା ସକାଶେ ଯଥାସାଧ୍ୟ ଚେଷ୍ଟା କରିଥିଲେ । ଶୀତ, ଖରା ଓ ବର୍ଷା ଋତୁରେ ଭୋଗବିଳାସ ପୂର୍ଣ୍ଣରେ ରହିବା ପାଇଁ ତିନୋଟି ସୁରମ୍ୟ ରାଜପ୍ରାସାଦ ରମ୍ୟ, ସୁରମ୍ୟ ଓ ଶୁଭ ନାମରେ ପୃଥକ୍ ଭାବରେ ନିର୍ମାଣ କରାଇଥିଲେ। ସେ ଆଠ ବର୍ଷ ବୟସରେ ପାଠପଢ଼ା ଆରମ୍ଭ କରିଥିଲେ, ତାଙ୍କ ଗୁରୁଙ୍କ ନାମ ଥିଲା ସର୍ବମିତ୍ର । ଏହାଙ୍କ ବ୍ୟତୀତ ଆଉ ଦୁଇ ଜଣ ଗୁରୁ ଥିଲେ ସୁଲଭ ଓ ସହଦେବ । ସୁଲଭ ତାଙ୍କ ଗୁରୁ ହେବା ସଙ୍ଗେ ସଙ୍ଗେ ତାଙ୍କ ମାମୁଁ ମଧ୍ୟ ଥିଲେ । ସେ ମାମୁଁ ସୁଲଭଙ୍କ ଠାରୁ ହାତୀମାନଙ୍କୁ ନିୟନ୍ତ୍ରଣ କରିବା ଶିକ୍ଷା କରିଥିଲେ ଓ ଗୁରୁ ସହଦେବଙ୍କ ଠାରୁ ଧନୁର୍ବିଦ୍ୟା ଶିକ୍ଷା କରିଥିଲେ । ସେ ଷୋହଳ ବର୍ଷ ସମୟରେ ରାଜା ସୁପ୍ରବୁଦ୍ଧଙ୍କର ଝିଅ ଯଶୋଧାରାଙ୍କୁ ବିବାହ କରିଥିଲେ । ରାଜକୁମାରୀ ଯଶୋଧାରାଙ୍କୁ ମଧ୍ୟ ଷୋହଳ ବର୍ଷ ବୟସ ହୋଇଥିଲା । କେବଳ ରାଜକୁମାରୀ ନୁହନ୍ତି ଏହାଙ୍କ ସହିତ ଆଉ ଛଅ ଜଣ ସେଇ ଏକା ଦିନରେ ଅର୍ଥାତ୍ ବୈଶାଖ ପୂର୍ଣ୍ଣିମା ଦିନ ଜନ୍ମ ହୋଇଥିଲେ। ସେମାନେ ହେଲେ ରାଜକୁମାର ସିଦ୍ଧାର୍ଥ, ସନ୍ନ୍ୟାସୀ ଆନନ୍ଦ, ମନ୍ତ୍ରୀ ଚନ୍ନ, ମନ୍ତ୍ରୀ କଲୁଦାଇ, କନ୍ଥକ ଅଶ୍ୱ, ଓ ଶ୍ରୀ ମହାବୋଧି ବୃକ୍ଷ ।

ସେ ନଗର ପରିଭ୍ରମଣ ସମୟରେ ପ୍ରଥମେ ଜଣେ ପକ୍ୱକେଶ ଓ କୁଞ୍ଚିତ ଚର୍ମଧାରୀ ବୃଦ୍ଧଙ୍କୁ ଭେଟିଥିଲେ। ପରବର୍ତ୍ତୀ ସମୟରେ ଜଣେ ରୋଗୀ ଓ ମଶାଣିକୁ ଯାଉଥିବା ଶବକୁ

ISSN NO.
2582-208X

ଭେଟିଥିଲେ ଏବଂ ଏହା ବିଷୟରେ ମନ୍ତ୍ରୀ ଚନ୍ନଙ୍କୁ ପଚାରି ଉତ୍ତର ପାଇଲାପରେ ଅତ୍ୟନ୍ତ ଦୁଃଖିତ ଓ ହତୋତ୍ସାହିତ ହୋଇଥିଲେ। ଜୀବନ ଯେ ଅସ୍ଥାୟୀ ଓ ଦୁଃଖପୂର୍ଣ୍ଣ ସେ ବିଷୟରେ ସେ ଗଭୀର ଭାବରେ ଚିନ୍ତାମଗ୍ନ ଥିଲେ । ପୁନର୍ବାର ପରବର୍ତ୍ତୀ ସମୟରେ ସେ ପ୍ରମୋଦ ଉଦ୍ୟାନକୁ ଯିବା ବାଟରେ ଗେରୁଆ ବସ୍ତ୍ରଧାରୀ ଜଣେ ସନ୍ନ୍ୟାସୀଙ୍କୁ ଦେଖିଥିଲେ । ସାରଥି ସନ୍ୟାସୀଙ୍କ ବିଷୟରେ ବର୍ଣ୍ଣନା କରି କହିଥିଲେ ଯେ ସନ୍ୟାସୀ ଜଣଙ୍କର ଜୀବନ ପ୍ରତି ବିତୃଷ୍ଣା ଭାବ ଆସିଛି ଏବଂ ସେ ଜୀବନ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଏକ ମାର୍ଗ ଖୋଜୁଛନ୍ତି । ଗୌତମ ବୁଦ୍ଧ ଦେଖିଥିବା ଉପରୋକ୍ତ ଚାରୋଟି ଦୃଶ୍ୟକୁ "ଚାରି ପ୍ରତୀକାତ୍ମକ ଦୃଶ୍ୟ" କୁହାଯାଏ । ସମୟ ଅନୁକ୍ରମେ ତାଙ୍କର ଏକ ପୁତ୍ର ସନ୍ତାନ ଜାତ ହୋଇଥିଲା । ଏହି ଖବର ଶୁଣିବା ପରେ ସେ ସ୍ୱତଃ ଉଚ୍ଚାରଣ କରିଥିଲେ "ରାହୁଲୋ ଜାତୋ ବନ୍ଧନନ ଜାତନ।" ଯାହାର ଅର୍ଥ ଏକ ଶିକୁଳି ଜନ୍ମ ନେଇ ଏକ ବନ୍ଧନ ସୃଷ୍ଟି କରିଛି । ରାଜକୁମାରଙ୍କ ଏପରି ମନ୍ତବ୍ୟ ବାର୍ତ୍ତାବହଙ୍କ ଠାରୁ ଶୁଣି ରାଜା ନବଜାତ ଶିଶୁର ନାମ "ରାହୁଳ" ରଖିଥିଲେ।

ସେ ଗୃହତ୍ୟାଗ ସମୟରେ ରାଣୀ ଯଶୋଧାରାଙ୍କର କୋଳରେ ପୁତ୍ର ରାହୁଳ ଶୋଇଥିବାର ଦୃଶ୍ୟ କିଛି ସମୟ ଦେଖିଲେ ଏବଂ ଗୃହତ୍ୟାଗ କଲେ । ସେଦିନ ଥିଲା ଶ୍ରାବଣ ପୂର୍ଣ୍ଣିମା ତିଥି । ସେତେବେଳେ ତାଙ୍କୁ ହେଉଥିଲା ଅଣତିରିଶ ବର୍ଷ ବୟସ । ନିଜର ସମସ୍ତ ଜିନିଷ ପରିତ୍ୟାଗ କରି ଚାଲି ଯାଇଥିବାରୁ ବୌଦ୍ଧ ଧର୍ମଗ୍ରନ୍ଥରେ ଏହାକୁ "ମହାପରିତ୍ୟାଗ" କୁହାଯାଇଛି । ସନ୍ନ୍ୟାସ ଗ୍ରହଣ ସମୟରେ ମନ୍ତ୍ରୀ ଚନ୍ନଙ୍କୁ ନିଜର ରାଜପୋଷାକ ଓ ଅଳଙ୍କାରମାନ ଦେଇଥିଲେ ଓ ରାଜପ୍ରାସାଦରେ ଫେରାଇ ଦେବାକୁ କହିଥିଲେ । ଏହାପରେ ସେ ଗୈରିକ ବସ୍ତ୍ର ପରିଧାନ କରି ତାଙ୍କର କେଶକୁ ନିଜର ରାଜକୀୟ ଖଡ୍ଗ ଦ୍ୱାରା କର୍ତ୍ତନ କରି ବାୟୁମଣ୍ଡଳକୁ ଫିଙ୍ଗି ଦେଇଥିଲେ ଏବଂ ସେ କହିଥିଲେ ଯଦି ସେ ଜ୍ଞାନଲାଭ ପ୍ରାପ୍ତହେବେ ତେବେ ତାହା ଭୂମି ସ୍ପର୍ଶ ନକରୁ। ଏହାପରେ ତାଙ୍କର କେଶରାଶି ବାୟୁମଣ୍ଡଳରେ ଭାସିରହିଥିଲା ଏବଂ ଦେବତାମାନଙ୍କର ରାଜା ତତ୍କ୍ଷଣାତ୍ ନେଇ ଯାଇଥିଲେ ଓ ତାକୁ ନେଇ ତୁଷିତ ନାମକ ସ୍ୱର୍ଗୀୟ ମଣ୍ଡଳକୁ ଯାଇ ଏକ ସ୍ତୁପ ନିର୍ମାଣ କରି ରଖିଥିଲେ ଯେଉଁ ସ୍ତୁପର ନାମ "ସିଲୁମିନସେୟ"। ଯଶୋଧାରା ବୁଦ୍ଧଙ୍କ ସନ୍ୟାସୀ ହେବା ଖବର ପାଇ ନିଜେ ମଧ୍ୟ ସନ୍ନ୍ୟାସୀନୀ ପରି ବେଶପୋଷାକ ପିନ୍ଧିବା ସହିତ ଏକ ବେଳା ଆହାର କରି ଭୂମିରେ ଶୟନ କରୁଥିଲେ । ସେ ସନ୍ନ୍ୟାସ ସମୟରେ ସେ ନିଜେ ନିଜଠାରୁ ଦୀକ୍ଷା ପ୍ରାପ୍ତ

ISSN NO.
2582-208X

ହେବାପରେ ନୈତିକତାର ଆଠଟି ଆଚରଣ ପାଳନ କରିବା ଆରମ୍ଭ କରିଥିଲେ ଯାହା "ଆଜୀବ ଅଷ୍ଟମକଶୀଳ" ଅଟେ । ଏ ଆଠଟି ହେଲା ମୁଁ ହତ୍ୟା, ଚୋରି, ବ୍ୟଭିଚାର କରିବାରୁ ନିବୃତ ରହିବି। ମୁଁ ମିଛ, ମନଗଢା କଥା, ଘୃଣାଜନକ କଥା, ଅର୍ଥହୀନ କଥା, କହିବାରୁ ନିବୃତ ରହିବି । ଏହା ସହିତ ମୁଁ ଅସତ୍ୟ ଉପାୟରେ ଜୀବିକା ନିର୍ବାହ କରିବାରୁ ନିବୃତ ରହିବାର ଶିକ୍ଷା ଗ୍ରହଣ କରୁଛି।

ଶେଷରେ ନିରଞ୍ଜନା ନଦୀ କୂଳରେ ଥିବା ଏକ ଅଶ୍ୱତ୍ଥ ବୃକ୍ଷମୂଳରେ ସେ ଗଭୀରଭାବରେ ଧ୍ୟାନମଗ୍ନ ହେଲେ। ସେଠାରେ ସେ ସାତଦିନ ସାତରାତି ନିରାହାରରେ ଗଭୀର ତପସ୍ୟା କରିଥିଲେ । କଥିତ ଅଛି ସେ ତପସ୍ୟା କରୁଥିବା ସମୟରେ ଭୟଙ୍କର ବୃଷ୍ଟି ହେଉଥିଲା । ଗୋଟିଏ ନାଗସାପ ତାଙ୍କ ଉପରେ ଫଣା ଟେକି ବର୍ଷାରୁ ତାଙ୍କୁ ରକ୍ଷା କରୁଥିଲା । ଶେଷରେ ସେ ତାଙ୍କର ଅଭିଷ୍ଟ ସିଦ୍ଧି ଲାଭ କଲେ । ତାଙ୍କର ମନେ ହେଲା ଏ ଜଗତରେ ଚାରୋଟି ସତ୍ୟ:- ଜୀବନ ଦୁଃଖ ପୂର୍ଣ୍ଣ, ଦୁଃଖର କାରଣ କାମନା, କାମନାର ବିନାଶରେ ଦୁଃଖର ବିନାଶ, କାମନାରୁ ନିବୃତ୍ତି ବିଶୁଦ୍ଧ ନୀତିମୟ ଜୀବନ ଯାପନ ଦ୍ୱାରା ସମ୍ଭବ। ଏହି କାମନା ତ୍ୟାଗକରି ଅଷ୍ଟାଙ୍ଗ ମାର୍ଗ (ଆଠଟିମାର୍ଗରେ) ବିଶୁଦ୍ଧ ନୀତିମୟ ଜୀବନଯାପନ କଲେ ମନୁଷ୍ୟ ଅକ୍ଷୟ ଆନନ୍ଦର ଅଧିକାରୀ ହୋଇପାରିବ। ଏହାର ନାମ ନିର୍ବାଣ। ଏହି ନିର୍ବାଣ ହେଉଛି ଜୀବନର ପରିପୂର୍ଣ୍ଣତା । ସେ ଏହି ସତ୍ୟର ଉଦ୍‌ଘାଟନ କରିପାରିଥିବାରୁ ସତ୍ୟର ଅନୁସନ୍ଧାନରେ ସଫଳ ହୋଇଥିବାରୁ ସେ ବୋଧି ବା ବୁଦ୍ଧତ୍ୱ ପ୍ରାପ୍ତ କଲେ। ତେଣୁ ତାଙ୍କୁ ଭଗବାନ ବୁଦ୍ଧ କୁହାଗଲା।

ନୂଆଁ ବରଙ୍ଗାମାଲ, ଯୁଯୋମୁରା,
ସମ୍ବଲପୁର - ୭୬୮୧୧୨,
ଦୂରଭାଷ-୯୯୩୭୩୯୬୭୭୮
ମେଲ panda.pradipkumar75@gmail.com

ISSN NO.
2582-208X

# ଦୁଇପଦ କଥାର କବିତା

ଅପର୍ଣ୍ଣ ସେଠୀ

ମନଟା ଆମର ଯେଉଁଠି ମିଶୁଛି
ସେଇଠି ସମ୍ପର୍କ ରହୁ,
ଇଜ୍ଜତ ନ ମିଳେ ଯେଉଁଠି ସେଠାରେ
ଏ ପାଦ ନ ପଡୁଥାଉ ।
ଯିଏ ଶୁଣେନାହିଁ କାହାରି କଥାକୁ
ତାକୁ ବୁଝାଇ କି ଲାଭ,
ସତକଥାରେ ଯେ ଖରାପ ଭାବନ୍ତି
ରଖନି ସେଠାରେ ଭାବ ।
କାହାର କାହିଁକି ଆତ୍ମବଡିମାକୁ
ଶୁଣିବାକୁ ଯିବା କୁହ,
ବରଂ ସେ ସମୟେ ନୀତିଶାସ୍ତ୍ରମାନ
ଅଧ୍ୟୟନ କରୁଥାଅ ।
ଯେଉଁ କଥା କେବେ ଭଲଲାଗୁନାହିଁ
ତାକୁ ଶୁଣି ଲାଭ ନାହିଁ,
ଯେଉଁ ଖାଦ୍ୟ ଦେହେ ହଜମ ହେଉନି
ସେ ଖାଦ୍ୟ ଖାଇବା କାହିଁ ?
ଗୋଠ ସଫା ଦେଖି ଗାଈଟିଏ ବରଂ
ହମ୍ବାରଡି ଦେଇ ପଶେ,
ଭଲ ପାଇବାଟା ମନ କିଣି ପାରେ
ଚତୁର୍ଦ୍ଦିଗକୁ ସେ ବାସେ ।
ବିନା ଆଦରର ଭୋଜନଟି ଲାଗେ
ଖାଇବାକୁ ସତେ ତୁଚ୍ଛା,
ଅଲାଜୁକ ସ୍ନାନ ସମ ଦୃଶ୍ୟମାନ
ନ ଥିଲେ ଖଣ୍ଡେ ଗାମୁଛା ।
ଜିନ୍ ପିନ୍ଧିବାକୁ ଇଚ୍ଛା ହେଉଥିଲେ
ଗେରୁଆ ନ ପିନ୍ଧ ନାହିଁ,
ହେଲେ ଅର୍ଦ୍ଧନଗ୍ନ ଚେହେରା ଦେଖାଇ
ଧର୍ମ ନଷ୍ଟ କର ନାହିଁ ।
ପାଠପଢି ନିଶ୍ଚେ ଚାକିରୀ କରିବା
କେଉଁ ଶାସ୍ତ୍ରେ ଅଛି ଲେଖା,
ବିନା ପଦବୀରେ ବିନା ଚାକିରୀରେ
(କ'ଣ )ହୋଇ ପାରିବନି ନେତା ?
ଯେଉଁ ରୋଗ ପାଇଁ ଯେଉଁ ଉପଚାର
ଭାବି ଚିନ୍ତି କଲେ ଭଲ,

ISSN NO.
2582-208X

ବୁଦ୍ଧି ବିଚାରକି କରମ କରିବା
ପଣ୍ଡିତ ଜନ ବେଭାର ।
ଆମେ ଚାରିଦିଗ ସିଆଣା ଭାବିଲେ
ସେଥିରେ କି ବାହାଦୂରୀ,
ମଣିଷ ଏଠାରେ ଗାଇଟିଏ ହେଲେ
ଦଇବ ପରା ଦଉଡ଼ି ।
ମାନବିକତାର ଦ୍ୱାହୀ ଦେଇ ଏଠି
ଗର୍ବ ଦମ୍ଭ ରଖିବାରେ,
ଲାଭ ନାହିଁ କିଛି ବରଂଏହା ଦେଖି
କାଳ ଅଟ୍ଟହାସ କରେ ।
ପ୍ରତ୍ୟେକ ମଣିଷ କରେ ନିଶ୍ଚେ ଦୋଷ
ହେଉ ଜାଣ ଅଜାଣତେ,
ସବୁ ଦୋଷ କିନ୍ତୁ କ୍ଷମା ହୋଇଯାଏ
ଭକ୍ତିଭାବ ଅନୁତାପେ ।
ତଥାପି କାହିଁକି 'ମୁଁ' ର ଗୁରୁତ୍ୱ
ଏଠି ସେଠି ଦେଖାଯାଏ,
ଏଇ 'ମୁଁ' କାର ମଣିଷକୁ ନିଶ୍ଚେ
ନରକକୁ ଟାଣି ନିଏ ।

ପାଳକଣା, କୋଉ୍ରେ,
କେନ୍ଦ୍ରାପଡ଼ା ମୋ - ୭୮୯୪୩୯୮୫୦୦

ISSN NO.
2582-208X



# ସକାଳ



ସୁହଂସ ଭେଇ

ପ୍ରଭାତୀ ସଂଗୀତ ଗାଏ କରଟକ
ତାଳ ଧରିଛି କୁକ୍କୁଟ
ନୀଳକଣ୍ଠ ନୃତ୍ୟ କରନ୍ତି ସହିତ
ନିଶି ଛାଡ଼ିଲାଣି ବାଟ...

ଧାଇଁ ପ୍ରଭଞ୍ଜନ ବନ ଉପବନ
କୁହଇ କୋରକ କାନେ
କୁଆଁରୀ କୋରକ ଫୁଟି ଯଉବନା
ସକାଳର ଆଗମନେ...

ସୂଜନ ଅରୁଣ କିରଣ କୃପାଣେ
ନାଶନ୍ତି ଶିଶିର ପ୍ରାଣ
ନିଶ୍ଚିତ ନିର୍ବାଣ ଆଶଙ୍କା କରିଣ
କୁଝ୍ଝଟୀକା ହୁଏ ଲୀନ...

ଶାଶୁ ନଣନ୍ଦଙ୍କ ଆକଟର ଭୟେ
ପରିଣୀତା ଛାଡେ ଖଟ
ଧରି ଖରକଣା ଓଲାନ୍ତି ଅଗଣା
ଦିଅନ୍ତି ଗୋବର ଛାଟ....

ISSN NO.
2582-208X

ସଜନୀ ସକଳ ହୋଇ ଦଳ ଦଳ
ଆଗ ପଛ ନଈକୂଳ
ଆଣିବେ ସେ ଜଳ  କଟୀରେ କଳସ
ଧରି ଚାଲନ୍ତି ସଅଳ

ଅର୍ଦ୍ଧ ନିମୀଳିତ ନୟନେ ବାଳୁତ
ଖୋଜେ ଜନନୀର କୋଳ
କିଶୋରୀ କଳିକା ନିଦ୍ରା ତେଜି ବାଲା
ସାଜେ କୁଟିଳ କୁନ୍ତଳ.....

ଶୃଙ୍ଖଳ ନହନ ହେଲେ ବିମୋଚନ
ଗୋଠ ମୁହାଁ ଗୋରୁପଳ
ସରସୀର ଜଳେ ମିଶିବା ପାଇଁକି
ବିକଳ ହୁଏ ମରାଳ..

ନିବାରିତ ଧରା ହୁଏ ଗତିଶୀଳ
ପରିବେଶ ମୁଖରିତ
ସକାଳର ମନ ଶୁଦ୍ଧ ପରିଚ୍ଛନ୍ନ
ଚିତ୍ତ ସଦା ଉଲ୍ଲସିତ...

ବିଜେପୁର, ବରଗଡ

ISSN NO.
2582-208X

# ଘର ଲେଉଟାଣୀ



ଅରୁଣ କୁମାର ତ୍ରିପାଠୀ

ଝିଅଟିର ନାମ ସଂଘମିତ୍ରା । ତ୍ରିପୁରା ରେ ଜନ୍ମ । ବାପା କପଡ଼ା ବ୍ୟବସାୟୀ ଥିବା ବେଳେ ମାଆ ଥିଲେ ଗୃହିଣୀ । ୬ ବର୍ଷ ସାନ ଭାଇଟିଏ ମଧ୍ୟ ଥିଲା ତାଙ୍କର । ସମସ୍ତେ ହସଖୁସିରେ ରହୁଥିଲେ । ସଂଘମିତ୍ରାର ଦେହର ରଙ୍ଗ ଟିକିଏ କଳା, କିନ୍ତୁ ଦେଖିବାକୁ ସୁନ୍ଦର । ମାତୃଭାଷା ବଙ୍ଗାଳି ହେଇଥିଲେ ମଧ୍ୟ ସେ ହିନ୍ଦି ଏବଂ ଇଂରାଜି ଖୁବ୍ ଭଲ କହିପାରେ । ଶିକ୍ଷାୟତନରେ ସମସ୍ତ ଶ୍ରେଣୀରେ ପ୍ରଥମ ହୁଏ ସେ । ଏଥିପାଇଁ ଶ୍ରେଣୀସାରା ସମସ୍ତେ ତା'କୁ ଇର୍ଷା କରନ୍ତି । କିନ୍ତୁ ତନୁର ଏହାପ୍ରତି ଜମା ନିଘା ନଥାଏ । ସଂଘମିତ୍ରାକୁ ତା' ମାଆ ତନୁସୁନ୍ଦରୀ ଡାକନ୍ତି । ଠାକୁରାଣୀ ତ୍ରିପୁରା ସୁନ୍ଦରୀଙ୍କ ଆଶୀଷରୁ ତା' ଜନ୍ମ ବୋଲି ସେହିଭଳି ଡାକ ସଂଘମିତ୍ରକୁ ଶୁଣିବାକୁ ମିଳେ ।

ଏମିତିରେ ତା'ର ଜଣେ ଅନ୍ୟଧର୍ମର ଝିଅ ସହ ଦୋସ୍ତି ହେଇଗଲା, ଯାହା ନମଥିଲା ଆସିୟା। ସିଏ ଦେଖିବାକୁ ବହୁତ ତୋଫା ଆଉ ତନୁପାତଳୀ ମଧ୍ୟ । ଉଭୟଙ୍କ ଯୋଡ଼ି ଖୁବ୍ ଜମୁଥାଏ । ଉଭୟରେ ଗୋଟିଏ ପ୍ଲେଟ୍ ରେ ଲଞ୍ଚ୍ ମଧ୍ୟ କରନ୍ତି । ଦିହେଁ ଉଭୟଙ୍କ ଘରକୁ ଯିବା ଆସିବା କରନ୍ତି । ଏହି ଭିତରେ ଆସିୟାର ଭାଇ ଆଦିଲ୍ ତାକୁ ଦୁଇ ଥର ପ୍ରୋପଜ୍ କରିସାରିଥିଲା । ଦେଖିବାକୁ ସେ ଖୁବ୍ ପତଳା, ଉଜ୍ଜ୍ୱଳ ଆଖି, ହାତ କଟିଂ ଟି ସାର୍ଟ ପିନ୍ଧିଥିଲେ, ବ୍ୟାୟାମଶାଳା ଯାଉଥିବା ଟାଟୁଯୁକ୍ତ ହାତ ଦେଖିହୁଏ । ଗୋରା ହେଇ ସୁନ୍ଦର ପିଲାଟେ ତା' ଭଳି ତଥାକଥିତ ଅସୁନ୍ଦର ଝିଅକୁ କାହିଁକି ବା ପସନ୍ଦ କରିବ ତା' ମଗଜରେ ପଶୁ ନଥାଏ । ଏମିତିରେ ଆସିୟା ସବୁବେଳେ ତା' ଭାଇର ପ୍ରଶଂସା କରୁଥାଏ ।

ISSN NO.
2582-208X

ସେସବୁ କଥାରେ ତନୁର ମନ ଆଦିଲ୍ ଆଡ଼କୁ ଝୁଙ୍କ୍ ନେଉଥାଏ । ଦିନେ ସେ ଆସିୟା ଘରକୁ ଯିବା ସମୟରେ ଦେଖିଲା, ଆଦିଲ୍ ବିଛଣାରେ ଶୋଇକି ପାଣି ପାଣି ହଉଛି । କପାଳରେ ପାଣିପଟି ପଡ଼ିଥିଲା । ଆସିୟା ବୋଧେ ଗାଧେଇବାକୁ ଯାଇଥିଲା କି କ'ଣ, କିନ୍ତୁ ତନୁ ତାକୁ ଫୋନ୍ କରି ଆସିଥିଲା । କଲିଂ ବେଲ୍ ମାରି ଦେଖିଲା ବେଳକୁ କବାଟ ଖୋଲା । ତା ସହିତ କଣ ଘଟିବାକୁ ଯାଉଛି, ସେ କିଛି ଭାବି ପାରୁ ନଥିଲା । ଆଦିଲ୍ କୁ ଦେଖି ତା ଦୟାର୍ଦ୍ର ହୃଦୟରେ କରୁଣା ଜାତ ହେଲା । ପାଖରେ ଥିବା ଜାର୍ ରୁ ପାଣି କାଢି ପାଖରେ ଥୁଆ ହେଇଥିବା କାଚ ଗିଲାସରେ ନେଇ ଆଦିଲ୍ କୁ ଡାକଦେଲା । ସେ ନଉଠିବାରୁ ତା ପିଠିରେ ହାତ ଦେଇ ଅଳ୍ପ ଆଉଜେଇ ଢକ ଢକ କରି ପିଆଇଦେଲା । ଆଦିଲ୍ କୁ ତଥାପି ହୋସ୍ ନଥାଏ । ତନୁ ତା ମଥାରେ କିଛି ସମୟ ପାଣିପଟି ଦେଲା । ଏତେ ସୁନ୍ଦର ପିଲାଟା ଏତେ ଦୁର୍ବଳ ହେଇଗଲା ଭାବି ତନୁର ଆଖି ଓଦା ହେଇଆସୁଥାଏ । ୧୬ ନମ୍ବର ପାଣିପଟି ଦେବା ବେଳକୁ ଆଦିଲ୍ ର ହୋସ୍ ଆସିଥାଏ । ସେ ତନୁକୁ ଦେଖି ବଡ଼ପାଟିରେ କାନ୍ଦି କୁଣ୍ଢେଇ ପକଉଥାଏ । ତମେ ଆସିଗଲ, ମୁଁ ପୁରା ସୁସ୍ଥ ହେଇଯିବି । ମୁଁ ଆଉ ସ୍ୱପ୍ନ ଦେଖୁନାହିଁ ତ କହି ସେ ନିଜକୁ ଚିମୁଟି ପକାଉଥାଏ । ପୁଣି କାନ୍ଦୁଥାଏ, ପୁଣି ହସୁଥାଏ । ତାପରେ ବିଶ୍ୱାସ କରି ତନୁକୁ ଛାତିରେ ଜାବୁଡ଼ି ଜୋର୍ ରେ ରଡ଼ି କରି ଆଇ ଲଭ୍ ୟୁ କହୁଥାଏ । ତମେ ମୋତେ ଆଉ ଛାଡ଼ି ଯିବନି ତ ଜାନ୍ କହି ସେ କୋହ ସମ୍ବରଣ କରୁଥାଏ । ତନୁଠେ ମଧ୍ୟ ଅଜଣା ଶୀହରଣ ଖେଳିଯାଇଥାଏ । ସେ ନିଜର ସୁମଧୁର କଣ୍ଠରେ କହୁଥାଏ, ନହିଁ ବାବା, ହମ୍ ଆପ୍ କୋ ଛୋଡ଼୍ କର୍ କହିଁ ନହିଁ ଯାଏଙ୍ଗେ ବାବା । ଆପ୍ ବେ ଫିକର୍ ରହୋ, ହମ୍ ଆ ଗଏ ହେଁ ନା, ସବ୍ ଅଚ୍ଛା କର୍ ଦେଙ୍ଗେ । ଏମିତିରେ ପରସ୍ପର କିଛି କ୍ଷଣ ଆଲିଙ୍ଗନରେ ବଦ୍ଧ ହେଇ ରହିଲେ । ତେଣେ ଆସିୟା ପରଦା ପଛରେ ରହି ଖଣ୍ତିକାଶ ଦେଲା; ଉଭୟେ ନିଜକୁ ସଂଜତ କରିନେଲେ । ତନୁ ନିଜ ଓଠକୁ ପୋଛି ପକାଉଥାଏ, ତା' ଖସିଯାଇଥିବା ଲିପିଷ୍ଟିକ୍ ଧାରକୁ ମଧ୍ୟ । ଏମିତିରେ ଆରମ୍ଭ ହେଇଗଲା ଉଭୟଙ୍କ ପ୍ରେମ କାହାଣୀ । ଦିନରାତି ଏକ କରି ଉଭୟେ ପରସ୍ପରକୁ ଡେଟ୍ କଲେ ।

ଏମିତିରେ ତନୁର ସ୍ନାତକ ଶିକ୍ଷା ସରିଗଲା । ସେ ପାଖ ସହରକୁ ବିଏଡ୍ କରିବା ନିମନ୍ତେ ଚାଲିଗଲା । ଉଭୟେ ପରସ୍ପର ସହ ଫୋନ୍ ରେ ନିୟମିତ କଥା ହୁଅନ୍ତି, କିନ୍ତୁ ଦେଖା କରିପାରୁନଥିବାରୁ ବହୁତ ବିସ୍ତାପ ହୁଅନ୍ତି । ଏମିତି ତିନିମାସ ଚାଲିଗଲା । ଦିନେ ସକାଳୁ ସକାଳୁ ତନୁ ରହୁଥିବା ବସାର କବାଟ୍ ଠକ୍ ଠକ୍ ହେଲା । କୌନ୍ ହେ କମ୍ବକତ୍ ସୁଭା

ISSN NO.
2582-208X

ସୁଭା କହି କବାଟ ଖୋଲୁ ଖୋଲୁ ସେଯାହା ଦେଖିଲା ତା ଆଖିକୁ ବିଶ୍ୱାସ କରିପାରୁନଥିଲା । ଇସ୍ତ୍ରିକରା ପୋଷାକ ସହ ବ୍ଲେଜର୍ ପିନ୍ଧି ଗୋଛାଟେ ନାଲି ଗୋଲାପ ଯୁକ୍ତ ଫୁଲତୋଡ଼ା ଧରି ହାଜର ହେଇଥିଲା ଆଦିଲ୍ । କ୍ୟା ବାବୁ ଫୋନ୍ ବି କିଏ ନହିଁ କହି ସେ କଇଁ କଇଁ କାନ୍ଦି ଆଦିଲ୍ ବେକରେ ସାମ୍ନାପଟୁ ଲାଉ ହେଇଗଲା । ଛୋଡୋ ଜାନେମନ୍, ମେରା ସୁଟ୍ ମେ ମୋଚ୍ ଆଜାଏଗି ବେବି, ଆଜ୍ ମୁଝେ ଷ୍ଟେଟ୍ ବ୍ୟାଙ୍କ୍ ମେଁ ବୋତର୍ ପିଓ ଜଏନ୍ କରନା ହୈ। ସଚ୍ଚି ବେବି ? ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଆଦିଲ୍ କହିଲା ମୁଚ୍ଚି I ଏହି ଖୁସିରେ ଉଭୟଙ୍କ ଗଜରି ଆସୁଥିବା ସମ୍ବେଦନଶୀଳତା ଲିପଲକ୍ ରେ ସମାପ୍ତ ହେଲା ।

ତନୁ ଭାବୁଥିଲା ତାର ଆଉ କିଛି ମାନସିକ ବିସ୍ଥାପ ହେବନାହିଁ । ଆଦିଲ୍ ଆଜିଠୁ ତା ସ୍ୱପ୍ନର ସହର ରେ ବସବାସ କରିବା । ଉଭୟେ ନିତି ଭେଟନ୍ତି । ଆଦିଲ୍ ତନୁକୁ ତା କଲେଜ ଡ୍ରପ୍ କରିକିଏ । ଫେରିଲା ବେଳକୁ ନେଇକି ଆସେ । ତନୁର ପରୀକ୍ଷା ଥିଲେ ସେ ୩ ଘଣ୍ଟା କାଳ ବାହାରେ ଅପେକ୍ଷା କରେ । ପରୀକ୍ଷା ହଲ୍ ରୁ ଦୌଡ଼ି ଦୋଡ଼ି ଆସି ସେ ଆଦିଲ୍ ସାମ୍ନାରେ ଏହିଭଳି ରହିଯାଏ, ଯେମିତି କି ତାଙ୍କ ଦୁହିଁଙ୍କ ଭିତର ଦେଇ ପବନ ମଧ୍ୟ ଯାଇପାରିବ ନାହିଁ । ଉଭୟଙ୍କ ଅଙ୍ଗମାନେ ପରସ୍ପରକୁ ଆବିଷ୍କାର କରନ୍ତି । ତା ପରେ ସେମାନେ ତନୁର ବସାକୁ ଯା'ନ୍ତି । ସେଠି ତନୁ ନିଜକୁ ସମର୍ପି ଦିଏ, ଆଦିଲ୍ ର ଲୋଲୁପ ମିଶା କରୁଣ ଦୃଷ୍ଟିରେ । କିନ୍ତୁ ତନୁ ଗୋଟିଏ ସୀମା ନିର୍ଦ୍ଧାରଣ କରିଥାଏ । ପେଟ ତଳକୁ ମୋ ଜମା ଛୁଇଁବ ନାହିଁ, ଉପରେ ଯାହା କରିବ କର । ସବୁ ଜିନିଷର ସମୟ ଥାଏ, ସମୟ ଆଗରୁ କିଛି ଏମିତି ମୁଁ କରିବାକୁ ଚାହେଁନି ଯେଉଁଥିପାଇଁ ମୋତେ କାଳେ ପସ୍ତେଇବାକୁ ପଡ଼ିବ । ଆଦିଲ୍ ମଧ୍ୟ ତନୁର କଥାକୁ ସମ୍ମାନ ଦିଏ । ନାହିଁ ମାମୁଁ ଠାରୁ କଣାମାମୁଁ ଭଲ ନ୍ୟାୟରେ ସେ କୃତ୍ରିମ ପାହାଡ଼ ଯୋଡ଼ିକର କ୍ଷେତ୍ରଫଳ ବଢେଇବାରେ ଲାଗିଥାଏ । ଏମିତିରେ ପ୍ରେମପକ୍ଷୀ ଦୁହେଁ ମୁକ୍ତ ଆକାଶର ବିହଙ୍ଗ ଭଳି ଖେଳିଚାଲିଲେ ନିଜ ଲିଳାଖେଳା । ଉଭୟେ ପରସ୍ପର ର ଯତ୍ନ ନିଅନ୍ତି । ଆଦିଲ୍ ର ମାଆ ସହରକୁ ଚିକିତ୍ସା ପାଇଁ ଆସିଲେ ତନୁର ବସାରେ ରହନ୍ତି । ଆସିୟା ର ସାଙ୍ଗ ଭାବେ ହିଁ ସେ ତନୁକୁ ଜାଣନ୍ତି। ତନୁର ଛୋଟ ଭାଇ ମଧ୍ୟ ଆଦିଲ୍ ସହ କଥାବାର୍ତ୍ତା କରେ, ତା' ଠୁ ଦାମି ଗିଫ୍ଟ ସବୁ ନିଏ, ସମ୍ପର୍କରେ ବାନ୍ଧି ହେଇନଥିବା ଶାଳକ ଜାମାତା ଯୋଡ଼ି ବେସ୍ ମଉଜ କରନ୍ତି । ସେହି ସମୟରେ ତନୁର ଭାଇ ରାହୁଲ୍, ଯାହାକୁ ସେ ଚୁହା ବୋଲି ଡାକେ, ହଠାତ୍ ଡିପ୍ରେସନ କୁ ଚାଲିଗଲା । ପୂର୍ବବତ୍ ଖୁସି ତା'ର ଆଉ ରହିଲା ନାହିଁ । ଏମିତିକି ତାକୁ ହାତରେ

ISSN NO.
2582-208X

ଖୁଏଇବାକୁ ପଡ଼ିଲା । ପଢ଼ି ଖେଳି ଖେଳି ବୋଧେ ସିଏ ସମୟ ନଷ୍ଟ କରିଦେଇଥିଲା, ତେଣୁ ପରୀକ୍ଷା ନିମନ୍ତେ ଏହିଭଳି ହେଇଗଲା ବୋଲି ତନୁ ଅବଜରଭେସନ କରେ । ତା ବାପାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟ ଆସ୍ତେ ଆସ୍ତେ ବିଗିଡ଼ିବାକୁ ଲାଗିଲା । ତାଙ୍କ ହସଖେଳର ସଂସାର ରେ ସତେକି କାହା ନଜର ଖେଳିଗଲା । ମାସକୁ ଅନୁନ୍ୟ ଥରେ ବଡ଼ମେଡିକାଲ୍ କୁ ନଗଲେ ତାଙ୍କର ହୁଏନି । ଏଣେ ଏହି ପରିସ୍ଥିତିରେ ଆଦିଲ୍ ତନୁକୁ ବହୁତ ମାନସିକ ସହାୟତା କରେ । ତନୁ ଜାଣିଥିଲା, ଯଦିଓ ଆଦିଲ୍ ରୋଜଗାର ବାଲା, କିନ୍ତୁ ସେ ଟଙ୍କାଟିଏ ମଧ୍ୟ ଆଦିଲ୍ ଠାରୁ ନିଏ ନାହିଁ । କହେ ସେମିତି କହିଲେ ବାବୁ ତୁମେ ଭାବିବ ତନୁ ତୁମକୁ ପଇସା ପାଇଁ ବ୍ୟବହାର କରୁଛି । ଆଦିଲ୍ ମଧ୍ୟ ତନୁ କଥାକୁ ସମ୍ମାନ ଜଣାଏ । କିନ୍ତୁ ଏହିଭିତରେ ଆଦିଲ୍ ତନୁକୁ ବାରମ୍ବାର ଶାରୀରିକ ସମ୍ପର୍କ ନିମନ୍ତେ ବାଧ୍ୟ କଲା । ଯାହାର ସୀମା ତନୁ ନିର୍ଦ୍ଧାରଣ କରିଥାଏ, ତା' ଠୁ ହଟେଇବା କାହା ପକ୍ଷରେ ମଧ୍ୟ ସମ୍ଭବ ନଥାଏ । ସେ ସଫା ସଫା ମନା କରେ, ତାଙ୍କ ମଧ୍ୟରେ ଯୁକ୍ତି ତର୍କ ମଧ୍ୟ ହୁଏ । ଦିନେ ଆଦିଲ୍ ବହୁତ ଅନୁନୟ ବିନୟ ହେଇ ସେଥିନିମନ୍ତେ ବିକଳରେ କହିଲା । କିନ୍ତୁ ତନୁ ପ୍ରତ୍ୟୁତ୍ତର ରେ କହିଲା, ବେବି ତମକୁ ଯଦି ସେୟା ଦରକାର, ତେବେ ତୁମେ ସେମିତି ଜଣଙ୍କୁ ଖୋଜିନିଅ, ଯିଏ ତୁମର ସେସବୁ ଆବଶ୍ୟକତା ପରିପୂରଣ କରିପାରୁଥିବ । କିନ୍ତୁ ଗୋଟିଏ ଅନୁରୋଧ, ସେମିତି କଲେ ମୋତେ ଜଣେଇଦେବ ଯେ, ତୁମେ ସେହିଭଳି କରୁଅଛ । ତୁ କ୍ୟା କେହ ରହି ହେଁ, ତନୁ ଜାନ୍, ହମ୍ ଐସା କଭିଭି ସୋଚ୍ ନହିଁ ସକେଙ୍ଗେ । ଏମିତିରେ ତାଙ୍କ ସମ୍ପର୍କ ତିଷ୍ଠିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଇସାରିଥିଲା । ତନୁକୁ ତାଙ୍କ ଘରେ ଲାଗିରହିଥିବା ଅସୁବିଧାମାନ ମଧ୍ୟ ଘାରି ରହୁଥାଏ । ସେ ଜୀବନରେ ଅନେକ କିଛି ପରିବର୍ତ୍ତନ କଲା, କିନ୍ତୁ ସୁଧାରି ପାରିଲା ନାହିଁ । ଏହି ଭିତରେ ଜଣେ ବାବାଙ୍କ ସହ ତନୁର ଦେଖାହୁଏ, ସେ ସେଦିନ ଇଗ୍ନୋର ଆଞ୍ଚଳିକ କେନ୍ଦ୍ର ଅଗରତାଲାକୁ ସମାବର୍ତ୍ତନ ଉତ୍ସବ ନିମନ୍ତେ ଯାଇଥାଏ । ସେ ବାବାଙ୍କୁ ଦେଖି ତନୁ ମନରେ ଏକ ଅଜଣା ଭକ୍ତି ଆସିଯାଇଥାଏ । ସେ ତାଙ୍କୁ କିଛି ନକହି ଅନ୍ୟ ମାନଙ୍କ ଭଳି ସେହି ଚାନ୍ଦିନି ତଳେ ସାଷ୍ଟାଙ୍ଗ ପ୍ରଣିପାତ ଜଣେଇଲା । ବାବା କିଛି ନପଚାରି କହିଦେଲେ, ତୁମେ ଭିନ୍ନ ଜାତିର ଯୁବକ ସହ ପ୍ରେମାଳାପ କରିବାରୁ ତୁମ ଗୃହରେ ପିତୃଦୋଷ ସୃଷ୍ଟି ହେଇଅଛି, ଯାହାକୁ ତୁମେ ନିଜ ହାତରେ ସୁଧାରିପାର । ପୁଣି ଗମ୍ଭୀର ହେଇଗଲେ ମୁନୀବର !

ISSN NO.
2582-208X

ସେଠୁ ଗଭୀର ଚିନ୍ତନ କରି, ତନୁ ନିଜ ଘରକୁ ଫେରି ଆସିଲା । ସେତେବେଳକୁ ତା' ପାଠପଢା ସରିଆସିଥାଏ, ଘରେ ରହି ସେ ନିଜକୁ ଏବଂ ପରିବାରକୁ ସମ୍ଭାଳିବା ନିମନ୍ତେ ଗୁଗୁଲ୍ ରୁ ଅନେକ ତଥ୍ୟ ଖୋଜିଲା । କୃଷ୍ଣମନ୍ତ୍ର ସହକାରେ ସେ ନିତି ନିଜ ଘର ପୋଛେ । ଆଦିଲ୍ କୁ ଦିନେ ବ୍ରେକ୍ ଅପ୍ କରିବା ନିମନ୍ତେ ସଫଳ ପ୍ରଯତ୍ନ କରିପକେଇଲା । ଆଦିଲ୍ କିନ୍ତୁ ନଛୋଡବନ୍ଧା ଥିଲା, ସେ ଆଜିବି ନିୟମିତ ବ୍ୟବଧାନରେ ପେଚ୍ ଅପ୍ ନିମନ୍ତେ କଲ୍ କରେ, ଉଭୟରେ ପରସ୍ପର ର ସୁଖଦୁଃଖ ସେୟାର୍ କରନ୍ତି, କିନ୍ତୁ ଖିର ହାଣ୍ଡିରେ ଦହି ଟୋପାଏ ପଡ଼ିଲା ଭଳି, ସମ୍ପର୍କରେ ପୂର୍ବ ମଧୁରତା ନଥାଏ । ଆସ୍ତେ ଆସ୍ତେ ତନୁ ସାମାଜିକ ଗଣମାଧ୍ୟମଠାରୁ ଦୂରେଇଗଲା । ଆଦିଲ୍ ର ଫୋନ୍ ମଧ୍ୟ ବ୍ଲକ କରିଦେଲା । ବିଭିନ୍ନ ମୋଟିଭେସନାଲ୍ ଭିଡ଼ିଓ ସବୁ ଦେଖି ସେ ନିଜକୁ ପ୍ରତିଯୋଗୀତା ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଚଳେଇଲା । ତାର ରିଙ୍ଗ୍ ଟୋନ୍ ଯାହା ବେବି କୋ ବେସ୍ ପସନ୍ଦ ହୈ ଥିଲା, ସେୟା ରାଧା ରମଣ ହରି ଗୋବିନ୍ଦ ଜୟେ ରେ ରପାନ୍ତରିତ ହେଲା । ଆସ୍ତେ ଆସ୍ତେ ତା ବାବୁଜୀ ଏବଂ ଚୁହାର ଦେହ ମଧ୍ୟ ଭଲ ହେଇ ଆସୁଥାଏ । ସେମାନଙ୍କ ଛୋଟିଆ ସଂସାର ପୁଣି ହସିଉଠିଲା । ସେହି ବର୍ଷ ତନୁ ସରକାରୀ ଶିକ୍ଷକ ଭାବେ ମଧ୍ୟ ନିଯୁକ୍ତି ପାଇଗଲା, ଯାହା ଛଅ ବର୍ଷର ପ୍ରେମସମ୍ପର୍କ ପାଇଁ ହେଇପାରୁନଥିଲା । ଏହି ଭିତରେ ବିକାର ସବୁ ତନୁକୁ କ୍ଷତି ପହଁଚେଇବାକୁ ଚାହାନ୍ତି, କିନ୍ତୁ ସେ ମନକୁ ଭାଗବତର ନିମ୍ନ ଉକ୍ତିରେ ପୋଷ ମନେଇ ନେଇଥିଲା, ମନରୁ ମୂଳେ ଏ ଜଗତ, ପ୍ରାଣୀ ହୁଅନ୍ତି ଆତଯାତ ।

କାର୍ଯ୍ୟକାରୀ ସମ୍ପାଦକ
ଜୟପୁର ସାହିତ୍ୟ ପରିବାର
କଥା ହୁଅନ୍ତୁ : ୯୦୭୮୮୩୮୭୨୭

ISSN NO.
2582-208X

# ସାବଧାନ
# ଅଂଶୁଘାତକୁ



ବିକାଶ କୁମାର ହୋତା

ମାଆ କହୁଛନ୍ତି  ପୁଅ ପାଶେ ଆସି
ଟିକେ ଶୁଣୁ ମୋର ଧନ
କଥା ମାନିଲେ ମୋ ସୁନା ପୁଅ ହେବୁ
ଶୁଣିଲେ ତୁ ଦେଇ ମନ  ।।(୧)
ଚାଳିଶି ଡ଼ିଗିରି ଉପରେ ହେଲାଣି
ବଢ଼ିକି ସହର ତାପ
ଖରାରେ ଦେହଟା ଜଳିଯିବ ତୋର
ବୁଲିବୁନି ମୋର ବାପ  ।।(୨)
ଖରାରେ ଖେଳେନା କ୍ରିକେଟ ଜମା ତୁ
ଖେଳେ ନାହିଁ କିଛି ଖେଳ
ସାବଧାନ ହେଲେ କଷ୍ଟ ପାଇବୁନି
ଥାଉ ଥାଉ ଏବେ ବେଳ  ।।(୩)
ତରଭୁଜ, ଦହି, କାକୁଡ଼ି, ପଣା କୁ
ଖୁସି ରେ ଆହାର କର
ଅଂଶୁଘାତ ଜମା ପାଶ ମାଡ଼ିବନି
ହୋଇବ ତୋ ଉପକାର  ।।(୪)
ବହିରେ ପଢ଼ିଛୁ ବୈଶାଖ ଜ୍ୟେଷ୍ଠ ରେ
ହୁଅଇ ପ୍ରଚଣ୍ଡ ତାପ

ISSN NO.
2582-208X

ବୁଝି ସୁଝି ତୁହି ଅବୁଝା ହେଉଛୁ
ଭାବୁଛୁ କି ଏହା ଗପ ।।(୫)
ଦଶଟା ପରଠୁ ଘରେ ତୁ ରହିବୁ
ବିଜ୍ଞାନେ ଏହା ବାରଣ
ଅମାନିଆ ହେଲେ ହୋଇଯିବ ପରା
ଅଂଶୁଘାତ ର କାରଣ ।।(୬)
ଦରକାର ବେଳେ ବାହାରକୁ ଯିବୁ
ଛତା, ଜୋତା ସାଥେ ଧରି
ମୁଣ୍ଡରେ ଗାମୁଛା କଳା ଚଷମା ଟେ
ବୋତଲରେ ପାଣି ଭରି ।।(୭)
ଏହି ଦୁଇ ମାସ ଜଗିକି ଚଳିବୁ
ଅଂଶୁଘାତ ହେବ ନାହିଁ
ମାଆ କଥା ତୋର ମାନିବୁରେ ଧନ
ସୁନା ପିଲା ଟିଏ ହୋଇ ।।(୮)

ଦକ୍ଷିଣକାଳୀ ରୋଡ୍,ବିଦ୍ୟାନଗର,
ଢେଙ୍କାନାଳ, ୭୦୦୮୯୨୮୭୯୮

ISSN NO.
2582-208X

# ଦୂରତା



ସିଦ୍ଧେଶ୍ୱର ତ୍ରିପାଠୀ

କେମିତି ଡାକିବି ତୁମକୁ ମୁଁ ଆଉ
ଗୋପନେ ଭେଟିବା ପାଇଁ
ତୁମେତ ସିଂଥିରେ ଭରିଛ ସିନ୍ଦୂର
ଆଉକାହା ହାତ ଛୁଇଁ ।

କହି ପାରିବିନି ପୀରତିର ଭାଷା
ଛୁଇଁ ପାରିବିନି ଦେହ
ନିରୋଳା ସଂଜରେ ସେଇ ନଈ କୂଳେ
କହି ପାରିବିନି ରୁହ ।

କୋଳେଇ ନେବାକୁ ଆଖିର ଇଶାରା
ଆଜି ଆଉ ଦିଅ କାହିଁ
ତୁମେତ ସିଂଥିରେ ଭରିଛ ସିନ୍ଦୁର
ଆଉକାହା ହାତ ଛୁଇଁ ।

ମଲା ସପନରେ କାହିଁକି ଛିଞ୍ଚୁଛ
ପ୍ରେମ ମନ୍ତ୍ର ସଂଜୀବନି
ଆଗୋ ମରୀଚିକା ହେବି ଲୋକହସା
ଯମା ସହିପାରିବିନି ।

ତୁମ ସାହାନାଇ କାପାଇଁ ବାଜିଲା
ଯାହା ଲେଖିଥିଲା ବିହି
ତୁମେତ ସିଂଥିରେ ଭରିଛ ସିନ୍ଦୁର
ଆଉକାହା ହାତ ଛୁଇଁ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

## ଭାଗ-୧୪

ପୁନର୍ବାର ପ୍ରଶିକ୍ଷଣ ନିମନ୍ତେ ଚାଲିଗଲା ସତ୍ୟ। ଗ୍ରୀଷ୍ମର ପ୍ରଖର ତାପ ଅସହ୍ୟ ହେଉଥିଲେ ମଧ୍ୟ ଯାହା ଥିଲା କରିବାକୁ ବାଧ୍ୟ। ସାଙ୍ଗ ସାଥି ମେଳରେ ଦିନ ଅତିବାହିତ ହେବାକୁ ଲାଗିଲା। ତାଲିମ ଶିବିରର ଦିବସ ଯେତେ ସରି ସରି ଆସୁଥିଲା ସେତେ ଖୁସି ଲାଗୁଥିଲା ତା'କୁ। ଟ୍ରେନିଂ କେବେ ସରିବ, ସେହି ପ୍ରେୟସୀ ମାଳତିକୁ କେବେ ଭେଟିବ ଏଇ କଥା ଭାବୁଥାଏ ସବୁବେଳେ। କିଛି ଦିନ ପରେ ପ୍ରଶିକ୍ଷଣ ସରିଗଲା। ସେଠାରୁ ଫେରି ଆସିଲା ସତ୍ୟବ୍ରତ।

ମରୁ ଉଦ୍ୟାନର ଉପତ୍ୟକାରେ ପ୍ରସ୍ଫୁଟିତ ସେହି କୁସୁମ ମାଳତିକୁ ଦେଖିବାର ବହୁତ ଇଚ୍ଛା ହେଲା। ତା'ର ସୁକୋମଳ ହସ୍ତର ଅପୂର୍ବ ପରଶ ପାଇବାର ଅଦମ୍ୟ ଲାଳସା ଜାତ ହେଲା। ସେହି କୋମଳାଙ୍ଗିନୀର ତରଙ୍ଗ ଚାହାଁଣୀରେ ନେତ୍ର ଦ୍ୱୟ ମିଳାଇବାର ଅଶେଷ ଅଭିଳାଷ ସୃଷ୍ଟି ହେଲା। ଭାବିଲା, "ସେହି ଚନ୍ଦ୍ର ବଦନୀ ମାଳତି ମୋ ସମ୍ମୁଖରେ ଉଭା ହେଲେ ପ୍ରଥମେ କ'ଣ ପଚାରିବ ? ବୋଧହୁଏ ପଚାରିବ କି ଟ୍ରେନିଂ କେମିତି ହେଲା ? ମୋତେ ମନେ ପକାଉଥିଲ କି ନାହିଁ ? ହୁଏତ କହିପାରେ, ତୁମର ଦୀର୍ଘ ଅନୁପସ୍ଥିତିରେ କିଭଳି ଏକାକୀ ଜୀବନ ବିତାଇଛି ତୁମେ କେବେ ଅନୁଭବ କରିଛ ? ତୁମ ସହ କାଟିଥିବା ଅତୀତର ପ୍ରତିଟି ସ୍ମୃତିକୁ ନେଇ କେତେ ଯେ ଲୁହ ଝରାଇଛି ତୁମେ କେବେ ଭାବିଛ ? ସତରେ ନିଃସଙ୍ଗ କରି

ISSN NO.
2582-208X

ଚାଲିଗଲ। ଦିନେ ହେଲେ ଚିଠିଟି ଲେଖିଲ ନାହିଁ। ଯେତେବେଳେ ଏଇ ପଥ ଦେଇ ଡାକବାଲା ଚିଠି ବ୍ୟାଗ୍ ଧରି ଯା' ଆସ କରେ ମୋତେ ଲାଗେ ମୋ ପ୍ରିୟତମ ନିଶ୍ଚୟ ମୋ ନିକଟକୁ ଚିଠିଟି ପଠାଇଛନ୍ତି। କିନ୍ତୁ ହାୟ! ତୁମେ ବା କାହିଁକି ମୋ ପାଖକୁ ଚିଠି ପଠାଇବ ? ମୁଁ ତ ନିରକ୍ଷର। ପାଠଶାଠ କିଛି ଆସେ ନାହିଁ। ହଁ କିନ୍ତୁ ଅତୀତରେ ପ୍ରେମର ପ୍ରତିପାଦନ ଦେବାକୁ ଯାଇ ତୁମେ ଯେଉଁ ଚିଠିଗୁଡିକ ମୋ ନିକଟକୁ ଦେଉଥିଲ ତାହା ମୋର ସାଙ୍ଗ ନନ୍ଦିନୀ ପଢି ଶୁଣାଉଥିଲା। କେତେ ଆନନ୍ଦ ଲାଗୁଥିଲା ସତେ! ଚିଠିରେ ଫୁଟି ଉଠୁଥିଲା ତୁମ ମନର ଭାବାବେଗ। ଦିନେ ଦେଖା ନହେଲେ ତୁମର ଅଭିମାନ ପ୍ରକାଶ କରିଥିବା କଥା। ଜନ ମାନସରେ ବି ମୋର ଅନୁପସ୍ଥିତକୁ ବିଚଳିତ ହୋଇ କେମିତି ଖୋଜୁଥିଲ। ମୋର ଅଜ୍ଞାତରେ ମୋତେ ନିରେଖି ଚାହୁଁଥିଲ ଓ ମୋର ସାଙ୍ଗ ଜଣକୁ ତୁମ ଉପସ୍ଥିତି ବିଷୟରେ ଅବଗତ ନକରିବାକୁ କହୁଥିଲ। ସାଙ୍ଗ ଚିଠି ପଢୁଥିଲେ ତୁମ ସହ ବିତାଇଥିବା ପ୍ରତିଟି ମୁହୂର୍ତ୍ତ ମୋର ମାନସରେ ଝଲସି ଉଠୁଥିଲା। ଭାବୁଥିଲି, ଭାବର ଆଦାନ ପ୍ରଦାନ ନିମିତ୍ତ ଏଇ ଚିଠିର ମାଧ୍ୟମ ନଥିଲେ କେମିତି ମନ ବୁଝନ୍ତା ସତେ! ବହୁତ କଷ୍ଟ ଲାଗନ୍ତା ନା?" ଏମିତି ଅନେକ କଥା ଭାବୁଥିଲା ସତ୍ୟ।

ମାଳତିର ଦେଖା ହେଲା ସତ୍ୟବ୍ରତ ସହିତ। ପଚାରିଲା, "କେମିତି ଅଛ ମାଳତି ? ତୁମର ହାଲଚାଲ୍ କ'ଣ ?" ଆଶ୍ଚର୍ଯ୍ୟ! ଏ ପ୍ରଶ୍ନର କୌଣସି ପ୍ରତି ଉତ୍ତର ନାହିଁ। ପୁନର୍ବାର ପଚାରିଲା ରୁକ୍ଷ ଗଳାରେ, "ଆରେ ତୁମେ ଓଡିଆ ଭାଷା ଜାଣ ନା ନାହିଁ ? କଥା ହେବାକୁ ଏବେ ପଇସା ଲାଗୁଛି କି ?" ତଥାପି ମାଳତି ନୀରବ। ନବାଗତ ଜିରାଫକୁ ଚାହିଁଲା ଭଳି କେବଳ ଢଳ ଢଳ ନୟନରେ ସତ୍ୟକୁ ଚାହିଁ ସେଠାରୁ ଚାଲିଗଲା। ସତ୍ୟର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ମନେ ମନେ ଭାବିଲା, "ଯେଉଁ ମାଳତିକୁ ମୁଁ ପ୍ରାଣଠୁଁ ଅଧିକ ଭଲ ପାଏ, ଯାହାକୁ ଘଡିଏ ଦେଖିବା ପାଇଁ ମନ ବ୍ୟାକୁଳ ହୋଇ ଉଠେ,ଯାହାର କଥାବାର୍ତ୍ତାରେ ଅଜସ୍ର ଆନନ୍ଦ ପାଏ,ଯାହା ପାଇଁ ମୋର ସବୁକିଛି ଭୁଲି ଯାଉଛି ସେ ଆଜି ମୋ ସହିତ ପଦେ କଥା ହେଉନାହିଁ! କାରଣ କ'ଣ ? କିଏ ତା'କୁ ବାରଣ କରିଛି କି କାହାର ପ୍ରରୋଚନାରେ ଏ ପ୍ରକାର ଆଚରଣ! କିଏ ତା'କୁ ଡରେଇଛି କି ମୋର କାର୍ଯ୍ୟକଳାପରେ କେଉଁଠି ରହି ଯାଇଛି

ISSN NO.
2582-208X

ସାମାନ୍ୟ ତ୍ରୁଟି!" ଦୁଇ ଚାରି ଥର ସତ୍ୟ ଦେଖାକଲା ମାଳତିକୁ ଅଥଚ ସେହି ସମାନ ପ୍ରକାରର ବ୍ୟବହାର ପ୍ରଦର୍ଶନ କଲା ତା' ପ୍ରତି।

ନନ୍ଦିନୀକୁ ମାଳତିର ଏପରି ବ୍ୟବହାର ବିଷୟରେ ସତ୍ୟ ଜଣାଇଲା। ସେ କାହିଁକି ଏତେ ପରିବର୍ତ୍ତନ ହେଇ ଯାଇଛି ଆଶ୍ଚର୍ଯ୍ୟ ବୋଧ ପ୍ରକାଶ କଲା। ଜୀବନର କେଉଁ ଏକ ଘଡିସନ୍ଧିରେ କେଉଁ ଅଜଣା ଭୁଲ୍ ହେଇ ଯାଇଛି ପଚାରିଲା। ନନ୍ଦିନୀ ଦୂରଦ୍ରଷ୍ଟା ସନ୍ନ୍ୟାସିନୀ ଭଳି ସବୁ କଥା ନିମିଷକେ ଠଉରେଇ ନେଇ କହିଲା, "ସମସ୍ତେ ତା'କୁ ଖୁବ୍ ଭଲ ଝିଅ ବୋଲି କହନ୍ତି। ସେ କାହାକୁ ଦେଖେ ନାହିଁ କି କାହା ସହିତ ମନ ଖୋଲି ହସେ ନାହିଁ। ସେ ଜାଣେ ଆଉ ତା'ର କାମ ଜାଣେ। କାହିଁକି ତୁମେ  ତା' ପାଇଁ ଅଯଥା ଏମିତି ହେଉଛ? ତା'ର ହସଖୁସିରେ କାହିଁକି ପ୍ରତିବନ୍ଧକ ସାଜିଛ? ସେ ତୁମର କି ଦୋଷ କରିଛି? ତୁମେ ତା'କୁ ସବୁଦିନ ପାଇଁ ଭୁଲି ଯାଅ। ବିଚାରିକୁ ଆଉ ଅପବାଦର ସମ୍ମୁଖୀନ କରନାହିଁ।" କେଉଁ ଏକ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ବକ୍ତା ଭଳି ଅନର୍ଗଳ ଗପି ଚାଲିଥିଲା ନନ୍ଦିନୀ। ତା'ର ଅଶେଷ ଦ୍ୱନ୍ଦାତ୍ମକ ପ୍ରଶ୍ନ ଓ ଅନୁରୋଧ ବିଚଳିତ କରିଥିଲା ସତ୍ୟକୁ। ସେହି ଗୋଟିଏ ଧାଡି "ବିଚାରିକୁ ଆଉ ଅପବାଦର ସମ୍ମୁଖୀନ କର ନାହିଁ" ସତ୍ୟ ମନରେ ବାରମ୍ବାର ବିସ୍ଫୋରଣ ସୃଷ୍ଟି କରୁଥିଲା। କିନ୍ତୁ ଅପବାଦ! ତା'କୁ ତ ଦେବରାଜ ଇନ୍ଦ୍ର ଗୋପନରେ ଗୌତମ ଋଷିଙ୍କ ପତ୍ନୀର ସତୀତ୍ୱ ହରଣ କରି ଅପବାଦ କଲା ଭଳି କରିନାହିଁ ତା'କୁ ମହାବଳୀ ବାନର ରାଜା ବାଳି ଅନୁଜ ଭ୍ରାତା ସୁଗ୍ରୀବଙ୍କ ସ୍ତ୍ରୀଙ୍କୁ ବଳପୂର୍ବକ ରାଣୀ କରି ଅପବାଦ କଲା ପରି କରି ନାହିଁ। ତା'କୁ ପୁଣି କୁରୁସଭାରେ ଦ୍ରୌପଦୀଙ୍କ ବିବସନା କି ବନବାସ କାଳେ ସତୀ ସୀତାଙ୍କୁ ରାବଣର ଅପହରଣ ଭଳି ଅପବାଦ କରି ନାହିଁ। ତେବେ ତା'ର ପ୍ରତି ଏହି ଅପବାଦ ଶବ୍ଦ ସଂଯୋଜନା କାହିଁକି? ଯଦିଓ ସତ୍ୟବ୍ରତ ମାଳତିକୁ ଭଲ ପାଇଛି ତେବେ ସେହି କଥାକୁ ନେଇ ଅପବାଦ କଲା ବୋଲି କହିବା ସମୁଚିତ ହେବ ନାହିଁ। କାରଣ ସେ ପୂର୍ବ ଭଳି ଏବେ ମଧ୍ୟ ତା'କୁ ଭଲପାଏ। ତା'କୁ ବାଟରେ ଘାଟରେ କିମ୍ବା ଅନ୍ୟ କୌଣସି କାଳ ପାତ୍ର ସ୍ଥାନରେ ତା' ଜୀବନରେ ଦୁଃଖ ହେଲା ଭଳି ଭାଷା କି ବ୍ୟବହାର ପ୍ରୟୋଗ କରି

ISSN NO.
2582-208X

ନାହିଁ। ତା'ର ସତୀତ୍ୱ ହରଣ କରି ଜନମାନସରେ ଉପହାସ କି ତାସ୍ଛଲ୍ୟ କରି ଲୋକହସା କରି ନାହିଁ। ତେବେ ଏଇ ଅପବାଦ କେମିତି ?

ସାଙ୍ଗ ଜଣକୁ ସତ୍ୟ ବିନୟ ଭାବରେ କହିଲା," ଯାହା କହିବାକୁ ଚାହୁଁଛ ସିଧାସଳଖ କୁହ। ଏଥିରୁ ମୁଁ କିଛି ବୁଝି ପାରୁନି।" ତା'ପରେ ନନ୍ଦିନୀ କିଛି ସମୟ ପାଇଁ ନିରବୀ ଗଲା। ଦୀର୍ଘ ନିଃଶ୍ୱାସ ଛାଡି ଧୀରେ ଧୀରେ ଉଠିଲା ଚୌକିରୁ। ଟିକିଏ ପାଖକୁ ଲାଗି ଧୀର କଣ୍ଠରେ କହିଲା, "ତୁମର ଆଉ ମାଳତିର ପ୍ରେମ ପ୍ରଣୟ ସମସ୍ତେ ଜାଣିଗଲେ। ଜଣେ ଯୁବକ ଆମ ଘରକୁ ଆସି ମୋ ମାଆ ନିକଟରେ ଅଭିଯୋଗ କଲା ଯେ ତୁମ ଦୁହିଁଙ୍କ ମେଡିଏଟର ମୁଁ। ମାଁ ମୋତେ ବହୁତ ଗାଳି ଦେଲେ। ବିରକ୍ତ ହୋଇ କାହା ସହିତ କଥା କି ସାଙ୍ଗ ନହେବାକୁ କହିଲେ। ଏଇ କଥା ମାଳତିର ପରିବାର ଲୋକେ ମଧ୍ୟ ଜାଣିଗଲେ। ସେ ନୀରବରେ ବହୁତ କାନ୍ଦିଛି। ତୁମେ ଯଦି ପ୍ରକୃତରେ ତା'କୁ ଭଲ ପାଅ, ତା'ର ସୁଖ ଚାହଁ, ତେବେ ଦୟାପୂର୍ବକ ତା'କୁ ଭୁଲି ଯିବାକୁ ପ୍ରୟାସ କର। ତୁମ ହୃଦୟରୁ ତା'ର ପ୍ରତିଛବି ଚିର ଦିନ ପାଇଁ ଲିଭେଇ ଦିଅ।" ସାଙ୍ଗ ଜଣକର ଏପରି କଥାବାର୍ତ୍ତା ସତ୍ୟର ମସ୍ତିଷ୍କରେ ବଜ୍ରାଘାତ ହେଲା ପରି ମନେ ହେଲା। ନୀରବରେ ହୃଦୟକୁ ପଥର କରି ସବୁ ଶୁଣି ଗଲା ସେ। ମନେ ମନେ ଭାବିଲା, "କିଏ ସେ ମହାମାନବ ଯିଏ ଆଜି ସତ୍ୟବ୍ରତକୁ ଏହି ବିପଦରୁ ଉଦ୍ଧାର କରିବାର ଶତ ଚେଷ୍ଟା କରିଛି ? କିଏ ସେହି ମହାଶୟ ଯାହାର ଅନ୍ତରରେ ରହିଛି ତା'ପ୍ରତି ଅଶେଷ କୃପା ?" ସେହି ଯୁଗଜନ୍ମାକୁ ଥରେ ଦର୍ଶନ କରିବାର ମନ ହେଲା। ତା'ର ପଦ ଧୂଳି ମସ୍ତକରେ ବୋଳିବକୁ ଇଚ୍ଛା ହେଲା। ପର ମୁହୂର୍ତ୍ତରେ ଭାବିଲା, "ଯଦି ସେ ମୋର ଭଲ ଚାହେଁ ତେବେ ମୋତେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଉପଦେଶ କି ମାଳତିକୁ ଭୁଲି ଯିବା ପାଇଁ ଅନୁରୋଧ କରିଥା'ନ୍ତା। ମୁଁ ନିଜେ ନିଜେ ମାଳତିର ନାୟକ ଭୂମିକାରୁ ଧୀରେ ଧୀରେ ଅପସରି ଯାଆନ୍ତି। କିନ୍ତୁ କେଉଁ ଉଦ୍ଦେଶ୍ୟରେ ମାଳତି ଓ ତା'ର ସାଙ୍ଗ ଘରେ ଏକଥା ଜଣେଇଲା କିଛି ବୁଝି ହେଲା ନାହିଁ।"

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ଅଛୁଆଁ ଝଡ



ଅଜିତ ପାଢ଼ି

ତୁ ତ ଅଛୁଆଁ ହେଲୁ ଆଜି ପର
ନୁହେଁ ଏ ଜାତି, ଅଜାତି ର ସର
ନ ହୋଇପାରେ ଅସ୍ପୃଶ୍ୟତା ର ଝଡ
ଏ ତ ପ୍ରଳୟର ଘୂର୍ଣ୍ଣୀଝଡ ।
ଏ ତ ପ୍ରଳୟର ....... ।
ଗର୍ବ ଅହଙ୍କାର, ମୁଁ କାର ସ୍ୱର
ନୁହେଁ ତ ମାଳିକା ର ପତ୍ରଝଡ
ମ୍ଳେଛ ସନ୍ତାନେ ରକ୍ତ ଶୋଷିବାକୁ
କଳକୀ ର ଖଡ୍ଗ ବୁଲୁଛି କି ସତେ
ନୁହେଁ ଏ ତ ଦୂର୍ନିତୀର ଝଡ ?
ଏ ତ ପ୍ରଳୟର ....... ।
ହୋଇ ନପାରେ କେବେ ଅଯୋଧ୍ୟା ଝଡ
ଶୁଭୁଛି ଆଜି ତ ଶ୍ରୀରାମ ଙ୍କ ସ୍ୱର
ଅଛୁଆଁ ନୁହେଁ ଜାତି, ବର୍ଣ୍ଣ, ଧର୍ମ
ଏ ତ ଅଛୁଆଁ ବ୍ୟାଧି କରୋନା ଝଡ
ଏ ତ ପ୍ରଳୟ ର ଘୂର୍ଣ୍ଣୀଝଡ ।
ଏ ତ ପ୍ରଳୟର ....... ।

ଘାସିରାମ ମାଝୀ ହାଇସ୍କୁଲ,
ନୂଆଗାଁ

ISSN NO.
2582-208X

# ଅନ୍ଧାର ଦୁନିଆ



ଦୁଷ୍ମନ୍ତ ବେହେରା

ଦିନର ସାକ୍ଷୀ ରେ ସତ ଦୁନିଆ
ମିଛ ଜଗିରହେ ଅନ୍ଧାର ଦୁନିଆ
ବଡିମା ଲୋଭରେ ଭାସେ ପାପ
ଲୁଚେଇ ଦେଉଛି ଅଭିଶପ୍ତ !

ଅନ୍ଧାର ଢେଉରେ ଲୁଚକାଳି
ଖେଳେ ହସି କହେ କରମ
ଦେଖ ଦେଖ କପାଳ ଲେଖିଛି
ଯିଏ ଦେବ ତୋତେ କରମ ପାପ !

କେହି ଦେଖନ୍ତି ନାହିଁ ବୋଲି ଖେଳ
କରୁ ଅନ୍ଧାର ସାଥିରେ ବସିଛୁ ଭାବ
ଚାଲାକୀ ଖେଳୁଛୁ ଦୁନିଆ ସାଥେ
ଫଳିଯିବ ଘୃଣା ଶରୀର ସାଥେ !

ଧର୍ମ ଅଛି ବୋଲି ଦୁନିଆ ଚାଲେ
ଆଲୋକ କହେ ଖେଳନା ପରି
ଖେଳୁ ମଣିଷ ପାଖେ ବିଧାତା
କହୁଛି ମୁଁ ଖେଳି ଦେବି ତ ସାଥେ !

ISSN NO.
2582-208X

ମିତ ବସି ପୁଣି ହସି ଦେଉ
ଛଳନା ଡଙ୍ଗାରେ ଭସେଇ ଦେଉ
ବନ୍ଧୁ ବନ୍ଧୁ ବୋଲି ହୁରି କରୁ
ସମୟ ଆସିଲେ ରୂପ ଦେଖାଉ !

ବୟସ ଗଡିଲେ ଭାଗ୍ୟକୁ ଦୋଷ ଦେଉ
ଆଜି ଅଛି ବୋଲି କାଲିକି ହସି ଦେଉ
ଏଠି କେହି ରହିନାହିଁ ତୁ କି ବଡିମା ପିଟୁ
ବଞ୍ଚିଥିଲେ ଦେଖିବୁ ଝୁରିଝୁରି ସରିବୁ !

କେତେ ଆସି କେତେ ଲେଉଟି ଗଲେଣି
ବିଳାସ ରାଇଜେ ଦେଖଉ ନିଜର ରାଜା
ସିଂହାସନ ହସି ଦେଇ କହୁଥିବ
ସବୁ ବେଳେ ମୁଁ ଏକା ଏକା !

ଅନ୍ଧାର ଦୁନିଆ ରେ ପାପ କୁ ଲୁଚାଇ
ଆଲୋକ କହୁଛି ଏ କ'ଣ କଲୁ ସର୍ବ
ଭୂମିରେ ସବିଏ ସମାନ ଆଜି ନହଲେ
କାଲି ପାପ ଏଣେ ତେଣେ ପଚାରି ହେବ !

ବେଳ ଥାଉ ସାବଧାନ ହ
ଦୁନିଆ ସାଣିତରେ ନିଜକୁ
କ୍ଷମା କରୁ କରୁ ଅନ୍ଧାର
ଦୁନିଆରେ ହଜି ଯିବୁ ....

ସ୍ୱସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ତିନି କୋଣିଆ ଆମ୍ବଗଛ



ଅଶୋକ କୁମାର ସେଠୀ

ନୂଆ ପୋଖରୀ ହୁଡ଼ା ତଳକୁ ଗଡିଗଲେ ବାଁପଟକୁ ଅଧକପାଳୀ ଲିମ୍ବଗଛ । ଡାହାଣ ପଟକୁ ବାରିକାନି ଗହୀର ମାଥାକୁ ଯେଉଁ ଦଣ୍ଡାଟି ଫିଟିଛି ଦି କୋଡ଼ି, କି ଦି କୋଡ଼ି ଦୁଇ ପାହୁଣ୍ଡ ଗଲେ ପଡିବ ତିନିକୋଣିଆ ଆମ୍ବଗଛ । ଏହାର ନାମ କରଣ ପଛରେ ଅନେକ କାହାଣୀ । ସମସ୍ତ କାହାଣୀ ଲୋମହର୍ଷଣ ଭୌତିକ ଭୟାତୁରେ ଭରା । ଟିକେ ମାଛି ଅନ୍ଧାର ଗଡିଗଲେ ଯଦି ସେ ବାଟ ଦେଇ ଏକା କିଏ ଚାଲି ଆସିଥିବେ ତା' ପରଦିନ ପୋଖରୀ ତୁଠରେ ଏକ

ଚର୍ଚ୍ଚାର ବିଷୟ ପାଲଟେ କାହୁଁ କେଡେ କେଡେ ଦମ୍ଭିଲା ଲୋକଙ୍କ ପିଳେହି ପାଣି ଫାଟିଯାଏ! ଉଆଁସ ଅନ୍ଧାର ରାତି ଅଲଗା କଥା !! ବାର ଡାଙ୍ଗୁଆଙ୍କ ଉତ୍ପାତ ସେତେ ବଢୁଥାଏ । ଯେତେଯେତେ ରାତି ଗଭୀର ହେଉଥାଏ । ଘନରାତିର ଗଭୀରତା ବଢିଲେ ଏ ତିନିହେଁ (ତିନି ଆମ୍ବଗଛ) ଏବଂ ସେଇ ଗଛରେ ସବାର ହୋଇଥିବା ଅଶରିରୀ ଆତ୍ମାମାନେ ମିଶି କୁଆଡେ ଝୁଣି ପକାନ୍ତି ଶରୀରର ଅନ୍ତଃ ବୁଜୁଳା । ଖୋକଲା କରି ଛାଡ଼ି ଦିଅନ୍ତି ସଜ ମଣିଷଟାକୁ । ଘରେ ପହଞ୍ଚି ଗୋଟେ କି ଦି'ଟା ଝାଡା କି ବାନ୍ତି; ତାପରେ ଗୁଣିଆ ଡାକୁ ଡାକୁ ଆଉ ତର ସହେନି ..! ଖଣ୍ଡି ଗୁଣିଆର କାଟ ପାଣି ଆଉ କାଟୁ କରେନି । ପାଦ ଆଡୁ ଶେତା ପଡ଼ିଆସେ । ସେମିତି ଅନେଇଥିବା ଆଖିବାଟେ ଚାଲି ଯାଇଥିବ ଜୀବନ ।

ସବୁଦିନ ପରି ସେଦିନ ବି ତିନେଇ ସାହସ କରି ବାହାରି ଆସିଲା ଆଖୁଶାଳରୁ । ଯଦିଓ ସେ ଦିନ ଟିକେ ଉଛୁର ହୋଇଯାଇଥିଲା । ଭାଗୁଆଳିମାନଙ୍କ ଶତ ବାରଣ ସତ୍ତ୍ୱେ ସେ ହକସ କରି ବାହାରି ଆସିଲା । ଏଇ ଚୀରା ମାଳି ଗହିରଠୁ ଗାଁ ତିନି ଚାରି କୋଷ ବାଟରୁ କମ ହେବନି, ଯା ହେଲେବି ...! ନୂଆ ପୋଖରୀ ହୁଡ଼ା ତଳକୁ ଗଡ଼ିଲେ ବାରମାସି

ISSN NO.
2582-208X

ଦଣ୍ଡା । ଦଣ୍ଡାର ବାଁ ଗୁଳା ଧଇଲେ, ଏକେଣା ଆମ୍ବଗଛ ସହ ନେସି ହୋଇଯିବାକୁ ପଡେ । ତିନି କୋଣିଆ ଆମ୍ବଗଛ ଡେଇଁଲେ ଆହୁରି ଚାରିଅଣା ସିରିକି ବାଟ ଡେଇଁଲେ ଆଖୁବିଲ । ଆଖୁବିଲକୁ ଲାଗି ଆଖୁଶାଳ । ପାଞ୍ଚ ଭାଗୁଆଳି ମିଶି ନିଷ୍ପତ୍ତି ନେଲେ ଏସନ ଆଖୁ ନ ବିକି ନିଜେ ଆଖୁ ପେଡି ଗୁଡ ରାନ୍ଧିବେ; ସେଥିରେ ଦି ପଇସା ଅଧିକ ଲାଭ । ଅତଏବ ପାଞ୍ଚ ଭାଗୁଆଳି ପାଳିକରି ଆଖୁଶାଳାରେ ରାତିରେ ରୁହନ୍ତି । ବେଳେବେଳେ ସଞ୍ଜ ଗଡି ଯାଇଥିଲେ ବି କେହିନା କେହି ଗାଁକୁ ଫେରନ୍ତି । ଫେରିଲାବେଳେ ମନରେ କୋ'ଠି କେମିତି ଦକ ଥାଏ ସମସ୍ତଙ୍କର, ଯୋ' ଯାଏଁ ତିନି କୋଣିଆ ଆମ୍ବଗଛ ଢ଼େଇଁନାହାନ୍ତି ! ସେଥି ଲାଗି ତିନେଇ ସୁବିଧା ଦେଖି ଗୁଣିଆଠାରୁ ମନ୍ତୁରା ଲୁହାକଣ୍ଟା ନେଇ କଷିଦେଇ କିଳିଦେଇଛି ଏକେଣା ଗଛଟିରେ, ବାରଡାଁଗୁଆମାନେ ବି ସାବାଡ...! ବୋଧହୁଏ ଏକଥା ଅନ୍ୟ ଭାଗୁଆଳିଙ୍କୁ ଅଗୋଚର ! ତିନେଇ ଓ ପ୍ରେତମାନଙ୍କ ଏ ଗୁପ୍ତସନ୍ଧି । ସେଥିପାଇଁ ତିନେଇ କଥା କଥାକେ ଦମ୍ଭ ଦେଖାଏ । କେତେ ରାତି ହେଲେ ବି ସେ ଏକାଏକା ଗାଁକୁ ଫେରିପାରିବ ଏ ସତସାହସ ତା'ର ଅଛି । ଯଦିଓ ଏମିତି ଦୁଃସାହସ କିଏ କରିଥିବାର ନଜିର ନାହିଁ ।

ତିନେଇ ଏକା ଚାଲିଯିବ ବୋଲି ସିନା କହିଦେଲା ମନରେ କିନ୍ତୁ ଭୟମିଶା ଦକ । ତା' ପାଦ ର ଗତି ସହ ହୃଦସ୍ପନ୍ଦନ ବି ତାଳ ଦେଇ ବଢୁଥାଏ । ଅନ୍ୟ ରାତିଠାରୁ ଆଜି ରାତି କାହିଁକି ଅଧିକ ଧୁଁଦଲା ଧୁଁଦଲା ସେମିତି କିଛି ଲାଗୁଛି । ଆଜିର ରାତି ସତେ ଯେମିତି ବହଳ ଅନ୍ଧାର ଚାଦର ଘୋଡ଼ି ହୋଇଛି । ଝିପିଝିପି ବର୍ଷା ଅସରାଏ ସଞ୍ଜ ପହରୁ ହୋଇ ଛାଡି ଯାଇଥାଏ । ପରିବେଶକୁ ଆହୁରି ଭୟାତୁର କରୁଥାଏ ପାରିପାର୍ଶ୍ଵିକ ଗତିବିଧି । ବହୁ ପଛରେ ଛାଡି ଆସିଲାଣି ଆଖୁଶାଳ କୋ' ବେଳୁ । ବାରମାସିଦଣ୍ଡାର ବାଙ୍କ ବୁଲି ଗାଁ ମୁହାଁ ଧରିଲାଣି ତିନେଇ । କାନ୍ଧରେ ସବୁଦିନ ପରି ପାକଲା ଗାମୁଛା ପଡିଛି । ଆଉ ହାତ ରେ ତିନି ହାତର ଠେଙ୍ଗା ରାସ୍ତା ସାରା ଠକଠକ କରି ଚାଲିଛି । ନିଜ ଶବ୍ଦ ନିଜେ ଶୁଣିବା ପାଇଁକି ଅନ୍ୟ କୋ' ଶବ୍ଦକୁ ବାଁରେଇବା ପାଇଁ !

ପାହୁଣ୍ଡ ପରେ ପାହୁଣ୍ଡପ କେଇ ଚାଲିଛି ସେ ଆଗକୁ ଆଗକୁ । ପଛରେ କେତେ ଦୂର ଆଖୁ ଶାଳ ରହିଲାଣି ହିସାବ ନାହିଁ । ଗାଁ ପୁଣି ସେଇଠୁ ରହିଲାଣି ଆହୁରି ଦେଢ କୋଷ ସିରିକି ବାଟ, ହାଁ ପଦେ କହିବାକୁ କି ଶୁଣିବାକୁ କିଏ ନାହିଁ ଆଖପାଖ । ଖାଁଖାଁ ଗୋଡାଉଛି ନିର୍ଜନ ଶୂନସାନ ରାତି । ଦୂର ଗହୀର ମଥାନରୁ ମାଇ ବିଲୁଆ କେତେଟା ରାହାଧରି ରଡୁଛନ୍ତି ।

ISSN NO.
2582-208X

ଯେତେଯେତେ ତିନି କୋଣିଆ ଆମ୍ବଗଛ ପାଖେଇ ଆସୁଥାଏ, ଆଖି ଆଗରେ ନାଚି ଉଠୁଥାଏ ଏମାନଙ୍କ ଉତ୍ପାତ କଥା ସବୁ : ଯେମିତି ପଛରୁ କିଏ ଟାଣି ଧରିବା, କଅଁଳା ବାଛୁରୀ ରୂପ ବଦଳାଇ ଡିଆଁ ମାରିବା, ଦୁଲ୍ କରି ବୁଜୁଳାଟିଏ ଖସିପଡିବ ଗଛରୁ, ଦେଖିଲା ବେଳକୁ କିଛି ନଥିବ । ଏମିତି ଆହୁରି ଅନେକ କଥା...

ହଠାତ୍ ରୁମ ଟାଙ୍କୁରି ଉଠିଲା ସତେ ଯେମିତି ହାବୁକାଏ କାଲୁଆ ପବନ ଛୁଇଁ ଦେଇଗଲା । ଶିତେଇ ଉଠିଲା ଦେହ । ଭଳି ଭଳି ଶବ୍ଦ ବାଜୁଛି ତା' କାନରେ । ତା' କାନ ପାଖେ କି ଅଦୃଶ୍ୟରେ ତା' ପାଖେ ପାଖେ ସତେ ଯେମିତି କିଏ ସମତାଳରେ ଚାଲୁଛି । ଲମ୍ବା ଲମ୍ବା ପାଦ ପକେଇବାକୁ ଲାଗିଲା, ତିନେଇ । ଯେନ ତେନ ପ୍ରକାରେ ତିନି କୋଣିଆ ଆମ୍ବଗଛ ଡେଇଁଲେ ଗଲା ! ହେଇତ ଆଖି ଆଗରେ ଆମ୍ବଗଛ । ବହୁତ ଦୂର ଦୂର ଯାଏ ଆଖି ପହଁରାଇବାକୁ ଚେଷ୍ଟା କରୁଛି ତିନେଇ ଘୁଷୁରୀଚଣ୍ଡୀ ବୋଧେ ନିଆଁହୁଳା ଛାଡି ଚରୁଛି ନା କଣ ..! ଦେହ ଶିତେଇ ଗଲାଣି ସେତେବେଳକୁ । ତିନି କୋଣିଆ ଆମ୍ବଗଛର ଉତ୍ତରପଟ ଗଛରେ ହୁଁହାଁ (ପେଚା)ଟିଏ ବୋବାଳି ଛାଡୁଛି ରହିରହି । ସେପାଖ ଦେଇ ଯାଇଛି ତ.. ଟିଁଟିଆଁ ପକ୍ଷୀଟିଏ କିରିକିରା ରାବଦେଇ ଉଡି ଚାଲିଗଲା ବେଳକୁ, ତିନେଇ ଗୋଟାପଣ ଝାଳରେ..! ହଠାତ୍ ତିନେଇକୁ ଲାଗିଲା ସତେ କେହି ପଛରୁ ତା' ଗାମୁଛାଟିକୁ ଟାଣୁଛି .! ତଥାପି ଟିକେ ବଳ ପ୍ରୟୋଗ କରିବା ଚେଷ୍ଟାକରି ନିଶ୍ଚିତ ହେଲା ଯେ ପଛରୁ କିଏ ଟାଣୁଛି । ଏ ମା..ଲୋ..କହି ଏକ ଆର୍ତ୍ତ ଚିତ୍କାର କରି ପ୍ରାଣମୂର୍ଚ୍ଛା ଧାଇଁଛି । ଧଇଁ ସଇଁ ହୋଇ ସିଧା ଯାଇ ଗାଁ ମୁଣ୍ଡରେ ।

ଗାଁ ମୁଣ୍ଡରେ ପହଞ୍ଚିଛି କି ନାହିଁ; ତା'କୁ ବଲବଲ ଚାହିଁ ପଞ୍ଚେ କୁକୁର ରାହା ଧରି ବୋବାଳୁଛନ୍ତି । କାନ୍ଧରେ ହାତ ମାରି ତିନେଇ ଦେଖିଲା ଗାମୁଛା ନାହିଁ । ସତେ ଯେମିତି ତିନେଇକୁ ଆରମୁଲକ ଏବେ ପ୍ରାଞ୍ଜଳ ଦେଖାଗଲାଣି । ଠଉରାଇ ପାରି ନିଶ୍ଚିତ ଯେ ଏସବୁ ଅଶୁଭ ଲକ୍ଷଣର ହେତୁ..

ଘରେ ପହଞ୍ଚିଲା ବେଳକୁ ଅଧ ରାତି । ଗୋଟାପଣ ଥରୁଛି । ଦେହ ତାତିରେ ଖଇ ଫୁଟୁଛି । ଗୋଟେ କି ଦି'ଟା ଝାଡା ବାନ୍ତି । ସକାଳକୁ ତିନେଇ ସବୁଦିନପାଇଁ ତୁନି ହୋଇଯାଇଛି...!

ISSN NO.
2582-208X

ଭାଗୁଆଳୀମାନେ ତିନି କୋଣିଆ ଆମ୍ବଗଛର ଏକେଣାଗଛରେ ତିନେଇର ଗାମୁଛାଟି ଏକ କଣ୍ଟାରେ ଲାଗିଥିବାର ପାଇଲେ । ଢେର ଦିନ ହେବ ସେମିତି ଗାମୁଛାଟି ଲାଗିଥିଲା କଣ୍ଟାରେ !

ତା' ପରଠୁ ସଞ୍ଜ ଗଡ଼ିଗଲେ ତିନି କୋଣିଆ ଆମ୍ବଗଛ ଦେଇ ଏକା ଯିବାକୁ କିଏ ସାହସ କରି ନାହାନ୍ତି...!

ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ,
ରାଉରକେଲା

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ଚତୁର୍ଥ ଅଧ୍ୟାୟ
ରାଗ-ଶଙ୍କରାଭରଣ

ସ୍ଥାପିତ କରି ଅନ୍ତରେ ବିଭୁଙ୍କ ମୂରତି
ଯୋଗଧ୍ୟାନ ବଳେ ସ୍ମରଣ କରିବ ମତି
ଶୟଳରୁ ହଟି ଚିତ୍ତ
ପୂର୍ଣ୍ଣବ୍ରହ୍ମ ଚିନ୍ତନରେ ହୋଇବ ପ୍ରବୃତ୍ତ ।୧୬।
ଏହି ମତେ ଭକ୍ତିଯୋଗ ହୁଅଇ ପ୍ରାପତ
ଯାହାକି ଅଟଇ ଚିରନ୍ତନ ଓ ଶାଶ୍ୱତ
ଶୁଣି ପରୀକ୍ଷିତ ରାଜ
ବାଚିଲେ ଭାବଦମନ ନୁହେଁଟି ସହଜ ।୧୭।
ପରୀକ୍ଷିତ ନୃପତିଙ୍କୁ ଚାହିଁଣ ମହର୍ଷି
ବଖଣିଲେ ସୁମିଷ୍ଟସ୍ୱରେ ଅଳ୍ପ ଅଳ୍ପ ହସି
ଭାଷିଲେ ପ୍ରଷ୍ଟା ମଧୁରେ
ଏତେ ସହଜ ନୁହଇ ଅନ୍ତିମ କ୍ଷଣରେ ।୧୮।
ମୋହମାୟା କାୟାର ସକଳ ରଜ୍ଜୁକାଟି
ବିଶ୍ୱନୀୟନ୍ତାଙ୍କ ନାମ ହୃଦୟେ ସାଉଁଟି
ଚିତ୍ତ କରିବା ଏକାନ୍ତ
ନୁହଇଟି ସରଳ ଆୟତ ବ୍ୟଗ୍ରବନ୍ତ ।୧୯।
ଜ୍ଞାନ ବୈରାଗ୍ୟ ସାଧନ ନିରନ୍ତର ଭ୍ୟାସ
ଗଢିତୋଳେ ମାନବକୁ ଉତ୍ତମ ପୁରୁଷ
ଏହା ପ୍ରକୃତ ସାଧନା
ଅକୈତବ ଭାବେ ପୂର୍ଣ୍ଣ କରନ୍ତୁ କାମନା ।୨୦।

-:ଟୀକା:-
ଶୟଳ - ସଂସାର
ପ୍ରବୃତ୍ତ - ଲାଗି ରହିବା
ପ୍ରଷ୍ଟା - ଜିଜ୍ଞାସୁ
ବ୍ୟଗ୍ରବନ୍ତ - ଶୀଘ୍ର
ଅକୈତବ - ଅକପଟ

କ୍ରମଶଃ.....

ବରପଦର, ଗୋବିନ୍ଦପୁର,
ବରଗଡ

ISSN NO.
2582-208X

# ତମେ ତ ବଦଳାଇ ଦେଲ ଠିକଣା



ବିଶ୍ୱନାଥ କର

ତମେ ତ ବଦଳାଇ ଦେଲ ଠିକଣା ନିଜର
ସୂର୍ଯ୍ୟମୁଖୀ ଭଳି ମୁହଁ ଫେରାଇ ନେଲ ସଞ୍ଜ ନଉଁ ନଉଁ
ବିଛନ୍ଦ କବିତା ଭଳି ଜୀବନର ଛନ୍ଦ ଚୋରିନେଲ
ଝାଞ୍ଜି ଖରାଟାରେ ଏକାକୀ ଠିଆ ହୋଇ ସିଝୁଛି ମୁଁ
ସ୍ୱପ୍ନର ଫେରନ୍ତା ବାଟ କୁ ମୋର ନେଇଗଲ ମୃଗୟା ବାହାନାରେ ।

ଥୁଣ୍ଟା ବରଗଛ ତଳେ ଛାଇ ଟିକେ ନାହିଁ
ଖସ୍ ଖସ୍ ଶୁଖିଲା ପତର ଶବ୍ଦେ ବେସୁରା ମଧୁପ ର ସୁର
ତମଠୁ ଉଧାରରେ ଆଣିଥିବା ସପନ
ଧାଏଁ ମିଛ ମରୀଚିକା ପଛେ
ମୁମୂର୍ଷୁ କୃଷ୍ଣଚୂଡ଼ା ବିରହ ଆତୁରେ
ମଉଳି ତଳକୁ ଖସେ ।

ଥରେ ଭାବିଲ ନାହିଁଯେ
ମୋ ଆଖିର ଆକାଶରେ ବସା ବାନ୍ଧିଛ ତମେ
ଏମିତି ଅଜସ୍ର ସ୍ମୃତି ର ମହକ
କେମିତି ନେଇଗଲ ନିଜ ସାଥୀ ରେ
ବିଞ୍ଚିଦେଇ ମୋ ଚାରିପାଖେ ସାରା ପୃଥିବୀର ନିର୍ଜନତା ।

ISSN NO.
2582-208X

ବସିଛି ଏକା ଏକା ପଶାପାଲି ଧରି
ବାଜିରଖି ମୋ ହୃଦୟ ର ଭଗ୍ନ ଅବଶେଷ
ତମେ ନେଇ ଯାଇଛ ମୋ ଛାଇକୁ ଅଲଗା କରି ମୋତେ
ତମ ନିଃଶ୍ୱାସର ତତଲା ବାମ୍ପରେ ଇତିହାସର ଫର୍ଦ୍ଦ ଲେଉଟୁଛି
ତମ ଠିକଣା ଖୋଜି ଖୋଜି  ବେଳାଭୂମି ରେ ଡେରା ପକାଇଛି ।

ତମେ କେମିତି ଜାଣିବ
ମୋ ଡାଏରୀର ଶେଷ ପୃଷ୍ଠା  ଭିଜି ଗଲାଣି ବର୍ଷାରେ
ତମ ବାଟକୁ ଅନିଷା କରି କରି
ଲମ୍ବି ଲମ୍ବି ଗଲାଣି ଅସରନ୍ତି କାହାଣୀ
ସଞ୍ଜର ଅନ୍ଧାର ରେ ଜମାଟ ପୃଥିବୀ
ପୋହଳା ଦ୍ୱୀପରୁ ପରୀମାନେ ମାଗନ୍ତି ମେଲାଣି ।

ତମ ଠିକଣା ପାଉନି ଖୋଜି ମୁଁ
ପାଇବିକି ନା ଅଦିନିଆଁ ପଶ୍ଚିମା ଝଡ ର ମୁହଁରୁ
କବାଟ ଝର୍କା ସବୁ ବନ୍ଦ ଅଛି ଯେଉଁଠି ଲୁଚିଛି ତମ ଠିକଣା
ଲେଖା ହୋଇଛି ତମ  ଦ୍ୱାର ଦେଶରେ ଝୁଲୁଥିବା ନାମ ଫଳକରେ
ଯାତ୍ରାର ଯନ୍ତ୍ରଣା ହିଁ ରାସ୍ତା
ବୁଝୁଛି ଏବେ ତମ ଠିକଣା ରେ ଯୁଗ ଯୁଗ ର ବ୍ୟଥା ।

ସାଇ କଲୋନୀ,ଦେଉଳସାହି, ତୁଳସୀ ପୁର,
କଟକ୭୫୩୦୦୮/ସମ୍ପର୍କ 9776332639
Mail: biswanathkar1956@gmail.com

ISSN NO.
2582-208X

# କମଳାକାନ୍ତ ଦାଶଙ୍କ ମନସ୍ତାତ୍ତ୍ୱିକ ଉପନ୍ୟାସ



ସତ୍ୟବ୍ରତ ଦାସ

ଔପନ୍ୟାସିକ କମଳାକାନ୍ତ ଦାଶ ଜଗତ୍ସିଂହପୁର ଜିଲ୍ଲା ରଘୁନାଥପୁର ଗ୍ରାମରେ ଜନ୍ମ ହୋଇଥିଲେ । ପିତା ରାମକୃଷ୍ଣ ଦାଶ ଜଣେ ସାହିତ୍ୟପ୍ରେମୀ, ଜ୍ୟୋତିର୍ବିଦ ଓ କବିରାଜ ଥିଲେ । ଗାଁ ସ୍କୁଲରୁ ଭର୍ଣ୍ଣାକୁଲାର ପାସ କରିବା ପରେ "ସେବକ" ନାମକ ହାତଲେଖା ମାସିକ ପତ୍ରିକା ପ୍ରକାଶ କରୁଥିଲେ । ୧୯୨୩-୨୪ ମସିହାବେଳକୁ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଅଧ୍ୟୟନ କରିଥିଲେ । ସ୍କୁଲ ଡ୍ରଇଁ ଶିକ୍ଷକ ଶିଳ୍ପୀ ବସନ୍ତ କୁମାର ପଣ୍ଡାନ ଚିତ୍ର ଅନନ ଶୈଳୀରେ ଆକର୍ଷିତ ହୋଇ କିଛି ଛବି ଆଙ୍କିବା ଆରମ୍ଭ କରିଥିଲେ । ତା ପରେ କଟକ ଆସି ପ୍ୟାରିମୋହନ ଏକାଡେମୀରେ ନାମ ଲେଖାଇ ୧୯୨୭ ମସିହାରେ ମାଟ୍ରିକ ପାସ କଲେ । ୧୯୨୯ ମସିହାରେ କେନ୍ଦ୍ର ସମବାୟ ବ୍ୟାଙ୍କରେ ଜଣେ କର୍ମଚାରୀ ରୂପେ ଯୋଗ ଦେଇଥିଲେ । ୧୯୩୩-୩୪ ବେଳକୁ ସେ କିଛି ଦିନପାଇଁ ଶ୍ରୀନିକେତନ ଯାଇଥିଲେ ଏବଂ ଶିଳ୍ପୀଗୁରୁ ନନ୍ଦଲାଲ୍ ବସୁଙ୍କ ସଂସ୍ପର୍ଶରେ ଆସିଥିଲେ ।

୧୯୩୭-୩୮ ମସିହାବେଳକୁ ବାଲେଶ୍ୱରଠାରେ "ଓପିୟମ ପ୍ରୋହିବେସନ" କାର୍ଯ୍ୟକ୍ରମ ଆରମ୍ଭ ହେବାରୁ ରାଜ୍ୟ ସରକାର ତାଙ୍କୁକ୍ ପ୍ରଚାରକ ଅଫିସର୍ ରୂପେ ନିଯୁକ୍ତି ଦେଇ ସେଠାକୁ ପଠାଇଥିଲେ । ଭାଗ୍ୟର ବିଡମ୍ବନା ହେତୁ ବର୍ଷକ ମଧ୍ୟରେ କାର୍ଯ୍ୟକ୍ରମ ବନ୍ଦ ହୋଇଯିବାରୁ ପୁଣି କଟକ ଫେରିଆସିଲେ । ଅନନ୍ତ ପ୍ରସାଦ ପଣ୍ଡା ଜଣେ ସାହିତ୍ୟିକ ଭାବରେ ସମବାୟ ବିଭାଗରେ ଯୋଗ ଦେଇ ପରେ "କଲ୍ୟାଣୀ" ନାମରେ ଏକ ସମବାୟ ପ୍ରତ୍ରିକା ପ୍ରକାଶ କଲେ । ଏଥିରେ କମଳାକାନ୍ତ ଦାଶ ପ୍ରଧାନ ଉଦ୍ୟୋକ୍ତା ଭାବରେ କାର୍ଯ୍ୟ କରିଥିଲେ ।

ISSN NO.
2582-208X

ଉକ୍ତ ସମୟ ମଧ୍ୟରେ ନିଜ ଗ୍ରାମରେ କମଳାକାନ୍ତ ଦାଶ କେତେକ ଆଦର୍ଶ ସମବାୟ ଅନୁଷ୍ଠାନ, ଗୋଟିଏ ସଂସ୍କୃତ ଟୋଲ ଏବଂ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ନାମରେ ଏକ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ତାଙ୍କର ସୋନପୁରକୁ ବଦଳି ହେଲାପରେ ସେଠାରୁ କୋରାପୁଟରୁ ଜୟପୁର ସହରକୁ ଆସିଥିଲେ । ୧୯୫୯ ମସିହା ଶେଷ ଆଡକୁ ସେ ଅସୁସ୍ଥ ହୋଇପଡିବାରୁ ୧୯୬୧ ମସିହାରେ ସମବାୟ ବିଭାଗର ସହକାରୀ ରେଜିଷ୍ଟ୍ରର ପଦବୀରୁ ଉସ୍ତଫା ଦେଇ ଗ୍ରାମ ଛାଡି କଟକ ମେରିଆ ବଜାରରେ ସପରିବାର ଅବସ୍ଥାନ କଲେ ।

କମଳାକାନ୍ତ ଦାଶ ମାତ୍ର ଅଠର ବର୍ଷ ସମୟଏ ତାଙ୍କ ଲେଖକ ଜୀବନର ପ୍ରଥମ ଉପନ୍ୟାସ "ବୋଉ ରଚନା କରିଥିଲେ । ଏବଂ ସବୁଜ ସାହିତ୍ୟ ସମିତି ଏହାକୁ ୧୯୨୭-୨୮ ମସିହାରେ ପ୍ରକାଶ କରିଥିଲା । "ଆଶ୍ରିତ" (୧୯୩୨), "ଭାଉଜବୋଉ" (୧୯୩୯), "ଜୀବନ ସଉଦା" (୧୯୪୩), "ଛବିଶ ନମ୍ବର କେବିନ୍" (୧୯୪୪), "ଶରନ ନାନୀ" (୧୯୪୫), "ମଣିଷର ଦାବୀ" (୧୯୪୬), "ନର୍ତ୍ତକୀ" (୧୯୪୬) "ନରବଳୀ"(୧ ମ ଭାଗ ୧୯୪୮), "ସଦର ମଫସଲ" (୧୯୪୯), "ମନର ଦାଉ" (୧୯୫୦), "ମିଳନ ସଂନ୍ଧ୍ୟା"(୧୯୫୦) "ମଦଭାଟି" (୧୯୫୨), "ମନଚୋରୀ" (୧୯୫୨), "ଚରିତ୍ରହୀନା" (୨ୟ ସଂସ୍କରଣ, ୧୯୫୩), "ବନାନୀର ନିଦ୍ରାଭଙ୍ଗ" (୧୯୫୭), "ଆଜାନ୍" (୧୯୬୨), "ବାପା" (୧୯୬୩), "ଚିତ୍ର ତାରକା" (୧୯୬୩), "ଚାନ୍ଦିନୀଚଉକ" (୧୯୬୩), "ରୂପହୀନାର ଜୀବନ" (୧୯୬୩),ପଦ୍ମାଳୟା ହୋଟେଲ" (୧୯୬୪), "ଇଚ୍ଛାବରଣା" (୧୯୬୫), "ଦୀପଶିଖା" (୧୯୬୫), "ସପ୍ତଧାରା", "ଚିଡିଆଖାନା" (୧୯୬୬), "ବଡ ଘର ବଡ କଥା" (୧୯୭୩), "ବିବିଧା", "ରକ୍ତରାଗ" (ଅନୁବାଦ ।

ଗଳ୍ପ ସଂକଳନ: "ଧର୍ମପଥ" (୧୯୪୩), "ଦାଶଙ୍କ ଚଟଣି" (୧୯୫୨), "ନବ ପର୍ଣ୍ଣିକା" (୧୯୬୨), "ଭୂତଗଳ୍ପ" (୧୯୬୭), "ଗଳ୍ପ ତ୍ରୟୋଦଶୀ" (୧୯୬୮) ଏବଂ "ଘାସିପଡାର ମାୟା" (୧୯୫୮) "ଜୀବନ କବି ଗଙ୍ଗାଧର" (୧୯୫୧) । କବିତା: "ସାବିତ୍ରୀ ଉପାସ" (୧୯୫୨) ଚିତ୍ର ନାଟିକା : "ଜାଗରଣୀ", "ଗାଁ ମାଟି" ।

ଅପ୍ରକାଶିତ - ଭାଇ, ମୁସାଫିର୍, ପିଲାଙ୍କ ମୁସାଫିର୍, ଚିଡିଆଖାନା (୨ୟ) ଏବଂ ପିଲାଙ୍କ ଗଳ୍ପ ଇତ୍ୟାଦି । ଏତଦବ୍ୟତୀତ କମଳାକାନ୍ତ ଦାଶଙ୍କ ବହୁ ଲେଖା ସାହିତ୍ୟ ସୋପାନ ଯୁଗବୀଣା, ସହକାର, ନବଭାରତ, ସହଯୋଗ ସମାଚାର, ଡଗର, ଉଦୟ, କଲ୍ୟାଣୀ,

ISSN NO.
2582-208X

ପ୍ରଜାବାଣୀ, ଆସନ୍ତାକାଲି, ପ୍ରଭାତୀ, ମେଘମାଳା ଟୁଆଁଟୁଇଁ, ଜହ୍ନମାମୁଁ, ନବରବି, ସମାଜ, ମାତୃଭୂମି, ପ୍ରଜାତନ୍ତ୍ର, ମରୁତୀର୍ଥ, ସତ୍ୟବାଦୀ ଆଦି ପତ୍ରପତ୍ରିକାରେ ପ୍ରକାଶିତ । ନିଜ ସାରସ୍ୱତ ସୃଷ୍ଟି ପାଇଁ କମଳାକାନ୍ତ ଦାଶ ୧୯୭୨ ମସିହାରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିବା ସଂଗେ ସଂଗେ କଳାବିନୋଦ ଅନୁଷ୍ଠାନ ଦ୍ୱାରା ସମ୍ମାନିତ । ଶେଷ ଜୀବନ ୭୪ ବର୍ଷ ବୟସରେ ଦେହାନ୍ତ ହୋଇଥିଲା ।

ପ୍ରାକ ସ୍ୱାଧୀନତା ପର୍ଯ୍ୟାୟର ଔପନ୍ୟାସିକ ଭାବରେ କମଳାକାନ୍ତ ଦାଶ ହେଉଛନ୍ତି ଜଣେ ସମୃଦ୍ଧଶାଳୀ ଔପନ୍ୟାସିକ । ତାଙ୍କର ଦୀର୍ଘବର୍ଷର ସାହିତ୍ୟ ସାଧନା ଫଳରେ ସାଧାରଣ ମଣିଷ ଜୀବନର ସୁଖ-ଦୁଃଖ, ହସ-ଲୁହର ଚିତ୍ରକୁ ବେଶ ସୁନ୍ଦର ଭାବରେ ତାଙ୍କ ପ୍ରତିଟି ଉପନ୍ୟାସରେ ସ୍ଥାନିତ କରିଛନ୍ତି । ଜଗତସିଂହପୁର ଜିଲ୍ଲାରେ ଜନ୍ମିତ କମଳାକାନ୍ତ ଦାସ ବୃତ୍ତି ଅପେକ୍ଷା କୃତିକୁ ବେଶି ପ୍ରାଧାନ୍ୟ ଦେଉଥିଲେ । ସମାଜରେ ମଣିଷ ଜୀବନ ନିତିଦିନିଆ ସମସ୍ୟାକୁ ନେଇ ତଥା ଗ୍ରାମୀଣ ଜୀବନଧାରା ସହିତ ଉପନ୍ୟାସ ଗୁଡିକରେ ବାସ୍ତବବାଦିତା ଦେଖିବାକୁ ମିଳେ ।

କମଳାକାନ୍ତ ଦାଶ ଗାଁ ଚାଟଶାଳୀରୁ ବାଲ୍ୟଶିକ୍ଷା ସମାପ୍ତ ପରେ ନିକଟସ୍ଥ ସହରରେ ଉଚ୍ଚଶିକ୍ଷା ଶେଷ କରି ଉପନ୍ୟାସ ଲେଖାଲେଖିରେ ମନବଳିଥିଲେ ମାତ୍ର ୧୮ ବର୍ଷ ବୟସରେ ତାଙ୍କର ପ୍ରଥମ ଉପନ୍ୟାସ "ବୋଉ" ୧୯୨୬ ମସିହାରେ କଟକର ଭାରତୀ ବିହାର ଆନୁକୂଲ୍ୟରେ ପ୍ରକାଶିତ ହୋଇଥିଲା । ଏକ ମାତୃହରା ବାଳକର କାହାଣୀର ରୂପ ନେଇଛି "ବୋଉ" ଉପନ୍ୟାସରେ ।

ଜମିଦାର ନାରଣଚନ୍ଦ୍ର ସାମନ୍ତରାୟଙ୍କ ଏକମାତ୍ର ପୁତ୍ର ମାତୃହରା ବ୍ରଜ ସାବତ ମାର ଅତ୍ୟାଚାରରେ ସହ୍ୟ କରିନପାରି ଚକ୍ରଧର ଘରେ ଆଶ୍ରିତ । ଚକ୍ରଧରର ସ୍ତ୍ରୀ ସେବତୀ ବ୍ରଜକୁ ନିଜର କରିଛି । ହେଲେ ପୁରୁଣା ଶତ୍ରୁତା କ୍ରମେ ସାମନ୍ତରାୟ ପୁତ୍ରକୁ କଟକରେ ଛାଡିଛନ୍ତି । ଚକ୍ରଧରର ମୃତ୍ୟୁରେ ସେବତୀ ଓ ଶୋଭା ନିରାଶ୍ରୟ ହୋଇପଡିଛନ୍ତି କିନ୍ତୁ ବ୍ରଜ ଘରର ହାଲଚାଲ ବୁଝିବା ସଂଗେ ସଂଗେ ଶୋଭାକୁ ବିବାହ କରିବାର ଜିଦ୍ ଆଗରେ ସାମନ୍ତରାୟ ହାରମାନିଛନ୍ତି । ଶେଷରେ ଶୋଭା ଓ ବ୍ରଜର ମିଳନ ଘଟିଛି ।

ଜମିଦାର୍ ସାମନ୍ତରାୟଙ୍କ ଅତ୍ୟାଚାର ଚିତ୍ର ନିରାଶ୍ରୟ ସେବତୀ ଓ ଶୋଭା କିଭଳି ଭାବରେ ଅଭାବ ଅନାଟନରେ ଏଠିସେଠି ଦିନ କାଟିଛନ୍ତି, ଗାଁ ଦାଣ୍ଡରେ ବୁଲାକୁକୁର ପରି ତାର

ISSN NO.
2582-208X

ବାସ୍ତବ ଚିତ୍ର କମଳାକାନ୍ତ ଦାଶ ବେଶ ସୁନ୍ଦର ଭାବରେ "ବୋଉ" ଉପନ୍ୟାସରେ ଚିତ୍ରିତ କରିଛନ୍ତି । ମାଆ ଝିଅଙ୍କ ଆତ୍ମହତ୍ୟାର ଚିତ୍ର ବେଶ ହୃଦୟ ବିଦାରକ ଦୃଶ୍ୟ ଅଟେ । ବାସ୍ତବରେ "ବୋଉ" ଏକ ସଫଳ ମନସ୍ତାତ୍ତ୍ୱିକ ଉପନ୍ୟାକ କହିଲେ ଚଳେ । କମଳାକାନ୍ତ ଦାଶଙ୍କ ଅନ୍ୟାନ୍ୟ ଉପନ୍ୟାସ ଗୁଡିକ ଯଥା – ମନର ଦାଉ-୧୯୪୬, ମଦଭାଟି-୧୯୫୨, ମନଚୋରୀ-୧୯୫୨, ବନାନୀର ନିଦ୍ରାଭଙ୍ଗ-୧୯୫୭, ଦୀପଶିଖା-୧୯୬୧, ଆଜାନ-୧୯୬୨, ବାପା-୧୯୬୩, ଚାନ୍ଦିନୀଚୌକ-୧୯୬୪, ଚିତ୍ରତାରକା-୧୯୬୪ ଚିରସ୍ଥାୟୀ ବନ୍ଦୋବସ୍ତ, ସରଦୀନାନୀ, ଭାଉଜବୋଉ, ଚରିତ୍ରହୀନା, ଜୀବନ ସଉଦା, ମଣିଷର ଦାବି, ୨୪ ନମ୍ବର କେବିନ, ସଦର ମଫସଲ, ପଦ୍ମାଳୟା ହୋଟେଲ ଇତ୍ୟାଦି ।

ତତକାଳୀନ ସମାଜରେ ଅନ୍ଧବିଶ୍ୱାସ, କୁସଂସ୍କାର ମଠ, ମନ୍ଦିର ନାଁ ରେ ଚାଲିଥିବା ଅନୈତିକି କାର୍ଯ୍ୟ ଏବଂ ମଣିଷର ଛଳନାର ଚିତ୍ର କମଳାକାନ୍ତ ଦାଶଙ୍କ ପ୍ରତିଟି ଉପନ୍ୟାସରେ ଚିତ୍ରିତ ହୋଇଛି । ତତକାଳୀନ ସମାଜରେ ଜମିଦାରମାନଙ୍କ ଶୋଷଣ ନୀତି, ଅତ୍ୟାଚାରର ଦୃଶ୍ୟ, ଚିରସ୍ଥାୟୀ ବନ୍ଦୋବସ୍ତ, ସରଦୀନାନୀ ଓ ଭାଉଜବୋଉ ଉଦ୍ୟାଦି ଉପନ୍ୟାସ ମାନଙ୍କରେ ଦେଖିବାକୁ ମିଳେ ।

ପଲ୍ଲୀ ଜୀବନର ସୁନ୍ଦର ଚିତ୍ର "ଜୀବନ ସଉଦା" ଉପନ୍ୟାସରେ ଦର୍ଶାଇଛନ୍ତି । ସାମାଜିକ କଳଙ୍କଭରା ଉପନ୍ୟାସ ଭାବେ ଜାତିପ୍ରଥାକୁ ନେଇ "ମଣିଷର ଦାବି" ଉପନ୍ୟାସକୁ ଉଭା କରିଛନ୍ତି କମଳାକାନ୍ତ ଦାଶ । "ବନାନୀର ନିଦ୍ରାଭଙ୍ଗ" ଉପନ୍ୟାସରେ ଆଦିବାସୀମାନଙ୍କର ଜୀବନଶୈଳୀର ଚିତ୍ର, ସଂସ୍କୃତି ଓ ପରମ୍ପରାକୁ ନେଇ ଫୁଟିଉଠିଛି । ବାଲ୍ୟ ବିବାହଠାରୁ ଆରମ୍ଭ କରି ଅନ୍ଧବିଶ୍ୱାସ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ କୁସଂସ୍କାର ବିରୋଧରେ ଦୃଢ ସମାଲୋଚନା କରିଛନ୍ତି କମଳାକାନ୍ତ ଦାଶ ତାଙ୍କ ଲେଖା ମାଧ୍ୟମରେ ।

ଔପନ୍ୟାସିକ କମଳାକାନ୍ତ ଦାଶଙ୍କ ପ୍ରଥମ ଉପନ୍ୟାସ "ବୋଉ" ୧୯୨୬ ମସିହାରେ ଶେଷ ହୋଇଥିଲା । ଖୁବ୍ କମ ବୟସରୁ ଉପନ୍ୟାସଟି ଲେଖିଥିଲେ ମଧ୍ୟ ମନୁଷ୍ୟ ଚରିତ୍ର ସମ୍ପର୍କରେ ତାଙ୍କର ଗଭୀର ଅର୍ନ୍ତଦୃଷ୍ଟି ଥିଲା । "ବୋଉ" ଉପନ୍ୟାସର କଥାବସ୍ତୁ ଗୋଟିଏ ମାତୃହରା ବାଳକର ହୃଦୟସ୍ପର୍ଶୀ କାହାଣୀ ତଥା ଜଣେ ସାବତ ମା କୁ କେନ୍ଦ୍ରକରି ରଚିତ ହୋଇଅଛି । ଚରିତ୍ରମାନଙ୍କର ମାନସିକ ସ୍ଥିତିର ଗଭୀର ଅଧ୍ୟୟନ ଫଳରେ ଓଡିଆ ଉପନ୍ୟାସ ସାହିତ୍ୟରେ "ବୋଉ" ଏକ ନିର୍ଦ୍ଦିଷ୍ଟ ସ୍ଥାନର ଅଧିକାରୀ ହୋଇପାରିଛି ।

ISSN NO.
2582-208X

ସ୍ନେହକାଙ୍ଗାଳ ଶିଶୁର ମନସ୍ତତ୍ତ୍ୱ, ପିତାର ମନସ୍ତତ୍ତ୍ୱ, ବିମାତାର ମନସ୍ତତ୍ତ୍ୱ ଏବଂ ବାଲ୍ୟସାଥୀ ବ୍ରଜ ପ୍ରତି ଥିବା ଗଭୀର ଭଲପାଇବାର ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣକୁ ଲକ୍ଷ୍ୟ କଲେ ଜଣାଯାଏ ଯେ କମଳାକାନ୍ତ ଦାଶଙ୍କର ଏହା ଏକ ସଫଳ ଉପନ୍ୟାସ ।

ପୃଷ୍ଠଟୀକା:

୧. ଓ.ଚ.-୧୪୩, କଲ୍ୟାଣୀ, ମାର୍ଚ୍ଚ-୧୯୮୨, ଉତ୍କଳ ପ୍ରଦୀପ, ଦ୍ୱିତୀୟଖଣ୍ଡ, ପୃ.୨୬, ପଲ୍ଲୀପ୍ରଭା ପ୍ରକାଶନୀ, ପାଳସାହୀ, ଖୋର୍ଦ୍ଧା, ୨୦୧୧, ସାମନ୍ତରାୟ, ବୀରେନ୍ଦ୍ର କୁମାର ।

୨. ଚଇନି ରତ୍ନାକର, ଚିତ୍ର ଚରିତ, ବିଦ୍ୟାପୁରୀ, ବାଲୁବଜାର, କଟକ, ୭ ମେ-୨୦୦୨, ପୃ. ୧୦୫

୩. ପାଣିଗ୍ରାହୀ ସୁରେନ୍ଦ୍ରନାଥ, ଓଡିଆ ଉପନ୍ୟାସ ସାହିତ୍ୟର ଇତିହାସ, ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ-୨, ୨୦୧୭, ପୃ.୨୨୩ ।

୪. ମିଶ୍ର ଦୀନବନ୍ଧୁ, ଉପନ୍ୟାସରେ ଅଭିବ୍ୟକ୍ତିବାଦ (ଦ୍ୱିତୀୟଭାଗ) ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ, ପ୍ରଥମ ସଂସ୍କରଣ, ଅଡଷ୍ଟ – ୧୯୯୮, ପୃ. ୧୪ ।

ବର୍ତ୍ତନା, ସୋମନାଥପୁର,ବାଲେଶ୍ୱର
Pin-756019
Mobile -7751926605

ISSN NO.
2582-208X

# ଲାଜ



ଚିରନ୍ତନ ଦାଶ

ପ୍ରେମର ନିଆରା ଆବେଗକୁ ଘେନି
ହୃଦ ଯେବେ ଆନ୍ଦୋଳିତ
ଲାଜେ ମନ କଥା କହି ନ ପାରଇ
ପ୍ରିୟା ପାଶେ ପ୍ରେମୀ ସତ ।

ଭୋଜନ ଭଜନ କାଳେ ଯେଉଁ ଜନ
ଲାଜେ ହୋଇଯାଏ ମୌନ
ହାତ ପାହାନ୍ତାରେ ସୁଖ ଥାଇ ସୁଦ୍ଧା
ଅଲଣା ସେ ଆସ୍ୱାଦନ ।

ଉଦିତ ତପନ ମୁଖ ନିତି ଦେଖି
କମଳିନୀ ତେଜି ଲାଜ
ବିକଶଇ ଆହା କେଡ଼େ ସେ ସୁନ୍ଦର
ଅନୁପମ ତା'ର ତେଜ ।

ରଜନୀ ତିମିର ଓଢ଼ଣାକୁ ଦେଖି
ଜହ୍ନ ମେଘତଳେ ଲୁଚି

ISSN NO.
2582-208X

କେତେ ବେଳେ ହସି ଭାସି ବୁଲୁଥାଏ
ପ୍ରିୟା ମୁଖେ ରଖି ରୁଚି ।

ଲାଜର ଏମନ୍ତ ମହିମା ନିଶ୍ଚୟ
ଦୂରକରେ ବେନି ଜନେ
ବେଗେ ତେଜି ୟାକୁ ସୁଖରେ ଜୀବନ
ଯାପିଥାଅ ହେ ସୁଜନେ ।

ଲାଜ ଯଦି କର, ତୁମ ଅନ୍ତରର
କୁଗୁଣକୁ ତେବେ କର
ବଳେ ତାକୁ ଚାପି, ବାହ୍ୟେ ନ ପ୍ରକାଶି
ହସୁଥାଅ ନିରନ୍ତର ।

ହେ ସୁଜନେ !
ଏହି ବାର୍ତ୍ତା ଶିକ୍ଷା କର ।

ISSN NO.
2582-208X

# ପ୍ରତାରଣା



ଦେବାଶିଷ ଦାସ

ଆଜି ଆକାଶ କି ନୀଳ!
ଶୁଣିଛି କୁଆଡ଼େ ବିଷର ରଙ୍ଗ ବି ନୀଳ,
ଯେଉଁ ବିଷପାନ କରି ଶିବ ନୀଳକଣ୍ଠ ହୋଇଥିଲେ ।
ଏଇତ ଟିକେ ଆଗରୁ ଏ ଆକାଶ ଥିଲା ଦୁଧଫେଣ ପରି ସଫେଦ
ବୋଧହୁଏ ତୁମ ପ୍ରତାରଣାର ବିଷରେ
ସିଏ ବି ନୀଳରେ ରୂପାନ୍ତରିତ ହୋଇଯାଇଛି ।
ତୁମ ପ୍ରତାରଣାର ବିଷ ସତରେ କ'ଣ ମାରାତ୍ମକ ?
କଞ୍ଜରେ, କୌସ୍ତୁଭରେ, କବିତାରେ,
ଖଗରେ, ଖଇନିରେ, ଖଞ୍ଜରରେ,
ଗଗନରେ, ଗଙ୍ଗାରେ, ଗଙ୍ଗଶିଉଳିରେ,
ଘଟରେ, ଘଣ୍ଟରେ, ଘଣିରେ,
ଚକ୍ଷୁରେ, ଚାନ୍ଦିନୀରେ, ଚଉଠିରେ,
ଛନ୍ଦରେ, ଛାୟାରେ, ଛୁରିଅନାରେ,
ଜଞ୍ଜିରରେ, ଜଟକରେ, ଜହ୍ନରେ,
ଝଞ୍ଜାରେ, ଝଙ୍କାରରେ, ଝରରେ,
ଟମକରେ, ଟଙ୍କାରେ, ଟଙ୍କତୋରାଣିରେ,
ଠାରରେ, ଠେଙ୍ଗାରେ,ଠୋକରରେ,
ଡଣ୍ଟାରେ, ଡାକରେ, ଡଙ୍ଗାରେ,

ISSN NO.
2582-208X

ଢଗରେ, ଢଙ୍ଗରେ, ଢୌକନରେ,
ତଣ୍ଡିରେ, ତତ୍ୱରେ, ତନୁରେ,
ଥଣ୍ଡାରେ, ଥଳରେ, ଥାଳରେ,
ଦଉଲତରେ, ଦାନରେ, ଦଙ୍ଗାରେ,
ଧରଣୀରେ, ଧର୍ମରେ, ଧର୍ଷଣରେ,
ନଅରରେ, ନକ୍ସାରେ, ନକାବରେ,
ପଙ୍କରେ, ପଙ୍କଜରେ, ପଞ୍ଜାମାଳା ପରେ,
ଫୁଲରେ, ଫଗୁରେ, ଫଗୁଣରେ,
ବନରେ, ବଇଁଶିରେ, ବକ୍ଷୋଜରେ,
ଭଉଁରୀରେ, ଭକ୍ତିରେ, ଭଙ୍ଗୀରେ,
ମାନରେ, ମଙ୍ଗଳରେ, ମକରନ୍ଦରେ,
ଯୌବନରେ, ଯାଚନାରେ, ଯାତ୍ରାରେ,
ରକ୍ତରେ, ରୋହିତକରେ, ରଜତରେ,
ଲଜ୍ଜାରେ, ଲତିକାରେ, ଲପନରେ,
ଶ୍ରାବଣରେ, ଶାମୁରେ, ସାଗରରେ,
ହତ୍ୟାରେ, ହସରେ, ହର୍ଷଣରେ,
କ୍ଷପାରେ, କ୍ଷୟୀରେ, କ୍ଷୀଦ୍ରେ ...
ସବୁଠି ଖାଲି ମତେ ନୀଳ ହିଁ ନୀଳ ଦିଶୁଛି ।।

ଜୟନ୍ତପୁର, ସମ୍ବଲପୁର
ଯୋଗାଯୋଗ- ୯୯୩୭୭୦୧୪୭୫

ISSN NO.
2582-208X

# ପଙ୍ଖା



ଦୀନବନ୍ଧୁ ପୋଇ

ପଙ୍ଖା ମୋର ନାମ ମୁହିଁ ଗିରିଷମ ସଖା
ଯିଏ ମୋତେ ଲୋଡିଥାଏ ତାକୁ ଦିଏ ଦେଖା ।

ଛାତ ତଳେ ଝୁଲି ରହେ ଡେଣାକୁ ମେଲାଇ
ଚାଲିଦେଲେ ଦିଏ ଘରେ ବାୟୁକୁ ଖେଳାଇ ।

ଘୂରୁଥିଲେ ଘରେ କେତେ ଆରାମ ମିଳଇ
ବିନା ବିଦ୍ୟୁତରେ ମୁହିଁ ମୋଟେ ନ ଚଳଇ ।

ସଭା ସମିତିରେ ମୋତେ ଖୋଜା ପଡ଼େ ଆଗ
ଝୁଲାଇ ଚଳାଇ ଦେଲେ ମିଳେ ଥଣ୍ଡା ପାଗ ।

ବିଦ୍ୟୁତ ଅଟଇ ମୋର ଦେହକୁ ଯେ ବଳ
ଟେବୁଲ ସିଲିଙ୍ଗ ରୂପେ ଗଢିଥାଏ କଳ ।

ଝାଳ ବୋହି ଯାଉଥିଲେ କାହାର ଶିରରୁ
ମୋତେ ଚାଲିଦେଲେ ଝାଳ ମାରେ ତା ଦେହରୁ ।

ISSN NO.
2582-208X

ଘରେ କାର୍ଯ୍ୟାଳୟେ ମୋର ସବୁଠି ଆଦର
ମୋ ବିନା ଚଳେନି ନର କ୍ଷଣିଏ ମାତର ।

ସେବା ଦେବା ମୋର କାମ ନାହିଁ ମୋର ଘୃଣା
ଚଳୁଥିବା ଯାଏ କେବେ ନ କରିବି ଊଣା ।

ନିର୍ଜୀବ ହୋଇବି ସିଏ କରେ ଉପକାର
ହେ ଜନତା ତାହାଠାରୁ କିଛି ଶିକ୍ଷା କର ।

ଗୋରଡ଼ାପାଳ
ଢେଙ୍କାନାଳ, ଦୂରଭାଷ_୯୯୩୮୮୦୨୪୧୨

ISSN NO.
2582-208X

# ଶ୍ରୀ ଅଲାରନାଥ ମହାପ୍ରଭୁ



ମାଳତୀ ଦେବୀ

ଅଲ୍ ବିନ୍ଦାନାଥ ବା ଅଲାରନାଥ ପ୍ରସିଦ୍ଧ ପିଠ। ପୁରୀ ଠାରୁ ପଶ୍ଚିମ ଆଡକୁ ଗଲେ ଅଳ୍ପ ଦୁରରେ ବ୍ରହ୍ମଗିରି । ସତ୍ୟଯୁଗ ସମୟର କଥା ଏକଦା ସୃଷ୍ଟିକର୍ତ୍ତା ବ୍ରହ୍ମା ଭଗବାନ ବିଷ୍ଣୁଙ୍କ ଦର୍ଶନ ଲାଭ କରିବା ଲାଗି ଘୋର ତପସ୍ୟା କଲେ । ବ୍ରହ୍ମାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ୍ ବିଷ୍ଣୁ ଚତୁର୍ଭୁଜ ରୂପ ଧାରଣ କରି ତାଙ୍କ ସମ୍ମୁଖରେ ପ୍ରକଟ ହେଲେ ଓ କହିଲେ ମୁଁ ତୁମ ତପସ୍ୟାରେ ସନ୍ତୁଷ୍ଟ । ତୁମେ ମୋର ଏକ ଚତୁର୍ଭୁଜ ମୂର୍ତ୍ତି ନିର୍ମାଣ କରି ଏଠାରେ ପୂଜାର୍ଚ୍ଚନା କର । ଭଗବାନଙ୍କ ଆଜ୍ଞା ପାଳନ କରି ବ୍ରହ୍ମା କଳା ମୁଗୁନି ପଥରରେ ବିଷ୍ଣୁଙ୍କ ଚଳନ୍ତି ପ୍ରତିମା ନିର୍ମାଣ କରି ସେଠାରେ ପୂଜାର୍ଚ୍ଚନା କଲେ । ସେହି ପ୍ରତିମୂର୍ତ୍ତି ସମ୍ପ୍ରତି ଅଲାରନାଥ ନାମରେ ସର୍ବତ୍ର ବିଖ୍ୟାତ ।

ଯେଉଁ ପର୍ବତ ଉପରେ ସେ ତପସ୍ୟା କଲେ ସେହି ସ୍ଥାନଟି ପରବର୍ତ୍ତୀ କାଳରେ ବ୍ରହ୍ମଗିରି ନାମରେ ବିଖ୍ୟାତ ହେଲା । ପରବର୍ତ୍ତୀ ସମୟରେ ସେହି ଅଞ୍ଚଳକୁ ବ୍ରହ୍ମଗିରି ବୋଲି କୁହାଗଲା । ପୌରାଣିକ କଥା ଯେ, ରାଜା ଇନ୍ଦ୍ରଦ୍ୟୁମ୍ନ ରାଜତ୍ୱ କାଳରେ ସୃଷ୍ଟିକର୍ତ୍ତା ବ୍ରହ୍ମା ଶ୍ରୀମନ୍ଦିର ପ୍ରତିଷ୍ଠା ଲାଗି ମର୍ତ୍ତ୍ୟଭୂମିକୁ ଆସିଥିଲେ । ସେ ପ୍ରଥମେ ଯେଉଁ ସ୍ଥାନରେ ମର୍ତ୍ତ୍ୟଭୂମିକୁ ଓହ୍ଲାଇଲେ ସେହି ସ୍ଥାନକୁ ପରବର୍ତ୍ତୀ ସମୟରେ ବ୍ରହ୍ମଗିରି ବୋଲି କୁହାଗଲା । ସୃଷ୍ଟିକର୍ତ୍ତା ମର୍ତ୍ତ୍ୟଭୂମିରେ ପାଦ ଦେବା ପରେ ବିଷ୍ଣୁଙ୍କ ପୂଜା କରିଥିଲେ । ଯେଉଁଠାରେ ସେ ବିଷ୍ଣୁଙ୍କ ପୂଜା କରିଥିଲେ ପରବର୍ତ୍ତୀ ସମୟରେ ତାହା ଅଲାରନାଥ ନାମରେ ଖ୍ୟାତି ଅର୍ଜନ

ISSN NO.
2582-208X

କଲା । ସେହି ବ୍ରହ୍ମଗିରି ରେ ପ୍ରବେଶ କରୁ କରୁ ବିରାଜ ମାନ କରିଛନ୍ତି ଅଲାରନାଥ ଭଗବାନ। ତାଙ୍କ ସେବା କରିବାପାଇଁ ଅନେକ ସେବକ ସେଠି ଖଞ୍ଜା ହେଇଛନ୍ତି ।

ଭଗବାନ ପ୍ରସିଦ୍ଧ ବିଗ୍ରହ । ସେ ଚତୁର୍ଦ୍ଧାମୂର୍ତ୍ତି ନାରାୟଣ। ସାଢେ ପାଞ୍ଚଫୁଟ ଉଚ୍ଚତା । ଶ୍ରୀଦେବୀ ଏବଂ ଭୂଦେବୀ ପାଖରେ ବିଦ୍ୟମାନ କରିଛନ୍ତି। ପଦଯୁଗ ତଳେ ଗରୁଡ଼ ପ୍ରାର୍ଥନାରତ। ଦଣ୍ଡାୟମାନ ଭଙ୍ଗୀରେ ଥିବା ଏହି ବିଗ୍ରହଙ୍କର ହସ୍ତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ସୁଶୋଭିତ । ଶ୍ରୀ ଜୀଉଙ୍କ ଊର୍ଦ୍ଧ୍ୱ ବାମ ହସ୍ତରେ ଶଙ୍ଖ, ଡାହଣ ହସ୍ତରେ ଚକ୍ରଚିହ୍ନ ଅଛି। ନିମ୍ନ ବାମ ହସ୍ତରେ ଗଦା ଓ ଡାହାଣ ହସ୍ତରେ ପଦ୍ମ ଚିହ୍ନ ବିଦ୍ୟମାନ । କିନ୍ତୁ ମୁହଁରେ ଫୋଟକା ଚିହ୍ନ। ଏହାର କାରଣ କଣ ?

ତାମିଲନାଡୁରୁ ଆସିଥିବା ଆଲବର ସମ୍ପ୍ରଦାୟମାନେ ତତକାଳିନ ଗଜପତି ଙ୍କ ଦ୍ୱାରା ପ୍ରଭୁଙ୍କ ସେବାରେ ନିୟୋଜିତ। ଏହି ସମ୍ପ୍ରଦାୟର ବ୍ରାହ୍ମଣମାନେ ପ୍ରଭୁଙ୍କର ପୂଜାର୍ଚ୍ଚନା କରନ୍ତି । ବୋହୁପୁରାତନ କାଳରେ ଶ୍ରୀ କେତନ ନାମକ ଜଣେ ବ୍ରାହ୍ମଣ ପୂଜା କରୁଥିଲେ ସେ ପୂଜକ କାର୍ଯ୍ୟବଶତଃ ଅନ୍ୟ ଗ୍ରାମକୁ କେତେଦିନ ପାଇଁ ଚାଲିଯାଇଥିଲେ । ଯିବା ପୂର୍ବରୁ ସେ ତାଙ୍କର ନାବାଳକ ପୁତ୍ରକୁ ଠାକୁରଙ୍କ ନିକଟରେ କ୍ଷୀରିଭୋଗ କରିବା ପାଇଁ କହି ଯାଇଥିଲେ। ଅଜ୍ଞାନ ବାଳକ ପୂଜା ପଦ୍ଧତି ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ ସୁଦ୍ଧା କ୍ଷୀରି ହାଣ୍ଡି ଧରି ଠାକୁରଙ୍କ ପାଖରେ ପହଞ୍ଚି ତାର ଚପଳ ବୁଦ୍ଧି ଓ ଭକ୍ତି ସହକାରେ ଆଖି ବନ୍ଦ କରି ଠାକୁରଙ୍କୁ ଆବାହନ କଲା -

"ଆସ ଅଲାର ଖାଅ ଖିରି
ବାପା ଯାଇଛନ୍ତି ତୀର୍ଥ କରି" ॥

ଆଖି ଖୋଲି ଦେଖିଲା ହାଣ୍ଡିରେ କିଛି କ୍ଷୀରି ନାହିଁ । ଘରକୁ ଖାଲି ହାଣ୍ଡି ଧରି ଫେରି ତା'ମା ଆଗରେ ସମସ୍ତ ଘଟଣା କହିଲେ ସୁଦ୍ଧା ମା'ର ବିଶ୍ୱାସ ହେଲା ନାହିଁ । ବିଲେଇ କ୍ଷୀରି ବୋଧହୁଏ ଖାଇ ଦେଇଥିବ କିମ୍ବା ଅନ୍ୟ କୌଣସି ଅଘଟଣ ଘଟିଥିବ, ଏହି ଆଶଙ୍କାରେ ପୁତ୍ରର ମା' ରାତ୍ରି ସାରା ଶୋଇ ପାରି ନ ଥିଲେ । ତା ପରଦିନ ପୁଅକୁ କ୍ଷୀରି ହାଣ୍ଡି ସହ ପଠାଇ ବାଳକଟିର ମାଆ ଅଲାରନାଥ ବିଗ୍ରହଙ୍କର ପଶ୍ଚାତ୍ ଭାଗରେ ଲୁଚି ରହିଥିଲେ ।

ISSN NO.
2582-208X

କ୍ଷୀରି ଖାଇବା ପାଇଁ ବାଳକଟି ଠାକୁରଙ୍କୁ ଆବାହନ କଲା ମାତ୍ରେ, ପ୍ରଭୁ ଅଲାରନାଥ ନଇଁ ପଡ଼ି କ୍ଷୀରି ଖାଉଥିବା ବେଳେ ବାଳକଟିର ମା' ଭୟରେ ଚିତ୍କାର କରିଥିଲେ ।

ଗରମ କ୍ଷୀରି ପ୍ରଭୁଙ୍କ ହାତ ଓ ମୁହଁରେ ପଡ଼ି ଫୋଟକା ହୋଇଯାଇଥିଲା । ଅଦ୍ୟାବଧି ଏହାର ସ୍ମୃତି ସ୍ୱରୂପ ସ୍ଥାନୀୟ ପୂଜକମାନେ ବିଗ୍ରହଙ୍କର ମୁହଁରେ ଥିବା ଫୋଟକା ଚିହ୍ନ ଦେଖାଇଥାନ୍ତି । ସ୍ଥାନୀୟ ଅଧିବାସୀଙ୍କ ବିଶ୍ୱାସ ଯେ, ପ୍ରଭୁ ଅଲାରନାଥ ସ୍ୱୟଂ କ୍ଷୀରିକୁ ଏଠାରେ ଆଘ୍ରାଣ କରି ଥାଆନ୍ତି, ଯାହାଫଳରେ କି ଏଠାରେ କ୍ଷୀର ଭୋଗ ଅତ୍ୟନ୍ତ ସୁସ୍ୱାଦୁ ଓ ପ୍ରସାଦ ରୂପେ ଭାରତ ବର୍ଷର ସମସ୍ତ ଭକ୍ତମାନଙ୍କ ଗ୍ରହଣୀୟ ହୋଇଛି ।

ରଥଯାତ୍ରା ପୂର୍ବରୁ ପ୍ରଥମେ ପଡେ ସ୍ନାନଯାତ୍ରା । ଏହି ମହାସ୍ନାନ ପରେ ଶ୍ରୀଜୀଉମାନେ ଲୌକିକ ମତରେ ଭୀଷଣ ଜ୍ୱରରେ ଆକ୍ରାନ୍ତ ହୋଇ ଅଣସର ଘରେ ପଡ଼ିରହନ୍ତି । ଅଣସରର ତାଳତାଟି ଭିତରେ ମହାପ୍ରଭୁଙ୍କ ବଂଶଧର ଭାବେ ପରିଚିତ ଦଇତାପତି ସେବକମାନେ ସେମାନଙ୍କର ସେବାଶୁଶ୍ରୁଷା କରନ୍ତି । ସେହି ସମୟରେ ଭକ୍ତମାନେ ଦୀର୍ଘ ୧୫ଦିନ ଧରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିପାରନ୍ତି ନାହିଁ । ତେଣୁ ଏହି ସମୟରେ ଭକ୍ତମାନେ ଶ୍ରୀଜୀଉମାନଙ୍କୁ ଦର୍ଶନ କରିନପାରି ବ୍ରହ୍ମଗିରିର ଶ୍ରୀଅଲାରନାଥଙ୍କୁ ଦର୍ଶନ କରି ପୁଣ୍ୟ ଅର୍ଜନ କରିଥାନ୍ତି । ଶ୍ରୀମନ୍ଦିର ରତ୍ନ ସିଂହାସନରେ ଶ୍ରୀଜୀଉଙ୍କୁ ଦର୍ଶନ କରିବାରେ ଯେତିକି ପୂଣ୍ୟ ମିଳେ ଅଣସର ସମୟରେ ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ସେତିକି ପୂଣ୍ୟ ମିଳେ ବୋଲି ପ୍ରବାଦ ରହିଛି ।

ପୁରୁଷୋତ୍ତମ ଚନ୍ଦ୍ରିକାରୁ ଜଣାପଡ଼େ ଅଲବନ୍ଦ ଆଚାର୍ଯ୍ୟ ନାମକ ଏକ ତାନ୍ତ୍ରିକ ବ୍ରାହ୍ମଣ ଅନବସର ସମୟରେ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ସ୍ୱର୍ଗଦ୍ୱାର ନିକଟ ସୋଲାଖିଆ ବଟବୃକ୍ଷରେ ମହୁମାଛି ହୋଇ ଶ୍ରୀମନ୍ଦିରକୁ ଯାଆନ୍ତେ ସେଠାରେ ବାଧାପ୍ରାପ୍ତ ହୋଇ ସମୁଦ୍ରରେ ଝାସ ଦେବାକୁ ଯିବା ସମୟରେ ଏକ ମର୍କଟ ବାଧାଦେବାରୁ ସେ ଶ୍ରୀ ଅଲାରନାଥଙ୍କ ପୀଠରେ ଆସି ପଡ଼ିଲେ । ଅଲବନ୍ଦାରନାଥଙ୍କ ଠାକୁରଙ୍କୁ କାଳକ୍ରମେ ଶ୍ରୀ ଅଲାରନାଥ ଭାବେ ପୂଜା ହେଉଥିବା କୁହାଯାଏ । ଗବେଷକମାନଙ୍କ ମତାନୁଯାୟୀ 'ଅଲାରନାଥ' ନାଁଟି ଏକ ଦ୍ରାବିଡ଼ ଶବ୍ଦରୁ ଆସିଛି । ଦ୍ରାବିଡ଼ ଶବ୍ଦ 'ଆଲୋୟାର'ର ଅର୍ଥ ଭକ୍ତ । ଏଣୁ ଆଲୋୟାରନାଥ ପ୍ରକୃତରେ ଭକ୍ତଙ୍କର ନାଥ । କାଳକ୍ରମେ ଆଲୋୟାରନାଥ

ISSN NO.
2582-208X

ଶବ୍ଦର ଅପଭ୍ରଂଶ ଘଟି ଆଲବନ୍ଦାନାଥ, ଅଲବରନାଥ, ଆଲାଲାନାଥ ଏବଂ ପରିଶେଷରେ ସ୍ଥାନୀୟ ଲୋକମୁଖରେ ଏହା 'ଅଲାରନାଥ' ନାମରେ ପ୍ରସିଦ୍ଧି ଲାଭ କରିଛି । ଅପରପକ୍ଷରେ ପୁରୁଷୋତ୍ତମ ଚନ୍ଦ୍ରିକାରେ ହୋଇଥିବା ଉଲ୍ଲେଖ ଅନୁସାରେ ପରମ ତାନ୍ତ୍ରିକ ବାବା ଅଲବନ୍ଦାଚାର୍ଯ୍ୟ ନାମକ ଜଣେ ତନ୍ତ୍ର ସାଧକ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସିଥିବା ସମୟରେ ଅଣସର ହେତୁ ଦର୍ଶନ ପାଇ ପାରି ନ ଥିଲେ । ନିଜର ତନ୍ତ୍ର ସାଧନା ପ୍ରୟୋଗ କରି ସେ ଏକ ଭ୍ରମର ରୂପରେ ଅଣସର ଗୃହକୁ ପ୍ରବେଶ କରିଥିଲେ । ଅଣସର ଗୃହରେ ଏକ ଅଷ୍ଟଦଳ ପଦ୍ମ ଦେଖି ଅଲ୍‌ବନ୍ଦା ପଦ୍ମ ଉପରେ ବସିବାକୁ ଉଦ୍ୟମ କରିବା ବେଳେ ପଦ୍ମର ପାଖୁଡ଼ାଗୁଡ଼ିକ ଜଣେ ଜଣେ ସୁନ୍ଦରୀ ନାରୀରେ ପରିଣତ ହୋଇ ଭ୍ରମରକୁ ଉପହାସ କରିଥିଲେ । ଫଳରେ ଅଲ୍‌ବନ୍ଦାଚାର୍ଯ୍ୟ ଅପମାନ ପୂର୍ବକ ଜଗନାଥଙ୍କ ଦର୍ଶନରୁ ବଞ୍ଚିତ ହୋଇ ସମୁଦ୍ରରେ ପ୍ରାଣ ବିସର୍ଜନ ନିମନ୍ତେ ଉଦ୍ୟମ ହୁଅନ୍ତେ ହଠାତ୍ ଏକ ବିରାଟକାୟ ମର୍କଟ ତାଙ୍କ ସମ୍ମୁଖରେ ଲମ୍ଫ ପ୍ରଦାନ କରି ଦକ୍ଷିଣ ଦିଗକୁ ଗତି କରିଥିଲା । ଏହା ଭଗବାନଙ୍କ ନିର୍ଦ୍ଦେଶ ଭାବି ସେ ଦକ୍ଷିଣାଭିମୁଖୀ ଦିଗରେ ଯାତ୍ରା କରି ବ୍ରହ୍ମଗିରିସ୍ଥ ଅଲାରନାଥ ପୀଠରେ ପହଞ୍ଚି ସେଠାରେ ଶିଳାରୂପୀ ବିଷ୍ଣୁ ବିଗ୍ରହଙ୍କୁ ଦର୍ଶନ କରି ଭାବ ବିହ୍ୱଳିତ ହୋଇଯାଇଥିଲେ ।

ସତ୍ୟଯୁଗରେ ମହାପ୍ରଭୁଙ୍କ ଲୀଳା ବ୍ରହ୍ମଗିରିରେ ପ୍ରକଟ ହୋଇଥିଲା । ତେବେ ଅନେକ କାଳ ଧରି ଏହି ଲୀଳା ଗୁପ୍ତ ହୋଇ ରହିବା ପରେ ମହାନ ବୈଷ୍ଣବ ସନ୍ଥ ଚୈତନ୍ୟଙ୍କ ଶ୍ରୀକ୍ଷେତ୍ରକୁ ଆଗମନ ସମୟରେ ଅଲାରନାଥଙ୍କ ମହିମା ପୁନର୍ବାର ଲୋକମୁଖରେ ପ୍ରଚାରିତ ହୋଇଥିଲା। ଶ୍ରୀ ଚୈତନ୍ୟ ତାଙ୍କ ଜୀବନର ଶେଷ ୧୮ବର୍ଷ ଶ୍ରୀକ୍ଷେତ୍ରରେ କଟାଇଥିଲେ । କାଶୀମିଶ୍ରାଳୟର ଗମ୍ଭୀରା ଘରେ ସେ ଅବସ୍ଥାନ ପୂର୍ବକ ପ୍ରତ୍ୟହ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ନିମିତ୍ତ ଶ୍ରୀମନ୍ଦିରକୁ ଯାଉଥିଲେ । ଅଣସର ସମୟରେ ପ୍ରଭୁଙ୍କର ଦର୍ଶନ ନ ପାଇ ବିରହ ଜ୍ୱାଳାରେ ମ୍ରିୟମ୍ରାଣ ହୋଇପଡ଼ିଥିଲେ । ପ୍ରଭୁଙ୍କ ନିର୍ଦ୍ଦେଶରେ ସେ ବ୍ରହ୍ମଗିରିସ୍ଥ ଅଲାରନାଥଙ୍କ ପୀଠରେ ପହଞ୍ଚି ନାରାୟଣ ମୂର୍ତ୍ତିଙ୍କୁ ଦର୍ଶନ କରି ଭାବ ବିହ୍ୱଳିତ ହୋଇଯାଇଥିଲେ । ସେଠାରେ ପଡ଼ିଥିବା ଏକ ପ୍ରସ୍ତର ଖଣ୍ଡ ଉପରେ ଦଣ୍ଡବତ ପ୍ରଣିପାତ କରିଥିଲେ । ଶ୍ରୀବିଗ୍ରହଙ୍କ ଦର୍ଶନ ନ ପାଇ ବିରହ ଜ୍ୱାଳାରେ ତାଙ୍କ ଶରୀର ଏତେ ଉତ୍ତପ୍ତ ହୋଇଯାଇଥିଲା ଯେ ଉକ୍ତ ପ୍ରସ୍ତର ଖଣ୍ଡକ ତାଙ୍କ ଶରୀରର ଆକାର ଅନୁଯାୟୀ ତରଳି ଯାଇଥିଲା । ଏବେ ବି ସେହି ପ୍ରସ୍ତର ଖଣ୍ଡିକ ସର୍ବାଙ୍ଗ ଶିଳା ଭାବେ ମନ୍ଦିର ପରିସରରେ

ISSN NO.
2582-208X

ପୂଜିତ ହେଉଛି । ଶ୍ରୀଚୈତନ୍ୟ ପନ୍ଥୀ ଗୌଡ଼ୀୟ ବୈଷ୍ଣବମାନେ ଏହି ପୀଠକୁ ଆଗମନ କରି ପ୍ରଭୁ ଅଲରନାଥଙ୍କୁ ଦର୍ଶନ କରିବା ସହିତ ସେହି ସର୍ବାଙ୍ଗ ଶିଳାକୁ ପ୍ରଣିପାତ କରିଥାନ୍ତି ।

ଶ୍ରୀମନ୍ଦିର ଭୋଗନୀତି ପରି ଏଠାରେ ମଧ୍ୟ ଭୋଗ ଅନୁଷ୍ଠିତ ହୁଏ । ସକାଳ ୮ଟାରେ ବାଳଭୋଗ, ସକାଳ ଧୂପରେ ଅଣ୍ଡି, ଖେଚେଡ଼ି, ଡାଲି ଓ ତରକାରୀ ଭୋଗ କରାଯାଏ । ମାଧ୍ୟାହ୍ନରେ କ୍ଷୀର ଭୋଗ କରାଯାଇ ପହୁଡ଼ ପଡ଼େ । ରାତିରେ ଦହି ପଖାଳ ଓ ଭଜା ଭୋଗ କରାଯାଏ । ଶ୍ରୀଅଲାରନାଥଙ୍କ କ୍ଷୀରି ଭୋଗ ସବୁଠାରୁ ପ୍ରିୟ । ଶ୍ରୀମନ୍ଦିର ଭଳି ଏଠାରେ ପ୍ରଭୁ ଅଲାରନାଥଙ୍କ ଦୈନନ୍ଦିନ ଆଳତୀ, ଅବକାଶ, ବଲ୍ଲଭ, ଅନ୍ନଭୋଗ, ଚନ୍ଦନ ଲାଗି, ବଡ଼ସିଂହାର ବେଶ, ପହୁଡ଼ ଇତ୍ୟାଦି ନୀତି ଅନୁଷ୍ଠିତ ହୋଇଥାଏ । ବିଶେଷ କରି ଅଣସର ସମୟରେ ଉକ୍ତ ମନ୍ଦିରରେ ଦ୍ୱାର ଫିଟା, ମଙ୍ଗଳ ଆରତୀ, ଅବକାଶ, ଅଣସର ବେଶ, ଚନ୍ଦନ ତୁଳସୀ ଲାଗି, ବଲ୍ଲଭ ଭୋଗ, ସର୍ବସାଧାରଣ ଦର୍ଶନ, ସକାଳ ଧୂପ, ଦ୍ୱିପହର ଧୂପ (କ୍ଷୀର ଭୋଗ), ଦିବା ପହୁଡ଼, ଚିଆଁ ପହୁଡ଼, ସର୍ବସାଧାରଣ ଦର୍ଶନ, ସନ୍ଧ୍ୟା ଆଳତୀ, ମଇଲମ, ଅଣସର ବେଶ, ସର୍ବସାଧାରଣ ଦର୍ଶନ, ସନ୍ଧ୍ୟା ଧୂପ, ବଡ଼ ସିଂହାର ବେଶ ଓ ତତ୍ପରେ ପହୁଡ଼ ନୀତି ହୋଇ ମନ୍ଦିର ଦ୍ୱାର ବନ୍ଦ ହୋଇଥାଏ । ଅନବସର ସମୟରେ ଅନବସର ବେଶ, ଚନ୍ଦନ ଯାତ୍ରା ସମୟରେ ଚନ୍ଦନ ବେଶ, କାର୍ତ୍ତିକ ମାସରେ ରାଧାଦାମୋଦର ବେଶ, ଦଶହରା ଦିନ ରାଜବେଶ, ବସନ୍ତ ପଞ୍ଚମୀ ଦିନ ଘୋଡ଼ାଲିଗି ବେଶ ଓ ଅନ୍ୟାନ୍ୟ ବେଶ କରାଯାଏ । ସେହିଭଳି ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଅନବସର ଉତ୍ସବ, ଚିତାଲାଗି ଅମାବାସ୍ୟା, ଗହ୍ମାପୂର୍ଣିମା, କୁମାର ପୂର୍ଣିମା, ବିଜୟା ଦଶମୀ, ଦେବ ଦୀପାବଳୀ, ଧନୁ ସଂକ୍ରାନ୍ତି, ପହିଲି ଭୋଗ, ମକର ସଂକ୍ରାନ୍ତି, ବକୁଳ ଅମାବାସ୍ୟା, ବସନ୍ତ ପଞ୍ଚମୀ, ଦୋଳ ପୂର୍ଣ୍ଣମୀ, ପୁଷ୍ୟାଭିଷେକ, ପଣାସଂକ୍ରାନ୍ତି, ଚନ୍ଦନ ଯାତ୍ରା ଆଦି ଅନୁଷ୍ଠିତ ହୁଏ ।

ସଂଗ୍ରାହକ: ମାଳତୀ ଦେବୀ
ପୁରୁଣା ବଜାର, ଲେ୍କାପଦା, ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଘୋଷ ଯାତ୍ରା



ମୋନାଲିସା ପଣ୍ଡା

ଧନ୍ୟ ପ୍ରଭୁ ଧନ୍ୟ, ଧନ୍ୟ ତୁମ ଲୀଳା
କିଏ ସେ ବୁଝିବ ତୁମ ଲୀଳା ଖେଳା,
ଭକତଙ୍କୁ ରଖ ବୁଡିବାରୁ ଭେଳା
ଦୁଷ୍ଟ ଙ୍କୁ ଦେଖାଅ ବିନାଶ ର ଜ୍ୱଳା ।।
ବରଷ କୁ ଥରେ ଚାଲି ଆସ ତୁମେ
ରତ୍ନ ସିଂହାସନ ଭୁଲି,
ବଡଦାଣ୍ଡେ ଭିଡ ଲାଗିଯାଏ ପ୍ରଭୁ
କରିବାକୁ ଟିକେ ଅଳି ।।
ତୋ ଭବ୍ୟ ଦର୍ଶନ ମହା ଆନନ୍ଦ ରେ
ପାଆନ୍ତି ତୋ ଭକ୍ତ ଗଣ,
ନାହିଁ ଜାତି ଭେଦ ନାହିଁ କିଛି ଧର୍ମ
ସମସ୍ତେ ତୋଠି ସମାନ ।।
ତୋ ହାତରେ ଅଛି ଜୀବନ ର ରଥ
ସ୍ୱଇଚ୍ଛା ରେ ଟାଣୁ ଅଛୁ,
ଆଜି କିନ୍ତୁ କାହିଁ ଭକତଙ୍କ ହାତେ
ନିଜ ରଥ ଟଣାଉଛୁ ।।
ଷୋହଳ ଚକା ର ତୋ ନନ୍ଦିଘୋଷ ରେ
ବସି କରିବୁ ଭ୍ରମଣ,
ଦେଖିବୁ କାଳିଆ ତୋ ଚକାଆଖି ରେ
ସଂସାର ର ଆର୍ତତ୍ରାଣ ।।
ଯଦି ବାହାରିଛୁ ତୋ ସିଂହାସନ ରୁ
ହାରିବୁ ଦୁଃଖୀ ଙ୍କ ଦୁଃଖ,
ଘୋଷଯାତ୍ରା କରି ଦୁଃଖ ଫେଡ଼ିଲେ
ସଂସାର ଲଭିବ ସୁଖ ।।

ଜୟ ଜଗନ୍ନାଥ

କୋମନା, ନୂଆପଡା

ISSN NO.
2582-208X

# ଦୁର୍ଘଟଣା



ପ୍ରକାଶ ଚନ୍ଦ୍ର ପଣ୍ଡା

ଲିଭିଗଲା ଦୀପ ପିଣ୍ଡରୁ କାହାର
ବୁଜିଦେଲା ଆଖି କିଏ,
କିଏବା ବୁଝିବ ନିରୀହ ବେଦନା
ଦୁଃଖୀ ତ ଏଠି ସଭିଏଁ ।
ମାଆ ର କୋଳରୁ ପୁଅ ଚାଲିଗଲା
ସିନ୍ଦୁର ଲିଭିଲା କାର,
କାହା ଘର ଏଠି ଉଜୁଡି ଗଲାଯେ
କିଏ ହେଲା ବାରଦ୍ୱାର ।
ସତେକି ବିଚିତ୍ର ସାରା ଏ ସଂସାର
ଏ ଜୀବନ ଆମ ଛାର,
ନିମିଷେ ଜୀବନ ଚାଲିଯାଏ ଯଦି
ଏ ପିଣ୍ଡକୁ କରି ପର ।
ଛୋଟିଆ ଗୋଟିଏ ଭୁଲଟିଏ ପାଇଁ
କେତେ ଯେ ନିରୀହ ଜନ,
ବୁଜିଦେଲେ ଆଖି ଏ ମର୍ତ୍ତ୍ୟମଣ୍ଡଳୁ
ଝାଶୀଦେଲେ ଅବା ପ୍ରାଣ ।
ସେହି ପ୍ରାଣ ପାଇଁ ନିରବ ପ୍ରାର୍ଥନା
ସଭିଙ୍କ ହୃଦୟେ ଜାଗୁ ।

ସେ ଅମର ଆତ୍ମା ପାର୍ଥିବ ହେଉହେ
ତରିଯାଉ ଏହି ଭବୁ,
ଦୁଇ ବୁନ୍ଦା ଅଶ୍ରୁ ବହିଯାଉ ଏହି
ବେନି ନୟନରୁ ମୋର ।
ହୃଦୟର କୋହ ହେଉଯାଉ ଶାନ୍ତି
ହେ ପ୍ରଭୁ ପରମେଶ୍ୱର,
ତୁମ ଲୀଳାକୁ ବା କିଏ ବା ବୁଝିବ
ତୁମେ ତ ଜଗତ କର୍ତ୍ତା ।
ଛାର ଏ ଜୀବନ ନିମିତ୍ତ ଏ ମାତ୍ର
ସବୁତ ତୁମରି ଇଚ୍ଛା ।

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ଆଖି ଥାଇ ମୋତେ ଅନ୍ଧ ସଜାଇଲୁ



ତାରାପ୍ରସାଦ ଜେନା

ବଡ଼ ଆଖିଆରେ.. କି ଦୋଷ ଦେଖିଲୁ
ଦେଲୁ ମୋତେ ଏତେ ଦଣ୍ଡ
ଆଖି ଥାଇ ମୋତେ ଅନ୍ଧ ସଜାଇଲୁ
କିବା ତୋର ଏଇ କାଣ୍ଡ ?
.......ବଡ଼ ଆଖିଆରେ.. କି ଦୋଷ ଦେଖିଲୁ ..... ! ୦ !

ପାପ କିଛି ହେଲେ ଆଖି ପକାଇନି
ବଡ଼ ସାନ ନାହିଁ ଭେଦ
ହସ ଦେଇଥାନ୍ତୁ ଲୁହ ଦେଲୁ ହେଲେ
ହଜିଗଲା ମୋର ନିଦ,
ପାପୀ ହୋଇଥିଲେ ପାଇଥାନ୍ତି ଶାସ୍ତି
ନେଇଥାନ୍ତୁ ଛାର ମୁଣ୍ଡ
.......ବଡ଼ ଆଖିଆରେ.. କି ଦୋଷ ଦେଖିଲୁ ..... ! ୧ !

ଜନମରୁ ଦୁଃଖ ବ୍ୟାଧି ସହଚର
ସୁଖ କାଳେ ନାହିଁ ଲବେ
ବଡ଼ ଆଖିଆର କୃପା କଣିକେକୁ
ଦିନ ଗଣି ଖାଲି ଭାବେ,

ISSN NO.
2582-208X

ମଣିମା ମୋ ଯଦି ସାହା ନହୋଇବୁ
ଚାଲିଯିବ ପ୍ରାଣ ପିଣ୍ଡ
.......ବଡ଼ ଆଖିଆରେ.. କି ଦୋଷ ଦେଖିଲୁ ..... ! ୨ !

ଅନ୍ଧ କରି ଯଦି ନିତି ଚିନ୍ତାମଣି
ମନ ଧ୍ୟାନେ ଥିବୁ ରହି
ସେହି ଆଶା ମୋର ପୂର୍ଣ୍ଣ କରେ ପ୍ରଭୁ
ଭକ୍ତ ଜନ ଭାବଗ୍ରାହୀ,
ଜଗନ୍ନାଥ ବିନା ଆଉ କିଛି ନାମ
ଧରିବନି କେବେ ତୁଣ୍ଡ
.......ବଡ଼ ଆଖିଆରେ.. କି ଦୋଷ ଦେଖିଲୁ ..... ! ୩ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ରକ୍ତକଇଁ

ହରିଶ୍ଚନ୍ଦ୍ର ବେହେରା

ଅନେକ ଦିନ ପରେ
ଆଜି ତୋଳିବାକୁ ଗଲି ରକ୍ତ କଇଁ

ବିଳମ୍ବିତ ରାତ୍ରିରେ ଝିଅଟିଏ ଅଳି କରୁଥିଲା
ରକ୍ତକଇଁ ତୋଳି ଦେବାକୁ
କହିଲି ଆଲୋ ହୁଣ୍ଡି ଏତେ ରାତିରେ କିଏ ତୋଳିବାକୁ ଯାଏ
ତୋ ଆତୁର ଆବେଗ କୁ
ତୁ କେଉଁ ଜାଣିଛୁ କୃଷ୍ଣ ନାଗର ଦଂଶନ ର ଜ୍ୱାଳା କେତେ !!

ସେ ଅଭିମାନ କରି ଚାଲିଗଲା
ସୁଂ ସୁଂ ଶୁଭୁଥିଲା ତା'ନାକ କାନ୍ଦ
ଯେଉଁଠି ନାକ ଚଣା ସାଥିକୁ ଛୋଟ ତିଳ ଚିହ୍ନ ଟିଏ
ଖୁବ୍ ମାନୁଥିଲା ଟିକିଏ ତଳକୁ

ରକ୍ତକଇଁ ର ପାଖୁଡ଼ାରେ ଏତେ ରକ୍ତ କେଉଁଠୁ ଆସିଲା
ସେ ପଚାରିଥିଲା ଦିନେ
ମୁଁ କହିପାରିଲିନି ନିବିଡ଼ ଆତ୍ମୀୟତା ଓ ଭଲପାଇବାର ରଙ୍ଗ
ଏମିତି ରକ୍ତ ପରି
କେବଳ କହିଥିଲି ହୃଦୟର ଶୁଖୁ ନଥିବା କ୍ଷତ
ଅଧାଦେଖା ସ୍ୱପ୍ନ ରୁ ରକ୍ତ ଝରି
ପାଖୁଡ଼ାକୁ କରିଦେଇଛି ରକ୍ତ ବର୍ଣ୍ଣ

ISSN NO.
2582-208X

ସେ କେଉଁ ବୁଝାନ୍ତା ଏ ଗହନ କଥା
ଖାଲି କହିଥିଲା, ଛାତି ଭିତରେ ତ ହୃଦୟ ସୁରକ୍ଷିତ
କ୍ଷତ ହେବ କେମିତି
ସତରେ ମୁଁ ଏ ଯାଏଁ ସ୍ୱପ୍ନ ଦେଖୁଥିଲି

ସକାଳୁ ସକାଳୁ ବାହାରି ପଡ଼ିଲି
ରକ୍ତକଇଁ ତୋଳି
ପୋଖରୀରେ ପଶିବା ବେଳକୁ
ପୂରା ଓଦା ହୋଇ ଗଲା ପିଲାଦିନ ମୋର
ଆଷାଢ଼ ର ପହିଲି ବର୍ଷା ରେ ଭିଜୁଥିବା
କାଗଜ ଡଙ୍ଗାର ପିଲା ମନ ବଉଳି ଗଲା

କୋଇଲିର କୁ-ହୁ ଶୁଭିବା ବେଳକୁ
ମୁଁ ତୋଳି ସାରିଥିଲି ଗୁଚ୍ଛେ ରକ୍ତ କଇଁ
ଝିଅଟି କୂଳରେ ଠିଆ ହୋଇ ମୁହଁରେ ତା' ଆପ୍ରନ ଜାକି
ହସୁଥିଲା ମୁଚିକି ମୁଚିକି
ଯା' ହେଉ କୃଷ୍ଣନାଗ ଦଂଶି ନଥିଲା ମୋତେ

ଫୁଲ ତକ ଦେଲି ତା' ହାତରେ
ସିଧା ଚାହିଁ ପାରିଲିନି ମୁହଁକୁ ଆବା କହିପାରିଲିନି
ମୁଁ ତୁମକୁ ଖୁବ୍ ଭଲ ପାଏ ବୋଲି ।।

କଲ୍ୟାଣ ନଗର, ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮

ISSN NO.
2582-208X

# ପଲ୍ଲୀର ପ୍ରତିଭା
# ଚିନୁ



ରାମ ଚନ୍ଦ୍ର ପ୍ରଧାନ

ବୟସ ମାତ୍ର ତେର । ହେଲେ ପ୍ରତିଭା ଆଶା ଠୁ ଅଧିକା । ପ୍ରତିକୂଳ ପରିବେଶରେ ବି ତା'ର ପ୍ରତିଭାର ଚମକ କିଛି ଫିକା ପଡ଼ିନି । ପରିବାରର ଦୟନୀୟ ଆର୍ଥିକ ପରିସ୍ଥିତି ଆଗରେ ହାର୍ ନ ମାନି ସେ ବଢ଼ିଛନ୍ତି ଆଗକୁ । ପାଠ ପଢ଼ା ହେଉ କି ଖେଳକୁଦ ହେଉ ସବୁଥିରେ ନିଜ ଦକ୍ଷତା ପ୍ରତିପାଦନ କରି ଆଖପାଖ ଅଂଚଳ ସମେତ ନିକଟସ୍ଥ ବିଦ୍ୟାଳୟ ଗୁଡିକରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସେ ହେଉଛନ୍ତି ଚିନ୍ମୟ ସାହୁ ଓରଫ୍ ଚିନୁ । ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ୍ ସାନ୍ତରାପଲ୍ଲୀ ବଡ ସାହିରେ ତାଙ୍କ ଜନ୍ମ । ତାଙ୍କ ବାପାଙ୍କ ନାମ ବାବୁଲା ସାହୁ ଓ ମାତାଙ୍କ ନାମ ସୌଦାମିନୀ ସାହୁ । ବର୍ତ୍ତମାନ ସେ କନିଆରୀ ସ୍ଥିତ କଳିଙ୍ଗ ନୋଡାଲ୍ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ଅଧ୍ୟୟନରତ । ପରିବାରର ଆର୍ଥିକ ସ୍ଥିତି ଜମାରୁ ଭଲ ନୁହଁ । ବାପା ସୁରତରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲା ବେଳେ ମାଆ ସ୍ଥାନୀୟ ଅଂଚଳରେ ମୁଳପାତି କରି କଷ୍ଟେମଷ୍ଟେ ଘର ଚଳାନ୍ତି । ଏଭଳି ପରିସ୍ଥିତିରେ ମାଆ ସୌଦାମିନୀ ଜମାରୁ ହାର୍ ମାନି ନାହାନ୍ତି । ସେ ଅନେକ କଷ୍ଟ ସହି ପୁଅ ଚିନୁର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶା ରଖିଛନ୍ତି ।

ପିଲାଟିବେଳୁ ଖେଳକୁଦ ପ୍ରତି ଚିନୁଙ୍କର ରହିଛି ଅହେତୁକ ଆଗ୍ରହ । କ୍ରୀଡ଼ା କ୍ଷେତ୍ରରେ ବିଦ୍ୟାଳୟସ୍ତରୀୟ ହେଉ କି ପଂଚାୟତସ୍ତରୀୟ ହେଉ ସବୁଥିରେ ଚିନୁଙ୍କ ସଫଳତା ତାଲିକା ବେଶ୍ ଲମ୍ବା । ଆଥଲେଟରେ ରୁଚି ରଖୁଥିବା ଚିନୁ କବାଡିରେ କିନ୍ତୁ ବେଶି ସଫଳତା ପାଇ ପାରିଛନ୍ତି । ଟିଭିରୁ ପ୍ରୋ କବାଡି ଦେଖି କବାଡି ଖେଳ ପ୍ରତି ତାଙ୍କ ଆଗ୍ରହ ଜନ୍ମିଥିଲା । ଏଥିରେ ପୁଣି ଇନ୍ଧନ ଯୋଗାଇଥିଲା ସାନ୍ତରାପଲ୍ଲୀ ମାଟିର ବଜରଙ୍ଗୀ କବାଡ଼ି କ୍ଲବ୍ । ତା ସାଙ୍ଗକୁ ଅଜା ସନ୍ତୋଷ ପ୍ରଧାନଙ୍କ ଆର୍ଥିକ ସହଯୋଗ ଆଉ ମାମୁଁ ଶ୍ରୀନିବାସଙ୍କ ଉଚିତ

ISSN NO.
2582-208X

ମାର୍ଗଦର୍ଶନରେ ଆଜି ଚିନୁ ସ୍ଥାନୀୟ ଅଞ୍ଚଳରେ ଜଣେ ପରିଚିତ କବାଡି ଖେଳାଳୀ । ବଜରଙ୍ଗି ଯୁବ କବାଡି ତରଫରୁ ସେ ବିଭିନ୍ନ କବାଡି ପ୍ରତିଯୋଗିତାରେ ଭାଗ ନେଇ ଢେର ସାର ପ୍ରଶଂସା ସାଉଁଟିବା ସହ ଅନେକ ମେଡ଼ାଲ ହାତେଇ ପାରିଛନ୍ତି । ଯାହା ତାଙ୍କୁ କବାଡି ଖେଳିବା ପାଇଁ ଆହୁରି ଉତ୍ସାହିତ କରି ପାରିଛି । ଆଉ ସେବଠୁ ସେ ପଛକୁ ଫେରି ନାହାଁନ୍ତି ।

ଚିନୁଙ୍କ ଏଇ ସଫଳତା ପଛରେ ଅନେକ ଲୋକଙ୍କ ପ୍ରେରଣାଦାୟୀ ହାତ ରହିଛି । ଏ କ୍ଷେତ୍ରରେ ଖେଳ ଶିକ୍ଷୟିତ୍ରୀ ପ୍ରୀତିମୟୀ ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ବେହେରା ଓ ଗଣିତ ଶିକ୍ଷକ ମିଲନ କୁମାର ପ୍ରଧାନଙ୍କ ବଳିଷ୍ଠ ପ୍ରେରଣାରେ ସେ ନିଜ ଖେଳକୁ ଖୁବ୍ ଶାଣିତ ଆଉ ମଜବୁତ୍ କରିପାରିଛନ୍ତି । ଏହାଛଡ଼ା ଗାଁର ବରିଷ୍ଠ ଖେଳାଳୀ ଶନିଶ୍ଚର ଓରଫ୍ ଟୁରା ଭାଇଙ୍କ ଠାରୁ ନିୟମିତ ତାଲିମ ପାଇ ସେ କବାଡ଼ି ଖେଳରେ ଆଶାତୀତ ସଫଳତା ପ୍ରାପ୍ତ କରିପାରିଛନ୍ତି । ଚଳିତ ବର୍ଷ ସେ ଶ୍ରୀ ଦଧିବାମନ ଉଚ୍ଚ ବିଦ୍ୟାଳୟ, ବରିଡ଼ା-ଏ ଠାରେ ଅନୁଷ୍ଠିତ ବ୍ଲକ୍ ସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରି ଜୋନ୍ ସ୍ତରରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ତାପରେ 2022 ଡ଼ିସେମ୍ବର 17 ତାରିଖରେ ଆସିକା ଟେକ୍ନିକାଲ୍ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜୋନ୍ ସ୍ତରୀୟ କବାଡ଼ି ପ୍ରତିଯୋଗିତାରେ କବିସୂର୍ଯ୍ୟନଗର ବ୍ଲକ୍ ତରଫରୁ ଖେଳି ସେ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିଲେ । ଏତିକିରେ ତାଙ୍କ ସଫଳତା ଯାତ୍ରା ସରି ନ ଥିଲା । ସେ ପୁଣି 2023 ଜାନୁଆରୀ ୫ ତାରିଖରେ ଛତ୍ରପୁର ଅନସ୍ଲୋ ହାଇସ୍କୁଲ ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ମନୋନୟନକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଫଳ ସ୍ୱରୂପ ଚିନୁଙ୍କୁ ନିଜ ଉନ୍ନତ ଖେଳ ପାଇଁ କବାଡ଼ିରେ ରାଜ୍ୟ ସ୍ତରକୁ ଚୟନ କରାଯାଇଥିଲା । ଯେଉଁଥି ପାଇଁ ସେ ଜୋରଶୋର ଅଭ୍ୟାସ ଆରମ୍ଭ କରି ଦେଇଥିଲେ । ଏହି ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଖେଳି ଯାଇଥିଲା । ଯାହା ପାଇଁ ଚିନୁଙ୍କୁ ବଜରଙ୍ଗୀ ଯୁବ କବାଡ଼ି କ୍ଲବ ତରଫରୁ ସମ୍ମାନିତ କରାଯାଇଥିଲା । ଏତଦ ବ୍ୟତୀତ କବିସୂର୍ଯ୍ୟନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ତାପରେ ଚିନୁ ଢେଙ୍କାନାଳ କାମାକ୍ଷ ନଗର ସ୍ଥିତ ଏସ୍. ଡ଼ି ହାଇସ୍କୁଲ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ସ୍କୁଲସ କବାଡ଼ି ଚମ୍ପିୟାନ 2022-23 (U14 ବର୍ଗ)ରେ ଉନ୍ନତ ଖେଳ ପ୍ରଦର୍ଶନ କରି ଚୟନ କର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଯଦିଓ ଚିନୁଙ୍କ ଟିମ୍

ISSN NO.
2582-208X

ପରାଜୟ ବରଣ କରିଥିଲା । ଚିନୁଙ୍କ ଏଇ ନିଆରା ସଫଳତାରେ ବାପାମା, ବିଦ୍ୟାଳୟ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକମାନେ ବି ବହୁତ ଖୁସି ।

ନିଜକୁ କବାଡ଼ି ଖେଳରେ ସମର୍ପିତ କରିଥିବା ଚିନୁ ଜଣେ ମେଧାବୀ ଛାତ୍ର । ସେ ଜଣେ ଭଦ୍ର, ନମ୍ର ଆଉ ମିଷ୍ଟଭାଷୀ । ପାଠପଢ଼ା ସହ ଖେଳକୁଦକୁ ସେ ଠିକ ପରିଚାଳନା କରିପାରିଛନ୍ତି । ସେଥିପାଇଁ ସଭିଏଁ ତାଙ୍କୁ ଖୁବ୍ ଭଲ ପାଆନ୍ତି । ଭବିଷ୍ୟତରେ ସେ ଭାରତୀୟ ଜାତୀୟ କବାଡ଼ି ଦଳ ପାଇଁ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି । ସହଯୋଗ ଆଉ ସୁଯୋଗ ମିଳିଲେ ଚିନୁ ତାଙ୍କ ଲକ୍ଷ୍ୟ ପଥକୁ ଆଉଟିକେ ସୁଗମ କରିପାରିବେ । ବାସ୍ତବରେ ଚିନୁ ସ୍ଥାନୀୟ ଅଂଚଳର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଜଳନ୍ତ ଉଦାହରଣ ପାଲଟି ଯାଇଛନ୍ତି, ଏକଥା ଯେ କେହି ନିଃସନ୍ଦେହରେ କହିଦେଇପାରିବ ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:9861638736

ISSN NO.
2582-208X

# ଧରଣୀ ମା'



କଳ୍ପନା ମିଶ୍ର

କେତେ ରୌଦ୍ର ତାପ ସହୁଛି ଧରଣୀ
ଜଳି ଜଳି ଯାଏ ତନୁ
ବୈଶାଖର ଝାଞ୍ଜି ଅଥୟ କରଇ
ଭୁଲିକି ପାରିବ ମନୁ ।

ଗଛ ଲତା ସବୁ ଝାଉଁଳି ପଡନ୍ତି
ପ୍ରଚଣ୍ଡ ଖରା ତାତିରେ
ଜୀବ ଜଗତ ବି ତ୍ରାହି ତ୍ରାହି ଡାକେ
ଧରା ମା'ର କୋଳରେ ।

ନଦୀ ନାଳ ସବୁ ଶୁଖିଲା ପଡନ୍ତି
ସୂର୍ଯ୍ୟ ଙ୍କ କୋପ ବଳରେ
ଅଂଶୁଘାତ ପରି ମରଣ ର ଫାଶ
ଆମ ଏ ମର୍ତ୍ତ୍ୟ ଭୂମିରେ ।

ଜଳ ହିଁ ଜୀବନ ବୃକ୍ଷ ପାଇଁ ଜଳ
ମିଳେ ଏହି ପୃଥିବୀରେ
ଏହି କଥାଟିକୁ ମନରେ ହେଜିକି
ହେବା ଆମେ ତତ୍ପର ।

ଗଛ ଲଗାଇବା ପରିବେଶ ପାଇଁ
ଦୁନିଆଁ ଶୀତଳ ହେବ
ବିଭୁଙ୍କର କୃପା ଝରିବ ସେଥିରୁ
ପୃଥିବୀ ଶାନ୍ତି ଲଭିବ ।

--

ହରିପୁର, ସୁକନ୍ଦା
ଜିଲ୍ଲା ଯାଜପୁର-୭୫୫୦୧୮
ମୋବାଇଲ୍ 8847849093

ISSN NO.
2582-208X

# ଖାଲି ହାତ



କୀର୍ତ୍ତନ ସାହୁ

ଏତେ ଦିନେ
ମୋ ଅନୁଭବର
ଶୀର୍ଷ
ସ୍ପର୍ଶ କରେ
ମୋ ହୃଦୟକୁ
ତୋ ଖାଲି ହାତକୁ
ମୋ ମଥାରେ
ଥାପି ଦେଲା ବେଳେ

ଯୋଉ ହାତ
ମୋ ଜନ୍ମ ବେଳୁ
ଏତେ ବଡ଼ ଯାଏ
ଅନେକ ଜିନିଷ
ମୋତେ ବଢାଇ ଚାଲିଥିଲା
ଆଉ ଆନନ୍ଦର ପୃଷ୍ଠା
ଗୋଟେ ପରେ ଗୋଟେ
ଯୋଡ଼ି ଚାଲିଥିଲା
ଆଜିତ ଖାଲି ହାତର
ଅନାବିଳ ସ୍ପର୍ଶ

ମୋ ମଥାରେ
ଢାଳି ଦେଉଛି
ଭଲ ପାଇବାର
ଅସରନ୍ତି ଭଣ୍ଡାର
ଆଉ ଚଖେଇ ଦଉଛି
ପରମ ତୃପ୍ତିର
ସ୍ୱାଦ

ସତରେ ମା
ତୁ ମହାନ
ଏଠି ଖାଲି
ତୋ ସମ ତୁ ।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧

ISSN NO.
2582-208X

# ମନ ତୋହର ନିଜ ଗୁରୁ

ହେମନ୍ତ ଷଡଙ୍ଗୀ

ମନ ଚଳଚଞ୍ଚଳ, ନିରାକାର । ମାତ୍ର ମଣିଷର କାର୍ଯ୍ୟଧାରାକୁ ଏହା ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିଥାଏ । ଯୁଗେ ଯୁଗେ ମନ ସଂପର୍କ ରେ ବହୁ ଗବେଷଣା କରାଯାଇଛି । ଅଥଚ କୌଣସି ବ୍ୟକ୍ତି ମନ ସମ୍ବନ୍ଧରେ ଏକ ନିର୍ଦ୍ଦିଷ୍ଟ ମୀମାଂସାରେ ଉପନୀତ ହୋଇପାରିନାହିଁ । ସୃଷ୍ଟିର ସବୁଠାରୁ ଅଧିକ ରହସ୍ୟମୟ ଏହି ମନ । କୁ ପ୍ରବୃତ୍ତିକୁ ପରିଚାଳିତ ମନ ମଣିଷର ଅଧୋଗତି କରିଥାଏ । ସୁପ୍ରବୃତ୍ତିକୁ ପରିଚାଳିତ ମନ ବୈକୁଣ୍ଠର ପରିକଳ୍ପନା କରିଥାଏ । ଏହି ରହସ୍ୟମୟ ମନର ପ୍ରକୃତ ରୂପ ସଂପର୍କରେ ଏବେବି ସଂଶୟାଛନ୍ନ । ଯଦିଓ ଏଯାବତ୍ ଗବେଷଣାର ଅନ୍ତ ନାହିଁ । ତେଣୁ କୁହାଯାଇଥାଏ ଗୋଟିଏ ହିଂସ୍ର ପଶୁକୁ ଜାଣିବା କଷ୍ଟକର । ।

ISSN NO.
2582-208X

# ଯୌନ ଚରିତାର୍ଥ



ଲକ୍ଷ୍ମଣ ଭୋଇ

ରଖି ନାହିଁ ଯେ ମଣିଷକୁ ମଣିଷ
ତାର ଏକ ମାତ୍ର ନାମ କାମନା
ସଂପର୍କ ସଂପର୍କ ହୋଇ ଆଉ ନାହିଁ
କେବଳ ଭରି ରହିଛି କାମନା ।
ଚିହ୍ନେ ନାହିଁ ନିଜ ରକ୍ତ
ଚିହ୍ନେ ନାହିଁ ନିଜ ସଂପର୍କ
କରି ଚାଲେ କେବଳ ସମ୍ଭୋଗ
ତାର ଏକ ମାତ୍ର ନାମ କାମନା ।
ନାହିଁ ଲାଜ ନାହି ସରମ
ଭରି ରହିଛି କ୍ଷୁଧାର ମରମ,
କାମନା ଲାଗି କେତେ ଯେ ଗଲେ
ଫେରିବାର ନାମ ଯେ ନ ନେଲେ ।
ଝିଅ କହୁଛି କାନ୍ଦି
ନାହିଁ ମୋ ବୟସ
ନାହିଁ ମୁଁ ସକ୍ଷମ
କର ନାହିଁ ମୋର ଦୁଷ୍କର୍ମ ।
ଜନ୍ମ ହୋଇ ମଣିଷ, ରହି ନାହିଁ ଆଉ ମଣିଷ
ହୋଇ ଯାଇଛି ସମ୍ଭୋଗର ଭୁଖା

ISSN NO.
2582-208X

ଆଉ ନାହିଁ ଏ ଦେହେ ମଣିଷ ପଣିଆ
ଭରି ରହିଛି କୁକୁର ପଣିଆ, ଭରି ରହିଛି କୁକୁର ପଣିଆ ।
କାମନା ବାସନା ଯେଉଁଠି
ନାହିଁ ସେଠି ପବିତ୍ର ବନ୍ଧନ
ପବିତ୍ର ବନ୍ଧନ ଯଦି ଦେଖିଥାନ୍ତା ମଣିଷ
କେବେବି ଏତେ ହୋଇ ନ ଥାନ୍ତା ଅମଣିଷ ।
ଆରେ ମଣିଷ ଟିକିଏତ ଦେଖା ମଣିଷ ପଣିଆ
ତୋ ମଣିଷ ପଣିଆରେ ବଞ୍ଚିବ ଦୁନିଆ
ସେ ଦୁନିଆ ବଞ୍ଚିଲେ କହିବେ ତତେ ଯେ ମଣିଷ
ସେ ସୌଭାଗ୍ୟ କାହିଁ ତୋ ଭାଗ୍ୟରେ
ଯେ ପର୍ଯ୍ୟନ୍ତ ରହିଛି ଭରି
କାମନା ବାସନା ତୋ ଭିତରେ ।
ଛାଡ଼ ଛାଡ଼ରେ ମଣିଷ ସେ କୁକୁର ପଣିଆ
ଦେଖେଇଦେ ଟିକିଏ ତୋ ମଣିଷ ପଣିଆ
ବଞ୍ଚାଇଦେ କେତେ ନୀରିହ ଜୀବନ
ବଞ୍ଚାଇଦେ କେତେ ନୀରିହ ଜୀବନ ।।

ଠାକୁର ମାଳ, ସମ୍ବଲପୁର
ମୋ - ୭୩୮୧୮୫୬୮୪୭

ISSN NO.
2582-208X

# ମୃତ୍ୟୁ

ମନୋଜ୍ ବାଗ୍

ମୃତ୍ୟୁର ପଥେ ବାଷ୍ପୀୟ ଶକଟେ
ନ ଥିଲ କି ଚକ୍ର ଧାରୀ
ନିମିସକେ ଦେଖ ନିରୀହ ଜୀବନ
ଆବୋରି ନେଇଛି ଆସି ।

କୋଣେ ଅଣୁ କୋଣେ ପରିବ୍ୟାପ୍ତ ତୁମେ
ଶଙ୍ଖ ଚକ୍ର ଗଦା ଧାରୀ
ସର୍ବ ଜ୍ଞାନି ତୁମେ ବାଘେସ୍ୱର ଧାମେ
ଚିଟାଉ ଥିଲ କିଖୋଲି ।

ଆହେ ଚକାଡୋଳା ଏକି ତୁମ ଲୀଳା
ଲୀଳାମୟ ଦଇତାରୀ
କିସବା କରୁଛ ନୀଳାଚଳେ ଥାଇ
ଦୟା ନିଧି ନାମ ବହି ।

ମୃଗୁଣୀ କଷଣ ଫେଡ଼ିଛ ଆପଣ
ଗଜ ଉଦ୍ଧାରଣ ହରୀ
କୁରୁସଭା ସ୍ଥଳେ ଦ୍ରୋପଦୀ ତାରିଛ
ଏବେ ବିରତି ନେଲ କି ପାଇଁ ।

ଦିଅ ସଦଗତି ମୃତ ଆତ୍ମା ପ୍ରତି
ସରଗ ଭୁବନ ପତି
ନୋହୁ ଅଧୋଗତି କୁଟୁମ୍ବ ଙ୍କ ପ୍ରତି
ଢ଼ାଳି ଦିଅ କୃପା ବାରି ।

ବିଶିପଡ଼ା ଓ୍ୱ ନ-୭ ବରଗଡ଼
ମୋ-018118579

ISSN NO.
2582-208X

# ଅଦିନ ଝଡ଼



ଶିବରାମ ଦଳେଇ

ସମୁଦ୍ର କୂଳରେ ନାଚି ଗାଇ ବଡ଼ ହେଇଥିବା ନଟିଆ କେଉଟ ଦିନେ ସମୁଦ୍ର ଭିତରକୁ ମାଛ ଧରି ଯାଇଛି ଯେ ସମୁଦ୍ର ଗର୍ଭରେ ହଜି ଯାଇଛି । ଛୋଟ ବେଲୁ ସମୁଦ୍ର ତାର ସାଥି । ମାଛ ଧରି ପେଟ ପୋଷିବା ତାହାର ନୀତି ଦିନିଆ ଜୀବନି । ସେହି ଅଦିନ ଝଡ଼ ତା ସୁଖୀ ପରିବାର ରେ ଦୁଃଖ ର ପାହାଡ ହେଇ ଠିଆ ହେଲା । ପୁଅ ଝିଅ ସ୍ତ୍ରୀ ର ଆଖି ଲୁହ ରେ ସମୁଦ୍ର ପାଣି ଦ୍ୱିଗୁଣିତ ଲୁଣିଆ ହେଲେ ବି ଫେରି ନଥିଲା ନଟିଆ କେଉଟ । ନଟିଆ ତ ନଟିଆ ଯେତେ ଖୋଜିଲେ ବି ମିଳିନଥିଲା ନଟିଆ ର ମାଛ ଧରା ଡଙ୍ଗା । ନଟିଆ ପରିବାର ର "ଜୀବନ ଆଉ ଜୀବିକା " ଉଭୟ ସମୁଦ୍ର ରେ ଲିନ୍ନ ।

ସ୍ତ୍ରୀ କବିତା ଆଖି ର ଲୁହ ଝରିବା ବି ବନ୍ଦ କରି ସାରିଲାଣି । କବିତା ବାର ଘରେ ତେର ପାହିଟି କରି ପୁଅ ଝିଅକୁ ମଣିଷ କରିବା ବ୍ୟସ୍ତ ରେ ଭୁଲି ସାରିଛି ନଟିଆ ନିଖୋଜ ର ଦୁଃଖ । କବିତା ର ଝିଅ ବିବାହ ପାଇଁ ପ୍ରାପ୍ତ ବୟସ୍କ ହେଇସାରିଛି । ଭଗବାନ ସିନା କବିତା ର ଝିଅ ଶାନ୍ତିକୁ ଗରିବ ଘରେ ଜନ୍ମ ଦେଇଛନ୍ତି ହେଲେ ନିଖୁଣ ବୁଦ୍ଧି ଓ ସୁନ୍ଦରତା ତା ଦେହରେ ଖୁନ୍ଦି ଦେଇଛନ୍ତି । ଭଗବାନଙ୍କ ସୃଷ୍ଟି ଏପରି ଯେ ଯଦି କେହି ଦୁଇ ଦିନ ଉପାସ ଥାଇ ତା ମୁହଁ ଚାହିଁ ଦିଏ ତେବେ ତା ପେଟ ପୁରିଯାଏ । ସେଥିପାଇଁ ତ ଆମ ଗାଁ ସରପଞ୍ଚ ପଞ୍ଚାବନ ବର୍ଷୀୟ ହେଲେ ବି ତିନି ତିନି ଥର ପ୍ରସ୍ତାବ ପଠେଇ ସାରିଲାଣି ଶାନ୍ତିକୁ ବିବାହ କରିବାକୁ । ଅମାପ ସମ୍ପତ୍ତି ଆଉ ମୃତ ସ୍ତ୍ରୀ ର ଗୋଟିଏ ବୋଲି ଭେଣ୍ଡିଆ ପୁଅ ଥିଲେ ବି ସରପଞ୍ଚ "ଶାନ୍ତିର ସୌନ୍ଦର୍ଯ୍ୟ ରେ ବିଭୋର ହୋଇ ଭୁଲିଯାଏ ବୟସ ର ତାରତମ୍ୟ । କୋଉ ମାଆ ଚାହିଁବ ତା ଝିଅକୁ ଗୋଟେ ବୁଢ଼ା ବର ହାତରେ ଟେକି ଦେବାକୁ ତେଣୁ କବିତା ସଫା ସଫା ମନା କଲା ।

ISSN NO.
2582-208X

କବିତା ର ପୁଅ ପାଠଶାଠ ଖେଳକୁଦ ରେ ଏକ ନମ୍ବର । କିଛି ମାସ ହେବ ବାହାର କମ୍ପାନୀ ତାକୁ ମୋଟା ଅଙ୍କର ଦରମା ଦେଇ ଡକେଇଛି । କିନ୍ତୁ କିଛି ପ୍ରମାଣ ପତ୍ର ର ଅଭାବ ଯୋଗୁଁ ଗାଁ ମୁଖିଆ ଙ୍କ ଦସ୍ତଖତ ଖୋଜୁଛି । କବିତା କାଗଜଟିକୁ ଧରି ଧାଇଁ ଗଲା ସରପଞ୍ଚ ଙ୍କ ପାଖକୁ । ସରପଞ୍ଚ ସଫା ସଫା ମନା କଲା । କହିଲା ନିର୍ବାଚନ ସମୟରେ ତୋ ଭୋଟ ଖଣ୍ଡେ ପାଇଁ ମୁଁ ଦେଇଥିବା ଦୁଇ ସହ ଟଙ୍କାରେ ଦୁଇଟା ଶୂନ ବସେଇ ଆଣିଲେ ମୁଁ ଯାଇ ଦସ୍ତଖତ ଦେବି । ଏ ଦୁଃଖିନୀ କବିତା ପାଖରେ ଏତେ ଟଙ୍କା ବା କେଉଁଠୁ ଆସିବ ? ଶେଷରେ ଭାଗ୍ୟକୁ ନିନ୍ଦି ଦୁଃଖ କୁ କାନିରେ ବାନ୍ଧି ନିରାଶ ହେଇ ଫେରି ଆସିଲା ଘରକୁ ।

ଶାନ୍ତି ପଚାରିଲା ମାଆ ମୋ ଭାଇ ପାଇଁ ସରପଞ୍ଚ ଠୁ ଦସ୍ତଖତ କରିଲୁ ନା ? ଦେଖିବୁ ମୋ ଭାଇ ଚାକିରୀ କଲେ ଆମ ଦୁଃଖ ଆଉ ରହିବନି । ଆଜି ଠୁ ଆମର ସୁଖ ଦିନ ଆସିଗଲା। କବିତା ଆଖି ଛଳ ଛଳ କରି କହିଲା ନା "ଦୁଃଖ ଆମ ଭାଗ୍ୟରେ ଲେଖା" । ଭଗବାନ ଦୁଃଖୀ କୁ ହିଁ ଦୁଃଖ ଦେଇଥାନ୍ତି। ସରପଞ୍ଚ ତ ଲୋଭିଟାଏ । ସେ ଦସ୍ତଖତ ଦବାକୁ ମନା କରିଦେଲା । ଏତିକି କହିଲା ବେଳକୁ କବିତା ଆଖିରେ କେଇବୁନ୍ଦା ଲୁହ ନିଗିଡ଼ି ପଡ଼ିଲା ।

ଶାନ୍ତି ମାଆ ହାତ ରୁ କାଗଜ ଖଣ୍ଡିକ ଧରି ସିଧା ଧାଇଁ ଗଲା ସରପଞ୍ଚ ପାଖକୁ । ସରପଞ୍ଚ ଘରେ ପହଞ୍ଚିଲା ବେଳକୁ ସଞ୍ଜ ନଇଁ ଆସୁଥାଏ । ସରପଞ୍ଚ ସୋଫା ଉପରେ ବସି ଦୂରଦର୍ଶନ ଦେଖିବା ସହିତ ସୁରାପାନ ର ମଜା ନେଉଥାଏ । ହଠାତ ଶାନ୍ତିକୁ ଦେଖି ତା ହାତରୁ ପିଆଲା ଟା ଖସି ପଡି ଚୂନା ହେଇଗଲା । ସରପଞ୍ଚ ଭାବିଲା ମୁଁ ସତରେ ନାଁ ନିଶାରେ ଏ ସବୁ ଦେଖୁଛି ? ସିଧା ବୋତଲ ଉଠେଇ ଢକ ଢକ କରି ଆଉ କିଛି ପିଇଗଲା। ଶାନ୍ତି ସରପଞ୍ଚ ଙ୍କୁ ମୁଣ୍ଡିଆ ଟେ ମାରି ଭଙ୍ଗା ପିଆଲା ର କାଚ ସବୁ ଗୋଟାଇବାରେ ଲାଗିଲା। ସରପଞ୍ଚ ଶାନ୍ତିର ଦୁଇ ଖୁଆକୁ ଧରି ଠିଆ କରାଇ ପଚାରିଲା, ଆରେ ଶାନ୍ତି ଏ ସମୟରେ ତୁ କାହିଁକି ଆସିଛୁ । କଣ ମୋ ପାଖରେ କିଛି କାମ ଥିଲା । ତୁ କହିଥିଲେ ମୁଁ ତୋ ଘର ଆଡ଼େ ଚାଲି ଯାଇଥାନ୍ତି !

ଶାନ୍ତି କହିଲା ନାହିଁ ଯେ ମାଆ ଆସିଥିଲେ ଆପଣଙ୍କ ପାଖକୁ । ଆଉ ଆପଣ ଦସ୍ତଖତ ନ କରି ଖାଲି ହାତରେ ଫେରେଇ ଦେଲେ । ତେଣୁ ମୁଁ ଚାଲିଆସିଲି । ମୋ ଭାଇ ର ଭାଗ୍ୟ ଆପଣଙ୍କ ହାତରେ । ଆପଣ ଚାହିଁଲେ ଆମ ପରିବାର ର ଭାଗ୍ୟ ବଦଳି ଯିବ । ମୁଁ

ISSN NO.
2582-208X

ଆପଣଙ୍କ ଗୋଡ଼ ଧରୁଛି ଆପଣ ମୋ ଭାଇ ର ଭାଗ୍ୟ କୁ ଦୁଃଖ ଭିତରକୁ ଠେଲି ଦିଅନ୍ତୁ ନାହିଁ ।

ଶାନ୍ତିର ଦୁଇ ଖୁଆକୁ ଧରି ଠିଆ କରାଇ ସରପଞ୍ଚ କହିଲେ, ଛି ଶାନ୍ତି ମୋର ଗୋଡ଼ ଧରିବା ଦରକାର ନାହିଁ "ତୁମ ଭାଇର ଭାଗ୍ୟ ତ ତୁମ ହାତରେ" ।

ମୋ ହାତରେ ହେଲେ କେମିତି ?

ହଁ ତୋ ହାତରେ, ଯଦି .....

ଯଦି.......... ଯଦି ପୁଣି କଣ ?

ଯଦି ତୁ ମୋର ଗୋଟାଏ ଛୋଟ ସର୍ତ୍ତ ରେ ରାଜି ହେବୁ ତେବେ......

ସର୍ତ୍ତ .....ସର୍ତ୍ତ ପୁଣି କଣ ?ପଚାରିଲା ଶାନ୍ତି ।

ସରପଞ୍ଚ ଶାନ୍ତି ହାତରୁ କାଗଜଟିକୁ ନେଇ ତା ମୁଣ୍ଡକୁ ଆଉଁସି ଦେଇ ନିଜ ଛାତି କୁ ଆଉଜାଇ ଦେଇ ଧୀର ସ୍ୱଓ୍ୱରରେ କହିଲା ଆଲୋ ତୋର ତ ବୁଝିବା ବୟସ ହେଇସାରିଛି, ଆଉ ତୋତେ କଣ ବୁଝାଇବାକୁ ପଡିବ ।

ଶାନ୍ତି ନିଜକୁ ତା କବଳରୁ ବଞ୍ଚାଇବା କୁ ଚେଷ୍ଟା କରୁକରୁ ତା ଆଖି ଆଗରେ ଭାଇ ର ଭବିଷ୍ୟତ, ଘରର ଗରିବତ୍ୱ ଓ ମାଆ ର ଦୁଃଖ ସବୁ ଢେଉପରି ତା ମନରେ ପିଟି ହେଉଥିଲା ।

ସେପଟେ ଦୀର୍ଘଦିନ ନାରୀ ର ସାନିଧ୍ୟ ପାଇ ନ ଥିବା ସରପଞ୍ଚ ଶାନ୍ତିକୁ ନିଜ ଦୁଇ ବାହୁରେ ଜାବ ପକାଇ ସାରିଥିଲା । ସତ ଚେଷ୍ଟା କଲେ ବି କଞ୍ଚା ମାଂସ ଖିଆ ପିଚାଷ କବଳରୁ ଶାନ୍ତି ମୁକୁଳି ପାରିଲାନି । କେଇ ମିନିଟ ରେ ସରପଞ୍ଚ ମନର ଗଭୀର ସାଗର ଟା ଶାନ୍ତ ପଡ଼ିଗଲା। ହେଲେ ଶାନ୍ତିର ହୃଦୟ ସମୁଦ୍ରରେ ସେହି ଅଦିନ ଝଡ଼ ଅଶାନ୍ତ ର ରୂପ ନେବାରେ ଲାଗିଲା।

ISSN NO.
2582-208X

ସରପଞ୍ଚ ଦସ୍ତଖତ କରି କାଗଜଟିକୁ ଶାନ୍ତି ମୁହଁକୁ ଫିଙ୍ଗିଦେଲା । ମନରେ ଭୟ, ଲଜ୍ୟା କୁ ଜାବୁଡି ଧରି ଭାଇର ଭାଗ୍ୟ ପାଇଁ ସେ ଘରକୁ ଫେରିଲା ।

ଭାଇ ଚାକିରୀ କରିବା ର ଦେଢ଼ ମାସ ବିତିଗଲାଣି । କବିତା ଆଖିରେ ଥିବା ଦୁଃଖ ର ଜୁଆର ଭଟ୍ଟାର ରୂପ ନେଲାଣି । ହେଲେ ଶାନ୍ତି ପେଟରେ ସେ ଅଦିନ ଝଡ଼ ଟା ପ୍ରଳୟଙ୍କରୀ ବାତ୍ୟା ର ରୂପ ନେଇ ସାରିଛି ।

କାଲି ମାଆ ଆଗରେ ସବୁ କହି ପକାଇଲା ଶାନ୍ତି । ସତେ ଯେମିତି ବଜ୍ରଟେ ପଡିଗଲା କବିତା ମୁଣ୍ଡରେ । ଭାବିଲା ପରିବାରର ସୁଖ ପାଇଁ, ଭାଇର ଭବିଷ୍ୟତ ପାଇଁ ଭଉଣୀ ର ଏପରି ତ୍ୟାଗ କଣ କରିବ ସ୍ଥିର କରିପାରୁନଥିଲା କବିତା । ସେ ଗାଁର ନିନ୍ଦା, ଅପବାଦ, ଘୃଣା କଥା ଭାବୁ ଭାବୁ ସକାଳ ଘଡ଼ିଏ ଥାଇ ଆଖିକୁ ନିଦ ଟିକିଏ ଆସିଗଲା । ସେହି କିଛି ସମୟ ବ୍ୟବଧାନ ମଧ୍ୟରେ ଶାନ୍ତି ଗାଁ ମୁଣ୍ଡ ବରଗଛ ଡାଳରେ ଶାନ୍ତିରେ ନିଜକୁ ସର୍ବସାନ୍ତ କରିଦେଲା ।

ଲେଖନପୁର ସାଲେପୁର
ଦୂରଭାଷ :- ୯୪୩୯୯୩୭୦୭୧

ISSN NO.
2582-208X

# ବାବୁପଣ ଯାଉ ଚୁଲୀକି



ଶିଶିର କୁମାର ପଣ୍ଡା

ଟିକେଟ କରିଛି ଛୁଆପିଲା ନେଇ
ରଜରେ ଯିବି ମୁଁ ଗାଆଁକୁ
ରାଜଧାନୀ ଯେଣୁ ଚାକିରୀ କ୍ଷେତ୍ର ମୋ
ଦେହଟା ଅଛି ଯା' ନାଆଁକୁ ।
ଭାରି ମନେପଡ଼େ ଗାଆଁ କଥା ମୋର
ଆସିଲେ କିଛି ବି ପରବ
ପାଟି ଖୋଜେ ମୋର ଗାଆଁରେ ଆସିକି
ଚାଖିବାକୁ କେତେ ଦରବ ।
ଭାରି ଭଲଲାଗେ ଗାଆଁର ପଖାଳ
ଖାଇଲେ ଆମ୍ବୁଲ ଦଳିକି
ସୁଆଦ ତାହାର ନାଲି ତେଲମଖା
ମାଛ ମାଉଁସକୁ ବଳିକି ।
ବୋଉ ହାତଗଢ଼ା ରଜର ଏଣ୍ଡୁରୀ
ଅପରୂପ ତା'ର ମହକ
ଏଯାଏ ପାଶୋରି ପାରିନି ସତରେ
ବାସନା ତେଲର ସଅକ ।

ପେଟପାଇଁ ସିନା ରହିବାକୁ ହୁଏ
ସହରରେ ସବୁ ଭୁଲିକି
ଗାଆଁର ସେନେହ, ମମତା ପାଖରେ
ବାବୁପଣ ଯାଉ ଚୁଲୀକି ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:~୮୯୮୧୭୩୭୨୨୮

ISSN NO.
2582-208X

# ଅଲିଭା ସ୍ମୃତି



ଶୋଭାଗିନ ବିଶି

ମୁକ୍ତ ଆକାଶର ବିହଙ୍ଗମ ସମ
ପୁଚ୍ଛ ମେଳାଇ ଡାଳେ ।
ବାପା ମାଆ କୋଳେ ବନ୍ଧୁଙ୍କ ଗହଳେ
ଭାଇ ଭଗିନୀଙ୍କ ମେଳେ ।

ସେନେହ ସରାଗ ଭାଇ ଭାଇ ଭାଗ
ରାଗ ରୁଷା ଅଭିମାନ ।
କ୍ଷଣିକେ ଆନନ୍ଦ କ୍ଷଣିକେ ବିଷାଦ
ପ୍ରତିକ୍ଷଣେ ସ୍ନେହ ପ୍ରେମ ।

ସରଗ ସମାନ ପରିବାର ମୋର
ଜଗତରେ ଅଦ୍ୱିତୀୟ ।
ପ୍ରବାସ ସମୟେ ଅନ୍ତର ବୁକୁରେ
ସ୍ମୃତି ଏକା ହିଁ ଆଶ୍ରୟ ।

ବାପାଙ୍କର ସେଇ ନାରିକେଳ ସମ
ଆଚରଣ ଭରି ହୃଦେ ।
ଜୀବନ ପ୍ରଦୀପ ପ୍ରଜ୍ୱଳିତ ହେଉ
ସଂସ୍କାର ରୂପକ ଘୃତେ ।

ISSN NO.
2582-208X

ମନେ ପଡିଗଲେ ଭୋଜନ ସମୟ
ଲୋତକ ପଡଇ ଝରି ।
ମାଆ ହାତ ଭୋଗ ଅମୃତଠୁ ବଳି
ପାରେନା ମନୁ ପାସୋରି ।।

ଭାଇ ଭଉଣୀ ଯେ ପାଣ୍ଡବଙ୍କ ସମ
ଭିନ୍ନ ଗୁଣେ ବିମଣ୍ଡିତ ।
ଜୀବନର ପ୍ରତି କାର୍ଯ୍ୟ କାରଣରେ
କେବେ ନ ହୋଇ ଖଣ୍ଡିତ ॥

ଜଣଙ୍କ ହୃଦୟ ଆହତ ହୋଇଲେ
ଅନ୍ୟ ଚାରିଙ୍କର ମୁଖ ।
ଅବିଳମ୍ବେ ତାଙ୍କ ପ୍ରସନ୍ନ ହରାନ୍ତି
ନ ଫୁଟାଇ କେବେ ଦୁଃଖ ॥

କେହି ଆକଳନ କରି ତ ନଥିଲେ
ଆସିବ ଏମିତି ଦିନ ।
ସଭିଙ୍କୁ ଏକାକୀ ରହିବାକୁ ହେବ
ଗନ୍ତବ୍ୟ ପଥେ ବିଚ୍ଛିନ୍ନ ॥

ଦୁଆନ ପାଲି, ସୋହେଲା, ବରଗଡ

ISSN NO.
2582-208X

# ଶ୍ରୀୟାବର

ସୁହାସିନୀ ବାରିକ୍

ଶ୍ରୀୟାବର ହରି ମୁକୁନ୍ଦ ମାଧବ ।
ମାନିନୀ ଶ୍ରୀରାଧାଙ୍କ ର ସେହୁ ଧବ ।
ନମୋ ନାରାୟଣ ପତିତ ତାରଣ ।
ଶ୍ରୀପତି ଶ୍ରୀମତୀ ବର ଜନାର୍ଦ୍ଦନ ।
ଧରଣୀ ଧାରଣ ବରାହ ବାମନ ।
ରବି ସୁତ ଦର୍ପ ଦଳା ଶ୍ୟାମଘନ ।
ବାରିଜ ନୟନ ଶ୍ରୀମଧୁସୁଦନ ।
ରିଷ୍ଟ ନାଶ କାରୀ ମଦନ ମୋହନ ।
କରୁଣା ସାଗର ଦେବ ସୁରେଶ୍ୱର ।
କେ କହି ପାରିବ ଲୀଳା ତାହାଙ୍କର ।
ରେ ମନ ପାମର ଜପ ରମା ବର ।
ଡାକୁ ସରଦାର ସେ ଶ୍ୟାମ ସୁନ୍ଦର ।
ଗରୁଡ଼ ଆସନ ନନ୍ଦର ନନ୍ଦନ ।
ଡର ନାହିଁ ମନ ଦେଖି ଭବ ବନ ।

ମହୁ, ଆଲ, କେନ୍ଦ୍ରାପଡ଼ା, ଓଡ଼ିଶା
ପିନ୍ ୭୫୪୨୩୧

ISSN NO.
2582-208X

# ବାହୁନି କାନ୍ଦୁଛି ବାହାନଗା



ଅନନ୍ତ କୁମାର

ମଣିଷ କେତେ ଆଶା ଏବଂ କେତେ ସ୍ୱପ୍ନ ନେଇ ଘରୁ ପାଦ କାଢି ବାହାରି ଆସିଥିଲା କରମଣ୍ଡଳ ଏକ୍ସପ୍ରେସରେ। କିନ୍ତୁ ସେଦିନ ସବୁ ଆଶା ଏବଂ ସବୁ ସ୍ୱପ୍ନ କ୍ଷଣିକରେ ବାହାନଗା ରେଳ ଷ୍ଟେସନ ଠାରେ ଉଜୁଡି ଗଲା ଚାହୁଁ ଚାହୁଁ କିଛି ବୁଝିବା ଆଗରୁ ରକ୍ତର ନଦୀ ବହିଗଲା ଆଉ କେଇ ମିନିଟ୍ ମଧ୍ୟରେ ସମଗ୍ର ଓଡ଼ିଶା ରାଜ୍ୟ ଏବଂ ସାରା ଦେଶରେ ଘନ ଅନ୍ଧକାର ଛାଇଗଲା ପରି ଛାଇଗଲା। ସମସ୍ତ ପରିବେଶ ବାହାନଗାରେ ସ୍ତବ୍ଧ ହେଇଗଲା। କିଏ ଜାଣିଥିଲା ଏମିତି ବାହାନଗା ରେଳ ଷ୍ଟେସନ ସମସ୍ତଙ୍କ ଆଖିରେ ଲୁହ ଆଣି ଦେବ। ସେଦିନର ସଂନ୍ଧ୍ୟା ସମୟ ବହୁତ ଭୟାବହ ପାଲଟି ଗଲା ବାହାନଗା ରେଳଷ୍ଟେସନରେ ଖାଲି ମରଣର ଗନ୍ତାଘର ପାଲଟି ଗଲା କୁଢ କୁଢ ଶବ ମୁନିସିପାଲିଟି ଗାଡିରେ ଅଳିଆ ନେଲା ଭଳି ବୁହା ଗଲା କହିଲା ବେଳକୁ ଲୋମ ଟାଙ୍କୁରି ଉଠୁଛି ଏବଂ ଛାତି ଥରି ଯାଉଛି । କେତେ ଲୋକଙ୍କ କରୁଣ ଚିତ୍କାର ଆଜିବି ଆଖିରେ ଝଲସି ଯାଉଛି କିଏ ପାଣି ପାଣି କହି ପ୍ରାଣ ହରାଇଛି ତ କିଏ ବଞ୍ଚାଅ ବଞ୍ଚାଅ କହି ପ୍ରାଣ ହରାଇଛି। ଅନେକ ଲୋକଙ୍କ କୋହଭରା କଣ୍ଠସ୍ୱର ଏବେବି କର୍ଣ୍ଣରେ ଗୁଞ୍ଜରିତ ହେଉଅଛି ଆଉ ଖଣ୍ଡିଆ ଖାବରା ହେଇ ବିକଳ ରଡି ଦେଇ ପଡିଥିବା ମଣିଷ ଗୁଡିକ ଭଙ୍ଗା ମାଠିଆ ପରି ଗଡୁ ଥାଆନ୍ତି ତ ଆଉ କିଛି ଲୋକ ଦରମରା ଶବ ପରି ପଡି ରହି ଆତ୍ମୀୟ ମାନଙ୍କୁ ମନେ ମନେ ଖୋଜିବାର ଦୃଶ୍ୟ ମନକୁ ଆଜିବି ବିଚଳିତ କରୁଛି । କିନ୍ତୁ ଶେଷରେ ନିୟତିର ଖେଳରେ ଅନେକ ଲୋକ ହାର ମାନି ଆଖି ବୁଜିଦେଲେ ଏବଂ ଅନେକ ଲୋକ ଆଜିବି ଜୀବନ ମରଣ ସହ ଲଢେଇ କରୁଛନ୍ତି ଡାକ୍ତରଖାନାରେ। ସବୁଠାରୁ ବଡ ଦୁଃଖର କଥା ହେଲା ବାହାନଗା ଅନେକ ଲୋକଙ୍କ ପରିଚୟ ହଜେଇ ଦେଲାଯେ ଆତ୍ମୀୟ ମାନେ ନିଜ ଆତ୍ମୀୟଙ୍କ ମର ଶରୀରକୁ ଖୋଜି ନପାଇ ଛାତିକୁ ପଥର କରି ଗୁମୁରି ଗୁମୁରି କାନ୍ଦୁଛନ୍ତି।

ISSN NO.
2582-208X

କଣ ଭାବି ଆସିଥିଲେ ସେଦିନ ଏ ମଣିଷ ଆଉ କଣ ଘଟିଗଲା ଆଖି ପିଛୁଳାକେ। ସମସ୍ତେ ଯାତ୍ରୀ କେତେ ହସ ଖୁସିରେ ନିଜ ଲକ୍ଷ୍ୟ ନେଇ ବାହାରି ଯାଉଥିଲେ, କିଏ ନିଜ ମାଆ ପାଖକୁ ତ କିଏ ଚାକିରୀ କରିବାକୁ କିଏ ବାହାଘର ପାଇଁ ତ କିଏ ପାଠ ପଢିବା ପାଇଁ କିଏ ତ କିଏ ବାପା ମାଆ ଙ୍କର ଶବକୁ କାନ୍ଧ ଦେବା ପାଇଁ କିନ୍ତୁ ସମସ୍ତଙ୍କ ସ୍ୱପ୍ନ ବାହାନଗା ରେଳଷ୍ଟେସନରେ ଅଧୁରା ରହିଗଲା। ସମସ୍ତଙ୍କ ଆଶା କାଚର ଟୁକୁରା ପରି ଚୁରମାର୍ ହେଇ କ୍ଷଣିକରେ ଭାଙ୍ଗିଗଲା କିଛି ବୁଝିବା ଆଗରୁ। ଶେଷରେ ଅନେକ ଯାତ୍ରୀ ନିଜ ଅଧୁରା ସ୍ୱପ୍ନ ନେଇ ଶବ ହେଇ ମଶାଣିକୁ ଶେଷଯାତ୍ରାରେ ଚାଲିଗଲେ ତ ଅନେକ ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ଚାଲିଗଲେ ସତ କିନ୍ତୁ ରକ୍ତର ଛାପା ଆଉ ନିଜର କରୁଣ ଚିତ୍କାର ଏମିତି ଛାଡିଗଲେ ସବୁଦିନ ପାଇଁ ବାହାନଗା ବାହୁନି ବାହୁନି କାନ୍ଦିବ ଘନ ଅନ୍ଧକାର ଭିତରେ ନିରୋଳାରେ ନୀରବ ହେଇ।

ତିହିଡି, ଭଦ୍ରକ,
ଯୋଗାଯୋଗ-୮୩୩୯୯୩୯୯୨୯
କାର୍ଯ୍ୟକାରୀ ସମ୍ପାଦକ, ଜାତୀୟ କବି ଲେଖକ ସଂଗଠନ

ISSN NO.
2582-208X

# ଭକ୍ତି ର ଶକ୍ତି



ଅଧ୍ୟାପକ ଅବିନାଶ ବାରିକ୍

ଭକ୍ତିର ଶକତି ପ୍ରଦାନେ ମୁକତି
ତୁଳନା ନାହିଁ ଯାହାର ।
ଭକ୍ତି ଯେତେବେଳେ ଖାଦ୍ୟେ ପ୍ରବେଶଇ
ପ୍ରସାଦ ନାମ ତାହାର ।
ଯେତେବେଳେ ଭକ୍ତି କ୍ଷୁଧାରେ ରହଇ
ଉପବାସ ତାର ନାମ ।
ଜଳେ ପ୍ରବେଶିଲେ ତୀର୍ଥ ହୁଏ ତାହା
ଜନେ କରନ୍ତି ପ୍ରଣାମ ।
ଭକ୍ତି ଯେତେବେଳେ ଯାତ୍ରାରେ ମିଶଇ
ତୀର୍ଥଯାତ୍ରା ତାହା ହୁଏ ।
ସଙ୍ଗୀତ ମଧ୍ୟରେ ଭକତି ପ୍ରବେଶି
ଭଜନ ହୋଇଣ ଯାଏ ।
ଯେବେ ଭକତି ଗୃହରେ ପ୍ରବେଶଇ
ଗୃହ ବୋଲାଏ ମନ୍ଦିର ।
କାର୍ଯ୍ୟ ପ୍ରକ୍ରିୟାରେ ପ୍ରବେଶ କରିଲେ
ସେବା ରୂପ ହୁଏ ତାର ।

ଭକତି ଯଦ୍ୟପି କାର୍ଯ୍ୟରେ ମିଶିଲେ
ତା କର୍ମର ରୂପ ନିଏ ।
ମଣିଷ ମଧ୍ୟରେ ଭକତି ପ୍ରବେଶି
ଭଗବାନ କରି ଦିଏ ।
ଭକତି ଅମୃତ ପାନ କର ଚିତ୍ତ
ଆମର ହୋଇବା ପାଇଁ ।
ଭକ୍ତି ବଳେ ହନୁ ମୁକତି ଲଭିଣ
ଅମରରେ ଗଣା ହୋଇ ।
ଶିକ୍ଷା ରେ ମିଶିଲେ ଭକତି ଧରଇ
ଶିକ୍ଷକ ବା ଗୁରୁ ରୂପ ।
ଭକତି ହିଁ ଏ ଇ ଭବ ସଂସାର ରେ
ତପି ମାନଙ୍କର ତପ ।

ମହୁ,ଆଉଲ, ନମୌଜା,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଅକୁହା ମନର କଥା



ମୋନାଲିସା ପାଣିଗ୍ରାହୀ

ମନରେ ଅଛି ମୋ
କେତେ ଯେ ଅସୁମାରୀ ଆଶା
ପୁଣି ଭରି ରହିଅଛି କେତେଯେ କୋହ
କାହାକୁ କେବେ କହିହୁଏ ନାହିଁ
ଏକା କେବେ ସହିହୁଏ ନାହିଁ ।

ଜଳେ ତ କେବଳ ମୁଁ ଏକା ଏକା
କହିବି କାହାକୁ ଏ ଦୁଃଖ ଯନ୍ତ୍ରଣା
ଯେ ଦିଏ ଏତେ କଷ୍ଟ
ଏ କଷ୍ଟ କେବେ କହି ହୁଏନାହିଁ କି, ସହି ହୁଏ ନାହିଁ
ସେ ସବୁର ମୂଳ ହେଉଛି ଗରିବ ।

ଗରିବ ହେବା କ'ଣ ସତେ ଏତେ ଖରାପ?
ଜାଣିନଥିଲି ମୁଁ ପାତର ଅନ୍ତର
ଭାବୁଥିଲି ସର୍ବଦା ସମସ୍ତେ ସମାନ
ଗରିବ ଯିବ ଯେ ଦିନ ମଶାଣିକୁ
ଚାରିକାନ୍ଧରେ ଏକା ଏକା
ଧନୀ ବି ଯିବ ଯେ ଦିନେ ମଶାଣିକୁ
ଚାରିକାନ୍ଧ ରେ ଏକା ଏକା ।

ISSN NO.
2582-208X

ମଶାଣିର ରୀତି ସମସ୍ତଙ୍କ ପାଇଁ ସମାନ
ସଂସାରର ରୀତି ସମସ୍ତଙ୍କ ପାଇଁ ସମାନ
ତାହେଲେ ଏ ସଂସାରରେ ଧନୀ ହୁଏ ରାଜା
ଗରିବ ହୁଏ ଲୋକହସା ।

ଧନୀ ଯେ ଜାଣେ
ସତକୁ ମିଛ ମିଛକୁ ସତ କରି
ଗରିବର ସତ ସର୍ବଦା ହୁଏ ଯେ ମିଛ
ଧନୀର ଧନ ବଳେ ହୁଏ ସବୁବେଳେ ବିଜୟ
ନିରୀହ ଗରିବ ଯେ ସର୍ବଦା ପରାଜୟ ।

ନନ୍ଦପଡ଼ା, ସମ୍ବଲପୁର

ISSN NO.
2582-208X

# ଦୁଃସହ ଜୀବନ



ସାବିତ୍ରୀ କଣ୍ଟା

ଜୀବନ ର ଏହି ଦୁଃଖରେ
ଆଜି ଭାଙ୍ଗି ପଡିବି
ଏମିତି କେବେ ଭାବି ନ ଥିଲି ।

ସୁଖର ଛାୟା ରେ ବଞ୍ଚି ରହିବି
ଭାବି କେତେ ଖୁସି ଯେ ହେଲି
ସମୟ ଜାଳରେ ପଡ଼ି
ଦୁଃଖରେ ଅଧୀର ହେଲି ।

ଦୁନିଆର ଏତେ ଦୁଃଖ ଏତେ ଯନ୍ତ୍ରଣା
କେବେ ଦେଖି ନ ଥିଲି
ସମୟ କେମିତି ପଲଟି ଯାଏ
ତାହା ଏବେ ଜାଣି ପାରିଲି ।

ମଣିଷ ଏତେ ଯନ୍ତ୍ରଣା ସହି
ଏତେ କାଳ ବଞ୍ଚି ରହୁଛି
ଜୀବନର ଏହି ଦୁଃଖ ସହି
ପୁଣି ଜୀବନ୍ତ ଅଛି ।

ଏହି ଦୁଃଖ ଏହି କଷ୍ଟ କେବେ
ଅନୁଭବ କରି ନ ଥିଲି
ଜିଇଁବା ର ଏହି ରୀତି ରୁ

ISSN NO.
2582-208X

ମୁଁ ଆଜି ଜ୍ଞାତ ହେଲି ।

ସମୟ ସହ ଆପଣା ପର
ପର ଆପଣା ହେଲେ
ଦୁନିଆରେ ଏକୁଟିଆ ବଞ୍ଚିବାର
ଶିକ୍ଷା ଶିଖେଇ ଦେଲେ ।

ଦିନ ଆଲୁଅରେ ଖୁସି ହୋଇ
ରଜନୀ ଅନ୍ଧାରରେ ଦୁଃଖିତ ହେଲି
ସେହି ଅନାଲୋକିତ ରାତ୍ରି ରେ
ହୃଦୟ କଷ୍ଟକୁ ଅଶ୍ରୁରେ ପରିଣତ କଲି ।

ନିଜ ଭାଗ୍ୟ କୁ ଦୋଷ ଦେଇ
ଖୁସି ଆଶାରେ ଆଗକୁ ଗଲି
ଦୁଃଖ ସୁଖ ଯାହା ମିଳିଲା
ନିଜକୁ ସେଥିରେ ସନ୍ତୁଷ୍ଟ କଲି ।

ଅନ୍ୟ କୁ ଖୁସି କରିବା ନିମନ୍ତେ
କେତେ ଯେ ପ୍ରଯତ୍ନ କଲି
ପରବର୍ତ୍ତୀ କାଳରେ ତାଙ୍କରି ପାଇଁ
ଅନ୍ୟ ଆଗରେ ଅପହାସ ହେଲି ।

ମନର ଏହି ଅକୁହା କଥା
କାହାକୁ କହିବି ଭାବି ରହିଛି
ଖୁସିର ସମାଧି ତିଆରି କରି
ଆଜି ବି ସେଥିରେ ଜୀବନ କାଟୁଛି ।

ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ
ଜୟପୁର, କୋରାପୁଟ

ISSN NO.
2582-208X

# ଆସନ୍ତୁ ଜାଣିବା



ନରେନ୍ଦ୍ର ପ୍ରସାଦ ବେହେରା

## ଆସନ୍ତୁ ଜାଣିବା ମାନବୀୟ ଗୁଣ ବିଷୟରେ

ଋକବେଦରେ ଏକ ମନ୍ତ୍ର ରହିଛି ମନୁର୍ଭବ । ଅର୍ଥାତ ମଣିଷ ହୁଅ । ବୈଦିକ ବିଦ୍ୱାନ ବେଦମୂର୍ତ୍ତି ପଣ୍ଡିତ ସାତବଲେକର ଏକ ସଭାରେ ଏହି ମନ୍ତ୍ର ଦୋହରାଇଥିଲେ । ଏହି ସମୟରେ ତାଙ୍କୁ ଜଣେ ସଜ୍ଜନ ପଚାରିଲେ, ସଭାରେ ଉପସ୍ଥିତ ସମସ୍ତ ଶ୍ରୋତା କ'ଣ ମନୁଷ୍ୟ ନୁହନ୍ତି ? ପଣ୍ଡିତଜୀ କହିଲେ, ସମସ୍ତ ଜୀବଙ୍କର କିଛି ନା କିଛି ଲକ୍ଷଣ ରହିଛି । ଯଦି ମାନବତା ନାହିଁ, ତା' ହେଲେ କେହି କିପରି ମନୁଷ୍ୟ ହୋଇପାରିବ ? ଲକ୍ଷଣ ଆଧାରରେ ହିଁ ସୁର ଏବଂ ଅସୁର ମଧ୍ୟରେ ପ୍ରଭେଦ ଜାଣି ହୋଇଥାଏ । ସ୍ୱାମୀ ବିବେକାନନ୍ଦ ଆମେରିକା ଯାଇଥିଲେ । ଭୋଗ-ବିଳାସରେ ଆକଣ୍ଠ ବୁଡି ରହିଥିବା ସେଠାକାର ଲୋକମାନଙ୍କ ସାର୍ବଜନୀନ ସ୍ଥଳରେ ମର୍ଯ୍ୟାଦାହାନୀ ଭାବେ ଖୋଲା ପ୍ରଦର୍ଶନ ଦେଖି ସେ ହତପ୍ରଭ ହୋଇ ଉଠିଲେ । ଆମେରିକାରେ ଉଦବୋଧନ ଦେବା ସମୟରେ ଋକବେଦର 'ମନୁର୍ଭବ' ମନ୍ତ୍ର ଉଚ୍ଚାରଣ କରି ବିବେକାନନ୍ଦ କହିଲେ, କେବଳ ମାନବ ଭାବେ ଜନ୍ମ ନେଲେ କେହି ମାନବ ହୋଇପାରିବ ନାହିଁ । ଭାରତୀୟ ସଂସ୍କୃତି 'ଧର୍ମେଣ ହୀନଃ ପଶୁଭି ସମାନଃ' ର ବାର୍ତ୍ତା ଦେଇଥାଏ । କେତେକ ନିର୍ଦ୍ଦିଷ୍ଟ ନିୟମ ପାଳନ କରୁଥିବା ଲୋକକୁ ହିଁ ମାନବ କୁହାଯାଇପାରିବ । ଏହାର ଉଦାହରଣ ଦେଇ ବିବେକାନନ୍ଦ କହିଥିଲେ, ମାନବ ହୃଦୟରେ ସର୍ବଦା ଦୟା, କରୁଣା ରହିବା ଆବଶ୍ୟକ । ମାନବ ସଂଯମୀ ହେବା ଉଚିତ । ଯିଏ ନିଜର ଧର୍ମ ଅର୍ଥାତ କର୍ତ୍ତବ୍ୟ ପାଳନ କରିନଥାଏ ,ତାକୁ ମାନବ କୁହାଯାଇ ପାରିବ ନାହିଁ ।

ISSN NO.
2582-208X

## ଆସନ୍ତୁ ଜାଣିବା ଶିକ୍ଷା ନେବାର ସମୟ କ'ଣ

ଆର୍ଯ୍ୟ ସମାଜର ପ୍ରବର୍ତ୍ତକ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ମହାନ ସମାଜ ସୁଧାରକ ଥିଲେ । ସେ ଧର୍ମ ନାଁରେ ଚାଲିଥିବା ଭଣ୍ଡାମି ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ । ଠକଙ୍କ ପ୍ରତି ତାଙ୍କର ଏହି ଅଭିଯାନ ଯୋଗୁ କିଛି ଅସାଧୁ ଲୋକ ତାଙ୍କୁ ଅପମାନିତ କରିବା ଲାଗି ସୁଯୋଗ ଉଣ୍ଡୁଥିଲେ । ଥରେ ସେହି ଅସାଧୁମାନେ ଦୟାନନ୍ଦ ସରସ୍ୱତୀଙ୍କୁ ଅପମାନିତ କରିବା ଲାଗି ଏକ ଶୋଭାଯାତ୍ରା ବାହାର କରିବାର ଯୋଜନା କଲେ । ଯୋଜନା ଅନ୍ତର୍ଗତ ସେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ନକଲି ସ୍ୱାମୀ ଦୟାନନ୍ଦ ସରସ୍ୱତୀ କରି ଚୂନ ଏବଂ କାଳିରେ ତାଙ୍କ ମୁହଁ ରଙ୍ଗାଇଦେଲେ । ପରେ ସେହି ଲୋକକୁ ଏକ ଗଧ ଉପରେ ବସାଇ ବୁଲାଇଲେ। ଆଗରେ ନକଲି ଦୟାନନ୍ଦ ଏବଂ ପଛରେ ଦୟାନନ୍ଦଙ୍କ ପ୍ରତି ଭିନ୍ନ ଭିନ୍ନ ବ୍ୟଙ୍ଗ ଏବଂ କଟୁକ୍ତି ପ୍ରୟୋଗ କରି ତାଳି ବଜାଇ ଶୋଭାଯାତ୍ରା ବାହାର କଲେ । ବିରୋଧୀ ମାନଙ୍କ ଏପରି କୃତ୍ୟ ଦେଖି ଶିଷ୍ୟମାନେ ସହିପାରିଲେ ନାହିଁ । ସେମାନେ ସ୍ୱାମୀଜୀଙ୍କ ନିକଟକୁ ଗଲେ ଏବଂ କହିଲେ ଯେ ଯଦି ଆପଣ ଅନୁମତି ଦିଅନ୍ତି ତି' ହେଲେ ଏହି ଭଣ୍ଡଙ୍କୁ ଆମେ ପାନେ ଦିଅନ୍ତୁ । ଏହାଶୁଣି ସ୍ୱାମୀଜୀ ଅତ୍ୟନ୍ତ ସହଜ ଭାବରେ ବୁଝାଇ କହିଲେ ଯେ ସେମାନଙ୍କୁ ଦଣ୍ଡ ଦେଇ ଲାଭ କ'ଣ ? ଅନ୍ୟ ପ୍ରତି କ୍ରୋଧ କଲେ ଯେଉଁ ଅବସ୍ଥା ହୋଇଥାଏ, ତାହା ନକଲି ଦୟାନନ୍ଦଙ୍କ କ୍ଷେତ୍ରରେ ହୋଇଛି । ତେଣୁ ଏହା କ୍ରୋଧ କରିବାର ସମୟ ନୁହେଁ, ବରଂ ଶିକ୍ଷା ନେବାର ସମୟ ।

ଆଳଦା, ଖଇର୍, ବାଲେଶ୍ୱର

ISSN NO.
2582-208X

# ଏଇ ତ ସମ୍ପର୍କ



ପୂଜା ଷାଣ୍ଡ

ନା ମୁଁ ତତେ କେବେ
ପାଇବାକୁ ପ୍ରୟାସ କରିଛି
ନା ଭଗବାନଙ୍କ ଠାରେ
ତତେ କେବେ ମାଗିଛି
ବାସ୍ ଖାଲି ତତେ ଭଲପାଇଛି

ତୋ ସହ ବାର୍ତ୍ତାଳାପ କରି
ଯେଉଁ ଆନନ୍ଦ ପ୍ରାପ୍ତି ହୁଏ
ଯେମିତି ପରମାତ୍ମା ସହ
ଆତ୍ମା ଲୀନ ହୋଇଯାଏ

ଏଇ ତ ସମ୍ପର୍କ........
ସବୁବେଳେ ଦୂରେ ରହି
ପରସ୍ପର ମଧ୍ୟରେ
ସମ୍ପୂର୍ଣ୍ଣ ଭାବେ ହଜିଯିବା

ମୋ ଅନ୍ତରରେ ତୁ
ସର୍ବଦା ବିରାଜମାନ
ତୋର ସେଇ ପବିତ୍ର ପ୍ରେମ
କରିହୁଏ ନାହିଁ ଅନୁମାନ

ତୋ ନିକଟବର୍ତ୍ତୀ ହେବା ଅପେକ୍ଷା
ଦୂରେ ରହିବାକୁ ଚାହେଁ
କାରଣ ହୁଏତ ତୋ ସହିତ
ସଦା ରହିପାରିବିନି
କିନ୍ତୁ ଦୂରେ ଥାଇ ସବୁଦିନେ
ତତେ ଭଲପାଇପାରିବି

ଜିଲ୍ଲା-ବରଗଡ଼
ବିଜେପୁର ଡୀଗ୍ରୀ କଲେଜ
ଓଡ଼ିଆ ସମ୍ମାନ ୨ୟ ବର୍ଷ

ISSN NO.
2582-208X

# ପ୍ରେମର ସହର ଆଉ ମରୁଭୂମି



ଶଶିକାନ୍ତ ମେହେର

କହିଲ......,
ଏଠି କେବେ କେଉଁ ସତ ପ୍ରେମ ସୁଖ ଯେ ?
ଶିବ ଓ ପାର୍ବତୀ
ରାମ ଆଉ ସୀତା ?
ପ୍ରିଥିରାଜ୍ ଓ ସଂଯୁକ୍ତା ?
ଦୁଷ୍ମନ୍ତ ଆଉ ଶକୁନ୍ତଳା ?
ଅବା,
ରୋମିଓ-ଓ-ଯୁଲିୟଟ ?
କି ହୀର୍ ଆଉ ରାଂଝା ?

ଏଇ ପ୍ରେମର ସହର ଏକ ମରୁଭୂମି ,
ସେ ଯେମିତି ବାଳି ପୂର୍ଣ୍ଣ
ଏଠି ସେମିତି ଦୁଃଖ ପୂର୍ଣ୍ଣ !
ମରୁଭୂମିରେ ଯାଇ ଜଳର ସନ୍ଧାନ
ଆଉ ଏଠି ସୁଖର ସନ୍ଧାନ ଠିକ୍ ଏକା ।
ଜାଣିଛ ?
ଏଠି ପ୍ରବେଶ ପରେ,ପ୍ରେମର ଓଟ
ସହିଯାଏ ବିନା ଜଳରେ ଅନେକ ଦିନ
ଲୋକେ କହନ୍ତି ସେ ସହିପାରେ,
ହେଲେ,ସେ ଜାଣେ ଖୋଜିଲେବି ଏଠି ତାହା ସ୍ୱପ୍ନ !

ISSN NO.
2582-208X

ଇଏ ମହାକଳିଯୁଗ !
ଏଠି ପ୍ରେମ ବଦଳରେ ପ୍ରେମ ନୁହଁ,
ତା' ବଦଳରେ ମିଲେ ଦୁଃଖ ଦୁଃଖ ଦୁଃଖ ।
ଏଠି ନିଷ୍କପଟ ପ୍ରେମ ବୋହିଯାଏ ଲୁହଧାରେ
ଆଉ ସେଇଥିରେ ହିଁ ପ୍ରେମର ଓଟ ବଞ୍ଚେ !
ପୁଣି ସେ ଚାଲେ ତାର କୋମଳ ପାଦେ
ସେଇ ସହରର ବାଲି ତାତିରେ ,
କଣ୍ଟା-ଝଣ୍ଟା-ବି ଅଜସ୍ର, ସବୁ ସହେ ।
ଏଠି ଦୂରଦୂର ଯାଏ ଏକାଏକା
କାହାରିକି ଆଶ୍ରା ଖୋଜିବାବି ବୃଥା,,
କେବେବି ହେଇଯାଏ ଝଡ଼-ବାତ୍ୟା
ଆଉ ଶେଷରେ ସେଇ ଅଜସ୍ର ଧୋଳିରେ
ଜିଅନ୍ତା ପୋତିଯାଏ ନିଷ୍କପଟ ପ୍ରେମକୁ !!

ଜମଲ୍, ବରଗଡ଼-୭୬୮୦୪
ମୋବାଇଲ୍ - ୮୦୧୮୧୬୮୯୬୮

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଆୟୁର୍ବେଦ ଶାସ୍ତ୍ର



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ବିଶ୍ୱରେ ପ୍ରାୟତଃ ୧୯୫ ଟି ଛୋଟ ବଡ଼ ଦେଶ ରହିଛି । ପ୍ରତ୍ୟେକ ଦେଶ ରେ ବିଭିନ୍ନ ଧର୍ମାବଲମ୍ବୀ ଲୋକ ବସବାସ କରି ନିଜର ମୌଳିକ ଧର୍ମ କୁ ସମ୍ମାନ ଜଣେଇ ବିଭିନ୍ନ ଧାର୍ମିକ ରୀତିନୀତି ପାଳନ କରିଥାନ୍ତି । ସେହିପରି ଆମ ଦେଶ ଭାରତୀୟ ହିନ୍ଦୁ ସନାତନ ଧର୍ମ ସଂସ୍କୃତି ରେ ରହିଥିବା ପାରମ୍ପରିକ ରୀତିନୀତି ଅନୁଯାୟୀ ବିଭିନ୍ନ ଦେବା ଦେବୀଙ୍କୁ ପୂଜାର୍ଚ୍ଚନା କରିଆସୁଥିବା ବେଳେ, ଓଡିଶାର ପୁରୀ ସ୍ଥିତ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ବାର ମାସରେ ତେରେ ପର୍ବ ବହୁ ଆଡମ୍ବର ସହକାରେ ପାରମ୍ପରିକ ରୀତିନୀତି ଅନୁଯାଇ, ଶହ ଶହ ବର୍ଷ ହେବ ପାଳନ କରାଯାଇ ଆସୁଅଛି । ଭାରତରେ ହିନ୍ଦୁ ମାନଙ୍କ ପବିତ୍ର ତୀର୍ଥ କ୍ଷେତ୍ର ଚାରିଧାମ ହେଉଛି ତାମିଲନାଡୁ ରାଜ୍ୟର ରାମେଶ୍ୱର, ଉତ୍ତରାଖଣ୍ଡ ରାଜ୍ୟର ବଦ୍ରୀନାଥ, ଗୁଜୁରାଟ ରାଜ୍ୟର ଦ୍ୱାରିକାନାଥ ଆଦି ନିଜ ନିଜ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଥିବା ବେଳେ ଓଡ଼ିଶାର ଶ୍ରୀକ୍ଷେତ୍ର ଧାମ, ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଯାତନୀତି ସାରା ବିଶ୍ୱରେ ସର୍ବଜନ ବିଦିତ ଅଟେ ।

ପ୍ରଭୁ ଶ୍ରୀ ବଳଭଦ୍ର, ମା ସୁଭଦ୍ରା ଓ ଶ୍ରୀ ଜଗନ୍ନାଥ ଙ୍କ ପ୍ରତିବର୍ଷ ଶ୍ରୀକ୍ଷେତ୍ର ପୁରୀ ବଡ଼ଦାଣ୍ଡ ରେ, ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ରେ ଯେଉଁ ରଥଯାତ୍ରା, ଗୁଣ୍ଡିଚା ଯାତ୍ରା ବା ଘୋଷ ଯାତ୍ରା ଅନୁଷ୍ଠିତ ହୋଇଥାଏ ତାହା ବିଶ୍ୱ ପ୍ରସିଦ୍ଧ ଅଟେ । ଜଗତର ନାଥ ଶ୍ରୀ ଜଗନ୍ନାଥ କାଳିଆ ସାଆନ୍ତଙ୍କ ଘୋଷ ଯାତ୍ରା ସାରା ବିଶ୍ୱର ପ୍ରାୟତଃ ଅଧିକାଂଶ ଦେଶରେ ଭକ୍ତ ମାନଙ୍କ ଦ୍ୱାରା ବହୁ ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ । ଯାହାକି ଶ୍ରୀ ଜଗନ୍ନାଥ ସଂସ୍କୃତି ର

ISSN NO.
2582-208X

ମହାନ ପରମ୍ପରା ଓ ଐତିହ୍ୟ ତଥା ଓଡିଶା ରାଜ୍ୟ, ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ତଥା ଓଡ଼ିଆ ଜାତିର ଗର୍ବ, ଗୌରବ ର କଥା ଅଟେ ।

ପ୍ରଭୁଙ୍କ ଘୋଷଯାତ୍ରା ବା ଗୁଣ୍ଡିଚା ଯାତ୍ରାର ଅବ୍ୟବହିତ ପୂର୍ବରୁ ଶ୍ରୀଜୀଉ ଙ୍କ ଏକ ଭକ୍ତିଭାବ ପୂର୍ଣ୍ଣ, ହୃଦୟ ସ୍ପର୍ଶୀ, ଆବେଗ ପୂର୍ଣ୍ଣ, ତଥା ମାନବ ଲୀଳା ସଦୃଶ୍ୟ ଏକ ଧାର୍ମିକ ରୀତିନୀତି ଅନୁଷ୍ଠିତ ହୋଇଥାଏ, ଯାହାକୁ କି ତିନି ଠାକୁରଙ୍କୁ ରତ୍ନ ସିଂହାସନ ରେ ଦେଖିବାକୁ ମିଳିନଥାଏ । ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ତିଥି ଦିନ ତିନି ଠାକୁରଙ୍କୁ ରତ୍ନବେଦୀ ରେ ବିରାଜମାନ କରାଇ ୧୦୮ ଗରା ରେ ସୁବର୍ଣ୍ଣ କୂପ ରୁ ଜଳ ଅଣାଯାଇ ତିନି ଠାକୁର ଙ୍କୁ ଧାର୍ମିକ ରୀତିନୀତି ଅନୁଯାଇ ସ୍ନାନ କାର୍ଯ୍ୟ ସମାପନ କରାଯାଇଥାଏ । ଏହି ପ୍ରକ୍ରିୟାକୁ ଦେବସ୍ନାନ ପୂର୍ଣ୍ଣିମା କୁହାଯାଇଥାଏ ।ଏହି ଦିନ ଶ୍ରୀଜୀଉ ଗଜାନନ ବେଶ ହୋଇଥାନ୍ତି । ଯାହାକି ଏକ ଆନ୍ତରିକ ଭାବପୂର୍ଣ୍ଣ, ଆବେଗ ପୂର୍ଣ୍ଣ, ହୃଦୟସ୍ପର୍ଶୀ,ଧାର୍ମିକ ଭାବନା ର ପ୍ରତୀକ ଅଟେ ।

ଦେବସ୍ନାନ ପୂର୍ଣ୍ଣିମା ଦିନ ବିଳମ୍ବିତ ରାତିରେ ତିନି ଠାକୁର ରତ୍ନ ସିଂହାସନ କୁ ନ ଫେରି ଜ୍ୱର ରେ ଆକ୍ରାନ୍ତ ହୋଇ ଅଣସରଗୃହ (ଏକ ସ୍ୱତନ୍ତ୍ର ବାଉଁଶ ନିର୍ମିତ ଏକ ମୁହାଁ କୋଠରୀ) ରେ ରହିଥାନ୍ତି, ଶ୍ରୀ ଜିଉଙ୍କ ଠାରେ ଅର୍ଣ୍ଣଭୋଗ ବନ୍ଦ ରହି, ବିଭିନ୍ନ ପ୍ରକାର ଫଳ, ପଣା ଆଦି ନୈବେଦ୍ୟ ସ୍ୱରୂପ ଶ୍ରୀଜୀଉ ଙ୍କ ପାଖରେ ଲାଗି କରାଯାଇଥାଏ ।ସେଠାରେ ଶ୍ରୀଜୀଉ ପନ୍ଦର ଦିନ(ଦେବସ୍ନାନ ପୂର୍ଣମୀ ଠାରୁ ଅମାବାସ୍ୟାଯାଏଁ) ରହିଥାନ୍ତି । ଦଇତାପତି ମାନେ ପ୍ରଭୁଙ୍କ ସେବା କରିଥାନ୍ତି ।ଉକ୍ତ ଅଣସରଗୃହରେ ଅହରହ ରାଶି ତେଲ ର ଏକ ପ୍ରଦୀପ ପ୍ରଜ୍ୱଳିତ କରାଯାଇଥାଏ, ଘଣ୍ଟ,ଘଣ୍ଟି ଆଦି କିଛି ବଜା ନଯାଇ ଶାନ୍ତ ପରିବେଶରେ ପ୍ରଭୁଙ୍କ ଦୈନନ୍ଦିନ ଧାର୍ମିକ ରୀତିନୀତି ସମାପନ କରାଯଇଥାଏ । ତିନି ଠାକୁର ରତ୍ନ ସିଂହାସନ ରେ ଉକ୍ତ ପନ୍ଦର ଦିନ ନଥିବାରୁ,ଭକ୍ତଙ୍କ ନିମନ୍ତେ ତିନି ଠାକୁର ଙ୍କ ପ୍ରତୀକ ସ୍ୱରୂପ ବଳଭଦ୍ର ଙ୍କ ବାସୁଦେବ, ସୁଭଦ୍ରା ଙ୍କ ଭୁବନେଶ୍ୱରୀ, ଜଗନ୍ନାଥ ଙ୍କ ଚତୁର୍ଭୁଜ ନାରାୟଣ ପଟି ଦିଅଁ ଙ୍କୁ ସାଧାରଣ ଜନତା ଦର୍ଶନ କରି ନିଜକୁ ଧନ୍ୟ ମନେ କରନ୍ତି । ତିନି ଠାକୁର ଥଣ୍ଡା ଜ୍ୱର ରେ ପୀଡିତ ହୋଇଥିବାରୁ ଦଇତାପତି (ଜରାଶବର ବା ଶୁଦ୍ଧ ଶବର ଜାତିର ଅର୍ଥାତ ଶ୍ରୀ ଜଗନ୍ନାଥ ଙ୍କୁ ତାଙ୍କ ପରିବାର ର ଜଣେ ବୋଲି ବିଶ୍ୱାସ କରନ୍ତି ) ମାନେ ହିଁ ଏକ ବସ୍ତ୍ର ହୋଇ ପନ୍ଦର ଦିନ (ଦେବ ସ୍ନାନ ପୂର୍ଣ୍ଣିମା ଠାରୁ ବିଜୟା ଅମାବାସ୍ୟା ପର୍ଯ୍ୟନ୍ତ ) ପାରମ୍ପରିକ ରୀତିନୀତି ଅନୁଯାଇ ପ୍ରଭୁଙ୍କ ବିଭିନ୍ନ ସେବା କରିଥାନ୍ତି । ଉକ୍ତ ପନ୍ଦର ଦିନ ମଧ୍ୟରେ ଶ୍ରୀଜୀଉ ଙ୍କ ସ୍ୱାସ୍ଥ୍ୟ ଉପଶମ ନିମନ୍ତେ ଭାରତୀୟ ପାରମ୍ପରିକ ମୌଳିକ ଚିକିତ୍ସା ପଦ୍ଧତି ବା

ISSN NO.
2582-208X

ଆୟୁର୍ବେଦୀୟ ଔଷଧ ର ଉପଯୋଗ କରାଯିବାର ବିଧିବିଧାନ କରାଯାଇଥାଏ । ଚତୁର୍ଥ ଦିନରେ ମସୃଣ ଲେପନ, ପଞ୍ଚମ ଦିବସରେ ତିନି ଠାକୁରଙ୍କୁ "ଫୁଲୁରି ତେଲ" (କିଆ, କେତକୀ, ଜଟାମାଂସୀ, ଚନ୍ଦନ ଅଗୁରୁ, ବେଲ, ଗମ୍ଭାରୀ, ଗିଲ, ଘର ପୋଡିଆ, ଫଣଫଣା, ଅଗିବଥୁ ଆଦି ଦଶମୂଳ ମିଶ୍ରଣରେ ଘନାପେଡା ରାଶିତେଲ, (ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ପଦ୍ଧତି ଅନୁଯାଇ ଏକ ବର୍ଷ ପୂର୍ବରୁ ମାଟି ତଳେ ପୋତାଯାଇ ରଖା ଯାଇ ଥିବା ଏକ ସ୍ୱତନ୍ତ୍ର ସୁବାସିତ ତୈଳ ) ଲାଗି କରାଯାଇଥାଏ । ଉକ୍ତ "ଫୁଲରି ତୈଳ" କୁ ତିନୋଟି ମାଟି ପାତ୍ରରେ କଦଳୀ ପତ୍ର ଘୋଡାଇ ଗୁପ୍ତଭାବେ ଅଣାଯାଇ ଜ୍ୱର ରେ ପୀଡିତ ଚତୁର୍ଦ୍ଧାମୂର୍ତ୍ତି ଙ୍କ ଶ୍ରୀଅଙ୍ଗ ରେ ଲେପନ କରାଯାଇଥାଏ ।ଯଦ୍ୱାରା ଶ୍ରୀ ଜିଉଁଙ୍କ ଶରୀର ର ପୀଡା ଉପସମ ହୋଇଥାଏ । ଉକ୍ତ ଚେରମୁଳିରୁ ପ୍ରସ୍ତୁତ ଆୟୁର୍ବେଦ ଗୁଣ ସମ୍ପନ୍ନ ତୈଳ ପୁରୀ ସ୍ଥିତ ବଡ଼ ଓଡ଼ିଆ ମଠ ଯୋଗାଇଥାନ୍ତି । ଦଶମୀ ଦିନ "ଦଶମୂଳ ପାଚନ" ସେବନ, "ଖଳି ଲାଗି ଏକାଦଶୀ" ଦିନ ଚତୁର୍ଦ୍ଧାମୂର୍ତ୍ତୀ ଅଣସର ପିଣ୍ଡିରେ ସାମାନ୍ୟ ଆରୋଗ୍ୟ ଲାଭ କରି ବିଶ୍ରାମ ନେଇଥାନ୍ତି । ଉକ୍ତ ଏକାଦଶୀ ତିଥିରେ ମହାପ୍ରଭୁ ଙ୍କ ଠାରେ ଆୟୁର୍ବେଦୀ ପ୍ରଣାଳୀ ରେ ଚେରମୂଳ ରୁ ପ୍ରସ୍ତୁତ ଦଶମୂଳ ମୋଦକ (ଏଥିରେ ବେଳ, ଗମ୍ଭାରୀ, ଅଙ୍କରାନ୍ତି, ଜଟା ମାଂଶୀ ଫଣାଫଣା, ଆଗବଥୁ, ଗୋଖାରା, କୃଷ୍ଣପର୍ଣ୍ଣି ପ୍ଲଶୀପର୍ଣ୍ଣି ), ଶାଳପର୍ଣ୍ଣି, ଓ ଲବିଂ କୋଳି, 10 ବୃକ୍ଷ ର ଚେର, ମୂଳ ଓ ପତ୍ର ଦ୍ୱାରା ବୈଦ୍ୟ ସେବକ ଦ୍ୱାରା ପ୍ରସ୍ତୁତି )ଲାଗି କରାଯିବା ପରେ ଅସୁସ୍ଥ ଥିବା ମହାପ୍ରଭୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥାନ୍ତି । ଉକ୍ତ ଦଶମୂଳ ମୋଦକ ରାଜବୈଦ୍ୟ ଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ସାତଟି ବଢ଼ା ରେ ଅଣାଯାଇଥାଏ ।ଦେବସ୍ନାନ ପୂର୍ଣ୍ଣିମା ଦିନ ଠାରୁ ଶ୍ରୀଜୀଉ ଙ୍କ ଠାରେ ବିନା ତୁଳସୀରେ ଏକାକୀ ଧଳା ଫୁଲରେ ପୂଜା କରାଯାଉଥିବା ବେଳେ ପ୍ରଭୁ ସୁସ୍ଥ ହେତୁ ଏହିଦିନ ପାଟ ପରିଧାନ,ଚନ୍ଦନ ଧାରଣ ଓ ତୁଳସୀ ଲାଗି କରାଯାଇଥାଏ । ଖଳି ଲାଗି ଦିନ, ଘଣ୍ଟ ଓ କାହାଳୀ ବଜାଇ ଶ୍ରୀଜୀଉ ମାନେ ସୁସ୍ଥ ହେଉଥିବା ବାର୍ତ୍ତା ଭକ୍ତ ମାନଙ୍କୁ ଜଣାଇ ଦିଆଯିବାର ପରମ୍ପରା ରହିଛି । ଅମାବାସ୍ୟା ଦିନ ଚତୁର୍ଦ୍ଧାମୂର୍ତ୍ତୀ ଙ୍କ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଥାଏ । ଯାହାକୁ କି "ବିଜୟା ଅମାବାସ୍ୟା" କୁହାଯାଏ । ଅମାବାସ୍ୟା ପରଦିନ ଶ୍ରୀଜୀଉ ଙ୍କ ନେତ୍ର ଉତ୍ସବ ବା ନବଜଉବନ ଦର୍ଶନ ଭାବେ ଶ୍ରୀଜୀଉ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ପରବର୍ତୀ ଦିନ ଶ୍ରୀ ଜିଉଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରା ବା ଘୋଷ ଯାତ୍ରା ରୀତିନୀତି ଅନୁଯାଇ ପାଳନ କରାଯାଇଥାଏ ।ଯାହାକି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଭାବେ ବିଶ୍ୱ ଜନ ବିଦିତ ଅଟେ ।

ଏଠାରେ ତିନି ଠାକୁର ଙ୍କ ନୀତିକାନ୍ତି ସାଧାରଣ ମାନବ ଭଳି ଦୈନନ୍ଦିନ ଜୀବନ ଶୈଳୀ ପାଳନ କରାଯାଇଥାଏ, ଯାହାକି ଭକ୍ତ ମାନଙ୍କ ହୃଦୟରେ ଏକ ସାତ୍ତ୍ୱିକ, ଧାର୍ମିକ ଭାବନା

ISSN NO.
2582-208X

ଜାଗ୍ରତ କରାଇଥାଏ ।ଯଦ୍ୱାରା ଭକ୍ତ ଓ ଭଗବାନ ଙ୍କ ମଧ୍ୟରେ ଏକ ଅଦୃଶ୍ୟ ଭକ୍ତିଭାବ ପୂର୍ଣ୍ଣ ଡୋରି ବନ୍ଧା ହୋଇ ରହିଥାଏ । ଯାହାକି ଭକ୍ତର ଅନ୍ତଃଭାଗ ରୁ ଭକ୍ତି ପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଠାକୁରଙ୍କ ପାଖରେ ସମର୍ପଣ କରି ଭକ୍ତ ସାନିଧ୍ୟ ଲାଭ କରିବା ସହିତ ଜୀବନର ମୁକ୍ତି ପଥ ତଥା ବୈକୁଣ୍ଠ ପ୍ରାପ୍ତି ନିମନ୍ତେ ପଥ ଉନ୍ମୁକ୍ତ କରିବା ପାଇଁ ପ୍ରଚେଷ୍ଟା କରିଥାଏ । ପ୍ରଭୁ କାଳିଆ ସାଆନ୍ତ ଭକ୍ତର ଭଗବାନ,ଭାବନାର ପ୍ରତୀକ,ଅଦୃଶ୍ୟ ଶକ୍ତି ଓ ଅନୁଭବ ର ଠାକୁର ଅଟନ୍ତି ।

ଶ୍ରୀ ଜଗନ୍ନାଥ ଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ବା ରଥଯାତ୍ରା ବିଶ୍ୱର ପ୍ରାୟତଃ ପ୍ରତ୍ୟେକ ଦେଶରେ ବହୁ ଆଡ଼ମ୍ବର ସହକାରେ ପାଳନ କରାଯାଉଛି । ଗୁଣ୍ଡିଚା ଦିନ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ତିନି ଠାକୁର ଙ୍କୁ ରଥରେ ଦର୍ଶନ କରି ଭକ୍ତସମୂହ ସାନିଧ୍ୟ ଲାଭ କରି ନିଜକୁ ଧନ୍ୟ ମନେକରନ୍ତି ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ମଲାଇ ପନିର୍



ଜୟନ୍ତୀ ଦେବୀ

ଆବଶ୍ୟକ ସାମଗ୍ରୀ:

୫୦୦ ଗ୍ରାମ ଛେନା, ୨ଟି ବଡ ପିଆଜ, ୧ ଚାମଚ ଅଦା ରସୁଣ ବଟା
୧ କପ୍ ଟମାଟୋ ରସ, ପାଣିରେ ଭିଜା ହୋଇଥିବା ୩ଟି ବଡ ଲାଲ
କାଶ୍ମୀରି ଲଙ୍କା, ଅଧଚାମଚ ଗରମ ମସଲା ଗୁଣ୍ଡ, ଅଧ ଚାମଚ ହଳଦୀ
ଗୁଣ୍ଡ, ୨ ଚାମଚ ଲହୁଣୀ, ଅଧ କପ କ୍ଷୀର ଓ ୧ ଚାମଚ ତେଲ ଓ ଲୁଣ ।

ପ୍ରସ୍ତୁତି ପ୍ରଣାଳୀ:

କଡେଇରେ ତେଲ ଗରମ କରି ଅଦା ରସୁଣ ବଟା ପକାଇ କଷନ୍ତୁ । ପିଆଜକୁ କାଶ୍ମୀର ଲଙ୍କା ସହ ମିଶାଇ ବାଟନ୍ତୁ ଓ ସେହି ମିଶ୍ରଣକୁ ଅଦା ରସୁଣ କଷାରେ ମିଶାଇ ଭାଜନ୍ତୁ । ଲାଲ ହୋଇ ଆସିଲେ ଟମାଟୋ ରସ ପକାନ୍ତୁ । ସ୍ୱାଦ ଅନୁସାରେ ଲୁଣ ଏବଂ ବାକି ମସଲା ପକାଇ ଦୁଇ ମିନିଟ ପର୍ଯ୍ୟନ୍ତ କଷନ୍ତୁ । ତେଲ ବାହାରି ଆସିଲେ ଲହୁଣି ଏବଂ କ୍ଷୀର ମିଶାଇ ଦିଅନ୍ତୁ । ମିଶ୍ରଣ ଗାଢ ହୋଇ ଆସିଲେ ପନିର ଖଣ୍ଡ ଗୁଡିକୁ ପକାଇ ଭଲ ଭାବରେ ଘାଣ୍ଟନ୍ତୁ । ଥରେ ଫୁଟିଗଲେ ଚୁଲିରୁ ଓହ୍ଲାଇ ଧନିଆ ପତ୍ର ପକି ପରିବେଷଣ କରନ୍ତୁ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଚଣା ଘୁଗୁନି



ଦେବଯାନୀ ବାରିକ୍

### ଆବଶ୍ୟକ ସାମଗ୍ରୀ:

କାବୁଲି ଚଣା - ୧ କପ୍, କୋର୍ ହୋଇଥିବା ନଡିଆ - ୧/୪ କପ୍
ଛୁଙ୍କ ପାଇଁ ସୋରିଷ ୧ ଚାମଚ୍, ବିରିଡାଲି ଦେଢ ଚାମଚ,
ଶୁଖିଲା ଲଙ୍କା ୨ଟା, ଅଳ୍ପ ହେଙ୍ଗୁ, ତେଲ - ୨ ଚାମଚ

### ପ୍ରସ୍ତୁତି ପ୍ରଣାଳୀ:

କାବୁଲି ବୁଟାକୁ ରାତିରେ ପାଣିରେ ଭିଜାଇ ରଖିଦିଅନ୍ତୁ । ସକାଳୁ ତାକୁ ପାଣିରୁ ଛାଣି ପ୍ରେସର୍ କୁକରରେ ଅଳ୍ପ ଲୁଣ, ହଳଦୀ ଦେଇ ସିଝାଇ ଦିଅନ୍ତୁ । ସିଝିଗଲା ପରେ ଏହାକୁ ପ୍ରେସର୍ କୁକର୍ ରୁ କାଢି ଦିଅନ୍ତୁ । ଏହା ପରେ କଡେଇରେ ତେଲ ପକାଇ ଅଳ୍ପ ସୋରିଷ ଫୁଟାନ୍ତୁ । ପୁଣି ସେଥିରେ ବିରିଡାଲି, ଶୁଖିଲା ଲଙ୍କା, ହେଙ୍ଗୁ ଏବଂ ଭୃଷଙ୍ଗ ପତ୍ର ପକାଇ ଛୁଙ୍କ କରନ୍ତୁ । ଯେତେବେଳେ ବିରିଡାଲି ସୁନେଲି ରଙ୍ଗ ହୋଇଯିବ, ସେତେବେଳେ ସିଝା ହୋଇଥିବା କାବୁଲି ଚଣା, ଅଳ୍ପ ଲୁଣ ଏବଂ ନଡିଆ କୋର୍ ପକାଇ ଘାଣ୍ଟନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଚଣା ଘୁଗୁନି । ରୁଚି ଅନୁଯାୟୀ ଏହାକୁ ଗରମ ବା ଥଣ୍ଡା ପରିବେଷଣ କରନ୍ତୁ ।

ମହୁ, ଆଳି, କେନ୍ଦ୍ରାପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# କୋଶଲ-କବି-କଞ୍ଜାର ପୂଜ୍ୟ ଗଙ୍ଗାଧର



ବ୍ରଜମୋହନ ମେହେର

ଖଡ଼ିଆଲର ରାଜକବି କବି ସୌରଭ ଅନୁପ ସିଂହଦେବ କଁର ଭାଷାନେ ସ୍ୱଭାବ କବି ଗଂଗାଧର ମେହେର ହଉଛନ "କୋଶଳ-କବି-କଞ୍ଜାର ପୂଜ୍ୟ ଗଙ୍ଗାଧର" (ଆଶିଷ ଭିକ୍ଷା, କବିତାଗୁଚ୍ଛ, କବି ସୌରଭ ଗ୍ରନ୍ଥାବଳୀ, ପ୍ର: ଆସନ୍ନ ସିଂହଦେବ-୨୦୧୭, ପୃ-୪୩୦)। ପରକୁତନେ ପଶ୍ଚିମ ଓଡ଼ିଶାକେ କବି ଗଂଗାଧର କେନସି ଠାନେ 'କୋଶଲ' ବଲି କରି ନେଇଁ ଚିହ୍ନେଇ ସତକଥା; ମାତର ଇ' ଅଂଚଲର ପରକୁତିକେ, ଇ ଫାଲର ଡଂଗର ପରବତ, ନଏଦ ନାଲକେ, ଯେନ୍ ଭାବେ ତାହାଁକର ସାହିତ୍ୟନେ ଠାନ ଦେଇଛନ, ଆଘୁନ୍ ହେନତି ପରକାରେ ଉନଜା କବିମନେ ହେତକି ଯତନ କରିଛନ ବଲି କହାଯେଇ ନେଇଁପାରେ । ଆଝିର କେତେ କୋଶଲବାଦୀ କହେସନ, କବିତାନେ ସିନା ଗଂଗାଧର କହିଗଲେ, "ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ/ ତାକୁ ଯଦି ଜ୍ଞାନିଗଣରେ ଗଣିବା ଅଜ୍ଞାନ ରହିବେ କାହିଁ", ହେଲେ କୋଶଲୀ ଭାଷାନେ ଗଂଗାଧର କାଏଁକରାକେ ନେଇଁ ଲେଖଲେ ବଲି । ହେନତି ହେଲେ ଗଂଗାଧର ମେହେର କୋଶଲୀନେ ହେଲେ କାଏଁଯେ ଲେଖତେ ? ତାହାଁକର ଜାଏତ୍ ତୋ ଭୁଲିଆ; ଭୁଲିଆ ଭାଷା ଥିଲା ତାହାଁକର ମାତୃଭାଷା । ଇତାର କହେବାର ମାନେ ଆଏ ଯେ ଓଡ଼ିଆ ଭାଷାକେ ଗଂଗାଧର କରି ନେଇଥିଲେ ନିଜର, ନିଜର ମାତୃଭାଷା । ହେତକିବେଲେ ଓଡ଼ିଶା ଗଠନ କରବାରଟା ଆରୁ ଓଡ଼ିଆ ଭାଷାର ମାନକେ ବଁଚାବାରଟାକେ ଜୋର ଦିଆହଉଥିଲା । ଆରୁ ଇଟା ବି ସତକଥା ଯେ କାହିଁ କେତେକାଲୁନ୍ ଇଲାକାର ଲୋକର କଥା ହେବାର ଭାଷା ଥିଲା କୋଶଲୀ, ମାତର ଲେଖାପଢ଼ାର ଭାଷା ଭାବେ ଉଡ଼ିଆ ଭାଷା ଏକା ରାଜ କରି ଆସୁଥିଲା। ପୁରାନ ପାଠ କହ କି ସାହିତ୍ୟ ଚର୍ଚା କହ ଉଡ଼ିଆ ସାହିତ୍ୟ ଏକା ଆଗସାର ହେଇକରି

ISSN NO.
2582-208X

ଆବରି ବସିଥିଲା । ଗଂଗାଧର ମେହେର ନୁଆଁକରି ଉଡ଼ିଆଭାଷାନେ ଲେଖି ବସଲେ ଆରୁ ଉଡ଼ିଆ ଭାଷା ଚଲେଇ ବସଲେ ବଲି କହେମୁ ବେ'ଲେ ଭୁଲ୍ ହେବା ନିହାତି । ସାରଲା ମହାଭାରତକେ ପୂର୍ବଓଡ଼ିଶାର ଲୋକ ଯେତକିରି ଅପନାସନ, କୋଶଲାଂଚଲ କି ପଶ୍ଚିମ ଓଡ଼ିଶାର ଲୋକ ଅପନାସନ ଜହ କରି । ଆମେ ଜାନିଛୁଁ ଯେ ପଶ୍ଚିମ ଓଡ଼ିଶାର ଲୋକ ନିଜର ଜୀବନକେ ଯେତକିରି ହେ' ଭିତରେ ଦେଖସନ କି ନିଜର କରିଛନ, ଉପକୂଲିଏ ହେତକି ଭାବିଥିବେ କିନି କେଜାନି । ଆମର ଫାଲର ଗାଁ'ଗାଁ'କେ ଇ ମହାଭାରତର କଥାନି ଉପରେ ଏକା ଚର୍ଚା ଲମେଇ ଦେଇଥିସନ ପୁରାନପେରମୀମନେ କି କଥା-ରସିଆମନେ । ହେ' ପରକାର ସଂଥ ଚୈତନ୍ୟ ଦାସକେ ଦେଖୁଁ କି 'କପଟ ପାଶା'ର ଭୀମା ଧୀବରକେ ଦେଖୁଁ; କଂଧକବି ଯୁଗଦାସକେ ଦେଖୁଁ କି ଭୁଲିଆ କବି ରତ୍ନାକର ଦାସକେ ଦେଖୁଁ ; କି ଦେଖୁଁ "ଅଂଧ ହୋଇଲେ ରେ ବାପ ନୟନ ଦେଖିବ / ବଂଧ୍ୟାସ୍ତିରୀ ଗର୍ଭେ ଦେଖ ପୁତ୍ର ଜନ୍ମ ହେବ" ବଲି ଗୀତ ଛୁଟେଇ ଥିବାର 'କୃଷ୍ଣଜନ୍ମ'ର କବି ଘାସିରାମ କେଉଟକେ- ହେନତି ବି ଗଂଗାଧର କଁର ସମିଆଁନେ ଜନମ ନେଇକରି ନିଜକେ ନରକେ ପକେଇ ଦେଇକରି ଜଗତ ଉଦ୍ଧାର କରବାର ହୁରୁଦ ଥିଲାବାଲା ସଂଥ କବି ଭୀମଭୋଇକେ - ସେମନେ ଭାବିଛନ କେନ୍ ଭାଷାକେ ନିଜର ଭାଷା ବଲି ଯେ ! ଦେଖିଦେଖୁଁ ଲୋକ ଘରେ ଘରେ ସାରଲା ମହାଭାରତ, ଭାଗବତ କି ହରିବଂଶ କି ନରସିଂହ ପୁରାନକେ- ଲୋକମନେ ନିଜର ମାତୃଭାଷା ଠାନୁ ଅଲଗା କା'ଣା ଭାବିଛନ ଯେ ! ଗଂଗାଧର କଁର ଘରେ କହେବାର ମାତୃଭାଷା ଥିଲା ଭୁଲିଆ ଭାଷା, ଭଁଟାକେ ବାହାରଲେ 'କୋଶଲୀ' ଆରୁ ଲେଖବାର ଭାଷା- କବି ଲେଖକର ଭାଷା ଥିଲା 'ଉଡ଼ିଆ' । କା'ଣା ଦେମୁ ମାତୃଭାଷାର ସଂଜ୍ଞା ! ଆରୁ ହେ' ତାହାଁକର ମାତୃଭାଷା ବଲି ଭାବୁଥିବାର ଉଡ଼ିଆ ଭାଷାନେ ଲେଖି ଚାଲଲେ ଗଂଗାଧର। ଯେନ୍ ନିଂଦାଦଉଥିବାର କିଛି କୋଶଲବାଦୀକେ (ସବୁ ତୋ କୋଶଲବାଦୀ ନେଇଁସେ) ଥରେ କହେମୁ, କୋଶଲୀ ଭାଷାର ଚେତନା ଫଏଲି ସାରଲା ପଛେ ବି ଯେନ୍ ଲେଖକ କି କବିମନେ ଆଏଜ୍ ତକ୍ ନିଜର ଆଗ୍ରହ ଲାଗି ହଉ କି ଜହ ପ୍ରଚାର ପ୍ରସାର ହେବା, ନାଁ ଉଡ଼ବା ବଲିକରି ହଉ କି ସନମାନ ଆରୁ ପୁରସ୍କାର ପାଏବାର ଆଶାନେ ହଉ ଉଡ଼ିଆ ସାହିତ୍ୟଥି ଲାଗି ପଡ଼ିଛନ ପଶ୍ଚିମ ଓଡ଼ିଶାର ଭାଷାକେ ଅନଦେଖା କରି କରି, ହେମନକେ କହେବାର ସମିଆଁ ଆସିଛେ । ନିଂଦା ଦେବାର ଥି ଆମର ଭାଷା ଆଗକେ ନେଇଁଯାଏ । ଆମେ ଗଂଗାଧର କଁର "ମାତୃଭୂମି ମାତୃଭାଷାରେ ମମତା" ସୁରେ କି "ଉଚ୍ଚ ହେବା ପାଇଁ ଯେବେ କର ଆଶା/ ଉଚ୍ଚ କର ଆଗେ ନିଜ ମାତୃଭାଷା" ଭିତରେ ନିଜର ଭାଷାର ତହଁକ୍

ISSN NO.
2582-208X

ପାଏବାର ଅଛେ । କାରଣ: ଇ' ପଦ ସବୁ ସବୁଭାଷାର ଲାଗି ବେଭାର ହେଇ ପାରବା । ଇଛନର ସମିଆଁ ଆସିଛେ ଆମକେ ଆମର ମାଏଟ ଆରୁ ମାଟିର ଭାଷାର ଲାଗି ଲାଗବାର ଆରୁ ଇ' ମାଟିର ଛୁଆମନକେ ଇ ଦିଗେ ତହଁକ୍ ଭରବାର କାଜେ ।

ସତକଥା ଯେ ସ୍ୱଭାବ କବି ଗଂଗାଧର ପଢ଼ିଛନ କାଲିଦାସକେ, ଭବଭୂତିକେ, ବାଲ୍ମୀକିକେ, ବ୍ୟାସକେ; ମାତର ଯେତେ ଧୁର ଅନୁମାନ କରିହେସି, କବି ନେଇଁ ପଢ଼ିଥିବେ ଗଂଗାଧର ମିଶ୍ରକେ କି ପ୍ରହଲାଦ ଦୁବେକେ । ଗଂଗାଧର ମିଶ୍ର କଁର 'କୋଶଲାନନ୍ଦ କାବ୍ୟ' କି ପ୍ରହଲାଦ ଦୁବେ କଁର 'ବିଜୟ ଚନ୍ଦ୍ରିକା' ପଢ଼ିଥିଲେ କବି ନିହାତି ପଶ୍ଚିମ ଓଡ଼ିଶାକେ 'କୋଶଲ' ଭାବେ ବର୍ଣନା କରିପାରିଥିତେ । କେତେଛୁମେ କୋଶଲ ଶବ୍ଦର ବେଭାର କରିଛନ- ମାତର ସବୁ ଉତ୍ତର କୋଶଲ କି ଅଯୋଧ୍ୟାର ଅର୍ଥଥି । ହେତକି ବେଲର ଓଡ଼ିଆ ଅବଧାନ(ମାସ୍ଟର) ପାଖେ ପାଠପଢ଼ା, ଉଡ଼ିଆ ସାହିତ୍ୟିକମନକର ସଂଗେ ଭାବ ରଖା ଆରୁ ଓଡ଼ିଆ ଭାଷାର ଆଂଦୋଲନ ସଂଗେ ସଂଗେ ଓଡ଼ିଶା ଗଠନର ଉତ୍କଳ ଚେତନାନେ କବି ଏନତି ଭାବେ ମାତିଛନ ଯେ ତାହାଁକର ସବୁ ଲେଖାନେ 'ଉତ୍କଳ' 'ଉତ୍କଳ' ସ୍ୱର ଏକା ଜୋର କରି ଶୁଭିଛେ । ଜନମ ନେଇଛେ 'ଉତ୍କଳ-ଲକ୍ଷ୍ମୀ' କାବ୍ୟ, ମାତର କୋଶଲର କେତନିକେତେ ଚିତ୍ର ହେନେ ଭିରିଛେ ।

କୋଶଲର ଅସଲ ଇତିହାସ ପାଟନା ରାଏଜର କଥା, ଚୌହାନ ବଁଶର ରାଜକରା କବିର କଲମନେ ଉତରିଛେ । ସମଲପୁର ରାଏଜ୍ ଗଠନ, ହୀରାଖଁଡ଼ ରାଏଜର 'ହୀରା' ବଲରାମ ଦେବ କଁର ଗୁନକୀରତନ କରି କବିତା ରୂପ ନେଇଛେ 'ବଲରାମ ଦେବ' କବିତା, ଯେନ୍ ଟା ଅର୍ଘ୍ୟଥାଲୀନେ ଠାନ ପେଇଛେ । ହେନତି 'ବଲରାମ ଦେବ' ନାଁ'ଥି ରହିଛେ ଗୁଟେ କାବ୍ୟ, ଯେନ୍ଟା ପହେଲା ବରପାଲି ଜମିଦାର ନୃପରାଜ ସିଂହ କଁର ନାଁଥି ବାହାରିଥିଲା, ପଛେ ଗଂଗାଧର କଁର ଲେଖା ବଲି ପ୍ରମାଣିତ ହେଇଛେ । ଇ' କଥାନି ତୋ 'କୋଶଲାନନ୍ଦ କାବ୍ୟ' ଆରୁ 'ବିଜୟ ଚନ୍ଦ୍ରିକା'ନେ ରହିଛେ, କୋଶଲ ଦେଶର ଇତିହାସ ଭାବେ ରୂପ ପେଇଛେ, ରଜାମନକେ 'କୋଶଲର ଅଧିପତି କୋଶଲେଶ୍ୱର ବଲିକରି କହା ହେଇଛେ । କୋଶଲର ମୁଖିଆ ଠାନ ସମଲପୁର ବଲା ଯେଇଛେ । ମାତର ଉପରେ ତୋ କହାହେଇଛେ ଯେ ସ୍ୱଭାବ କବି ଗଂଗାଧର ଇ' ଦୁଇଟା କାବ୍ୟକେ ନେଇଁ ପଢ଼ିଥିବେ । ହେଲେ, ପାଟ ପାଟ ଧରି ଚଲିଆସୁଥିବାର କଥାକେ (ଲୋକକଥା/କିଂବଦଂତି)କେ

ISSN NO.
2582-208X

ଧରିକରି ଗଂଗାଧର ମେହେର ଇ' କାବ୍ୟ ଆରୁ କବିତା ଲେଖିଛନ ବଲି କହାଯେଇପାରେ। (ଇଠାନେ ପାଠକମନକର ଲାଗି ସୂଚିତ କରି ଦିଆଯେଇପାରେ ଯେ, ପଛେ ଆମର କୋଶଲବ୍ୟାସ ନୀଲମାଧବ ପାଣିଗ୍ରାହୀ ଇ' କଥାନିକେ ଏକା କୋଶଲୀ ଭାଷାନେ 'ସମଲପୁରର କଥା' ବଲି ଗୁଟେ କାବ୍ୟ ଲେଖିଛନ ନିଜର ଶଏଲୀନେ । ତାହାଁର ରଚନାବଲୀ(ଗ୍ରଂଥାବଲୀ) ମିଲୁଛେ ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେସର ନୁ।)

କବି ଗଂଗାଧର କଁର ହୁରୁଦ୍ ଭିତରେ ଯେ କୋଶଲ ମାଟିର ଅସଲ ଦରଦ ରହିଥିଲା, ଇଟା ତାହାଁକର କାବ୍ୟ କବିତାର ପାଠକମନେ ଫଟ୍ କିନା ଜାନି ପାରବେ । ଓଡ଼ିଆ କବିମନକର ସାହିତ୍ୟନେ କୋଶଲ ମାଟିର ବୀର ପୁରୁଷମନକେ ନେଇଁପାଏଲେ ବଲି ଗଂଗାଧର କଁର ମନ ଯେ ଡହକ ବିକଲ ହେଇଛେ, ହେଟା 'ଉତ୍କଳ-ଲକ୍ଷ୍ମୀ' କାବ୍ୟଥି ଫୁଟି ଉଠିଛେ, "ଘାଣ୍ଟି ହେଲା ମନ ନ ଦେଖି ତହିଁରେ ରମାଇ ବଂଶର ଜଣେ/ ବଳରାମ ଦେବ କମଳକୁମାରୀ ପଡ଼ିଲେ ସେ କାଳେ ମନେ।"

ଇଟା ସବକେ ଜନା ଯେ କୋଶଲ କି ପୁରନା ପାଟନା ରାଏଜର ଆଠମଲିକ ଶାସନ ଖତମ କରି କରି ଚୌହାନ ବଁଶର ରାଜ ମୁଂଦଲକରବାର ବୀର ପୁରୁଷ ହଉଛନ 'ରମାଇ ଦେବ'। ତାହାଁକର ବଂଶଧାରୀ ଏକା ରଜା ନରସିଂହ ଦେବ ଆରୁ ତାହାଁକର ଭାଏ ବଲରାମ ଦେବ । ଭାଏ ଭାଗ ପେଇକରି ହୁମା କି ସମଲପୁର ରାଏଜ ନୁଆଁ କରି ଗଠନ ହେସି । ଇ ସମଲପୁରର ପହେଲା ଚୌହାନ ରଜା ହେସନ ବଲରାମ ଦେବ । ତାହାଁକର ପାଟରାନୀ କଁର ନା 'କମଲକୁମାରୀ'। ସ୍ୱଭାବ କବି ଇ କଥାନିକେ ଗୁଥିକରି ବଲରାମ ଦେବ କାବ୍ୟ ଆରୁ କବିତା ତୋ ଲେଖି ପାରଲେ; ହେନତି ଆରୁ ସପନ ଦେଖିଥିଲେ ରାନୀ 'କମଲ କୁମାରୀ' କଁର ନାଁଥି ଆରୁଖଁଡ଼େ କାବ୍ୟ ଲେଖବାର କାଜେ । ତାହାଁକର ସାହିତି୍ୟକ ବଂଧୁ ବ୍ରଜମୋହନ ପଂଡା ଠାନକେ ଯେନ୍ ଚିଠି ପତର ଲେଖିଛନ, ହେତିନୁ କବି କଁର ଇ' କାବ୍ୟ ଲେଖବାର କାଜେ ମନ ଭିତରେ ଠାଟିଥିବାରଟା ସାଫ୍ ସାଫ୍ ଜନା ପଡ଼ସି । ମାତର କବିକଁର ଇ କଲପନା ନେଇଁ ପୁରୁନ୍ ପୁରୁନ୍ ସରଗ ଦୁଆରୁନ୍ ଡାକରା ଆସଲା, ଯାହାର ଲାଗି 'କମଲକୁମାରୀ' କାବ୍ୟ ରୂପ ନେଇଁ ପାଏଲା କବି କଁର କଏବିକ ମାଧୁରୀନେ ।

ISSN NO.
2582-208X

କୋଶଲ ଲାଗି ଦରଦ ନେଇଁ ଥିଲେ କବି କାଏଁ ଲେଖି ପାରିଥିତେ ଓଡ଼ିଆ ସାହିତ୍ୟ ଭିତରେ ଇ ମାଟିର ପରକୁତିର ରୂପ ରଂଗକେ? କୋଶଲ ଲାଗି ଦରଦ ନେଇଁଥିଲେ କାଏଁଯେ ଡାକି ଆନିଥିତେ କୋଶଲ-କେଶରୀ ମାର୍ଜାର-କେଶରୀ ନରସିଂହ ନାଥ ମାହାପ୍ରୁ ବିରାଜମାନ କରିଥିବାର ପରବତକେ 'ମଲୟ ପବନ'କେ – "ନୃସିଂହ ନାଥର ପ୍ରପାତ ଲମ୍ଫନ ଦେଖି ମୁଗ୍‌ଧ ହେବ କ୍ଷଣେ "! କବି ନରସିଂହ ନାଥ ଉପରେ ଗୁଟେ କାଏବ ଲେଖବାର ମୁଂଦଲ ବି କରିଥିଲେ, ହେଟା ବି ଅଦକରା ରହିଗଲା ସରଗର ଡାକରା ଆଏଲା ବଲି । ଗ୍ରଂଥାବଲୀନେ ଠାନ ପେଇଛେ 'ମୃଗୟା-ଦର୍ଶନ' ନାଁନେ ସେ ସଁପୂରନ ହେଇ ନେଇଁ ପାରିଥିବାର କବିତା ।

କବିର ଦୃଷ୍ଟିଥି ପତିତପାବନୀ ଗଂଗା ହେତକି ସୌଭାଗ୍ୟ ଲାଭ ନେଇଁ କରିପାରି, ଯେତକି ସୌଭାଗ୍ୟ ଅର୍ଜନ କରିଛେ ମହାନଦୀ । "ଥାଉଁ ଗିରୀନ୍ଦ୍ର ସୁତା ଶ୍ରୀ ବିଷ୍ଣୁପଦୀ/ ତୋ ଦତ୍ତ ଉପାଧିରେ ମୁଁ ମହାନଦୀ " କି "ତୋ' ଶୁଭ-ଦୃଷ୍ଟିପାତ ଲଭିଲା ଯେଣୁ / ମୋ ବାଲି ହୋଇଅଛି ସୁବର୍ଣ ରେଣୁ ।" ହେନତି ଦେବୀ ସମଲେଇ କଲିଯୁଗରର ଗଂଗା ଚିତ୍ରୋତ୍‌ପଲା ମହାନଦୀକେ ସେନହଭାବେ ଆବରି ନେବାର ଥି( ଆଲିଂଗନ ଫଲେ) ହୀରାହାର ଛିଡ଼ି କରି ପଡ଼ିଯିବାର ଆରୁ ହୀରାକୁଦର ଜନମ ହେବାର ବରନା ରହିଛେ 'ଉତ୍କଳ-ଲକ୍ଷ୍ମୀ' କାବ୍ୟଥି । କବିକଁର ଭିନ ଭିନ ଲେଖାଥି ସମଲପୁରର ସୋମନାଥ ଶିବ କଁର ମହିମା ସଂଗେ ସଂଗେ ସେଠାନର ଚିତ୍ର, ରାମେଶ୍ୱର ଧଧାଲ, ମୋତିଝରନ ସଂଗେ ସଂଗେ ଡଂଗାବାଲା, କାଠବାଲା(କାଷ୍ଠଜୀବୀ)ମନକର ଜୀବନର ଝଲକ୍ ଯେନତା, ହେନତି ଚାଲି ଆସିଛନ ସୁବର୍ଣମେରୁ ବିରାଜମାନ କରିଥିବାର ସୋନପୁରର କଥା, ପାପକ୍ଷୟ ଘାଟ, ସୋନପୁରିଆ ପାନ, ବିନକାର ହଂସାବଲୀ କପଟା, କଲାହାଁଡ଼ିର କରଲାପାଟ ଡଂଗର, କମଲା ଅୟୁତ ଭାର ଧରିଥିବାର ଅସଂଖିଆ କଂଧ– ଜିରା, ଭେଡେନ୍, ମାଲତୀ, ଘେଁଷାଲୀ, ଇବ୍, ଅଂଗ୍, ତେଲ, ବାର ପାହାଡ଼, ବୁଢ଼ାରଜା– ଯେତେ ଚିତ୍ର ଫୁଟି ଉଠିଛେ କବିକଁର ବର୍ଣନାଥି । ବେଦବ୍ୟାସ ହଉ କି ପ୍ରଧାନପାଟ ହଉ କି ହଉ କୁଇଲି ଘୁଘର; ସୋନପୁରର ପ୍ରତାପ ରୁଦ୍ର ହଅନ୍ କି ପାଟନାର ରାମଚଂଦ୍ର ହଅନ୍ କି ହ'ନ୍ କଲାହାଁଡ଼ିର ରଘୁକିଶୋର ଦେବ– ସବେ କବିକଁର ମନକେ ଚହଲେଇ ଦେଇଛନ । ଶଂଖ-କୋଏଲର ମିଲନ ଥଲର ଲୋକ ବିଶୁଆସ ହଉ କି ହୁମା ଶିବ କଁର କିଂବଦଂତି– କବିକେ ତହଁକେଇଛନ୍ । କବିର ନିଜର ପରିବାର, ପଶ୍ଚିମ ଓଡ଼ିଶାର ଲୋକମନକର ସେନହ-ସୋଭାବ କି ଇ ଫାଲର

ISSN NO.
2582-208X

ସମାଜର ସବୁ କିଛିକେ ଏକା ମନ ଭିତରେ ବସେଇ ଚାଲିଛେ କବିର କଲମ, ହେଟା ହେଇପାରେ 'ବିଶ୍ୱ ଦେଖ ମଧୁମୟ' ହଉ କି 'ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର' । 'ନୁଆଁଖାଇ' କେ ନେଇଁ ଲେଖିପାରି ଗଂଗାଧର ସତକଥା, ହେଲେ କରିଛନ ଅରନର ଜଏଗାନ, ଗାଇଛନ 'କୃଷକ-ସଂଗୀତ' ଚାଷୀର ହୁରୁଦର ସୋରକେ ସୁରେ ସୁରେ ଚିତରେଇ କରି । ମାନିଛନ ପୁଷପୁନି; ଧରେଇଛନ ଡେବରି ହାତେ ଟୁପଲି ତୋ ଭୁଜନି ହେତେ ବାଡ଼ି ଆରୁ ଶୁଭେଇଛନ ଛେରଛେରାର ଗୀତ ।

ସ୍ୱଭାବ କବି ଦେଖି ପାରିଛନ :- "ଖଡ଼ିଆଳପତି ବ୍ରଜରାଜଙ୍କର ସଂଗୀତ ଲଳିତ ରାଗେ/ ଧାଉଁଥିଲେ ବେନି କଲ୍ଲୋଳିନୀ ତେଲ ଚିତ୍ରୋତ୍ପଳା ପଛ ଭାଗେ ।"(ଉତ୍କଳ-ଲକ୍ଷ୍ମୀ)। ପରକୁତନେ "ମହତକୁ ଏକା ମହତ ଚିହ୍ନଇ ଇତର ତହିଁକି ଅନ୍ଧ/ ସୂର୍ଯ୍ୟୋଦୟ ଦେଖି ପ୍ରକୃତି ହସଇ ଉଲ୍ଲୁକର ଦୃଷ୍ଟିବନ୍ଧ ।" ମହତ ଲୋକମନେ ଏକା ଦେଖି ପାରବେ କବି ଗଂଗାଧରଙ୍କର ସାହିତ୍ୟନେ ସବୁ ମହତ ଗୁନକେ ଆରୁ କବିଙ୍କର ପରିଚୟ "କୋଶଳ-କବି-କଞ୍ଜାର ପୂଜ୍ୟ ଗଙ୍ଗାଧର" ବଲାବାର ପଏଗୁନକେ । (ପଏଗୁନ= ଲକ୍ଷଣ)

କୋସଲିବସା, ମାଲପଗ୍, ତୁକଲା
ଜି-ନୁଆଁପଗ୍, ପିନ୍-୭୬୬୧୦୭
ମୋ.ନଂ-୯୮୬୧୮୬୫୬
ବ୍ଲଗର୍: http://bmmeher.blogspot.com/

ISSN NO.
2582-208X

# ତେଲ୍ ଆର୍ ଡାବଲି



ସୁନୀଲ କୁମାର ଅଗସ୍ତି

କପାଳେ ଥିଲେ ମିଲସି
ମୁନୁଷ୍ ଜୀବନ୍,
କାହାର୍ ମନେ ଥାଇପାରେ ଭରମ୍
ଭାଏଲ୍ ଖଣେଁ ରହେଁଚେ ଅଛେ ଇଥି ଅରଚନ୍,,
କେନ୍ କିସମେ ତମେ ଜୀଁ'ବ
କେନ୍ କିସମେ ମୁଁଇଁ ଜୀଁ'ମି
ଜୀବନ୍ ଜୀଁବାର୍ ଥି
କେନ୍ କାଏଁ ବଲୁଛେ କାଏଁ ?
ତମେ ଭୁଖେ ଶୁଇ'ଲ କି' କାଏଁ
ମୁଁଇଁ ଖାଲି ପେଟର୍ ଗାଗରେ ଭାଏଲ୍
ସେରପେଟି କରି ଅଛେଁ
ଇତାର୍ ହିସାବ୍ କେନ୍ ରଖୁଛେ କି' ରଖବା,,
କାଏଁ ଯେ କେନ୍ କାହାରିର୍ ଜୀବନର୍
ହିସାବ୍ କିତାବ୍ ରଖିଯିବା ?
ସଂସାର୍ ଗୁଲାର୍ ଆତ୍ମା ପେହେଚାନର୍ ସଭେଁ
ତମର୍ କହତି କେ ମୁନୁଷ୍ ଆ'ନ୍ କାଏଁ ଯେ ?

ISSN NO.
2582-208X

ସଭେଁ ତ' ଚିନ୍ହାର୍ ଜନାର୍ ଭାବର୍ ଆ'ନ୍ କାଏଁ ଯେ,
ଫିରଭି ଭାବର୍ ଅରଦଲି ହରଠାନେ କାଁ' କରି ?
ତବଭି "ମହତ୍" ଯେତେକର୍ ଟଁଟି ମାନକୁଁ
ଆଲଟି ଦି'କରି ଜୀବନ୍ ଜୀଁ'ବାର୍ ଲାଗତି
ହର୍ ଏକ୍ ଯୁଗେ 'ତେଲ୍ ଆର୍ ଡାବଲି'ର୍
ଡାକେ ହାକେ ଡାକ୍ ପଡିଛେ,,
ଇଟା ଜୁନହାଁ ଫରଦ୍ ବତଉଛେ,,

ଟିଟିଲାଗଡ଼, ବଲାଙ୍ଗୀର
ମୋ/୯୪୩୭୨ ୧୦୮୮୭

ISSN NO.
2582-208X

# କବି



ମାନସ ରଞ୍ଜନ ସାହୁ

କବିଜୀବନ ଆତ୍ମାଉଦ୍ଧାର ଜୀବନ
ତପସ୍ୱୀ ଜୀବନ ସଙ୍ଗେ ସମାନ ।
କବିର ଆତ୍ମା ମହାନ ପବିତ୍ର ଆତ୍ମା,
କବି କେ ବୈକୁଣ୍ଠ ପୁରେହିଁ ଠାନ ।।
ଯାହା କରମ ତ କରୁଥିସି କବି,
ଆତ୍ମା ଚିନ୍ତନ ଟା ଆଏମୁଲ ।
ଭାବକେ ରଖି ଭାଷା ଯତନ କରସି
ଗଛେ ଜେନତା ଫୁଟସି ଗୁଭାଫୁଲ ।।
କବିର ଟୁଣପଦ ଯୁଗେଯୁଗେ ଥିଶି
କେବେ ନେଇହୁଏ ଜଲଦିନାଶ ।
ସମାଜ ହିତେତ କବି ଲାଗି ସମାଜ
ବର କନିଆଁ ଯେନ୍ତା ଆସପାଶ୍ ।।
କବିର୍ ମହାନତା ବରନି ନି ହୁଏ
ମୋର ପାଶେତ ନାଇନ ଶକତି ।
ଅଧମ୍ ମାନସମୁଇଁ, ସୁବୁଦ୍ଧି ନାଇଁ
ପରଭୁ ଦିଅମତେ ହୁରଦେ ଭକ୍ତି ।।

ଟିଟିଲାଗଡ ଜି ବଲାଙ୍ଗୀର
ମୋ 8456873053

ISSN NO.
2582-208X

# ସୋନ୍‌ପୁରିଆ
# କବିତା-ଚିଠି



ଶୁଭେନ୍ଦୁ ମେହେର

ମୋର୍ ଆଶିର୍ବାଦ୍ ତୋର୍ ଉପ୍‌ରେ
ସବୁବେଳେ ଅଛେ
ଆରୁ ରହେବା ବି ।

ଇ ଥର ଆଏଲେ,
ମଙ୍ଗଲ୍‌ବାର୍ ହାଟର୍ ଫିତା ଖିର୍‌ପିନି
ଘିନିଦେମି ଗା ସୁରୁନନୀ
ଜ୍ଞାନଦେଇର୍ ମଲି ଗଜ୍‌ରା ମାଖିକରି
ବୁଲୁଥିବୁ ବଡ୍ ବଜାରୁ ବ୍ଲକ୍ ଛକ୍ ତକ୍ ।
ଚତୁର୍ଭୁଜ ବବାର୍ ମଠା କପ୍‌ଟା
ଧମ୍‌ନା ଧଡ଼ିଆ ସଫ୍‌ଟା ସର୍‌ସର୍ ଟା ।
ଜୁଉଁତିଆ କେ
ନିଷ୍ଟେ ଘିନିଦେମି ଗା ନନୀ ।।

ହଁ, ଶୋର୍ ପଡ଼୍‌ଲା
ତୁଇ ବଡ଼ା ମନ୍ କର୍‌ସୁ

ISSN NO.
2582-208X

ଗୋପୀ ବବାର୍ ଅଁତର୍ କେ,
ହେଟା ବି ଆନିଦେଇଥିମି ।

ହେଲେ ତୁଇ ଆଏବୁ ତ ?
ଆଏବୁ ଗା.....!

ମତେ ଗୁଟେ ଗୁଟେ କରି
ସବୁ ଶୋର୍ ପଡୁଛେ ଗା ବହେନ୍
ପୁରା ଉଆଁସ୍‌ର କାଞ୍ଚି କୁଣ୍ଡି, ଲଂକାପୁଡ଼ି ,
ମହିମା ଗାଦି, ପାତାଲି,
ବାଘପାଲି ବଉଲ୍ ଯାତ୍‌ରା
ଆରୁ କେତେ କାଣା ??
କେନ୍ତା ବୁଲୁଥିଲାଁ ।

ଇ ଥର
ତୁଇ ଆଏଲେ,
ଜୁଉଁତିଆ ଦିନେ.....!
ସମ୍‌ଲେଇ ଗୁଡି ଜିମା ,
ସୁଲ୍‌ହ ଭର୍‌ନୀର୍ ଗଜା ବଏସିଆ
ପୁରନ୍ଦର ବବା
ଚେପ୍‌ଟା ଢୋଲ୍‌କେ ଧରିକରି
କେନ୍ତା ଉତ୍‌କୁ ଥିସି ମେଛା ମଲ୍‌କେଇ ଦେଖ୍‌ବୁ ।

ହଁ ହଁ,
ନଦୀର୍ ଝୁରି ଆରୁ ମୁଗ୍ ଦାଏଲ୍
ସବୁ ଆନି ଦେଇଥିମି !

ISSN NO.
2582-208X

ଜାନିଛେଁ
ହେଟା ତ ତୋର୍ ଯହ ସଉକ୍

ବାକି,
ହେ ସବୁ ତୋର୍ ବହୁର୍ ଭାର୍ ।

ତୁଇ ଆଏଲେ
ଡ଼ଙ୍ଗାଥି ବୁଲ୍‌ମା,
ଲଙ୍କେଶ୍ୱରୀ,ଖଁଡ଼ିଆ ଦେଉଲ୍ ଜିମା ।
ରାତି ହେଲେ ଇନେ ତ, ସବୁଦିନେ ଯାତ୍ରା
ସବ୍ୟସାଚୀ,ନୀଳମାଧବ୍ ଦେଶ୍ ଖେଲୁଛନ୍
କେତେବେଲେ ବୃନ୍ଦାବନ ବବାର୍
ଭଲିଆ ଟିକା ତ ଆରୁ କେତେବେଲେ
ଶତୃଘନ୍ ଦାଦାର୍ ମହୁଲ ଝାର ।
ଇନେ ତ ବିନ୍ ମନ୍ତର୍ ଥି
ଜଲୁଥିବାର୍ ଲାଲ୍‌ଟିନ୍ କେ
ପାଏନ୍ ଭିତ୍‌ରୁ ବେଟି ଆନିଥିଲା
ଫକୀର କକା ।

ହଁ ଆରୁ ଗୁଟେ କଥା.....!!
ଇନେ ପାଠ୍ କେ ସାଠ୍ ଜିତିଛେ ଗା ସବୁବେଲେ,
ମନ୍ତର୍ ଯନ୍ତର୍ ଆଉ ତନ୍ତର୍ ର କଥା
ଇନେ ସବୁ ଘଟୁଥିଲା ବିନ୍‌ପାଠେ ।

କେନ୍ତା......!
ଚମ୍‌କେଇ ଦେଲା କୁନ୍‌ଦ୍‌ରୁ ଦଦା

ISSN NO.
2582-208X

ସବୁ ତ ଦେଖିଛୁ ତୁଇ ଛୁଆବେଲେ ।
ଶଲା ବୁଢ଼ା ବି ହେନ୍ତା
ମିଶ୍ରବାବୁର୍ ବୁଦ୍ଧି ହଜେଇ ଦେଲା
କଚ୍ରି ଶାଲେ ।।

ଇ ଜଂଜାଲ୍ ଭିତ୍ରୁ
ମୁକ୍ଲି କରି ଟିକେ ସମିଆ ଦେଲି,

ବଢେ ଦିନୁ ସଜ୍ ହେବୁ
ମୁଇଁ ନେଇ ଯିବାର୍ କେ
ଗୋଡ୍ ଟେକିକରି ଅଛେଁ ।

ରହେଲି ଗା ନନୀ ।।

ଯାଲେ଼ଏ, ସୁବର୍ଣ୍ଣପୁର

ISSN NO.
2582-208X

# ରହିଗଲା ସମିଆଁ

ଡା. ସୁଧାଂଶୁ ଭୂଷଣ ମେହେର

ଥନ୍ ଥନାଲ୍ ଆଁଖିଥି
ଲେହେଁଟିକରି ଦେଖୁଥିଲ୍
ଟୁଁଡ୍ ନାଇଁ ଢୁଟ୍ ବାର୍ ହେଲେ
କାଣା କହେଲ୍ ବାଗିର୍ ଲଙ୍କଙ୍କରଥିଲ୍ ॥

ସଖାଲୁ ବେଲ୍ ବୁଡାତକ୍
ଯେନ୍ ଠାନେ ଯେନ୍ତା ଗୃଲ୍ ବାର୍ କଥା
ସବୁ ଠିକ୍ ଗୃଲିଛେ
ସମିଆଁ ସାଂଗେ ଗୃଲ୍ ଦେଇକରି ॥

ହେଲେ ଗୃହାକେ ଦେଖ୍ ଲେ
ସମିଆଁ ରହିଗଲ୍ ଲେଖେଁ ଲ୍‌ଗୁଛେ
ସବୁ ଯେନ୍ତା ଠପ୍ ହୋ ଯାଇଛେ
ତାର୍ ସାମ୍ ନାଥି ॥

ଲୁକର୍ ଗହଲି ଚହଲି
ଗାଡି ମଟରର୍ ପେଁପାଁ ଗର୍ ଜନ୍
ଭିସିନ୍ ଆର୍ ମୁନୁଷର୍ କେଁ କଟର୍
ତାର୍ କାନେ କଛି ନାଇଁ ଶୁବ୍ ବାର୍ ॥

ISSN NO.
2582-208X

ଗହଲି ବିଡ୍ ରୁ କାର୍ ଟୁଁଡ୍ ଶୁଭଲା
ହେଟା ତାର୍ ମାଁ କାଏଯେ··
ସମ୍ କର୍ ନଜର୍ ସେଆଡେ
ଶଡକ୍ ତରେ ଫଟା ଶାଢିଟେ ଧାପିହେଇକରି
କଏ ଶୁଇଛେ ବାରିଗ୍ ଦିଶୁଛେ ॥

ହଲ୍ ଚଲ୍ ନାଇଁ କ ଚେଁଚପଟ୍ ନାଇଁ
ଉହେଁ ମାଛି ବୁରିହେଲେନ କେତେବେଲୁ
କଏ ଗୁଟେ ଝୁନଝାନ ଦେଲା ଭିଡ୍ ଭିଡ୍ ରୁ
ଟିଖେ ବି ହଲ୍ ଚଲ୍ ନାଇଁ
ଏ··· ମରିଗଲାନ ଇ ମାହେଢି
ଲୋକ୍ ବିରି ହେଇଗଲେ ସେ କଥା ପଦେକେ ॥

କେତେ ଆହା ·· ଚୁ ଚୁ ··
ଟିକେ ଗଲାକେ ମେଲା ହେଇଗଲା ସେ ଜାଗା
ପିଲାଟେ ସେନ୍ ତା ବସିଛେ
ଧୂରର୍ ଡଂଗର୍ ଥମିଲ୍ ହେଲା ବାଇର୍ ॥

ସଭାପତି, ସମ୍ବାଦ ସାହିତ୍ୟଘର, ଦେଓଗାଁ ବ୍ଲକ
ଆକାଶବାଣୀ/ଦୂରଦର୍ଶନ ଗୀତିକାର/ ଅଭିନେତା
ସାଲେପାଲି, ବଲାଙ୍ଗିର·· ୯୪୩୮୪୪୯୪୯୯

ISSN NO.
2582-208X

# ତୋର ନୁ ଆମେ ବନେ



ସତ୍ୟନାରାୟଣ ମିଶ୍ର

କାଚ ର୍ ଘରେଥିଲିମୁଇଁ, ଭାବିଲି ତତେ କିଏ  ତୁଇ
ଦେଖି ଆସଲୁ ଦୁକାନ ଯେଭେ ମତେ,
ମତେ ତୁଇ ଧରି ପକାଲୁ, ଦୁକାନି କେ ଟଂକା ଦେଲୁ
ଡର ଲାଗଲା ସାଂଗକେ ଆରୁ ମତେ ।
ମତେ ଯେନ୍ତା ଦେଲୁ ମାଡି, ଭୋ ଭୋ ଛାଡ଼ଲି ରଡି
ଶୁଭୁଲା ନାଇଁ କାହାକେ,
ଆମେ ଛଟକି ଛଟକି ମଲୁ, ମଜାସୁକେ ତୁଇଚାଲ୍ ଲୁ
ଗୁଢ଼ି ବାଲି ତତଲା ଧୁଲି ସଡକେ ।
ଥୁକ ଖେକାର୍ ମାଡି କରି, ଗୁହେ ମୁତେ ଚାଲିକରି
କାଦୋ ମଏଲା କରିଦେଲୁ ଲଟପଟ୍,
ବିଚାର ନାଇଁ କରୁତୁଇ, ଦେବେରିଭୁଜୁନିଆମେଦୁଇ
ହାଏ ହାଏ ହେଇ ହେସୁଁ କେତେ ଛଟପଟ୍ ।
ତୁଇ ମାନବ ବଡେ ନିଠୁର୍, ମନଟା ତୋର ଅସୁର୍
ଟୁପୁଲେ ଗୁହୁଁ ଭରିଛେ ତୋର୍ ମନେ
ହେସୁ ସାଙ୍ଗ ଛଡା ଛଡି  ଆରୁ ଗୁଟେ ନେ ହଉ ଜୁଡି
ଆମର ବାଗିର୍ ନୁହେଁ ତୁଇ ବନେ ।
ଆମେ ଯେନ୍ତା ଠାନେଥିସୁଁ, ଜେନେ ଗଲେ ଯାଉଥିସୁଁ
ଗୁଟେ ହଜାଲେ ରହିଯାଏସୁଁ ଏକେଲା,
ଛାଡପତର୍ ଖେଦା ଛଡା, ତର୍ ବାଗିର୍ କୁଦା ହୁଡା
ନାଇଁ ନ ଆମର୍ କୋର୍ଟ କଚରି ମାମଲା ।

ସିନ୍ଧେକେଲ୍ ବଲାଙ୍ଗୀର/9583605915

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ବୁଦା ବୁଦା ବୁଲି ତୋଳବା କୋଳ



ଡ଼ଃ ରଞ୍ଜିତ କୁମାର ସାହୁ

ପିଣ୍ଟୁ ଜେଜେବାପାଙ୍କ ରୁମରୁ ଗୋଟିଏ ପୁରୁଣା ସିନ୍ଦୁକ ଟାଣି ଆଣିଲା । ଜେଜେ ବାପା ଭରି ମଜାକୟା ମଣିଷ । ତେଣୁ ପିଣ୍ଟୁ ପ୍ରାୟ ଛୁଟିଦିନରେ ତାଙ୍କ ଘରକୁ ଆସିଥାଏ । ଏଥର ସାନ କକାଙ୍କ ପୁଅ ରିଙ୍କୁ ମଧ ଆସିଛି । ସିଏ ଯୁକ୍ତରାଷ୍ଟ୍ର ଆମେରିକାରେ ରୁହେ । ଦୁହେଁ ମିଶି ଜେଜେଙ୍କ ସହ ବହୁତ ଗପସପ କରି ଆନନ୍ଦରେ ସମୟ କଟାଉଛନ୍ତ । ଜେଜେଙ୍କ ଖାତା ତଳେ ଥିବା ସିନ୍ଦୁକ ଟିଏ ଉପରେ ରିଙ୍କୁର ନଜ଼ର ପଡ଼ିଲା । କୌତୁହଳ ହୋଇ ଜେଜେଙ୍କୁ ପଚ୍ଚରିଲା ସେଥିରେ କଣ ଅଛି । ଜେଜେ କହିଲେ ସେଇଟା ତାଙ୍କର ପିଲା ଦିନର ବହି ପେଟି । ସିଏ ଚଟଶାଳୀରେ ପଢ଼ିଲା  ବେଳେ ସେଥିରେ ଏହି ଖାତା  ନେଇ ଯାଉଥିଲେ ।

ଜେଜେଙ୍କର ଅନୁମତିରେ ପିଣ୍ଟୁ ସେହି ବହି ବାକ୍ସ କୁ  ବାହାରକୁ ଟାଣି ଆଣିଲା ସେଥିରେ କଛି ପୁରୁଣା ବହି ଥିଲା । ରିଙ୍କୁ ତାହାକୁ ଖୋଲିଲା ବେଳେ ପିଣ୍ଟୁ ପଚରିଲା, "ତୁ କଣ ଓଡ଼ିଆ ପଢି ଜାଣିଛୁ? ପଢ଼ିଲୁ କଣ ଲେଖା ହେଇଚ ସେଥିରେ?"

"ରିଙ୍କୁ ପଢିଲା,

"ଆସରେ ପିଲେ ବଣକୁ ଯିବା, ଭୋଜି କରିବା,
ବର ଓହଳରେ ଖେଳବା ଦୋଳ,
ବୁଦା ବୁଦା ବୁଲି ତୋଳବା କୋଳ ।"

ଶୁଣି ସାରି ଜେଜେ ତାଳ ମାରିଲେ ଆଉ କହିଲେ, "ସାବାସ, ମାତୃଭାଷା ଶିଖିଥିବାରୁ । ଆମେ ଜୀବନରେ ଯେତେ ବଡ ହେଲେ ବ ସାନ ରହିଲେ ମାତୃଭାଷାକୁ ଭୁଲିବା ଉଚତ ନୁହେଁ । "

ISSN NO.
2582-208X


ରିଙ୍କୁ ପଚାରିଲା, "ଜେଜେ ଆପଣ କେବେ ଏମିତି କରିଥିଲେ କ ପିଲାଦିନେ ?"

ଜେଜେଙ୍କ ମୁଖରେ ଏକ ଅପୂର୍ବ ଚମକ ଖେଳଗଲା । ଜେଜେ କହିଲେ, "ଆମେ ଛୋଟ ଥିଲା ବେଳେ ଏହି ଗାଁ ଘରି ପାଖେ ବହୁତ ଜଙ୍ଗଲ ଥିଲା ଆଉ ବର ଗଛ ମଧ୍ୟ । ଖରା ଛୁଟିରେ ଆମ୍ଭେ ମାନେ ତ ଏହାହିଁ କରୁଥିଲୁ । ଅନେକ ପ୍ରକାର କୋଳ ମିଳୁଥିଲା ଯାହା ବହୁତ ସୁଆଦିଆ ଥିଲା । କୋଳ ଗୁଡିକ ରେ ବିଭିନ୍ନ ପ୍ରକାରର ତତ୍ୱ ଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ଏହା ବ୍ୟତୀତ ସେଥିରେ ତନ୍ତୁ ଆଉ ଭିଟାମିନ "ସି" ମଧ୍ୟ ଥାଏ । ରଙ୍ଗୀନ କୋଳ ସବୁରେ କଛି ଜୈବିକ ରସାୟନ ଥାଏ ଯାହା ଶରୀରରେ କୋଷକୁ ଅଧିକ ସତେଜ କରିପାରେ । କୋଳ କୁ କେବଳ ତଟକା ଖିଆ ଯାଏ ନାହିଁ, ଏଥିରୁ ବିଭିନ୍ନ ପ୍ରକାର ଆଚାର ମଧ୍ୟ ତିଆରି ହୁଏ । କନ୍ତୁ ଜଙ୍ଗଲରେ କୋଉ କୋଳ ଖିଆଯାଇ ପାରିବ ତାହା ସଠିକ ଭାବରେ ଚହ୍ନିବା ଉଚତ । ଜଣା ନଥିବା କୋଳ ଖାଇବା ଉଚତ ନୁହେଁ । ତାହା ବିଷାକ୍ତ ହୋଇ ଥାଇ ପାରେ ।"

ରିଙ୍କୁ କହିଲା, "ହଁ ସତ କଥା । ଆମ୍ଭର ସେଠାରେ ମଧ୍ୟ ଅନେକ କୋଳ ହୁଏ, ବିଶେଷ କରି ଖରା ଦିନରେ । ମୁଁ ଯେତେ ବେଳେ ଆମ ଅଞ୍ଚଳର ରେଞ୍ଜରଙ୍କ ସହ ଯାଏ, ସିଏ ମୋତେ ଅନେକ ପ୍ରକାର କୋଳ ବିଷୟରେ କୁହନ୍ତ । ଆମର ସେଠାରେ ସ୍ଥାନୀୟ ଲୋକ ଏବଂ ପିଲା ମାନଙ୍କ ପାଇଁ ରେଞ୍ଜର ମାନେ ଅନେକ କାର୍ଯ୍ୟକ୍ରମ ରଖିଥାଆନ୍ତୁ । ମୁଁ ସେଥିରେ ଭାଗନଏ ଏବଂ ସ୍ଥାନୀୟ ଗଛ, ଲତା, ତୃଣ ଇତ୍ୟାଦି ବିଷୟରେ ଶିଖେ । ଏ ବର୍ଷ ବହୁତ ପ୍ରକାରର କୋଳ ହେଇଥିଲା । ସେଥିରୁ ମୁଖ୍ୟତଃ ଜଙ୍ଗଲି ବ୍ଲାକବେରୀ, ୱାଇନବେରି ଅଧିକ ଥିଲା । ଏହି କୋଳ ଗୁଡିକ ଗୋଲାପ ଫୁଲର ପରିବାରର ବୋଲି ଆମ ଉଦ୍ଭିଦ ବିଜ୍ଞାନ ସାର କହିଥିଲେ । ସେଠାରେ କୋଳରୁ ଜାମ, ଜେଲି ଆଉ ବିଭିନ୍ନ ପ୍ରକାର ପାନୀୟ ତିଆରି ହୁଏ । ମୁଁ କଛି ଫୋଟୋ ରଖିଛି ମୋ ଲ୍ୟାପଟପରେ ।

ରିଙ୍କୁ ତାହାର ଲ୍ୟାପଟପ ଆଣି ଜେଜେଙ୍କୁ ବିଭିନ୍ନ କୋଳର ଚତ୍ର ସବୁ ଦେଖେଇବାକୁ ଲାଗିଲା ।

ISSN NO.
2582-208X



ଫୋଟୋ ଦେଖାଉ ଦେଖାଉ ରୀଙ୍କ କହିଲ୍, "ତୁମେ ଯଦି ଖର୍ ଦିନରେ ଆସିବ ତାହା ହେଲେ ଆମେ ଆମ ବାଡ଼ିରେ ଯେଉଁ ସବୁ ଜଙ୍ଗଲୀ କୋଳ ହୁଏ ସେ ସବୁକୁ ତୋଳବା ।" ଜେଜେ ହସିବାକୁ ଲାଗିଲେ ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ବର୍ଣ୍ଣବୋଧରେ ନୀତି ଶିକ୍ଷା



ଅମରନାଥ ବାରିକ

ଅ- ଅଳସୁଆ ହେବ ନାହିଁ ଜୀବନେ
ଆ- ଆଦର କରିବେ ତୁମକୁ ଜନେ ।
ଇ- ଇହଧାମେ ନିତି ପୂଜି ଶାରଦା
ଈ- ଈଶ୍ୱରଙ୍କୁ ଭକ୍ତି କରିବ ସଦା ।
ଉ- ଉଠିବ ଶେଯରୁ ଯେତେ ସଅଳ
ଊ- ଊଣା ହେବ ନାହିଁ ଆୟୁଷ ଫଳ ।
ଋ- ଋଣ ନେବ ନାହିଁ କେବେ ଜୀବନେ
ୠ- ଋଷି ମୁନୀ ଲେଖିଛନ୍ତି ପୁରାଣେ ।
ଏ- ଏମିତି ଜୀବନଚର୍ଯ୍ୟା ପାଳିଲେ
ଐ- ଐଶ୍ୱର୍ଯ୍ୟ ଲଭିବ ନିଶ୍ଚୟ ପିଲେ ।
ଓ- ଓଁକାର ଶବଦ ଜପିବ ନିତି
ଔ- ଔଷଧ ପ୍ରମାଣେ ଜଗତ ଜିତି।
କ- କଥା କହୁଥିବ ମଧୁର ସ୍ୱରେ
ଖ- ଖଳ ପ୍ରକୃତିରୁ ରହିବ ଦୂରେ ।
ଗ- ଗଗନ ସଦୃଶ ହୁଅ ନିର୍ମଳ
ଘ- ଘେନ ରାମ କୃଷ୍ଣ ନାମ ଯୁଗଳ ।

ISSN NO.
2582-208X

ଙ- ଡର ରଖିଥିବ ପାପ କର୍ମକୁ
ଚ- ଚଳିବ ତେବେଟି ସ୍ୱର୍ଗ ଧାମକୁ ।
ଛ- ଛଳନା ନକଲେ କାହା ସାଥିରେ
ଜ- ଜାଗା ମିଳିଯିବ ବୈକୁଣ୍ଠପୁରେ ।
ଝ- ଝଗଡ଼ା ଝାମେଲା ନକଲେ କେବେ
ଞ- ଜ୍ଞାନୀ ବୋଲି ଜନ ନିଶ୍ଚେ କହିବେ।
ଟ- ଟଙ୍କା ଗଣି କାରବାର କରିବ
ଠ- ଠକାମି ଗୁଣ ବର୍ଜନ କରିବ ।
ଡ଼- ଡମ୍ବୁରୁଧର ସେହି ବାବା ଭୋଳା
ଢ଼- ଢାଲ ପିନ୍ଧି କରନ୍ତି ଲୀଳାଖେଳା ।
ଣ- ନଇଁଥିଲେ ତାଙ୍କ ପାଦରେ ମଥା
ତ- ତହିଁରୁ ହୋଇବ ଜଗତଜିତା ।
ଥ- ଥକାମନ ଥରେ ଭଜ ତାହାଙ୍କୁ
ଦ- ଦରଶନ କର ମହାଦେବଙ୍କୁ ।
ଧ- ଧନ ଅରଜନ ଲୋଭରେ ରହି
ନ- ନକହିବ ମିଥ୍ୟା କଥାଟି କେହି ।
ପ- ପାପ ଛାଡ଼ି ତୁମେ କର ଧରମ
ଫ- ଫାସରେ ନହେଲେ ବାନ୍ଧିବ ଯମ ।
ବ- ବଣ ଜଙ୍ଗଲକୁ କାଟିବ ନାହିଁ
ଭ- ଭରପୁର ଚାରା ରୋପିବ ନେଇ ।
ମ- ମନକୁ ନିଶ୍ଚଳ ରଖିବା ପାଇଁ
ଯ- ଯିବ କସରତେ ସକାଳୁ ଧାଇଁ ।
ର- ରହିବ ସୁଖରେ ସାରା ଜୀବନ
ଳ- ଲକ୍ଷ୍ୟ ରଖି ଭଜ ହେ ପଞ୍ଚାନନ ।
ୱ- ବନମାଳୀ ତୋତେ କରିବେ ପାରି
ଶ- ଶରଣ ଚରଣେ ରଖିବୁ ହରି ।

ISSN NO.
2582-208X

ଷ- ଷଡ଼ରିପୁ ତୋର ସେହି ହରିବେ
ସ- ସମର୍ପଣ ହୁଅ ତାଙ୍କରି ପାଦେ ।
ହ- ହରି ଭଜୁଥିଲେ ଶୁଣ କୁମର
କ୍ଷ- କ୍ଷୟ ହେବ ଦୁଃଖ କ୍ଲେଶ ତୋହର ।
ୟ- ୟିବୁନାହିଁ ଅବାଟରେ ମନୁଆ
ଲ- ଲାଗିବ ନହେଲେ ପାଦରେ ନିଆଁ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଆସିଲେ ରଜ



ଦୀନବନ୍ଧୁ ପୋଇ

ଆସିଲେ ରଜ ହୁଅନ୍ତି ସଜ
ଯେତେକ ପୁଅ ଝିଅ
ଭଳିକି ଭଳି ଆମ୍ବ ତୋଟାରେ
ଦୋଳିର ଛୁଟେ ସୁଅ ।
ନୂଆ ପୋଷାକ ହୋଇ କି ବେଶ
ବୁଲନ୍ତି ଦଳ ଦଳ
ରଜ ଗୀତରେ ଗର୍ଜନ କରେ
ଗାଆଁର ତୋଟା ମାଳ ।
କିଏ ଖେଳନ୍ତି ତାଆସ ବସି
କିଏ କବାଡି ଖେଳ
ଦର୍ଶକ ଦେଖି ତାଳି ମାରନ୍ତି
ହେଲେ ଜିତିବା ବେଳ ।
ତିନି ଦିନର ପରବ ଇଏ
ଖୁସିରେ ସରେ ଦିନ
ବୁଲି ବୁଲିକା ଦୋଳି ଖେଳନ୍ତି
ଗାଆଁରେ ନାରୀ ଗଣ ।

ISSN NO.
2582-208X

ଆଇ ତା ଖିଲି  ପାନ ବାଣ୍ଟଇ
ବୁଲିକି ସାଇ ସାଇ
ତା ହାତଗଢା ପୋଡ ପିଠାକୁ
ବାଣ୍ଟେ ବି ତାକୁ ନେଇ ।
ଭାଇ ଚାରାର ପରବ ଇଏ
ଆମ ସଂସ୍କୃତି କଥା
ଏକାଠି ସବୁ ଖେଳନ୍ତି ଦୋଳି
ତେଜି ମନରୁ ବ୍ୟଥା ।

ଗୋରଡ଼ା ପାଳ, ଢେଙ୍କାନାଳ
ଦୂରଭାଷ-୯୯ ୩୮୮୦୨୪୧୨

ISSN NO.
2582-208X

# କିଛି କରିପାରିବି

ଡକ୍ଟର ଯୁଗଳ କିଶୋର ଷଡଙ୍ଗୀ

ଏକ ପୁରୁଣା ଘଟଣା । ଆମେରିକାର କୌଣସି ଏକ ନଦୀ କୂଳରେ କେତେଜଣ ବନ୍ଧୁ କଥାବାର୍ତ୍ତା ହେଉଥିଲେ । ହଠାତ୍ କେହି ଜଣେ ସ୍ତ୍ରୀ ଲୋକ ପାଟି କରି କାନ୍ଦୁଥିବାର ସେମାନେ ଶୁଣିଲେ । ପାଖକୁ ଗଲେ । ଦେଖିଲେ ସ୍ତ୍ରୀ ଜଣକର ପୁଅଟି ଭାସି ଯାଉଛି । କେହି ଉଦ୍ଧାର କରିବାପାଇଁ ସେଠାରେ ନଥିଲେ । ଏହି କରୁଣ ଦୃଶ୍ୟ ଦେଖି ବନ୍ଧୁମାନଙ୍କ ମଧ୍ୟରୁ ଜଣେ ହଠାତ୍ ନଦୀସ୍ରୋତକୁ କୁଦା ମାରିଲେ ଓ ଇଜର ଉପସ୍ଥିତ ବୁଦ୍ଧି ଲଗାଇ ଶିଶୁଟିକୁ ଉଦ୍ଧାର କଲେ । ନଦୀ କୂଳକୁ ଆଣି କିଛି ଉପଚାର କଲେ । ଶିଶୁଟି ଆଖି ଖୋଲିଲା । ତାକୁ ମାଆ ନିକଟରେ ସମର୍ପି ଦେଲେ ।

ଏପରି ସାହସୀ କାର୍ଯ୍ୟ ଏଖି ସ୍ତ୍ରୀ ଲୋକଟି କହିଲା - ପୁଅ! ତୁମେ ମୋ ପୁଅକୁ ମୃତ୍ୟୁମୁଖରୁ ଉଦ୍ଧାର କରିଛ । ତୁମର ଏହି ଉପକାର ଭୁଲି ପାରିବି ନାହିଁ । ତୁମକୁ କଣ ଦେଇ ସନ୍ତୋଷ କରିବି ଏହା ମଧ୍ୟ ଭାବି ପାରୁନାହିଁ । ହଁ, ହଁ କିଛି ଦେଇ ନପାରିଲେ ବି ତୁମପାଇଁ ମୁଁ କିଛି କରିପାରିବି । ଭଗବାନଙ୍କଂଠାରେ ପ୍ରାର୍ଥନା କରିପାରିବି ଯେ ତୁମଭଳି ପରାକ୍ରମୀ ସାହସୀଙ୍କ ଆଗାମୀ ଦିନରେ ଯଶକୀର୍ତ୍ତି ଚତୁର୍ଦ୍ଦିଗରେ ବ୍ୟାପୀ ଯାଉ । ସତକୁ ସତ ସ୍ତ୍ରୀ ଲୋକଟିର ଅନ୍ତଃମନର ଡାକରା ସତେକି ଭଗବାନ ଶୁଣିଲେ । ସମୟ ପରେ ସମୟ ଗଡି ଚାଲିଲା । ଏକ ସମୟ ପହଞ୍ଚିଲା, ସାହାଯ୍ୟ କରିଥିବା ଯୁବକଟି ଦିନେ ଆମେରିକାର ରାଷ୍ଟ୍ରପତି ଆସନ ଅଳଙ୍କୃତ କରିଥିଲେ । ଏହି ସାହସୀ ଯୁବକଙ୍କ ନାମ ଜାଣିଛ ପିଲାଏ? ସେ ହେଉଛନ୍ତି ଜର୍ଜ ଓ୍ୱାସିଙ୍ଗଟନ୍, ଯାହାଙ୍କ ରାଜତ୍ୱ କାଳରେ ଆମେରିକାରେ ଶାନ୍ତି, ମୈତ୍ରୀ, ପ୍ରୀତି ବିରାଜୁଥିଲା ।

ସଂଗ୍ରହକ: "ଜିଜ୍ଞାସା"
ଶିଶୁ-ସାହିତ୍ୟ ଗବେଷଣା କେନ୍ଦ୍ର
ନୀଳଚକ୍ରନଗର, ଟିଟିଲାଗଡ,ଜି.ବଲାଙ୍ଗିର

ISSN NO.
2582-208X

# ରାଣୀ ଓ ଅଭିଙ୍କ ରାଜାଜୀ ସଫାରି



ନୀଳମାଧବ ସାହୁ

ନୂଆବର୍ଷ ୨୦୨୩ ପାଦ ଥାପିଥାଏ ଓ ସମସ୍ତେ ଉତ୍ସବ ମନାଇ ମଜା ନେଉଥାନ୍ତି । ଜାନୁଆରୀ ମାସର ପ୍ରଥମ ସପ୍ତାହରେ ରାଣୀ ଓ ଅଭି ପରିବାରର ସବୁ ସଦସ୍ୟଙ୍କ ସହ ଉତ୍ତରାଖଣ୍ଡର ଡେରାଡୁନରୁ ସକାଳୁ ସକାଳୁ ବାହାରିପଡିଲେ ରାଜାଜୀ ଜାତୀୟ ଉଦ୍ୟାନରେ ସଫାରିର ମଜା ନେବାପାଇଁ ।

ଦେଢ଼ଦୁଇଘଣ୍ଟାର ଜାତୀୟ ରାଜପଥରେ ଯାତ୍ରା ପରେ ରାଣୀପୁର ସଫାରି ଜୋନ୍ ରେ ପହଞ୍ଚିଲେ । ରାଣୀ ଓ ଅଭି ଦୁହେଁ ପ୍ରଥମଥର ଜଙ୍ଗଲ ସଫାରିରେ ଯାଉଥିବାରୁ, ସେଠାରେ ବନ୍ୟ ଜୀବଜନ୍ତୁ ଦେଖିବାପାଇଁ ବହୁତ ଉତ୍ସାହିତ ଥିଲେ । ରାଜାଜୀ ଏକ ଜାତୀୟ ଉଦ୍ୟାନ ହେବାସହ ଏକ ବ୍ୟାଘ୍ର ସଂରକ୍ଷିତ କ୍ଷେତ୍ର ମଧ୍ୟ ଅଟେ, ଯେଉଁଠାରେକି ଜାତୀୟ ପଶୁ ମହାବଳ ବାଘ ଦେଖାଯିବା ସହ କଲରାପତରିଆ ବାଘ, ଭାଲୁ, ହାତୀ, ସମ୍ବର, ହରିଣ, ନୀଳଗାଇ, ବାରହା, କୁଟୁରା, ଅନ୍ୟ ଛୋଟବଡ ଜୀବଜନ୍ତୁ ଓ ବିଭିନ୍ନ ପକ୍ଷୀ ଦେଖାଯାଆନ୍ତି ।



ISSN NO.
2582-208X

ସଫାରି ପାଇଁ ସମସ୍ତେ ଏଣ୍ଟ୍ରି ପଏଣ୍ଟରେ ଏକତ୍ରିତ ହେଲେ । ସେଠାରେ ରାଣୀ ଓ ଅଭି କେତେକ ନୂଆଲୋକଙ୍କ ସହ ମିଶିବାର ବି ସୁଯୋଗ ପାଇଲେ, ଯେପରିକି ସ୍ଥାନୀୟ ତଥା ବିଦେଶାଗତ ପର୍ଯ୍ୟଟକ, ପ୍ରକୃତିବାଦୀ, ଫୋଟଗ୍ରାଫର ଓ ବନ୍ୟଜୀବ ଗବେଷକ । ଖୋଲା ଜିପ୍ସିରେ ବସିଲାପରେ ରାଜାଜୀର ଜଙ୍ଗଲ ଓ ତୃଣଭୂମିରେ ସଫାରି ଆରମ୍ଭ ହେଲା । କିଛିବାଟ ଗଲାପରେ ୫-୬ ଟି ନୀଳଗାଇ ଜଙ୍ଗଲ ରାସ୍ତାକଡରେ ଘାସ ଚରୁଥିବା ଦେଖାଗଲା । ବଡ ଲେନ୍ସ ଲାଗିଥିବା କ୍ୟାମେରାରେ ଫୋଟଗ୍ରାଫରମାନେ ଚିତ୍ର ଉତ୍ତୋଳନ କରୁଥାନ୍ତି । ସେହି ସମୟରେ କିଛି ବନ୍ୟଜୀବ ଗବେଷକ ଜଣାଇଲେ ଯେ, ଭାରତର ଉତ୍ତରପ୍ରଦେଶ, ବିହାର, ଆଦି ରାଜ୍ୟରେ ଫସଲ କ୍ଷେତକୁ ନଷ୍ଟକରି ବହୁ କ୍ଷତି ଘଟାଉଥିବାରୁ ନୀଳଗାଇକୁ ସେଠାରେ ଭର୍ମିନ୍ (ଉଦ୍ଭିଦ ଏବଂ ଖାଦ୍ୟ ନଷ୍ଟ କରୁଥିବା ପଶୁ) ରୂପେ ବିବେଚନା କରାଯାଇଛି । କିଛିସମୟ ନୀଳଗାଇ ପାଖରେ ଜିପ୍ସି ଅଟକିଲା ପରେ ପୁଣି ଆଗକୁ ବଢ଼ିଲା ।



କିଛିସମୟର ଅନ୍ତରାଳରେ ଗୋଟିଏ ମାଆ ସମ୍ବରଟି ନିଜ ଛୁଆ ସହ ରାସ୍ତା ଅତିକ୍ରମ କରି ଜିପ୍ସିଠୁ ବହୁତ ଦୂର ଘଂଚ ଜଙ୍ଗଲଭିତରେ ଲୁଚିଗଲା । କିନ୍ତୁ ଚିତଲ/ଚିତ୍ରାଳ ହରିଣକୁ ସଫାରି ସମୟରେ ସବୁଠାରୁ ବେଶୀ ଦେଖା ଯାଇଥିଲା ଓ ସେମାନେ ଟୁରିଷ୍ଟଙ୍କ ସହ ପ୍ରାୟ ଅଭ୍ୟାସଗତ ହୋଇଯାଇଥିବାରୁ ଜିପ୍ସି ଆଖପାଖରେ ବିନିର୍ଭୟରେ ଚରାବୁଲା କରୁଥିଲେ । ରାଣୀ ଓ ଅଭି ଏତେଗୁଡିଏ ହରିଣ ବହୁତ ପାଖରେ ଦେଖି ବହୁତ ଖୁସି ହୋଇ ଯାଇଥିଲେ ଓ ଫୋଟୋବି ଉଠାଇଲେ ।

ISSN NO.
2582-208X





ଦୁଇଘଣ୍ଟାର ସଫାରିପରେ ସବୁ ଜିପ୍ସି ପ୍ରାରମ୍ଭ ସ୍ଥାନକୁ ଫେରିଲେ । ଫେରିବା ସମୟରେ ଗୋଟିଏ ବାରହା ପଲ ଦେଖିବା ସହ କାଲରାପତ୍ରିଆ ବାଘର ଚିହ୍ନ ଓ ହାତୀର ଗୋବର ଦେଖିବାକୁ ମିଳିଥିଲା । ବହୁତସାରା ଚଢେଇଙ୍କ କଳରାବ ଶୁଣାଯାଉଥିଲେ ବି ସଫାରି ସମୟରେ ବିଚରଣ କରୁଥିବା କିଛି ମୟୂର ଓ ଗଛଉପରେ ଗୋଟିଏ ଜଙ୍ଗଲୀ ପେଚାହିଁ ନଜରକୁ ଆସିଥିଲା ।

ରାଣୀ ଓ ଅଭି ଦେଖିଥିବା ସବୁ ପଶୁ ଓ ପକ୍ଷୀଙ୍କ ବିଷୟରେ ଅନ୍ୟ ସମସ୍ତଙ୍କ ସାଙ୍ଗରେ ଆଲୋଚନା କଲେ । ତାହାସହ, ସେ ଦୁହେଁ ପ୍ରକୃତିବାଦୀ, ଫୋଟଗ୍ରାଫର ଓ ବନ୍ୟ ଜୀବ ଗବେଷକଙ୍କଠୁ ବିଭିନ୍ନ ଜଙ୍ଗଲରେ ସେମାନଙ୍କ ଅନୁଭୂତି, ଅଭିଜ୍ଞତା ସହ ବିଭିନ୍ନ ଜଙ୍ଗଲୀ ପଶୁଙ୍କ ବିଷୟରେ ବିଶେଷ ତଥ୍ୟ ଜାଣିବାକୁ ପାଇଲେ । ରାଣୀ ଓ ଅଭି ନିଜ ପରିବାର ସହ ଘରକୁ ଫେରିବାବେଳେ ପରବର୍ତ୍ତୀ ସଫାରିର ଯୋଜନା ଆରମ୍ଭ କରିଦେଲେ । ଏବେ ଅପେକ୍ଷା ରହିଲା, ସେମାନଙ୍କ ପରବର୍ତ୍ତୀ ସଫାରିର ଗନ୍ତବ୍ୟସ୍ଥଳ, ଅଭିଯାନ ଓ କାହାଣୀକୁ ଜାଣିବା ପାଇଁ ।

ସମରଝୋଳ, ଗଂଜାମ

ISSN NO.
2582-208X

# ପରଜାପତି ତରକା ଅତି



ବିକାଶ କୁମାର ହୋତା

ପରଜାପତି ଟି    ଉଡ଼ି ଉଡ଼ି ବୁଲେ
ଏ ଫୁଲରୁ ସେ ଫୁଲକୁ
ପରଜାପତି ସେ    ତରକା ଅତି ରେ
ମୋହଇ ଆମ ମନକୁ  ।।(୧)

ପରଜା ପତିଟି    ଅତି ସୁନ୍ଦର ଯେ
ଖୁସିରେ ଗାଏ ସେ ଗୀତ
ଫୁଲ ର କାନରେ   କେତେ କଥା କହେ
ଫୁଲ ପରା ତା'ର ମିତ  ।।(୨)

ରୂପ ରଙ୍ଗରେ ତା   ତୁଳନା ନାହିଁ ରେ
ମନକୁ କିଣଇ ଆମ
ଉଡ଼ି ଉଡ଼ି ମିଠା    ରସ ଚାଖିବା ଟା
ନିତି ଦିନିଆ ତା କାମ  ।।(୩)

ବିହି ଗଢ଼ିଛନ୍ତି    ଶରୀରକୁ ତା'ର
କେତେ ଯତନରେ ସତେ
ନାନାଦି ରଙ୍ଗରେ    ରଙ୍ଗେଇ ହୋଇଛି
ସେ କଉତୁକିଆ ଏତେ  ।।(୪)

ISSN NO.
2582-208X

ପରଜାପତି ଠୁ ସଦା କର ଶିକ୍ଷା
କାମରେ ଯାଅନି ଥକି
ଆଜିର କାମକୁ ଆଜି କର ସଦା
ରଖ ନାହିଁ ତାକୁ ବାକି ।।(୫)

ଭାରି ଖୁସି ଆସେ ମନ ଭିତରେ ଯେ
ଦେଖି ପରଜାପତି କି
ଉଡ଼ିଯାଏ ସିଏ ଗଲେ ତା ପାଖକୁ
ମନରେ ଦୁଃଖ ଦେଇକି ।।(୬)

ପାଦ ଚିପି ଚିପି କେବେ କେବେ ଯଦି
ଧରେ ପରଜାପତି କି
ମାଆ କାନ ମୋଡ଼ି କହିଥାଏ ମତେ
ଛାଡ଼ ତା'ର ମା କତିକି ।।(୭)

ଦକ୍ଷଣକାଳୀ ଗ୍ରେଡ଼ ବିଦ୍ୟାନଗର ଢେଙ୍କାନାଳ
୭୦୦୮୯୨୮୭୯୮

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ, ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ବିଶ୍ୱ କଲ୍ୟାଣରେ ବିଜ୍ଞାନ

ପ୍ରତୀକ୍ଷା ଶତପଥୀ



ISSN NO.
2582-208X

# ମତାମତ/ସମୀକ୍ଷା

## ବେଦାନ୍ତୀ – ଜୁନ୍ ସମୀକ୍ଷା



ଦେବଯାନୀ ସ୍ୱାଇଁ

ପ୍ରକୃତି ରାଣୀର ସୌନ୍ଦର୍ଯ୍ୟ ଗନ୍ତାଘରେ, ପୁଷ୍ପ ଏକ ବହୁମୂଲ୍ୟ ସମ୍ପଦ। ଏହାର ରଙ୍ଗ, ସୁଗନ୍ଧ, ଉଜ୍ଜ୍ୱଳତା, ଅତି ସହଜରେ ସମସ୍ତଙ୍କୁ ଆକର୍ଷିତ କରିଥାଏ। ପ୍ରଚ୍ଛଦ ପୃଷ୍ଠାରେ, ଗାଢ କମଳା ରଙ୍ଗର ପାଖୁଡା ସହିତ ଲାଲ୍ ରଙ୍ଗର କେଶରରେ ଝଟକୁଥିବା ଏକ ଆକର୍ଷଣୀୟ ପୁଷ୍ପର ପ୍ରତିଛବି ନେଇ ଏଥରକ ଆସିଛି ଆମ ପ୍ରିୟ "ବେଦାନ୍ତୀ"। ପାଠକ ମାନେ ଦୟାକରି କହିବେ ଏଇ ପୁଷ୍ପଟିର ନାମ କ'ଣ? ଗୋଡିବାଣ କି କୃଷ୍ଣଚୂଡା କି ଆଉକିଛି...!!

ସମ୍ପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଅଗତ୍ୟା ୟୁକ୍ରେନ୍ ଆଉ ଋଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧକୁ କେନ୍ଦ୍ର କରି ଏକ ସୁନ୍ଦର ମତାମତ ଦେଇଛନ୍ତି- ଯୁଦ୍ଧ କେବେ କୌଣସି ସମସ୍ୟାର ସମାଧାନ କରିନଥାଏ। ତେଣୁ ଯୁଦ୍ଧକୁ ଏଡାଇ ଏହାର ଅନ୍ୟ ବିକଳ୍ପ ମାଧ୍ୟମରେ ଶାନ୍ତି ସ୍ଥାପନା କରିବା ଉଚିତ୍।

ଭିତର ପୃଷ୍ଠାରେ ସବୁଥର ଭଳି "ସ୍ୱାସ୍ଥ୍ୟ ବିଭାଗ", "ଆମ ହାଣ୍ଡିଶାଳ", "ଆଞ୍ଚଳିକ" ଆଉ "ଶିଶୁ ବିଭାଗ" ସହିତ ଭରି ରହିଛି ବିଭିନ୍ନ ପ୍ରସଙ୍ଗ ଉପରେ ଗଳ୍ପ ଓ କବିତାର ଆଲେଖ୍ୟ। ଶେଷ ପୃଷ୍ଠାରେ ରହିଚି ସବୁଠୁ ଉପଯୋଗୀ "ଚଳିତ ମାସରେ ପଡୁଥିବା ପର୍ବପର୍ବାଣୀ" ଏବଂ ଆକର୍ଷଣୀୟ "ଚିତ୍ର କଥା କହେ"।

ISSN NO.
2582-208X

ପ୍ରଥମ ଗଳ୍ପ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ, ଡି. ଏଫ. ଓ. ଅସୀମ, ଅନେକ ମେଳାପି ବନ୍ଧୁ ମାନଙ୍କ ସହିତ ମିଶି ଏକ ନୂଆ ସୁନ୍ଦର ଦୁନିଆ ଖୋଜି ପାଇଛନ୍ତି। "ମେଘ ଉହାଡେ" ସୁରୁଜ କିଛିକ୍ଷଣ ପାଇଁ ଛୁପିଯାଇଥାନ୍ତି ହେଲେ ତାଙ୍କର ତେଜମୟ ଦିପ୍ତୀକୁ ଯେମିତି ଘୋଡାଇ ରଖି ହୁଏନା, ଠିକ୍ ସେମିତି ଦେବିକାଙ୍କର ମୂଲ୍ୟବାନ ଜୀବନକୁ ଦୁଃଖର କଳା ଚାଦର ସବୁ ବେଳ ପାଇଁ ଘୋଡେଇ ପାରି ନ ଥିଲା। "ଉଠ୍ ପୁଟୁର୍" ରେ ଅଭି ମନରେ ଆଗାମୀ ଦଶହରା ଛୁଟିରେ, ଗାଁ କୁ ଯିବାର ଅସୀମ ଉତ୍ସାହ ଓ ଖୁସି। ପୁରାଣ ଓ ପର୍ବ ପର୍ବାଣୀକୁ ନେଇ ରହିଛି "ବିରାଟ ପର୍ବର ବିରାଟ କଥା" ଓ "ଭାଇଚାରାର ଉତ୍ସବ ଶୀତଳଷଷ୍ଠୀ"। ଦେଶ ଓ ଜାତିର ଗୌରବକୁ ଉଲ୍ଲେଖ କରିଛନ୍ତି "ଓଡିଶାର ଅଦ୍ୱିତୀୟ ବରପୁତ୍ର ମଧୁବାବୁ", "ପୂଜ୍ୟପୂଜା-ଗୋପବନ୍ଧୁ ଚୌଧୁରୀ" ଏବଂ "ଶାନ୍ତନୁ ଆଚାର୍ଯ୍ୟ ଙ୍କ ଉପନ୍ୟାସ: ଏକ ଶୈଳୀତାତ୍ତ୍ୱିକ ଅଧ୍ୟୟନ"। ଘରର କବାଟ ବନ୍ଦ କରି, "ବନ୍ଦ ଝରକା" ର ଆର ପଟେ ଘଟୁଥିବା ଅନ୍ୟାୟ, ଅତ୍ୟାଚାରକୁ ଅଣଦେଖା ନ କରି ଆମକୁ କବାଟ ଖୋଲି ଆଗକୁ ଆସିବାକୁ ହେବ, ଏହା ବିରୁଦ୍ଧରେ ଲଢାଇ କରିବାକୁ ହେବ। "ମାନବ ଧର୍ମ" ହିଁ ଶ୍ରେଷ୍ଠ ଧର୍ମ। ସରକାରଙ୍କ କୁଟିଳ ରାଜନୀତିକୁ ଦର୍ଶାଇ, ଲେଖିକା ଏକ ସୁନ୍ଦର ଉପସ୍ଥାପନା କରିଛନ୍ତି, "ରାଜନୈତିକ ପଶାପାଲିରେ ଚାଉଳ"। ଏମିତି ରହିଛି ଅନେକ ସୁନ୍ଦର ଉପସ୍ଥାପନା, ରଚନା , ଧାରାବାହିକ ଗଳ୍ପ ଓ ନାଟକ।

କବିତାର ପ୍ରାରମ୍ଭ ହେଇଛି, "ରଜ ସ୍ମୃତିରେ"!

ଅମଳିନ ସେ "ସ୍ମୃତି ଚିହ୍ନ", "ଅଳସୀ ମୋ ପ୍ରିୟା", "ବନ୍ଦୀ~ଶାଳା", ସୁର ତାଳ ଭରା ପୀରତି ଗୀତିର "ଆପୂର୍ବ ମେଳ"! "ପ୍ରତୀକ୍ଷା" ରେ ସଭିଁ ପ୍ରେମୀ ଯୁଗଳ। "ଛୁପି ଛୁପି ଆସ ବସନ୍ତି ରାତି" - ତରୁ ଲତା ଡାଳେ ଗାଅଇ ଗୀତି, ମନେ ଭରିଦିଏ ଚୋରା ପିରତୀ। "ପ୍ରିୟାଗୋ ମୋର", ଦେଇ ସ୍ନେହ ପ୍ରେମ ଡାକିନିଅ ତୁମଘର। ହେଇ "ଜହ୍ନ ଓ ତାରା", ଜୋଛନା ଢାଳିବା ଜଗତ କଲ୍ୟାଣେ ସଦା!

ନିଜ ସ୍ୱାର୍ଥ ପରିତ୍ୟାଗ କରି ସମୂହ ପାଇଁ ବଳିଦାନ ଦେବାର "କେବେ ସ୍ୱପ୍ନ ହେବ ସତ", ଚାଷ କରି ଯିଏ ଆହାର ଦେଉଛି ଆଜି ସେ "ଚାଷୀ ପୁଅ ଅପମାନ"। ବସନ୍ତ ପରେ ଆସିଛି ଘୋର "ନିଦାଘ", ରବି କର ଜ୍ୱାଳାରେ ଜୀବ ଜଗତ ହେଉଛନ୍ତି ଅସ୍ତବ୍ୟସ୍ତ। "କର୍ତ୍ତବ୍ୟ" ଆମର ହେବାକୁ ଯେ କର୍ମନିଷ୍ଠ, ଅକର୍ମଠ ହୋଇଲେ ପାଇବା ନିଶ୍ଚିତ ଦୁଃଖ।

ISSN NO.
2582-208X

"କୋଟିଆ ସମସ୍ୟା"ରେ ପ୍ରଶାସନକୁ କବିଙ୍କ ପିଟିସନ, "ଆତ୍ମଲିପି"ରେ ଜୀବନାଦର୍ଶନର ଏକ ସୁନ୍ଦର ପ୍ରୟାସ।

"ଦାରୁବ୍ରହ୍ମ" ତୁମେ "ସକଳ ସମ୍ପଦ", "ଶ୍ରୀକାନ୍ତ ନନ୍ଦ ସୁତ କଳାସାଆନ୍ତ"! "ନମାମି ଶ୍ରୀହରୀ", "ଲାଗିଛି ଡୋରି ଯିବି ମୁଁ ପୁରୀ", "ଯେତେ ନ ଶୁଣିବ ସେତେ ଡାକୁଥିବି", "ଶ୍ରୀକର ଶୋଭନ"! ଅହରହ ଜଳେ କଷଣ ଅନଳେ ଯନ୍ତ୍ରଣାର ଜତୁଶାଳେ, ମାଗୁଛି ମେଲାଣି ପାଶେ ନିଅ ଟାଣି "ଲୁହର ଦୀପାଳି ଜାଳେ"। "ମା' ସେ ମମତାମୟୀ" ଆଜି ପୁଣି ଇଚ୍ଛା ହେଉଛି "ତୋ ପଣତ କାନିରେ" ଲୁଚି ଯିବା ପାଇଁ ।

ଯିଏ ଦେଇ ଜାଣେ ସମ୍ମାନ ସମାଜର ରୀତି ନୀତି ଚଳଣି, ସିଏ ହିଁ ବୋଲାଏ "ସାମାଜିକ ପ୍ରାଣୀ"। ଅକାରଣେ ଦୁଃଶ୍ଚିନ୍ତାରେ ଆଜି ମଣିଷର ଚରମ ଅଧୋଗତି, ବିପର୍ଯ୍ୟସ୍ତ ମଣିଷର ମର୍ଯ୍ୟାଦା ସତେ ଅବାଞ୍ଛିତ "ମଶାଣି ତୁଳସୀ"। "ଯାହାକୁ ଯାହା" ବ୍ୟଙ୍ଗ କବିତା ସହିତ ରହିଚି "କୋରାପୁଟର ସୁଷମା", "ଦେଶ ପରମ୍ପରା, ଶିକ୍ଷାର ପସରା" ଭଳି ଅନେକ ସୁନ୍ଦର କବିତା।

ସ୍ୱାସ୍ଥ୍ୟ ବିଭାଗରେ ଏଥରକ ଅତ୍ୟନ୍ତ ଉପଯୋଗୀ ବିଷୟବସ୍ତୁ ରହିଛି, ଯେପରିକି- "ଗ୍ରୀଷ୍ମ ଋତୁରେ ସ୍ୱାସ୍ଥ୍ୟର ଯତ୍ନ" ଓ "ଅଣ୍ଡା ଠାରୁ ଅଧିକ ପୁଷ୍ଟିସାର କେଉଁ ତିନୋଟି ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହିତକର"।

"ଆମ ହାଣ୍ଡିଶାଳ" ରେ ଏଥରକ ଟିକେ ଆଧୁନିକତାର ଛାପ। ଲାଗୁଚି ଖରାଦିନ ଛୁଟି ଯୋଗୁଁ ଆମ ଗୃହିଣୀ ମାନେ ପିଲାମାନଙ୍କ ପସନ୍ଦକୁ ଲକ୍ଷ ରଖି ବହୁତ କିଛି ନୂଆ ଜିନିଷ ବନେଇଛନ୍ତି। "କର୍ଣ୍ଣ କଟଲେଟ୍", "ଭେଜିଟେରିଆନ୍ କିମା", "ସାହି ଟୁକୁଡା" ପୁଣି "ଆଚାରି ଆଳୁ"।ଏତେ ସବୁ ସୁନ୍ଦର ପ୍ରସ୍ତୁତି ଦେଖି ମୁଁ ଭେଜିଟେରିଆନ୍ କିମା ବନେଇବାକୁ ଚେଷ୍ଟା କଲି। ଖୁବ୍ ସ୍ୱାଦିଷ୍ଟ ବନିଥିଲା। ଧନ୍ୟବାଦ୍ ଭଉଣୀ ଙ୍କୁ।

ଶିଶୁ ବିଭାଗରେ ଏଥରକ ଆମ ପ୍ରଧାନ ଶିକ୍ଷକ "ବେଲ ପଣାର ମଜା" ବିଷୟରେ ପିଲାମାନଙ୍କୁ ଜ୍ଞାନ ଦେଇଥିବା ବେଳେ ଆମ ପରମ୍ପରାର ବିଶିଷ୍ଟ ପର୍ବ ରଜ ସମ୍ବନ୍ଧରେ ଜ୍ଞାନ ରହିଛି "ଦୋଳି ପରବ"। "ଆଇସ୍ କ୍ରିମ୍ ବାଲା" ର ମଲେଇ ମଲେଇ ଡାକ, "ଗପ ହେଲେବି ସତ" ରେ ଅରୁନ୍ଧତୀର ସଂଘର୍ଷମୟ ଜୀବନ ପିଲାମାନଙ୍କ ପାଇଁ ଏକ

ISSN NO.
2582-208X

ଆଦର୍ଶବୋଧ। ଆହୁରି ରହିଛି ମଜାଦାର୍ କବିତା "ପେଟ" ଓ "ଚାଲ ଆମେ ଇସ୍କୁଲ୍ ଯିମା"।

ଶେଷରେ କୁନି ଆଦବିକାର ବୃକ୍ଷ ଡାଳରେ ମତ୍ସ୍ୟ "ଚିତ୍ର"ଟିକୁ ଦେଖି ମୋର, ତାରେ ଜମିନ୍ ପର୍ ଚଳଚିତ୍ର କଥା ମନେ ପଡିଗଲା। ଏହି ଚଳଚିତ୍ରଟିର ଶିକ୍ଷା ପରି ଆଦବିକାର ଚିତ୍ର, ଏକ ସୁନ୍ଦର ବାର୍ତ୍ତା ଦେଉଅଛି- ସବୁ ଶିଶୁ ଅସାଧାରଣ ଓ ଅଦ୍ୱିତୀୟ ଏବଂ ଦୁନିଆରେ ଏମିତି କିଛି ନାହିଁ ଅସମ୍ଭବ।

ଶେଷ ପୃଷ୍ଠାର ପୂଜା ପର୍ବାଣୀ ତାଲିକାରେ ଏଥରକ ରହିଛି ଓଡ଼ିଆ ସଂସ୍କୃତିର ମହାପର୍ବ... ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା । ଏହି ଅବସରରେ ସମସ୍ତଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ମହାପ୍ରଭୁ ଜଗନ୍ନାଥ ସଭିଙ୍କ ମଙ୍ଗଳ କରନ୍ତୁ । ବିଶ୍ୱ ହସି ଉଠୁ । ଏତିକି ପ୍ରାର୍ଥନା। ଜୟ ଶ୍ରୀ ଜଗନ୍ନାଥ।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଜୁଲାଇ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୭/୨୦୨୩ | ଶ୍ରୀ ଜୀଉଙ୍କର ନିଳାଦ୍ରୀ ବିଜେ ଉତ୍ସବ |
| ୦୨/୦୭/୨୦୨୩ | ଶିବ ଶୟନ ଉପବାସ |
| ୦୩/୦୭/୨୦୨୩ | ବ୍ୟାସ୍, ଗୁରୁ ପୂର୍ଣ୍ଣିମା |
| ୦୪/୦୭/୨୦୨୩ | ଶରଣ ଆରମ୍ଭ |
| ୦୭/୦୭/୨୦୨୩ | ମାନସା ପଞ୍ଚମୀ |
| ୦୮/୦୭/୨୦୨୩ | ଶରଣ ଶେଷ |
| ୧୦/୦୭/୨୦୨୩ | ବୋଲବମ୍ ଆରମ୍ଭ |
| ୧୩/୦୭/୨୦୨୩ | କାମଦା ଏକାଦଶୀ ଉପବାସ |
| ୧୬/୦୭/୨୦୨୩ | ଶିବ ଚତୁର୍ଦ୍ଦଶୀ ଓ ବେଢା ପରିକ୍ରମା |
| ୧୭/୦୭/୨୦୨୩ | ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି, ଚିତାଲାଗି ଅମାବାସ୍ୟା |
| ୧୯/୦୭/୨୦୨୩ | ଚନ୍ଦ୍ର ଦର୍ଶନ ଓ ପୂଜା |
| ୨୯/୦୭/୨୦୨୩ | ହରିଶୟନ ଏକାଦଶୀ, ମହରମ |
| ୩୧/୦୭/୨୦୨୩ | ଶିବ ଚତୁର୍ଦ୍ଦଶୀ ଉପବାସ, ବେଢା ପରିକ୍ରମା ଓ ଶରଣ ଆରମ୍ଭ |

ISSN NO.
2582-208X

# ଚତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଜୁନ ମାସର ବିଜେତାଙ୍କ ନାମ



ISSN NO.
2582-208X

ପରିବା ବିକି ମୁଁ ପୋଷେ ମୋର ପେଟ
ଗରାଖ ଆସିଲେ ପରିବାର ଖାଏ ମୋର ଭାତ
କଷି ବାଇଗଣ ଆଣିଛି ମୁଁ ଆଜି
ଆସ ହେ ଗରାଖେ କିଣି ଖାଅ ଭାଜି

ଉଷାରାଣୀ ପଣ୍ଡା, ଓ୍ୱାଲିମି କ୍ୟାମ୍ପସ, ପ୍ରତାପନଗରୀ, କଟକ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**